# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**October- 2015**


**୭୨ ଭାଗ    ୩ୟ ସଂଖ୍ୟା    ଆଶ୍ୱିନ-କାର୍ତ୍ତିକ    ଅକ୍ଟୋବର - ୨୦୧୫**



**ମନୋରଞ୍ଜନ ପାଣିଗ୍ରାହୀ,** ଆଇ.ଆର୍.ଏସ୍

କମିଶନର ତଥା ଶାସନ ସଚିବ

**ସୁଶୀଲ୍ କୁମାର ଦାସ,** ଓ.ଏ.ଏସ୍ (ଏସ୍.ଏ.ଜି)

ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**

ସମ୍ପାଦକ

(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ

**ଗୋବିନ୍ଦଚନ୍ଦ୍ର ମଲ୍ଲିକ**

**ସଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ

**ମାନସ ନାୟକ**

**ପୁଷ୍ପାଞ୍ଜଳି ପାଇକରାୟ**

ସହ ସମ୍ପାଦକ

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ

**ହେମନ୍ତ କୁମାର ସାହୁ**

**ସୁମିତ୍ରା କର**

ଫଟୋ :

**କିଶୋର କୁମାର ସିହ୍ନା**

**ରାଜୁ ସିଂ ଓ ମନୋରଂଜନ ମହାନ୍ତି**


---


ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।



ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.odisha.gov.in

ଫୋନ୍ : ୦୬୭୪-୨୫୩୦୨୧୧



ପ୍ରତିଖଣ୍ଡ : ଟ. ୫.୦୦

# ସୂଚୀ


**ଅକ୍ଟୋବର – ୨୦୧୫**


| | | |
|---|---|---|
| ● ଶ୍ରୀକ୍ଷେତ୍ରାଧୀଶ୍ୱରୀ ଦେବୀ ବିମଳା | ଶ୍ୟାମ ପ୍ରକାଶ ସେନାପତି | .... ୧ |
| ● ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ | | .... ୪ |
| ● ଲୋକନାୟକ ଜୟପ୍ରକାଶ ନାରାୟଣ | | .... ୬ |
| ● ଗାନ୍ଧିଜୀ ଓ ଆତ୍ମଶକ୍ତିର ଜାଗରଣ | ଡକ୍ଟର ଭାଗ୍ୟଲିପି ମଲ୍ଲ | .... ୮ |
| ● ଓଡ଼ିଶାରେ ନୂଆ ରେସନ କାର୍ଡ | ମଧୁସୂଦନ ପାଢୀ | .... ୨୭ |
| ● ଗାନ୍ଧୀ, ଗୋପବନ୍ଧୁ ଓ ଦୀନବନ୍ଧୁ | ବିଜୟ ନାୟକ | .... ୩୦ |
| ● ଶକ୍ତି ଉପାସନା | ଶାଶ୍ୱତୀ ସୌମ୍ୟା ମିଶ୍ର | .... ୩୪ |
| ● ଦେବୀ ବନ୍ଦନା (କବିତା) | ମିଶ୍ର ସତ୍ୟନାରାୟଣ | .... ୩୬ |
| ● ଦକ୍ଷିଣ ଓଡ଼ିଶାର ପ୍ରଧାନ ଶାକ୍ତପୀଠ ମା' ତାରାତାରିଣୀ | ଶ୍ରୀନିବାସ ଆଚାର୍ଯ୍ୟ | .... ୩୭ |
| ● ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଢେଙ୍କାନାଳ ଲକ୍ଷ୍ମୀପୂଜା | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର | .... ୪୨ |
| ● ଜୟ ମା' ଦଶଭୁଜା (କବିତା) | ଉର୍ମିଳା ମିଶ୍ର | .... ୪୫ |
| ● ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟ ସ୍ୱପ୍ନ | ଚନ୍ଦ୍ରମଣି ସେଠୀ | .... ୪୬ |
| ● ଗରବ ତୁମର, ଗଉରବ ମୋର... | | .... ୪୮ |
| ● ତନ୍ତ୍ର ଠାକୁରାଣୀ ମା' ହିଙ୍ଗୁଳା | ଅଧ୍ୟାପିକା ସୌଦାମିନୀ ବେହେରା | .... ୫୦ |
| ● ଓଡ଼ିଶାରେ ପଶୁସମ୍ପଦର ବିକାଶ– ଏକ ଦୃଷ୍ଟିପାତ | ପ୍ରଫେସର(ଡା.) ଜୟକୃଷ୍ଣ ଦାସ<br>ପ୍ରଫେସର(ଡା.) ଭବେଶ ଚନ୍ଦ୍ର ଦାସ | .... ୫୩ |
| ● ବିଦେଶରେ ଶକ୍ତି ଉପାସନା | ଡକ୍ଟର ତ୍ରିନାଥ ପଟ୍ଟନାୟକ | .... ୫୬ |

| | | |
|---|---|---|
| ● ଶ୍ରୀ ଦୁର୍ଗା ଶରଣଂ ଦେହୀ (କବିତା) | ବିଚିତ୍ରାନନ୍ଦ ବାରିକ | .... ୫୮ |
| ● ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ... | ଡକ୍ଟର ଶରତ ଚନ୍ଦ୍ର ପରିଡ଼ା | .... ୫୯ |
| ● ଦୁର୍ଗେ ଦୁର୍ଗେ ମହାଭାଗେ ତ୍ରାହି ମାଂ ଶରଣ ପ୍ରିୟେ | ଡକ୍ଟର ଶ୍ରୀହରି ପଣ୍ଡା | .... ୬୯ |
| ● ମାଆ (କବିତା) | ଦିଲ୍ଲୀପ କୁମାର ବେହୁରା | .... ୭୩ |
| ● ଆମ ସଂସ୍କୃତିରେ ଦୁର୍ଗାପୂଜା | ଜୟଶ୍ରୀ ପଟ୍ଟନାୟକ | .... ୭୪ |
| ● ଓଡ଼ିଶାରେ ବାରାହୀ ଉପାସନା | ସୁନୀତା ବେହେରା | .... ୭୭ |
| ● ଭଗବତୀ ଭରସା (କବିତା) | କିଶୋର ଚନ୍ଦ୍ର ଦାଶ | .... ୭୯ |
| ● ଓଡ଼ିଶାରେ ଗ୍ରାମଦେବୀ ଉପାସନା | ସୁଦାମ ଚରଣ ଜେନା | .... ୮୦ |
| ● ଦଶମନ୍ତପୁରର ଦଶହରା ପର୍ବ | ଡକ୍ଟର ପ୍ରମୋଦିନୀ ହୋତା | .... ୮୨ |
| ● ପୂଜା ଓ ପ୍ରଦୂଷଣ | ନିକୁଞ୍ଜ ବିହାରୀ ସାହୁ | .... ୮୪ |
| ● ଜଗନ୍ନାଥ ଓ ଓଡ଼ିଆ ପରିଚିତି : କାଞ୍ଚିକାବେରୀ ଏକ ଅଧ୍ୟୟନ | ଡକ୍ଟର ସୋମା ଚାନ୍ଦ | .... ୮୬ |
| ● ଓଡ଼ିଶାରେ ବିଦ୍ୟୁତ୍ ସମ୍ବଳର ବିକାଶ | ଗୋଲକ ବିହାରୀ ସାହୁ | .... ୯୪ |
| ● ଗାନ୍ଧୀ ଓ ଟଲ୍‌ଷ୍ଟୟ ବିଶ୍ୱର ଦୁଇ ସମଦର୍ଶୀ ଚିନ୍ତାନାୟକ | ପୁଷ୍ପାଞ୍ଜଳି ପାଇକରାୟ | .... ୯୬ |
| ● ସପ୍ରସଙ୍ଗ ଓଡ଼ିଶା | | .... ୯୯ |


❖ ❖ ❖

# ଶ୍ରଦ୍ଧାଞ୍ଜଳି



## ମହାତ୍ମା ଗାନ୍ଧୀ


**୦୨.୧୦.୧୮୬୯ – ୩୦.୦୧.୧୯୪୮**

## ମୋ' ସ୍ୱପ୍ନର ଭାରତ

'ମୁଁ ଏପରି ଭାରତବର୍ଷ ନିମନ୍ତେ କାମ କରିବି, ଯେଉଁଠି ଦରିଦ୍ରରୁ ଦରିଦ୍ରତମମାନେ ଅନୁଭବ କରିବେ ଯେ ଏହା ସେମାନଙ୍କର ଦେଶ, ଯାହାର ନିର୍ମାଣରେ ସେମାନଙ୍କର ଫଳପ୍ରଦ ଅବଦାନ ରହିଥିବ, ଏପରି ଭାରତବର୍ଷ ଯେଉଁଠାରେ କି ଜନସାଧାରଣଙ୍କ ମଧ୍ୟରେ ଛୋଟ ବଡ଼ ବୋଲି କିଛି ଶ୍ରେଣୀ ଭେଦ ନଥିବ, ଏପରି ଭାରତବର୍ଷ ଯେଉଁଠାରେ କି ସମସ୍ତ ସମ୍ପ୍ରଦାୟ ପୂର୍ଣ୍ଣ ସଂଗତିରେ ବାସ କରିବେ, ଏପରି ଏକ ଭାରତବର୍ଷ ଯେଉଁଠାରେ ଅଭିଶପ୍ତରୂପୀ ଅସ୍ପୃଶ୍ୟତା କିମ୍ବା ମାଦକ ଓ ନିଶାଦ୍ରବ୍ୟର ସ୍ଥାନ ନଥିବ, ପୁରୁଷଙ୍କ ପରି ମହିଳାମାନେ ସମାନ ଅଧିକାର ଉପଭୋଗ କରିବେ ଆଉ ଅବଶିଷ୍ଟ ପୃଥିବୀ ସହ ଆମେ ଶାନ୍ତିରେ ସହାବସ୍ଥାନ କରିବୁ । ଏହା ହେଉଛି ମୋ' ସ୍ୱପ୍ନର ଭାରତବର୍ଷ ।'

– ଏମ୍.କେ. ଗାନ୍ଧୀ

# ଶ୍ରଦ୍ଧାଞ୍ଜଳି




ସର୍ଦ୍ଦାର ବଲ୍ଲଭଭାଇ ପଟେଲ

୩୧.୧୦.୧୮୭୫ – ୧୫.୧୨.୧୯୫୦




ଜୟପ୍ରକାଶ ନାରାୟଣ

୧୧.୧୦.୧୯୦୨ – ୦୮.୧୦.୧୯୭୯



ଲାଲ ବାହାଦୂର ଶାସ୍ତ୍ରୀ


୦୨.୧୦.୧୯୦୪ – ୧୧.୦୧.୧୯୬୬



ଉତ୍କଳମଣି ଗୋପବନ୍ଧୁ ଦାସ

୦୯.୧୦.୧୮୭୭ – ୧୭.୦୬.୧୯୨୮

# ସମ୍ପାଦକୀୟ



ମାତୃଶକ୍ତି ଆରାଧନା ହିନ୍ଦୁ ଧର୍ମର ମୂଳାଧାର । ଭାରତବର୍ଷରେ ଶକ୍ତି ଉପାସନାର ପରମ୍ପରା ବହୁ ପ୍ରାଚୀନ । କାହିଁ କେଉଁ କାଳରୁ ମା'ଙ୍କର ନବଦିନାତ୍ମକ ପୂଜା ହୋଇଆସୁଛି । ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଲକ୍ଷ୍ମୀ, ସରସ୍ୱତୀ, କାଳୀ ଆଦି ବିଭିନ୍ନ ରୂପରେ ଆମେ ମା'ଙ୍କୁ ପୂଜା କରୁ । ପ୍ରତ୍ୟେକ ବର୍ଷର ଏହି ସମୟରେ ମହାଶକ୍ତି ଦୁର୍ଗତିନାଶିନୀଙ୍କ ଆଗମନ ହୁଏ ଧରାପୃଷ୍ଠକୁ । ମା'ଙ୍କ ଆଗମନରେ ସମଗ୍ର ଧରଣୀ ସହ ଚଳଚଞ୍ଚଳ ହୋଇଉଠୁଛି ଆମ ମନ ଓ ପ୍ରାଣ । ମାତୃଶକ୍ତିର ପ୍ରତୀକ ମହିଳାମାନଙ୍କ ସହିତ ସମାଜରେ କରାଯାଉଥିବା ବିଭିନ୍ନ ପ୍ରକାର ପାତରଅନ୍ତର ଦୂର କରିବା ସହ ସେମାନଙ୍କ ଶିକ୍ଷା ଏବଂ ସଶକ୍ତିକରଣ ପାଇଁ ଆମ ରାଜ୍ୟରେ ଅନେକଗୁଡିଏ କାର୍ଯ୍ୟକ୍ରମ ଚାଲୁଅଛି ।

୧୦୨ ଓ ୧୦୮ ପରେ ଆମ ରାଜ୍ୟରେ ଆରମ୍ଭ ହୋଇଛି ୧୦୪ ସ୍ୱାସ୍ଥ୍ୟ ହେଲ୍ପ ଲାଇନ୍ ସେବା । ନବଜାତ ଓ ମାଆଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଉକ୍ତ ହେଲ୍ପ ଲାଇନ୍ ସେବା ଉଦ୍ଦିଷ୍ଟ । ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ନିଷ୍ପତ୍ତିକ୍ରମେ ନିର୍ମାଣ ଶ୍ରମିକମାନଙ୍କୁ ପେନ୍‌ସନ୍ ସହ ବାସଗୃହ ଯୋଗାଇ ଦିଆଯିବ । ବାସଗୃହ ନିମନ୍ତେ ପ୍ରତ୍ୟେକ ହିତାଧିକାରୀଙ୍କୁ ଏକ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ । ଚଳିତ ଆର୍ଥିକ ବର୍ଷରେ ୩ ହଜାର ନିର୍ମାଣ ଶ୍ରମିକଙ୍କ ନିମନ୍ତେ ୩୦ କୋଟି ଟଙ୍କା ବ୍ୟୟ ଆକଳନ ହୋଇଛି ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ କୃତଜ୍ଞ ଯେ, ଏକ କାର୍ଯ୍ୟକ୍ରମ ଆଧାରରେ ଆମେ ଗାଁ ସହ ସଂପର୍କ ଯୋଡିବାକୁ ପୁଣିଥରେ ସୁଯୋଗ ପାଇଥିଲୁ । ଏହି ଗସ୍ତ କାଳରେ ଗାଁଗଣ୍ଡାର ବିକାଶ ସଂପର୍କିତ ଚିତ୍ର ଆମେ ସ୍ପଷ୍ଟ ରୂପେ ପ୍ରତ୍ୟକ୍ଷ କରିଥିଲୁ । ଏଠାରେ ବସବାସ କରୁଥିବା ଜନସାଧାରଣଙ୍କର ଆର୍ଥିକ ମାନଦଣ୍ଡରେ ଆଖିଦୃଶିଆ ପରିବର୍ତ୍ତନ ଆସିଥିବାର ଆମେ ଅନୁଭବ କରିଥିଲୁ । ଗାଁଗଣ୍ଡାର ଉନ୍ନତ ମାନର ଯୋଗାଯୋଗ ବ୍ୟବସ୍ଥା ସେମାନଙ୍କ ବୃତ୍ତି ଓ ରୋଜଗାର କ୍ଷେତ୍ରରେ ସହାୟକ ସାବ୍ୟସ୍ତ ହୋଇପାରିଛି । ଏଠାରେ ରହୁଥିବା ଗରିବ ଓ ଅଭାବୀ ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚିଥିବାରୁ ଆମେ ଆଶ୍ୱସ୍ତ ହୋଇଥିଲୁ । ଗାଁରେ ରହୁଥିବା ମହିଳାମାନେ ମଧ୍ୟ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମରୁ ଭରପୂର ସୁଯୋଗ ହାସଲ କରିଥିବାର ଲକ୍ଷ୍ୟ କରି ବେଶ୍ ଆନନ୍ଦିତ ହୋଇଥିଲୁ । ଅଧୁନା ମହିଳାମାନେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସେମାନଙ୍କ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିପାରୁଛନ୍ତି ।

ଶେଷରେ ମା'ଙ୍କ ନିକଟରେ ମୋର ପ୍ରାର୍ଥନା ଯେ, ମାଆ ତାଙ୍କ ଆଶିଷ ଆମ ସମସ୍ତଙ୍କ ଉପରେ ଅଜାଡି ଦିଅନ୍ତୁ । ଆମେ ସମସ୍ତେ ଶାନ୍ତି, ମୈତ୍ରୀ ଓ ସଂହତିର ବାର୍ତ୍ତାକୁ ସମଗ୍ର ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହେଉ ।

ଲେନିନ୍ ମହାନ୍ତି

**ସମ୍ପାଦକ**

# ଶ୍ରୀକ୍ଷେତ୍ରାଧୀଶ୍ୱରୀ ଦେବୀ ବିମଳା

ଶ୍ୟାମ ପ୍ରକାଶ ସେନାପତି

ଶ୍ରୀକ୍ଷେତ୍ର ଶକ୍ତି ଉପାସନାର କେତେକ କ୍ଷେତ୍ର ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ କ୍ଷେତ୍ର ଅଟେ । ଦେବୀ ବିମଳାଙ୍କର ଅଧିଷ୍ଠାନ କ୍ଷେତ୍ର ହେଲା ଏହି ପବିତ୍ର ଶ୍ରୀକ୍ଷେତ୍ର । ମା' ବିମଳା ଏକମାତ୍ର ଦେବୀ ଯେ ଶ୍ରୀମନ୍ଦିର ପରିସର ମଧ୍ୟରେ ସିଦ୍ଧତପା ବେଶରେ ଦଣ୍ଡାୟମାନ । ଅନ୍ୟ ସମସ୍ତ ଦେବୀ ଯଥା : ଭୁବନେଶ୍ୱରୀ, କାଳୀ, କମଳା ଓ ମଙ୍ଗଳା ପ୍ରଭୃତି ବିଭିନ୍ନ ଆସନରେ ଆସୀନା, କେହି ଦଣ୍ଡାୟମାନ ଭଙ୍ଗୀରେ ଅଧିଷ୍ଠିତ ହୋଇନାହାନ୍ତି ।

ବିଭିନ୍ନ ପୁରାଣ, ତନ୍ତ୍ରଗ୍ରନ୍ଥ ଓ ଲୋକୋକ୍ତିରୁ ଜଣାଯାଏ ଯେ, ଓଡ଼ିଶାରେ ଖ୍ରୀଷ୍ଟୀୟ ୩ୟ–୪ର୍ଥ ଶତାବ୍ଦୀଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ଶାକ୍ତପୀଠ ପ୍ରସିଦ୍ଧି ଲାଭ କରିଥିଲା । ଏହା ବ୍ୟତୀତ ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଅଷ୍ଟାଦଶଭୁଜା ପ୍ରଭୃତି ଦୁର୍ଗା ଓ ଅନ୍ୟାନ୍ୟ ଦେବୀମୂର୍ତ୍ତି ବିଭିନ୍ନ ପୀଠରେ ପୂଜା ପାଉଛନ୍ତି । ସ୍କନ୍ଦ ପୁରାଣ ଅନୁଯାୟୀ ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତିମାନେ ହେଲେ ଦେବୀ ବିମଳା, ବଟମୂଳରେ ବଟମଙ୍ଗଳା, ଶ୍ରୀମନ୍ଦିର ବାହାରେ ସର୍ବମଙ୍ଗଳା, ଅର୍ଦ୍ଧାଶନୀ (ମାଉସୀମା), ଆଲମ୍ବା (ଆଲାମଚଣ୍ଡୀ), କାଳରାତ୍ରି (ଦକ୍ଷିଣକାଳୀ), ମରୀଚିକା ଓ ଚଣ୍ଡରୂପା (ହରଚଣ୍ଡି) । ପୀଠାଧୀଶ୍ୱରୀ ଦେବୀ ବିମଳାଙ୍କ ଅବସ୍ଥିତି ଶ୍ରୀକ୍ଷେତ୍ରକୁ ଏକ ତନ୍ତ୍ରକ୍ଷେତ୍ରରେ ପରିଗଣିତ କରିଛି । ଏହି ତନ୍ତ୍ରପୀଠର ପୀଠେଶ୍ୱରୀ ହେଉଛନ୍ତି ବିମଳା । ସେଥିପାଇଁ 'ମତ୍ସ୍ୟପୁରାଣ'ରେ ଦେବୀ ବିମଳାଙ୍କୁ ପୁରୁଷୋତ୍ତମ କ୍ଷେତ୍ରର ପୀଠ ଦେବୀ ରୂପରେ ଉଲ୍ଲେଖ କରାଯାଇଛି । ଶ୍ରୀମନ୍ଦିରର ମୁଖ୍ୟ ଶକ୍ତି ହେଉଛନ୍ତି ସେ । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପୂଜା ବିଧାନରେ ପ୍ରିୟତମା ମହାଲକ୍ଷ୍ମୀଙ୍କ ଅପେକ୍ଷା ମା'ବିମଳାଙ୍କ ପ୍ରାଧାନ୍ୟ ଅଧିକ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରମାଳାଦି ମହାଲକ୍ଷ୍ମୀଙ୍କୁ ଲାଗି କରାଯିବା ଭଳି ପ୍ରଭୁ ଶ୍ରୀବଳଭଦ୍ରଙ୍କ ଅଧରମାଳାଦି ମା'ବିମଳାଙ୍କୁ ଲାଗି କରାଯାଇଥାଏ । ସ୍ୱୟଂ ଜଗନ୍ନାଥ କ୍ଷେତ୍ରେଶ୍ୱର ଓ ମା' ବିମଳା କ୍ଷେତ୍ରେଶ୍ୱରୀ ହୋଇଥିବାରୁ ଉଭୟ ଶ୍ରୀଚକ୍ର ଉପରେ ଅଧିଷ୍ଠିତ । ତେଣୁ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର । ପୁରାଣ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସାରଳା ମହାଭାରତ ମଧ୍ୟ ପର୍ବରେ ଏକାଦଶ ଦେବୀଙ୍କ ନାମ ମଧ୍ୟରୁ ବିମଳାଙ୍କ ନାମ ଦେଖିବାକୁ ମିଳେ । ଯଥା : ସାରଳା, ମଙ୍ଗଳା, ବିମଳା, ଚର୍ଚ୍ଚିକା, ରାମଚଣ୍ଡୀ, ସମଲେଶ୍ୱରୀ, ବିରଜା, ହିଙ୍ଗୁଳା, ଗୌରୀ, ଭଗବତୀ ଓ ହରଚଣ୍ଡୀ । ଏହି ପୀଠରେ ସତୀଙ୍କ ପାଦ ପଡ଼ିଥିବାରୁ ଏହା ପ୍ରାଚୀନ ଶାକ୍ତପୀଠ ମଧ୍ୟରୁ ଅନ୍ୟତମ । ଏହି ପାଦପୀଠ ପରମ ଗୋପନୀୟ ସିଦ୍ଧ ତନ୍ତ୍ରପୀଠ ଓ ଦେବୀ ବିମଳା ତାନ୍ତ୍ରିକ ଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ବୋଲି 'ଦେବୀ ଭାଗବତ', 'କାଳିକା ପୁରାଣ' ଓ ବିଭିନ୍ନ ଶାକ୍ତଗ୍ରନ୍ଥମାନଙ୍କରେ ବର୍ଣ୍ଣନା ଅଛି ।

ଶାକ୍ତ ମତରେ, ପ୍ରତିମା ଅପେକ୍ଷା ଯନ୍ତ୍ରର ପ୍ରାଧାନ୍ୟ ଅଧିକ । ସେଥିପାଇଁ ପୁରୀ ଶ୍ରୀମନ୍ଦିର ଏକ ଯନ୍ତ୍ର ଉପରେ ଅବସ୍ଥିତ । ଏହି ଯନ୍ତ୍ରକୁ କେତେକ ଗବେଷକ ଓ ପଣ୍ଡିତମାନେ 'ଶ୍ରୀଯନ୍ତ୍ର' ବୋଲି କହିଥାନ୍ତି । ଏହି ଯନ୍ତ୍ର କେନ୍ଦ୍ରସ୍ଥଳରେ ରତ୍ନସିଂହାସନ ଉପରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସହ ଦେବୀ ସୁଭଦ୍ରା, ପ୍ରଭୁ ବଳଭଦ୍ର ଏବଂ ଶ୍ରୀ ସୁଦର୍ଶନ ଅବସ୍ଥାନ କରିବା ସହ ଯନ୍ତ୍ରର ବିଭିନ୍ନ କୋଣରେ ମଙ୍ଗଳା, ବିମଳା, ଭୁବନେଶ୍ୱରୀ, ଲକ୍ଷ୍ମୀ ଓ ଶୀତଳା ପ୍ରଭୃତି ପାର୍ଶ୍ୱଶକ୍ତିମାନେ ଅଧିଷ୍ଠିତା ହୋଇଅଛନ୍ତି । କେତେକ ତନ୍ତ୍ରଗ୍ରନ୍ଥ ପ୍ରଭୁ ଶ୍ରୀବଳଭଦ୍ରଙ୍କୁ ଭୈରବ ରୂପେ ବର୍ଣ୍ଣନା କରୁଥିବାବେଳେ, କେତେକ ଗ୍ରନ୍ଥ ଶ୍ରୀଜଗନ୍ନାଥଙ୍କୁ ଭୈରବ ବୋଲି ଗ୍ରହଣ କରିଥାନ୍ତି । 'ମତ୍ସ୍ୟପୁରାଣ'ରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ତାଙ୍କ ଭୈରବୀ ବୋଲି ବର୍ଣ୍ଣନା କରାଯାଇଛି । ଯଥା : 'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ।' ତାନ୍ତ୍ରିକମାନେ ଜଗନ୍ନାଥଙ୍କୁ ଭୈରବ ବୋଲି ବିଚାର କରୁଥିବାବେଳେ ବିଷ୍ଣୁ ବୋଲି ବିଚାର କରନ୍ତି ନାହିଁ । ସେମାନଙ୍କ ମତରେ ଜଗନ୍ନାଥ ହେଲେ ଶିବ । ଶୈବମାନେ ବଳଭଦ୍ରଙ୍କୁ ଶିବ ଓ ବିମଳାଙ୍କୁ ତାଙ୍କ ଶକ୍ତି ବୋଲି ଭାବନ୍ତି  କିନ୍ତୁ

ଶାକ୍ତମାନେ ଜଗନ୍ନାଥଙ୍କୁ ଭୈରବ ରୂପେ ପୂଜା କଲାବେଳେ ଲକ୍ଷ୍ମୀ ତାଙ୍କର ଶକ୍ତି ହୋଇପାରନ୍ତି ନାହିଁ । ଜଗନ୍ନାଥ ଭୈରବ ହେଲେ, ତାଙ୍କ ଶକ୍ତି ହୁଅନ୍ତି ବିମଳା । 'ମହାନିର୍ବାଣ ତନ୍ତ୍ର'ରେ ମା' ସୁଭଦ୍ରାଙ୍କୁ ଭୁବନେଶ୍ୱରୀ, 'ସ୍କନ୍ଦ ପୁରାଣ'ରେ ଭଦ୍ରକାଳୀ ଓ କାତ୍ୟାୟନୀ ରୂପେ ବର୍ଣ୍ଣନା କରାଯାଇଛି । ଭୁବନେଶ୍ୱରୀ ହେଉଛନ୍ତି ତାନ୍ତ୍ରିକ ଦେବୀ ଓ ସୁଭଦ୍ରା ହେଉଛନ୍ତି ଶକ୍ତିରୂପା, ଶବରମାନଙ୍କର ସ୍ତମ୍ଭେଶ୍ୱରୀ ଶ୍ରୀମନ୍ଦିରର ଶ୍ରୀ ସୁଦର୍ଶନଙ୍କ ଭଳି ପ୍ରତୀୟମାନ ହୁଅନ୍ତି । ଦେବୀପୂଜା ସମୟରେ ବିମଳା ହେଲେ ଅଗ୍ରପୂଜ୍ୟା । ବିମଳାଙ୍କୁ ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଏ । 'ଆଗମଶାସ୍ତ୍ର'ରେ ବିମଳାଙ୍କୁ ମୁଖ୍ୟସ୍ଥାନ ପ୍ରଦାନ କରାଯାଇଅଛି ।

ମା'ବିମଳାଙ୍କୁ ସମର୍ପିତ ପ୍ରସାଦ ମହାପ୍ରସାଦ ପଦବାଚ୍ୟ –

'ସ୍କନ୍ଦ ପୁରାଣ'ରେ ବର୍ଣ୍ଣନା ଅଛି ଯେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶଭୂଷା, ପୂଜାପଦ୍ଧତି ଓ ମହାପ୍ରସାଦରେ ଶାକ୍ତତତ୍ତ୍ୱର ପ୍ରାବଲ୍ୟ ପରିଲକ୍ଷିତ ହୁଏ । ଜଗନ୍ନାଥଙ୍କ ପ୍ରସାଦ ମହାପ୍ରସାଦକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ସଙ୍ଗରେ ବା ଏକ ପତ୍ରରେ ମହାନନ୍ଦରେ ସେବନ କରାଯାଇଥାଏ । ଏହି ମହାପ୍ରସାଦ ଶବ୍ଦଟି ଏକ ତାନ୍ତ୍ରିକ ଶବ୍ଦ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଯେଉଁ ଭୋଗ ନୈବେଦ୍ୟ ହୁଏ, ତାହା ଦେବୀ ବିମଳାଙ୍କୁ ସମର୍ପଣ କରାଯିବା ପରେ ତାହା 'ମହାପ୍ରସାଦ' ପଦବାଚ୍ୟ ହୁଏ । ଅତଏବ ଏଥିରୁ ଜଣାପଡ଼େ – ମା' ବିମଳାଙ୍କ ମାଧ୍ୟମରେ ଆମକୁ ମହାପ୍ରସାଦ ମିଳିଥାଏ ଏବଂ ମା' ବିମଳାଙ୍କୁ ସମର୍ପିତ ପ୍ରସାଦ ହିଁ ମହାପ୍ରସାଦ ପଦବାଚ୍ୟ । 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି, ବିମଳା ହେଉଛନ୍ତି ବିଷ୍ଣୁବଲ୍ଲଭା । ତାଙ୍କ ନିକଟରେ ମହାପ୍ରସାଦ ସମର୍ପଣ ହେଲାବେଳେ କୁହାଯାଏ –କୈବଲ୍ୟ ଭୋଜିନୀ ଦେବୀ ।

ବିମଳେ ବିମଳ ପ୍ରଦେ ।
ଗୃହ୍ଣାନ୍ତୁ ହରି କୈବଲ୍ୟଂ
ସୃଷ୍ଟି ସ୍ଥିତ୍ୟନ୍ତ କାରିଣୀ ॥

### ମନ୍ଦିର ବର୍ଣ୍ଣନା

ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ–ପଶ୍ଚିମ କୋଣରେ ଅବସ୍ଥିତ ଏକ ଦେବାଳୟରେ କଳାମୁଗୁନି ପଥରରେ ନିର୍ମିତ ଚତୁର୍ଭୁଜା ଦେବୀ ବିମଳା ପୂଜା ପାଉଛନ୍ତି । ବିମଳାଙ୍କ ଉପର ବାମ ହସ୍ତରେ ନାଗକନ୍ୟା ଓ ଉପର ଦକ୍ଷିଣ ହସ୍ତରେ ନାଗକନ୍ୟା ଓ ଜପାମାଳା ଶୋଭାପାଉଥିବା ବେଳେ ତଳ ବାମ ହସ୍ତରେ ଅମୃତ କଳଶ ଓ ତଳ ଦକ୍ଷିଣ ହସ୍ତରେ ବରଦମୁଦ୍ରା । ମା' ଅଷ୍ଟଦଳ ପଦ୍ମ ଉପରେ ଦଣ୍ଡାୟମାନା ଓ ତାଙ୍କ ମୁଖମଣ୍ଡଳ ଠିକ୍ ଚନ୍ଦ୍ରମଣ୍ଡଳ ପରି ଶୋଭାଦୀପ୍ତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ମଠର ଦେବତା ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ହେଲେ ମା' ବିମଳା । ତାଙ୍କ ଦକ୍ଷିଣରେ ମାୟା ଓ ବାମପଟେ ଛାୟା ବିରାଜିତା ଏବଂ ପାଦଦେଶର ଦୁଇପାର୍ଶ୍ୱରେ ଦୁଇଟି ଛୋଟ ସିଂହ ମଧ୍ୟ ବିଦ୍ୟମାନ । ଏହି ପବିତ୍ର ମନ୍ଦିରର ମୁଖ୍ୟ ବିମାନ ଓ ମୁଖଶାଳା ଅନନ୍ତବର୍ମ ରାଜା ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ନିର୍ମିତ ବୋଲି ଜଣାଯାଏ । ଏହି ମନ୍ଦିର ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ ଯଥା : ଦେବୀ ପୂଜା ପାଉଥିବା ଗର୍ଭଗୃହ ଓ ଅନ୍ୟଟି ଜଗମୋହନ । ଏହି ମନ୍ଦିରର ଦକ୍ଷିଣ ଦିଗରେ ଅଷ୍ଟଭୁଜା ଖଡ୍ଗଖେଟକ ଧାରିଣୀ କାତ୍ୟାୟନୀ ଓ ପଶ୍ଚିମରେ ନୃତ୍ୟକାଳୀ 'ନାଟଚାମୁଣ୍ଡା' ବିଗ୍ରହ ଅବସ୍ଥିତ । ମନ୍ଦିର ପ୍ରବେଶ ଦ୍ୱାର ସମ୍ମୁଖକୁ ଦେବୀଙ୍କର ମହାକେଶରୀ, ଅଜ୍ଞାତ ରୂପକ ଗଜକୁ ମାଡ଼ିବସି ଜ୍ଞାନମୟୀ ଦେବୀଙ୍କୁ ନିତ୍ୟଦର୍ଶନ କରୁଅଛି । କଳାମୁଗୁନି ପଥରର କାର୍ତ୍ତିକେୟ ଓ ନୃତ୍ୟରତ ଗଣେଶ ବିଗ୍ରହ ଦୁଇଟି ମନ୍ଦିର ଦ୍ୱାରର ଦୁଇ ପାର୍ଶ୍ୱରେ ରହି ମନ୍ଦିରର ଶୋଭାମଣ୍ଡନ କରୁଛନ୍ତି । ଏହି ମନ୍ଦିରର ଜଗମୋହନରେ ନିତ୍ୟପୂଜା ପାଉଥିବା ଦେବୀମାନେ ହେଲେ ଯଥା: ଭଗକାଳୀ, ଦକ୍ଷିଣକାଳୀ, ଚତୁର୍ଭୁଜା ଜୟଦୁର୍ଗା, ମହାକାଳୀ ବା ଚାମୁଣ୍ଡେଶ୍ୱରୀ, ଭୁବନେଶ୍ୱରୀ, ରାଜରାଜେଶ୍ୱରୀ, ହରଚଣ୍ଡୀ, ବନଦୁର୍ଗା, ତାରା, ମାତଙ୍ଗିନୀ, ଧୂମାବତୀ, ବଗଳାମୁଖୀ, ନିଶୁମ୍ଭମର୍ଦ୍ଦନୀ(ରାମଚଣ୍ଡୀ) ଦଶଭୁଜା, ବାଳତ୍ରିପୁରାସୁନ୍ଦରୀ, କମଳାତ୍ମିକା, ଛିନ୍ନମସ୍ତା ଓ ଭୈରବୀ ପ୍ରଭୃତି ଅନ୍ୟତମ । ଏତଦ୍ ବ୍ୟତୀତ ଏହି ଜଗମୋହନରେ ସପ୍ତମାତୃକା ଓ ଯୋଗିନୀଗଣଙ୍କର ୪୪ଟି ଚିତ୍ର ପ୍ରତିମା ରହିଛି । ଯଥା : ଘାତିନୀ, ଘୋରଦୃଷ୍ଟି, ଅପରାଜିତା, କଙ୍କାଳି, ଫିଚିକାରୀ, ଚଣ୍ଡରୂପା, କାଳରାତ୍ରୀ, ବାଳପୁତଡ଼ା, ବାଳପାତିନୀ, ନିତ୍ୟକ୍ଲିନା, ରକ୍ତାକ୍ଷୀ, ପ୍ରଚଣ୍ଡା, କୁଳସୁନ୍ଦର, ନାଗିନୀ, ତ୍ୱରିତା, ନୀଳପତାକା, କୌମାରୀ, ସୂତୀକାଯୋଗିନୀ, ଜୟଦୁର୍ଗା, ନାରାୟଣୀ, ଭଦ୍ରବାରାହୀ, ଗୌରୀ, ବ୍ରାହ୍ମଣୀ, ଭୈରବୀ, ଲଳିତା, ସୌମ୍ୟନାରାୟଣୀ, ସ୍ୱପ୍ନବାରାହୀ, ଜ୍ୱାଳାମାଳିନୀ, କରାଳିନୀ, ନାରସିଂହୀ, କୁରୁକୁଲ୍ୟା, ସିଂହବାହିନୀ, କୃଷ୍ଣକାଳୀ, ଚାମୁଣ୍ଡା, ବାରୁଣୀ, କାଚଣ୍ଡୀ, ଶୁମ୍ଭପ୍ରହାରିଣୀ, ପିଶାଚୀ, ବୀରକେଶୀ, ଘୋରସିଂହାନନୀ, ନିଶାଚରୀ, ପ୍ରତ୍ୟଙ୍ଗିରା ଓ ଭୋଜିନୀ ଅନ୍ୟତମ । ଜଗମୋହନ ପାରହେଲେ ମୁଖ୍ୟଦ୍ୱାରର ଦ୍ୱାରବନ୍ଧ ଉପରେ ତୋରଣଲକ୍ଷ୍ମୀ ଏବଂ ନିମ୍ନରେ ପ୍ରଚଣ୍ଡ ଭୈରବ ଓ ଚଣ୍ଡଭୈରବ ନାମରେ ଦୁଇ ଦ୍ୱାରପାଳଙ୍କର ବିଗ୍ରହ ବିଦ୍ୟମାନ । ବିମଳାଙ୍କ ନିକଟରେ ଥିବା ଦେବୀମାନେ 'ଯୋଗିନୀ ଗଣନାୟିକା' ନାମରେ ଖ୍ୟାତ ।

### ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ପୂଜା ସହ ମା'ବିମଳାଙ୍କ ସଂପର୍କ

ଶ୍ରୀକ୍ଷେତ୍ର ଶାକ୍ତ ଉପାସନାର ପ୍ରଧାନ ପୀଠ । ଶ୍ରୀମନ୍ଦିରରେ ଶାରଦୀୟ ଦେବୀପୂଜା ହେଉଛି ଦୁର୍ଗାମାଧବ ଉପାସନା ।

ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହେଉଛନ୍ତି ମାଧବ । ଆଶ୍ୱିନ ମାସର କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଷୋହଳ ଦିନ ଗଣତି ହୋଇ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଦୁର୍ଗାମାଧବ ଉପାସନା ଶ୍ରୀମନ୍ଦିରରେ ଯଥାରୀତିରେ ପାଳିତ ହୁଏ । ସକାଳ ଧୂପ ବଢ଼ିବା ପରେ ଭଣ୍ଡାର ଘରର ଦୁର୍ଗାମୂର୍ତ୍ତି ଆଜ୍ଞାମାଳ ପାଇ ମାଜଣା ମଣ୍ଡପସ୍ଥ ପଲ୍ୟଙ୍କ ଉପରେ ବିଜେ ହୁଅନ୍ତି । ଗୁରୁବାର ମାଜଣା ମଣ୍ଡପ ଉପରେ ବନଦୁର୍ଗା ମନ୍ତ୍ରରେ ଦେବୀଙ୍କର ସହସ୍ର କୁମ୍ଭାଭିଷେକ କରାଯାଏ । ତା'ପରେ ଶୀତଳ ଭୋଗ ହୁଏ । ପଞ୍ଚୋପଚାର ଭୋଗ ପରେ ବନ୍ଦାପନା ହୋଇ ମହାଦେବୀ ଭଣ୍ଡାର ଘରେ ବିଜେ ହୁଅନ୍ତି । ରତ୍ନସିଂହାସନସ୍ଥ ମାଧବ ଆଜ୍ଞାମାଳ ପାଇ ଭଦ୍ରାସନରେ ଦୁର୍ଗାଙ୍କ ସହ ଏକତ୍ର ମିଳିତ ହୁଅନ୍ତି । ତା'ପରେ ଦୁର୍ଗାମାଧବ ରତ୍ନସିଂହାସନକୁ ବିଜେ ହୋଇ ସୁଭଦ୍ରାଙ୍କଠାରୁ ଦୁର୍ଗା ଓ ଜଗନ୍ନାଥଙ୍କଠାରୁ ମାଧବ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଦେଇ ଝୁଲଣମଣ୍ଡପ ତଳେ ଥିବା ସୁ-ସଜ୍ଜିତ ପାଲିଙ୍କିରେ ବିମଳାଙ୍କ ମନ୍ଦିରକୁ ବିଜେ ହୁଅନ୍ତି । ବିମଳାଙ୍କ ନିକଟରେ କୋଠଭୋଗ, ପିଷ୍ଟକ, ଥାଳିଖେଚେଡ଼ି ମଣୋହିରେ ବଢ଼ାଯାଇ ଷୋଡ଼ଶ ଉପଚାରରେ ପୂଜା କରାଯାଏ । ଆଳତୀ ବନ୍ଦାପନା ପରେ ବିମଳାଙ୍କ ଜଗମୋହନସ୍ଥ ପଲଙ୍କ ଉପରକୁ ଦୁର୍ଗାମାଧବ ଏକାଠି ବିଜେ ହୁଅନ୍ତି । ଶୀତଳ ଭୋଗ ମଣୋହି ପରେ ବନ୍ଦାପନା ହୁଏ । ବିମଳାଙ୍କ ତିନିଧୂପ ଓ ଜଗନ୍ନାଥଙ୍କ ରାତ୍ରିଚନ୍ଦନ ଲାଗିପରେ ବିମାନବଡ଼ (ସେବାୟତ) ଦୁର୍ଗାମାଧବଙ୍କୁ ବିମାନରେ ନେଇ ମହାଜନ ଓଁ ସିଂହାରୀ ସେବାୟତ ଭଣ୍ଡାର ଘରେ ବିଜେ କରାନ୍ତି । ପ୍ରଥମ ଆଠ ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିରକୁ ଓ ପର ଆଠଦିନ ଦୁର୍ଗାମାଧବ ରଥରେ ବସି ଦୋଳମଣ୍ଡପ ସାହିସ୍ଥ ନାରାୟଣୀ ମନ୍ଦିରକୁ ବିଜେ କରନ୍ତି । ନାରାୟଣୀ ମନ୍ଦିରରେ କର୍ପୂର ଜଳଲାଗି ପରେ ପଲଙ୍କ ଉପରେ ଦୁର୍ଗାମାଧବ ବିଜେ ହୁଅନ୍ତି ଓ ଭୋଗ ବନ୍ଦାପନା ହୁଏ । ଜଗନ୍ନାଥଙ୍କ ରାତ୍ରିଚନ୍ଦନ ଶେଷ ପରେ ବିମାନବଡ଼ ଦୁର୍ଗାମାଧବଙ୍କୁ ପୁଣି ପାଲିଙ୍କିରେ ନେଇ ଭଣ୍ଡାର ଦୁଆରେ ବିଁଜେ କରାନ୍ତି । ଏହିପରି ଦଶହରା ପର୍ଯ୍ୟନ୍ତ ଚାଲେ ଓ ଷୋହଳ ଦିନ ପର୍ଯ୍ୟନ୍ତ ଦୁର୍ଗାମାଧବ ଏକତ୍ର ମିଳିତ ହୋଇ ରହନ୍ତି । ଦଶହରା ଦିନ ମା'ଦୁର୍ଗା ଭଣ୍ଡାର ଗୃହରେ ଓ ମାଧବ ରତ୍ନସିଂହାସନସ୍ଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ବିଜେ ହୁଅନ୍ତି । ଏହି ନୀତି ଶ୍ରୀକ୍ଷେତ୍ରରେ 'ଶାକ୍ତଗୁଣ୍ଡିଚା' ବା 'ଗୁପ୍ତ ଗୁଣ୍ଡିଚା' ନାମେ ଖ୍ୟାତ ।


### ମା'ବିମଳାଙ୍କ ପୀଠରେ ଷୋଳପୂଜା

ଶାରଦୀୟ ମହାପୂଜା କାଳରେ ବିମଳା ପୀଠରେ ଅନୁଷ୍ଠିତ ବିମଳାଙ୍କର ଷୋଳପୂଜାର ମହତ୍ତ୍ୱ ଅଧିକ । ଏହି ପୂଜା ବିଧିପୂର୍ବକ ଅନୁଷ୍ଠିତ ହୁଏ ଓ ଷୋଡ଼ଶ ଉପଚାର ବିଧିରେ କରାଯାଏ । ଏହି ଷୋଳଦିନ ପୂଜା ମଧ୍ୟରେ ଦେବୀ ବିମଳାଙ୍କର ଏଗାର ପ୍ରକାରର ଭିନ୍ନ ଭିନ୍ନ ବେଶ କରାଯାଇଥାଏ । ଯଥା: ବନଦୁର୍ଗା ବେଶ, ଭୁବନେଶ୍ୱରୀ ବେଶ, ନାରାୟଣୀ ବେଶ, ଶ୍ରୀବଗଳା ବେଶ, ଜୟଦୁର୍ଗା ବେଶ, ଉଗ୍ରତାରା ବେଶ, ମାତଙ୍ଗିନୀ ବେଶ, ଦଶଭୁଜା ବେଶ, ରାଜରାଜେଶ୍ୱରୀ ବେଶ, ହରଚଣ୍ଡୀ ବେଶ ଓ ସିଂହବାହିନୀ ବେଶ ଅନ୍ୟତମ । ସିଂହବାହିନୀ ବେଶ ଷଷ୍ଠୀ ଦିବସରେ ଅନୁଷ୍ଠିତ ହୋଇ ନବମୀ ପର୍ଯ୍ୟନ୍ତ ଚାରିଦିନ ଧରି ରହେ । ପ୍ରତ୍ୟେକ ବେଶର ଦାୟିତ୍ୱ ରାଜା, ସେବକ ଓ ମଠାଧୀଶମାନେ ନେଇଥାନ୍ତି । ବିମଳାଙ୍କ ମନ୍ଦିର ବେଢ଼ା ମଧ୍ୟରେ ଉକ୍ତ ଏଗାର ଗୋଟି ବେଶର ଚିତ୍ର ମଧ୍ୟ ଅଙ୍କିତ ହୋଇଛି । ଏହି ସମୟ ମଧ୍ୟରେ ଗୁରୁବାରର ଏକାନ୍ତ ନୀତି ବନ୍ଦ ହୁଏ । ସୂଚନାଯୋଗ୍ୟ ଯେ, ବିମଳାଙ୍କ ଏହି ଷୋଳପୂଜା ସମୟରେ କୌଣସି ସ୍ତ୍ରୀ ଲୋକଙ୍କୁ ମନ୍ଦିର ମଧ୍ୟକୁ ଛଡ଼ାଯାଏ ନାହିଁ । ମାର୍କଣ୍ଡେୟ ପୁରାଣରେ ଦେବତାମାନେ ଦେବୀଙ୍କୁ ସ୍ତୁତି କରି କହିଛନ୍ତି–

ବିଦ୍ୟାଃ ସମସ୍ତାସ୍ତଃ ଦେବୀ ଭେଦାଃ
ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍ସୁ ।
ତ୍ୱୟୈକୟା ପୂରିତମମ୍ବୟୈତଦ୍
କା ତେ ସ୍ତୁତିଃ ସ୍ତବ୍ୟପରାଣରୋକ୍ତିଃ ॥

(ହେ ଦେବୀ ! ସମସ୍ତ ବିଦ୍ୟା ତୁମର ହିଁ ଅଂଶ, ଯେତେ ସ୍ତ୍ରୀ ଅଛନ୍ତି ସେମାନେ ତୁମର ବିଗ୍ରହ । ତୁମେ ଜନନୀ ରୂପା ଓ ଏକାକିନୀ ଏହି ଜଗତର ଅନ୍ତର ଓ ବାହାରେ ପରିବ୍ୟାପ୍ତ । ଯେତେବେଳେ ତୁମେ ସେହି ସବୁ ଭକ୍ତିରୂପା, ସେତେବେଳେ ତୁମର ମୁଁ ବା କି ସ୍ତୁତି କରିପାରିବି ?) ତେଣୁ ସ୍ତ୍ରୀଲୋକମାନେ ଏହି ପୂଜାରେ ବିମଳାଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରନ୍ତି ନାହିଁ । ଭଗବତୀ ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଅବସରରେ ଅନ୍ୟ କେତେକ ପୀଠରୁ ମଧ୍ୟ ପୂଜା ଓ ଚଣ୍ଡିପାଠ ପାଇଁ ଗଜପତି ମହାରାଜ ବ୍ରାହ୍ମଣ ବରଣ କରିଥାନ୍ତି । ସେହି ସମୟରେ ରାଜନଅରରୁ ଆସିଥିବା 'କାଣ୍ଡହେଙ୍ଗୁଳ' ଶାଢ଼ୀକୁ ବିମଳାଙ୍କୁ ପିନ୍ଧାଇ ଦିଆଯାଏ । ଏହା ପୂର୍ବରୁ ବିମଳାଙ୍କର ନିତ୍ୟଭୂଷଣ ସବୁ କାଢ଼ି ଦିଆଯାଏ । ଦେବୀ ବିମଳାଙ୍କ ପୀଠ ଏକ ସିଦ୍ଧପୀଠ । ବିଶେଷତଃ ଏହି ସମୟରେ ଯେଉଁମାନେ 'ଦୁର୍ଗା ସପ୍ତଶତି ଚଣ୍ଡୀ' ପାଠ କରନ୍ତି, ତାହାହେଲେ ସେମାନେ ମହାଆତଙ୍କରୁ ରକ୍ଷାଲାଭ କରନ୍ତି । ସେ ଯାହାହେଉ, ସର୍ବ ପାପ ତାପ ବିନାଶିନୀ ଶ୍ରୀକ୍ଷେତ୍ରେଶ୍ୱରୀ ମା' ବିମଳାଙ୍କ ନିକଟରେ ପ୍ରାର୍ଥନା, ସେ ଜଗତର କଲ୍ୟାଣ କରନ୍ତୁ ।

ସଂପାଦକ–'ଅଭିନନ୍ଦନିକା'
ସେନାପତି ଭବନ, ବଡ଼ଦାଣ୍ଡ, ପୁରୀ–୧



# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ସବୁବେଳେ ମାନବ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଗୋପବନ୍ଧୁ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବା କରି ନିଜର ସେବା ମନୋବୃତ୍ତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ି ତୋଳିବା ପାଇଁ ସଦା ତତ୍ପର ଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ନିଃସହାୟ ଜନତାଙ୍କୁ ନିଃସ୍ୱାର୍ଥ ସେବା ସାହାଯ୍ୟ ଯୋଗାଇ ଦେଇ ମାନବୀୟ ଗୁଣ ଏବଂ ନିଜର ଚିନ୍ତା ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ନିଚ୍ଛକ ନିଦର୍ଶନ ରଖିଯାଇଛନ୍ତି । ସେ କହିଥିଲେ –

''ଭାରତ ସରସେ ଉତ୍କଳ କମଳ, ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।'' ଗୋପବନ୍ଧୁ ଯାହା ଚିନ୍ତା କରୁଥିଲେ, ତାହା କହୁଥିଲେ, ଯାହା କହୁଥିଲେ ତାହା ଲେଖୁଥିଲେ ଏବଂ କାର୍ଯ୍ୟରେ ମଧ୍ୟ ପରିଣତ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ଓଡ଼ିଶା ଥିଲା ତାଙ୍କର ପରିବାର ।

ଯେତେବେଳେ ଇଂରେଜମାନଙ୍କର ଅରାଜକତା, ଅତ୍ୟାଚାର, ଅନୀତି ସାରା ଦେଶକୁ ଗ୍ରାସ କରିଥିଲା, ସେତେବେଳେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ଜନଜୀବନର ଶ୍ରେଷ୍ଠ ପ୍ରତିନିଧି ଗୋପବନ୍ଧୁ ଦାସ ଭୂମିଷ୍ଠ ହୋଇଥିଲେ । ଉକ୍ତ ସମୟରେ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରି ସେ ଜାତୀୟ ଜୀବନକୁ ଅଭୂତପୂର୍ବ କୃତିତ୍ୱର ପରିଚୟ ପ୍ରଦାନ କରିଯାଇଛନ୍ତି । ତାଙ୍କ ପିତାଙ୍କ ନାମ ଦୈତାରୀ ଦାସ । ବିଧାତାର ନିଷ୍ଠୁର ନିର୍ଦ୍ଦେଶ ଏଭଳି ଥିଲା ଯେ ଜନ୍ମର ଅଳ୍ପ କିଛି ଦିନରେ ସେ ତାଙ୍କର ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କୁ ହରାଇଥିଲେ । ବାସ୍ତବରେ ତାଙ୍କର ବାଲ୍ୟଜୀବନ ଅତ୍ୟନ୍ତ ଦୁଃଖ ଓ ନୈରାଶ୍ୟ ମଧ୍ୟରେ କଟିଥିଲା । ବିଦ୍ୟାରମ୍ଭ କରିବାର ଖୁବ୍ କମ୍ ଦିନ ମଧ୍ୟରେ ଭାଗବତ ପାଠ ଓ କବିତା ରଚନା କରି ଅବଧାନଙ୍କୁ ସେ ଆଶ୍ଚର୍ଯ୍ୟାନ୍ୱିତ କରି ପକାଇ ଥିଲେ । ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଏକ ନିର୍ଜନ ସ୍ଥାନରେ ଠିଆ ହୋଇ ବକ୍ତୃତା ଦେବା ଅଭ୍ୟାସ କରୁଥିଲେ । ତାଙ୍କର ଏତାଦୃଶ କାର୍ଯ୍ୟକଳାପ ଦେଖି ବହୁ ପିଲା ତାଙ୍କୁ ତାଚ୍ଛଲ୍ୟ କରୁଥିଲେ । କିନ୍ତୁ ପରେ ସେହି ଅନୁଭୂତିରୁ ସେ ଯଥେଷ୍ଟ ଶିକ୍ଷା ଲାଭ କରି ଜଣେ ବିଶିଷ୍ଟ ବକ୍ତା ଓ ବ୍ୟବସ୍ଥାପକ ହୋଇପାରିଥିଲେ । ୟୁରୋପୀୟ ଶିକ୍ଷା ପଦ୍ଧତି ପ୍ରତି ତାଙ୍କର ବିତୃଷ୍ଣା ଭାବ ଥିଲା । ଶିକ୍ଷାଲାଭ କରିବା ସମୟରେ ୧୨ ବର୍ଷ ବୟସରେ ସେ ପିତାଙ୍କ ନିଷ୍ପତ୍ତି ମୁତାବକ ନିକଟସ୍ଥ ବାଙ୍ଗରୁବା (ଗଦାଧରପୁର) ଗ୍ରାମର ବାଲ୍ୟକନ୍ୟା ମୋତି ଦେବୀଙ୍କୁ ବିବାହ କରିଥିଲେ । ତା'ପରେ ସେ ରୂପଦେଈପୁର ମାଇନର ସ୍କୁଲରେ ଭର୍ଣ୍ଣାକୁଲାର ଅଧ୍ୟୟନ କରିଥିଲେ । ସେତେବେଳେ ଏଭଳି ଭର୍ଣ୍ଣାକୁଲାର ମାଇନର ସ୍କୁଲରୁ ପାଶ କରିବା ପରେ ସରକାରୀ ସ୍କୁଲରେ ପୁନଶ୍ଚ ସପ୍ତମ ଶ୍ରେଣୀରେ ନାମ ଲେଖାଇବାକୁ ପଡୁଥିଲା । ଗୋପବନ୍ଧୁ ପୁରୀ ଜିଲ୍ଲା ସ୍କୁଲରେ ୭ମ ଶ୍ରେଣୀରେ ନାମ ଲେଖାଇଥିଲେ । ମାଇନର ସ୍କୁଲରେ ପଢୁଥିବା ବେଳେ ଗୋପବନ୍ଧୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ ଓ ହାଇସ୍କୁଲର ଛାତ୍ର ଥିବାବେଳେ ବିଭିନ୍ନ ପତ୍ରପତ୍ରିକାକୁ ଲେଖାଦେବା ଆରମ୍ଭ କରିଥିଲେ । ଗୋପବନ୍ଧୁ ୧୮୯୯ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇଲା ବେଳକୁ ତାଙ୍କ ପିତାଙ୍କର ପରଲୋକ ହୋଇଥିଲା । କଲେଜରେ ପଢ଼ିବା ସମୟରେ ''ଅବକାଶ ଚିନ୍ତା'' ନାମରେ ଏକ ପୁସ୍ତକ (କବିତା) ପ୍ରକାଶ କରାଇଥିଲେ । ତାଙ୍କ ରଚିତ ଗୋ-ମହାତ୍ମ୍ୟ, ନଚିକେତା ଉପାଖ୍ୟାନ, କାରାକବିତା, ଧର୍ମପଦ ଏବଂ ବନ୍ଦୀର ଆତ୍ମକଥା ଆଦି ପୁସ୍ତକ ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ । ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ ସେ 'କର୍ତ୍ତବ୍ୟବୋଧିନୀ ସମିତି' ନାମରେ ଏକ ସଙ୍ଗଠନ ପ୍ରତିଷ୍ଠା କରି ଏହା ଜରିଆରେ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରି ଦରିଦ୍ର ଛାତ୍ରମାନଙ୍କୁ ସାହାଯ୍ୟ କରୁଥିଲେ । ବନ୍ୟାବେଳେ ବିପନ୍ନ ଲୋକଙ୍କ ସାହାଯ୍ୟ ପାଇଁ ଏହି ସମିତି ପକ୍ଷରୁ ଉଦ୍ୟମ ହେଉଥିଲା । ୧୯୦୪ ମସିହାରେ ଗୋପବନ୍ଧୁ ବି.ଏ. ପାଶ୍ କଲେ । ତା'ପରେ ସେ କଲିକତାରେ ଏକ ସମୟରେ ଏମ୍.ଏ. ଏବଂ ବି.ଏଲ୍. ଅଧ୍ୟୟନ ପାଇଁ ନାମ ଲେଖାଇଥିଲେ । ମାତ୍ର କଲିକତାରେ

ଓଡ଼ିଆମାନଙ୍କ ମଧ୍ୟରେ ସାକ୍ଷରତା ପ୍ରସାର ଏବଂ ବନ୍ୟା ବିପନ୍ନଙ୍କ ସାହାଯ୍ୟ ପାଇଁ ବାରମ୍ବାର ଓଡ଼ିଶା ଆଗମନ ଯୋଗୁଁ ଏମ୍.ଏ. ପରୀକ୍ଷା ପାଇଁ ସେ ଆଉ ପ୍ରସ୍ତୁତ ହୋଇପାରିଲେ ନାହିଁ । ସେ କେବଳ ବି.ଏଲ୍. ପରୀକ୍ଷା ଦେଲେ ଏବଂ ପାଶ୍ କଲେ । ଗୋପବନ୍ଧୁଙ୍କର ଦୁଇପୁତ୍ର ମଧ୍ୟରୁ ପ୍ରଥମ ପୁତ୍ରର ଅକାଳ ବିୟୋଗ ତାଙ୍କ ଅଧ୍ୟୟନରେ ଘୋର ବାଧା ସୃଷ୍ଟି କରିଥିଲା ଏବଂ ଓକିଲାତି ଆରମ୍ଭରେ ଦ୍ୱିତୀୟ ପୁତ୍ରର ଅକାଳ ବିୟୋଗ ଘଟିଥିଲା । ଗୋପବନ୍ଧୁ ୧୯୦୬ରେ ଆଇନ ପରୀକ୍ଷା ଦେଇ କିଛି ସମୟ ପାଇଁ ନୀଳଗିରିରେ ଶିକ୍ଷକତା କରୁଥିବା ସମୟରେ ପତ୍ନୀ ବିୟୋଗର ଦୁଃସମ୍ବାଦ ପାଇଥିଲେ । ୧୯୦୭ ମସିହାରେ ବ୍ରାହ୍ମଣୀ ଓ ଖରସୁଆଁ ନଦୀର ବଢ଼ିରେ ବୁଲି ବୁଲି ବିପନ୍ନ ଅଞ୍ଚଳରେ ସାହାଯ୍ୟ କରିଥିଲେ । ୧୯୦୯ ମସିହାରେ ସେ ସତ୍ୟବାଦୀ ଏମ୍.ଇ. ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହି ସ୍କୁଲ ୧୯୧୨ରେ ହାଇସ୍କୁଲରେ ପରିଣତ ହେଲା । ୧୯୧୭ ମସିହାରେ ସେ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ ଓ ଚାରିବର୍ଷ ସଭ୍ୟ ରହି ବ୍ୟବସ୍ଥାପକ ଭାବେ ଓଡ଼ିଶାର ବନ୍ୟା, ମରୁଡ଼ି ପ୍ରପୀଡ଼ିତ ଦରିଦ୍ର ଲୋକଙ୍କ ସମସ୍ୟା ଉପସ୍ଥାପିତ କରିଥିଲେ ।

୧୯୦୮ ମସିହାରେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା ଉତ୍କଳ ସମ୍ମିଳନୀ ଅନୁଷ୍ଠାନ ମାଧ୍ୟମରେ । ୧୯୧୯ ଅପ୍ରେଲ ମାସରେ ସେ କଟକ ଉତ୍କଳ ସମ୍ମିଳନୀର ସଭାପତି ହୋଇଥିଲେ । ସେ ଉତ୍କଳ ସମ୍ମିଳନୀ ସହିତ ୧୩ ବର୍ଷ ଘନିଷ୍ଠଭାବେ ସମ୍ପୃକ୍ତ ରହି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ଏବଂ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ବହୁ ଉଦ୍ୟମ କରିଥିଲେ । ତେଣୁ ସେ ସିଂହଭୂମି ଆଦି ଅଞ୍ଚଳକୁ ବାରମ୍ବାର ଯାଉଥିଲେ । ଉତ୍କଳ ସମ୍ମିଳନୀର କାର୍ଯ୍ୟ କେବଳ ଦେଶ ମିଶ୍ରଣରେ ସୀମିତ ନରଖି ସମ୍ମିଳନୀ ମାଧ୍ୟମରେ ଭାରତର ସ୍ୱରାଜ୍ୟ ପ୍ରାପ୍ତି ପାଇଁ ଗୋପବନ୍ଧୁ ୧୯୨୦ ମସିହା ଚକ୍ରଧରପୁର ସମ୍ମିଳନୀରେ ପ୍ରସ୍ତାବ ଦେଇଥିଲେ ଓ ତାହା ବହୁ ମତରେ ଗୃହୀତ ହୋଇଥିଲା ।

୧୯୨୦ ମସିହାରେ ଓଡ଼ିଶାରେ ଗଠିତ କଂଗ୍ରେସ କମିଟିର ସଭାପତି ହେଲେ ଗୋପବନ୍ଧୁ । ସେହିବର୍ଷ ସେପ୍ଟେମ୍ବର ମାସରେ କଲିକତାରେ ଜାତୀୟ କଂଗ୍ରେସର ବିଶେଷ ଅଧିବେଶନରେ ସେ ଯୋଗଦେଲେ । ସେଠାରୁ ଫେରିଆସି ସେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ସଂପର୍କରେ ପ୍ରଚାର ଆରମ୍ଭ କରିଥିଲେ । ଅସହଯୋଗ ଆନ୍ଦୋଳନର ପ୍ରସାର ପାଇଁ ସେ ସମ୍ପୂର୍ଣ୍ଣ ଭାବରେ ନିଜକୁ ଉତ୍ସର୍ଗ କରିଥିଲେ । ବିଭିନ୍ନ ଆନ୍ଦୋଳନରେ ଭାଗନେଇ ଗୋପବନ୍ଧୁ ବହୁବାର କାରାବରଣ କରିଛନ୍ତି । କନିକା ଜମିଦାରୀରେ ପ୍ରଜାଙ୍କ ଉପରେ ଅତ୍ୟାଚାର ହେବା ଅଭିଯୋଗ କରି ଲେଖା ଛପାଇ ଥିବାରୁ ତାଙ୍କୁ ଗିରଫ କରାଯାଇଥିଲା ।

୧୯୨୫ ମସିହାରେ ଓଡ଼ିଶାର କେତେକ ଜିଲ୍ଲାରେ ବଢ଼ି ହୋଇଥିଲା । ଗୋପବନ୍ଧୁଙ୍କ ଅନୁରୋଧକ୍ରମେ ଆଣ୍ଡ୍ରିଉଜ୍ ସାହେବ ବନ୍ୟାର ଦୁର୍ଗତି ଓ ବିପନ୍ନ ଅଞ୍ଚଳର କରୁଣ ଚିତ୍ର ସ୍ୱଚକ୍ଷୁରେ ଦେଖିବାକୁ ଯାଇଥିଲେ । ଗୋପବନ୍ଧୁ ବନ୍ୟାବିପନ୍ନ ଲୋକମାନଙ୍କୁ ଚୁଡ଼ା, ଚାଉଳ ବାଣ୍ଟିବା ପାଇଁ ଗାଁ ଗାଁ ବୁଲୁଥିଲେ । ଗୋପବନ୍ଧୁ ରିଲିଫ୍ କାର୍ଯ୍ୟ ସହିତ ବିଭିନ୍ନ ଅଞ୍ଚଳରେ ଖଦୀ କାର୍ଯ୍ୟର ପ୍ରସାର ପାଇଁ ମଧ୍ୟ ଉଦ୍ୟମ କରିଥିଲେ ଏବଂ କଂଗ୍ରେସ ସଙ୍ଗଠନ ବିଷୟ ବୁଝୁଥିଲେ । ସେ ଯେଉଁଠାକୁ ଯାଉଥିଲେ ସେଠାରେ ଲୋକଙ୍କ ସେବା ପାଇଁ କର୍ମୀ ମଧ୍ୟ ସଂଗ୍ରହ କରୁଥିଲେ । ଗୋପବନ୍ଧୁଙ୍କ ଅନୁରୋଧରେ ମହାତ୍ମାଜୀ ବନ୍ୟା ପ୍ରତିକାର ବିଶାରଦ ସାର୍ ବିଶ୍ୱେଶ୍ୱରାୟାଙ୍କୁ ଓଡ଼ିଶା ପଠାଇଥିଲେ ଓ ତାଙ୍କ ସୁପାରିଶ ଅନୁସାରେ ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣର ପ୍ରତିକାରମାନ ପରିକଳ୍ପିତ ହେଲା । ନଈବଢ଼ି ମନେ ପକାଇ ଦିଏ ପୂଜ୍ୟ ସ୍ୱର୍ଗତଃ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ । ବିଶ୍ୱପ୍ରୀତିରେ ଉଦ୍‌ବୁଦ୍ଧ ହୋଇ ଗୋପବନ୍ଧୁ ଲେଖିଛନ୍ତି–

'ମହତ ଜନର ହୃଦେ ଏହି ମତି
ଆଭା ସେ ସତତ ଶତ ପ୍ରତିକୃତି
ପ୍ରେମ–ଭାବେ ଯାର ଅନ୍ତର ପୂରିତ
ସର୍ବ–ପ୍ରାଣୀହୃଦ ତା' ହୃଦେ ଅଙ୍କିତ,
ସର୍ବ ଅନୁଭୂତି ସର୍ବଭୂତେ ତା'ର,
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର ।
ସେହି ନିଜେ ବିଶ୍ୱ ବିଶ୍ୱ ମଧ୍ୟେ ସେହି,
ଅନ୍ୟ ହୋଇ ତା'ର ଆଉ କେହି ନାହିଁ ।'

ଲାଲା ଲଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଲୋକ ସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବେ ପଣ୍ଡିତ ଗୋପବନ୍ଧୁ ମନୋନୀତ ହୋଇଥିଲେ । ତା'ପରେ ସେ ସତ୍ୟବାଦୀ ପ୍ରେସ୍ ଓ 'ସମାଜ' ଅନୁଷ୍ଠାନକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରିଥିଲେ ଓ ନିଜେ ଏହି ଅନୁଷ୍ଠାନର ଉପସଭାପତି ହୋଇଥିଲେ । ୧୯୨୮ ଜୁନ ୧୭ ତାରିଖ (ନେତ୍ରୋତ୍ସବ ତିଥି)ରେ ପଣ୍ଡିତ ଗୋପବନ୍ଧୁଙ୍କର ଘଟଣା ବହୁଳ କର୍ମମୟ ଜୀବନର ଅବସାନ ଘଟିଲା, ମାତ୍ର ତାଙ୍କ ନିଜ ଭାଷାରେ –

''ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ ।''

❖ ❖ ❖

# ଲୋକନାୟକ ଜୟପ୍ରକାଶ ନାରାୟଣ



ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ, 'ସଂପୂର୍ଣ୍ଣ କ୍ରାନ୍ତି' ଭାବଧାରାର ପ୍ରବର୍ତ୍ତକ ତଥା ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା ଜୟପ୍ରକାଶ ନାରାୟଣଙ୍କର ଉଚ୍ଚ ଆଦର୍ଶ, ବଳିଷ୍ଠ ନେତୃତ୍ୱ ଭାରତୀୟ ଜନଜୀବନକୁ ଗଭୀରଭାବେ ପ୍ରଭାବିତ କରିଛି । ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ତାଙ୍କର ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରେ ।

ଇତିହାସ ପ୍ରସିଦ୍ଧ ପାଟଣା ନଗରୀଠାରୁ ୮୦ କି.ମି. ଦୂରରେ ଗଙ୍ଗା ଓ ଘାଗରା ନଦୀର ତଟବର୍ତ୍ତୀ ସୀତାବ୍‌ଦିଆରା ଗ୍ରାମ (ବର୍ତ୍ତମାନ ଉତ୍ତରପ୍ରଦେଶର ବାଲିଆ ଜିଲ୍ଲାରେ ଅବସ୍ଥିତ)ର ଏକ ସଂଭ୍ରାନ୍ତ ପରିବାରରେ ୧୯୦୨ ମସିହା ଅକ୍ଟୋବର ମାସ ୧୧ ତାରିଖରେ ଜୟପ୍ରକାଶଙ୍କର ଜନ୍ମ । ତାଙ୍କର ପିତାଙ୍କ ନାମ ହର୍ସୁ ଦୟାଲ ଓ ମାତାଙ୍କ ନାମ ଫୁଲରାଣୀ । ଜୟପ୍ରକାଶ ପାଟଣା କଲେଜିଏଟ୍ ସ୍କୁଲର ଛାତ୍ର ଥିଲେ, ମାଟ୍ରିକୁଲେସନ୍ ପାସ୍ କରିବା ପରେ ସେ ପାଟଣା କଲେଜରେ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କଲେ । ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ସେ ବିଶ୍ୱବିଦ୍ୟାଳୟ ତ୍ୟାଗ କରିଥିଲେ, ପରେ ବିହାର ବିଦ୍ୟାପୀଠରେ ଅଧ୍ୟୟନ କରି ଆଇ.ଏସ୍‌.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ୧୯୨୦ ମସିହାରେ ବିହାରର ପ୍ରଖ୍ୟାତ ଆଇନଜୀବୀ ବ୍ରଜ କିଶୋରଙ୍କର କନ୍ୟା ପ୍ରଭାବତୀ ସହିତ ତାଙ୍କର ବିବାହ ସଂପନ୍ନ ହେଲା । ବ୍ରଜ କିଶୋର ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚମ୍ପାରନ୍‌ର ନୀଳଚାଷୀମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ସଂଗ୍ରାମ କରୁଥିଲେ ।

ଉଚ୍ଚ ଶିକ୍ଷା ପାଇଁ ଜୟପ୍ରକାଶ ୧୯୨୨ ମସିହାରେ ଆମେରିକା ଯାତ୍ରା କଲେ । ସେଠାରେ ସେ ଚିକାଗୋ, ଓ୍ୱିସ୍‌କନ୍‌ସନ୍, କାଲିଫର୍ଣ୍ଣିଆ ଏବଂ ଓହିଓଠାରେ ଶିକ୍ଷା ଲାଭ କରିଥିଲେ ଓ ଓହିଓ ବିଶ୍ୱବିଦ୍ୟାଳୟରୁ ଏମ୍‌.ଏ. ଡ଼ିଗ୍ରୀ ଲାଭ କରିଥିଲେ । ସେ ଶ୍ରମର ମହତ୍ତ୍ୱ ବୁଝିଥିଲେ ଓ ତାଙ୍କର ଆମେରିକା ରହଣି ସମୟରେ ସେ ଫଳ ବଗିଚା ଓ ଜଳଖିଆ ଦୋକାନରେ ସାମୟିକ କାର୍ଯ୍ୟ କରି କିଛି ଅର୍ଥ ଉପାର୍ଜନ କରିଥିଲେ । ସେହି ସମୟରେ ସେ ପ୍ରଖ୍ୟାତ ଦାର୍ଶନିକ କାର୍ଲମାର୍କସ୍‌ଙ୍କର ରଚନାମାନ ଅଧ୍ୟୟନ କରିଥିଲେ ଓ ମାର୍କସୀୟ ଭାବଧାରାରେ ଅନୁପ୍ରାଣିତ ହୋଇଥିଲେ ।

୧୯୨୯ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଜୟପ୍ରକାଶ ଅଳ୍ପ କାଳ ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରିଥିଲେ । ସେ ସମୟରେ ଭାରତୀୟ ରାଜନୀତି କ୍ଷେତ୍ରରେ ମହାତ୍ମା ଗାନ୍ଧୀଙ୍କର ଆବିର୍ଭାବ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା । ଗାନ୍ଧିଜୀଙ୍କର ଆହ୍ୱାନ ଆମେରିକା ଫେରନ୍ତା ଜୟପ୍ରକାଶଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ କରିଥିଲା । ସେ ଅଧ୍ୟାପନା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ୧୯୨୯ ମସିହା ଡ଼ିସେମ୍ବର ୩୧ ତାରିଖ ଦିନ ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ 'ପୂର୍ଣ୍ଣ ସ୍ୱରାଜ୍ୟ' ପ୍ରସ୍ତାବ ଗୃହୀତ ହୋଇଥିଲା । ୧୯୩୦ରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା । ଅଧିକାଂଶ ଭାରତୀୟ ନେତା ବ୍ରିଟିଶ ସରକାରଙ୍କଦ୍ୱାରା ବନ୍ଦୀ ହୋଇଥିବା ସମୟରେ ଜୟପ୍ରକାଶ ଗୁପ୍ତ ସଂଗଠନରେ ସାମିଲ ହୋଇ ସ୍ୱାଧୀନତା ସଂଗ୍ରାମକୁ ଅବ୍ୟାହତ ରଖିଥିଲେ । ଗାନ୍ଧିଜୀଙ୍କ ପ୍ରତି ଜୟପ୍ରକାଶଙ୍କର ଥିଲା ଅତୁଟ ସମ୍ମାନ, କିନ୍ତୁ କେତେକ କ୍ଷେତ୍ରରେ ଗାନ୍ଧିଜୀଙ୍କ ସହିତ ତାଙ୍କର ମତ ପାର୍ଥକ୍ୟ ମଧ୍ୟ ଥିଲା । ୧୯୩୧ରେ ଗାନ୍ଧୀ – ଇର୍‌ୱଇନ୍ ଚୁକ୍ତି ସ୍ୱାକ୍ଷରିତ ହେବା ପରେ, ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ ରଖିବାପାଇଁ ଗାନ୍ଧିଜୀଙ୍କର ନିଷ୍ପତ୍ତିରେ ଜୟପ୍ରକାଶ ସୁଖୀ ନଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ବହୁବାର କାରାବରଣ କରିଥିଲେ । ଥରେ ମାନ୍ଦ୍ରାଜରୁ ବମ୍ବେ ଯାଉଥିବା ସମୟରେ ସେ ଗିରଫ୍ ହୋଇଥିଲେ । ନାସିକ୍ ଜେଲ୍‌ରେ ଥିବା ସମୟରେ ସେ ଅଚ୍ୟୁତ

ପଟ୍ଟବର୍ଦ୍ଧନ ଓ ମିନୁ ମାସାନୀଙ୍କ ସଂସ୍ପର୍ଶରେ ଆସିଥିଲେ । ଜେଲ୍‌ରୁ ମୁକ୍ତ ହେବା ପରେ ସେ ଓ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଅଲ୍ ଇଣ୍ଡିଆ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ । ଆଦର୍ଶବାଦୀ ଜନନେତା ରାମ ମନୋହର ଲୋହିଆ, କମଳା ଦେବୀ ଚଟ୍ଟୋପାଧ୍ୟାୟ ଏବଂ ମିନୁ ମାସାନୀ ତାଙ୍କର ଘନିଷ୍ଠ ସହଯୋଗୀ ଥିଲେ ।

ଜୟପ୍ରକାଶ ଥିଲେ ଅସୀମ ସାହସ ଓ ଦୃଢ଼ ମନୋବଳର ମୂର୍ତ୍ତିମନ୍ତ ପ୍ରତୀକ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ଗିରଫ ହୋଇଥିଲେ, ତାଙ୍କୁ ପ୍ରଥମେ ବମ୍ବେ ଜେଲ୍‌ରେ ରଖାଯାଇଥିଲା ଓ ପରବର୍ତ୍ତୀ ସମୟରେ ଦିଲ୍ଲୀ ଓ ହଜାରିବାଗ୍ ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ଥରେ ସେ ଓ ତାଙ୍କର ପାଞ୍ଚଜଣ ସହଯୋଗୀ ଜେଲ ପାଚେରୀ ଡ଼େଇଁ ଖସି ପଳାଇ ଯାଇଥିଲେ । ତାଙ୍କୁ ଧରିବା ପାଇଁ ବ୍ରିଟିଶ୍ ସରକାର ପୁରସ୍କାର ଘୋଷଣା କରିଥିଲେ । ଜୟପ୍ରକାଶଙ୍କୁ ନେପାଳରେ ଗିରଫ କରାଗଲା ସତ, କିନ୍ତୁ ସେ ପୁନର୍ବାର ଖସି ପଳାଇବାକୁ ସକ୍ଷମ ହୋଇଥିଲେ । ପରେ ଦିଲ୍ଲୀଠାରେ ତାଙ୍କୁ ଗିରଫ କରାଯାଇଥିଲା । ସ୍ୱାଧୀନୋତ୍ତର ଭାରତର ନିର୍ବାଚନ ରାଜନୀତିରେ ଜୟପ୍ରକାଶଙ୍କର ସୋସିଆଲିଷ୍ଟ ପାର୍ଟି ବିଶେଷ ସଫଳତା ଲାଭ କରି ପାରିନଥିଲା, କିନ୍ତୁ ଭାରତୀୟ ରାଜନୈତିକ ଜୀବନକୁ ଏହା ନିଶ୍ଚିତ ଭାବରେ ପ୍ରଭାବିତ କରିଥିଲା । ଜୟପ୍ରକାଶ ସମାଜବାଦୀ ଆଦର୍ଶର ପ୍ରତିଷ୍ଠା ପାଇଁ ହିଂସାତ୍ମକ ପନ୍ଥାର ବିକଳ୍ପ କଣ ହୋଇପାରେ ତାହାର ସନ୍ଧାନ କରୁଥିଲେ । ସେ ବିନୋବାଙ୍କର ପ୍ରବର୍ତ୍ତିତ ସର୍ବୋଦୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ଭୂଦାନ ମାଧ୍ୟମରେ ଭୂମିହୀନ ଅଗଣିତ ଜନତାର ଆର୍ଥିକ ଉନ୍ନତି ପାଇଁ ସତତ ଚେଷ୍ଟିତ ଥିଲେ ।

ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ଜୀବନର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ଥିଲା ଜୟପ୍ରକାଶଙ୍କର ଅନ୍ୟତମ ଲକ୍ଷ୍ୟ । ବିପଥଗାମୀ ହୋଇଥିବା ବ୍ୟକ୍ତିମାନଙ୍କୁ ଜାତୀୟ ଜୀବନର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ସମ୍ଭବ ବୋଲି ସେ ଉପଲବ୍ଧି କରିପାରିଥିଲେ । ତାଙ୍କରି ଆନ୍ତରିକ ପ୍ରଚେଷ୍ଟା ଫଳରେ ଚମ୍ବଲ ଉପତ୍ୟକାର ଡକାୟତମାନେ ଆତ୍ମସମର୍ପଣ କରିଥିଲେ ଓ ଦୁର୍ଦ୍ଦାନ୍ତ ଡାକୁ ସର୍ଦ୍ଦାର ମାଧୋ ସିଂ କୁକର୍ମ ପାଇଁ ଅନୁତାପ କରିଥିଲା । ଆଧୁନିକ ଯୁଗରେ ଏପରି ଘଟଣା ବିରଳ । ବ୍ୟକ୍ତି ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧରେ ଜୟପ୍ରକାଶଙ୍କର ଥିଲା ଅଗାଧ ବିଶ୍ୱାସ । ୧୯୭୫ ମସିହାରେ ଘୋଷିତ ହୋଇଥିବା ଆଭ୍ୟନ୍ତରୀଣ ଜରୁରିକାଳୀନ ପରିସ୍ଥିତି ତାଙ୍କୁ କ୍ଷୁବ୍ଧ କରିଥିଲା । ଗୁଜରାଟ ଓ ବିହାରଠାରେ ଛାତ୍ର ଆନ୍ଦୋଳନ ଦେଖା ଦେଇଥିଲା । ଏହି ସମୟରେ ଜୟପ୍ରକାଶ 'ସଂପୂର୍ଣ୍ଣ କ୍ରାନ୍ତି'ର ଆହ୍ୱାନ ଦେଇ ଗିରଫ ହୋଇଥିଲେ ଏବଂ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ବମ୍ବେର ଯଶଲୋକ ହାସପାତାଳରେ ଭର୍ତ୍ତି କରାଯାଇଥିଲା । ୧୯୭୭ ମସିହାରେ ଲୋକସଭା ପାଇଁ ସାଧାରଣ ନିର୍ବାଚନ ଘୋଷଣା କରାଗଲା, ସମସ୍ତ ବିରୋଧୀ ଦଳ ଏକତ୍ରିତ ହୋଇ କଂଗ୍ରେସ ବିରୋଧରେ ଗୋଟିଏ ମଞ୍ଚରୁ ଲଢ଼ିବା ପାଇଁ ଜୟପ୍ରକାଶ ଆହ୍ୱାନ ଦେଇଥିଲେ । ତାଙ୍କରି ଉଦ୍ୟମରେ ବିଭିନ୍ନ ରାଜନୈତିକ ଦଳ ଏକତ୍ରିତ ହୋଇ ଜନତାପାର୍ଟି ଗଠନ କଲେ । ଜୟପ୍ରକାଶଙ୍କର ଆଶୀର୍ବାଦରେ ଏହି ଦଳ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ଲାଭ କରି କ୍ଷମତାସୀନ ହୋଇପାରିଥିଲା ।

ସମାଜବାଦୀ ଆଦର୍ଶ ଓ ଭୂଦାନ ଆନ୍ଦୋଳନର ପ୍ରସାର ପାଇଁ ଜୟପ୍ରକାଶ ବହୁବାର ଓଡ଼ିଶା ଆଗମନ କରିଥିଲେ । ୧୯୩୯ରେ ପ୍ରାଦେଶିକ ଯୁବ ସମ୍ମିଳନୀରେ ଅଧ୍ୟକ୍ଷତା କରିବା ପାଇଁ ସେ ଓଡ଼ିଶା ଆସିଥିଲେ । ୧୯୭୫ରେ ସେ ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ଢ଼େଙ୍କାନାଳ, କଟକ ଓ ଭୁବନେଶ୍ୱରଠାରେ ବିପୁଳ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ । ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମାଦେବୀ, ମନମୋହନ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ରବି ରାୟଙ୍କ ପରି ଓଡ଼ିଶାର ମହାନ୍ ଜନନେତାମାନେ ଜୟପ୍ରକାଶଙ୍କର ସହଯୋଗୀ ଥିଲେ ।


ଲୋକନାୟକ ଜୟପ୍ରକାଶ ୧୯୭୯ ମସିହା ଅକ୍ଟୋବର ୮ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ବିୟୋଗରେ ଓଡ଼ିଶା ମନ୍ତ୍ରୀ ପରିଷଦରେ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା । ଜୟପ୍ରକାଶଙ୍କୁ ଅହିଂସା ଓ ସାମାଜିକ ନ୍ୟାୟର ଅଗ୍ରଦୂତ ରୂପେ ବର୍ଣ୍ଣନା କରାଯାଇ ତାଙ୍କ ବିୟୋଗରେ ଜାତିର ଅପୂରଣୀୟ କ୍ଷତି ଘଟିଥିଲା ବୋଲି ପ୍ରକାଶ କରାଯାଇଥିଲା । ଏକ ନିର୍ଭୀକ ତଥା ଭେଦଭାବବିହୀନ ସମାଜ ଗଠନ କରିବା ଥିଲା ଜୟପ୍ରକାଶଙ୍କର ସ୍ୱପ୍ନ । ସମାଜବାଦୀ ଆଦର୍ଶ ତଥା ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଜୟପ୍ରକାଶଙ୍କର ଅବଦାନ ଚିରସ୍ମରଣୀୟ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ରାଜନୈତିକ ଆଦର୍ଶ ଏବଂ ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ଅବିରତ ସଂଗ୍ରାମ ପାଇଁ ସେ ଚିର ଅମର ହୋଇ ରହିବେ ।

❖ ❖ ❖

# ଗାନ୍ଧିଜୀ ଓ ଆତ୍ମଶକ୍ତିର ଜାଗରଣ

**ଡକ୍ଟର ଭାଗ୍ୟଲିପି ମଲ୍ଲ**

ଗାନ୍ଧିଜୀ ଅନେକଥର ଓଡିଶା ଆସିଛନ୍ତି । ଏହାର ପ୍ରାମାଣିକ ତଥ୍ୟ ଓଡିଶା ରାଜ୍ୟ ଅଭିଲେଖାଗାରରେ ଗଚ୍ଛିତ ଅଛି । ଓଡିଶାର ଲୋକମାନଙ୍କ ମନରେ କାହାଣୀ ମାଧ୍ୟମରେ ଆତ୍ମଶକ୍ତିର ଜାଗରଣ କରାଇଛନ୍ତି । ୧୯୩୪ ମସିହା ଜୁନ୍ ମାସ ୯ ତାରିଖରେ ଭଦ୍ରକଠାରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଆତ୍ମଶକ୍ତି ସଂପର୍କରେ ଉଦାହରଣଟିଏ ଦେଇଥିଲେ । ''ସିଂହୀଟିଏ ଗର୍ଭିଣୀ ଥାଏ । ଦିନେ ଭୋକ ଲାଗିଲା । ଆହାର ଖୋଜି ଖୋଜି ଘନଜଙ୍ଗଲ ଛାଡ଼ି ବୁଦୁବୁଦୁକିଆ ଜଙ୍ଗଲ ଭିତରକୁ ଆସିଗଲା । ଆଗରେ ଦେଖିଲା ମେଣ୍ଢାପଲ । ଭୋକର ତାଡି ସମ୍ଭାଳି ପାରିଲା ନାହିଁ । ପଲ ଭିତରକୁ କୁଦା ମାରିଲା । ମେଣ୍ଢାଟିଏ ହେଲା ତା'ର ଶିକାର । ଠିକ୍ ଏତିକିବେଳେ ସିଂହୀଗର୍ଭରୁ ନବଜାତକଟିଏ ମାଟି ଛୁଇଁଲା । ମାତ୍ର ବିଚାରୀ ସିଂହୀ ତା' ଶାବକକୁ ନେଇପାରିଲା ନାହିଁ । ଜଙ୍ଗଲ ଭିତରକୁ ଚାଲିଗଲା । ଏଥର ସିଂହଛୁଆଟି ରହିଲା ମେଣ୍ଢାପଲ ଭିତରେ । ବଢ଼ିଲା ଏବଂ ଧୀରେ ଧୀରେ ଆଚରଣରେ ସେ ମେଣ୍ଢା ପରି ହୋଇଗଲା ।



ଆଉ ଦିନକର କଥା । ସିଂହଟିଏ ଶିକାର ଉଦ୍ଦେଶ୍ୟରେ ସେଇ ମେଣ୍ଢାପଲ ଉପରକୁ କୁଦା ମାରିଲା । ମେଣ୍ଢାମାନେ ଜୀବନ ବିକଳରେ କିଏ କୁଆଡ଼େ ପଳେଇଗଲେ, ଶେଷରେ ରହିଗଲା ସିଂହଛୁଆଟି । ସିଂହ ତାକୁ ଦେଖିଲା । ଆଶ୍ଚର୍ଯ୍ୟ ହେଲା– ସିଂହଛୁଆ ! ପୁଣି ମେଣ୍ଢାପଲ ଭିତରେ । ତାକୁ ଧରିଲା । ମାତ୍ର ଦେଖିଲା ତା'ର ଆଚରଣ ମେଣ୍ଢା ପରି । ଭୟାତୁର ଓ ନିର୍ବୋଧ । ତାକୁ ସାଙ୍ଗରେ ନେଇଗଲା । ଉଭୟ ଏକ ଝୋଲା ପାଖରେ ଠିଆ ହେଲେ । ଧୀର ପାଣି । ସିଂହ କହିଲା– ପାଣିକୁ ଚାହାଁ । ମେଣ୍ଢାଛୁଆ ପାଣିକି ଚାହିଁଲା । ତା'ପରେ ସିଂହ କହିଲା– ମତେ ଚାହାଁ । ସିଂହଛୁଆ ତା' ଆଦେଶ ମାନିଲା । ସିଂହ ଏଥର ପଚାରିଲା– ପାଣି ଭିତରେ କ'ଣ ଦେଖିଲୁ ? ସିଂହ ଛୁଆ କହିଲା– ମତେ । ତା' ପରର ପ୍ରଶ୍ନ– ତୁ କାହା ପରି ଦିଶୁଥିଲୁ ? ଛୁଆଟି କହିଲା– ତମ ପରି । ସିଂହଟି ବୁଝେଇଦେଲା– ତୁ ଯେଉଁମାନଙ୍କ ଗହଣରେ ବଞ୍ଚୁଥିଲୁ, ସେମାନେ ତୋ ପରି ନୁହନ୍ତି । ସେମାନେ ମେଣ୍ଢା, ଆଉ ତୁ ସିଂହ । ଆ... ମୋ ସାଙ୍ଗରେ ଆ... । ମେଣ୍ଢାମାନେ ଭୟାଳୁ । ଆମେ ବୀର । ସିଂହ ଜୀବନ ଭୟରେ ପଛଘୁଞ୍ଚା ଦିଏନାହିଁ । ବୀର ପରି ବଞ୍ଚେ । ତୋତେ ବୀର ପରି ବଞ୍ଚିବାକୁ ହେବ । ଉଭୟେ ଏଥର ଜଙ୍ଗଲକୁ ଚାଲିଗଲେ ।''

ପୁଣି, ଗାନ୍ଧିଜୀ କଥା ପ୍ରସଙ୍ଗରେ ପୁରାଣରୁ ଦୁଇଟି ଚରିତ୍ରର ଉଦାହରଣ ଦେଇଥିଲେ । ଜଣେ ପ୍ରହ୍ଲାଦ– ଆଉ ଜଣେ ଧ୍ରୁବ । ଜଣେ ଆତ୍ମଶକ୍ତି ବଳରେ କହିଲା– ଈଶ୍ୱର ସବୁଠି ଅଛନ୍ତି । କ୍ଷମତା ମଦମତ୍ତ କହିଲା– କ'ଣ ଏ ଖୁଣ୍ଟରେ ? ପ୍ରହ୍ଲାଦ କହିଲା– ହଁ, ଖୁଣ୍ଟରେ । ହିରଣ୍ୟକଶୀପୁ କ୍ଷମତାମତ୍ତରେ ଖୁଣ୍ଟକୁ ଆଘାତ କଲା ଏବଂ ଖୁଣ୍ଟ ଭିତରୁ ନୃସିଂହ ଆତ୍ମପ୍ରକାଶ କଲେ । ଆଉ ଜଣେ ପିତୃସୁଖ ବଞ୍ଚିତ ପୁତ୍ରକୁ ମାଆ ସୁନୀତି କହିଲେ– ତୁ ସାଧନା ବଳରେ ଆତ୍ମଶକ୍ତି ଜାଗ୍ରତ କଲେ ସବୁକିଛି ପାଇପାରିବୁ । ବାର ବର୍ଷର ବାଳକ ଧ୍ରୁବ । ତପସ୍ୟା ବଳରେ ଦୃଢ଼ ଆତ୍ମଶକ୍ତିର ଅଧିକାରୀ ହେଲେ, ପାଇଲେ ଧ୍ରୁବଲୋକ । ଗାନ୍ଧିଜୀଙ୍କର ଏ କଥା ଶୁଣି ଜଣେ କର୍ମୀ ପଚାରିଲେ– ବାପୁ ! ଏ ଗପ କାହିଁକି ? ବାପୁ ଉତ୍ତର ଦେଲେ– ପ୍ରତ୍ୟେକ ବ୍ୟକ୍ତି ଭିତରେ ଯେଉଁ ଶକ୍ତି ରହିଛି ତାହା ସେ ଜାଣିପାରେନି । ତାକୁ ଜଣେଇବାକୁ ପଡ଼ିବ– ସେ

କିଏ ? ତା' ଭିତରେ କେତେ ସାମର୍ଥ୍ୟ ଓ ଶକ୍ତି ନିହିତ ଅଛି । ଥରେ ଆପଣାକୁ ଚିହ୍ନିଗଲା ପରେ ଅଗ୍ରଗତିକୁ ଆଉ କେହି ଅଟକାଇ ପାରିବେ ନାହିଁ । ନିଜକୁ ଜାଣିଲେ, ନିଜର ସାମର୍ଥ୍ୟକୁ କଳନା କଲେ, ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରକଟିତ ହୁଏ ।

ଏ କଥା କହିବାର ଅର୍ଥ, ଗାନ୍ଧିଜୀ ନିଜ ଭିତରେ ଥିବା ସାମର୍ଥ୍ୟକୁ ଅନୁଭବ କରିଥିଲେ ଏବଂ ଅନୁଭବ କରିଥିଲେ ଭାରତୀୟମାନଙ୍କ ଭିତରେ ଥିବା ଭୀରୁତାକୁ । ଏହି ଭୀରୁତା ଜନ୍ମଗତ ନୁହେଁ, କି ସ୍ୱଅର୍ଜିତ ନୁହେଁ । ଶହ ଶହ ବର୍ଷର ବୈଦେଶିକ ଶାସନ ଓ ଉପନିବେଶବାଦୀମାନଙ୍କ ଚକ୍ରାନ୍ତ ସେମାନଙ୍କ ମନରେ ଏକପ୍ରକାର ହୀନମନ୍ୟତା ସୃଷ୍ଟି କରିଥିଲା । ଭୀରୁତା ତ ହୀନମନ୍ୟତାର ସନ୍ତାନ । ସେମାନଙ୍କ ମନରୁ ଏହି ହୀନମନ୍ୟତା ଦୂରେଇବାକୁ ପଡ଼ିବ । ନିଜ ସାମର୍ଥ୍ୟ ସଂପର୍କରେ ସଚେତନ କରାଇବାକୁ ପଡ଼ିବ । ସେମାନଙ୍କୁ ମାନବତାର ମନ୍ତ୍ରରେ ଦୀକ୍ଷିତ କରାଇବାକୁ ପଡ଼ିବ । କେବଳ ଆତ୍ମଶକ୍ତି ନୁହେଁ, ସେମାନଙ୍କ ମନରେ ଭାରତବର୍ଷର ଐତିହ୍ୟ, ସଂସ୍କୃତି ଓ ବୀରତ୍ୱ ଉଜ୍ଜୀବିତ କରାଇବାକୁ ପଡ଼ିବ । ତା' ନହେଲେ ସେମାନେ ଭୀରୁତା ଓ ପରାଧୀନତାବୋଧରୁ ମୁକ୍ତ ହୋଇପାରିବେ ନାହିଁ । ସେମାନଙ୍କର ଆତ୍ମଶକ୍ତି ଜାଗ୍ରତ ନହେଲେ ସ୍ୱାଧୀନତା ସଂଗ୍ରାମରେ ଜୟଯୁକ୍ତ ହେବା ସମ୍ଭବ ନୁହେଁ । ଗାନ୍ଧିଜୀ କଠୋପନିଷଦର ପ୍ରଥମ ମନ୍ତ୍ର ଉଚ୍ଚାରଣ କରିଥିଲେ– 'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନିବୋଧତା...' । ଆତ୍ମଶକ୍ତିକୁ ଜାଗ୍ରତ କରିବାପାଇଁ ଗାନ୍ଧିଜୀ ସତ୍ୟାଗ୍ରହ କରୁଥିଲେ । ସତ୍ୟାଗ୍ରହର ଅର୍ଥ ଚେତନାର ଉନ୍ମୀଳନ, ସତ୍ୟ ପ୍ରତି ଉନ୍ମୁଖତା । ଗାନ୍ଧିଜୀଙ୍କ ସମଗ୍ର ଜୀବନ ଏହି ଜାଗୃତି ମନ୍ତ୍ରରେ ହିଁ ଦୀପ୍ତିମନ୍ତ ଥିଲା ।

ମାତ୍ର ଏହାର ଅର୍ଥ ନୁହେଁ ଯେ, ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଥିଲା ଆକ୍ରମଣାତ୍ମକ । ସେ ମେଣ୍ଢାମାନଙ୍କୁ ବି ଭଲ ପାଉଥିଲେ ଏବଂ ମେଷତ୍ୱ ବା ଭୀରୁତାରୁ ମୁକ୍ତି ପାଇଁ ମଧ୍ୟ ଗୋଷ୍ଠୀଗତ ସଂଗ୍ରାମ କରିବାକୁ ଉଦ୍‌ବୋଧିତ କରୁଥିଲେ । କହୁଥିଲେ– ସିଂହ ପରି ଦିଶୁଥିବା ବ୍ରିଟିଶ୍ ଉପନିବେଶବାଦୀମାନଙ୍କର ମୁକାବିଲା କରିବାକୁ ହେଲେ ନିଜ ଭିତରେ ଥିବା ସାମର୍ଥ୍ୟକୁ ହିଁ ପ୍ରଥମେ ଆକଳନ କରିବାକୁ ପଡ଼ିବ । ମାତ୍ର ଆକ୍ରମଣ ନୁହେଁ, ଏଥିପାଇଁ ଆବଶ୍ୟକ ମାନସିକ ଦୃଢ଼ତା ଓ ଆତ୍ମଶକ୍ତିର ଜାଗୃତି । ଗାନ୍ଧିଜୀଙ୍କ ପରିଭାଷାର ମୂଳମନ୍ତ୍ର ଥିଲା ଅହିଂସା । ସ୍ୱରାଜ ହାସଲ କରିବା ପାଇଁ ଯେଉଁ ଲଢ଼େଇର ଆବଶ୍ୟକତା ଥିଲା, ତାହା ଥିଲା ଅହିଂସାତ୍ମକ ସତ୍ୟାଗ୍ରହ । ତାଙ୍କର ସତ୍ୟାଗ୍ରହକୁ ସମ୍ମାନ ଜଣାଇ ଭାରତବର୍ଷର ଘରକୋଣ ଭିତରେ ବଞ୍ଚୁଥିବା ଲକ୍ଷ ଲକ୍ଷ ନାରୀ ଓ ବାଳିକା ସ୍ୱାଧୀନତା ସଂଗ୍ରାମରେ ସାମିଲ ହେଲେ । ରାଜନୈତିକ ସ୍ୱାଧୀନତା ସହିତ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଭାରତୀୟତାର ଜାଗରଣ ଗାନ୍ଧିଜୀଙ୍କର ଲକ୍ଷ୍ୟ ଥିଲା । ପ୍ରେକ୍ଷାପଟ୍ଟରେ ଆବିର୍ଭାବ ହେଲେ ଲକ୍ଷ୍ମୀବାଈ–ତାରାବାଈଙ୍କ ପରି ବିପ୍ଳବିନୀ ନାରୀନେତ୍ରୀ । ଓଡ଼ିଶା ଭୂମିରେ ଏହି ମାନସିକତାର ପ୍ରତିଧ୍ୱନି ଶୁଣାଗଲା ସରଳା ଦେବୀ, ମାଳତୀ ଦେବୀ, ରମା ଦେବୀ, କୁନ୍ତଳାକୁମାରୀ, ପାର୍ବତୀ ଗିରି ପରି ନାରୀମାନଙ୍କ ଓଜସ୍ୱିନୀ ବାଣୀରେ । ପୁରୁଷମାନଙ୍କ ସହ ତାଳଦେଇ କାନ୍ଧରେ କାନ୍ଧ ମିଳାଇ ନାରୀମାନେ ଘରକୋଣରୁ ଆସି ଆନ୍ଦୋଳନରେ ଯୋଗଦେଲେ । କେବଳ ନିର୍ଯାତିତ ପୁରୁଷ ନୁହେଁ, ଅବଗୁଣ୍ଠନବତୀ ନାରୀର ଆତ୍ମଶକ୍ତି ଜାଗ୍ରତ ହେଲା ।

ଗାନ୍ଧିଜୀଙ୍କ ବିଚାର ଓ ଆଚରଣରେ ଥିଲା ଅଦ୍ଭୁତ ସାଦୃଶ୍ୟ, ଯାହା ସାଧାରଣ ମଣିଷମାନଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ । କଥା ପ୍ରସଙ୍ଗରେ, ଲେଖାରେ ଓ ଆଶ୍ରମ ଜୀବନରେ ନାରୀମାନଙ୍କୁ ସେମାନଙ୍କ ଶକ୍ତି ସଂପର୍କରେ ସେ ବାରମ୍ବାର ସଚେତନ କରିଦେଇଛନ୍ତି । ବିଚାରର ପରୀକ୍ଷାଗାର ହୋଇଛି ତାଙ୍କ ଘର, ପରିବାର ଓ ସେ ବଞ୍ଚୁଥିବା ପରିବେଶ । ସେ ଭାରତୀୟ ସମାଜ ବ୍ୟବସ୍ଥାରେ ଅନୁଭବ କରିଥିଲେ ଯେ, ନାରୀଟିଏ ପରିବାରରେ ଯଥାର୍ଥ ସୂତ୍ରଧାରିଣୀ । ଏକଥା ପୁରୁଷପ୍ରଧାନ ସମାଜ ବ୍ୟବସ୍ଥା ସ୍ୱୀକାର କରୁନଥିଲା । ବରଂ ପରାଧୀନତାର ବନ୍ଧନ ମଧ୍ୟରେ ସମାଜ ତାକୁ ବାନ୍ଧିରଖୁ ଥିଲା । ଗାନ୍ଧିଜୀ ଭାରତବର୍ଷରେ ନାରୀର ଏହି ଦୁଃସ୍ଥିତିକୁ ସେକାଳରେ ଅନୁଭବ କରିଥିଲେ ଏବଂ ସେ ଯେ ପୁରୁଷର ସନ୍ତାନଧାରିଣୀ ବା ସେବିକା ବା ଅନୁଗାମିନୀ କେବଳ ନୁହେଁ ସହଗାମିନୀ, ସହକର୍ମିଣୀ ଓ ସହଧର୍ମିଣୀ ମଧ୍ୟ । ସେ ଯେ ପୁରୁଷଠାରୁ ଅଧିକ ଶକ୍ତିମୟୀ– ଏହି ବିଚାରକୁ ନାରୀମାନଙ୍କ ମଧ୍ୟରେ ସଂଚରିଦେବା ଲାଗି ଚାହିଁଥିଲେ ଗାନ୍ଧିଜୀ ଏବଂ କହିଥିଲେ– 'ଯେଉଁଦିନ ଜଣେ ନାରୀ ସମାଜରେ ଯଥାର୍ଥ ସମ୍ମାନ ପାଇବ ସେହିଦିନ ଭାରତବର୍ଷରେ ଏକ ସାମାଜିକ ବିବର୍ତ୍ତନର ସୂର୍ଯ୍ୟୋଦୟ ହେବ ଏବଂ ଏକଥା ବି ଥରେ ସେ କହିଛନ୍ତି– ଯେଉଁଦିନ ଅର୍ଦ୍ଧରାତ୍ରରେ ଜଣେ ନାରୀ ଏକାକିନୀ ସ୍ୱାଧୀନ ଭାବରେ ରାଜରାସ୍ତାରେ ନିରାପଦରେ ବିଚରଣ କରିପାରିବ, ସେହିଦିନ ଭାରତବର୍ଷର ପ୍ରକୃତ ସ୍ୱାଧୀନତା ଆସିଲା ବୋଲି ଜଣାଯିବ ।

ମାତ୍ର ସ୍ୱାଧୀନତାର ବହୁ ବର୍ଷ ପରେ ଭାରତୀୟ ସମାଜ ବ୍ୟବସ୍ଥାରେ ନାରୀମାନଙ୍କର ସ୍ଥିତି (ଦୁଃସ୍ଥିତି) ଗାନ୍ଧିଜୀଙ୍କ ସ୍ୱପ୍ନକୁ କେତେଦୂର ସାକାର କରିପାରିଛି, ତାହା ନିଶ୍ଚିତ ରୂପେ ଚିନ୍ତନୀୟ ।


◆◆◆

କେବଳ ନାରୀର ଆତ୍ମଶକ୍ତି ଜାଗୃତି ନୁହେଁ, ଗାନ୍ଧିଜୀ ଭାବୀ– ଭାରତବର୍ଷର ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ତାହା କେତେଦୂର ସାକାର ହୋଇଛି ତାହା ମଧ୍ୟ ଚିନ୍ତା କରିବାର କଥା । ପରିବର୍ତ୍ତିତ ପରିସ୍ଥିତିରେ ସ୍ୱାର୍ଥତ୍ୟାଗର ମହନୀୟ ଆଦର୍ଶ ଆଜି ସ୍ୱାର୍ଥାନ୍ୱେଷୀ ମାନଙ୍କ ଦ୍ୱାରା କବଳିତ । କଥା ଓ କାର୍ଯ୍ୟ ଭିତରେ ଆକାଶ–ପାତାଳ ପ୍ରଭେଦ । ମାତ୍ର ଗାନ୍ଧିଜୀଙ୍କ କଥା ଓ କାର୍ଯ୍ୟରେ ପାର୍ଥକ୍ୟ ନଥିଲା । ତାଙ୍କ ଜୀବନ ଥିଲା ତାଙ୍କ କଥାର ପରୀକ୍ଷାଭୂମି ।

ସେ ସ୍ପଷ୍ଟ ଭାବରେ କହିଛନ୍ତି– ଜଣେ ଆତ୍ମଶକ୍ତିକୁ ଅନୁଭବ କରିନପାରିଲେ ଜୀବନର ଅର୍ଥକୁ ଅନୁଭବ କରିପାରିବ ନାହିଁ । ଏହି ଆତ୍ମଶକ୍ତି ହିଁ ମଣିଷକୁ ଯଥାର୍ଥଭାବେ ଗତିଶୀଳ କରେ, କ୍ଷମତାକୁ ଆହ୍ୱାନ ଦିଏ ଏବଂ ବିଷମତାର ସକଳ ବାଡ଼କୁ ଉତ୍ପାଟନ କରିବା ଲାଗି ବ୍ୟକ୍ତିକୁ ପ୍ରଚୋଦିତ କରେ । ଆତ୍ମଶକ୍ତିକୁ ଅନୁଭବ କରିପାରିନଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ ଆଜି 'ମହାତ୍ମା' ହୋଇପାରିନଥାନ୍ତେ । ଏଇ ଆଦର୍ଶକୁ ଏବେ ପ୍ରତ୍ୟେକ ଭାରତବାସୀ ଅନୁଭବ କରିବାର ଆବଶ୍ୟକତା ରହିଛି । ଜଣେ ଆତ୍ମଶକ୍ତିକୁ ଅଧ୍ୟାତ୍ମ ଶକ୍ତିରେ ରୂପାନ୍ତର କରିନପାରିଲେ ସାହସୀ ହୁଏ ନାହିଁ । ଜଡ଼ତାକୁ, ସ୍ଥାଣୁତାକୁ ଭାଙ୍ଗିପାରେ ନାହିଁ । ଗାନ୍ଧିଜୀଙ୍କ ଭିତରେ ସେଇ ଆତ୍ମଶକ୍ତି ସଦା ସକ୍ରିୟ ଥିଲା । ତେଣୁ ସେ ଜଡ଼ତାକୁ ଭାଙ୍ଗିପାରୁଥିଲେ । ଭାରତ ପାଇଁ ସ୍ୱାଧୀନତା ଆଣିଦେଇ ପାରିଥିଲେ । ତେଣୁ ସେ ମହାତ୍ମା, ଆମର ନମସ୍ୟ ।

ଗାନ୍ଧିଜୀ ଓଡିଶାକୁ ଭଲ ପାଉଥିଲେ । ଥରେ ନୁହେଁ ବାରମ୍ବାର ଆସିଛନ୍ତି । ଓଡିଶାର ଲୋକମାନଙ୍କ ସହ ମିଶିଛନ୍ତି । ଭାରତର ସ୍ୱାଧୀନତା ଓ ସ୍ୱାଭିମାନ କଥା ଆଲୋଚନା କରିଛନ୍ତି । ଓଡିଶାକୁ ଗାନ୍ଧିଜୀଙ୍କ ଆଗମନ ସଂପର୍କରେ ଖବର ବିଭିନ୍ନ ପୁରାତନ ସଂବାଦପତ୍ରରେ ପ୍ରକାଶ ପାଇଛି । ଏ ସଂପର୍କିତ ପ୍ରାମାଣିକ ତଥ୍ୟ ଓଡିଶା ରାଜ୍ୟ ଅଭିଲେଖାଗାରରେ ଗଚ୍ଛିତ ଅଛି । ଏହାର ଉଦ୍ଧୃତାଂଶ ନିମ୍ନରେ ଉପସ୍ଥାପନ କରାଯାଇଛି ।

ଗାନ୍ଧୀଙ୍କ ତା ୨୩ ମାର୍ଚ୍ଚରୁ ୨୯ ମାର୍ଚ୍ଚ ୧୯୨୧ରେ ଓଡ଼ିଶା ଆଗମନ ବିଷୟରେ 'ଆଶା' ଖବର କାଗଜରେ ପ୍ରକାଶିତ ଖବର ।



ଆଶା– ୪ ଏପ୍ରେଲ ୧୯୨୧

**ମହାତ୍ମାଗାନ୍ଧୀ ମାର୍ଚ୍ଚ ୨୩ ତାରିଖ ସକାଳେ କଟକ ରେଲୱେ ଷ୍ଟେସନରେ ପ୍ରଦାର୍ପଣ କଲେ । ତାଙ୍କର ଆଗମନ ସମ୍ବାଦପାଇ ତାଙ୍କର ଅଭ୍ୟର୍ଥନା ନିମନ୍ତେ କଟକ ଷ୍ଟେସନ ଠାରେ ଦଶ ସହସ୍ରାଧିକ ଲୋକ ସମାଗମ ହୋଇଥିଲେ । ସେ ଦିନ ସନ୍ଧ୍ୟା ୫ଟା ସମୟରେ କାଠଯୋଡି ନଦୀବାଲିରେ ୧୦ ହଜାର ଲୋକଙ୍କ ସମାଗମରେ ଏକ ବିରାଟ ସଭାହୋଇଥିଲା । ମହାତ୍ମାଗାନ୍ଧୀ ଅସହଯୋଗ ନୀତି ଓ ଖିଲାଫତ୍ ଆନ୍ଦୋଳନ ବିଷୟରେ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ ।**

**୨୩ ମାର୍ଚ୍ଚ ୧୯୨୧**

**ମାର୍ଚ୍ଚ ୨୪ ତାରିଖ ସକାଳେ ମହାତ୍ମାଗାନ୍ଧୀ କଟକର କଦମ-ରସୁଲ ମସଜିଦ୍ ଠାରେ ଖିଲାପତ ପ୍ରସଙ୍ଗରେ ବକ୍ତୃତା ଦେଇ ମୁସଲମାନମାନଙ୍କୁ ଉତ୍ସାହିତ କରିଥିଲେ । ଦିନ ଦୁଇ ଘଣ୍ଟା ବେଳେ ମହାତ୍ମାଗାନ୍ଧୀ, ବିନୋଦ ବିହାରୀ ମନ୍ଦିରଠାରେ ମହିଳାଙ୍କ ସଭାରେ ସ୍ୱୀୟ ଯୋଗଦାନ କରି ଭାରତୀୟ ନାରୀଜାତିର କର୍ତ୍ତବ୍ୟ ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରିଥିଲେ ।**

**୨୪ ମାର୍ଚ୍ଚ ୧୯୨୧**

**ସେ ୨୭ ତାରିଖ ରବିବାର ପୁରୀରେ ରହି ଅପରଦିନ ସନ୍ଧ୍ୟା ଏକ୍ସପ୍ରେସ ଗାଡିରେ ବ୍ରହ୍ମପୁର ଯାତ୍ରାକଲେ । ସେହିଦିନ ଦଶ ଘଣ୍ଟା ବେଳେ ସେ ଖଲିକୋଟ ଡାୟମ ଜୁବୁଲି ଟାଉନ ହଲରେ ଉପସ୍ଥିତହୋଇ ବକ୍ତୃତା ପ୍ରଦାନ କରିଥିଲେ ।**

**୨୭ ମାର୍ଚ୍ଚ ୧୯୨୧**

ଗାନ୍ଧୀଙ୍କ ୧୯୨୫ ମସିହାରେ ଓଡିଶା ଆଗମନ ବିଷୟରେ 'ଉତ୍କଳ ଦୀପିକା' ଖବରକାଗଜରେ ପ୍ରକାଶିତ ସଂବାଦ।

ଉତ୍କଳ ଦୀପିକା–୧୯୨୫

# ବେଲଗାଁ କଂଗ୍ରେସ ବୈଠକରେ ।

ଗାନ୍ଧୀ ୨୬ ତାରିଖ ଦିନ ୩ଟାରେ ଉପସ୍ଥିତ ହୋଇଥିଲେ । ତାଙ୍କର ଅଭିଭାଷଣରେ କହିଥିଲେ ସ୍ୱରାଜ ଲାଭ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ । ଆଉ ଚରଖା ହିଁ ଏକମାତ୍ର ଉପାୟ । ଏହି ବୈଠକରେ ଅନେକଗୁଡିଏ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବଗୁଡିକ ମଧ୍ୟରେ ଜାତୀୟ ସ୍କୁଲମାନଙ୍କୁ ସ୍ଥାୟୀକରଣ ଏବଂ ଉକ୍ତ ସ୍କୁଲମାନଙ୍କରେ ପଢୁଥିବା ହିନ୍ଦୁମୁସଲମାନ ଛାତ୍ରମାନଙ୍କ ମଧ୍ୟରେ ଥିବା ଅସ୍ପୃଶ୍ୟତା ଦୂରୀକରଣ ।

୩ ଜାନୁୟାରୀ ୧୯୨୫

# (ମହାତ୍ମାଙ୍କ ଆଗମନ)

ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରକାଶ ଯେ – ସେ ଆଗାମୀ ମେ ଓ ଜୁନ ମାସରେ ବଙ୍ଗ, ବିହାର ଓ ଓଡିଶା ପ୍ରଦର୍ଶନ କରିବେ । ଗାନ୍ଧୀଙ୍କର ପ୍ରିୟ 'ଅରଟ' ହିଁ ଦରିଦ୍ରତା ନିବାରଣର ପ୍ରଧାନ ଉପାୟ । ଗାନ୍ଧୀଙ୍କ ଆଗମନ ନିମନ୍ତେ 'ଅରଟ' ହିଁ ଅଭ୍ୟର୍ଥନାର ପ୍ରଧାନ ଆକର୍ଷଣ ।

୨୫ ଏପ୍ରିଲ ୧୯୨୫

# (ମହାତ୍ମାଙ୍କ କଟକ ଆଗମନ)

ମହାତ୍ମାଗାନ୍ଧୀ ଗତ ୧୯ ତାରିଖ ୪ଟା ୪୬ ମିନିଟରେ କଟକ ଷ୍ଟେସନରେ ପହଞ୍ଚିଲେ । ଗାନ୍ଧୀଙ୍କର ଟାନେରୀ ପରିଦର୍ଶନ ଥିଲା ମୁଖ୍ୟ ଉଦ୍ଦେଶ୍ୟ ।

୨୨ ଅଗଷ୍ଟ ୧୯୨୫

# (ଆଧୁନିକ ଶିକ୍ଷା ଓ ମହାତ୍ମାଗାନ୍ଧୀ)

୨୦ ତାରିଖ ସନ୍ଧ୍ୟା ୭ଟାରେ ଗାନ୍ଧୀ କଟକରୁ ଫେରି ଅଳକାଶ୍ରମ କର୍ମୀମାନଙ୍କୁ ସାକ୍ଷାତ । ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ – ପୁସ୍ତକଗତ ବିଦ୍ୟା ଶିକ୍ଷା ଅପେକ୍ଷା ପ୍ରଥମେ ହସ୍ତକୁ ଉତ୍ତମରୂପେ ଶିକ୍ଷିତ କରାଇବା ଆବଶ୍ୟକ । ବିଶେଷକରି ଦେଶର ଅବସ୍ଥାକୁ ଲକ୍ଷ୍ୟ କରି ପରିଶ୍ରମ ଉପରେ ପ୍ରାଧାନ୍ୟ ଦେଇଥିଲେ ।

୫ ସେପ୍ଟେମ୍ବର ୧୯୨୫

## ୧୯୨୫ ମସିହାରେ ଗାନ୍ଧୀଙ୍କ ଓଡ଼ିଶା ଆସିବା ବିଷୟରେ ବାବୁ ମଧୁସୂଦନ ଦାସଙ୍କ ନିକଟକୁ ପଠାଇଥିବା ପତ୍ର ।

148, Russa Road,
Calcutta, 12.8.25.

Acc.NO.1983 Pur.
7-3-80
FL.1

Dear friend,

I have your prompt reply to my wire. I have been constantly thinking of you, but till I was in Jamshedpur I could not make up my mind to pay a special visit to Cuttuck merely to see your undertaking. Having, however, gone to Jamshedpur, my conscience pricked me, and told me that I must likewise go to Cuttuck and see your tannery. I leave on Tuesday by the Puri Express- is it not? It reaches Cuttuck, I understand, 4 O'clock in the morning. I shall stay two days. I know you cannot keep my visit secret, but I do not want a burdensome programme. I want throughly to study the Tannery and your requirements, and discover whether I can give you any help.

I would love to put up with you; but I am bringing Messrs. Rangalal and Satish Chandra Das Gupta with me. The first friend is a Marwari gentleman, whom I am trying to interest

(2)

in tanneries as an item in cow protection. The second you know, and there will be a third with me, probably Mahadev Desai, whom you also know. Now, you may put me up wherever you like.

I must collect from the Bengali friends there for the Deshabandhu Memorial; and you will, of course, teach me how to spread the message of the Spinning Wheel in Utkal. Though the Congress has spent money like water there, it has made very little headway in Utkal. I have not, however, despaired.

Yours sincerely,

M.K.Gandhi

Babu
Madhusudan Das,
Cuttuck.

ଗାନ୍ଧୀଙ୍କ ୨୦ ଡିସେମ୍ବର ୧୯୨୮ରେ ଓଡିଶାର ସମ୍ବଲପୁର ଗସ୍ତ ।

ଉତ୍କଳ ଦୀପିକା–୦୧ ଡିସେମ୍ବର ୧୯୨୮

ଡିସେମ୍ବର ମାସ ୧୯୨୮ ମସିହାରେ ମହାତ୍ମାଗାନ୍ଧୀ ଓଡିଶା ହୋଇ କଲିକତାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗଦେବାପାଇଁ ଆସିଥିଲେ । ତତ୍‌ପରେ ସେ ଝାରସୁଗୁଡାର ଏକ ସଭାରେ ଭାଷଣ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଖଦି ସଂପର୍କୀୟ ବିବରଣୀ ପ୍ରଦାନ କରିଥିଲେ । ପରଦିନ ସେ ସମ୍ବଲପୁରର ଏକ ସଭାରେ ମଧ୍ୟ ଯୋଗଦେଇଥିଲେ । ପାଖାପାଖି ୧୦ ହଜାର ଲୋକ ଏହି ସଭାରେ ଉପସ୍ଥିତ ଥିଲେ ।

୨୨ ଡିସେମ୍ବର ୧୯୨୮

# ଗାନ୍ଧୀଙ୍କ ୦୨-୨୨ ଡିସେମ୍ବର ୧୯୨୭ରେ ଓଡିଶା ଗସ୍ତ ସୂଚୀ ।

## ଉତ୍କଳ ଦୀପିକା-୦୩-ଡିସେମ୍ବର ୧୯୨୭

ବନ୍ୟା ସାହାଯ୍ୟ

## ମହାତ୍ମାଜିଙ୍କ

ଗଞ୍ଜାମ ଗସ୍ତ ନିର୍ଘଣ୍ଟ

୨-୧୨-୨୭ ଶୁକ୍ରବାର

୫-୪୫ ସନ୍ଧ୍ୟା ଚିକାକୋଲ ରେଲ୍‌ଷ୍ଟେସନ

୬-୩୦ ସନ୍ଧ୍ୟା ଚିକାକୋଲ

[ରାତି ବିଶ୍ରାମ ଚିକାକୋଲ]

୩ ୧୨-୨୭ ଶନିବାର

୭ ଟା ସକାଳ-ଚିକାକୋଲ ସହରରେ ମୁନିସିପାଲିଟି ଅଭିନନ୍ଦନ ଇତ୍ୟାଦି ।

୭-୩୦ ସକାଳ—ଚିକାକୋଲ ଛାଡ଼ିବେ

୮-୪୫ ସକାଳ—ଭିଲରୁ ପହଞ୍ଚିବେ

୯ ଟା ସକାଳ—ଭିଲରୁ ସଭା

୧୦ ଟା ସକାଳ—ପାରଳାଖେମୁଣ୍ଡିରେ ମହାତ୍ମାଙ୍କ ଭୋଜନ

୧୧-୩୦ ସକାଳ—ପରଳାଖେମଣ୍ଡି ସଭା, ମୁନିସିପଲିଟିର ଅଭିନନ୍ଦନ ଇତ୍ୟାଦି

୧୨ ଟା ସକାଳ-ପରଳାଖେମଣ୍ଡି ଛାଡ଼ିବେ

୧୨-୧୫ ମଧ୍ୟାହ୍ନ ମେଲିଅପୁଟରେ ୫ ଠା ଉପହାର ପାର୍ଶ୍ଵ ପ୍ରଦାନ

[କଲୁଡ଼ା କାହିଁ]

୧-୩୦ ଅପରାହ୍ଣ—ପ୍ରତ୍ରି ପହଞ୍ଚିବେ

୪-୩୦ ଅପରାହ୍ଣ—ପ୍ରତ୍ରି ସଭା

[ରାତି ବିଶ୍ରାମ ପ୍ରତ୍ରିଠାରେ]

୪ ୧୨-୨୭ ରବିବାର

୭ ଟା ସକାଳ—ପ୍ରତ୍ରି ଛାଡ଼ିବେ

୭-୨୦ ସକାଳ—[illegible] ଠାରେ ପହଞ୍ଚିବେ

[କଲୁଡ଼ା କାହିଁ]

୭-୧୫ ସକାଳ—ବାରୁଆ ସଭା

୭-୪୫ ସକାଳ—ବରୁଆ ଛାଡ଼ିବେ

୮-୩୦ ସକାଳ—କାବିଟି ସଭା

୧୦ ସକାଳ—ଇଚ୍ଛାପୁର ପହଞ୍ଚିବେ

୧୦-୩୦ ସକାଳ—ଇଚ୍ଛାପୁର ସଭା

୧୦-୪୫ ସକାଳ—ଇଚ୍ଛାପୁର ଛାଡ଼ିବେ

୧୧-୩୦ ସକାଳ—ବହ୍ମପୁରରେ ପହଞ୍ଚିବେ

୩-୩୦ ଅପରାହ୍ଣ—ବ୍ରହ୍ମପୁର ମହିଳା ସଭା

୪-୩୦ ଅପରାହ୍ଣ—ଛତ୍ରପୁରଠାରେ ସଭା

୬-୧୫ ସନ୍ଧ୍ୟା—ବ୍ରହ୍ମପୁରରେ ପୁଣି ପହଞ୍ଚି ଛାତ୍ରମାନଙ୍କ ଅଭିନନ୍ଦନ ଓ ପାର୍ଶ୍ଵ ଉପହାର

[ରାତି ବିଶ୍ରାମ ବ୍ରହ୍ମପୁର]

୫-୧୨-୨୭ ସୋମବାର

[ମହାତ୍ମାଙ୍କ ମୌନ ଦିବସ]

୬-୧୨-୨୭ ମଙ୍ଗଳବାର

୭ ଟା ସକାଳ—ବ୍ରହ୍ମପୁର ସର୍ବସାଧାରଣ ଓ ମୁନିସିପାଲ ଅଭିନନ୍ଦନ

୮ ଟା ସକାଳ-ଧଗପଦଣ୍ଡି ବାଟେ ଶେରଗଡ଼ ଯିବେ

୯-୧୫ ସକାଳ—ସନ୍ତ୍ରାସପୁରଠାରେ ସ୍ତ୍ରୀମାନେ ଉପହାର ପାର୍ଶ୍ଵ ପ୍ରଦାନ

[କଲୁଡ଼ା କାହିଁ]

୯-୩୦ ସକାଳ—ସେରଗଡ଼ ସଭା ଓ ଅଭିନନ୍ଦନ ପତ୍ରମାନ

୧୦ ସକାଳ—ସେରଗଡ଼ଠାରେ ମହାତ୍ମାଙ୍କ ଭୋଜନ

୧୦-୩୦ ସକାଳ—ସେରଗଡ଼ ଛାଡ଼ିବେ

---

ଦୀପିକା ।

୧୧ ଟା ସକାଳ—ଅସିକା ପହଞ୍ଚିବେ

୩ ଟା ଅପରାହ୍ଣ—ଅସିକା ସଭା

୪-୩୦ ସନ୍ଧ୍ୟା—ଇଯୁଲବୋଣ୍ଡା ସଭା ।

୬-୩୦ ସନ୍ଧ୍ୟା—ଅସିକା ବାଟେ ବୋଇରାଣୀ ପହଞ୍ଚିବେ

[ରାତି ବିଶ୍ରାମ ବୋଇରାଣୀ]

୭-୧୨-୨୭ ବୁଧବାର

୭ ୩୦ ସକାଳ—ପୁରୁଷୋତ୍ତମପୁର ସଭା

୭-୩୦ ସକାଳ—ବୋଇରାଣୀ ସର୍ବସାଧାରଣ ସଭା ଏବଂ ତାହା ପରେ ବାଇଶିପେଣ୍ଟର ତଳିଙ୍ଗ ବୈଶ୍ୟମାନଙ୍କ ସଭା ଓ ଉପହାର ପାର୍ଶ୍ଵ ପ୍ରଦାନ ।

୯ ଟା ସକାଳ—ପୋଲସରା ସଭା

୧୦-୩୦ ସକାଳ—କୋଦଳା ସଭା

୧୧ ଟା ଠାରୁ ୧୨ ଟା ସକାଳ-କୋଦଳାଠାରେ ସୂତାକଟା

୧୨-୩୦ ମଧ୍ୟାହ୍ନ-ଖଲ୍ଲିକୋଟରେ ପହଞ୍ଚିବେ

୩-୩୦ ଅପରାହ୍ଣ—ଖଲ୍ଲିକୋଟ ସଭା

୫ ଟା ସନ୍ଧ୍ୟା—ରମ୍ଭାରେ ପହଞ୍ଚିବେ

୫-୩୦ ସନ୍ଧ୍ୟା—ରମ୍ଭାରେ ସଭା ।

୮-୧୨-୨୭ ଗୁରୁବାର

୭ ଟା ସକାଳ—ରମ୍ଭା ଛାଡ଼ି ମୋଟରରେ ବାଣପୁର ।

ପୁରୀ, ବାଲେଶ୍ଵର, ସିଂହଭୂମି, ସମ୍ବଲପୁର ଓ କଟକ ଜିଲ୍ଲାମାନଙ୍କରେ ମହାତ୍ମାଙ୍କ ଗସ୍ତ ।

୮-୧୨-୨୭—ସକାଳ ୭-୫୭ ରେ ରମ୍ଭାରୁ ୨୧ ଡାଉନ ରେ ଯିବେ ।

ସକାଳ ୭-୫୯ ରେ କାଲୁଗାଁରେ ପହଞ୍ଚି ବାଣପୁର ଯିବେ । ପୁରୀ ଜିଲ୍ଲାରେ ବାଣପୁର, ଖୋର୍ଦ୍ଧା ଗଡ଼, ପୁରୀ ଓ ସାକ୍ଷୀଗୋପାଳ ଯିବେ । ୮ ଠାରୁ ୧୦ ତାରିଖ ଏଗାର ଦିନ ପୁରୀଜିଲ୍ଲା । ୧୦-୧୨-୨୭—ସନ୍ଧ୍ୟା ୭-୭ ରେ ପୁରୀ ଛାଡ଼ିବେ, ୯ ଡାଉନ୍‌ରେ ।

୧୧-୧୨-୨୭—ସକାଳ ୫-୧୮ ରେ ବାଲେଶ୍ଵର ପହଞ୍ଚିବେ । ବାଲେଶ୍ଵର ଜିଲ୍ଲାର ବୃନ୍ଦାବାଲି ବନ୍ୟାପୀଡ଼ିତ ଅଞ୍ଚଳ ବୁଲିବେ ଏବଂ ବାଲେଶ୍ଵର ସହର ଏକ ଦିନ ଲାଗିବ । ବାଲେଶ୍ଵରଠାରୁ ଖୋର୍ଦ୍ଧା ରେନାଲରେ ମୋଟର ଲଞ୍ଚରେ ବୃନ୍ଦାବାଲି ଯିବେ । ୧୨ ତାରିଖ ସୋମବାର ମୌନ ଦିବସ ବନ୍ୟା ପୀଡ଼ିତ ଅଞ୍ଚଳରେ କଟିବ ।

୧୫-୧୨-୨୭-ସନ୍ଧ୍ୟା ୬-୪୫ ଡାଉନରେ ବାଲେଶ୍ଵର ଛାଡ଼ି ଖଡ଼ଗପୁରଠାରୁ ୮୪ ଅପ ଧରିବେ ।

୧୬-୧୨-୨୭—ପାହାନ୍ତିଆ ୨-୩୩ ରେ ଟାଟାନଗର ପହଞ୍ଚିବେ ସନ୍ଧ୍ୟା ୬-୩୬ରେ ଟାଟାନଗର ଛାଡ଼ିବେ ୧୭ ଓ ୧୮ ତାରିଖ ସମ୍ବଲପୁର ଝାରସୁଗୁଡ଼ା ଓ ବରଗଡ଼

୧୮-୧୨-୨୭—ସନ୍ଧ୍ୟା ୫-୩୦ ରେ ସମ୍ବଲପୁର ୬୩ ଡାଉନରେ ଛାଡ଼ି ଝାରସୁଗୁଡ଼ାଠାରୁ ୭-୩୯ ରେ ୧ ଡାଉନ ଧରିବେ ।

୧୯-୧୨-୨୭—ପାହାନ୍ତି ୪-୧୫ରେ ଖଡ଼ଗପୁରଠାରେ ପହଞ୍ଚିବେ ସେଠାରୁ ୭୨ ଅପ ୫-୩୭ ପାହାନ୍ତିଆରୁ ଧରିବେ

ସକାଳ ୭-୫୧ ରେ ଜଳେଶ୍ଵର-ପହଞ୍ଚି ମୌନଦିବସ ସେଠାରେ କଟାଇବେ । ସନ୍ଧ୍ୟା ୭-୧୨ରେ ୬ ଅପ୍ ଜଳେଶ୍ଵରରୁ ଧରି କଟକ ପହଞ୍ଚିବେ ପାହାନ୍ତିଆ ୪-୧୨ରେ

୨୦ ଠାରୁ ତା ୨୨ ରଖ ଏହି ତିନିଦିନ କଟକ ଜିଲ୍ଲାଗସ୍ତ । ସ୍ଥାନମାନଙ୍କ ନାମ ପରେ ଦିଆଯିବ ।

— —

ଭଦ୍ରକ ଗାନ୍ଧି ଅଭ୍ୟର୍ଥନା କମିଟି

୩୦-୧୨-୨୭

ଗତ ସନ୍ଧ୍ୟା ୭ ଟାରେ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବାଗଛିବାଡ ଘରେ ଭଦ୍ରକ ଅଭ୍ୟର୍ଥନା କମିଟିର କାର୍ଯ୍ୟକାରୀ ସମିତିର ଗୋଟିଏ ବୈଠକ ବସିଥିଲା, ସେଥିରେ ନିମ୍ନଲିଖିତ ପ୍ରସ୍ତାବମାନ ଗୃହୀତ ହୋଇଅଛି ।

୧ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବାଗଛିବାଡ ଘରଟି ମହାତ୍ମାଜୀଙ୍କ ରହିବା ପାଇଁ ସ୍ଥିର କରାଗଲା ।

୨ ସ୍ୱେଚ୍ଛାସେବକ ସଂଗ୍ରହ ଓ ପରିଚାଳନା ନିମନ୍ତେ ଶ୍ରୀଯୁକ୍ତ ମଧୁସୂଦନ ବସ୍ତାଳ, ବାଞ୍ଛାନିଧି ମହାନ୍ତି ଓ ରଘୁନାଥ ମହାନ୍ତିଙ୍କୁ ନେଇ ଗୋଟିଏ ଭଲେଣ୍ଟିୟର ବୋର୍ଡ ଗଠନ କରାଗଲା, ମଧୁସୂଦନ ବସ୍ତାଳ ସେହି ବୋର୍ଡର ସମ୍ପାଦକ କାର୍ଯ୍ୟ କରିବେ ।

୩ ମହାତ୍ମାଜୀଙ୍କ ଉତ୍କଳଭ୍ରମଣ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଇଁ ୩ ଦିନ ରଖା ଯାଇଅଛି । ସେଥିରୁ ୨ ଦିନ ତରଖାସ୍ତଦର କାର୍ଯ୍ୟକାରୀ ସମିତିର ବୈଠକରେ ଯିବ । ଅବଶିଷ୍ଟ ଦିନକରେ ମହାତ୍ମାଜୀ କଟକ ଜିଲ୍ଲାର ମୋଫସଲର କ ଅବସ୍ଥା ଦେଖିବେ । ଯାଜପୁର, ଭଦ୍ରକ, ଜଗତସିଂହପୁର, ଚମ୍ପାପୁର ଏହି ସବୁ ସ୍ଥାନରୁ ନିମନ୍ତ୍ରଣ ଆସିଛି । ଏଥିପାଇଁ ଏହି କମିଟି ଉତ୍କଳ ଖଦଡବିଭାଗର ସମ୍ପାଦକ ନିରଞ୍ଜନ ପଟ୍ଟନାୟକଙ୍କୁ ଅନୁରୋଧ କରୁଛି ସେ ମହାତ୍ମାଜୀଙ୍କ ଭ୍ରମଣର କାର୍ଯ୍ୟକ୍ରମ ବଦଳାଇ ଆଉ ୨ ଦିନ ସମସ୍ତ କଟକ ଜିଲ୍ଲାକୁ ଦେବାର ସୁବିଧା କରନ୍ତୁ ।

ଶ୍ରୀ ଭଗବାନନ୍ଦ ଦାସ—ସମ୍ପାଦକ

---

### ବାଲେଶ୍ଵରରେ ବିରାଟ ଶୁଦ୍ଧି ଉତ୍ସବ

ଗତ ତା ୨୫ ରିଖ ଶୁକ୍ରବାର ପ୍ରାତଃ ଆଠ ଘଟିକା ସମୟରେ ବାଲେଶ୍ଵରର ଡେପୁଟି ପୋଷ୍ଟମାଷ୍ଟର ବାବୁ ହରପ୍ରସାଦ ଦାସ ଜଣେ ଖ୍ରୀଷ୍ଟିଆନ୍ ସନାତନ ହିନ୍ଦୁଧର୍ମର ପ୍ରାୟଶ୍ଚିତ୍ତ ବିଧି ଅନୁସାରେ ପ୍ରସିଦ୍ଧ ଆର୍ଯ୍ୟ ସମାଜର ନେତା ଡାକ୍ତର ଲକ୍ଷ୍ମୀପ୍ରସାଦ ବ୍ରହ୍ମଚାରୀ ବାରଣସୀ ଶାସ୍ତ୍ରୀ ଓ ହିନ୍ଦୁ ମିସନର ପ୍ରେସିଡେଣ୍ଟ ଶ୍ରୀମତ୍ ପରମହଂସ ସ୍ଵାମୀ ସତ୍ୟାନନ୍ଦଙ୍କ କର୍ତ୍ତୃକ ଶୁଦ୍ଧ ହୋଇ ସପରିବାରରେ ଖ୍ରୀଷ୍ଟଧର୍ମ ପରିତ୍ୟାଗ ପୂର୍ବକ ପବିତ୍ର ହିନ୍ଦୁଧର୍ମର ଶରଣ ନେଲେ । ଶୁଦ୍ଧିକାର୍ଯ୍ୟ ଦିବା ୧୨ ଘଟିକା ସମୟରେ ଶେଷ ହେଲା । ଶୁଦ୍ଧି ଉପଲକ୍ଷେ ଶୁଦ୍ଧିମଣ୍ଡପରେ ବାଲେଶ୍ଵରର ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତି, ବ୍ରାହ୍ମଣ, ପଣ୍ଡିତ, ରାଜନୈତିକ ଓ ସାମାଜିକ ନେତା ଉପସ୍ଥିତ ଥିଲେ । ଅପରାହ୍ଣ ୪ ଘଟିକା ସମୟରେ ଏକ ବିରାଟ ସଭାର ଆୟୋଜନ ହୋଇଥିଲା । ସଭାରେ ସହସ୍ରାଧିକ ଲୋକ ଏକତ୍ର ହୋଇଥିଲେ । ପ୍ରଥମେ ଡାକ୍ତର ବ୍ରହ୍ମଚାରୀ ମହୋଦୟ ନିଜର ଓଜସ୍ଵୀ ବକ୍ତୃତାଦ୍ଵାରା ଲୋକମାନଙ୍କୁ ଶୁଦ୍ଧିର ଆବଶ୍ୟକତା ଓ ହିନ୍ଦୁସମାଜର ଅବସ୍ଥା ଓ ତାହାର କର୍ତ୍ତବ୍ୟ ବିଶଦ ଭାବରେ ବର୍ଣ୍ଣନା କରିଥିଲେ ଓ ବେଦ, ଶାସ୍ତ୍ର, ପୁରାଣ ଓ ଇତିହାସରୁ ପ୍ରମାଣ ପ୍ରଦର୍ଶନ ପୂର୍ବକ ବିଶଦ ଭାବରେ ବୁଝାଇ ହୃଦୟଙ୍ଗମ କରାଇ ଦେଇଥିଲେ ଯେ ବିଧର୍ମୀମାନଙ୍କୁ ଶୁଦ୍ଧି ଓ ପ୍ରାୟଶ୍ଚିତ୍ତ କରି ଆପଣା ଧର୍ମରେ ମିଳାଇ ନେବା ହିନ୍ଦୁମାନଙ୍କର ଜନ୍ମସିଦ୍ଧ ଅଧିକାର ଅଟେ । ତତ୍ପରେ ସ୍ଵାମୀ ସତ୍ୟାନନ୍ଦ ଆପଣାର ଚିତ୍ତାକର୍ଷିଣୀ ବକ୍ତୃତା ଦ୍ଵାରା ଶୁଦ୍ଧିର ଉପଯୋଗିତା, ହିନ୍ଦୁ ମିସନର

# ଗାନ୍ଧୀଙ୍କ ୧୪ ଡିସେମ୍ବର ୧୯୨୭ରେ ବାଲେଶ୍ୱର ଗସ୍ତ ବିଷୟରେ ବାଲେଶ୍ୱର ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କ ରିପୋର୍ଟ ।

Confidential Diary of I.C.McNally, Esqr., I.P.

Superintendent of Police, Balasore.

For the week ending 17th December 1927.

13 (S)

I. Secret Abstract:- No.47 received.

II. Gandhi's Orissa tour. Gandhi arrived at Balasore on the morning of 14.12.27 He was accompanied by H.A.Tucker, Miss Slade alias Mirabai, and one Rajkishore Bose of Cuttack. He was met at the Ry.station by Mr.Andrews, Babu Makunda Prasad Das, Hari Krishna Mahtab, Krishna Prasad Das, and a crowd estimated at between 500 and 600 persons.

Gandhi stayed with Makunda Prasad Das, pleader. He held a general meeting at Balasore on the afternoon of the 14th, and a women meeting the same evening.

At the meeting of the afternoon a crowd of four thousand people attended. A purse was presented to Gandhi, He was late in arriving owing to illness, by the Marvari community amounting to Rs 575/-, another purse was presented by the Khaddar department of the local Swaraj Asram amounting to Rs 225/-. Gandhi was also presented with an address which referred to the past greatness of Balasore as a trading centre and its present decline. The excessive consumption of opium in the district and the heavy floods were also mentioned. The coast canal, the silting of the rivers, and the erection of railway embankments without sufficient out-lets for flood water were given as the reasons for the floods. A new railway line from Bhadrak to Chandbali, which is planned by the B.N. Railway was mentioned and it was stated that this would make the floods worse in that area if the railway line was actually built.

Gandhi then replied in Hindi which was explained in Oriya by Rajkishore Bose. He referred to untouchability, widow marriage, and the use of the charkha.

# ଗାନ୍ଧୀଙ୍କ ୮ ଡିସେମ୍ବର ୧୯୨୭ରେ ବାଣପୁର ଗସ୍ତ ବିଷୟରେ ରିପୋର୍ଟ ।

## GANDHI'S VISIT

---

Mr. Gandhi arrived at Banpur by Car from Rambha (Madras) on the 8th afternoon, accompanied by Miss Slade (Mira Bai), Mahadeb Descei, Prof: Karlekar, Niranjan Patnaik, Peare Lal, M.P.Subaya, and Raj Krishna Bose. The party halted at the house of Godavaris Misra, M.L.C., for some time, and then attended the meeting at Achutrajpur, where about 1500 people, mostly boys and school teachers, all of which category were dressed in Khaddar, were assembled.

The meeting lasted about 35 minutes. Godavaris Misra in his opening address, dilated on the poverty of Banpur and the miserable state of its inhabitants. As expected, he made an attack on the local police in excuse for the poor attendance and still poorer subscriptions.

Godavaris Misra then presented Mr. Gandhi with a purse of ₨ 170/- . Gandhi in his reply stated that owing to bad health he had no intention of coming to Banpur, but when he heard that the police were threatening the people, he decided to pay a visit. He asked the people not to fear the police and dwelt on the advantages of spinning and using Khaddar.

Godavaris, in an exhibition specially staged for Gandhi's benefit led some sweepers and untouchables by hand to Gandhi. This rather shocked the scruples of the Brahmin element present and as the Brahmin in Banpur is very orthodox and very numerous, Godavaris will find trouble later.

Gandhi stopped the night at Godavaris's house & left for Bolgarh on the 9th afternoon, reaching at 5 p.m.

There were about 80 men present at the time of his arrival. The distinct lack of enthusiasm and the absence of the large crowds to which he had been

# ଡିସେମ୍ବର ୧୯୨୭ରେ ଗାନ୍ଧୀଙ୍କ କଟକ ଗସ୍ତ ବିଷୟରେ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କ ରିପୋର୍ଟ ।

On the 19th afternoon Mahatma after observing his usual silence day he had an interview with Mr. M. S. Das, C.I.E.. The details are not known.

On account of his illness his programme to Champapur-Hat was cancelled but Mahadeb Deshai, Kaka Kelka and Mira Bai paid a visit to the place and proclaimed to the people numbering about 3000, gathered there, Mahatma's inability to see them. A purse of Rs97/- was collected by them and brought for Mahatmajee. A foundation stone for Gandhi-Ashram was laid there by Mira Bai on the 20th.

A Khadar propaganda meeting on the same evening was held in the compound of Cuttack Municipal Town Hall. There was an audience of about 4000. Mahatma Gandhi arrived in the meeting at 5.30 p.m. Rai Janaki Nath Bose Bahadur welcomed Mahatma. An address from the President and the Commissioners of the Municipality was presented to him in English printed on palm leaves. It was placed in a Casket made of horn. The address was read by Babu Krutibas Nanda, the president of the Municipality and a veteran swarajist. A purse containing a sum of Rs51/- was presented to him from the Municipality.

Another address was also presented there by the Chairman and the members of the Sadr Local Board, Cuttack. It was printed on a piece of Khadar, put in a frame, made of glass, and wood. The Chairman Babu Madhusudan Biswal, M.A., formerly Deputy Inspector of Schools, Balasore, resigned when he was found fault with some misbehavior during the full swing of the Non-Co-operation movement in Orissa, read out the address. A purse of Rs101/- was given by the Local Board.

The volunteers numbering about 100, who were in the Town Hall compund to keep peace, collected Rs37/- from the audience and the amount was paid to Mahatma.

Mahatma being unwell, due to high blood pressure, he did not speak. His written speech was read over in Hindi by Mahadeb Deshei interpreted in Oriya by Pandit Gopabandhu Das. The translation of it runs thus:-

# ଡିସେମ୍ବର ୧୯୨୭ରେ ଗାନ୍ଧୀଙ୍କ କଟକ ଗସ୍ତ ବିଷୟରେ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କ ରିପୋର୍ଟ ।

" Mr. President and Brethren.

I am sorry, I am not keeping well and as directed by the Doctor I am unable to speak before you. I am thankful for the addresses you have presented to me. I have seen the poverty of Utkal to some extent. Surely you should co-operate and help in this work. You should wear Khaddi and spin Charka. You should contribute towards Khaddi Fund, as much as you can afford.

You should get rid of untouchability, a sin.

You should try to discourage opium taking to which most of the people in Utkal are addicted.

Pray God bless Utkal"

The piece of palm leaf and the Khaddar on which addresses were printed were put to auction and each of them was sold for Rs20/-. They were purchased by Kapur Chand and Chaudhury Narahari Das of Cuttack Town.

Mahatma Gandhi fixed Rs200/- as the lowest price for the horn-casket but none bid for it, so he took it with him.

One copy of each of the two addresses is attached herewith for perusal.

On the 21st morning he paid a visit to Leper Asylum and in the afternoon he had a meeting with some of the ladies of the Town in the house of Babu Gopal Chandra Praharaj, a vakil, where he had halted. The ladies presented him a purse of Rs250/- with some ornaments.

He had interview with Mr.Whitlock, the Principal of Ravenshaw College, and Mr. Guest, the Superintendent of Leper Asylum, same day.

The Kachhis of Cuttack Town presented him a purse of Rs500/-.

He left for Madras to attend the Congress on the 21st night by mail.

Sd.Damodar Rath
Dy.Superintendent of Police
Cuttack

# ୧୯୨୭ ମସିହାରେ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ଗୋପବନ୍ଧୁଙ୍କୁ ଦେଇଥିବା ଦାନ ।

Rath by caste Brahmin, by occupation Tankidar of Kaliakera Perganah Rahang, P.S. Sadr Puri.

Authors of the Trust.

Gopabandhu Daridranarayan Seba Sangha.

Whereas the late lamented Pandit Gopabandhu Das who had firm faith in the spread of Charkha and Khaddar as a permanent means of relief to the distressed people of the

and whereas Mahatma Gandhi during his visit to Utkal in the year 1927 handed over a portion of the purses presented to him to the said Pandit Gopabandhu Das earmarking it for the spread of charkha in the distressed areas of the Province of Utkal; and whereas the Orissa Flood Relief Committee which had received some donations earmarked for relief through the charka entrusted with the said Pandit Gopabandhu Das for the same work; and whereas with these contributions the said Pandit Gopabandhu Das was carrying on the work of production of khaddar in different centres of the Province of Utkal under an organisation named as Puri Charka Relief Department; and whereas on the

whereas with these contributions the said Pandit Gopabandhu Das was carrying on the work of production of khaddar in different centres of the Province of Utkal under an organisation named as Puri Charka Relief Department; and whereas on the
death of the said Pandit Gopabandhu Das in consultation with the above-named contributors, a board with representatives from all the said contributors has been constituted to continue the work started by the said Pandit Gopabandhu Das and the work is being carried on by us as the members of the board under the name and style of the Orissa Charka Relief Board; and whereas it is necessary to formally execute a deed creating the Trust and defining its purpose

## ଡିସେମ୍ବର ୧୯୨୭ରେ ଗାନ୍ଧୀଙ୍କ କଟକ ଗସ୍ତ ସମୟରେ ସଭାପତି ଓ କମିସନର ମୁନସିପାଲଟି କଟକଙ୍କ ଗାନ୍ଧୀଙ୍କୁ ଦେଇଥବା ସ୍ମାରକୀ ପତ୍ର ।

541-6

To

### Mohan Das Karam Chand Gandhi.

ON behalf of the ratepayers and citizens of Cuttack we offer our hearty wel-come and loyal homage to you, Mahatmajee, on your visit to the ruins of the ancient metropolis of Utkal Desha. But what offerings can we give! Utkal, the land of plenty and bounty, the land of the pagodas and holy shrines, the land of the deities, and of Muths and charitable endowments can present nothing but bare skeletons to your sight. The scions of the tall hardy peasantry and the brave warriors have all become devoid of life and virility, their vitality undermined and sapped, their energy and enthusiasm gone. Hence, Mahatmajee, you will only find the descendants of the sculptors and artists who brought life into the hard stones that make up the beautiful shrines of Konark and Bhubaneshwar by the chisel of patient devotion, enduring perseverance and hard labour, to be lifeless automatons, their vitality sucked out of them. It is not caused by the freaks of nature only which has been fitfully unkind to Utkal, but by the impact of the overwhelming power of the material civilisation of west, which her spirituality was hardly able to bear. Mahatmajee, hence you will find all home industries gone, hand spun and hand woven things for which Utkal was famed of old, are all stifled by the all-devouring jaws of machinery and plants.

Mahatmajee, you wear the loin cloth because the sons of India are half clad, but the sons of Utkal are still more so. That you have come to examine the condition of the poor, to be near the poorest and to see them with your own eyes has touched us most. It is a consolation to the starved souls of this land of floods and famines when you feel with emotion and say -"Utkal, her poverty haunt me even in dreams".

Mahatmajee! Ancient Utkal received the world teachers like Nanak, Sankar and Chaitanya in her days of glory; but we the unworthy descendants of theirs can only offer you the tears of love and gratitude and our hearts' devotion.

CUTTACK
20-12-1927.

By the President and the
Commissioners
of the
**Municipality of Cuttack.**

THE CUTTACK PRINTING COMPANY LD.

# ଗାନ୍ଧୀଙ୍କ ୧୦ ଡିସେମ୍ବର ୧୯୨୭ରେ ବୋଲଗଡ ଗସ୍ତ ବିଷୟରେ ରିପୋର୍ଟ ।

Mahatma Gandhi at Bolgarh , district Puri.

Dated 10-12-27 - 10.30 A. M. to 11.10 A. M.

Mahatma Gandhi arrived here last evening at 5 P. M. from Ranpur accompanied by Mahadeb Desoi, Prof. Karleker, Peari Lal, Niranjan Patnaik and Raj krishna Bose.

The recption here was very poor. This morning he went to village Chur about one mile from Bolgarh and had talks with the people about Khadar and Charkha.

A public meeting was held at 10.30 A. M. at Bolgarh in which an address in oriya was read by Kripasindhi Hotta the gist of which is that the people are too poor owing to constant droughts and failure of crops Over and above this they have to pay taxes under the Forest Act for grazing their cattle etc.

There were too many settlements ( eight ) in the past and the Government wants to enhance rents without settlements but the people do'nt want this enhanced rate or to sign any agreement. The proper way to meet all these difficulties is to take to spinning and weaving. The spinning wheel is just at the point of disappearance when it survived by the appearance of the superhuman being like himself ( Gandhi) .

This part of Orissa produces the largest quantity of Khadar and has supplied them to other places.

After the address was read Mahatma Gandhi addressed the audience in Hindi which was interpreted simultaneously in Oriya by Raj Krishna Bose of Cuttack the full text of which is as follows:-

" Mr. President and brethern,

I offer you thanks for the address you have presented to me. I always deem it a favour to be presented

# ଗାନ୍ଧୀଙ୍କ ୧୩ ଡିସେମ୍ବର ୧୯୨୭ରେ ପୁରୀ ଗସ୍ତ ବିଷୟରେ ରିପୋର୍ଟ ।

To

The District Magistrae, Puri.

Sir,

I respectfully beg to report that Mr. Gandhi with his party arrived at Puri at 3.45 P. M. on 13-12-27 and went straight to Saradhabali where a pandal was erected for the occasion. There were only about 100 people gathering at the time of his arrival. However after ½ an hour of his arrival about 100 people assembled. During the period he was busy in going through some records of his own.

(1) Babu Padmacharan Patnaik read out the Municipal address and presented the address printed on a piece of Khadar bound in wooden frame and glass, a copy whereof is annexed herewith.

(2) Babu Dibyasingh Panigrahi, member District Board read out the address presented by the Local and District Boards. The address was written on an ornamented palm leaf. No copy was distributed. The address contained the condition of the people in flood striken area and the help rendered by Mr. Gandhi. It also contains some eulogy to Mr. Gandhi.

(3) A manuscript address was presented to him by the untouchables. The address was read out by a scavenger of the Municipality. The address compared Mr. Gandhi with Budha. They prayed to guide them for their uplift.

Mr. Gandhi gave a joint reply to all the addresses. He condemned untouchability and encouraged. He also addressed the untouchables to give up drinking, eating the flesh of dead cattle and to remain neat and clean.

The C. I. D. reporter has taken down the speech in

## ଡିସେମ୍ବର ୧୯୨୭ରେ ଗାନ୍ଧୀଙ୍କ ପୁରୀ ଗସ୍ତ ସମୟରେ କମିସନର ପୁରୀ ମୁନସିପାଲଟିଙ୍କ ଗାନ୍ଧୀଙ୍କୁ ଦେଇଥିବା ସ୍ୱାଗତ ପତ୍ର ।

### A Welcome Address.

TO

### Mahatma Mohondas Karamchand Gandhi.

**Revered Mahatmaji.**

We, the Commissioners of the Puri Municipality, on behalf of the people, most respectfully beg to offer you a most cordial welcome to this ancient and historic Town.

We may take legitimate pride that you have been pleased to visit this ancient and sacred town of ours, which is the renowned centre of Hindu Pilgrimage, and the premier city of holy Utkal.

Poor that we are, we have nothing which we could offer as a fitting homage to you, on a rare and auspious occasion like this, except the profound feelings of gratitude which wells up from every heart.

You have taken upon yourself the sacred vow of combatting Indian poverty, and for the fulfilment of this vow, you have undertaken an all-India Pilgrimage to preach the religion of the holy cult of the Spinning Wheel and the Khadar. If the children of Utkal join this holy cult, they would be doing you a worship which would be to your heart, and they would at the same time be outgrowing their wretchedness and misery, thus reaping the full benefits of your visit to this country of Pouranic fame.

Utkal has got unmistakable proofs of your sincere love and affection for her benighted children. During the famine of 1919, you fed and clothed them like a loving and affectionate father. Repeated floods and famines, however, have sucked the lifeblood of the people, and in consequence, they are more dead than alive. Circumstanced as they are, they do not know how to suitably entertain an august guest like you, but that you have nevertheless condescended to grace them with a visit, speaks of the nobility and magnanimity of your heart.

In this sacred town, Jagannath, the Lord of the world, helps the propagation of the religion of universal brotherhood, and it is in this town also, that the great Budha, Ramanuj, Sankaracharya, and Lord Chaitanya attained the salvation of their lives. Within the four walls of the great Temple, there are no distinctions of caste and creed, and the great flag of Jagannath proclaims the Lord as the Saviour of the low and the downtrodden. These principles of liberty and equality are the distinctive privileges of the Oriya people. And, you also, as the greatest opponent of false aristocracy and oppression, are the upholder of those very principles for which the Great Temple of Jagannath stands.

We would frankly confess that by your visits to this country, you have strengthened and renovated the ancient traditions of holy Utkal. As the unworthy representives of those hallowed traditons we venture to offer you a hearty and sincere welcome, and we earnestly hope and trust that you would be graciously pleased to accept our thankful greetings, and reserve in your heart a place for.

Your most beloved brethren,

**The Commissioners of the**

**Puri Municipality.**

## ମଇ ୧୯୩୪ ମସିହାରେ ଗାନ୍ଧୀଙ୍କ ଅନଗୁଳ ଗସ୍ତ ବିଷୟରେ ବିହାର ଓ ଓଡ଼ିଶା ସରକାରଙ୍କ ସଚିବ ନିକଟକୁ ଗାନ୍ଧୀଙ୍କ ପତ୍ର ।

R.20.677
9.5.34

As at Patna, Cuttack
The 7th May, 1934.

Dear Sir,

Yesterday, in the course of the Harijan tour, I was in Angul from 9-30 A.M. to 3-30 P.M. I went there from Sambhalpur where I learnt that the Deputy Commissioner at Angul had prohibited the use of a house which a friend had offered during my stay there. On hearing the news, I telegraphed as follows to the Deputy Commissioner :

> Am due reach Angul Sunday morning relating untouchability campaign Learnt this morning you had prohibited use of house for temporary residence during midday hours Does order apply all houses Angul or particular house where my residence was fixed Matter being urgent request telegraphic reply.

I got no reply. I had therefore to put up with great inconvenience living in hastily rigged up tattered tents surrounded and gazed at by thousands of villagers. Could I know if the Government regard the Deputy Commissioner's action as proper ?

I am,
Yours faithfully,
M K Gandhi

The Secretary to
the Government of Bihar and Orissa,
Ranchi.

# ମଇ ୧୯୩୪ ମସିହାରେ ଗାନ୍ଧୀଙ୍କ ଅନଗୁଳ ଗସ୍ତ ସମୟରେ ଗାନ୍ଧୀଙ୍କ ରହଣି ବିଷୟରେ ପୋଲିସ (କ୍ରୀମିନାଲ)ଙ୍କ ପତ୍ର ।

R. 20. 685
10. 5. 34

CONFIDENTIAL.

Bihar Special Branch,
Patna P.O., dated the 9th May, 1934.

Memo No. 4228-29 S.B.

Extract from memo no.239/45 dated 6.5.34 from the S.P.Angul.

----

Arrangement was being made to accommodate Gandhi in the house of Bijan Bihari Ghosh, a local contractor. This was the most suitable place as the mango tope where the meeting was to be held was adjacent to it. On 2.5.34 the local Congress ex-convicts, in order to create some excitement and mischief changed their plan and desired to accommodate Gandhi in the house of Deben Dutta, a timber contractor. This house is situated near the local officials' quarters where-from the place of the meeting was about half a mile. Information was received that some Congress ex-convicts were contemplating to take out an unlicensed procession from D.Dutta's house. The house of Deben Dutta is situated within the notified area of Angul town and under the lease executed by him, he is required to take permission of the Deputy Commissioner for putting up a guest. On 4.5.34 Deben Dutta approached the Deputy Commissioner for permission to accommodate Gandhi in his house. Since the situation of this house was such that it was difficult to control crowd or the procession, the Deputy Commissioner considered it advisable, in the interest of the public peace and tranquillity, to refuse permission to accommodate Gandhi in Deben Dutt's house. It was hoped that the organisers would find out a suitable place but as some of the local congress ex-convicts were contemplating to create mischief, no other person was prepared to risk himself and made any attempt to approach the Dy.Commissioner for permission to accommodate Gandhi in his house.


----

Forwarded to the Chief Secretary to the Govt.of Bihar & Orissa
Director, Intelligence Bureau, Home Dept. Simla.
for information.

Offg.Deputy Inspector-General of Police,
Criminal Investigation Department.

9/5/34

D.N.



ଗାନ୍ଧୀଙ୍କ ମଇ ମାସ ୧୯୩୪ରେ ଓଡ଼ିଶା ଗସ୍ତ ।

ଆଶା-୦୯ ମଇ ୧୯୩୪

ମହାତ୍ମାଗାନ୍ଧୀ ଚଳିତ ବର୍ଷ ୨ ଥର ଓଡ଼ିଶା ଭ୍ରମଣରେ ଆସିଥିଲେ । ମଇ ୫ ରେ ସେ ଝାରସୁଗୁଡ଼ା ଓ ସମ୍ବଲପୁରରେ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରାର ଉଦ୍ଦେଶ୍ୟ ଥିଲା ଅସ୍ପୃଶ୍ୟତା ଓ ହରିଜନର ବିକାଶ ଉପରେ ଲୋକମାନଙ୍କୁ ଅବଗତ କରାଇବା ।

୫ ମେ ୧୯୩୪

ଚଳିତ ବର୍ଷ ମଇ ୮ ତାରିଖରେ ପୁରୀରେ ଗୋପବନ୍ଧୁଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ତତ୍‌ପରେ ଗାନ୍ଧୀ ପୁରୀର ବିଭିନ୍ନ ସ୍ଥାନକୁ ପଦଯାତ୍ରା କରିଥିଲେ । ପରଦିନ ବିହାରର ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ।

୮ ମେ ୧୯୩୪

ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଗସ୍ତ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ସେତିକି ଇତିହାସରେ ସ୍ମରଣୀୟ ଫର୍ଦ୍ଦ । ଓଡ଼ିଶା ରାଜ୍ୟ ଅଭିଲେଖାଗାର ଏହିସବୁ ତଥ୍ୟକୁ ସଂରକ୍ଷିତ କରି ଓଡ଼ିଶାର ଇତିହାସକୁ ସମୃଦ୍ଧ କରିପାରିଛି ।

ଅଧିକ୍ଷକ, ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର

# ଓଡ଼ିଶାରେ ନୂଆ ରେସନ କାର୍ଡ

ମଧୁସୂଦନ ପାଢୀ

ଆମ ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବର୍ତ୍ତମାନ ପ୍ରଚଳିତ ରେସନ କାର୍ଡ ୨୨ ବର୍ଷ ତଳେ ୧୯୯୨-୯୩ ମସିହାରେ ପ୍ରଚଳନ କରାଯାଇଥିଲା । ସେତେବେଳେ ସବୁ ପରିବାରଙ୍କୁ ରେସନ୍ କାର୍ଡ ଦିଆଯାଇଥିଲା ଏବଂ ସମସ୍ତେ ସମାନ ରିହାତି ମୂଲ୍ୟରେ କଣ୍ଟ୍ରୋଲ ସାମଗ୍ରୀ ପାଉଥିଲେ । ତେବେ ୧୯୯୭ ମସିହାରେ କେନ୍ଦ୍ର ସରକାର ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା (TPDS) ଆରମ୍ଭ କଲେ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ (BPL) ଥିବା ପରିବାରମାନଙ୍କୁ କିଛି ଅଧିକ ରିହାତିରେ କଣ୍ଟ୍ରୋଲ ସାମଗ୍ରୀ ଦେବା ପାଇଁ ନିଷ୍ପତ୍ତି କଲେ । ଏଥି ସହିତ ଦାରିଦ୍ର୍ୟ ସୀମାରେଖା ଉପରେ ଥିବା (APL) ପରିବାରମାନଙ୍କୁ ଅଳ୍ପ ରିହାତି ମୂଲ୍ୟରେ କଣ୍ଟ୍ରୋଲ ସାମଗ୍ରୀ ଦିଆଗଲା । ରାଜ୍ୟମାନେ ୧୯୯୭ରେ ହୋଇଥିବା ଅର୍ଥନୈତିକ ସର୍ଭେ ଅନୁସାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କ ରେସନ କାର୍ଡରେ 'BPL' ଷ୍ଟାମ୍ପ୍ ଦେଲେ ଏବଂ ସେଇ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦୁଇ ପ୍ରକାରର ହିତାଧିକାରୀ ହୋଇଗଲେ ।

୨୦୦୨ ମସିହାରେ କେନ୍ଦ୍ର ସରକାର ଅନୁଭବ କଲେ ଯେ ସମାଜରେ ଅତି ଦରିଦ୍ର ପରିବାରମାନଙ୍କ ପାଇଁ ବେଶୀ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇବା ଦରକାର । ତେଣୁ ଗୋଟିଏ ନୂଆ ଯୋଜନା ଯଥା 'ଅନ୍ତ୍ୟୋଦୟ ଅନ୍ନ ଯୋଜନା' ଆରମ୍ଭ କଲେ । ମୁଖ୍ୟତଃ BPL ହିତାଧିକାରୀଙ୍କ ମଧ୍ୟରୁ ଅତି ଦରିଦ୍ର ପରିବାରଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ (AAY) ଅନ୍ତର୍ଭୁକ୍ତ କରାଗଲା । ଏଇ AAY ହିତାଧିକାରୀଙ୍କୁ ଅଧିକ ପରିମାଣର ଏବଂ ଅଧିକ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦିଆଗଲା । ଓଡ଼ିଶା ପାଇଁ ୧୨ ଲକ୍ଷ ୬୪ ହଜାର ୮୦୦ ପରିବାରଙ୍କୁ AAY ଯୋଜନାରେ ସାମିଲ କରାଯିବାର ଲକ୍ଷ୍ୟ ରଖାଗଲା । ୨୦୧୧ ମସିହାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯ଟି ଜିଲ୍ଲାରେ ୬.୨୩ଲକ୍ଷ ବାଦ୍ ପଡିଥିବା ଗରିବ (PLO) ପରିବାରଙ୍କୁ ହିତାଧିକାରୀ ଭାବେ ଚିହ୍ନଟ କରି ରିହାତି ମୂଲ୍ୟରେ ଚାଉଳ ଦିଆଯାଉଛି ।

୧୯୯୭ ମସିହା ପରଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ଆଉ କୌଣସି ଅର୍ଥନୈତିକ ସର୍ଭେ ଚୂଡାନ୍ତ ହୋଇପାରିଲା ନାହିଁ । ଆମ ରାଜ୍ୟରେ ୨୦୦୨ରେ ହୋଇଥିବା ସର୍ଭେର ତଥ୍ୟକୁ କେନ୍ଦ୍ର ସରକାର ଗ୍ରହଣ କଲେ ନାହିଁ । ୨୦୦୭ରେ କୌଣସି ସର୍ଭେ ହୋଇନଥିବା ବେଳେ ୨୦୧୨ରେ ସାମାଜିକ ଅର୍ଥନୈତିକ ଓ ଜାତି ଗଣନା (SECC) ସର୍ଭେ କରାଯାଇଛି । ତେବେ SECCର ତଥ୍ୟାବଳୀ ଆଜି ପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରି ନାହିଁ । ଏହି କାରଣରୁ ୧୯୯୭ରେ ହୋଇଥିବା BPL ସର୍ଭେରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ BPL ତାଲିକାରେ ଅନ୍ତର୍ଭୁକ୍ତ କରିବା ସମ୍ଭବ ହେଉନଥିଲା । ଏହାଛଡା ଯେଉଁ ପରିବାର ମୂଳ ଏକାନ୍ନ ପରିବାରଠାରୁ ଅଲଗା ହେଉଥିଲେ, ତାଙ୍କ ପାଇଁ ନୂଆ ରେସନ କାର୍ଡ ପାଇବା ସୁବିଧା ନଥିଲା ।

ସ୍ଥଳ ବିଶେଷରେ ରେସନ କାର୍ଡର ସଠିକତା ବୁଝିବା ପାଇଁ ଯୋଗାଣ ବିଭାଗ ୨୦୧୨-୧୩ରେ ଗୋଟିଏ ପରୀକ୍ଷା କରିଥିଲା । ୨୦୧୨ ଅଗଷ୍ଟ ମାସରୁ ୨୦୧୩ ଫେବୃଆରୀ ମାସ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ବ୍ଲକ୍‌ରେ ଜାତୀୟ ଜନଗଣନା ରେଜିଷ୍ଟର (NPR) ତଥ୍ୟାବଳୀ ଉପରେ ସେଠାରେ ଘର ଘର ବୁଲି ରେସନ କାର୍ଡ ତଥ୍ୟ ସହିତ ସମ୍ମିଳିତ କରାଯାଇଥିଲା । ସମସ୍ତ ତଥ୍ୟକୁ ଡିଜିଟାଇଜ କଲା ପରେ ଜଣାପଡିଲା ଯେ ସେ ବ୍ଲକ୍‌ରେ ପ୍ରାୟ ଶତକଡା ୩୦ ଭାଗ ପରିବାର ପାଖରେ କୌଣସି ରେସନ କାର୍ଡ ନାହିଁ । ଦ୍ୱିତୀୟରେ ପ୍ରାୟ ୧୦ ଭାଗ କାର୍ଡ ପାଇଁ କୌଣସି ଦାବିଦାର ନାହାନ୍ତି । ତା'ର ଅର୍ଥ ସୁଲଭ ମୂଲ୍ୟ ଦୋକାନକୁ ସେହି କାର୍ଡମାନଙ୍କ ପାଇଁ ପ୍ରତିମାସ ଖାଦ୍ୟଶସ୍ୟ ଯାଉଛି ସତ କିନ୍ତୁ କୌଣସି ହିତାଧିକାରୀ ତାହା ନେଉନାହାନ୍ତି । ତୃତୀୟରେ ଶତକଡା

୨ ଭାଗ ପରିବାର ପାଖରେ ପ୍ରାୟ ଶତକଡା ୮ ଭାଗ କାର୍ଡ, ଯଥା ଗୋଟିଏ ପରିବାରରେ ୨ରୁ ଆରମ୍ଭ କରି ୬ଟି ପର୍ଯ୍ୟନ୍ତ କାର୍ଡ ଥିଲା । ଏଭଳି ସ୍ଥିତିର ସମୀକ୍ଷା କରି ସରକାର ସମସ୍ତ ପୁରୁଣା କାର୍ଡକୁ ରଦ୍ଦ କରି ନୂତନ ପଦ୍ଧତିରେ କାର୍ଡ ତିଆରି କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏଥିପାଇଁ ଗୋଟିଏ ସୁବର୍ଣ୍ଣ ସୁଯୋଗ ଆଣିଦେଲା ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ମସିହାରେ କେନ୍ଦ୍ର ସରକାର ପାରିତ କଲେ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ନିୟମିତ ଖାଦ୍ୟଶସ୍ୟ ରିହାତି ମୂଲ୍ୟରେ ପାଇବା ଏକ ଅଧିକାରରେ ପରିଣତ ହେଲା । ଏହି ଆଇନ ବଳରେ କେନ୍ଦ୍ର ସରକାର ପ୍ରତ୍ୟେକ ରାଜ୍ୟ ପାଇଁ ହିତାଧିକାରୀଙ୍କ ସଂଖ୍ୟାର ଏକ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରିଛନ୍ତି । ଓଡ଼ିଶା ପାଇଁ ଏହି ଧାର୍ଯ୍ୟ ଲକ୍ଷ୍ୟ ୩କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ହିତାଧିକାରୀରେ ସୀମିତ ରଖାଯାଇଛି । ତେବେ କେଉଁମାନଙ୍କୁ ହିତାଧିକାରୀ ଭାବେ ଚିହ୍ନଟ କରାଯିବ, ତାହା ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ରାଜ୍ୟ ସରକାର ହିତାଧିକାରୀ ଚୟନ ପାଇଁ ୯ଟି ବାଦ୍‌ଦେବା ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି । ତନ୍ମଧ୍ୟରେ ସରକାରୀ କର୍ମଚାରୀ, ଆୟକର ଦାତା, ୪ ଚକିଆ ଓ ବଡ ଗାଡି ମାଲିକ, ମାସିକ ଆୟ ବା ପେନ୍‌ସନ ୧୦ ହଜାର ଟଙ୍କା (ଗ୍ରାମାଞ୍ଚଳ) ବା ୧୫ ହଜାର ଟଙ୍କା (ସହରାଞ୍ଚଳ)ରୁ ଊର୍ଦ୍ଧ୍ୱ, ୩ କୋଠରୀ ଥିବା ପକ୍କାଘର, ୨ କିଲୋୱାଟ୍ ବା ତଦୂର୍ଦ୍ଧ୍ୱ ଇଲେକ୍ଟ୍ରି ଲାଇନ ଇତ୍ୟାଦି ।

କେନ୍ଦ୍ର ସରକାର ରାଜ୍ୟକୁ ଦେଇଥିବା ଫର୍ମୁଲା ଅନୁସାରେ ରାଜ୍ୟ ସରକାର ସମସ୍ତ ଜିଲ୍ଲାମାନଙ୍କୁ ହିତାଧିକାରୀଙ୍କ ସର୍ବୋଚ୍ଚ ସୀମା ପ୍ରଦାନ କରିଛନ୍ତି । ତେବେ ସେ ଫର୍ମୁଲାରେ ଅନୁସୂଚିତ ଜାତି/ଜନଜାତିଙ୍କ ସଂଖ୍ୟା ଆଧାରରେ ରାଜ୍ୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଯେଉଁ ଜିଲ୍ଲାମାନଙ୍କରେ ତାଙ୍କ ସଂଖ୍ୟା ସମୁଦାୟ ଜନ ସଂଖ୍ୟାର ଶତକଡା ୩୦ ଭାଗରୁ କମ୍, ସେହି ଜିଲ୍ଲାମାନଙ୍କୁ ଉକ୍ତ ଫର୍ମୁଲା ଅନୁସାରେ ଶତକଡା ୯୫ ଭାଗର ହିତାଧିକାରୀଙ୍କ ସୀମା ଦେଇଛନ୍ତି ଏବଂ ଯେଉଁ ଜିଲ୍ଲାମାନଙ୍କରେ ଏହା ଶତକଡା ୫୦ ଭାଗରୁ ଅଧିକ, ତାଙ୍କୁ ଉକ୍ତ ଫର୍ମୁଲା ଅନୁଯାୟୀ ଲକ୍ଷ୍ୟର ଶତକଡା ୧୦୫ ଭାଗର ହିତାଧିକାରୀ ସୀମା ଦିଆଯାଇଛି । ଅବଶିଷ୍ଟ ଜିଲ୍ଲାମାନଙ୍କୁ କେନ୍ଦ୍ର ସରକାରଙ୍କ ଫର୍ମୁଲା ଅନୁସାରେ ହିଁ ହିତାଧିକାରୀଙ୍କ ସୀମା ଦିଆଯାଇଛି । ଦ୍ୱିତୀୟ ସ୍ତରରେ ବ୍ଲକ୍ ଓ ପୌରାଞ୍ଚଳମାନଙ୍କ ପାଇଁ ହିତାଧିକାରୀ ସୀମା ଓ ତୃତୀୟ ସ୍ତରରେ ପଞ୍ଚାୟତ/ୱାର୍ଡମାନଙ୍କ ପାଇଁ ଉକ୍ତ ଫର୍ମୁଲା ଅନୁସାରେ ହିତାଧିକାରୀ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରୀ କରିବା ପାଇଁ ପାଇଲଟ୍ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ ଏବଂ ବ୍ଲକ୍‌ରେ ଗତବର୍ଷ ଅକ୍ଟୋବର ମାସରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ଡିଜିଟାଇଜ କରାଯାଇଥିଲା । ସେଇ ଅନୁଭୂତିକୁ ଆଧାର କରି ୨୦୧୫ ଜାନୁଆରୀ ୨୮ ତାରିଖରୁ ଏହି ପ୍ରକ୍ରିୟା ସମଗ୍ର ରାଜ୍ୟରେ ଆରମ୍ଭ କରାଗଲା । ପ୍ରତି ଜିଲ୍ଲାକୁ ଚାରି ଭାଗରେ ବିଭକ୍ତ କରି ଚାରୋଟି ପର୍ଯ୍ୟାୟରେ ଦରଖାସ୍ତ ଗ୍ରହଣ କରି ସେଗୁଡିକୁ ଡିଜିଟାଇଜ କରାଯାଇ ପ୍ରତ୍ୟେକ ଆବେଦନକାରୀଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ଦିଆଗଲା । ଏହି ପ୍ରାପ୍ତି ସ୍ୱୀକାର ପତ୍ର ମାଧ୍ୟମରେ ଆବେଦନ ପତ୍ରରେ ଦେଇଥିବା ତଥ୍ୟ ଠିକ୍ ଭାବେ ଡିଜିଟାଇଜ ହୋଇଛି କି ନାହିଁ ତାହା ଜାଣିବା ପାଇଁ ପ୍ରତ୍ୟେକ ଆବେଦନକାରୀଙ୍କୁ ସୁଯୋଗ ଦିଆଗଲା । ତଥ୍ୟରେ କୌଣସି ଭୁଲ୍ ଥିଲେ, ତାହା ଠିକ୍ କରି ଆବେଦନକାରୀ ପ୍ରାପ୍ତି ସ୍ୱୀକାରପତ୍ରକୁ ଫେରସ୍ତ ଦେବା ପାଇଁ ବ୍ୟବସ୍ଥା ଥିଲା । ଏଥି ସହିତ ଭୁଲ୍‌ଗୁଡିକ କମ୍ପ୍ୟୁଟରରେ ସଂଶୋଧନ କରି ପୁଣି ଥରେ ନୂତନ ପ୍ରାପ୍ତି ସ୍ୱୀକାର ପତ୍ର ଦେବା ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

୨୦୧୧ ମସିହା ଜନଗଣନାରେ ଓଡ଼ିଶାର ଜନସଂଖ୍ୟା ଥିଲା ୪କୋଟି ୧୯ ଲକ୍ଷ । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ NFSA ଅନୁଯାୟୀ ରାଜ୍ୟର ହିତାଧିକାରୀଙ୍କ ସୀମା ୨୦୧୧ ଜନସଂଖ୍ୟାର ପ୍ରାୟ ଶତକଡା ୭୮ ଭାଗ । ଏହା ମଧ୍ୟରେ ଗ୍ରାମାଞ୍ଚଳରେ ଜନସଂଖ୍ୟାର ଶତକଡା ୮୨ ଭାଗ ଏବଂ ପୌରାଞ୍ଚଳ ଜନସଂଖ୍ୟାର ଶତକଡା ୫୬ ଭାଗ ଲୋକଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି । ପ୍ରାୟ ୧୦୫ ଲକ୍ଷ ପରିବାରର ଆବେଦନ ପତ୍ରଗୁଡିକୁ ଡିଜିଟାଇଜ କଲା ପରେ ଦେଖାଗଲା ଯେ ମୋଟ୍ ୩କୋଟି ୯୫ ଲକ୍ଷ ହିତାଧିକାରୀ ରେସନ କାର୍ଡ ପାଇବା ପାଇଁ ଆବେଦନ କରିଛନ୍ତି । ଯାହା ଜନସଂଖ୍ୟାର ୯୪ ପ୍ରତିଶତ । ଏହି ତଥ୍ୟାବଳୀରୁ ଦେଖାଗଲା ଯେ କେତେକ ବ୍ୟକ୍ତି ଏକାଧିକ ବାର ଏବଂ ଏକାଧିକ ସ୍ଥାନରେ ତାଙ୍କର ଆବେଦନପତ୍ର ଦାଖଲ କରିଛନ୍ତି । ସେହିପରି ଅନେକ ଅଯୋଗ୍ୟ ପରିବାର ମଧ୍ୟ ଆବେଦନ କରିଥିବାର ଜଣାପଡିଥିଲା । ଏ ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ଚିଠା ଅଗ୍ରାଧିକାର ତାଲିକା, ସ୍ଥଗିତ ତାଲିକା ଏବଂ ସନ୍ଦେହ ତାଲିକାମାନ ପ୍ରସ୍ତୁତ କରାଯାଇଥିଲା ଏବଂ ଜିଲ୍ଲାର କ୍ଷେତ୍ର ଅଧିକାରୀଙ୍କୁ ତାହା ଚିହ୍ନଟ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଏ ସମସ୍ତ କ୍ଷେତ୍ର କାର୍ଯ୍ୟକ୍ରମ ପରେ ପ୍ରାୟ ୭୦ ଲକ୍ଷ ଆବେଦନକାରୀଙ୍କୁ ବାଦ୍ ଦିଆଯାଇଅଛି ଏବଂ ୪ଲକ୍ଷ ଆବେଦନକାରୀ ସ୍ୱତଃପ୍ରବୃତ୍ତ ଭାବେ ନିଜ ଆବେଦନପତ୍ର ପ୍ରତ୍ୟାହାର କରିଛନ୍ତି ।

ପ୍ରଥମ ପର୍ଯ୍ୟାୟର ୧୪ଟି ଜିଲ୍ଲା ଯଥା ସମ୍ବଲପୁର, ବରଗଡ, ନୂଆପଡା, ଝାରସୁଗୁଡା, ଦେଓଗଡ, ସୋନପୁର,

ବଲାଙ୍ଗିର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ଗଜପତି, କନ୍ଧମାଳ, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ଚିହ୍ନଟ ହୋଇଥିବା ପ୍ରାୟ ୨୬ ଲକ୍ଷ ହିତାଧିକାରୀ ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାକି ୧୬ଟି ଜିଲ୍ଲାରେ ଚିହ୍ନଟ ହୋଇଥିବା ପ୍ରାୟ ୫୧ ଲକ୍ଷ ହିତାଧିକାରୀଙ୍କ ପରିବାରଙ୍କୁ ସାମିଲ କରାଯାଉଛି । ଏହା ଏବେକାର BPL, AAY ଏବଂ PLO ଯୋଜନାର ସମସ୍ତ ୫୫ଲକ୍ଷ ହିତାଧିକାରୀ ପରିବାରଠାରୁ ପ୍ରାୟ ୨୨ ଲକ୍ଷ ବା ୪୦ ପ୍ରତିଶତ ଅଧିକ । ରାଜ୍ୟରେ ପ୍ରଥମ ପର୍ଯ୍ୟାୟର ୧୪ଟି ଜିଲ୍ଲାରେ ୨୦୧୫ ନଭେମ୍ବର ମାସରୁ ଏଇ ଆଇନକୁ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଅକ୍ଟୋବର ୨ ତାରିଖରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପଞ୍ଚାୟତ/ ୱାର୍ଡ ସ୍ତରରେ ସାଧାରଣ ସଭାମାନଙ୍କରେ ରେସନ କାର୍ଡ ବଣ୍ଟନ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାକି ୧୬ଟି ଜିଲ୍ଲାମାନଙ୍କରେ ୨୦୧୫ ଡିସେମ୍ବର ମାସରୁ ଏଇ ଆଇନ କାର୍ଯ୍ୟକାରୀ କରାଯିବ ଏବଂ ନଭେମ୍ବର ୭ ତାରିଖ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ବଣ୍ଟନ କରାଯିବ ।

ସମସ୍ତ ଯୋଗ୍ୟ ପରିବାର (ବାଦ୍‌ଦେବା ମାନଦଣ୍ଡ ଅନୁଯାୟୀ) କିପରି ଚୂଡ଼ାନ୍ତ ହିତାଧିକାରୀ ତାଲିକାରେ ସାମିଲ ହେବେ, ସେଥିପାଇଁ ସମସ୍ତ କ୍ଷେତ୍ର କର୍ମଚାରୀ ଯତ୍ନବାନ ହେବା ପାଇଁ ରାଜ୍ୟ ସରକାର ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଗରିବ ପରିବାରର ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଏଇ ଆଇନର ମୂଳ ଲକ୍ଷ୍ୟ । ଏହା ସତ୍ତ୍ୱେ ଯଦି କୌଣସି ଯୋଗ୍ୟ ପରିବାର ହିତାଧିକାରୀ ତାଲିକାରୁ ବାଦ୍ ପଡିଯାଇଥାନ୍ତି, ତା'ହେଲେ ସେମାନେ ନିଜ ନିଜର ବ୍ଲକ୍/ ପୌରାଞ୍ଚଳ ଅଧିକାରୀଙ୍କ ପାଖରେ ନିଜର ଆବେଦନ ଦାଖଲ କରିପାରିବେ ଏବଂ ତାହା ଯାଞ୍ଚ ହେଲା ପରେ ଯଦି ଯୋଗ୍ୟ ବିବେଚିତ ହୁଅନ୍ତି ତାଙ୍କୁ ଉକ୍ତ ତାଲିକାରେ ସାମିଲ କରାଯିବ । ସେହିପରି ଯଦି କୌଣସି ନୂତନ ରେସନ କାର୍ଡରେ ଭୁଲ୍ (ଯଥା– ସୁଲଭ ଖୁଚୁରା ଦୋକାନ, ନାମ, ସମ୍ପର୍କ, ଲିଙ୍ଗ ଇତ୍ୟାଦି) ରହିଯାଇଥାଏ, ତା'ହେଲେ ତାହାକୁ ଠିକ୍ କରିବା ପାଇଁ ହିତାଧିକାରୀମାନେ ରେସନ କାର୍ଡର ଜେରକ୍ସ ନକଲରେ ତାହା ସଂଶୋଧନ କରି ନିଜ ନିଜର ବ୍ଲକ୍/ପୌରାଞ୍ଚଳ କାର୍ଯ୍ୟାଳୟରେ ତିନିମାସ ମଧ୍ୟରେ ଦେବା ଦରକାର । ଏସବୁ ଭୁଲ୍‌କୁ ଠିକ୍ କରି ନୂତନ ରେସନ କାର୍ଡ ବିନା ମୂଲ୍ୟରେ ଦିଆଯିବ । ତୃତୀୟରେ ଯଦି କୌଣସି ଅଯୋଗ୍ୟ ପରିବାର ଏହି ହିତାଧିକାରୀ ତାଲିକାରେ ରହିଯାଇଥାନ୍ତି, ତା'ହେଲେ ସେ ବିଷୟରେ ସୂଚନା ଦେବା ପାଇଁ ସମସ୍ତ ନାଗରିକଙ୍କୁ ଅନୁରୋଧ । ଯେଉଁମାନେ ଏଭଳି ସୂଚନା ଦେବେ, ତାଙ୍କ ବିଷୟରେ ସମସ୍ତ ତଥ୍ୟ ଗୋପନୀୟ ରଖାଯିବ । ଏହି ସୂଚନାକୁ ଯାଞ୍ଚ କରି ଯଦି ପ୍ରକୃତରେ ଅଯୋଗ୍ୟ ବ୍ୟକ୍ତି ପ୍ରମାଣିତ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଉଭୟ ଫୌଜଦାରୀ ଓ ସାର୍ଟିଫିକେଟ ମାମଲା ରୁଜୁ କରିବା ପାଇଁ ସରକାର ଆଗରୁ ନିଷ୍ପତ୍ତି ନେଇସାରିଛନ୍ତି ।

ଓଡ଼ିଶାରେ ଯେଉଁ ଧାରାରେ ରେସନ କାର୍ଡ ପ୍ରସ୍ତୁତ କରାଯାଇଛି, ସେ ପ୍ରଣାଳୀ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ରାଜ୍ୟରେ ବ୍ୟବହାର କରାଯାଇ ନାହିଁ । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର ଫଳରେ ରେସନ କାର୍ଡ ତଥ୍ୟାବଳୀକୁ ଜାତୀୟ ଜନଗଣନା ରେଜିଷ୍ଟର (NPR) ତଥ୍ୟାବଳୀ ସହିତ ସଂଯୋଗ ଓ ସାମାଜିକ ଓ ଅର୍ଥନୈତିକ ଓ ଜାତିଗଣନା (SECC) ତଥ୍ୟର ବ୍ୟବହାର କରି ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରାଯାଇଛି । ସମସ୍ତ କାର୍ଯ୍ୟ 'ଓଡ଼ିଆ' ଓ 'ଇଂରାଜୀ' ଉଭୟ ଭାଷାରେ କରାଯାଇଛି । ଏହା ଓଡ଼ିଆର Unicode Software 'Aprant'ର ବ୍ୟବହାର ଫଳରେ ସମ୍ଭବ ହୋଇପାରିଛି । ଆବେଦନକାରୀଙ୍କୁ ତାଙ୍କ ଆବେଦନପତ୍ରର ତଥ୍ୟ ଠିକ୍ ଭାବେ ଡିଜିଟାଇଜ୍ ହୋଇଛି କି ନାହିଁ ତାହା ଜାଣିବା ଏବଂ ସଂଶୋଧନ କରିବା ପାଇଁ ସୁଯୋଗ ଦିଆଯାଇଛି । ଗଣତାନ୍ତ୍ରିକ ଅନୁଷ୍ଠାନ ଯଥା ପଞ୍ଚାୟତ, ପଞ୍ଚାୟତ ସମିତି ଓ ପୌର ପରିଷଦମାନଙ୍କ ସହଯୋଗିତାକୁ ପ୍ରୋତ୍ସାହନ ଦିଆଯାଇଛି । ଚିଠା ହିତାଧିକାରୀ ତାଲିକା ପ୍ରକାଶ କରାଯାଇ ତା' ଉପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଛି ଏବଂ ଏସବୁ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସମୟ ଓ ସୂଚନା ଦିଆଯାଇଛି । ତୃଣମୂଳ ସ୍ତରର କର୍ମଚାରୀମାନେ କ୍ଷେତ୍ରୀୟ ଯାଞ୍ଚ ଏବଂ Desk Review ରେ ସାମିଲ ହୋଇଛନ୍ତି ।

ନୂତନ ରେସନ୍ କାର୍ଡରେ 'ବାରକୋଡ୍' ରଖାଯାଇଛି । ଏହା ଫଳରେ ଏହାର କୌଣସି ନକଲ କାର୍ଡ ତିଆରି କରାଯାଇପାରିବ ନାହିଁ । ଦ୍ୱିତୀୟରେ ଏହି ବାରକୋଡ୍‌କୁ ବ୍ୟବହାର କରି ଆଗାମୀ ଦିନରେ ସୁଲଭ ମୂଲ୍ୟ ଦୋକାନମାନଙ୍କରେ 'ପୋସ୍' (Print of Sale) ମେସିନ ମାଧ୍ୟମରେ ଖାଦ୍ୟଶସ୍ୟ ବିତରଣ କରାଯିବ । ତେବେ ଏହି ନୂତନ ରେସନ କାର୍ଡକୁ ସାଇତି ରଖିବା ଦରକାର, କାରଣ ଥରେ ହଜିଗଲେ, ଗୋଟିଏ ଡୁପ୍ଲିକେଟ୍ କାର୍ଡ କରିବା ସମୟ ସାପେକ୍ଷ ଏବଂ ଏଥିପାଇଁ ହିତାଧିକାରୀଙ୍କୁ ବେଶ୍ କିଛି ଅର୍ଥ (୫୦ ଟଙ୍କା) ଖର୍ଚ୍ଚ କରିବାକୁ ପଡିବ ।

କମିଶନର ତଥା ଶାସନ ସଚିବ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଗାନ୍ଧୀ, ଗୋପବନ୍ଧୁ ଓ ଦୀନବନ୍ଧୁ

ବିଜୟ ନାୟକ

ଅନେକ ବିଦେଶୀ, ବିଦେଶିନୀ ବିଭିନ୍ନ ସମୟରେ ଭାରତୀୟ ଧର୍ମ, ଦର୍ଶନ, ସଂସ୍କୃତି, ସେବା ଏପରିକି ସଂଗ୍ରାମ ଦ୍ୱାରା ଆକର୍ଷିତ ହୋଇ ଭାରତ ଆସିଛନ୍ତି । ଭାରତୀୟ ଦର୍ଶନର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ମୁକ୍ତି ସଂଗ୍ରାମ ତଥା ଜନସେବାରେ ମଧ୍ୟ ଭାଗିଦାର ହୋଇଛନ୍ତି । ଏହି ଭାରତପ୍ରେମୀ ଅଣଭାରତୀୟମାନଙ୍କର ସଂଖ୍ୟା ନ୍ୟୁନ ନୁହେଁ । ସ୍ୱାମୀ ବିବେକାନନ୍ଦଙ୍କ ସଂସ୍ପର୍ଶରେ ଆସିବା ପରେ ଆୟାର୍‌ଲ୍ୟାଣ୍ଡ ନିବାସିନୀ ମାର୍ଗାରେଟ୍ ନୋବେଲ୍ ହିନ୍ଦୁଧର୍ମ ପ୍ରତି ଅକପଟ ଶ୍ରଦ୍ଧା ପ୍ରକଟ କରନ୍ତି ଏବଂ ଭଗିନୀ ନିବେଦିତା ଭାବରେ ହୁଅନ୍ତି ବିଶ୍ୱବନ୍ଦିତା । କେଉଁ ଅମୃତବେଳାରେ କେଜାଣି ଫରାସୀ ମହିଳା ମିରା ଆନ୍‌ଫାସାଙ୍କର ସାକ୍ଷାତ ହୁଏ ମହାଯୋଗୀ ଅରବିନ୍ଦଙ୍କ ସହ ଫରାସୀ ଉପନିବେଶ ପଣ୍ଡଚେରୀରେ । ଶ୍ରୀମା ଭାବରେ ଖ୍ୟାତ ହୋଇ ସେ ପୂଜିତ ହୁଅନ୍ତି ସାରା ଭାରତରେ ଓ ଭାରତ ବାହାରେ ମଧ୍ୟ ।

ସେହିପରି ମହାତ୍ମା ଗାନ୍ଧୀଙ୍କ ମୁକ୍ତି ସଂଗ୍ରାମର ଅଭିନବ ସରଣୀ ବିଶ୍ୱବାସୀଙ୍କ ସଯତ୍ନ ଦୃଷ୍ଟି ଆକର୍ଷଣ କରିଥିଲା । ବିଶ୍ୱର କତିପୟ ନାମୀଦାମୀ ବୁଦ୍ଧିଜୀବୀ ଗାନ୍ଧୀ ମହାତ୍ମାଙ୍କ ଶିଷ୍ୟ ପାଲଟିଥିଲେ । ସେମାନଙ୍କ ମଧ୍ୟରେ ମିସ୍ ଆଗାଥା ହରିସନ୍, ହୋରେସ୍ ଆଲାକ୍‌ଜାଣ୍ଡର୍ ଓ ସି.ଏଫ୍ ଆଣ୍ଡ୍ରୁଜ୍‌ଙ୍କ ନାମ ଉଲ୍ଲେଖନୀୟ । ଏପରିକି ଜର୍ମାନୀ ଅଧିବାସୀ ନାଜିବାଦର ସମର୍ଥକ ବୁଟୋ ସାହେବ ମଧ୍ୟ ଓଡ଼ିଶାରେ ଗାନ୍ଧୀଜୀଙ୍କ ପଦଯାତ୍ରାରେ ଭାଗ ନେଇଥିଲେ ଏବଂ ଅହିଂସାର ଅର୍ଥ ବୁଝିବା ପାଇଁ ସେ ଗାନ୍ଧିଜୀଙ୍କ ସାଙ୍ଗରେ ଚାଲି ଚାଲି ଭାରତ ବୁଲୁଛନ୍ତି ବୋଲି କହୁଥିଲେ । ତେବେ ଏମାନଙ୍କ ମଧ୍ୟରେ ଆଣ୍ଡ୍ରୁଜ୍ ଥିଲେ ମହାତ୍ମାଙ୍କର ଅତିପ୍ରିୟ । ସେ ଭାରତକୁ ଓ ଭାରତର ସଂଗ୍ରାମକୁ ଖୁବ୍ ଭଲ ପାଉଥିଲେ, ଦୁଃଖୀଦରିଦ୍ରଙ୍କ ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ । ଗାନ୍ଧୀଜୀ ତେଣୁ ତାଙ୍କୁ ଆଦରରେ 'ଦୀନବନ୍ଧୁ' ବୋଲି ସମ୍ବୋଧନ କରୁଥିଲେ । ଗାନ୍ଧୀଜୀଙ୍କ ମାଧ୍ୟମରେ ସେ ଓଡ଼ିଶା ସହିତ ପରିଚିତ ହୋଇଥିଲେ ।

୧୯୧୫ ମସିହାରେ ଗାନ୍ଧୀ ମହାତ୍ମା ଦକ୍ଷିଣ ଆଫ୍ରିକାରୁ ଫେରିଲା ପରେ ସାରା ଭାରତର ଭୂଗୋଳକୁ ଭଣି ହେଉଥିଲେ ନିଜ ଭିତରେ । କେବଳ ଭାରତର ଭୂଗୋଳ ନୁହେଁ, ତା'ର ଆତ୍ମାକୁ ଚିହ୍ନିବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ । ତଦାନନ୍ତୀନ ଅଖ୍ୟାତ ଓଡ଼ିଶା ବି ତାଙ୍କ ଦୃଷ୍ଟି ଆଢୁଆଳରେ ରହି ପାରି ନଥିଲା । ଦଶପଲ୍ଲା ପ୍ରଜାମେଳିର ବିଦ୍ରୋହୀ ନେତା ଗୋବିନ୍ଦ ମିଶ୍ରଙ୍କଠାରୁ ଓଡ଼ିଶାର ବ୍ୟବସ୍ଥା ବିଷୟରେ ପ୍ରଥମେ ଅବଗତ ହୋଇଥିଲେ ମହାତ୍ମା । ଗାନ୍ଧୀଜୀଙ୍କ ଦ୍ୱାରା ପ୍ରେରିତ ହୋଇ ପୁଣି ଅମୃତଲାଲ ଠକ୍କର ଓଡ଼ିଶାର ଗାଁଗଣ୍ଡାରେ ବୁଲିବୁଲି ଦୁର୍ଭିକ୍ଷ ସମୟରେ ସାହାଯ୍ୟ କାର୍ଯ୍ୟ କରୁଥିଲେ । ତାଙ୍କ ମାଧ୍ୟମରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥିଲା ଗାନ୍ଧୀଜୀଙ୍କର ।

ଦୁର୍ଭିକ୍ଷ ପ୍ରପୀଡିତ ଓଡ଼ିଶାର ଜନସାଧାରଣଙ୍କ ସେବା କରିବା ପାଇଁ ଗାନ୍ଧୀଜୀଙ୍କ ତତ୍ପରତାର ତୁଳନା ନାହିଁ । ଓଡ଼ିଶା ଆସିବା ପୂର୍ବରୁ ଗୁଜରାଟୀ ପତ୍ରିକା 'ନବଜୀବନ'ର ୦୯.୦୫.୧୯୨୦ ସଂଖ୍ୟାରେ ସେ ଲେଖିଥିଲେ, 'ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବୋଧହୁଏ ଜାଣନ୍ତି ନାହିଁ, ଓଡ଼ିଶା କେଉଁଠି । ଆମ୍ଭମାନଙ୍କର ଶ୍ରେଷ୍ଠ କବି ରବୀନ୍ଦ୍ର ନାଥ ଠାକୁର ତାଙ୍କର ଏକ କବିତାରେ 'ଉତ୍କଳ' ଆଖ୍ୟାରେ ଓଡ଼ିଶାକୁ ପ୍ରସିଦ୍ଧ କରିଛନ୍ତି । ଜଗନ୍ନାଥ ପୁରୀ ଓଡ଼ିଶାରେ ଅବସ୍ଥିତ ଏବଂ ସେହି ପୁରୀ ଜିଲ୍ଲାରେ ବର୍ତ୍ତମାନ ଘୋର ଦୁର୍ଭିକ୍ଷ ପଡିଛି । ଓଡ଼ିଶା ଭାରତର ଏକ ଦରିଦ୍ରତମ ଅଞ୍ଚଳର ଅଂଶ ବିଶେଷ । ସବୁ ଦିଗରେ ସେଠା ଲୋକ ପଛରେ ପଡିଥିବାରୁ ସେଠା ଲୋକଙ୍କ ଦୁର୍ଦ୍ଦଶା ଆମ କାନକୁ ଆସେ ନାହିଁ ।' ଓଡ଼ିଶାର ଦୁର୍ଭିକ୍ଷକୁ ସାମ୍ନା କରିବା ପାଇଁ ଯଥାଶକ୍ତି ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସମର୍ଥ ବ୍ୟକ୍ତିବିଶେଷଙ୍କୁ ଗାନ୍ଧୀଜୀ ଅନୁରୋଧ

କରିଥିଲେ ଏହି ଲେଖା ମାଧ୍ୟମରେ । ସେ ପୁଣି ଲେଖିଥିଲେ, 'ଆମେ ଯେଉଁମାନେ ଭାରତୀୟ ବୋଲି ଗର୍ବ ଅନୁଭବ କରୁଛୁ, ଆମର ଧର୍ମତଃ କର୍ତ୍ତବ୍ୟ ହେଉଛି, ଭାରତର କୌଣସି ଅଞ୍ଚଳ ଦୁଃଖଭୋଗ କଲେ, ଆମେ ନିଜେ ଦୁଃଖ ଭୋଗିବା । ଓଡ଼ିଶାର ଦୁଃଖରେ ବିଚଳିତ ନହୋଇ ଆମେ କିପରି ରହି ପାରିବା ?' ଠକ୍କର ବାପା (ଅମୃତଲାଲ ଠକ୍କର)ଙ୍କ ଠାରୁ ଓଡ଼ିଶାର ଦୁର୍ଭିକ୍ଷ ବିଷୟରେ ସବିଶେଷ ରିପୋର୍ଟ ପାଇଲା ପରେ ସେ ଆଉ ଏକ ଦୀର୍ଘଲେଖା 'ଓଡ଼ିଶାର ଦୁର୍ଦ୍ଦଶା' ଶିରୋନାମାରେ ୧୨.୫.୧୯୨୦ ସଂଖ୍ୟା 'ୟଙ୍ଗ୍ ଇଣ୍ଡିଆ'ରେ ଲେଖି ଓଡ଼ିଶା ପ୍ରତି ସାରା ଭାରତର ଦୃଷ୍ଟି ଆକର୍ଷଣ କରାଇଥିଲେ ।

ଗାନ୍ଧୀଜୀ ଓଡ଼ିଶା ମାଟିରେ ପ୍ରଥମେ ପାଦଦେଲେ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ । ଗୋପବନ୍ଧୁଙ୍କ ଅନୁରୋଧରେ ସେ ଆସିଥିଲେ ଓଡ଼ିଶା । କଟକର କାଠଯୋଡି ନଈବାଲିରେ ଆୟୋଜିତ ହୋଇଥିଲା ବିରାଟ ସାଧାରଣ ସଭା । ଓଡ଼ିଶା ଗସ୍ତ ପରେ ପରବର୍ତ୍ତୀ ସଂଖ୍ୟା 'ୟଙ୍ଗ୍ ଇଣ୍ଡିଆ'ରେ ଗାନ୍ଧୀଜୀ ତାଙ୍କ ଓଡ଼ିଶା ଅନୁଭୂତି ଲେଖିଥିଲେ । ସେଥିରେ ଓଡ଼ିଶାର ଦାରିଦ୍ର୍ୟର ଚିତ୍ର ସହିତ ଗୋପବନ୍ଧୁଙ୍କ ସଂଗ୍ରାମୀ ଚରିତ୍ରର ବିଶଦ ବିବରଣୀ ଥିଲା । ଥିଲା ମଧ୍ୟ ଭାଷାଭିତ୍ତିକ ଓଡ଼ିଶା ଗଠନ ପ୍ରତି ତାଙ୍କ ନୈତିକ ସମର୍ଥନ । ଓଡ଼ିଶାର ଦାରିଦ୍ର୍ୟରେ ବ୍ୟଥିତ ଗାନ୍ଧୀଜୀ ଲେଖିଥିଲେ, ''ଓଡ଼ିଶାରେ କଙ୍କାଳର ଦୃଶ୍ୟ ଦେଖିବି ବୋଲି ମୁଁ ପ୍ରସ୍ତୁତ ଥିଲି, କିନ୍ତୁ ଯାହା ଦେଖିଲି ସେତେ ଆଶା କରି ନଥିଲି । ମୁଁ ଭୀଷଣ ଦୃଶ୍ୟମାନ ଦେଖିଛି, କିନ୍ତୁ ଯାହା ଦେଖିଲି ତାହା ଆହୁରି ଭୀଷଣ x x x ।''

କୋଟି କଙ୍କାଳ ମାଟିରେ କିନ୍ତୁ କୋଟିନିଧି ପାଇଥିଲେ ମହାତ୍ମା ଗାନ୍ଧୀ । ସେ ନିଧି ଆଉ କିଏ ହୋଇପାରନ୍ତି ଆର୍ତ୍ତବନ୍ଧୁ ଗୋପବନ୍ଧୁଙ୍କ ବ୍ୟତୀତ ! ଗାନ୍ଧୀଜୀ ଲେଖିଥିଲେ, 'ପଣ୍ଡିତ ଗୋପବନ୍ଧୁ ଦାସ ବ୍ୟବସ୍ଥା ସଭାର ସଦସ୍ୟ ଥିଲେ, ଓକିଲ ଥିଲେ ଓ ଆହୁରି ଅନେକ କିଛି ଥିଲେ । ସେ ଜଣେ ନିଃସ୍ୱାର୍ଥପର ନେତା' କେବଳ ସେତିକି ନୁହେଁ, ଗାନ୍ଧୀଜୀ ଭାବବିହ୍ୱଳ ହୋଇ ଗୋପବନ୍ଧୁ ଓ ତାଙ୍କ ସତୀର୍ଥମାନଙ୍କୁ ଲକ୍ଷ୍ୟ କରି ଲେଖିଥିଲେ, ଏପରି ନିଷ୍ପାପର କର୍ମୀମାନଙ୍କ ଉଦ୍ୟମରେ ବର୍ଷକ ଭିତରେ ସ୍ୱରାଜ୍ୟ ମିଳିବ ବୋଲି ଯଦି ମୁଁ ବିଶ୍ୱାସ କରେ, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବନ ବିଦ୍ୟାଳୟ ବିଷୟରେ ଗାନ୍ଧୀଜୀ ଯେଉଁ ଟିପ୍ପଣୀ ଦେଇଥିଲେ, ତାହା ମଧ୍ୟ ମର୍ମସ୍ପର୍ଶୀ– 'ପୁରୀଠାରୁ ଦଶ ମାଇଲ ଦୂର ସାକ୍ଷୀଗୋପାଳଠାରେ ପଣ୍ଡିତ ଗୋପବନ୍ଧୁଙ୍କର ଏକ ମୁକ୍ତାକାଶ ବିଦ୍ୟାଳୟ ଅଛି । ଏହା ଗୋଟିଏ ବନ ବିଦ୍ୟାଳୟ । ଏହା ପରିଦର୍ଶନ କରିବାଯୋଗ୍ୟ । ଛାତ୍ର ଶିକ୍ଷକମାନଙ୍କ ମଧ୍ୟରେ ମୁଁ ଅତି ଆନନ୍ଦରେ ଗୋଟିଏ ଦିନ ବିତାଇଛି । ମୁକ୍ତାକାଶ ତଳେ ଶିକ୍ଷାଦେବା ପାଇଁ ଏଥିରେ ଆନ୍ତରିକତା ସହିତ ଉଦ୍ୟମ କରାହେଉଛି । କେତେକ ଛାତ୍ର ଶକ୍ତିଶାଳୀ ଖେଳାଳି ।'

ଦୁଃଖୀଦରିଦ୍ରଙ୍କ ସେବା ହିଁ ଈଶ୍ୱର ସେବା ବୋଲି ଗାନ୍ଧୀଜୀ ସବୁବେଳେ ବିଚାରୁ ଥିଲେ । ସେହି ନ୍ୟାୟରେ ସେ ଓଡ଼ିଶାର ସେବା କରିବା ପାଇଁ ସଦା ଆଗଭର ହେଉଥିଲେ । ଓଡ଼ିଶା ସେବା ହିଁ ଭାରତ ସେବା ବୋଲି ସେ ଅନେକ ଥର କହିଛନ୍ତି । ଓଡ଼ିଶାର ଦାରିଦ୍ର୍ୟମୋଚନ ପାଇଁ ତଥା ଜନସେବା ଓ ସ୍ୱରାଜ୍ୟ ମନ୍ତ୍ର ପ୍ରଚାର ପାଇଁ ସେ ଈଶ୍ୱରଲାଲ ବ୍ୟାସ, ଜୀବରାମଜୀ କଲ୍ୟାଣଜୀ କୋଠାରି ଓ ପୁରୁବାଈଙ୍କୁ ଓଡ଼ିଶା ପଠାଇଥିଲେ । ମହାତ୍ମା ଗାନ୍ଧୀଙ୍କ ଠାରୁ ପ୍ରେରଣା ଲାଭ କରି ଦୀନବନ୍ଧୁ ଆଣ୍ଡ୍ରୁଜ୍ ମଧ୍ୟ ଓଡ଼ିଶା ସେବାରେ ନିଜକୁ ନିୟୋଜିତ କରିଥିଲେ ।

ଉଭୟ ଗୋପବନ୍ଧୁ ଓ ଦୀନବନ୍ଧୁ ଥିଲେ ତ୍ୟାଗ, ତିତିକ୍ଷାର ପ୍ରତୀକ, ଦୀନଦରିଦ୍ରର ସାଥୀ । ଲୁହରେ ଲୁହ ମିଶାଇ ଦୁହେଁ ପ୍ରଳୟର ଗୀତ ଗାଉଥିଲେ । ଏହି ଦୁଇ ମନୀଷୀଙ୍କ ମିଳନ ଥିଲା ଅବା ବିଧି ନିର୍ଦ୍ଦିଷ୍ଟ । ଜଣେ ଭାରତପ୍ରେମୀ ବିଲାତି ସାହେବ, ଅନ୍ୟଜଣେ ବିଶ୍ୱପ୍ରେମୀ ଭାରତୀୟ । ଦୁଇଜଣଙ୍କ ମଧ୍ୟରେ ପୁଣି ଚିନ୍ତାଚେତନା, ଆଭିମୁଖ୍ୟ, ଦୃଷ୍ଟିଭଙ୍ଗୀ ଆଦି କ୍ଷେତ୍ରରେ ଥିଲା ଅପୂର୍ବ ସାମଞ୍ଜସ୍ୟ । ସେବା ଥିଲା ଉଭୟଙ୍କ ଜୀବନର ବ୍ରତ, ତ୍ୟାଗ ଉଭୟଙ୍କ ସହଜାତ ଗୁଣ । ଏହି ନିଆରା ବ୍ୟକ୍ତିତ୍ୱଦ୍ୱୟ ପରସ୍ପର ଆଡକୁ ଆକର୍ଷିତ ହେବା ଥିଲା ସ୍ୱାଭାବିକ । ପୁଣି ଏହି ଦୁହିଁଙ୍କ ମଧ୍ୟରେ ସମ୍ପର୍କର ସୂକ୍ଷ୍ମ ସୂତ୍ର ଥିଲେ ଖୋଦ୍ ଗାନ୍ଧୀ ମହାତ୍ମା ।

ଗୋପବନ୍ଧୁଙ୍କ ସହିତ ଦୀନବନ୍ଧୁଙ୍କର ପ୍ରଥମ ସାକ୍ଷାତ ଘଟିଥିଲା ବିହାର ଛାତ୍ର ସମ୍ମିଳନୀ ସମୟରେ । ଏହା ଥିଲା ଅସହଯୋଗ ଆନ୍ଦୋଳନ ସମୟର ଘଟଣା । ଗୋପବନ୍ଧୁଙ୍କ ଦେଶପ୍ରୀତି, ସରଳତା ଓ ଉଦାର ଦୃଷ୍ଟିଭଙ୍ଗୀ ଦୀନବନ୍ଧୁଙ୍କ ହୃଦୟରେ ରେଖାପାତ କରିଥିଲା । ପ୍ରଥମ ଦେଖାର ପ୍ରେମପରି ଉଭୟ ଉଭୟଙ୍କ ଆଡକୁ ଆକର୍ଷିତ ହୋଇଥିଲେ । ଦୁଇ ଗାନ୍ଧୀଭକ୍ତ ଏକ ମସ୍‌ଜିଦ୍‌ରେ ବସି ହିନ୍ଦୁ–ମୁସଲମାନ ଏକତା ବିଷୟରେ ଆଲୋଚନା କରିଥିଲେ । ଦୀନବନ୍ଧୁ ଶାନ୍ତି ନିକେତନରେ ବ୍ୟବସ୍ଥାନ କରୁଥିବା ସମୟରେ ମଧ୍ୟ ଗୋପବନ୍ଧୁ ତାଙ୍କ ନିକଟକୁ ଓଡ଼ିଶାର ବ୍ୟବସ୍ଥା ବିଷୟରେ ଅବଗତ କରାଇବା ପାଇଁ ଯାଇଥିଲେ । 'କାର୍ଯ୍ୟଂ ବା ସାଧୟେତ୍, ଶରୀରଂ ବା ପାତୟେତ୍', ନୀତିକୁ ନିଜ ଜୀବନରେ ପ୍ରତିଫଳିତ କରିଥିଲେ ଗୋପବନ୍ଧୁ । କାମ କଲାବେଳେ ସେ ନିଜ ଦେହ ପା, ରୋଗବ୍ୟାଧି କଥା କିଛି ବୁଝୁ ନଥିଲେ । ଗୋପବନ୍ଧୁଙ୍କର ଏହି ଜୀବନାଦର୍ଶ ଆଣ୍ଡ୍ରୁଜ୍‌ଙ୍କୁ ଆଚମ୍ବିତ କରିଥିଲା । ସେଥିପାଇଁ ସେ ଲେଖିଛନ୍ତି, 'ସେ ରୋଗକୁ ମାନୁ ନଥିଲେ । ରୋଗ ଭିତରେ

ସେ କାର୍ଯ୍ୟ କରୁଥିଲେ । ତାଙ୍କର ସାହସ ଓ ସହନଶୀଳତା ଅବର୍ଣ୍ଣନୀୟ । ତାଙ୍କର ଦୁର୍ବଳ ଶରୀର ବ୍ୟୟରେ ସେ ସେପରି ହୋଇପାରିଥିଲେ । ତାହାଙ୍କର ଶାରୀରିକ ଶକ୍ତି ଭଣ୍ଡାରରୁ ସେ ବହୁତ ବେଶୀ ଖର୍ଚ୍ଚ କରୁଥିଲେ ।' ଓଡ଼ିଶା ବନ୍ୟା ସାହାଯ୍ୟ ସମିତିର ସଭାପତି ହୋଇଥିଲେ ଦୀନବନ୍ଧୁ ଆଣ୍ଡ୍ରୁଜ୍ । ଏକତ୍ର ଦୁଇବନ୍ଧୁ ବନ୍ୟା ପ୍ରପୀଡିତ ଲୋକମାନଙ୍କର ସେବା କରୁଥିଲେ । ଡିସେମ୍ବର ୬, ୧୯୨୮ ସଂଖ୍ୟା 'ୟଙ୍ଗ ଇଣ୍ଡିଆ'ରେ ଗୋପବନ୍ଧୁଙ୍କ ସହିତ ବନ୍ୟାଞ୍ଚଳ ଗସ୍ତ ସମ୍ପର୍କିତ ଆଣ୍ଡ୍ରୁଜ୍‌ଙ୍କ ସ୍ମୃତିଚାରଣ ଏହିପରି: ପୁରୀଠାରୁ ଅଳ୍ପଦୂରରେ ଚିଲିକା ହ୍ରଦକୁ ବହି ଯାଇଥିବା ନଈରେ ଆମେ ବନ୍ୟାଞ୍ଚଳକୁ ବାହାରିଲୁ । ସବୁ ଆମ ବିରୁଦ୍ଧରେ । ଲଞ୍ଚ୍ ମିଳିବା ଅସମ୍ଭବ ହେଲା । ତେଣୁ ଡଙ୍ଗାରେ ଯିବାକୁ ହେବ । ଅବିରତ ବର୍ଷା ଓ ଆମ ମୁଣ୍ଡ ଉପରେ କିଛି ନଥାଏ । ଆମେ ଯିବା କି ପାଗ ଭଲ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା, ଏହା ଥାଏ ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଏହାର ନିଷ୍ପତ୍ତି କରିବାର ଭାର ଗୋପବନ୍ଧୁ ମୋତେ ଦେଲେ । ମୁଁ ଯେତେବେଳେ କହିଲି, ବନ୍ୟା ପ୍ରପୀଡିତ ଲୋକେ ଏହି ବର୍ଷା ଯୋଗୁଁ ଆମର ଉପସ୍ଥିତି ବେଶୀ ଦରକାର କରୁଥିବେ, ସେତେବେଳେ ତାଙ୍କର ଆନନ୍ଦ ଫୁଟି ଉଠିଲା । ଭିତରେ ଭିତରେ ସେ ଆଶଙ୍କା କରୁଥିଲେ ଯେ ମୁଁ ବୋଧହୁଏ ଯିବା ସ୍ଥଗିତ ରଖିବି ।

ସେ ମୋ ପକ୍ଷରେ ଏକ ସ୍ମରଣୀୟ ରାତ୍ରି । ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ବହୁ ପୂର୍ବରୁ ଅନ୍ଧାର ହୋଇଗଲାଣି । ରାତି ମଧ୍ୟ ଏପରି ଅନ୍ଧାର ଯେ ଡଙ୍ଗାବାଲା ଆଗକୁ ଯିବାପାଇଁ ମନାକଲା । ଗଭୀର ଅନ୍ଧାରରେ କୂଳ ଧରିବା ପାଇଁ ଯାଉଯାଉ ଡଙ୍ଗା ବୁଡିଯିବା ଉପରେ ପ୍ରାୟ ହୋଇଯାଇଥିଲା । ଅବଶେଷରେ କୂଳରେ ପହଞ୍ଚିଲୁ ଓ ରାତିରେ ଏକ ପଲାରେ ରହିଲୁ । କିଛିକ୍ଷଣ ପରେ କେତେକ ଗ୍ରାମବାସୀ ଗୋଟିଏ ଲଣ୍ଠନ ଓ ଶୁଖିଲା ଲୁଗା ନେଇ ଆସିଲେ । ବିଶ୍ରାମହୀନ ରାତି କଟାଇ ପରଦିନ ପୁଣି ଆମେ ବାହାରିଲୁ । ନିର୍ଦ୍ଦୟ ବର୍ଷା ପୁଣି ଆସିଲା, ସେତେବେଳେ ଡଙ୍ଗାରେ ଆମେ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯାଉଥାଉ । ଗୋପବନ୍ଧୁଙ୍କର ସହିବାର ଶକ୍ତି ଅସୀମ । ଗ୍ରାମବାସୀଙ୍କ ପ୍ରତି ତାଙ୍କ ଦୟାଦେଖି ଆନନ୍ଦ ଲାଗୁଥାଏ । ଛୋଟ ଛୋଟ ପିଲା, ଗରିବ ସ୍ତ୍ରୀଲୋକ ଓ ମୂକ ଗୋରୁଗାଈ ତାଙ୍କ ସ୍ନେହ ସହାନୁଭୂତିର ପାତ୍ର ଥିଲେ । ଏମିତି ଦୁଇବନ୍ଧୁ ପୁରୀରେ ଓ କଟକରେ ଏକତ୍ର ଦୁଃଖୀ ଜନତାର ସେବା କରୁଥିଲେ । 'ସମାଜ' କାର୍ଯ୍ୟାଳୟରେ ଆଳାପ ଆଲୋଚନା ମାଧ୍ୟମରେ ସେବା ଓ ସଂଗ୍ରାମର କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଥିଲେ । ଆଜନ୍ମ ନିରାଡମ୍ବର ଗୋପବନ୍ଧୁ କଟକରେ ଏକ ସଂକୀର୍ଣ୍ଣ କୋଠରିରେ ରହୁଥିବାରୁ ସେ ଆଣ୍ଡ୍ରୁଜ୍‌ଙ୍କ ପାଇଁ ଗୋପବନ୍ଧୁ ଚୌଧୁରୀଙ୍କ ଘରେ ରହିବାର ବନ୍ଦୋବସ୍ତ କରାଇଥିଲେ ।

ଗୋପବନ୍ଧୁଙ୍କର ଏହି ଆତ୍ମୀୟତା ଓ ବନ୍ଧୁ ବତ୍ସଳତା ସମ୍ପର୍କରେ ଦୀନବନ୍ଧୁ ଭାବବିହ୍ୱଳ ସ୍ମୃତି ଚାରଣ କରିଛନ୍ତି ଅନେକତ୍ର । ଶେଷଜୀବନ ପର୍ଯ୍ୟନ୍ତ, ସେ ଓଡ଼ିଶାର ସୁଖଦୁଃଖର ସାଥୀ ହୋଇ ରହିଥିଲେ । ଦରିଦ୍ର ନାରାୟଣ ସେବା ବ୍ୟତୀତ ଉଭୟଙ୍କ ମଧ୍ୟରେ ଥିଲା ଅସମ୍ଭବ ଚେତନାଗତ ଐକ୍ୟ । ଉଭୟ ଗାନ୍ଧୀ ଚିନ୍ତନରେ ପ୍ରଗାଢ ଆସ୍ଥା ରଖୁଥିଲେ । ମହାତ୍ମା ଥିଲେ ଶାନ୍ତି, ଅହିଂସାର ପୂଜାରୀ । ଯେକୌଣସି ସମାଜରେ ପଶୁବଳ ଓ ଆତ୍ମିକ ବା ଆଧାତ୍ମିକ ବଳ ମଧ୍ୟରେ ଯେଉଁ ଲଢେଇ ଅହରହ ସଂଘଟିତ ହେଉଥାଏ, ସେଥିରେ ବିଜୟ ଯେ ଆତ୍ମିକ ବଳର, ଗାନ୍ଧୀଜୀଙ୍କର ଏହାଥିଲା ଦୃଢ ବିଶ୍ୱାସ । ତେଣୁ ଅହିଂସା ଥିଲା ତାଙ୍କ ସଂଗ୍ରାମର ଅବଲମ୍ବନ । ଜୀବନର ଧ୍ୟେୟ ଅପେକ୍ଷା ଶୁଦ୍ଧ ସାଧନ ଉପରେ ସେ ସର୍ବାଧିକ ଗୁରୁତ୍ୱ ଆରୋପ କରୁଥିଲେ । ଉତ୍କଳମଣିଙ୍କ ଚେତନା ଥିଲା ସେହିଭଳି । ସେ ଲେଖିଛନ୍ତି, 'ଆଧାତ୍ମିକ ବଳେ ଲାଗିଛି ଇଡାଇ, ଭାଙ୍ଗିବାକୁ ପଶୁବଳର ବଡାଇ' । ଗୋପବନ୍ଧୁଙ୍କ ପରି ଗାନ୍ଧୀ ଚେତନାର ଗୂଢତାକୁ ଆଉ ଅଧିକ କିଏ ବା ବୁଝିଥିଲା ? ଦୀନବନ୍ଧୁ ଆଣ୍ଡ୍ରୁଜ୍ ମଧ୍ୟ ଥିଲେ ସମପଥର ଯାତ୍ରୀ । ଏକ ପ୍ରବନ୍ଧରେ ସେ ଉଲ୍ଲେଖ କରିଛନ୍ତି, ଜୁଲିଅସ୍ ସିଜର୍ ବା ଚେଙ୍ଗିସ୍ ଖାଁଙ୍କ ରକ୍ତାକ୍ତ ଯୁଦ୍ଧ ବିଜୟ ବିନା ମନୁଷ୍ୟ ସମାଜ ତିଷ୍ଠିପାରେ । ମାତ୍ର ଖ୍ରୀଷ୍ଟ ବା ବୁଦ୍ଧଙ୍କର କୋମଳ ଶାନ୍ତିର ବିଜୟ ବିନା ମନୁଷ୍ୟ ସମାଜ ତିଷ୍ଠି ପାରିବ ନାହିଁ ।

ଭାରତୀୟ ଜାତି, ଜାତୀୟତାର ଯିଏ ଜନକ, ସିଏ ପ୍ରକୃତପକ୍ଷେ 'ବିଶ୍ୱପ୍ରୀତି'ର ପ୍ରତିଭୂ । ନିଜ ଜାତିକୁ ଭଲ ପାଇବାର ଅର୍ଥ କେବେ ହୋଇପାରେ କି ଅନ୍ୟ ଜାତି ପ୍ରତି ଘୃଣା ବା ଅବମାନନା ? ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ଲଢେଇରୁ ଆରମ୍ଭ ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ । ବ୍ରିଟିଶ୍ ଉପନିବେଶ ଅଧୀନରେ ଥିବା ଅନ୍ୟ ପରାଧୀନ ଜାତିର ଦୁଃଖରେ ସେଥିଲେ ସଦାବ୍ୟଥିତ । ବିଶ୍ୱ ଥିଲା ତାଙ୍କର କୁଟୁମ୍ବ । ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସେ ଲଢୁଥିଲେ ବି ବ୍ରିଟିଶ୍ ଜାତିକୁ ସେ କେବେ ଘୃଣା କରିନାହାନ୍ତି । ବିଶେଷତଃ ଶାନ୍ତି, ଅହିଂସା ଆଦି ନୀତି ତ ସ୍ଥାନ କାଳ ପାତ୍ରର ବହୁ ଉର୍ଦ୍ଧ୍ୱରେ । ଭାରତୀୟ ଜାତୀୟ ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ କର୍ଣ୍ଣଧାର ହୋଇ ବି ଗୋପବନ୍ଧୁଙ୍କ ଚେତନା ଥିଲା ବିଶ୍ୱଜନୀନତା ଆଡକୁ ସଦା ଉନ୍ମୁଖ । 'ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳବାସୀର ହେଉ ଏହା ନୀତି' ବୋଲି ସେ ଗୀତରେ ଗାଇଥିଲେ ଏବଂ ଅଗ୍ରଲେଖ ଓ ବକ୍ତବ୍ୟ ମାଧ୍ୟମରେ ମଧ୍ୟ ପ୍ରଚାର କରିଥିଲେ । ଆଣ୍ଡ୍ରୁଜ୍‌ଙ୍କ ଚେତନାରେ ବି ଭରି ରହିଥିଲା ବିଶ୍ୱପ୍ରେମର ପୀୟୂଷ । ବ୍ରିଟିଶ୍ ସ୍ୱାଭିମାନ ଅପେକ୍ଷା ଖ୍ରୀଷ୍ଟିୟ ଉଦାରବାଦ ତାଙ୍କ ବ୍ୟକ୍ତିତ୍ୱରେ ଅଧିକ ପ୍ରତିଫଳିତ ହୋଇଥିଲା । ବିଶ୍ୱରେ ତାଙ୍କ ଜାତିଦ୍ୱାରା ପ୍ରତିଷ୍ଠିତ

ସାମ୍ରାଜ୍ୟବାଦର ସୂର୍ଯ୍ୟ ଅସ୍ତ ଯାଏ ନାହିଁ ବୋଲି କୁହାଯାଉଥିବା ବେଳେ ସେ ଜଣେ ଅର୍ଦ୍ଧଲଙ୍ଗଳା ଫକୀରର ଶିଷ୍ୟ ସାଜିଥିଲେ ଏବଂ ଭାରତବର୍ଷର ଏକ ଅନୁନ୍ନତ ଅଞ୍ଚଳ ଓଡ଼ିଶାର ବନ୍ୟାକ୍ଲିଷ୍ଟ ଜନତାର ସାହାଯ୍ୟ, ସହାୟତା ନିମନ୍ତେ ନିଜକୁ ଉତ୍ସର୍ଗ କରିଥିଲେ । ଆଣ୍ଡୁଜ୍‌ଙ୍କ ଉଚ୍ଚାରଣ ଓ ଆଚରଣ- ଉଭୟରେ ଥିଲା ବିଶ୍ୱପ୍ରୀତିର ଲଳିତ ପ୍ରତିଧ୍ୱନି । ବିଶ୍ୱପ୍ରୀତିରୁ ଏବେ ଓଡ଼ିଶା ଓ ଓଡ଼ିଆ ପ୍ରୀତି କଥା ପଡୁ । ଭାଷାଭିତ୍ତିକ ପ୍ରଦେଶ ଗଠନ ସଂଗ୍ରାମ ସହିତ ଗୋପବନ୍ଧୁ ତ ଆକୈଶୋର ସମ୍ପୃକ୍ତ । ଓଡ଼ିଶାର ପୁରପଲ୍ଲୀରେ ବୁଲି ସେ ଦୁଃଖୀ ସେବା କରିଛନ୍ତି, କରିଛନ୍ତି ସ୍ୱରାଜ୍ୟ ବାର୍ତ୍ତାର ପ୍ରଚାର ପ୍ରସାର । ପୁଣି ଓଡ଼ିଆ ପଦ୍ୟ ଓ ଗଦ୍ୟର ସେ ଅନନ୍ୟ ରୂପକାର । ଗାଇଛନ୍ତି ଉତ୍କଳର ଗାଥା, ଖୋଜିଛନ୍ତି ଓଡ଼ିଆର ଜାତୀୟତା । ସୁତରାଂ ଗୋପବନ୍ଧୁଙ୍କଠାରେ ଓଡ଼ିଆ ଓ ଓଡ଼ିଆ ପ୍ରୀତି ରହିବା ଥିଲା ସ୍ୱାଭାବିକ । କିନ୍ତୁ ମହାତ୍ମା ଗାନ୍ଧୀ ହେଉଛନ୍ତି ପ୍ରଥମ ସର୍ବଭାରତୀୟ ନେତା ଯିଏ ଆନ୍ତରିକତା ସହିତ ଓଡ଼ିଶାର ସମସ୍ୟା ବୁଝିଛନ୍ତି, ଓଡ଼ିଶାବାସୀଙ୍କ ପ୍ରତି ଅମିତ ଦରଦ ପ୍ରକଟ କରିଛନ୍ତି ଏବଂ ସର୍ବୋପରି ଓଡ଼ିଶାର ନେତୃତ୍ୱ ପ୍ରତି ଆସ୍ଥା ଓ ସ୍ୱୀକୃତି ପ୍ରଦାନ କରିଛନ୍ତି । ଦୁର୍ଭିକ୍ଷ ସମୟରେ ଓଡ଼ିଶାରେ ସାହାଯ୍ୟ କାର୍ଯ୍ୟଠାରୁ ଆରମ୍ଭ କରି ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଖଦି କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁଥିରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ହୋଇଛନ୍ତି ଗାନ୍ଧୀଜୀ । ଓଡ଼ିଶା ପାଇଁ ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହର ଦାୟିତ୍ୱ ପୁଣି ସେ ନେଇଥିଲେ ନିଜେ । ଗାନ୍ଧୀଜୀଙ୍କ ପୂର୍ବରୁ ଓଡ଼ିଶାର ନେତୃତ୍ୱ ଯେମିତି କାହା ଆଖିରେ ପଡିନଥିଲା । ଗୋପବନ୍ଧୁଙ୍କ ନେତୃତ୍ୱକୁ ସେ ପ୍ରଶଂସାରେ ପୋତି ପକାଇଥିଲେ । ଆଉ ଗୋପବନ୍ଧୁଙ୍କ ବିୟୋଗରେ ମର୍ମାହତ ହୋଇ ଲେଖିଥିଲେ, 'ଗୋପବନ୍ଧୁଙ୍କ ମୃତ୍ୟୁରେ ଦେଶ ଆଜି ଦରିଦ୍ରତର' । ସେହିପରି ଓଡ଼ିଶାର କୁଳବୃଦ୍ଧ ମଧୁସୂଦନଙ୍କ ପ୍ରତି ମହାତ୍ମାଙ୍କ ଶ୍ରଦ୍ଧା ଥିଲା ଅପ୍ରମିତ । ଖାସ୍ ମଧୁବାବୁଙ୍କ ସହିତ ସାକ୍ଷାତ ଆଲୋଚନା ପାଇଁ ସେ ଥରେ (୧୯୨୭ ମସିହାରେ) ମୌନ ଭଙ୍ଗ କରିଥିଲେ । ମୌନବ୍ରତ ଭାଙ୍ଗିବାରେ ଏହା ଗାନ୍ଧୀଜୀଙ୍କ ଜୀବନରେ ଥିଲା ଏକମାତ୍ର ବ୍ୟତିକ୍ରମ । ସେହିପରି ଓଡ଼ିଶା ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଘରକୁ ଯାଇ ଗାନ୍ଧୀଜୀ ଭାଷାକୋଷ ପ୍ରଣୟନ ପରିଦର୍ଶନ କରିଥିଲେ ଏବଂ ତାଙ୍କ ଏକନିଷ୍ଠ ଉଦ୍ୟମକୁ ପ୍ରଶଂସା କରିଥିଲେ । ଓଡ଼ିଶାରେ ହରିଜନ ପଦଯାତ୍ରା ସମୟରେ ମା' ରମାଦେବୀଙ୍କ ନେତୃତ୍ୱରେ ସେ ବିମୁଗ୍ଧ ହୋଇଥିଲେ । 'କଟକର ନାରୀମାନଙ୍କ ଉଦାହରଣ ଅନୁସୃତ ହେବ ବୋଲି ଆଶାପୋଷଣ କରେ,' ଏହା ସେ ଲେଖିଥିଲେ ମାର୍ଚ୍ଚ ୨୫, ୧୯୩୩ ସଂଖ୍ୟା 'ହରିଜନ' ପତ୍ରିକାରେ ।

ସବୁଠାରୁ କିନ୍ତୁ ବଡକଥା ହେଲା ଗୋରା ସାହେବ ଦୀନବନ୍ଧୁ ଆଣ୍ଡୁଜ୍‌ଙ୍କ ଓଡ଼ିଶା ପ୍ରୀତି । ବିଦେଶୀ ପଣ୍ଡିତ ଓ ପରିବ୍ରାଜକମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶା ପ୍ରତି ସକରାତ୍ମକ ମନୋଭାବ ପୋଷଣ କରିନାହାନ୍ତି । କିଏ ଓଡ଼ିଶାକୁ ପୁରୁଣା-କାଳିଆ ଭୂଖଣ୍ଡ ଆଖ୍ୟା ଦେଇଛନ୍ତି ତ ଶ୍ରୀମନ୍ଦିରକୁ ଅଭିହିତ କରିଛନ୍ତି ଗଦାଏ ପଥର ସ୍ତୂପ ଭାବରେ । କାହା ଦୃଷ୍ଟିରେ ଓଡ଼ିଆମାନେ ମୂଢ, ମାଇଚିଆ ତ ଆଉ କାହା ଦୃଷ୍ଟିରେ ସେମାନେ ଅଳସୁଆ, ଅଳ୍ପରେ ସନ୍ତୁଷ୍ଟ ଏକ ନିର୍ବେଦଗ୍ରସ୍ତ ଜାତି । କିନ୍ତୁ ଦୀନବନ୍ଧୁ ଥିଲେ ଏହାର ବ୍ୟତିକ୍ରମ । ତାଙ୍କ ଦୃଷ୍ଟିରେ ଓଡ଼ିଆମାନେ ଭାରତବର୍ଷର ସର୍ବାଧିକ ଆଦରଣୀୟ ଜାତି । ଜାନୁଆରୀ ୨୬, ୧୯୨୮ ସଂଖ୍ୟା 'ୟଙ୍ଗ ଇଣ୍ଡିଆ'ରେ ଓଡ଼ିଆମାନଙ୍କ ବିଷୟରେ ଆଣ୍ଡୁଜ୍‌ଙ୍କ ଟିପ୍‌ପଣୀ ପ୍ରଣିଧାନଯୋଗ୍ୟ: ସେବାର ପ୍ରଥମ କାର୍ଯ୍ୟ ଯଦି ସ୍ନେହ ହୁଏ, ତେବେ ଓଡ଼ିଶାରେ ସେ ସେବା କାର୍ଯ୍ୟ ଆରମ୍ଭ କରିବା ସହଜ । କାରଣ ଓଡ଼ିଶାର ଲୋକେ ଯେପରି ସ୍ନେହୀ ସେପରି ଭାରତର ଅନ୍ୟତ୍ର ମୁଁ ଦେଖିନାହିଁ । ତୁମେ ଓଡ଼ିଶା ଲୋକଙ୍କ ଭିତରକୁ ଗଲେ, ପ୍ରଥମ ମୁହୂର୍ତ୍ତରୁ ସେମାନେ ତୁମ ହୃଦୟ କିଣି ନିଅନ୍ତି । ଚାରିଆଡେ ଦୁଃଖରାଶି ଧୈର୍ଯ୍ୟ ସହକାରେ ସହି ନିଆଯାଉଛି, ଖାଲି ଏହା ହିଁ ତା'ର କାରଣ ନୁହେଁ । ଓଡ଼ିଆଙ୍କ ଭିତରେ ଯେ ଆସି ରହିଛି, ତାଙ୍କୁ ସ୍ପଷ୍ଟ ଜଣାପଡିଛି ଯେ ହୃଦୟ ପ୍ରତି ନିବେଦନ ପରିପୂର୍ଣ୍ଣ ଓଡ଼ିଆଙ୍କ ଧୈର୍ଯ୍ୟ, କିନ୍ତୁ ତା'ଠାରୁ ଆହୁରି କିଛି ବେଶୀ ଅଛି ।' ଆଣ୍ଡୁଜ୍‌ଙ୍କ ଓଡ଼ିଆ ପ୍ରୀତିର ପଟାନ୍ତର ନାହିଁ, ଏଥିରୁ ଏହା ସ୍ପଷ୍ଟ ନୁହେଁ କି ? ବିଂଶ ଶତାବ୍ଦୀର ପ୍ରଥମ ଦୁଇ ତିନି ଦଶନ୍ଧି, ସାରା ଭାରତ ପାଇଁ ବିଶେଷତଃ ଓଡ଼ିଶା ପାଇଁ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏକ କାଳଖଣ୍ଡ । ମଧୁସୂଦନଙ୍କ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଯାହା ଓଡ଼ିଶାର ପ୍ରଥମ ଜନସମାବେଶ, ମହାତ୍ମା ଗାନ୍ଧୀଙ୍କ ଉତ୍କଳ ଆଗମନ, ଗୋପବନ୍ଧୁଙ୍କ ସେବା ଓ ସ୍ୱରାଜ୍ୟ ସନ୍ଦେଶ ଏବଂ ସର୍ବୋପରି ଦୀନବନ୍ଧୁ ଆଣ୍ଡୁଜ୍‌ଙ୍କ କଟକ ରହଣି ଓ ଓଡ଼ିଶାର ବହୁବିଧ ବ୍ୟାପାରରେ ସକ୍ରିୟ ଅଂଶଗ୍ରହଣ ତଥା ଯୁବ ନେତୃତ୍ୱର ଅଭ୍ୟୁଦୟ ଓଡ଼ିଶାର ସୁଦୀର୍ଘ ସୁଷୁପ୍ତିରେ ଯବନିକା ଟାଣିଥିଲା । ନବଜାଗୃତିର ଅରୁଣୋଦୟରେ ଉଦ୍‌ଭାସିତ ଓଡ଼ିଶା ସମୟର ଆହ୍ୱାନକୁ ଅଙ୍ଗୀକାର ଭାବରେ ଗ୍ରହଣ କରିବାକୁ ସକ୍ଷମ ହୋଇଥିଲା । ଓଡ଼ିଶା ଇତିହାସର ଏହା ଏକ ଅବିସ୍ମରଣୀୟ ଅଧ୍ୟାୟ ଏବଂ ଉତ୍ତର ପିଢି ପାଇଁ ପ୍ରେରଣାର ଚିରନ୍ତନୀ ଉତ୍ସ ।

(ଡକ୍ଟର ହରେକୃଷ୍ଣ ମହତାବଙ୍କ 'ଗାନ୍ଧୀଜୀ ଓ ଓଡ଼ିଶା', ଗୋପିନାଥ ମହାନ୍ତିଙ୍କ 'ଉତ୍କଳମଣି' ଆଦି ଗ୍ରନ୍ଥରୁ ତଥ୍ୟ ଗୃହୀତ ।)

ଭି.ଏ.-୯/୨, ୟୁନିଟ୍-୨
ଭୁବନେଶ୍ୱର-୭୫୧୦୦୯

# ଶକ୍ତି ଉପାସନା

**ଶାଶ୍ୱତୀ ସୌମ୍ୟା ମିଶ୍ର**

ପରାମ୍ଭା ମାହେଶ୍ୱରୀ ଜଗଜ୍ଜନନୀ ଜଗଦୀଶ୍ୱରୀ ଭବାନୀଙ୍କ ମହିମା ଅଚିନ୍ତ, ଅପାର ଏବଂ ନିତାନ୍ତ ଅଭେଦ୍ୟ । ତାହାଙ୍କ ଅପାର କୃପା ଶକ୍ତି ଦ୍ୱାରା ଏ ସମଗ୍ର ସଂସାରର ବୀଜରୋପଣ କରିବା ସମ୍ଭବପର ହୋଇପାରିଛି । ଶକ୍ତି ସାମର୍ଥ୍ୟର ପରିଭାଷା । ସାଧନାର ଅପର ନାମ ଶକ୍ତିଙ୍କ ଆରାଧନା । କାରଣ ମନୁଷ୍ୟର ଲକ୍ଷ୍ୟ ପୂରଣ ତା'ର ଅନ୍ତର୍ନିହିତ ଶକ୍ତିଦ୍ୱାରା ହିଁ ସମ୍ଭବ ହୋଇଥାଏ । ସମସ୍ତ ସିଦ୍ଧି ଶକ୍ତିସାପେକ୍ଷ ଅଟେ । ଅତଏବ ସାଧକର ସିଦ୍ଧି ପାଇଁ ଶକ୍ତି ଅଥବା ଆତ୍ମଶକ୍ତି ଏକାନ୍ତ ଅପରିହାର୍ଯ୍ୟ। ସୁତରାଂ କୌଣସି ବସ୍ତୁ ଶକ୍ତିଯୁକ୍ତ ହେଲେ ଚଳାୟମାନ ହୋଇଥାଏ । କିନ୍ତୁ ଶକ୍ତିରହିତ ବସ୍ତୁ ଜଡ ସଦୃଶ ସ୍ଥିର, ନିଶ୍ଚଳ । ଏହା କେବଳ ସାଧାରଣ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହାର ପ୍ରଭାବ ପଞ୍ଚଭୂତଠାରୁ ଆରମ୍ଭ କରି ଦେବତାମାନଙ୍କ ମଧ୍ୟରେ ମଧ୍ୟ ପରିଲକ୍ଷିତ ହୁଏ । ଏଣୁ ଏହା ଅନୁମେୟ କି ମହାଯୋଗୀ ଶିବ, ପରଂବ୍ରହ୍ମ ଜଗତପାଳକ ବିଷ୍ଣୁ, ବିଘ୍ନହର୍ତ୍ତା ଶ୍ରୀ ଗଜାନନ,ସକଳ ଶକ୍ତିର ଉତ୍ସ ସ୍ୱୟଂ ସୂର୍ଯ୍ୟଦେବଙ୍କ ଉପାସନା ମୂଳତଃ ଶକ୍ତିଙ୍କ ଉପାସନା ଅଟେ । ଏଣୁ ବୈଷ୍ଣବବାଦୀ ସମସ୍ତ ସମ୍ପ୍ରଦାୟର ସାଧନା ଶକ୍ତି ସାଧନାର ଅନ୍ତର୍ଗତ ।

ଅନାଦି କାଳରୁ ଶକ୍ତିଙ୍କ ବିବିଧ ରୂପର ଉପାସନାକୁ ମହତ୍ତ୍ୱ ପ୍ରଦାନ କରାଯାଇଛି । ବେଦ, ଗୀତା, ବ୍ରହ୍ମସୂତ୍ର ତଥା ଅନ୍ୟ ସମସ୍ତ ଶକ୍ତି ସମ୍ବନ୍ଧିତ ଗ୍ରନ୍ଥାବଳୀମାନଙ୍କରେ ଶକ୍ତିଙ୍କର ମାହାତ୍ମ୍ୟକୁ ବହୁ ନିପୁଣତା ଏବଂ ଚତୁରତାର ସହ ବର୍ଣ୍ଣନା କରାଯାଇଛି । ଏହି ସମସ୍ତ ଗ୍ରନ୍ଥ ଏବଂ ମହାପୁରାଣମାନଙ୍କ ସହାୟତାରେ ଦେବୀଙ୍କ ସ୍ୱରୂପ, ମହିମା ଏବଂ ଉପାସନା ପ୍ରଣାଳୀର ସୁବିସ୍ତାର ବ୍ୟାଖ୍ୟା କରାଯାଇଛି । ସାଧାରଣତଃ ପୁରାଣ ଶାସ୍ତ୍ରମାନଙ୍କ ମାଧ୍ୟମରେ ଶକ୍ତିଙ୍କର ମହିମାକୁ ଜଗତପ୍ରସାରି କରାଯାଇଛି । ଏଣୁ ପୌରାଣିକ ଯୁଗକୁ ଶକ୍ତି ଉପାସନାର ଯୌବନକାଳ ରୂପେ ଅଭିହିତ କରାଯାଇଛି। ସମଗ୍ର ବିଶ୍ୱକୁ ଏହି କିମ୍ବଦନ୍ତୀମାନଙ୍କଦ୍ୱାରା ଯେଉଁ ମହତ୍ତ୍ୱପୂର୍ଣ୍ଣ ତଥ୍ୟପ୍ରାପ୍ତି ହୋଇଛି ତନ୍ମଧ୍ୟରୁ ପରମ କରୁଣାମୟୀ ଏବଂ କଲ୍ୟାଣସ୍ୱରୂପିଣୀ ମାତା ଭଗବତୀଙ୍କ ଅଭ୍ୟୁଦୟ ଏକ ଅଦ୍‌ଭୁତ ବରଦାନ ଭାବେ ଜନମାନସରେ ଗୃହୀତ ହୋଇଛି । ଏଣୁ ଶକ୍ତି ଉପାସନା ଦ୍ୱାରା ସାଧକ ପରମାନନ୍ଦ ଲାଭ କରେ ଏବଂ ଶେଷରେ ମୁକ୍ତିର ଅଧିକାରୀ ହୋଇଥାଏ ।

ଯେପରି ପରଂବ୍ରହ୍ମ କର୍ତ୍ତବ୍ୟର ବଶବର୍ତ୍ତୀ ହୋଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସ୍ୱରୂପ ଧାରଣ କରିଥାଆନ୍ତି ସେହିପରି ଆଦିଶକ୍ତି ଜଗତର କଲ୍ୟାଣ ପାଇଁ ମହାସରସ୍ୱତୀ ମହାଲକ୍ଷ୍ମୀ ଏବଂ ମହାକାଳୀଙ୍କ ସ୍ୱରୂପ ଧାରଣ କରିଥାଆନ୍ତି । ଏହି ମହାଶକ୍ତିଗଣ କେବେ ମାୟା ଶକ୍ତି ଦ୍ୱାରା ତ କେବେ ପ୍ରକୃତି ଶକ୍ତି ଦ୍ୱାରା ଉପାସିତା ହୋଇଥାଆନ୍ତି । ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସମଗ୍ର ଜଗତର ଉତ୍ପତ୍ତି କରିଥିବାବେଳେ ପାଳନକର୍ତ୍ତା ବିଷ୍ଣୁ ମହାଶକ୍ତି ମହାଲକ୍ଷ୍ମୀଙ୍କ ସହାୟତାରେ ଜଗତର ପାଳନ କରିଥାଆନ୍ତି ଏବଂ ସଂହାରକାରୀ ଶିବ ମହାଶକ୍ତି ମହାକାଳୀଙ୍କ ମାଧ୍ୟମରେ ଭୈରବରୂପ ଧାରଣ କରି ସୃଷ୍ଟିର ବିନାଶ କରିଥାଆନ୍ତି । ସୁତରାଂ ଦୁଗ୍ଧର ଧବଳତା ଏବଂ ଚନ୍ଦ୍ରର ଶୀତଳତା ଯେପରି ଅଭିନ୍ନ ସେହିପରି ଶକ୍ତି ଏବଂ ଶକ୍ତିମାନ ପରସ୍ପରଠାରୁ ଅଭିନ୍ନ ଅଭେଦ୍ୟ ।

ଦେବୀଙ୍କ ଆରାଧନା ସାଧାରଣତଃ ଚୈତ୍ର ଶୁକ୍ଳ ପ୍ରତିପଦାରୁ ନବମୀ ପର୍ଯ୍ୟନ୍ତ ଦୀର୍ଘ ନଅ ଦିନଧରି କରାଯାଇଥାଏ । ତେଣୁ ଏହାକୁ 'ନବରାତ୍ର' କୁହାଯାଏ । ଚୈତ୍ର ନବରାତ୍ର ଛଡା ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ନବମୀ ଏହି ନଅ ଦିନରେ ମଧ୍ୟ ଦେବୀଙ୍କୁ ଆରାଧନା କରାଯାଏ । 'ନବରାତ୍ର' ଶବ୍ଦର ଅର୍ଥ ନଅ ଗୋଟି ରାତ୍ରିର ସମାହାର (ନବାନାଂ ରାତ୍ରିଣାଂ ସମାହାରଃ) ।

'ନବରାତ୍ର'ର ସଂଖ୍ୟା ହିଁ ଏକରସ ଅଖଣ୍ଡ ବ୍ରହ୍ମବାଚକ । କାରଣ ଏକକ ସଂଖ୍ୟା ମଧ୍ୟରେ ନଅ ହିଁ ସର୍ବଶେଷ, ସର୍ବଶ୍ରେଷ୍ଠ ମଧ୍ୟ ।

ଶାରଦୀୟ ନବରାତ୍ରର ଅନ୍ୟନାମ 'ଅକାଳବୋଧନ' । ପ୍ରକୃତରେ ଦେବୀପୂଜାର ସର୍ବପ୍ରାଚୀନ ତଥା ସର୍ବମାନ୍ୟ ତିଥି ହେଉଛି ବାସନ୍ତିକ ନବରାତ୍ର । ଶରତ କାଳରେ ନବରାତ୍ର ପାଳନ କରିବା ମୂଳରେ ଏକ ପୌରାଣିକ ଉପାଖ୍ୟାନ ପ୍ରଚଳନ ଅଛି । ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଜଗତର ମଙ୍ଗଳ ପାଇଁ ପ୍ରବଳପ୍ରତାପୀ ରାବଣକୁ ବଧ କରିବା ପାଇଁ ମାତା ଭଗବତୀଙ୍କର ଆରାଧନା କରିଥିଲେ । ଅକାଳରେ ଦେବୀ ଆରାଧିତା ହୋଇଥିବାରୁ ଏହି ପୂଜାକୁ 'ଅକାଳ ବୋଧନ' ବୋଲି କୁହାଯାଏ । ଶ୍ରୀରାମଙ୍କ ଆରାଧନାରେ ସନ୍ତୁଷ୍ଟ ଦେବୀ ଶ୍ରୀରାମଙ୍କୁ ବର ପ୍ରଦାନ କରିବାରୁ ଶ୍ରୀରାମ ଆଶ୍ୱିନ ଶୁକ୍ଳ ଦଶମୀ ଦିନ ରାବଣର ବିନାଶ କରିଥିଲେ । ତେଣୁ ଏହିଦିନକୁ ବିଜୟର ସ୍ମାରକୀପୂର୍ବକ ବିଜୟାଦଶମୀ ଭାବେ ପାଳନ କରାଯାଏ ।

ନବରାତ୍ରରେ ନବଦୁର୍ଗାଙ୍କୁ ଆରାଧନା କରାଯାଇଥାଏ । ସପ୍ତଶତୀ ଚଣ୍ଡୀର ଦୁର୍ଗା କବଚରୁ ଏହି ନବଦୁର୍ଗାଙ୍କ ପରିଚୟ ମିଳେ । ଏହି ନ' ଜଣ ଦୁର୍ଗାଙ୍କ ନାମ ଏହିପରି –

ପ୍ରଥମଂ ଶୈଳପୁତ୍ରୀ ଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ ।
ତୃତୀୟ ଚନ୍ଦ୍ରଘଣ୍ଟେତି କୂଷ୍ମାଣ୍ଡେତି ଚତୁର୍ଥକମ୍ ।।
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀତି ଚ ।
ସପ୍ତମଂ କାଳରାତ୍ରୀତି ମହାଗୌରୀତି ଚାଷ୍ଟମମ୍ ।।
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ ।

ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ ଓଡିଶାର ଅଧିକାଂଶ ସ୍ଥାନର ଏହି ନବଦୁର୍ଗା ବା ନବଶକ୍ତିଙ୍କୁ ମୁଖ୍ୟତଃ କଳଶ ମାଧ୍ୟମରେ ହିଁ ଆବାହନ କରାଯାଇଥାଏ ।

ଦକ୍ଷିଣେତୁ ବାରାହୀ ନୈରୃତ୍ୟାଂ ଖଡ୍ଗଧାରିଣୀ ।
ପ୍ରତୀଚ୍ୟାଂ ବାରୁଣୀ ରକ୍ଷେଦ୍ ବାୟବ୍ୟାଂ ମୃଗବାହିନୀ ।।
ଉଦୀଚ୍ୟାଂ ପାତୁ କୌମାରୀ ଐଶାନ୍ୟାଂ ଶୂଳଧାରିଣୀ ।
ଊର୍ଦ୍ଧ୍ୱଂ ବ୍ରହ୍ମାଣୀ ମେ ରକ୍ଷେଦଧସ୍ତାଦ୍ ବୈଷ୍ଣବୀ ତଥା ।।

ଅର୍ଥାତ୍ ଦେବୀ ପୂଜା ପାଇଁ ସ୍ଥାପିତ ହୋଇଥିବା କଳଶ ମଧ୍ୟରୁ ଦକ୍ଷିଣରେ ବାରାହୀ, ନୈରତ କୋଣରେ ଖଡ୍ଗଧାରିଣୀ, ପଶ୍ଚିମରେ ବାରୁଣୀ, ବାୟୁକୋଣରେ ମୃଗବାହିନୀ, ଉତ୍ତରରେ କୌମାରୀ, ଈଶାନ କୋଣରେ ଶୂଳଧାରିଣୀ ଊର୍ଦ୍ଧ୍ୱଦେଶରେ ବ୍ରାହ୍ମଣୀ ଓ ଅଧୋଦେଶରେ ବୈଷ୍ଣବୀଙ୍କୁ ଆବାହନ କରାଯାଇଥାଏ । ଦେବୀ ଦୁର୍ଗାଙ୍କ ପୂଜାରେ ଯେଉଁ ନବପତ୍ରିକା ବ୍ୟବହୃତ ହୁଏ, ତାହା ହେଲେ–

'ରମ୍ଭା କଚୁ, ହରିଦ୍ରାଚ, ଜୟନ୍ତୀ ବିଲ୍ୱ ଦାଡିମୌ
ଅଶୋକଃ ମାଣକଶ୍ଚୈବ ଧାନ୍ୟଂ ଚ ନବପତ୍ରିକା ।'

ଅର୍ଥାତ୍ ରମ୍ଭା ବା କଦଳୀ, କଚୁ ବା ସାରୁ, ହରିଦ୍ରା ବା ହରିଡା, ଜୟନ୍ତୀ ବେଲ, ଡାଳିମ୍ବ, ଅଶୋକ ମାଣକ ବା ମାଣସାରୁ ଓ ଧାନ ଆଦି ପତ୍ରକୁ ଶ୍ୱେତ ଅପରାଜିତା ଲତାରେ ବାନ୍ଧିଲେ ତାହା ନବପତ୍ରିକା ହୁଏ । ବୃକ୍ଷପୂଜା ପରମ୍ପରା ବହୁ ପ୍ରାଚୀନ ।ଏହି ନବପତ୍ରିକା ଉପାସନା ପ୍ରାଚୀନ ବୃକ୍ଷପୂଜା ପରମ୍ପରାର ପରିଚୟ ଦିଏ ।

ଭକ୍ତଟିଏ ମାଆଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହ ଆରାଧନା କରି ସ୍ତୁତି କରିଥାଏ ।

''ହେ ସିଂହ ଉପରେ ବିରାଜମାନା, ଚନ୍ଦ୍ରଶେଖରା, ମରକତ ମଣିସଦୃଶ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଧନୁ ଓ ଶର ଧାରଣ କରିଥିବା, ନେତ୍ରତ୍ରୟ ଶୋଭିତା ବିଭିନ୍ନ ଅଙ୍ଗମାନଙ୍କରେ ଅଙ୍ଗଦ ବାଜୁବନ୍ଧ, ହାର, କଙ୍କଣ, ରୁଣୁଝୁଣୁ ଶବ୍ଦାୟମାନ କାଞ୍ଚୀଦାମ ଓ ନିକ୍ୱଣଯୁକ୍ତ ନୂପୁର ଧାରିଣୀ ରତ୍ନ ଦ୍ୱାରା ଉଦ୍ଭାସିତ କୁଣ୍ଡଳ ଯୁକ୍ତା, ଦେବୀ ଦୁର୍ଗା ଆମ୍ଭମାନଙ୍କର ଦୁର୍ଗତି ହରଣ କରନ୍ତୁ ।''

ଦେବୀଙ୍କ ଆରାଧନାର ମୁଖ୍ୟ ମନ୍ତ୍ର ହେଉଛି ନବାର୍ଣ୍ଣ ମନ୍ତ୍ର । ଏହି ମନ୍ତ୍ର ମହାଶକ୍ତି ଦୁର୍ଗାଙ୍କୁ ପ୍ରସନ୍ନ କରିବାର ଅମୋଘ ଉପାଦାନ । ମନ୍ତ୍ରଟି ହେଉଛ, ଓଁ ଐଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ, ।ଏହି ମନ୍ତ୍ରର ନ'ଟି ଅକ୍ଷର ଅମୂଲ୍ୟ ଅର୍ଥ ବହନକାରୀ । 'ଐ'ରେ 'ଏ'ର ଅର୍ଥ ସରସ୍ୱତୀ ଏବଂ ଅନୁସ୍ୱାରର ଅର୍ଥ ଦୁଃଖନାଶକ 'ହ୍ରୀଂ' ଭୁବନେଶ୍ୱରୀ ବୀଜ ଏବଂ ଏହା ମହାଲକ୍ଷ୍ମୀଙ୍କ ଦ୍ୟୋତିକ । 'କ୍ଲୀଂ' କାମବୀଜ ଯାହା କୃଷ୍ଣ ଏବଂ କାଳୀ ଦୁହିଁଙ୍କୁ ବୁଝାଏ । ଚାମୁଣ୍ଡା ଶବ୍ଦର 'ଚା' ଚିତ୍ ଅର୍ଥରେ 'ମୁ' ମୂର୍ତ୍ତୀକା ସତ୍ ଅର୍ଥରେ ଏବଂ 'ଣ୍ଡା' ଆନନ୍ଦ ଅର୍ଥରେ ବ୍ୟବହୃତ । ଏଣୁ ଚାମୁଣ୍ଡାର ସାମଗ୍ରିକ ଅର୍ଥ ହେଉଛି ସଚ୍ଚିଦାନନ୍ଦ । 'ବିଚ୍ଚେ'ର ବିଦ୍ ଜାଣିବା ଅର୍ଥରେ ଏବଂ 'ଚ' ଚିନ୍ତନ କରିବା ଅର୍ଥରେ ବ୍ୟବହୃତ । ଅତଏବ, ମନ୍ତ୍ରଟିର ଅର୍ଥ ହେଉଛି ଆମେ ମହାଲକ୍ଷ୍ମୀ, ମହାସରସ୍ୱତୀ ଏବଂ ମହାକାଳୀ ଏହି ତ୍ରିମୂର୍ତ୍ତି ମଧ୍ୟରେ ସତ୍‌ଚିତ୍ ଆନନ୍ଦାତ୍ମକ ବ୍ରହ୍ମସ୍ୱରୂପା ମା' ଯୋଗମାୟାଙ୍କୁ ପୂଜା ଓ ଧ୍ୟାନ ଦ୍ୱାରା ଅବଗତ ହେଉଛୁ ଏବଂ ତାଙ୍କୁ ପ୍ରାପ୍ତ ହେବା ପାଇଁ ଚିନ୍ତନ କରୁଛୁ । ମା' ଦୁର୍ଗାଙ୍କୁ ସାଧାରଣତଃ ଛ' ପ୍ରକାରେ ପୂଜା କରାଯାଇଥାଏ । ଆଶ୍ୱିନ ଶୁକ୍ଳ ଜ୍ୟେଷ୍ଠା

ନକ୍ଷତ୍ରଯୁକ୍ତ ଷଷ୍ଠୀ ତିଥି ବା କେବଳ ଷଷ୍ଠୀ ତିଥିରେ ସନ୍ଧ୍ୟାବେଳେ ଉପାସକ ବିଲ୍ୱ ବୃକ୍ଷ ନିକଟକୁ ଯାଇ ବିଧି ବିଧାନ ପୂର୍ବକ ପ୍ରାର୍ଥନା କରି ଦେବୀ ପୂଜା ପାଇଁ ବୃକ୍ଷକୁ ବରଣ କରେ । କୈଳାସ ଶିଖରେ ଜନ୍ମିତ ଏହି ବିଲ୍ୱ ବା ବେଲ ବୃକ୍ଷ ମା' ଭଗବତୀ ଏବଂ ମହାଶିବଙ୍କର ଏକାନ୍ତ ପ୍ରିୟ । ଉପାସକ ବିଲ୍ୱବରଣ ସମୟରେ ଏହି ବୃକ୍ଷ ମଧ୍ୟରେ ମା' ଦୁର୍ଗାଙ୍କୁ ହିଁ ଆବାହନ କରିଥାଏ ଏବଂ ପୂଜା ନିର୍ବିଘ୍ନରେ ପରିସମାପ୍ତ ହେବା ପାଇଁ ପ୍ରାର୍ଥନା କରିଥାଏ ।

ସପ୍ତମୀ ଦିନ ପ୍ରଭାତରୁ ବିଲ୍ୱଶାଖା ଆସିସାରିବା ପରେ ଉପାସକ ତାହାକୁ ନବପତ୍ରିକା ସହ ସଂଯୁକ୍ତ କରି ଉପଯୁକ୍ତ ପୂଜାର୍ଚ୍ଚନା କରିଥାଏ । ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ତିଥିରେ ଦେବୀଙ୍କର ଏକ ବିଶେଷ ପୂଜା କରିଥାଏ । ତାହାକୁ 'ସନ୍ଧିପୂଜା' ବୋଲି କୁହାଯାଏ । କଥିତ ଅଛି, ଏହି ସମୟରେ ଭଗବତୀ ଦୁର୍ଗା ମହିଷାସୁରକୁ ବଧକରି ନାରୀଶକ୍ତିର ଏକ ଅପୂର୍ବ ପରାକାଷ୍ଠାକୁ ଦର୍ଶାଇଥିଲେ ।

ଅର୍ଥାତ୍, ମୁଁ ବ୍ରହ୍ମଦ୍ୱେଷୀ ଅସୁରମାନଙ୍କୁ ବଧ କରିବା ପାଇଁ ରୁଦ୍ରଙ୍କର ଧନୁ ବିସ୍ତାର କରେ । ମୁଁ ମୋ ଭକ୍ତ ନିମିତ୍ତ ଯୁଦ୍ଧ କରେ । ମୁଁ ପୃଥିବୀ ଓ ଆକାଶ ସର୍ବତ୍ର ପରିବ୍ୟାପ୍ତ । ଦୁର୍ଗାପୂଜା ଅବସରରେ କୁମାରୀ ପୂଜନର ବିଧି ରହିଛି । ସାଧାରଣତଃ ଉପାସକ ଅଷ୍ଟମୀ ଏବଂ ନବମୀ ପୂଜା ଶେଷରେ କୁମାରୀମାନଙ୍କୁ ଡାକି ଦେବୀଙ୍କ ପ୍ରସାଦକୁ ସାଦରରେ ବଣ୍ଟନ କରିଥାଏ । ଦଶମୀ ଦିନ ମା' ଦୁର୍ଗାଙ୍କ ଶେଷ ପୂଜା ହୋଇଥାଏ । ପୂଜା ସମାପନ ପରେ ମୃଣ୍ମୟୀ ଦେବୀଙ୍କ ବିସର୍ଜନ ପରେ ଉପାସକ ଅପରାଜିତା ପୂଜା କରିଥାଏ । ବିସର୍ଜନ ପୂର୍ବରୁ ଏହି ପୂଜା କରିବା ନିଷେଧ ବୋଲି ସ୍ପଷ୍ଟ କରାଯାଇଛି ।

ଶେଷରେ ଭକ୍ତଟି ଭକ୍ତିର ସହ ଗଦ୍ ଗଦ୍ କଣ୍ଠରେ ଗାଇ ଉଠେ ।

ଶରଣାଗତଦୀନାର୍ତ୍ତ ପରିତ୍ରାଣ ପରାୟଣେ ।
ସର୍ବସ୍ୟାର୍ତ୍ତିହରେ ଦେବୀ ନାରାୟଣୀ ନମୋସ୍ତୁତେ ।।

ଅର୍ଥାତ୍ ହେ, ଦେବୀ ! ଶରଣାଗତ ଦୀନ ଓ ଆର୍ତ୍ତମାନଙ୍କର ପରିତ୍ରାଣକାରିଣୀ ସର୍ବଦୁଃଖନାଶୀନି। ହେ ନାରାୟଣୀ ! ତୁମକୁ କୋଟି କୋଟି ପ୍ରଣାମ ।

ଦରଖାପାଟଣା, କଲ୍ୟାଣୀ ନଗର
କଟକ – ୧୩

# ଦେବୀ ବନ୍ଦନା

**ମିଶ୍ର ସତ୍ୟନାରାୟଣ**

ତ୍ରାହିମାଂ ବିପଦେ ତତେ ଡାକୁଛି ମାଆ
ଦାନବ ଦୁନିଆସାରା ପାଉନି ରାହା

ଯେବେ ମହିଷା ଅଧୀନ ହେଲେ
ତିନି ଭୁବନବାସୀ
ଦେବତାଗଣ ଶରଣ ନେଲେ
ବିଷ୍ଣୁ ଚରଣେ ଆସି
ଶଙ୍କର–ହରି–ବ୍ରହ୍ମା ହୋଇଲେ କୋପରେ ଜରଜର
ମୁଖରୁ ତେଜ ପ୍ରଖର ହୋଇ ଜନମ ହେଲା ତୋର
ନାଶିଲୁ ମହିଷା ଧରି ମୋହିନୀ–ମୟା ।

ମହିଷାସୁର ଦାନବ କୁଳ
ନାଶିଲୁ ଯେବେ ତୁହି
କୂଟକପଟ ହୋଇଲା ଦୂର
ହସିଲା ଦେବଭୂଇଁ
ସକଳ ଦେବ କୋପାନଳରୁ ହୋଇଲୁ ସିନା ଜାତ
ଆଶିଷେ ଦେଲୁ ଅଭୟବର ସାଜିତୁ ଆଦିମାତ
ଆଜି ମୁଁ ଆକୁଳେ ଡାକେ ହୁଅ ମା' ସାହା ।

ପ୍ରତିନିଧି, ଓଡ଼ିଶା ସାହିତ୍ୟ ଏକାଡେମୀ
ଅମଲାପଡା, ଫୁଲବାଣୀ– ୭୬୨୦୦୧

# ଦକ୍ଷିଣ ଓଡ଼ିଶାର ପ୍ରଧାନ ଶାକ୍ତ ପୀଠ ମା’ ତାରାତାରିଣୀ

**ଶ୍ରୀନିବାସ ଆଚାର୍ଯ୍ୟ**

ପ୍ରାଗୈତିହାସିକ ଯୁଗରୁ ଓଡ଼ିଶା ତା’ର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଧର୍ମ ଇତ୍ୟାଦି କ୍ଷେତ୍ରରେ ସମଗ୍ର ଭାରତରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖି ପାରିଛି। ଅତୀତର ସମୟ ସ୍ରୋତରେ ଓଡ଼ିଶା ବହୁ ଉତ୍ଥାନ ପତନ ଦେଇ ଗତି କରିଥିଲେ ମଧ୍ୟ ତା’ର ଧର୍ମଧାରାକୁ ସମ୍ପୂର୍ଣ୍ଣ ରୂପେ ଅକ୍ଷୁଣ୍ଣ ରଖିପାରିଛି। ସନାତନ ଧର୍ମର ବହୁଳ ପ୍ରଚାର ଓ ପ୍ରସାର ଫଳରେ ପଞ୍ଚୋପଚାର ପଦ୍ଧତିର ଉପାସନା ବହୁଳ ଭାବରେ ପ୍ରଚଳନ ହେବାର କିମ୍ବଦନ୍ତୀମାନ ପୁରାଣ, ଶାସ୍ତ୍ର, ବେଦ, ବେଦାନ୍ତ ଓ ଉପନିଷଦଗୁଡ଼ିକରେ ଲିପିବଦ୍ଧ ହୋଇଅଛି। ଏହି ପଞ୍ଚୋପାସନା ପଦ୍ଧତି ମଧ୍ୟରେ ଶାକ୍ତ ଧର୍ମ ତଥା ଶକ୍ତି ଉପାସନାର ଅତୀତ ମହାନ। ଯାହାକି ଆଜି ଓଡ଼ିଶାର କୋଣଅନୁକୋଣରେ ଆସ୍ଥାନ ମଣ୍ଡିତ ହୋଇ ପୂଜା ପାଉଛନ୍ତି। ତନ୍ମଧ୍ୟରୁ ଦକ୍ଷିଣ ଓଡ଼ିଶାରେ ପୂଜା ପାଉଥିବା ଶକ୍ତିପୀଠଗୁଡ଼ିକ ବିଶେଷ ଗୁରୁତ୍ୱ ବହନ କରି ପାରିଛି। ସେହି ପୀଠଗୁଡ଼ିକ ହେଲା ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ, ମା’ ଖମ୍ବେଶ୍ୱରୀ, ତାରାତାରିଣୀ, ମା’ ଭୈରବୀ, ନାରାୟଣୀ, ସିଂହାସିନୀ, ବାଗଦେବୀ ଇତ୍ୟାଦି। ଏହି ଶକ୍ତିମାନଙ୍କ ମଧ୍ୟରେ ପୁଣ୍ୟତୋୟା ଋଷିକୂଲ୍ୟା ନଦୀ ତଟରେ ଥିବା ରତ୍ନଗିରି ପାହାଡ଼ର ଶିଖରରେ ଅଧିଷ୍ଠିତ ମା’ ତାରାତାରିଣୀ ପୀଠ ଅନ୍ୟତମ ।



ଜଗତମାତା, ମହାମାୟା ମା’ ତାରାତାରିଣୀ ପୀଠଟି ଅତ୍ୟନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସୁଶୋଭିତ । ଏହା ଯେ କେବଳ ଓଡ଼ିଶାର ଏକ ଧର୍ମପୀଠ ତାହା ନୁହେଁ, ବଂର ଏକ ମନୋହର ଦର୍ଶନୀୟ ସ୍ଥାନ। ଏହି ପୀଠଟି ଗଞ୍ଜାମ ଜିଲ୍ଲାର ମୁଖ୍ୟ ସହର ବ୍ରହ୍ମପୁରଠାରୁ ଉତ୍ତର ଦିଗରେ ପ୍ରାୟ ୩୫ କି.ମି ଦୂରରେ ପୁଣ୍ୟତୋୟା ଋଷିକୂଲ୍ୟା ନଦୀର ଦକ୍ଷିଣ ଦିଗର ତଟ ଦେଶରେ ଥିବା ରତ୍ନଗିରି ନାମକ ଏକ ପର୍ବତର ଶିଖର ଅଂଶରେ ଅବସ୍ଥିତ। ସେହିପରି ଏହି ପୀଠଟି ପୁରୁଷୋତ୍ତମପୁର ବ୍ଲକ୍ ରାୟପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଅବସ୍ଥିତ। ନିଘଞ୍ଚ ସବୁଜ କାନନ ବୃକ୍ଷ ଲତାରେ ଆଚ୍ଛାଦିତ ଓ ବିଭିନ୍ନ ରଙ୍ଗବେରଙ୍ଗର ଫୁଲ ଫଳରେ ଶୋଭିତ ହୋଇ ଦର୍ଶକମାନଙ୍କୁ ଆକର୍ଷିତ କରାଇବ। ସଂଗେସଂଗେ ଏଥିରେ ଥିବା ୯୯୯ଟି ପାହାଚ ଆରୋହୀ ଭକ୍ତମାନଙ୍କର କ୍ଳାନ୍ତି ଦୂର କରି ସୃଷ୍ଟି କରିଥାଏ ଅପାର ଆନନ୍ଦ ଓ ଉଲ୍ଲାସ। କଥିତ ଅଛି, ଅତୀତରେ ବ୍ରହ୍ମପୁରର ଛାଟା ରାମାୟା ନାମକ ଏକ ଧନଶାଳୀ କୁମୁଟି ମହାଜନ, ମା’ ତାରାତାରିଣୀଙ୍କ ଆଶୀର୍ବାଦରେ ପୁତ୍ରଟିଏ ପାଇଥିବାରୁ ସେ ମା’ଙ୍କର ସ୍ୱପ୍ନାଦେଶ ମାଧ୍ୟମରେ ପର୍ବତର ପାଦଦେଶରୁ ଶିଖର ଅଂଶକୁ ଏହି ୯୯୯ଟି ପାହାଚ ନିର୍ମାଣ କରିଥିଲେ। ଏହି ପାହାଡ଼ଟିର ଉଚ୍ଚତା ପ୍ରାୟ ୭୦୮ ଫୁଟ ଓ କ୍ଷେତ୍ରଫଳ ପ୍ରାୟ ୧୮୦ ବର୍ଗମିଟର। ଏହି ୯୯୯ଟି ପାହାଚ ଅତିକ୍ରମ କରି ଭକ୍ତମାନେ ମା’ ତାରାତାରିଣୀଙ୍କୁ ଦର୍ଶନ କରିବାକୁ ଯିବା ଅବସରରେ ବିଶେଷ କ୍ଳାନ୍ତ ଅନୁଭବ କରିଥାନ୍ତି। ତେଣୁ କଷ୍ଟରୁ ରକ୍ଷା ପାଇବା ପାଇଁ ସେହି ପାହାଚର ଦୁଇପାର୍ଶ୍ୱରେ ଥାକକୁ ଥାକ ବିଶ୍ରାମଗୃହ, ପାଣି ପିଇବାର ସୁବିଧାମାନ କରାଯାଇଅଛି।

ସେହିପରି ପାହାଚର ଦୁଇକଡ଼ରେ ଥିବା ବଡ଼ବଡ଼ ବୃକ୍ଷମାନ ଆରୋହୀମାନଙ୍କୁ ଛାୟା ପ୍ରଦାନ କରିଥାଏ। ଏତଦ୍‌ବ୍ୟତୀତ ପାହାଚର ପାର୍ଶ୍ୱଦେଶରେ ବଣଭୋଜି କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଅଛି। ତେଣୁ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀମାନେ ଓ ଯୁବଗୋଷ୍ଠୀମାନେ ଦଳ ଦଳ ହୋଇ ଭୋଜି କରିବାକୁ ଏଠାକୁ ଆସି ଏହି ସ୍ଥାନକୁ ଚଳଚଞ୍ଚଳ କରିଥାନ୍ତି। ଏତଦ୍‌ବ୍ୟତୀତ ଭକ୍ତମାନେ ମା'ଙ୍କ ପାର୍ଶ୍ୱକୁ ଯିବା ଆସିବା କରିବା ପାଇଁ ଏକ ଦୀର୍ଘ ରୋପୱେର ବ୍ୟବସ୍ଥା ଅଛି। ପାହାଡ଼ର ଅନ୍ୟ ଏକ ପାର୍ଶ୍ୱରେ ଗିରି ଶିଖରକୁ ଭେଦ କରି ବଙ୍କା ତ଼ଙ୍କା ହୋଇ ପ୍ରାୟ ୪ କି.ମି. ଦୈର୍ଘ୍ୟର ଏକ ପିଚୁ ରାସ୍ତାଟିଏ ଲମ୍ବିଯାଇଛି। ଏହି ରାସ୍ତାରେ ଦୁଇଚକିଆ ଓ ଚାରିଚକିଆ ଯାନବାହାନଗୁଡ଼ିକ ଅନାୟସରେ ପାହାଡ଼ର ଅଗ୍ରଭାଗକୁ ଯାଇପାରନ୍ତି। ପାହାଡ଼ ଚଢ଼ି ଉପରକୁ ଯିବା ଆସିବା ସମୟରେ ଋଷିକୂଲ୍ୟା ନଦୀର ତଟ ଦେଶ ଓ ଜଳରାଶିର ମନୋହର ଦୃଶ୍ୟ ଦର୍ଶକମାନଙ୍କୁ ଆକର୍ଷିତ କରିବା ସଂଗେ ସଂଗେ ପାହାଡ଼ର ଦୃଶ୍ୟ ଦେଖି ବିମୋହିତ ହୋଇଥାନ୍ତି। ଫଳରେ ପଥଚଲା କଷ୍ଟ ଓ କ୍ଳାନ୍ତ ଦୂର ହୋଇ ଭକ୍ତମାନଙ୍କ ମନରେ ମା' ତାରାତାରିଣୀଙ୍କ ଉପରେ ଭକ୍ତିଭାବ ଜାଗ୍ରତ ହୋଇଥାଏ। ଏଥିସହିତ ମା'ଙ୍କର ମନ୍ଦିର ବେଢ଼ା ଓ ପାହାଡ଼ରେ ଥିବା ମାଙ୍କଡ଼ମାନଙ୍କୁ ଦେଖିବାର ଦୃଶ୍ୟ ଭକ୍ତମାନଙ୍କ ମନରେ କୌତୁହଳ ସୃଷ୍ଟି କରିଥାଏ। ପୁଣି ପାହାଡ଼ ଉପରେ ଥିବା ମନ୍ଦିର ପ୍ରାଙ୍ଗଣର ଦୃଶ୍ୟ ଭକ୍ତମାନଙ୍କ ହୃଦୟକୁ ପ୍ରଫୁଲ୍ଲ କରିଥାଏ। କାରଣ ଏଠାରେ ଥିବା ବିଭିନ୍ନ ରଙ୍ଗବେରଙ୍ଗର ଫୁଲ, ଫଳ, ଦୋକାନଗୁଡ଼ିକର ସାଜସଜ୍ଜା ଓ ସୁଶୀତଳ ସମୀରର ଅନୁଭବ ଯେତିକି ଆକର୍ଷିତ କରିଥାଏ, ତା'ଠାରୁ ଅଧିକ ମା'ଙ୍କ ପ୍ରତି ଭକ୍ତିଭାବ ସୃଷ୍ଟି ହୋଇଥାଏ। ଏକାଧାରରେ ଏହି ପୀଠଟି ଆଧ୍ୟାତ୍ମିକ ପୀଠ, ପର୍ଯ୍ୟଟନ କେନ୍ଦ୍ର, ଦର୍ଶନୀୟ ସ୍ଥାନ ପାଇଁ ଉପଯୁକ୍ତ ହୋଇଥିବାରୁ ପ୍ରତ୍ୟହ ଓଡ଼ିଶା ଓ ଓଡ଼ିଶା ବାହାରୁ ହଜାର ହଜାର ଭକ୍ତ ଏଠାରେ ସମବେତ ହୋଇଥାନ୍ତି।

ମା'ତାରାତାରିଣୀଙ୍କ ବିଜେସ୍ଥଳୀଟି ପ୍ରାୟ ୨୦୦ ଫୁଟ ଦୈର୍ଘ୍ୟ ଓ ୭୦ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ଆୟତାକାର କ୍ଷେତ୍ର ଅଟେ। ସେଠାରେ ଥିବା ସେହି ଆୟତାକାର କ୍ଷେତ୍ରକୁ ଦହିହାଣ୍ଡି ନାମରେ ସୁଖ୍ୟାତ ଲାଭ କରିଅଛି। ୯୯୯ଟି ପାହାଚ ଉଠିବା ପୂର୍ବରୁ ଅର୍ଥାତ ଶେଷ ପାହାଚର ଦୁଇ ପାର୍ଶ୍ୱରେ ଦୁଇଟି ସିଂହ ମୂର୍ତ୍ତି ବିଦ୍ୟମାନ। ଏହି ମୂର୍ତ୍ତି ଦୁଇଟି ଆଗନ୍ତୁକ ତଥା ଭକ୍ତମାନଙ୍କୁ ପୀଠର ମୁଖ୍ୟଦ୍ୱାର ବା ସିଂହଦ୍ୱାର ରୂପେ ସୂଚନା ଦେଇଥାଏ। ଏହି ପୀଠର ସମଗ୍ର ଅଞ୍ଚଳଟି କୁଣ୍ଡା ପଥରରେ ଆଚ୍ଛାଦିତ। ଏହି ପବିତ୍ର ପୀଠକୁ ସ୍ପର୍ଶ କରୁ କରୁ କାହିଁକି କେଜାଣି ଭକ୍ତମାନଙ୍କ ମନରେ ସମସ୍ତ ପ୍ରକାରର ଦୁଃଶ୍ଚିନ୍ତା ତଥା ଲୋଭ, ମାୟା, କାମ, କ୍ରୋଧ ଓ ଆସକ୍ତି ଉଭେଇ ଯାଇ ପ୍ରଥମେ ସିଂହଦ୍ୱାରକୁ ଅତିକ୍ରମ କଲେ ଦେଖିବାକୁ ମିଳିଥାଏ ଏକ ବୃତ୍ତାକାର ଲିଙ୍ଗ ମଧ୍ୟରେ ନୃତ୍ୟରତ ଠାଣୀରେ ବିଶାଳ ଆକାରର ଶିବ ପାର୍ବତୀ ଯୁଗଳ ମୂର୍ତ୍ତି। ପ୍ରଥମେ ଭକ୍ତମାନେ ସେହି ଯୁଗଳ ମୂର୍ତ୍ତିଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇ ନିସ୍ତାର ସହ ଆବେଗଭରା ମନରେ ଅନୁଗମନ କରିଥାନ୍ତି ମା'ଦେବୀଙ୍କ ଦର୍ଶନ ଅଭିମୁଖେ। ଏକ ଟଙ୍କା ଦେଇ ମନ୍ଦିର ଭିତରକୁ ପ୍ରବେଶ ପାଇଁ ଟିକେଟ କାଟି ଓ ଗୋଡ଼ ହାତ ଧୌତ କରି ମନ୍ଦିର ପରିସରକୁ ଯିବାକୁ ପଡ଼ିଥାଏ। ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ଦୁଇ ପାର୍ଶ୍ୱରେ ବିକଟାଳ ରୂପରେ ବିଦ୍ୟମାନ ଦୁଇଟି ଚତୁଃର୍ଭୁଜା ଭାସ୍କର୍ଯ୍ୟ। ଯାହାକି ବୀଭତ୍ସ ଭାବ ସଞ୍ଚାର ସହିତ ଜିହ୍ୱା ଲମ୍ବାଇ ଦାନ୍ତ ବାହାର କରି ଥିବାର ଦୃଶ୍ୟ ଅତ୍ୟନ୍ତ ଭୟଙ୍କର। ମନ୍ଦିର ପରିସରରେ ପ୍ରଥମେ ପଡ଼ିଥାଏ ପ୍ରାୟ ୪୦ ଫୁଟ ଲମ୍ୱ ଓ ପ୍ରସ୍ଥର ଜଗମୋହନ। ଏହାର ଛାତ ଉପରେ ଦଣ୍ଡାୟମାନ ହୋଇଛନ୍ତି ଶିବ ପାର୍ବତୀ ମୂର୍ତ୍ତି ଦୁଇଟି। ସତେଯେପରି ସେହି ମୂର୍ତ୍ତି ଦୁଇଟି ଭକ୍ତମାନଙ୍କୁ ଆଶୀର୍ବାଦ ଦେବାପାଇଁ ଅପେକ୍ଷାରତ ହୋଇ ରହିଛନ୍ତି। ଜଗମୋହନରେ ଝୁଲୁଛନ୍ତି କେତେଗୁଡ଼ିଏ ବଡ଼ ଘଣ୍ଟି। ଏଗୁଡ଼ିକ ଘଣ୍ଟି ଛାମୁଡ଼ିଆ ନାମରେ ସୁପରିଚିତ। ଏହାର କାନ୍ଥରେ କେତେଗୁଡ଼ିଏ ପାର୍ଶ୍ୱ ଦେବଦେବୀଙ୍କ ଛବିମାନ ଚିତ୍ରିତ ହୋଇ ସୃଷ୍ଟି କରୁଛନ୍ତି ଅପରୂପା ଶୋଭା। ଏହାର ପଛ ପଟରେ ଅନ୍ୟ ଏକ ଜଗମୋହନ ଦେଇ ଗଲେ ପଡ଼ିଥାଏ ଦେବୀ ତାରାତାରିଣୀଙ୍କର ଗର୍ଭଗୃହ। ଦେବୀଙ୍କ ଜଗମୋହନଟିର ପ୍ରାୟ ଉଚ୍ଚ ୨୫ ଫୁଟ ଯାହାକି ଦ୍ୱିତୀୟ ଜଗମୋହନ ରୂପେ ବିବେଚିତ। ଗର୍ଭଗୃହରେ ପ୍ରାୟ ଏକ ଫୁଟ ଉଚ୍ଚତାର ଦୁଇଟି ପ୍ରସ୍ତରରେ ନିର୍ମିତ ମୂର୍ତ୍ତି ଦୁଇଟି ବିଦ୍ୟମାନ। ଏହି ମୂର୍ତ୍ତି ଦୁଇଟିର ନିକଟରେ କ୍ଷୁଦ୍ରାକୃତି ବିଶିଷ୍ଟ ଦୁଇଟି ପିତଳ ମୂର୍ତ୍ତି ଆସ୍ଥାନରେ ବିମଣ୍ଡିତ। ଏହି ମୂର୍ତ୍ତି ଦୁଇଟି ହେଉଛନ୍ତି ଦୁଇ ଭଉଣୀ ତାରା ଓ ତାରିଣୀଙ୍କର ଚଳନ୍ତି ପ୍ରତିମା।



ପର୍ବତବାସିନୀ ମା' ଦେବୀ ତାରାତାରିଣୀଙ୍କ ଆବିର୍ଭାବ ସମ୍ପର୍କରେ ବିଭିନ୍ନ ପୁରାଣଶାସ୍ତ୍ରରେ ଭିନ୍ନ ଭିନ୍ନ କିମ୍ବଦନ୍ତୀମାନ ଲିପିବଦ୍ଧ ହୋଇଅଛି। ଏଥିସହିତ ଲୋକମୁଖରେ ମଧ୍ୟ କିଛି

କିମ୍ବଦନ୍ତୀମାନ ସ୍ୱୀକୃତି ଲାଭ କରିଅଛି । ତ୍ରେତୟାଯୁଗରେ ରାମ ଓ ଲକ୍ଷ୍ମଣ ଦୁଇ ଭାଇ ମହା ପ୍ରତାପୀ ରାବଣ ଦ୍ୱାରା ବନ୍ଦୀ ହୋଇ କାଳୀଙ୍କ ପାଖରେ ବଳି ପଡ଼ିବା ଅବସ୍ଥାରେ ସତୀ ସୀତାଙ୍କର ଦୁଇଟୋପା ଲୁହରୁ ଜାତ ପ୍ରତିମୂର୍ତ୍ତି କଳି ଯୁଗରେ ତାରାତାରିଣୀ ରୂପରେ ପୂଜିତା । ଦ୍ୱାପର ଯୁଗରେ ରାଧାକୃଷ୍ଣଙ୍କ ମିଳନ ପାଇଁ କାର୍ଯ୍ୟ କରି ଥିବା ଦୁଇ ସଖୀ ହିଁ କଳିଯୁଗରେ ତାରା ଓ ତାରିଣୀ ଦୁଇ ଭଉଣୀ ରୂପେ ପୂଜିତା ।

କଳିଯୁଗରେ ଦେବୀଙ୍କ ଆବିର୍ଭାବ ସମ୍ପର୍କରେ ଏକ କିମ୍ବଦନ୍ତୀ କାଳୀ ପୁରାଣରେ ବର୍ଣ୍ଣିତ ହୋଇଅଛି । ଏକଦା ଶ୍ରୀକ୍ଷେତ୍ରସ୍ଥିତ ମା' ବିମଳାଙ୍କ ପୂଜା ଅର୍ଚ୍ଚନା କରିବା ପାଇଁ ବିଷ୍ଣୁ ଦାଶ ନାମକ ଜଣେ ଜ୍ଞାନୀ, ଗୁଣୀ, ବିଦ୍ୱାନ ପଣ୍ଡିତ ଖଞ୍ଜିତ ଥିଲେ । ସେ ଅତ୍ୟନ୍ତ ଗରିବ ଥିଲେ ମଧ୍ୟ ନିଷ୍ଠା ଓ ସେବା ଥିଲା ତାଙ୍କର ମୂଳ ଉତ୍ସ । ସୁକେଶା ନାମକ ଜଣେ ଅତ୍ୟନ୍ତ ସୁନ୍ଦରୀ ଓ ଧର୍ମ ପରାୟଣା ମହିଳା ତାଙ୍କର ସ୍ତ୍ରୀ ଥିଲେ । ବିବାହର ଦଶ ବର୍ଷ ପର୍ଯ୍ୟନ୍ତ ଏହି ଦମ୍ପତିଙ୍କର କୌଣସି ସନ୍ତାନ ନହେବାରୁ ସ୍ତ୍ରୀ ସୁକେଶା ସଦାସର୍ବଦା ମନସ୍ତାପରେ ଭାଙ୍ଗି ପଡ଼ିଥିଲେ । ଗୃହର ପୂର୍ବ ଦିଗରେ ଥିବା ଭକ୍ତ କଳ୍ପପାଦପ ଭୂତନାଥ ପ୍ରଭୁ ସୋମେଶଙ୍କୁ ନିଷ୍ଠାର ସହ ବହୁ ପୂଜା ଅର୍ଚ୍ଚନା ସହ ହୋମ କରି ଏକ ପୁତ୍ର ଲାଭ କରିଥିଲେ । ସୋମନାଥଙ୍କ ଦୟାରେ ପୁତ୍ରଟିଏ ପାଇଥିବାରୁ ପୁତ୍ରର ନାମ ନେଇଥିଲେ ସୋମନାଥ । ପୁତ୍ରକୁ ଯେତେବେଳେ ୫ ବର୍ଷ ମାତା ସୁକେଶା କାଳସର୍ପ ଦଂଶନରେ ମୃତ୍ୟୁବରଣ କରିଥିଲେ । ଘର ପରିଚାଳନା କରିବା ଓ ପୁତ୍ରକୁ ଲାଳନ ପାଳନ କରିବା ପାଇଁ ବିଷ୍ଣୁଦାଶ କୁଟିଳାକ୍ଷୀ ନାମରେ ଜଣେ ସୁନ୍ଦରୀ କନ୍ୟାଙ୍କୁ ପୁନଃ ବିବାହ କରିଥିଲେ । କିନ୍ତୁ କୁଟିଳାକ୍ଷୀ ଥିଲେ ଭାରି ଦୁଷ୍ଟା, କାମୁକ ଓ କୁଟିଳ ପ୍ରକୃତିର ମହିଳା । ବିଷ୍ଣୁଦାଶ ପ୍ରଥମ ସ୍ତ୍ରୀ ସୁକେଶାର ମୃତ୍ୟୁ ଓ ଦ୍ୱିତୀୟ ସ୍ତ୍ରୀ କୁଟିଳାକ୍ଷୀର ସ୍ୱଭାବ ଚିନ୍ତା କରି ମନସ୍ତାପରେ ଅଳ୍ପଦିନରେ ମୃତ୍ୟୁବରଣ କରିଥିଲେ । ତତ୍‌ପରେ କୁଟିଳାକ୍ଷୀର ମନ୍ଦ ବ୍ୟବହାରରେ ଘରୁ ଲକ୍ଷ୍ମୀ ଛାଡ଼ିଗଲେ । କୁଟିଳାକ୍ଷୀ ସଧବା ସ୍ତ୍ରୀଙ୍କ ପରି ଅଳଙ୍କାରରେ ଭୂଷିତ ହୋଇ ନିତ୍ୟ ନୂତନ ଯୁବକଙ୍କ ସହିତ କୁସମ୍ପର୍କ ରଖିବା ସହିତ ପୁତ୍ର ସୋମନାଥଙ୍କୁ ତାଙ୍କ କର୍ମକ୍ଷେତ୍ରରେ ଏକ କଣ୍ଟକ ରୂପେ ଭାବି, ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ସାବତ ମାତାର ନିର୍ଯାତନା ସହି ନପାରି ସୋମନାଥ ଘର ତ୍ୟାଗ କରି ସନ୍ନ୍ୟାସୀ ହୋଇ ଅନ୍ୟ ଦେଶକୁ ପଳାଇଗଲେ । କିଛିଦିନ ପରେ ସୋମନାଥ ନିଜର ଜନ୍ମମାଟି ପ୍ରତି ମାୟାମମତା ଜାଗ୍ରତ ହେବାରୁ, ସେ ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଠାରେ ନିଜଘରକୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ଘରର କଳେବର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇ ଯାଇଥିଲା । ସେଠାରେ ଅପରୂପା ନବ ଯୌବନୀ ବେଶରେ ଜଣେ ମହିଳାଙ୍କୁ ଦେଖିଥିଲେ । ସାବତ ପୁତ୍ର ସୋମନାଥଙ୍କର ସନ୍ନ୍ୟାସ ବେଶପୋଷାକ ଓ ସାବତ ମାତା କୁଟିଳାକ୍ଷୀର ସମ୍ପୂର୍ଣ୍ଣ ବେଶପୋଷାକ, ଆଚାର ବ୍ୟବହାର ଓ କାର୍ଯ୍ୟକଳାପ ଇତ୍ୟାଦି କେହି କାହାକୁ ଚିହ୍ନି ପାରିଲେ ନାହିଁ । ସନ୍ନ୍ୟାସୀ ପୋଷାକଧାରୀ ସୋମନାଥଙ୍କ ରୂପ ଓ ଯୌବନକୁ ଦେଖି କାମାନ୍ଧା କୁଟିଳାକ୍ଷୀ ନିଜ ପ୍ରେମ ଜାଲରେ ବାନ୍ଧି ରଖିବାକୁ ଉଦ୍ୟମ କଲେ । ପ୍ରଥମେ କୁଟିଳାକ୍ଷୀ ନିଜର ପିପାଶା ପୂରଣ କରିବା ପାଇଁ ସନ୍ନ୍ୟାସୀଙ୍କୁ ସ୍ନେହ, ଶ୍ରଦ୍ଧା ଓ ଆଦର କରି ଘରେ ଆଶ୍ରୟ ଦେବା ସଙ୍ଗେ ସଙ୍ଗେ ଉପଭୋଗ କରିଥିଲେ । ଏହିପରି କିଛିଦିନ ଦୁଇଜଣ ଶାରିରୀକ ସମ୍ପର୍କରେ ଆବଦ୍ଧ ହୋଇ କାଳାତିପାତ କରିଥିଲେ । ଏକଦା ଶାନ୍ତ ସୋମନାଥଙ୍କ ମୁଣ୍ଡବାଳ ଫିଟି ଯାଇଥିଲା । ଏହି ମୁଣ୍ଡବାଳ ତଳେ ଏକ ମୁଣ୍ଡଫଟା ଦାଗ ଦେଖି କୁଟିଳାକ୍ଷୀ ସୋମନାଥଙ୍କୁ ମୁଣ୍ଡ କିପରି ଫାଟିଥିଲା ବୋଲି ପଚାରିଥିଲେ । ବାଲ୍ୟଜୀବନରେ କୁଟିଳାକ୍ଷୀ ମୋର ମାତା ମାରିକରି ମୋ ମୁଣ୍ଡକୁ ଫଟାଇ ଥିଲେ ବୋଲି ସୋମନାଥ କହିଥିଲେ । ଏହା ଶୁଣି ପରସ୍ପର ମାତା ଓ ପୁତ୍ର ବୋଲି ନିଜ ନିଜକୁ ଜାଣିଥିଲେ । ଏହା ଜାଣିବା ପରେ ପୁତ୍ର ସୋମନାଥ ମାତୃହରଣ ପରି ଏକ ମହାପାପରୁ ମୁକ୍ତି ପାଇବା ପାଇଁ ପୁନରାୟ ସ୍ୱ ଗ୍ରାମ ତ୍ୟାଗ କରି କାଶି ନଗରୀକୁ ପଳାୟନ କରିଥିଲେ । ସେଠାରେ ଏହି ପାପରୁ ମୁକ୍ତି ପାଇବା ପାଇଁ ଏକ ବର୍ଷ ପ୍ରଜାପତ୍ୟ ବ୍ରତ, ଦୁଇବର୍ଷ କୃଚ୍ଛ୍ର ଓ ଏକ ବର୍ଷ ଚନ୍ଦ୍ରାୟଣ ବ୍ରତ ପାଳନ କରିଥିଲେ । ସେଠାରୁ ବିଫଳ ହୋଇ ଉଜ୍ଜୟିନୀଠାରେ ମହାକାଳେଶ୍ୱରଙ୍କ ପାଖରେ ପୂଜା ଅର୍ଚ୍ଚନା ସମେତ ଜପ ବିଧିବିଧାନ ସହ ପାଳନ କରିଥିଲେ । ମହାକାଳେଶ୍ୱରଙ୍କ ଆଜ୍ଞାରେ ସେ ପଶ୍ଚିମ ସମୁଦ୍ର ତଟଦେଶରେ ଥିବା ରକ୍ତା ନାମକ ଏକ ଦେବୀ ହିଁ ତୁମ ଦୁଃଖ ଦୂର କରିପାରିବେ ବୋଲି ସୂଚନା ଦେଇଥିଲେ । ତେଣୁ ତୁମେ ଶରୀରରେ ଭସ୍ମ ବୋଳି ହୋଇ ସେଠାକୁ ଯାଇ ରକ୍ତାଦେବୀଙ୍କ ଶରଣାପନ୍ନ ହୁଅ । ବହୁ ଆବେଗଭରା ହୃଦୟରେ ବହୁ କଷ୍ଟ ସ୍ୱୀକାର କରି ମା' ରକ୍ତା ଦେବୀଙ୍କ ପୀଠ ଖୋଜି ଖୋଜି ଉପସ୍ଥିତ ହୋଇଥିଲେ । ଦୀର୍ଘ ଦିନ ଧରି ମା'ଦେବୀଙ୍କ ଆଶୀର୍ବାଦ ପାଇବା ପାଇଁ ନିଷ୍ଠା ଓ ତ୍ୟାଗର ସହ ଜପ ଓ ପୂଜା ଅର୍ଚ୍ଚନା କରିଥିଲେ । ଶେଷରେ ମା ରକ୍ତାଦେବୀ ସୋମନାଥଙ୍କ ପୂଜା ଅର୍ଚ୍ଚନାରେ ଖୁସି ହୋଇ ଆଜ୍ଞା ପ୍ରଦାନ କରିଥିଲେ । ତାହା ଥିଲା ପୂର୍ବଭଦ୍ର ନକ୍ଷତ୍ର ଚୈତ୍ରମାସ ମଙ୍ଗଳବାର ଅମାବାସ୍ୟା ତିଥିର ସାୟଂକାଳରେ ଦେବୀଙ୍କର ଦୁଇ ନୟନରୁ ଦୁଇଟି ପରମା ସୁନ୍ଦରୀ କନ୍ୟା ଜାତ ହେବେ ଓ ମାତା ଅନ୍ତର୍ଦ୍ଧାନ ହୋଇଯିବେ । ପ୍ରଥମ କନ୍ୟା ନିଜର ଲଲାଟ ନୟନରେ ସୋମନାଥଙ୍କୁ ଭସ୍ମ କରିଦେବେ ଓ ଦ୍ୱିତୀୟ କନ୍ୟାଟି ତାଙ୍କୁ ପୁନଃଜୀବନ ପ୍ରଦାନ କରିବେ । ତତ୍‌ପରେ କନ୍ୟାଦ୍ୱୟ ସୋମନାଥଙ୍କୁ କହିବେ ଜଗତ କଲ୍ୟାଣ କରିବା ଆମର କାମ୍ୟ । ଆମର ଆସ୍ଥାନ ପୂର୍ଣ୍ଣରତ୍ନଗିରି ପୀଠ । ତୁମେ ଆମ୍ଭଙ୍କୁ ସେଠାକୁ ନେଇଯାଅ ତୁମେ ଆଗେ ଆଗେ ଯାଅ ଓ ଆମ୍ଭେ ଦୁହେଁ

ତୁମ ପଛେ ପଛେ ପାଦରେ ନୂପୁର ଲଗାଇ ଶବ୍ଦ କରି ଯିବୁ। ଯେଉଁ ନଦୀକୂଳରେ ଆମ ନୂପୁରର ଶବ୍ଦ ଶୁଣିବ ନାହିଁ, ସେହି ସ୍ଥାନରେ ଆମ୍ଭେ ରହିବୁ ଓ ତୁମେ ସେଠାରେ ଲିଙ୍ଗ ରୂପ ଧାରଣ କରି ରହିବ। ଆମ୍ଭେ ଦୁଇ ଭଉଣୀ ତାରା ଓ ତାରିଣୀ ରୂପେ ଦେବୀ ରୂପରେ ପୂଜା ପାଇବୁ। ସେହି ନଦୀକୁ ଋଷିକୂଲ୍ୟା ନଦୀ ବୋଲି ଜାଣିବ। ମା' ଦେବୀଙ୍କ ଆଜ୍ଞାନୁସାରେ ତାହା ହିଁ ହୋଇଥିଲା। ଆଜି ମା' ତାରାତାରିଣୀଙ୍କ ପୀଠରେ ଯେଉଁ ଶିବ ଲିଙ୍ଗ ଅଛି ତାହା ସୋମନାଥ ଓ ଦୁଇ ଭଉଣୀ ତାରା ତାରିଣୀ ରୂପେ ଆସ୍ଥାନ ବିମଣ୍ଡିତ ହୋଇ ପୂଜିତ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦୁଇ ଭଉଣୀ ସେଠାରେ ଅବସ୍ଥାପିତ ନହୋଇ ସୁନ୍ଦରୀ କନ୍ୟା ରୂପେ କଳା ପାଟ ପରିଧାନ କରି ଦକ୍ଷିଣ ତଟସ୍ଥ ଗୋଲକପୁରୀ ନାମକ ଏକ ଗ୍ରାମରେ କୁଳପତି ନାମକ ଏକ ଗୁଣବାନ ଓ ବିଦ୍ୱାନ ବ୍ୟକ୍ତିଙ୍କ ଘରେ କିଛିଦିନ ପାଳିତା କନ୍ୟା ରୂପେ ରହିଲେ। କୁଳପତି ଥିଲେ ନିସନ୍ତାନ ଓ ଭାରି ଗରିବ। ତାଙ୍କ ସ୍ତ୍ରୀଙ୍କ ନାମ ଥିଲା ଗୌରୀ। ଗୌରୀ ଥିଲେ ଅତି ସରଳ, ଧର୍ମପରାୟଣ ଓ ବାତ୍ସଲ୍ୟମୟୀ। ଅପରିଚିତା କନ୍ୟାଦ୍ୱୟଙ୍କୁ ଘରେ ଆଶ୍ରୟ ଦେଇଥିବାରୁ କୁଳପତି ସଦାସର୍ବଦା ସାହିପଡ଼ିଶାଙ୍କଠାରୁ ବହୁ କୁତ୍ସାରଟନା ଶୁଣୁଥିଲେ। କିନ୍ତୁ ସେହି କଥାକୁ କୁଳପତି ଭ୍ରୂକ୍ଷେପ ନକରି ଅତି ଆଦର ଓ ସ୍ନେହରେ ଦୁଇ ଭଉଣୀଙ୍କୁ ଲାଳନପାଳନ କରି ରଖିଥିଲେ। ସେ ଜାଣି ପାରିଥିଲେ ଯେ ସେହି ଦୁଇ ଭଉଣୀ ମାନବୀ ନୁହନ୍ତି, ସେମାନେ ଅଟନ୍ତି ଦେବୀ ପ୍ରତୀମ। ପୂର୍ବରୁ ସେ ଜାଣିପାରିଥିଲେ ସୋମନାଥଙ୍କୁ ଲିଙ୍ଗ ରୂପେ ଆବିର୍ଭାବ କରାଇ, ସେ ଦୁଇଜଣ ସେଠାରେ ଅବସ୍ଥାପିତ ନ ହୋଇ ମୋ ଘରେ ଆଶ୍ରୟ ନେଇଛନ୍ତି। ସେମାନେ କୁଳପତିଙ୍କ ଘରେ ରହିବା ଫଳରେ କୁଳପତିଙ୍କର ଘର ଧନ ଓ ଜନରେ ପୂରି ଉଠିଥିଲା। ଅର୍ଥାତ ଗୌରୀଙ୍କର ଏକ ସନ୍ତାନ ଜାତ ହୋଇଥିଲା।

ଏହି କଥାଟି ସେହି ରାଜ୍ୟର ରାଜା କିଶୋର ଚନ୍ଦ୍ରଙ୍କୁ ଅଛପା ରହିଲା ନାହିଁ। ସେ କୁଳପତିଙ୍କର ପାଳିତା କନ୍ୟାଙ୍କ ସୁନ୍ଦର ରୂପ ଓ ଯୌବନର ମୁଗ୍ଧ ହୋଇ ବିବାହ କରିବାକୁ ମନ ବଳାଇଲେ। ଧୂର୍ତ୍ତ ଓ କୁଚକ୍ରୀ ମନ୍ତ୍ରୀ ମଧ୍ୟ ରଜାଙ୍କୁ ସେହି ଦୁଇଜଣଙ୍କୁ ବିବାହ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। କାମାନ୍ଧ ରଜା ଓ କୁଚକ୍ରୀ ମନ୍ତ୍ରୀ ମହାଶୋଭାଯାତ୍ରାରେ କନ୍ୟାଦ୍ୱୟଙ୍କୁ ବିବାହ କରିବା ପାଇଁ କୁଳପତିଙ୍କ ଦ୍ୱାରଦେଶକୁ ଆସିବା ଅବସରରେ କନ୍ୟା ଦ୍ୱୟ ଦାଣ୍ଡକୁ ଆସି ନିଜର ପରିଚୟ ଦେଇ ପଶ୍ଚିମ ଦିଗ ଅଭିମୁଖେ ଅତି ବ୍ୟଗ୍ରରେ ଅଗ୍ରସର ହେଲେ। ଚାହୁଁ ଚାହୁଁ ଦେବୀ ଯୁଗଳ ଋଷିକୂଲ୍ୟା ନଦୀ ଗର୍ଭରେ ଅନ୍ତର୍ଦ୍ଧାନ ହୋଇଗଲେ। କାମାନ୍ଧ ରଜା କାମାଶକ୍ତିରେ ଅନ୍ଧ ହୋଇ ଜଳଗର୍ଭରେ ପଶି ମୃତ୍ୟୁବରଣ କରିଥିଲେ। କିନ୍ତୁ ମନ୍ତ୍ରୀ ଜଳରେ ନପଶି ମୃତ୍ୟୁବରଣରୁ ରକ୍ଷା ପାଇଲେ ସିନା କିନ୍ତୁ କୁଷ୍ଠରୋଗରେ ପୀଡ଼ିତ ହୋଇ ରକ୍ତପୂଜରେ ସଢ଼ି କଷ୍ଟ ପାଇଥିଲେ। ମନ୍ତ୍ରୀଙ୍କ ସ୍ତ୍ରୀଙ୍କର ଐକାନ୍ତିକ ନିଷ୍ଠା ଓ ଆଧ୍ୟତ୍ମିକ ବିଶ୍ୱାସ ଯୋଗୁଁ ବହୁ କଷ୍ଟରେ ମନ୍ତ୍ରୀ ଆରୋଗ୍ୟ ଲାଭ କରିଥିଲେ। ଖୁସିରେ ମନ୍ତ୍ରୀ ତାରାତାରିଣୀଙ୍କ ପାଇଁ ସୋମଲିଙ୍ଗ ଥିବା ଋଷିକୂଲ୍ୟା ନଦୀ ତଟ ପାହାଡ଼ର ଶିଖର ଅଂଶରେ ମନ୍ଦିର ନିର୍ମାଣ କରିଥିଲେ। ସ୍ୱପ୍ନାଦେଶ ମାଧ୍ୟମରେ ତାରାତାରିଣୀ କୁଳପତିଙ୍କୁ ସୂଚନା ଦେଇଥିଲେ ଯେ, ପୁତ୍ର ଗୌରଚନ୍ଦ୍ରଙ୍କ ସହ ଆସି ଲୁକ୍କାୟିତ ରୂପେ ପଡ଼ିଥିବା ପଥର ଦ୍ୱୟଙ୍କୁ ମନ୍ଦିରରେ ସ୍ଥାପନ କରି ପୂଜା ଅର୍ଚ୍ଚନା ଶୁଭାରମ୍ଭ କରିବା ପାଇଁ। ସ୍ୱପ୍ନାଦେଶ ମୁତାବକ କୁଳପତି ନିଷ୍ଠାର ସହ ପଥରଦ୍ୱୟକୁ ସ୍ଥାପନ କରି ପୂଜା ଅର୍ଚ୍ଚନା କରିଥିଲେ। ଯାହାକି ଆଜି ମଧ୍ୟ ସେହି ଦୁଇ ଭଉଣୀ ତାରାତାରିଣୀ ରୂପେ ପୂଜା ପାଉଛନ୍ତି।

ଅନ୍ୟ ଗୋଟିଏ ମତବାଦରୁ ତାରାତାରିଣୀଙ୍କର ଆବିର୍ଭାବ ସମ୍ପର୍କରେ ସୂଚନା ମିଳିଥାଏ। ସହସ୍ରବର୍ଷ ତଳେ ଦୁଇ ଭଉଣୀ ତାରା ଓ ତାରିଣୀ ଗଞ୍ଜାମ ସହର ନିକଟସ୍ଥ ମନିଷିପେଣ୍ଠ ପାହାଡ଼ରେ ରହୁଥିଲେ। ସେଠାରେ ରହୁଥିବା ଖରୁଡ଼ା ସମ୍ପ୍ରଦାୟର ଲୋକମାନେ କଂସା ଓ ପିତଳ ବାସନ ତିଆରି କରୁଥିଲେ। ପିତଳ ଓ କଂସା ପିଟା ଶବ୍ଦରେ ଅତିଷ୍ଠ ହୋଇ ସେହି ସ୍ଥାନ ପରିତ୍ୟାଗ କରି ଋଷିକୂଲ୍ୟା ନଦୀ ତଟଦେଶରେ ପ୍ରାୟ ସାତ କି.ମି. ଦୂରରେ ଥିବା ବୀରଜଗନ୍ନାଥପୁର ଶାସନ ଗ୍ରାମରେ ବସୁ ପ୍ରହରାଜ ନାମକ ଏକ କୁଳୀନ, ଧର୍ମ ପରାୟଣ, ଦେବୀ ସାଧକ ବ୍ରାହ୍ମଣ ଘରେ କିଛି ସମୟ ରହିଥିଲେ। ସେତେବେଳେ ବସୁ ପ୍ରହରାଜ ଘରେ ନଥିଲେ। ଦାଣ୍ଡ ବାରଣ୍ଡାରେ କାଚରାଙ୍କଠାରୁ କାଚ ପିନ୍ଧି ଘରେ ବାପାଙ୍କଠାରୁ ଟଙ୍କା ନେଇଯିବ କହି ବିଜୁଳି ବେଗରେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ବାପା ଟଙ୍କା ଦେବାକୁ ଅରାଜି ହେଲେ, ତାଙ୍କୁ କହିଲେ ତାଙ୍କ ନିତ୍ୟକ୍ରମ କୋଥଳିରେ ଦୁଇଟି କଉଡ଼ି ଅଛି। ତାହାକୁ ଭଙ୍ଗାଇ କରି ତୁମ ପ୍ରାପ୍ୟ ଦେଇଦେବେ। ବସୁ ପ୍ରହରାଜ ଘରକୁ ଆସି କାଚେରାଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସନ୍ତାନହୀନ ଓ ଧନହୀନ ପ୍ରହରାଜଙ୍କର ଘର ଧନ ଓ ଜନରେ ପୂର୍ଣ୍ଣ ହୋଇ ଯାଇଥିଲା। ମା' ଦେବୀ ସେହି ଦିନ ରାତିରେ ବସୁ ପ୍ରହରାଜଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ କହିଥିଲେ, ହେ ପିତା ଆମ୍ଭେ କାଚରାଠାରୁ କାଚ ପିନ୍ଧିଛୁ। ତାର ପ୍ରାପ୍ୟ ଦେଇଦେବ। ଆମ୍ଭେ ଦୁଇ ଭଉଣୀ ତାରାତାରିଣୀ ନାମରେ ରତ୍ନଗିରି ପାହାଡ଼ର ଶିଖର ଅଂଶରେ ମନ୍ତ୍ରୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ମନ୍ଦିରରେ ରହୁଅଛୁ। ଆପଣ ଏଠାରେ ଏକ ମହାଯଜ୍ଞ କରାଇ ଆମ୍ଭର ପୂଜା ଅର୍ଚ୍ଚନାର ବ୍ୟବସ୍ଥା କର। କଥିତ ଅଛି ଦେବପ୍ରତୀମ ବସୁ ପ୍ରହରାଜ ମା'ଙ୍କ ପାଖରେ ଯାଗଯଜ୍ଞ କରି ମୂଳ ମନ୍ଦିର ପ୍ରତିଷ୍ଠା କରାଇଥିଲେ।

ଦେବୀ ତାରାତାରିଣୀଙ୍କର ମହିମା, ଗୁଣଗାରିମା ଓ ଆବିର୍ଭାବ ଯେପରି ବିଚିତ୍ରମୟ, ସେପରି ଏହି ପୀଠର ଗଠନଶୈଳୀ, ପରିବେଶ, ପର୍ବପର୍ବାଣି, ଭୋଗରାଗ ଓ ସେବାୟତମାନଙ୍କର ନିଷ୍ଠା ଓ ସେବା ମଧ ଅଗଣିତ ଭକ୍ତ ପ୍ରେମୀମାନଙ୍କୁ ଆକୃଷ୍ଟ କରାଇ ପାରିଛି । ଦୈନନ୍ଦିନ ପୂଜା ସମେତ ମା'ଙ୍କର ବାର୍ଷିକ ପର୍ବପର୍ବାଣି ପାଇଁ ବିଭିନ୍ନ ସମ୍ପ୍ରଦାୟର ସେବାୟତମାନେ ଖଞ୍ଜା ହୋଇଛନ୍ତି । ସେମାନଙ୍କ ମଧରେ ବାଉରି ଓ ରଣା ଜାତିର ସେବାୟତମାନେ ପରମ୍ପରା ଅନୁଯାୟୀ ପୂଜା କରିଥାନ୍ତି । ଦୈନିକ ପୂଜା ସହିତ ଏଠାରେ ପ୍ରତି ମାସର ସଂକ୍ରାନ୍ତିରେ ସ୍ୱତନ୍ତ୍ର ପୂଜା ହୋଇଥାଏ । ସେହିପରି ଦଶହରାରେ ଷୋଳପୂଜା, ଚୈତ୍ରମାସର ପ୍ରତି ମଙ୍ଗଳବାର, ଦୋଳପର୍ବ ଇତ୍ୟାଦି ବୈଦିକ ନୀତିରେ ପାଳନ କରା ଯାଇଥାଏ । ଏହି ଦିବସଗୁଡ଼ିକରେ ଲକ୍ଷ ଲକ୍ଷ ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କର ସମାବେଶ ଏହି ପୀଠକୁ ଚଳଚଞ୍ଚଳ କରିଥାଏ । ବିଶେଷ କରି ଚୈତ୍ରମାସ ମଙ୍ଗଳବାର ଓଡ଼ିଶା କାହିଁକି ଅନ୍ୟାନ୍ୟ ପ୍ରଦେଶରୁ ଲକ୍ଷ ଲକ୍ଷ ଭକ୍ତ ସେମାନଙ୍କର ମାନସିକ ପୂରଣ ପରେ ପୂଜା କରିବାକୁ ଆସିଥାନ୍ତି । ଆଉ ମଧ ଅଧିକାଂଶ ଭକ୍ତ ସେମାନଙ୍କର ଅଭିଳାଷ ଭିକ୍ଷା ମାଗିବା ପାଇଁ ଏଠାରେ ଉପସ୍ଥିତ ହୋଇଥାନ୍ତି । ଜନ୍ମଗତ ଶିଶୁମାନଙ୍କର ପ୍ରଥମଥର ଏଠାରେ ବାଳକାଟିବା ପାଇଁ ମଧ ବହୁଳ ଭକ୍ତ ସେମାନଙ୍କର ପରିବାର ସହିତ ଆସିଥାନ୍ତି । କାରଣ ମା' ଦେବୀଙ୍କ ଦୟାରୁ ସେହି ସନ୍ତାନଗୁଡ଼ିକ ଜନ୍ମଲାଭ କରିଥାନ୍ତି । ଆଶ୍ୱିନ ମାସର ଦୁର୍ଗାପୂଜା ପର୍ବ ମା' ଦେବୀଙ୍କର ବଡ଼ ପର୍ବ ଅଟେ । ମହାଷ୍ଟମୀ ପୂର୍ବ ୧୬ ଦିନ ଏଠାରେ ଚଣ୍ଡୀପାଠ, ହୋମ ଓ ସ୍ୱତନ୍ତ୍ର ରୂପେ ପୂଜା ଅର୍ଚ୍ଚନା ହୋଇଥାଏ । ଦୋଳ ପୂର୍ଣ୍ଣିମାରେ ଏଠାରେ ମହାଆଡ଼ମ୍ବର ଭାବରେ ପୂଜାପାଠ ହେବା ସଙ୍ଗେ ସଙ୍ଗେ ରାତିରେ ନୂତନ ପାଞ୍ଜି ପାଠ ହୋଇ ସୁଖଶାନ୍ତିରେ ନୂତନ ବର୍ଷଟି ଅତିବାହିତ ହେବା ପାଇଁ ଭକ୍ତମାନେ ଦେବୀଙ୍କୁ ପ୍ରାର୍ଥନା କରିଥାନ୍ତି । ବସନ୍ତ ଋତୁରେ ଫାଲ୍‌ଗୁନ ଶୁକ୍ଳପକ୍ଷ ପ୍ରତିପଦାଠାରୁ ୯ ଦିନ ଧରି ବାସନ୍ତିକ ଉତ୍ସବ ମହାସମାରୋହରେ ପାଳନ ହୋଇଥାଏ । ଏହି ୯ ଦିନ ଧରି ଦିନ ରାତି ଅହରହ ଏଠାରେ ଲକ୍ଷାଧିକ ଭକ୍ତ ସମାବେଶ ହୋଇଥାନ୍ତି । ବୈଦିକ ନୀତିରେ ମା' ଦେବୀଙ୍କ ପାଖରେ ପୂଜା ଅର୍ଚ୍ଚନା ହେବା ସଂଗେ ସଂଗେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ଶ୍ୟାମାକାଳୀ ପୂଜା ମହାସମାରୋହରେ ପାଳନ ହୋଇଥାଏ । ଦୈନିକ ଏଠାରେ ତିନିଥର ଭୋଗ ଲାଗି ହୋଇଥାଏ । ସକାଳ ଧୂପରେ ଶୁଖିଲା ଭୋଗ ଯଥା କୋରା, ଖଇ, ଫେଣି, ନଡ଼ିଆ, କଦଳୀ ଇତ୍ୟାଦି ଅର୍ପଣ ହେବା ସଙ୍ଗେ ସଙ୍ଗେ ମଧାହ୍ନ ଓ ରାତ୍ର ଧୂପରେ ଅନ୍ନ, ଡାଲ୍‌ମା, ଖଟା, ଖିରି, ସାଧା ତରକାରି ଇତ୍ୟାଦି ଭୋଗ ହୋଇଥାଏ ।

୧୯୭୨–୭୩ ମସିହାରୁ ଏହି ପୀଠର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କର ଦେବୋତ୍ତର ବିଭାଗ ହାତକୁ ଦେଇ ଏକ ଟ୍ରଷ୍ଟ ମାଧମରେ ପରିଚାଳନା ହୋଇ ଆସୁଅଛି । ଅତୀତରେ ଏହି ପୀଠର ଗଠନଶୈଳୀ ଓ ପରିବେଶ ଇତ୍ୟାଦି ବହୁଳ ପରିବର୍ତ୍ତନ ହୋଇ ବର୍ତ୍ତମାନ ଏକ ନୂତନ କଳେବର ହୋଇଅଛି । ବିଜୁଳି ଆଲୋକ ସାଙ୍ଗକୁ ଏହି ପୀଠରେ ଶତ ଶତ ଭକ୍ତ ରାତ୍ରଯାପନ କରିବା ଓ ଖାଇବା ଇତ୍ୟାଦି କରିପାରୁଛନ୍ତି । ଏହି ପୀଠର ପାଦଦେଶରେ ବହି ଯାଇଥିବା ପୁଣ୍ୟତୋୟା ଋଷିକୂଲ୍ୟା ନଦୀର କୁଳୁକୁଳୁ ନାଦ ଓ ଶୀତଳ ସମୀର ଶରୀର ପ୍ରତି ଯେତିକି ଉପଯୋଗ୍ୟ ଏହାର ମନୋହର ଦୃଶ୍ୟ ମଧ ସେତିକି ମନୋମୁଗ୍ଧକର ଓ ଆନନ୍ଦଦାୟକ । ଏହି ନଦୀ କୂଳେକୂଳେ ନିଶାର୍ଦ୍ଧରେ ଋଷିମାନେ ଦଳ ଦଳ ହୋଇ ସଂକୀର୍ତ୍ତନ କରି ବୁଲନ୍ତି ବୋଲି ଜନଶ୍ରୁତି ରହିଛି । ତେଣୁ ଏହି ନଦୀର ନାମ ଋଷିକୂଲ୍ୟା ବୋଲି ବହୁଲୋକ କହିଥାନ୍ତି । ରାତ୍ର ସମୟରେ ଏହି ପୀଠର ପରିବେଶ ଐଶ୍ୱର୍ଯ୍ୟପୁରୀ ପରି ମନେହୁଏ ।

ବିଶ୍ୱବାସିନୀ ତଥା ଅଭୟଦାୟିନୀ ମା' ଦେବୀ ତାରାତାରିଣୀ ଗଞ୍ଜାମ ଜିଲ୍ଲାବାସୀଙ୍କର ଇଷ୍ଟଦେବୀ ରୂପେ ପୂଜା ପାଉଛନ୍ତି । ଜଗଜ୍ଜନନୀ, ବିପଦହାରିଣୀ, ପୂର୍ଣ୍ଣରତ୍ନଗିରି ପୀଠବାସିନୀ ମା' ତାରାତାରିଣୀଙ୍କ ମହିମା ଅନନ୍ତ, ଅସୀମ ଓ ଅବ୍ୟକ୍ତ । କେତେ ପାପୀ, ତାପି, ନିଃସନ୍ତାନ ଦମ୍ପତି ଓ ରୋଗୀ ଏହି ପୀଠରେ ସେମାନଙ୍କର ମନସ୍କାମନା ପୂରଣ କରିଛନ୍ତି । ସର୍ବୋପରି ଦକ୍ଷିଣ ଓଡ଼ିଶାର ପ୍ରଧାନ ଶକ୍ତିପୀଠ ରୂପେ ମା' ତାରାତାରିଣୀ ପ୍ରସିଦ୍ଧିଲାଭ କରିଛନ୍ତି ତାହା ନୁହେଁ, ଓଡ଼ିଶାର ଅନ୍ୟାନ୍ୟ ଶକ୍ତିପୀଠ ପରି ସମଗ୍ର ଭାରତରେ ଏହି ପୀଠ ପ୍ରସିଦ୍ଧିଲାଭ କରିପାରିଛି ।

ପ୍ଲଟ ନଂ.୭୮୫/୧୨୪୦
ଦୁର୍ଗାମାଧବ ନଗର
ଭରତପୁର, ଭୁବନେଶ୍ୱର

❖ ❖ ❖

# ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଢେଙ୍କାନାଳ ଲକ୍ଷ୍ମୀପୂଜା

**ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର**

ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଢେଙ୍କାନାଳ ଲକ୍ଷ୍ମୀପୂଜା ଏକ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରି ସଂପ୍ରତି ଏକବିଂଶ ଶତାବ୍ଦୀରେ ଉପଗତ । ଉତ୍କଳୀୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିଚାରବୋଧର ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟ ବହନ ପୂର୍ବକ ଏହା ଓଡ଼ିଆ ସଂସ୍କୃତିର ସ୍ୱାଭିମାନରେ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ । ପରମ୍ପରାର ପ୍ରବହମାନ ଧାରାରେ ଢେଙ୍କାନାଳବାସୀ କୁମାରପୂର୍ଣ୍ଣମୀଠାରୁ ଦୀର୍ଘ ଏକାଦଶ ଦିବସ ବ୍ୟାପୀ ଏହି ସମନ୍ୱୟାତ୍ମକ ମହୋତ୍ସବ ପାଳନ ପୂର୍ବକ ଖ୍ରୀଷ୍ଟପୂର୍ବ କାଳରୁ ପ୍ରଚଳିତ ଲକ୍ଷ୍ମୀପୂଜାକୁ ଏକ ଭବ୍ୟରୂପ ପ୍ରଦାନ କରି ସ୍ୱତନ୍ତ୍ର ମର୍ଯ୍ୟାଦାରେ ଅଧିଷ୍ଠିତ କରାଇପାରିଛନ୍ତି ।



ପ୍ରାକୃତିକ ଶୋଭାମୟୀ ଢେଙ୍କାନାଳ ଆଦ୍ୟ କାର୍ତ୍ତିକରେ ବୈକୁଣ୍ଠ ଭବନର ରୂପଧାରଣ କରିଥାଏ । ରମଣୀୟ ପୂଜାମଣ୍ଡପ ସମୂହରେ ଭିନ୍ନ ଭିନ୍ନ ବେଶରେ ଅନ୍ନଦାତ୍ରୀ ମହିମାମୟୀ ମହାଲକ୍ଷ୍ମୀ ଆରାଧିତା । ଅଲୌକିକ ଶିଳ୍ପନୈପୁଣ୍ୟ ବିମଣ୍ଡିତ ସାଜସଜ୍ଜା, ରଙ୍ଗବେରଙ୍ଗର ବର୍ଣ୍ଣାଢ୍ୟ ଆଲୋକସଜ୍ଜା ଏବଂ କଳାବିଜ୍ଞାନ ସମ୍ମିଶ୍ରଣର ଅପୂର୍ବ ରୂପସଜ୍ଜା ସମଗ୍ର ସହରାଞ୍ଚଳକୁ ଦୀପ୍ତିମନ୍ତ କରିଥାଏ । ନୃତ୍ୟ, ସଂଗୀତ, ଲୋକନୃତ୍ୟ, ଲୋକବାଦ୍ୟ, କୀର୍ତ୍ତନ, ଭଜନ ଓ ମନ୍ତ୍ରପାଠରେ ସହରାଞ୍ଚଳ ମୁଖରିତ ଏବଂ ଦୋଳି, ପ୍ରଦର୍ଶନ, ମ୍ୟାଜିକ୍, ଚିଡ଼ିଆଖାନା ସର୍କସ, କଣ୍ଢେଇନାଚ, ପାଲା, ଯାତ୍ରାଦଳରେ ପ୍ରକମ୍ପିତ । କଟକ–ସମ୍ବଲପୁର ଜାତୀୟ ରାଜପଥ ଉପରେ ଅବସ୍ଥିତ ଢେଙ୍କାନାଳ ସହରରେ କାଠଗଡାଠାରୁ କୋରିଆ ପର୍ଯ୍ୟନ୍ତ ଦୀର୍ଘ ଆଠ କିଲୋମିଟର ନଗର ନଭଶ୍ଚୁମ୍ବୀ ତୋରଣ, ବର୍ଣ୍ଣବୈଚିତ୍ର୍ୟ ପୂର୍ଣ୍ଣ ଆଲୋକମାଳା, ଅପୂର୍ବ ଜନସମାବେଶ ତଥା ଅଫୁରନ୍ତ ଆନନ୍ଦରେ ହିଲ୍ଲୋଳିତ ହୋଇଉଠେ ।

ଓଡ଼ିଆ ଜାତି ଖ୍ରୀଷ୍ଟପୂର୍ବ କାଳରୁ ମହାଲକ୍ଷ୍ମୀଙ୍କର ଆରାଧନା କରିଆସିଛି । ଉଦୟଗିରି ଗୁମ୍ଫାସ୍ଥିତ ଗଜଲକ୍ଷ୍ମୀ ଚିତ୍ର ଏବଂ ଶ୍ରୀମନ୍ଦିର ପରିସରସ୍ଥିତ ମହାଲକ୍ଷ୍ମୀଙ୍କର ଭବ୍ୟମନ୍ଦିର ଉତ୍କଳୀୟ ସାଂସ୍କୃତିକ ସ୍ୱାଭିମାନରେ ଲକ୍ଷ୍ମୀପୂଜାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ସୂଚନାପ୍ରଦାନ କରିଥାଏ । ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପ୍ରବହମାନ ଧାରାରେ ଉଦ୍‌ବୁଦ୍ଧ ହୋଇ ଢେଙ୍କାନାଳବାସୀ ଦୀର୍ଘ ଅଣାଅଶୀ ବର୍ଷ ଧରି କୁମାରପୂର୍ଣ୍ଣମୀରେ ଗଜଲକ୍ଷ୍ମୀ ପୂଜାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାରେ ଅଧିଷ୍ଠିତ କରାଇ ପାରିଛନ୍ତି । ମହନୀୟତା ହେଉଛି, ମୃଣ୍ମୟୀ ପୂଜାର ଅନୁକରଣ ସର୍ବସ୍ୱ ଅନୁଷ୍ଠାନ ନହୋଇ ଓଡ଼ିଆ ସଂସ୍କୃତିର ସ୍ୱାଭିମାନରେ ଆତ୍ମିକ ସନନ୍ଦରୂପେ ମର୍ଯ୍ୟାଦାବନ୍ତ । ସହରର ବିଭିନ୍ନ ବଜାର ଓ ସାହିବସ୍ତିରେ ସର୍ବମୋଟ ଛତିଶ ଗୋଟି ଲକ୍ଷ୍ମୀମେଢ ନିର୍ମିତ ହୋଇଥାଏ । ପ୍ରତ୍ୟେକ ପୂଜାମଣ୍ଡପରେ ବୈଦିକ ବିଚାରରେ ପୂଜନ–ଅର୍ଚ୍ଚନ, ଶାକ୍ତ ପରମ୍ପରାରେ ସ୍ମରଣ ବନ୍ଦନ ଓ ବୈଷ୍ଣବୀୟ ଭାବଧାରାରେ ଭଜନକୀର୍ତ୍ତନ ଘଟି ଆଧ୍ୟାତ୍ମିକତାର ଅଦ୍ଭୁତପୂର୍ବ ବାତାବରଣ ସୃଷ୍ଟି ହୋଇଥାଏ । ଲକ୍ଷ୍ମୀ ସହସ୍ରନାମ, କବଚ, ସ୍ତବ,

ସ୍ତୋତ୍ର ଓ ଲକ୍ଷ୍ମୀପୁରାଣ ପାଠ ପରିବେଶକୁ ଗମ୍ଭୀର ଓ ଭକ୍ତି ରସାଣିତ କରିଥାଏ । ସ୍ଥାନେ ସ୍ଥାନେ ଏକ ଶହ ଆଠ ଅଥବା ଏକ ସହସ୍ର ପଦ୍ମସମର୍ପିତ ଲକ୍ଷ୍ମୀ ଅଭିଷେକ ମହୋତ୍ସବ ଓ ହୋମ ପୂଜାଟିକୁ ମହିମୋଜ୍ଜ୍ୱଳ କରିଥାଏ । ପୂଜା ଆସ୍ଥାନମାନଙ୍କରେ ରୋଗୀ ଓ ଦରିଦ୍ର ନରନାରାୟଣଙ୍କ ପ୍ରସାଦସେବା ପ୍ରଦାନ ଦ୍ୱାରା ମହୋତ୍ସବଟି ମହିମା ବିମଣ୍ଡିତ ହୋଇଥାଏ । ହରିଜନ ଓ ଆଦିବାସୀ ସାହିମାନଙ୍କରେ ଅନୁଷ୍ଠିତ ପୂଜାଆସ୍ଥାନମାନଙ୍କରୁ କଲ୍ୟାଣମୟ ଚେତନା ସ୍ପନ୍ଦିତ ହୋଇଥାଏ । ସତେ ଯେପରି ଜଗଜ୍ଜନନୀ ସ୍ୱୟଂ ଆବିର୍ଭୂତା ହୋଇ ଜାତି ବର୍ଣ୍ଣନର ପ୍ରାଚୀର ଉଠାଇ ଦେଇଛନ୍ତି । ପ୍ରତ୍ୟେକ ପୂଜାମଣ୍ଡପ ଗୋଟିଏ ଗୋଟିଏ ଲକ୍ଷ୍ମୀମନ୍ଦିରରେ ପରିଣତ ହୋଇ ତିନିଧୂପ ଓ ପାଞ୍ଚଅବକାଶ ରୀତିରେ ପୂଜାର୍ଚ୍ଚନା ଚାଲିଥାଏ । ପୂଜା ସମୟରେ ଲୋକବାଦ୍ୟ, ଘଣ୍ଟ, ଘଣ୍ଟା, ଶଙ୍ଖ, ଭେରୀ, ତୂରୀ ପ୍ରଭୃତି ବାଦ୍ୟ ବାଦନ ମନରେ ଅହେତୁକୀ ଭାବ ସଞ୍ଚାର କରିଥାଏ । ସୁଖର କଥା, ସାଂପ୍ରଦାୟିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ସମଗ୍ର ସହରବାସୀ ଏକ ମନ ଏକ ପ୍ରାଣରେ ଲକ୍ଷ୍ମୀପୂଜାକୁ ଓଡ଼ିଆ ସଂସ୍କୃତିର ମହାମିଳନୋତ୍ସବ ରୂପେ ମହିମାବନ୍ତ କରିଥାନ୍ତି ।



ପୂଜାମଣ୍ଡପ ସମୂହରେ ଉତ୍କଳୀୟ ଶିଳ୍ପ, କଳା ଭାସ୍କର୍ଯ୍ୟର ସ୍ୱାକ୍ଷରରେ ମହାଲକ୍ଷ୍ମୀ ଭିନ୍ନ ଭିନ୍ନ ଭାବ ଓ ଭଙ୍ଗୀରେ ଆବିର୍ଭୂତା । କେଉଁଠାରେ ଗଜଲକ୍ଷ୍ମୀ ତ କେଉଁଠାରେ ପଦ୍ମାଳୟା, କେଉଁଠାରେ ମନ୍ଦିର ବାସିନୀ ତ କେଉଁଠାରେ ଦେବବନ୍ଦିତା, କେଉଁ ମଣ୍ଡପରେ ଅନ୍ନଦାତ୍ରୀ ତ କେଉଁଠାରେ ବିଷ୍ଣୁପାଟରାଣୀ । ପ୍ରତ୍ୟେକ ମୂର୍ତ୍ତି ପୌରାଣିକ ବର୍ଣ୍ଣନାରେ ନିର୍ମିତ ତଥା ଅଲୌକିକ ଆଭୂଷଣ ଖଚିତ । ମୂର୍ତ୍ତି ସହିତ ବାହନ ଓ ପାର୍ଶ୍ୱଦେବତା ଉତ୍କଳୀୟ ଶିଳ୍ପକଳାର ଚରମ ନିଦର୍ଶନ । ସ୍ଥଳବିଶେଷରେ ଅନେକ ପୌରାଣିକ ଦୃଶ୍ୟ ନିର୍ମାଣ କରାଯାଇ ଲୋକ ପରମ୍ପରା ସାଂସ୍କୃତିକ ବୈଚିତ୍ର୍ୟ ପ୍ରତିଫଳିତ । ଅନେକ ପୂଜାମଣ୍ଡପରେ ଆଧୁନିକ ଶୈଳୀରେ ମୂର୍ତ୍ତିନିର୍ମିତ ହୋଇଥିଲେ ହେଁ ଏହା ଉତ୍କଳୀୟ ଶିଳ୍ପଭାସ୍କର୍ଯ୍ୟ ପରିଧିରେ ଆତ୍ମିକ ସନନ୍ଦରୂପେ ପ୍ରତିଭାତ । ସଂକ୍ଷେପରେ କହିଲେ, ପୂଜାଆସ୍ଥାନ ସମୂହରେ ଶିଳ୍ପଭାସ୍କର୍ଯ୍ୟ ସହିତ ପୌରାଣିକ କଳ୍ପନା ବିଳାସର ମଧୁର ସମନ୍ୱୟ ସଂଘଟିତ ହୋଇ ପୂଜା ମହୋତ୍ସବଟି ଓଡ଼ିଶାର ସାଂସ୍କୃତିକ ସ୍ୱାଭିମାନ ରୂପେ ଲକ୍ଷ ଲକ୍ଷ ଦର୍ଶକ ଓ ଭକ୍ତଙ୍କର ଆକର୍ଷଣ ହୋଇପାରିଛି ।

ଢେଙ୍କାନାଳ ଲକ୍ଷ୍ମୀପୂଜାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ବୈକୁଣ୍ଠ ଭବନ ସଦୃଶ ଅଲୌକିକ ସାଜସଜ୍ଜା, ବର୍ଣ୍ଣାଢ୍ୟ ଆଲୋକମାଳା ଓ ନଭଶ୍ଚୁମ୍ବୀ ତୋରଣରାଜି । ପ୍ରତ୍ୟେକ ପୂଜାମଣ୍ଡପରେ ଲୋକାକର୍ଷକ ଶୈଳୀରେ ଜରି, ସୋଲ, ରଙ୍ଗୀନ କାଗଜ ପ୍ରଭୃତିରେ ରସବନ୍ତ କଳାଚାତୁର୍ଯ୍ୟ ପ୍ରଦର୍ଶିତ ଏବଂ ପ୍ରଚ୍ଛଟପଦ ବିଦ୍ୟୁତ୍ ଆଲୋକରେ ଉଦ୍‌ଭାସିତ । ଏଥିରେ ପ୍ରାକୃତିକ ଦୃଶ୍ୟ ସହିତ ବିଜ୍ଞାନର ବିସ୍ମୟ ସଂଯୋଜିତ ହୋଇ ଅଲୌକିକ ଭାବଧାରା ପରିବେଷିତ । ପ୍ରତ୍ୟେକ ବଜାରବାସୀ ସେମାନଙ୍କ ପୂଜାମଣ୍ଡପ ସହିତ ବଜାରଅଞ୍ଚଳକୁ ବର୍ଣ୍ଣାଢ୍ୟ ଆଲୋକମାଳାରେ ଆଭୂଷିତ କରିଥାନ୍ତି । ଅଧିକନ୍ତୁ କେତେକ ସ୍ଥାନରେ ବୈଦ୍ୟୁତିକ ବିସ୍ମୟ ସମ୍ବଳିତ ଦୃଶ୍ୟ ସୃଷ୍ଟି କରାଯାଇ ଦର୍ଶକମଣ୍ଡଳୀକୁ ବିମୋହିତ କରିବାର ପ୍ରୟାସ କରାଯାଇଥାଏ । ଆଲୋକର ବର୍ଣ୍ଣାଳୀ ସାଙ୍ଗକୁ ସୁଉଚ୍ଚ ତୋରଣ ସହରାଞ୍ଚଳରେ ଉତ୍କଳୀୟ ସଂସ୍କୃତିର ବିଜୟକେତନ ଉଡାଇଥାଏ । ତୋରଣ ସମୂହ ସ୍ମରଣୀୟ ଦୃଶ୍ୟ ସମ୍ବଳିତ, ବର୍ଣ୍ଣବିଭା ବିଭୂଷିତ ଏବଂ ଚଳିଷ୍ଣୁମାନ ବିଦ୍ୟୁତ୍ ପ୍ରଦୀପରେ ଆଲୋକିତ । ତୋରଣ ସମୂହରେ ଅଙ୍କିତ ମୟୂର, ଦେବଦେବୀ ଚିତ୍ରାବଳୀ, ପ୍ରାକୃତିକ ଦୃଶ୍ୟ ଅଧିକ ଆକର୍ଷଣୀୟ । ଆଲୋକ ତୋରଣଗୁଡିକ ସର୍ବାଧିକ ଦର୍ଶକଙ୍କର ମନୋରଞ୍ଜନ କରିଥାଏ । ମୋଟ ଉପରେ କହିଲେ ଢେଙ୍କାନାଳ ଲକ୍ଷ୍ମୀପୂଜାରେ ଶିଳ୍ପ, କଳା ଓ ଭାସ୍କର୍ଯ୍ୟ ସହିତ ବିଜ୍ଞାନର ମିଳନ ଘଟି ଅଲୌକିକ ମନୋହାରିଣୀ ଦୃଶ୍ୟାବଳୀ ସୃଷ୍ଟି ହୋଇଥାଏ ।

ଲକ୍ଷ୍ମୀପୂଜା ମହୋତ୍ସବଟିକୁ ସର୍ବାଙ୍ଗ ସୁନ୍ଦର କରିପାରିଛି ବିଭିନ୍ନ ସ୍ଥାନ ଓ ଆସ୍ଥାନମାନଙ୍କରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଷ୍ଟାଡିୟମ୍ ସନ୍ନିକଟ ଗଜଲକ୍ଷ୍ମୀ ମଣ୍ଡପରେ ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥାଏ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ନୃତ୍ୟବିଚିତ୍ରା, ନୃତ୍ୟାଭିନୟ, ଏକାଙ୍କିକା, ନାଟକ ତଥା ବିଭିନ୍ନ ଲୋକନୃତ୍ୟ । ପ୍ରତ୍ୟେକ ପୂଜାମଣ୍ଡପରେ ଭଜନ, କୀର୍ତ୍ତନ, ପାଲା, ଦାସକାଠିଆ, ଘୋଡାନାଚ, ଘୁମୁରାନାଚ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ନବରଙ୍ଗ ନାଟକକୁ ରାଜରାସ୍ତାରେ ଦଣ୍ଡାୟମାନ ହୋଇ ହଜାର ହଜାର ଦର୍ଶକ ଉପଭୋଗ କରିଥାନ୍ତି । ଲକ୍ଷ୍ମୀପୂଜା ଉପଲକ୍ଷେ ସହରରେ ଯାତ୍ରାଦଳ ମଧ୍ୟ ଅଭିନୟ ପ୍ରଦର୍ଶନ କରନ୍ତି । ସହରର ପ୍ରାଚୀନ ମନ୍ଦିର ଓ ମଠମାନଙ୍କରେ ଲକ୍ଷ୍ମୀପୂଜା ନିମିତ୍ତ ଭଜନ ତଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ସମଗ୍ର ସହର ସାଂସ୍କୃତିକ ବିଚିତ୍ରାର ମନୋରମ ଦର୍ଶନ ସ୍ଥଳୀରେ ରୂପାନ୍ତରିତ ହୋଇ ଲକ୍ଷ ଲକ୍ଷ ଦର୍ଶକଙ୍କର ମନୋରଞ୍ଜନର ମାଧ୍ୟମ ପାଲଟିଯାଏ ।

ଲକ୍ଷ୍ମୀପୂଜା ଅବସରରେ ଚାଳିଶ ବର୍ଗ କିଲୋମିଟର ବ୍ୟାପୀ ଢେଙ୍କାନାଳ ସହରାଞ୍ଚଳ ଏକ ସୁବୃହତ୍ ବାଣିଜ୍ୟ ମେଳାର ରୂପଧାରଣ କରିଥାଏ । ସ୍ଥାୟୀ ବ୍ୟବସାୟୀ ସେମାନଙ୍କର ଦୋକାନ ଓ ପ୍ରତିଷ୍ଠାନକୁ ଗ୍ରାହକବୃନ୍ଦଙ୍କ ଆକର୍ଷଣ ନିମିତ୍ତ ସୁନ୍ଦର ଭାବରେ ସଜାଇ ବିଭିନ୍ନ ରଙ୍ଗର ଆଲୋକରେ ଆଲୋକିତ କରିଥା'ନ୍ତି । ସେମାନଙ୍କ ବ୍ୟତୀତ ଦୂରଦେଶାଗତ ବ୍ୟବସାୟୀବୃନ୍ଦ ଭିନ୍ନ ଭିନ୍ନ କିସମର ମନୋହାରିଣୀ ବିପଣୀମାଳାରେ ସୁଶୋଭିତ ଓ ଆକର୍ଷଣୀୟ କରିଥା'ନ୍ତି । ମନୋହାରିଣୀ ବିପଣୀମାଳା ସହିତ ବଜାର ମଝିରେ ଖୋଲିଥିବା ଚା, ଜଳଖିଆ, ଚାଟ୍, ଠୁଙ୍କାପୁରୀ, ରାବିଡ଼ି, ରସାବଳୀ, ପାନଦୋକାନ ପ୍ରଭୃତି ଦର୍ଶକବୃନ୍ଦଙ୍କର ଅନ୍ୟତମ ଆକର୍ଷଣ । ଦର୍ଶକ ଓ ଭକ୍ତବୃନ୍ଦ ବିଭିନ୍ନ ପୂଜାମଣ୍ଡପରେ ଲୋକମାତାଙ୍କୁ ଦର୍ଶନ କରିବା ସହିତ ଯାତ୍ରା ପ୍ରାଙ୍ଗଣରେ ସୁସଜ୍ଜିତ ମନୋହରିଣୀ ବିପଣୀମାଳାରୁ ଖେଳଣାଠାରୁ ଘରକରଣା, ନିତ୍ୟ ବ୍ୟବହାର୍ଯ୍ୟ ଓ ସୌଖୀନ ପଦାର୍ଥ କ୍ରୟ କରିଥା'ନ୍ତି । ବିଶେଷତଃ ସନ୍ଧ୍ୟାଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଦର୍ଶକମାନଙ୍କର ଭିଡ ଲାଗିରହିଥାଏ । ଗୌରବର କଥା, ଏତେବଡ ମହୋତ୍ସବ ଓ ବାଣିଜ୍ୟ ମେଳାରେ କୌଣସିଠାରେ ସାମାନ୍ୟତମ ଗଣ୍ଡଗୋଳ ବା ବିଶୃଙ୍ଖଳାର ମଧ୍ୟ ସୂଚନା ନଥାଏ । ସତେଯେପରି ସହରଟି କଳା, ଶିଳ୍ପ, ବାଣିଜ୍ୟ ଓ ଧର୍ମର ମହାମିଳନ କ୍ଷେତ୍ର ଏବଂ ଶାନ୍ତି, ଶୃଙ୍ଖଳା ଓ ସୁବ୍ୟବସ୍ଥା ଏହାକୁ ସାଂସ୍କୃତିକ ସ୍ୱାଭିମାନରେ ମର୍ଯ୍ୟାଦାବନ୍ତ କରିଥାଏ । ବାରଶହ ବର୍ଷର ଐତିହ୍ୟ ଓ ସଂସ୍କୃତି ବିମଣ୍ଡିତ ଢେଙ୍କାନାଳ ସହରରେ ଲକ୍ଷ୍ମୀପୂଜା ଏକ ଗୌରବୋଜ୍ଜ୍ୱଳ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛି । ମଧ୍ୟଯୁଗରୁ ଲକ୍ଷ୍ମୀ-ନୃସିଂହ ଉପାସନା ଢେଙ୍କାନାଳ ମାଟିରେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଉପାସନାର ପରମ୍ପରା ସ୍ୱରୂପ ଗ୍ରହଣ କରିଥିଲା । ପରବର୍ତ୍ତୀ କାଳରେ ମହାଲକ୍ଷ୍ମୀ ଢେଙ୍କାନାଳ ରାଜବଂଶର ଇଷ୍ଟଦେବୀ ଆସନ ଅଳଙ୍କୃତ କଲେ । ଅଧିକନ୍ତୁ, ସଂସ୍କୃତିର ଉତ୍ତରଣରେ ତତ୍କାଳୀନ ଢେଙ୍କାନାଳ ରାଜ୍ୟର ପୂର୍ବଦିଗସ୍ଥ ପ୍ରଗଣାର ନାମ 'ଲକ୍ଷ୍ମୀପ୍ରସାଦ ବିଷ' ପ୍ରଦାନ କରାଯାଇଥିଲା, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଢେଙ୍କାନାଳରେ କୁଞ୍ଜକାନ୍ତ ମନ୍ଦିର ପ୍ରତିଷ୍ଠିତ ହୋଇ ବୈଷ୍ଣବ ଭାବଧାରାର ପ୍ରସାର ଘଟିବା ସହିତ ନୃତ୍ୟ, ଗୀତ, କଳା ଓ ଅଭିନୟରେ ଢେଙ୍କାନାଳ ସୁଖ୍ୟାତି ଲାଭ କରିଥିଲା । ସେହି ସମୟରେ ଢେଙ୍କାନାଳର ରାସଦଳ ଓଡ଼ିଶାରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲା । ଓଡ଼ିଶୀ ନୃତ୍ୟ, ସଂଗୀତ ଓ ବୈଷ୍ଣବୀୟ ଭାବଧାରାରେ ଗଠିତ ଏହି ରାସଦଳରେ ପ୍ରତିଷ୍ଠାତା, ନିର୍ଦ୍ଦେଶକ ଓ ତତ୍ତ୍ୱାଧିକାରୀ ଥିଲେ କଳାକାର ବ୍ରଜକିଶୋର ପଟ୍ଟନାୟକ । ପ୍ରତିବର୍ଷ ଢେଙ୍କାନାଳର ଇଷ୍ଟଦେବୀ ମହାଲକ୍ଷ୍ମୀଙ୍କ ଜନ୍ମତିଥି ଅର୍ଥାତ୍ କୁମାର ପୂର୍ଣ୍ଣମୀର ଜ୍ୟୋତ୍ସ୍ନାବିଧୌତ ରଜନୀରେ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏହି ରାସଦଳ ବାର୍ଷିକ ଅଭିନୟର ଶୁଭାରମ୍ଭ କରିଥାନ୍ତି । ଏହି ଅବସରରେ ୧୯୨୨ ମସିହାରେ ବ୍ରଜବାବୁ ମୃଣ୍ମୟୀ ଗଜଲକ୍ଷ୍ମୀ ପୂଜାର ଆୟୋଜନ କରିଥିଲେ । ହନୁମାନ ମନ୍ଦିର ପ୍ରାଙ୍ଗଣରେ କୁମାର ପୂର୍ଣ୍ଣମୀଠାରୁ ସାତଦିନ ପର୍ଯ୍ୟନ୍ତ ବୈଦିକ ବିଧିରେ ଗଜଲକ୍ଷ୍ମୀ ପୂଜା ହେବା ସହିତ ପ୍ରତି ରାତ୍ରିରେ ରାସଦଳ ଶରଦରାସ ପରିବେଷଣ କରିଥିଲେ । ମହନୀୟତା ହେଉଛି, ଏହି ରାସାଭିନୟ ଓ ଲକ୍ଷ୍ମୀପୂଜାରେ ହିନ୍ଦୁ ଓ ମୁସଲମାନ ଉଭୟ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ଓଡ଼ିଆ ସଂସ୍କୃତିର ଉଦାରତା ପ୍ରତିପାଦନ କରିଥିଲେ । ସୁଖର ବିଷୟ, ସମ୍ପ୍ରଦାୟଗତ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ଏହି ରାସଯାତ୍ରା ଓ ପୂଜାନୁଷ୍ଠାନ ଗଣମହୋତ୍ସବର ରୂପଧାରଣ କରିଥିଲା । ୧୯୨୫ରେ ମୀନାବଜାରରେ ଲକ୍ଷ୍ମୀପୂଜାର ଦ୍ୱିତୀୟ ଆସ୍ଥାନ ପ୍ରତିଷ୍ଠିତ ହେଲା । ସେଠାରେ ମଧ୍ୟ ଲକ୍ଷ୍ମୀପୂଜା ସହିତ ପ୍ରତି ରାତ୍ରିରେ ନାଟକ ଅନୁଷ୍ଠିତ ହେଲା । ୧୯୪୦ ମସିହାରେ ସାଆନ୍ତ ସାହି ବା ଜବାହାର ଚୌକଠାରେ ତୃତୀୟ ଅନୁଷ୍ଠାନର ଶୁଭାରମ୍ଭ ହେଲା । ଇତି ମଧ୍ୟରେ ହନୁମାନ ବଜାରଠାରେ ବାରବର୍ଷ ପୂରି ପୂଜା ବନ୍ଦ ହୋଇଯାଇଥିଲା । ୧୯୪୩ ମସିହାରେ ମୀନାବଜାରରେ ଲକ୍ଷ୍ମୀପୂଜାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ୧୯୪୬ ମସିହାରେ ଜବାହାର ଚୌକରେ ପୁନର୍ବାର ପୂଜା ଆରମ୍ଭ ହେଲା । ସ୍ୱାଧୀନତା ପରେ ୧୯୪୮ରେ ଲକ୍ଷ୍ମୀବଜାର, ୧୯୪୯ରେ ଗଣେଶ ବଜାର,

୧୯୫୦ରେ ମହାବୀର ବଜାର, ୧୯୫୧ରେ କାଞ୍ଚନ ବଜାର, ୧୯୫୨ରେ ଆନନ୍ଦବଜାର, ୧୯୫୩ରେ କାରିଗର ସାହି, ୧୯୫୫ରେ ବାଜିଚୌକ ଓ ଗୁଡିଆନାଳୀ, ୧୯୫୭ରେ ରାଧାକୃଷ୍ଣ ବଜାର, ୧୯୫୮ରେ ଜୁବୁଲି ଟାଉନ୍–୧, ୧୯୫୯ରେ କୈବଲ୍ୟ ବଜାର, ୧୯୬୦ରେ ଜୁବୁଲିଟାଇନ୍–୨, ୧୯୬୧ରେ ସିମିଲିଆନ୍ ଷ୍ଟେସନ୍ ବଜାର ୧୯୬୩ରେ ରନ୍ ବଜାର, ୧୯୬୬ରେ ଚନ୍ଦନବଜାର, ୧୯୬୭ରେ କଲେଜ ରୋଡ୍, ୧୯୬୯ରେ ବସ୍ଷ୍ଟାଣ୍ଡ ଓ ଗାନ୍ଧୀବଜାର, ୧୯୭୧ରେ କୋରିଆଁ, ୧୯୭୫ରେ ଦୁର୍ଗାବଜାର, ୧୯୭୬ରେ କାଳିକାନଗର, ୧୯୭୮ରେ ନେହୁରୁ ବଜାର, ୧୯୭୯ରେ ରାମେଶ୍ୱର ପୁର ଓ ଜୁବୁଲିଟାଉନ୍–୩, ୧୯୮୨ରେ ଭଗବାନପୁର ଏବଂ ୧୯୮୬ରେ ସରଜଙ୍ଗସାହି ପ୍ରଭୃତି ପୂଜାଆସ୍ଥାନମାନଙ୍କରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇ ଢେଙ୍କାନାଳର ସାଂସ୍କୃତିକ ସ୍ୱାଭିମାନ ବୃଦ୍ଧି ପାଇଲା । ସୂଚନାଯୋଗ୍ୟ ଯେ, ୧୯୪୬ ମସିହାରୁ ମିଳିତ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇ ଏକ ଆଦର୍ଶ ପରଂପରା ପ୍ରବାହିତ ହେଲା । ଏହି ପରମ୍ପରାରେ ଶେଷଦିନ ସମସ୍ତ ମେଢ ଢେଙ୍କାନାଳର ଇଷ୍ଟ ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ କ୍ରମିକ ନମ୍ବର ଅନୁସାରେ ମିଳିତ ଶୋଭାଯାତ୍ରାରେ ରାଜପ୍ରାସାଦ, ଜର୍ଜକୋର୍ଟ ଛକ, ହନୁମାନ ଛକ ଓ ବଜାର ମଧ୍ୟ ଦେଇ ପରିକ୍ରମା ପୂର୍ବକ ସହର ଉପକଣ୍ଠ ନଦୀରେ ମୂର୍ତ୍ତି ବିସର୍ଜନ କରିଥାନ୍ତି । ଲକ୍ଷ୍ମୀପୂଜାର ଏହି ଶେଷ ଦୃଶ୍ୟ ଦର୍ଶନ କରିବାକୁ ପ୍ରାୟ ପାଞ୍ଚଲକ୍ଷ ଯାତ୍ରୀ ଓ ଦର୍ଶକ ଏକତ୍ରିତ ହୋଇଥାନ୍ତି । ଲକ୍ଷ୍ମୀପୂଜା ଓ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ସାଫଲ୍ୟମଣ୍ଡିତ କରିବାରେ ଢେଙ୍କାନାଳବାସୀଙ୍କ ସହିତ ଜିଲ୍ଲା ପ୍ରଶାସନ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସଂସ୍କୃତି ବିମଣ୍ଡିତ ଓଡ଼ିଶାର ସମନ୍ୱୟାତ୍ମକ ଭାବଧାରାର ପ୍ରବହମାନ ସ୍ରୋତରେ ଢେଙ୍କାନାଳ ଲକ୍ଷ୍ମୀପୂଜା ଦୀର୍ଘ ଅଣାଅଶୀ ବର୍ଷ ଅତିକ୍ରମ ପୂର୍ବକ ସଂପ୍ରତି ଏକବିଂଶ ଶତାବ୍ଦୀରେ ଉପଗତ । ସଂସ୍କୃତିର ଏହି ମହାମିଳନୋତ୍ସବରେ ଓଡ଼ିଶାର ଲୋକଧର୍ମ ତଥା ସାମାଜିକ ଜୀବନର ବୈଚିତ୍ର୍ୟ ପ୍ରତିଫଳିତ ହୋଇ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଚାରବୋଧର ଉତ୍ତରଣ ଘଟିଛି । ଅଧିକନ୍ତୁ ଶାନ୍ତି, ଶୃଙ୍ଖଳା, ସଦ୍‌ଭାବ, ମୈତ୍ରୀ, ପ୍ରୀତି, ଭ୍ରାତୃତ୍ୱ ଓ ସୌଜନ୍ୟର ମଧୁର ସମାବେଶରେ ଏହି ସାର୍ବଜନୀନ ମହୋତ୍ସବ ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଛି ।

ଶ୍ରୀରାମ ମଣ୍ଡପ ସରଣୀ
ଦକ୍ଷିଣକାଳୀ ମାର୍ଗ, ଢେଙ୍କାନାଳ

# ଜୟ ମା’ ଦଶଭୁଜା

**ଊର୍ମିଳା ମିଶ୍ର**

ତେତିଶ କୋଟି ଦେବଙ୍କ ମହାତେଜ ଘେନି
ଆଦି ଅନ୍ନପୂର୍ଣ୍ଣା ଜନ୍ମ ହୋଇଲେ ମେଦିନୀ ।
ଚନ୍ଦ୍ର ତେଜ ଅନଳରୁ ନୟନ ବିକାଶ
ସୂର୍ଯ୍ୟ ତେଜ ଅଗ୍ନିରୁ ଯେ, ନାସିକା ପ୍ରକାଶ ।
ଅଗ୍ନିଦେବ ବାୟୁ ସୂର୍ଯ୍ୟ ତେଜ ଜ୍ୟୋତିଧାରୀ
ପ୍ରାଣ ଶକ୍ତି ଦୃଷ୍ଟି ବାଣୀର ମା’ ଅଧିଶ୍ୱରୀ ।
ଦେବୀଙ୍କ ଶ୍ରୀମୁଖେ ବିଦ୍ୟମାନ ଶିବଶକ୍ତି
ଘନ କୃଷ୍ଣ କେଶ ରାଜିରେ ହିଁ ଯମଶକ୍ତି ।
ଦଶଭୁଜା ମଧ୍ୟେ ରହିଛନ୍ତି ବିଷ୍ଣୁ ଶକ୍ତି
ବକ୍ଷମଣ୍ଡଳରେ ଚନ୍ଦ୍ରମାର ଦିବ୍ୟଜ୍ୟୋତି ।

କଟିଦେଶେ ଶୋଭାପାଏ ପୁରନ୍ଦର ତେଜ
ଆଣ୍ଠୁଭାଗେ ରହିଛନ୍ତି ସୂର୍ଯ୍ୟ ଇନ୍ଦ୍ରରାଜ ।
ଚରଣ ଯୁଗଳେ ବିଦ୍ୟମାନ ବ୍ରହ୍ମାଶକ୍ତି
ପାଦାଙ୍ଗୁଳି ସମୂହରେ ସୂର୍ଯ୍ୟଙ୍କର ଶକ୍ତି ।
ରୂପ ରସ ଗନ୍ଧ ସ୍ପର୍ଶ ମାଆ ତୁମ ଦାନ
ବିଶାଳ ବିଶ୍ୱର ସୃଷ୍ଟି ତବ ଅବଦାନ ।
ଜଗଦମ୍ବା ଯୋଗେଶ୍ୱରୀ ତୁମେ ଯୋଗମାୟା
ଅନ୍ତିମ କାଳେ ଦର୍ଶନ ଦେବ ଥରେ ମାଆ ।

ମାର୍ଫତ୍– ଶ୍ରୀଚରଣ ମିଶ୍ର
ଗ୍ରାମ/ପୋଷ୍ଟ– ମହୁଲିଆ, ଭାୟା– ବଡମ୍ବା, କଟକ

# ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟ ସ୍ୱପ୍ନ

**ଚନ୍ଦ୍ରମଣି ସେଠୀ**

ପୁଣ୍ୟଭୂମି ଭାରତବର୍ଷର ଜୟଗାନ ଯୁଗ ଯୁଗରୁ ହୋଇ ଆସିଛି । ଏହି ଭାରତ ଭୂମି ଆଧାତ୍ମବାଦର ଦେଶ । ଏହି ଭୂମିର ସମସ୍ତ ଜୀବ ଓ ଉଦ୍ଭିଦ ଆଧାତ୍ମିକ ଚେତନାର ଅଧିକାରୀ । ଏହାର ମାଟି, ପାଣି, ପବନ ସକଳ ହୃଦୟକୁ ପବିତ୍ର କରିଥାଏ । ସ୍ୱୟଂ ଭଗବାନ, ତାଙ୍କର ସୃଷ୍ଟିରେ ଏହି ଭାରତବର୍ଷକୁ ନିଜର ଜନ୍ମଭୂମି ରୂପେ ଆଦରି ନେଇଛନ୍ତି । ଏହି ପୁଣ୍ୟଭୂମିରେ ରାମ, କୃଷ୍ଣ, ବୁଦ୍ଧଙ୍କ ଭଳି ଅବତାରୀଗଣ ଭଗବାନଙ୍କର ସତ୍ତା ଧରି ଜନ୍ମଗ୍ରହଣ କରିଥିଲେ, କେବଳ କଳୁଷିତ ଚିନ୍ତାଧାରାକୁ ଧ୍ୱଂସ କରି ମହତ ଚିନ୍ତାର ପ୍ରସାର ପାଇଁ । ଏହି ପୁଣ୍ୟଭୂମିରେ ଗଙ୍ଗା, ଯମୁନା, ସରସ୍ୱତୀ, ଗୋଦାବରୀ, ନର୍ମଦା, ସିନ୍ଧୁ ଓ କାବେରୀ ଇତ୍ୟାଦି ପୁରାଣ ବର୍ଣ୍ଣିତ ଶୁଦ୍ଧପୁତ ନଦୀମାନେ ପ୍ରବାହିତ ହୋଇ ସକଳ ଜନମାନସର ପାପ ଧୌତ କରିଥାନ୍ତି । ସବୁ ଦୃଷ୍ଟିକୋଣରୁ ବିଚାର କଲେ ଏହା ଯୁଗେ ଯୁଗେ ପୁଣ୍ୟଭୂମି ରୂପେ ଆଦୃତ । ଏଇଠି ଭଗବାନଙ୍କର ଲୀଳାଖେଳା ସମ୍ପନ୍ନ ହୋଇଛି । ଭାରତରେ ଚାରିଧାମ ଏହାର ଦୃଷ୍ଟାନ୍ତ । ତେଣୁ ଆମ ଭାରତବର୍ଷ ଏକ ମହାନ୍ ପୁଣ୍ୟଭୂମି ରୂପେ ବିଶ୍ୱରେ ଆଦୃତ ।



ଭାରତରେ ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ ଓ ବିବିଧ ଭାଷାଭାଷୀ ଜନତାଙ୍କୁ ନେଇ ବିଶ୍ୱରେ ନିଜର ମାନ ପ୍ରତିଷ୍ଠା କରିଛି । ଭାରତବର୍ଷ ଦୀର୍ଘ ବର୍ଷ ଧରି ବ୍ରିଟିଶ୍ ଶାସନାଧୀନ ଥିଲା । ସେମାନଙ୍କର ମନମୁଖୀ ଶାସନ ଓ ଶୋଷଣରୁ ମୁକ୍ତ ହେବା ପାଇଁ ଦେଶରେ ଆରମ୍ଭ ହୋଇଥିଲା ସ୍ୱାଧୀନତା ସଂଗ୍ରାମ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବହୁ ସ୍ୱାଧୀନତା ସଂଗ୍ରାମୀ ଏହି ସଂଗ୍ରାମରେ ସାମିଲ ହୋଇଥିଲେ । ବ୍ରିଟିଶ୍ ଶାସକଙ୍କ ଗୋଳା ବାରୁଦ, କମାଣ ଆଘାତରେ ହଜାର ହଜାର ଭାରତୀୟ ସହିଦ୍ ହେଲେ ସତ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଅହିଂସା ଅସ୍ତ୍ର ଆଗରେ ବ୍ରିଟିଶ୍ ସରକାର ନତମସ୍ତକ ହୋଇଥିଲେ । ଶେଷରେ ଦେଶକୁ ମିଳିଲା ପୂର୍ଣ୍ଣ ସ୍ୱାଧୀନତା ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ । ଅହିଂସାର ଅସ୍ତ୍ର କେତେ ଶକ୍ତିଶାଳୀ, ତାହା ପୃଥିବୀର ସମସ୍ତ ରାଷ୍ଟ୍ର ହୃଦୟଙ୍ଗମ କଲେ ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହେଲା । ସାରା ଭାରତବର୍ଷରେ ଜାତୀୟ ପତାକା ଫରଫର ହୋଇ ଉଡ଼ିଲା । ସର୍ବତ୍ର ପୁରପଲ୍ଲୀରେ ଭାରତମାତାର ଜୟଗାନ କରାଗଲା । ପୁଣ୍ୟଭୂମି ସବୁକାଳ ପାଇଁ ପୁଣ୍ୟଭୂମି ହୋଇ ରହିଲା । ମହାତ୍ମା ଗାନ୍ଧୀଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ପୁଣ୍ୟଭୂମି ଭାରତବର୍ଷ ସବୁଦିନ ପାଇଁ ପୁଣ୍ୟଭୂମିର ମର୍ଯ୍ୟାଦା ଲାଭ କରି ରହୁ ।

ଏହି ପୁଣ୍ୟଭୂମିର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଯୋଗୀ, ମୁନିଗଣ ଯୁଗଯୁଗରୁ ଭାରତବର୍ଷରେ ଜନ୍ମ ହୋଇ ଧର୍ମର ବାର୍ତ୍ତା ପ୍ରଚାର କରି ଆସିଛନ୍ତି । ଏହି ଧର୍ମର ବାର୍ତ୍ତା ଭବିଷ୍ୟତରେ

ବଳବତ୍ତର ହୋଇ ରହିବା ପାଇଁ ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ଗୀତା ଇତ୍ୟାଦି ମହାନ୍ ପୁରାଣମାନଙ୍କରେ ଲେଖାଯାଇଛି । ଏହି ପୁରାଣଶାସ୍ତ୍ର କେବଳ ଜନସମାଜକୁ ଚେତନଶୀଳ କରାଇ ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ ଉଦ୍ଦିଷ୍ଟ । ସକଳ ଜନସମାଜ ଆଧ୍ୟାତ୍ମିକବାଦର ବଶୀଭୂତ ହେଲେ, ଭାରତବର୍ଷ ଏକ ଆଧ୍ୟାତ୍ମିକବାଦର ଭୂମି ହୋଇ ଚିରକାଳକୁ ରହିବା ସଙ୍ଗେସଙ୍ଗେ ସକଳ ଜନମାନସକୁ ମାର୍ଜିତ କରିବ ।

ପୁଣ୍ୟାତ୍ମା ଯୁଗପୁରୁଷ ମହାତ୍ମା ଗାନ୍ଧୀ ଭାରତବର୍ଷକୁ ଏକ ରାମରାଜ୍ୟରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିଲେ । ରାମଚନ୍ଦ୍ର ଭଗବାନଙ୍କ ଅବତାର ନେଇ ଅଯୋଧ୍ୟାରେ ଜନ୍ମ ହୋଇଥିଲେ ସତ, କିନ୍ତୁ ତାଙ୍କର ଧୈର୍ଯ୍ୟ, ସାହସ, ତ୍ୟାଗ, ପିତୃଭକ୍ତି, ସରଳ ମାନସିକତା ଭାରତର ସମସ୍ତ ଜନମାନସକୁ ସ୍ପର୍ଶ କରିଥିଲା । ସ୍ୱୟଂ ଭଗବାନ ରାମଚନ୍ଦ୍ର ଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା ଓ ଅହିଂସାର ଅବତାର । ତାଙ୍କ ହୃଦୟକୁ କୌଣସି କପଟତା ଓ କାମନା ଶକ୍ତି ପ୍ରବେଶ କରି ନଥିଲା । କପଟତା ଓ କାମନା ଶକ୍ତି ମାନବର ମାନବିକତାକୁ ଧ୍ୱଂସ ବିଧ୍ୱସ୍ତ କରିପକାଏ । ସତ୍ୟର ପରିପ୍ରକାଶ ହେଲେ ସତ୍ୟଯୁଗର ଉଦୟ ହୁଏ । ତେଣୁ କୁହାଯାଇଛି– 'ସତ୍ୟମେବ ଜୟତେ' । ସଂସାର କେବଳ ମାୟାର କବଳିତ । ସମସ୍ତ ପାର୍ଥିବ ପଦାର୍ଥ କ୍ଷଣଭଙ୍ଗୁର ଓ ନିମିଷ ମାତ୍ର । କିନ୍ତୁ ମାନବ କେବଳ ମାୟାର ବଶୀଭୂତ ହୋଇ ଅସାର ପଦାର୍ଥ ପଛରେ ଘୂରି ବୁଲେ । ସେ ବାସ୍ତବତା ଅନୁଭବ କରିପାରେ ନାହିଁ ବା ଭଗବତ୍ ତତ୍ତ୍ୱର ମୂଲ୍ୟାଙ୍କନ କରିପାରେ ନାହିଁ ।

ଭାରତବର୍ଷକୁ ରାମରାଜ୍ୟରେ ପରିଣତ କରିବା ପାଇଁ ମହାତ୍ମା ଗାନ୍ଧୀ ଏକ ସରଳ ହୃଦୟ ଧାରଣ କରି ହାତରେ ଭଗବତ୍ ଗୀତା ଧରି ବୁଲୁଥିଲେ । ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ସମାନ ବୋଲି କହି ଗୀତାର ତତ୍ତ୍ୱକୁ ଶୁଣାଉଥିଲେ ।

ସାରା ସଂସାରରେ ଭଗବାନ ଗୋଟିଏ । ଯିଏ ଈଶ୍ୱର, ସେହିଁ ଆଲ୍ଲା । ଏମାନଙ୍କ ମଧ୍ୟରେ କୌଣସି ଫରକ ନାହିଁ । ଭଗବାନଙ୍କର ନାମ ଅନେକ ହୋଇ ଥାଇପାରେ, କିନ୍ତୁ ସମସ୍ତଙ୍କର ଉଦ୍ଦେଶ୍ୟ ସଂସାରର ମଙ୍ଗଳ ପାଇଁ । 'ମାନବ ଧର୍ମ' ହିଁ ସଂସାରରେ ଗୋଟିଏ ଧର୍ମ । ମାନବ ସେବା ହିଁ ଭଗବାନଙ୍କର ସେବା ।

ମହାତ୍ମା ଗାନ୍ଧୀଙ୍କର ଉଦ୍ଦେଶ୍ୟ ଥିଲା– ଭାରତ ହେଉ ରାମଭୂମି ଯେଉଁଠି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ନ ରହୁ । ଏଗୁଡ଼ିକ ନର୍କ ପଥର ଉତ୍ସ । ଜଗତରେ ସକଳ ହୃଦୟରେ ରାମ ବା ପରମବ୍ରହ୍ମ ବିରାଜମାନ କରନ୍ତୁ । ସମସ୍ତେ ଭଗବତ୍ ସତ୍ତାରେ ମଜ୍ଜି ରହନ୍ତୁ । ଦେଶ ମାତୃକାର ସମସ୍ତ କଳୁଷ ଧ୍ୱଂସ ପାଉ । ଦେଶ ହେଉ ମହାନ୍ । ସମସ୍ତେ ପରମ ସତ୍ତାର ଉପଲବ୍ଧି କରନ୍ତୁ । ଯୁଗେ ଯୁଗେ ପୃଥିବୀରେ ଭାରତର ଜୟଗାନ ହେଉ ।

ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ନିଜର ଶରୀର ତ୍ୟାଗ କଲେ, ସେ ଗାଇ ଉଠିଥିଲେ –

'ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ ଭବେତ୍ ॥

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନ ସାକାର ହେଉ । ସମସ୍ତେ ମାତୃଭୂମିର ପ୍ରଗତି ପାଇଁ ଅଗ୍ରସର ହୁଅନ୍ତୁ । ସ୍ୱର୍ଣ୍ଣପ୍ରସୂ ଭାରତ ସର୍ବଦା ସ୍ୱର୍ଣ୍ଣପ୍ରସୂ ହୋଇ ରହୁ । ଜାତିର ପ୍ରଗତି ଆମର ପ୍ରଗତି । ସମସ୍ତଙ୍କର ସାଧୁତା ଓ ନିଷ୍ଠାପରତା ପ୍ରଗତିର ସହାୟକ ହେବ । ସନ୍ତ୍ରାସବାଦ ଚିନ୍ତାଧାରା ଜାତି ଧ୍ୱଂସ ସାଧନର କାରଣ । ମୃତ୍ୟୁ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କର ରାମରାଜ୍ୟର ସ୍ୱପ୍ନ ବଳବତ୍ତର ରହିଥିଲା ।

ସହକାରୀ ନିର୍ଦ୍ଦେଶକ
ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ
ମଧୁପାଟଣା, କଟକ

❖ ❖ ❖

**ବିଶେଷ ଉପସ୍ଥାପନା**

# ଗରବ ତୁମର, ଗଉରବ ମୋର...

**କେଉଁ ଏକ ଲଗ୍ନ ବେଳାରେ ଭୂମିଷ୍ଠ ହେଲାବେଳେ ଅଜଣା ଆବେଗରେ ଚଉଦିଗ ପୁଲକିତ ହୋଇଉଠେ । ମା' ମନ କୁହେ, ମାତୃଭୂମି ସ୍ପନ୍ଦିତ କରେ, 'ଏଇଟି ଆମର ଟେକ ରଖିବ ।' ନବ ପଲ୍ଲବରେ ପଲ୍ଲବିତ ହେଲାବେଳେ ବୁଢୀ ମା'ର ନାନାବାୟା ଗୀତ, କୋଇଲିର କୁହୁକୁହୁ ମିଠା ସ୍ୱର, ଭଅଁରର ଗୁଣୁଗୁଣୁ ଗୁଞ୍ଜରଣ ଅବା ଠାକୁର ଘରୁ ଭାଗବତର ସ୍ୱର ତା' ଅଜାଣତରେ ତା' ମନ ଭିତରେ ସଂଗୀତର ଏକ ସୁମଧୁର ସ୍ୱରଟିଏ ତୋଳିରଖେ । ଆଉ କେବେ କେବେ ଶାସ୍ତ୍ରୀୟ ଓଡ଼ିଶୀର ତାଳେ ତାଳେ ସ୍ୱତଃ ଉଠିଯାଏ ପାଦ ଦୁଇଟି । ମା'ର ଅଭିଳାଷ, ବାପାଙ୍କର ଶୁଭେଚ୍ଛା, ମାତୃଭୂମିର ନିବିଡତା ଆଉ କଳା କାଉଁରୀର ସ୍ପର୍ଶରେ ବିଜୟର ମୁକୁଟ ପିନ୍ଧି ସେ ହୁଏ ଜାତିର ଗୌରବ । କଳାତ୍ମକ ଉତ୍କଳର କିଛି ସୃଜନଶୀଳ ପ୍ରତିଭାଧାରୀ ଯେଉଁମାନେ ବିଶେଷ କରି ଏଇ କେତେ ବର୍ଷ ତଳୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ରିଅଲିଟି ସୋ'ରେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉତ୍କର୍ଷ ପ୍ରତିପାଦନ କରି ଓଡ଼ିଶା ପାଇଁ ଗୌରବ ଆଣି ଦେଇଛନ୍ତି, ସେମାନଙ୍କୁ ନେଇ ଆମର ଏ ବିଶେଷ ଉପସ୍ଥାପନା ।**

କଥା ଆରମ୍ଭ କରିବା ଅନନ୍ୟାଙ୍କଠାରୁ । ପୋଖରୀପୁଟ ଡିଏଭି ସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଅନନ୍ୟା ଶ୍ରୀତମ୍ ନନ୍ଦ । ସେପ୍ଟେମ୍ବର ୬ ତାରିଖ ଦିନ ସୋନି ଟିଭିରେ ପ୍ରସାରିତ ଇଣ୍ଡିଆନ୍ ଆଇଡଲ୍ ଜୁନିୟର-୨ର ଚୂଡାନ୍ତ ଫଳାଫଳ ଘୋଷଣା ସାରା ରାଜ୍ୟରେ ଖୁସିର ଲହରୀ ଖେଳାଇ ଦେଇଥିଲା । ଅନନ୍ୟା କେବଳ ନିଜକୁ ନୁହେଁ ବରଂ ଓଡ଼ିଶାକୁ ଗର୍ବ ଆଣି ଦେଇଥିଲେ । ସର୍ବଭାରତୀୟ ସ୍ତରର ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ସେ ବିଜୟର ମୁକୁଟ ପିନ୍ଧିଥିଲେ । ତାଙ୍କର ଅନ୍ତର୍ନିହିତ ପ୍ରତିଭା ଗାୟନଶୈଳୀ କେବଳ ଓଡ଼ିଶାର ପ୍ରଶଂସକଙ୍କୁ ନୁହେଁ ବରଂ ଭାରତୀୟ ପ୍ରଶଂସକଙ୍କୁ ଗଭୀର ପ୍ରଭାବ ପକାଇଥିଲା । ଯେଉଥିପାଇଁ ସେ ଆଶାତୀତ ଭୋଟ ପାଇପାରି ଥଲେ । ଦୀର୍ଘ ଅଢେଇ ମାସର ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ସେ ତାଙ୍କର ଶାସ୍ତ୍ରୀୟଭିତ୍ତିକ ଗାୟନ ଶୈଳୀରେ ପ୍ରାୟ ସମସ୍ତ ବିଚାରକମାନଙ୍କୁ ପ୍ରଭାବିତ କରିପାରିଥିଲେ । ମାତ୍ର ତିନିବର୍ଷ ବୟସରୁ ଗୀତ ଗାଇ ଆସୁଥିବା ଅନନ୍ୟା ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଙ୍ଗୀତରେ ପାରଦର୍ଶୀ ହୋଇଥିଲେ । ଏହି ପ୍ରତିଯୋଗିତାରେ ଶାସ୍ତ୍ରୀୟ ସଂଗୀତ ବ୍ୟତିରକେ ବଭିନ୍ନ ଶୈଳୀରେ ସେ ସଂଗୀତ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ । ତାଙ୍କର



କଠୋର ପରିଶ୍ରମ, ନିଷ୍ଠା, ଧୈର୍ଯ୍ୟ ଓ ବାରମ୍ବାର ପ୍ରତିଯୋଗିତାକୁ ସାମ୍ନା କରୁଥିବା ସାହସ ତାଙ୍କୁ ଏ ସଫଳତା ଆଣି ଦେଇଛି ବୋଲି ସେ କୁହନ୍ତି । ଏହାଛଡା ପ୍ରଭୁକୃପା ବିନା କୌଣସି ବି ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ତାଙ୍କ ବିଜୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ କରିବାକୁ ଅନୁମତି ଦେବା

ସହ ଅନନ୍ୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ବ୍ରୋଞ୍ଜର ସ୍ମାରକୀ ପ୍ରଦାନ କରି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ଓ ତାଙ୍କର ସଫଳତା ପାଇଁ ରାଜ୍ୟବାସୀ ଗର୍ବିତ ବୋଲି କହିଛନ୍ତି ।

ଏହା ପୂର୍ବରୁ ୨୦୦୯ ମସିହାରେ କଲର୍ସ ଚ୍ୟାନେଲ୍‌ରେ ପ୍ରସାରିତ ''ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ ସୋ'ରେ ବ୍ରହ୍ମପୁରର



ଆମ୍ବପୁଆ ଗ୍ରାମର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ବିଜୟ ଜାତୀୟ ଚ୍ୟାନେଲ୍ ରିୟଲିଟି ସୋ' ଜଗତରେ ଓଡ଼ିଶାର ପ୍ରତିଭାକୁ ସ୍ୱୀକୃତି ଦେଇଥିଲା । ସେ ଦିନ ସାରା ଭାରତ ଅନୁଭବ କରିଥିଲା, ବାସ୍ତବିକ୍ ଯେଉଁ ରାଜ୍ୟଟି ଆତିଥେୟତାରେ ନିପୁଣ, ଯାହାର ସଂସ୍କୃତି, ପରମ୍ପରା ସମୃଦ୍ଧ, ସୃଜନ କଳା ଦିଗନ୍ତବିସ୍ତାରୀ ସେ ରାଜ୍ୟ କେବେ ପଛୁଆ ହୋଇ ନପାରେ । ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟ ଥିଲେ ଦିନ ମଜୁରିଆ ଓ ଅତି ଗରିବ ପରିବାରର ପିଲା । ତାଙ୍କ ଦଳର ନେତୃତ୍ୱ ନେଇଥିଲେ କୃଷ୍ଣମୋହନ ରେଡ୍ଡୀ । ରେଡ୍ଡୀ ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଦକ୍ଷ କଳାକାର ବନାଇବାରେ ସକ୍ଷମ ହୋଇଥିଲେ । ଭିନ୍ନ ଢଙ୍ଗରେ ତଥା ସମ୍ପୂର୍ଣ୍ଣ ନୂଆ ଢାଞ୍ଚାରେ ଦଶାବତାର ନୃତ୍ୟ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରି ଦେଶ ବିଦେଶର ଲକ୍ଷ ଲକ୍ଷ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲେ ପ୍ରିନ୍ସ ଡ୍ୟାନ୍ସଗ୍ରୁପ୍ । ମୁଖ୍ୟମନ୍ତ୍ରୀ ତାଙ୍କୁ ୨କୋଟି ଟଙ୍କାର ପୁରସ୍କାର ଦେବା ସହ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିବା ଲାଗି ୪ଏକର ଜମି ଦେବାର ପ୍ରତିଶ୍ରୁତି ଦେଇଥିଲେ ।

୨୦୧୨ ମସିହାରେ ସେହି କଲର୍ସ ଚ୍ୟାନେଲ୍‌ରେ ପ୍ରସାରିତ 'ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ' ସୋ'ର ଡ୍ୟାନ୍ସ ସିଜିନ୍‌ରେ ବିଜୟୀ ହୋଇ ଓଡ଼ିଶାର ଗୌରବ ବଢାଇଥିଲେ ଶିଶୁ କଳାକାର ମାରାଜୁ ସୁମନ୍ତ ଓ ସୋନାଲି ମଜୁମ୍‌ଦାର । ସୋନାଲି ମଜୁମ୍‌ଦାର ଓଡ଼ିଆ ହୋଇ ନଥିଲେ ହେଁ ମାରାଜୁ-ସୁମନ୍ତଙ୍କ ଯୋଡିରେ ସେମାନେ ଚତୁର୍ଥ ସିଜିନ୍‌ରେ ବିଜୟୀ ହୋଇଥିଲେ ଓ ଷଷ୍ଠ ସିଜିନ୍‌ରେ ରନର୍ସଅପ୍ ହୋଇଥିଲେ । ଉଭୟଙ୍କ ସମନ୍ୱୟରେ ରୋବୋଟିକ ସାଲ୍‌ସା ନୃତ୍ୟ ସମସ୍ତଙ୍କୁ ଚକିତ କରିଥିଲା ।

ଗତବର୍ଷ ଷ୍ଟାରପ୍ଲସ୍ ଚ୍ୟାନେଲ୍‌ରେ ପ୍ରସାରିତ ସଙ୍ଗୀତଭିତ୍ତିକ ରିୟଲିଟି ସୋ 'ଇଣ୍ଡିଆସ୍ ଷ୍ଟାର୍'ରେ ନିମାପଡାର ପୁଅ ଋତୁରାଜ ମହାନ୍ତି ସୁଫି ଗାୟନ ଶୈଳୀରେ ସଂଗୀତ ପରିବେଷଣ କରି ବିଜୟର ମୁକୁଟ ପିନ୍ଧିଥିଲେ । ସେହିପରି କଟକର ଝିଅ ସୋହିନୀ ମିଶ୍ର, ବାଲୁକା ଶିଳ୍ପୀ ମାନସ ସାହୁ, ନୃତ୍ୟ ଶିଳ୍ପୀ ହରିହର ଦାସ ବିଭିନ୍ନ ଚ୍ୟାନେଲ୍‌ର ଫାଇନାଲ ପ୍ରତିଯୋଗିତାରେ ପ୍ରବେଶ କରିବାର ସୁଯୋଗ ପାଇଥିଲେ, କିନ୍ତୁ ୨୦୧୨ ମସିହାରେ 'ଜୀ' ଟିଭିରେ ପ୍ରସାରିତ ନୃତ୍ୟଭିତ୍ତିକ ରିୟଲିଟି ସୋ' ଡ୍ୟାନ୍ସଇଣ୍ଡିଆ ଡ୍ୟାନ୍ସ-୩ରେ ବିଜୟର ମୁକୁଟ ପିନ୍ଧିଥିଲେ ରାଜସ୍ମିତା କର । ଏବେ ବି ଅନ୍ୟାନ୍ୟ ପ୍ରତିଯୋଗିତା ଯଥା ମଡେଲିଂ ଫେମିନା ମିସ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମରେ ପ୍ରତିଭାବାନ୍ ଓଡ଼ିଆମାନେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିପାରୁଛନ୍ତି । ଏଥି ସହିତ ଏ ଜାତିର ଗରିମା ବଢାଇ ପାରୁଛନ୍ତି । ଏ ଜନ୍ମଭୂମି କେବଳ ରୂପସୀ ବା ରତ୍ନଗର୍ଭା ନୁହେଁ, ଏହା ଅସରନ୍ତି କଳା ଓ ସୃଜନଶୀଳତାର ଭଣ୍ଡାର । ନିଜ ସନ୍ତାନମାନଙ୍କ ଜୟଯାତ୍ରାର ଶୁଭ କାମନା କରି ଉତ୍କଳ ଜନନୀ ଯେପରି ଗାଇ ଉଠୁଛି–

'ରଜା ହୁଅ ମନ୍ତ୍ରୀ ହୁଅ, ଯେତେ ବଡ ହୁଅରେ  
ମା' ପାଖେ ପରା ତୁମ ପରିଚୟ ପୁଅରେ  
ଗରବ ତୁମର ଗଉରବ ମୋର  
ଦୁନିଆରେ ତୁମେ ବଇଭବ ମୋର ।'

❖ ❖ ❖

# ତନ୍ତ୍ର ଠାକୁରାଣୀ ମା’ ହିଙ୍ଗୁଳା

**ଅଧ୍ୟାପିକା ସୌଦାମିନୀ ବେହେରା**

ଉତ୍କୃଷ୍ଟ କଳାର ଦେଶକୁ ଉତ୍କଳ କୁହାଯାଏ । ଉତ୍କଳଭୂମି ସମଗ୍ର ଭାରତବର୍ଷରେ ଏକ ସଂସ୍କୃତିସମ୍ପନ୍ନ ପ୍ରାଚୀନ ସଭ୍ୟ ରାଜ୍ୟର ସୁଖ୍ୟାତି କେଉଁ ଅନାଦି କାଳରୁ ରହି ଆସିଅଛି । ଏହାର ସାମାଜିକ ଚଳଣି, ଭାଷା, ପରମ୍ପରା, ପର୍ବପର୍ବାଣି ଇତ୍ୟାଦି କ୍ଷେତ୍ରରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ପର୍ବପର୍ବାଣି ହେଉଛି ସାମାଜିକ ଜୀବନର ଏକ ଅଙ୍ଗ ସଦୃଶ୍ୟ । ଯେଉଁ ଦିନଠାରୁ ମନୁଷ୍ୟ ଆରଣ୍ୟକ ଯାଯାବର ଜୀବନକୁ ପରିହାର କରି ଗୋଷ୍ଠୀଜୀବନ ଆରମ୍ଭ କଲା, ସେହିଦିନଠାରୁ ସୃଷ୍ଟି ହୋଇଛି ନାନା ପ୍ରକାର ପର୍ବପର୍ବାଣି ଓ ମହୋତ୍ସବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଏଥିରୁ ରସସ୍ୱାଦନ କରିଥାଏ । କଥାରେ କହନ୍ତି ବାର ମାସରେ ତେର ପର୍ବ । ଏହା ଓଡିଶାରେ ସର୍ବତ୍ର ପ୍ରଚଳିତ । ବାସ୍ତବିକ ନିଃସର୍ଗର ବୈବିଧ ଭଳି ପାରମ୍ପରିକକ୍ରମେ ଗୋଟିଏ ପରେ ଗୋଟିଏ ଅସଂଖ୍ୟ ପାର୍ବଣ ଆସି ଆମର ସାମାଜିକ ଜୀବନକୁ ଆନନ୍ଦ ମୁଖର କରିଥାନ୍ତି । କର୍ମକ୍ଳାନ୍ତ, ଜଞ୍ଜାଳଗ୍ରସ୍ତ ଜୀବନରେ ମଧୁର ଆଶ୍ୱାସନା, ସାମାଜିକ ଜୀବନକୁ ଏହି ପର୍ବପର୍ବାଣି ସରସ ସୁନ୍ଦର କରିଥାଏ ।



ଶ୍ରୀଜଗନ୍ନାଥ ଉତ୍କଳ ମାଟିର ଆରାଧ୍ୟ ଦେବତା ଅଟନ୍ତି । ଏହି ମାଟି ତେତ୍ରିଶ କୋଟି ଦେବାଦେବୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ଢଙ୍ଗରେ ପୂଜାର୍ଚ୍ଚନା କରି ତା’ର ନିଷ୍ଠାକୁ ବଜାୟ ରଖିଛି । ପ୍ରକୃତରେ ସେ ହେଉଛନ୍ତି ଏକ, ଅଭିନ୍ନ, ନିରାକାର ପୁଣି ସାକାର । ସେ ସର୍ବବିଦ୍ୟମାନ । ଏକଥା ସମସ୍ତେ ଅବଗତ, କିନ୍ତୁ ନିଜ ଧର୍ମର ଟେକ ଓ ପାଳନ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଶୈଳୀରେ ନିଜ ପର୍ବପର୍ବାଣିକୁ ଅତି ଶ୍ରଦ୍ଧା ଓ ଭକ୍ତିରେ ପାଳନ କରିଥାନ୍ତି । ମାଆ ଗର୍ଭରୁ ମାଟିମାଆ ଭିତରେ ଥିବା ଦୂରତା କେବଳ କୁଆଁ କୁଆଁ ଶବ୍ଦର ଓଁକାରଜନିତ ରାହା, ଯାହା ମାଆ ଶବ୍ଦର ପ୍ରତିଧ୍ୱନୀ ସମଗ୍ର ମନୁଷ୍ୟ ଅନ୍ତରରେ ସୁପ୍ତ, ଜାଗ୍ରତ ସ୍ଥିତିରେ ମାତୃଶକ୍ତି ଏକ ଜମାଟ ବାନ୍ଧିଥିବା ପ୍ରବୃତ୍ତି । ଶକ୍ତି ପୂଜା ହିନ୍ଦୁମାନଙ୍କର ପ୍ରାଚୀନ ଉପାସନା, ଯାହା ସମୟକ୍ରମେ ହିନ୍ଦୁ ସମାଜରେ ଏକ ମହାନ୍ ପରମ୍ପରା ରୂପେ ବିଦ୍ୟମାନ ।

ଓଡିଶାରେ ଶାକ୍ତ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ଓ ଏହାର ବିବିଧତା ବିଭିନ୍ନ ଶାକ୍ତପୀଠମାନଙ୍କରେ ଦୃଷ୍ଟିଗୋଚର ହୋଇଥାଏ । ସମଗ୍ର ଓଡିଶାରେ ପ୍ରଧାନତଃ ଆଠଗୋଟି ତନ୍ତ୍ରପୀଠରେ ଶକ୍ତି ସ୍ୱରୂପିଣୀ ଦେବୀ ଅଷ୍ଟଭୁଜା, କେଉଁଠି ଦ୍ୱିଭୁଜା, କେଉଁଠି ବୈଷ୍ଣବୀ, ନରମୁଣ୍ଡମାଳିନୀ, ତ୍ରିପୁରାସୁନ୍ଦରୀ ତ କେଉଁଠି କାତ୍ୟାୟନୀ ରୂପେ ପୂଜ୍ୟା । ଏହି ଦୃଷ୍ଟିରୁ ଉତ୍କଳୀୟ ଶାକ୍ତ ପୀଠ ସାରାଜଗତରେ ପ୍ରାଚୀନ କାଳରୁ ଖ୍ୟାତି ଅର୍ଜନ କରିଅଛି । ବାଣପୁରରେ ମାଆ ଭଗବତୀ, ଶ୍ରୀକ୍ଷେତ୍ର ପୁରୀରେ ମାଆ ବିମଳା, କାକଟପୁରରେ ମାଆ ମଙ୍ଗଳା, ଝଙ୍କଡରେ ମା’ ଶାରଳା, ଯାଜପୁରରେ ମାଆ ବିରଜା, ବାଙ୍କୀରେ ଚର୍ଚ୍ଚିକା, ସମ୍ବଲପୁରରେ ମାଆ ସମଲାଇ, ଏବଂ ତାଳଚେରରେ ମାଆ ହିଙ୍ଗୁଳା ଆଦି ଆଠଟି ସ୍ଥାନରେ ଦେବୀ

ଜଗତ ବିଖ୍ୟାତ ଓ ତାଙ୍କରି ମହିମା ଅପାର । ଏହି ଦେବୀମାନେ ପ୍ରତ୍ୟକ୍ଷା ଅଟନ୍ତି । ବିଭିନ୍ନ ସ୍ଥାନରେ ଦେବୀ ଚଣ୍ଡୀ, କାଳୀ, ଦୁର୍ଗା, ଭୈରବୀ, ରାମଚଣ୍ଡୀ, ହରଚଣ୍ଡୀ, ଲଙ୍କେଶ୍ୱରୀ, ସ୍ତମ୍ଭେଶ୍ୱରୀ, ମାଣିକେଶ୍ୱରୀ ଆଦି ନାମରେ ପୂଜା ପାଆନ୍ତି । ବହୁ ପ୍ରାଚୀନ କାଳରୁ ମାତୃଶକ୍ତି ଭିନ୍ନଭିନ୍ନ ରୂପରେ ପୂଜା ପାଇଆସୁଛନ୍ତି । ତନ୍ମଧ୍ୟରୁ ସିଧସେନୀ, ସିଦ୍ଧଭୈରବୀ, ମନ୍ଦାରବାସିନୀ, ନାରାୟଣୀ, ବୈଷ୍ଣବୀ, ଶାରଦା ଓ ଅମ୍ବିକା ଆଦି ଅତ୍ୟନ୍ତ ଜନପ୍ରିୟ । ଆଦିଶକ୍ତି ସତୀଙ୍କ ବ୍ରହ୍ମରନ୍ଧ୍ରରୁ ମା' ହିଙ୍ଗୁଳାଙ୍କ ସୃଷ୍ଟି ।ଏହି ହିଙ୍ଗୁଳା ପୀଠରେ ସତୀଙ୍କର ବ୍ରହ୍ମରନ୍ଧ୍ର ବିଛାଡି ହୋଇ ପଡିଥିଲା। ଏଠାରେ ଅଗ୍ନି ରୂପରେ ଜଗଜ୍ଜନନୀ ଭଗବତୀ ହିଙ୍ଗୁଳାଙ୍କର ଦର୍ଶନ ମିଳେ। ଏଠାରେ ଦେବୀଙ୍କର କୌଣସି ପ୍ରତିମା ନାହିଁ । ତାନ୍ତ୍ରିକଙ୍କ ମତରେ ପ୍ରତିମା ଅପେକ୍ଷା ଯନ୍ତ୍ର ଓ ମନ୍ତ୍ର ପ୍ରଧାନ । ଏହି ଯନ୍ତ୍ରରେ ମା' ପୂଜା ପାଆନ୍ତି । ସେ ଅଗ୍ନିରୂପା, ଦୁଃଖ ହାରିଣୀ, ପତିତପାବନୀ, ସ୍ନେହ ବତ୍ସଳା ଅଟନ୍ତି । ତାଙ୍କରି କୃପାଟିକିଏ ପାଇବା ପାଇଁ ଆବାଳବୃଦ୍ଧବନିତା ଭାରତର କୋଣଅନୁକୋଣରୁ ଧାଇଁ ଆସନ୍ତି ।

ଅନୁଗୋଳ ଜିଲ୍ଲା ତାଳଚେର ସହରର ପଶ୍ଚିମରେ ସିଙ୍ଗଡା ନଦୀକୂଳ ଗୋପାଳ ପ୍ରସାଦ ଗ୍ରାମରେ ଦେବୀ ହିଙ୍ଗୁଳାଙ୍କ ମନ୍ଦିର । ସେ ଅଗ୍ନିରୂପୀ । ତେଣୁ ହିଙ୍ଗୁଳା ନାମରେ ପରିଚିତା । ଓଡିଶାର ଏକାବନ ଦେବୀ ପୀଠ ମଧ୍ୟରୁ ଏହା ଅନ୍ୟତମ । ଓଡିଆ କବି ସାରଳା ଦାସ ଅଷ୍ଟଚଣ୍ଡୀ ତାନ୍ତ୍ରିକ ପୂଜା ଓ ଶାକ୍ତ ପରମ୍ପରାର ନିଖୁଣ ଚିତ୍ର ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକ ଚଣ୍ଡୀପୁରାଣରେ ସରଳ ଭାବରେ ବର୍ଣ୍ଣନା କରିଛନ୍ତି । ମା' ହିଙ୍ଗୁଳା ସେଥିରୁ ଅନ୍ୟତମ ଅଟନ୍ତି । ଯୁଗେଯୁଗେ ମାଆଙ୍କର ଅବତାର ଭିନ୍ନ ରୂପ ନେଇଥାଏ । ସତ୍ୟରେ ମଜ୍ଜାଗତ ପ୍ରାଣ, ତ୍ରେତାରେ ଅସ୍ଥିଗତ, ଦ୍ୱାପରରେ ରକ୍ତଗତ, କିନ୍ତୁ କଳିକାଳରେ ଅନ୍ନଗତପ୍ରାଣ ଅର୍ଥାତ୍ ଅନ୍ନ ହିଁ ଜୀବନର ମାନଦଣ୍ଡ ହୋଇଥାଏ । ଜଗତର ନାଥ ଜଗନ୍ନାଥଙ୍କର ମୂଳମନ୍ତ୍ରକୁ ଗୋପାଳମନ୍ତ୍ର କୁହାଯାଏ । ଜଗନ୍ନାଥଙ୍କର ଅନ୍ନ ପ୍ରସ୍ତୁତକାରିଣୀ ହିଙ୍ଗୁଳା ବର୍ଣ୍ଣା ନିଆଁର ଔଜ୍ଜ୍ୱଲ୍ୟମାନ୍ୟା । ତାଳଚେର ଗୋପାଳ ପ୍ରସାଦ ବାସିନୀ ଅନ୍ନପୂର୍ଣ୍ଣା କଲ୍ୟାଣମୟୀ ମା' ହିଙ୍ଗୁଳା । ମହାରାଜ ନନ୍ଦ ମା' ହିଙ୍ଗୁଳାଙ୍କୁ ସ୍ମରଣ କରି ପାକଦ୍ରବ୍ୟରେ ହାତମାରିଦେଲେ ଅମୃତ ବିରାଜୁ ଥିଲା । ଅନ୍ନସିଦ୍ଧ ପରେ ସୁସ୍ୱାଦ ପରୀକ୍ଷା ପାଇଁ ଅଗ୍ନିରେ ପ୍ରଥମେ ପାକନ୍ନ ମା'ଙ୍କୁ ଅର୍ପଣ କରାଗଲେ ।

ସାଧାରଣତଃ ଚୈତ୍ର ଓ ଆଶ୍ୱିନ ମାସରେ ସମସ୍ତ ଆରାଧ୍ୟା ଦେବୀଙ୍କର ପୂଜା ସମଗ୍ର ଭାରତବର୍ଷରେ ଉତ୍ସବ ମୁଖରିତ ହୋଇଥାଏ । ମା'ହିଙ୍ଗୁଳାଙ୍କ ପୂଜା ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଆରମ୍ଭ ହୁଏ । ପୂଜାର କର୍ମ ଚୈତ୍ରମାସର ପ୍ରଥମ ଗୁରୁବାର ଦିନଠାରୁ ଆରମ୍ଭ ହୁଏ । ଦେବୀଙ୍କ ପୂଜାରୀଙ୍କୁ ଦେହୁରୀ କୁହାଯାଏ । ହିଙ୍ଗୁଳା ଯାତ୍ରାର ଏକୋଇଶି ଦିନ ପୂର୍ବରୁ ମା'ଙ୍କ କୃପାଲାଭ ପାଇଁ ଖୁବ୍ ନିଷ୍ଠାର ସହ ହବିଷ ପାଳନ କରନ୍ତି । ପୂଜାର ସାତଦିନ ପୂର୍ବରୁ ଦେବୀଙ୍କର ଦେହୁରୀଙ୍କୁ ସ୍ୱପ୍ନାଦେଶ ହୁଏ, ମା' ହିଙ୍ଗୁଳାଙ୍କ ଉଭାସ୍ଥାନର ଅବସ୍ଥିତି କେଉଁଠି। ଏହାପରେ ଦେହୁରୀ ଆଲାମ ଧରି ବଡମଣ୍ଡପକୁ ପୂଜା ପାଇଁ ଯାଇଥାଆନ୍ତି । କୁଟେଇଶୁଣି ଓ କରଡେଇଙ୍କର ଆଲାମ ବଡ ମଣ୍ଡପରେ ପୂଜାର୍ଚ୍ଚନା ହୁଏ । ସେହିଦିନ ଜନ୍ତାଳ ପୂଜା ହୋଇଥାଏ । ମଧ୍ୟାହ୍ନରେ ପୂଜା ଜିନିଷ ସହିତ ଦେହୁରୀ ଚଳନ୍ତି ପ୍ରତିମାଙ୍କୁ ଆଣନ୍ତି କୁଟେଇଶୁଣୀ ମଣ୍ଡପକୁ । ମାଜଣା ଓ ସ୍ନାନ ପରେ ଶାବରିମତରେ ପୂଜା କରାଯାଏ । ପୂଜାପରେ ଦୁଇଜଣ ପାଇକ ମା' ହିଙ୍ଗୁଳାଙ୍କର ପାଟ, ଖଣ୍ଡା ଓ ଆଜ୍ଞାମାଳ ସହ ପାଟଣାରେ ଥିବା ପଡିଆରଙ୍କୁ ଡାକନ୍ତି । ତିନି ଡାକରା ପରେ ପଡିଆର ସ୍ନାନ କାର୍ଯ୍ୟ ସମ୍ପନ୍ନ କରି ପୂଜା ମଣ୍ଡପକୁ ଚଳିଯାଆନ୍ତି। ରାଜା ତାଙ୍କ ପାଇଁ ନୂଆ ବସ୍ତ୍ର ପଠାଇ ଥାଆନ୍ତି । ତାକୁ ପିନ୍ଧି ପଡିଆର ଆସନରେ ବସନ୍ତି । ଷୋଡଶ ଉପଚାରରେ ବାଦ୍ୟନାଦରେ ପଡିଆରକୁ ପୂଜା କରାଯାଏ । କ୍ଷୀର ଓ ଗୁଡ ତାଙ୍କ ମସ୍ତକରେ ଢଳାଯାଏ । ଆଜ୍ଞାମାଳ ଲାଗି ପରେ ପଡିଆରଙ୍କ ଦେହରେ ଠାକୁରାଣୀ ବିଜେ କରନ୍ତି । ଗାଆଁର ଭଲମନ୍ଦ ସମ୍ପର୍କରେ ଗାଁର ମୁଖିଆ ପଚାରି ବୁଝନ୍ତି ଓ ହିଙ୍ଗୁଳାଙ୍କର ଆବିର୍ଭାବର ଦିଗ ସମ୍ପର୍କରେ ଜଣାନ୍ତି । ଅର୍ଦ୍ଧ ରାତ୍ରୀରୁ ସେ ଦିଗକୁ ପୂଜା ସାମଗ୍ରୀ ସହ ଉଭାସ୍ଥଳକୁ ବିଜେ କରନ୍ତି । ମା' ହିଙ୍ଗୁଳା ଅଗ୍ନିର ଦେବୀ । ତେଣୁ ଦେହୁରୀ ହାତରେ ସହଜରେ ଧରା ଦିଅନ୍ତି ନାହିଁ । ଏଠି ସେଠି ମରିଚିକା ପରି ଦିଶନ୍ତି । ତା'ପରେ ବିଧିବଦ୍ଧ ପୂଜା ମନ୍ତ୍ରଦ୍ୱାରା ଉଭାସ୍ଥଳରେ ଦେବୀଙ୍କୁ ବନ୍ଦୀ କରାଯାଏ ଓ ସେହି ସ୍ଥାନରେ ହିଁ ସେ ପୂଜା ପାଆନ୍ତି । ସେଠାରେ ଚରା କୋଇଲା ବେଦିକା କରାଯାଇଥାଏ । ମା' ହିଙ୍ଗୁଳା ସେହିଠାରେ ସମସ୍ତ ଭକ୍ତଙ୍କୁ ଅଗ୍ନିରୂପା ଭାବେ ଦୃଷ୍ଟ ହୁଅନ୍ତି । ଚନ୍ଦନକାଠ, ଘିଅ, ପଞ୍ଚାମୃତ ଦେଇ ମା' ହିଙ୍ଗୁଳାଙ୍କର ଦର୍ଶନ ପାଇଥାନ୍ତି। ବିଭିନ୍ନ ଗ୍ରାମର ବାଦ୍ୟକାରଗଣ, ପାଇକ ନୃତ୍ୟ, ଗୋପାଳକ ଲଉଡିଖେଳ, ଘଣ୍ଟୁଆ, ଘଣ୍ଟା, ବାଦ୍ୟ, ଛତି, ଶଙ୍ଖ, ଭଜନ, କୀର୍ତ୍ତନ ଓ ହରିବୋଲ ହୁଳହୁଳିରେ କମ୍ପିତ ହୋଇଥାଏ । ହଜାର ହଜାର ଭକ୍ତ ଏହି ଶୋଭାଯାତ୍ରାରେ ଯାଇ ମନ୍ଦିର ଅଭିମୁଖୀ ହୋଇଥାନ୍ତି । ଶହଶହ ଶିଶୁମାନେ ମସ୍ତକରୁ ଚୂଳ ଅର୍ପଣ ଦେବୀଙ୍କ ପୀଠରେ କରିଥାନ୍ତି । ଏହା ମା'ମାନେ ହିଙ୍ଗୁଳାଙ୍କ ପାଖରେ ମାନସିକ ପୂରଣ ପାଇଁ କରିଥାନ୍ତି । ଏହା କଲେ ଶିଶୁର ରିଷ୍ଟଖଣ୍ଡନ ହୋଇଥାଏ । ଅପରାହ୍ନରେ ଠାକୁରାଣୀଙ୍କର ଚଳନ୍ତି ପ୍ରତିମା ଆଲମ ବଡପଣ୍ଡାକୁ ବିରାଟ ଶୋଭାଯାତ୍ରାରେ ବିଜେ କରନ୍ତି । ସନ୍ଧ୍ୟାରେ ପ୍ରତିବର୍ଷ ତାଳଚେର ରାଜା ହିଙ୍ଗୁଳା ପୀଠକୁ ଯାଇ ପୂର୍ଣ୍ଣାହୁତି ଦିଅନ୍ତି । ମା'ହିଙ୍ଗୁଳାଙ୍କ ପ୍ରତିମା ନଥିବା ଯୋଗୁଁ ଷୋଳଗୋଟି ଶାଳଗ୍ରାମ ଓ ବରୁଣ ପତ୍ରରେ

ପୂଜା କରାଯାଇଥାଏ । ରାଜା ମଣ୍ଡପରୁ ଯିବା ପର୍ଯ୍ୟନ୍ତ ଭିଡ ଲାଗି ରହିଥାଏ । ଠାକୁରାଣୀଙ୍କ ନିକଟରେ ଅନେକ ପ୍ରକାର ସ୍ୱାଦିଷ୍ଟ ଭୋଗ ଲଗାଯାଏ ଯଥା–କ୍ଷୀର, ମଧୁ, ଉଖୁଡା, ନଡିଆ, କଦଳୀ, ଗୁଡ, ଘିଅ, କୁଶିଗଜା, ଗଜମୁଆଁ ଇତ୍ୟାଦି । ବରୁଣପତ୍ର ଫୁଲ, ସିନ୍ଦୂର, ଧୂପ, ହଳଦି, ଅରୁଆଚାଉଳ, ପାଟଛିଟ, ଶାଢୀ, ଝୋଟ, ଝୁଣା ପ୍ରଭୃତି ନୈବେଦ୍ୟ ଦିଅନ୍ତି ।ଯାତ୍ରାର ନବମ ଦିନ ଶିତୁଳାଯାତ୍ରା ମହା ସମାରୋହରେ ପାଳନ ହୁଏ । ମା'ଙ୍କ ମଥା ଉପରେ ରାଜା ଦେଇଥିବା ଚାନ୍ଦୁଆ ଲାଗି ହୁଏ । ଏହା ଅଗ୍ନିଶିଖାରେ ପୋଡେ ନାହିଁ । ବେଳେବେଳେ ଚାନ୍ଦୁଆର ଗୋଟେ କୋଣ ବା ଦୁଇକୋଣ ପୋଡିଯାଏ । ପ୍ରବାଦ ଅଛି ଯେଉଁ କୋଣ ପୋଡିଯାଏ ସେ କୋଣର ସବୁ ଅଞ୍ଚଳରେ ଭଲ ଫସଲ ହୋଇଥାଏ । ଶାବରୀ ମନ୍ତ୍ରରେ ପାଣି ସିଞ୍ଚି ଶୀତଳ କରାଯାଏ । ଏହିଠାରୁ ମା'ଙ୍କର ବିଭୂତି ଆଣି ଭକ୍ତମାନଙ୍କୁ ବଣ୍ଟାଯାଏ ।

ପ୍ରତ୍ୟେକ ତନ୍ତ୍ର ଚଉଷଠି ପର୍ଯ୍ୟାୟଭୁକ୍ତ । ଏହି ଚଉଷଠି ସଂଖ୍ୟକ ସଂଖ୍ୟା ହେଉଛି ତନ୍ତ୍ର ସାଧନାର ଚଉଷଠି ବର୍ଣ୍ଣମାଳା । ଏହି ବର୍ଣ୍ଣମାଳାକୁ ମାତୃକା ବିଜ୍ଞାନ କୁହାଯାଏ । ମାତୃକା ବିଜ୍ଞାନ ତାନ୍ତ୍ରିକ ମହାବିଜ୍ଞାନ ଅଟେ । ବର୍ଣ୍ଣମାଳା ମଧ୍ୟରେ ଶବ୍ଦ–ଧ୍ୱନି ଲୁଚି ରହିଥାଏ । ମାତୃକାର ଅର୍ଥ ବର୍ଣ୍ଣମାଳା । ଏହାର ସଂଖ୍ୟା ଚଉଷଠୀ । ଓଡିଶାରେ ଏହା ବିଷୟରେ ଅନେକ ଆଲୋଚନା, ପର୍ଯ୍ୟାଲୋଚନା ହୋଇଅଛି । ଫଳ ସ୍ୱରୂପ ଓଡିଶାର ଯଥା ଭୁବନେଶ୍ୱର ନିକଟରେ ହୀରାପୁର ଓ ବଲାଙ୍ଗୀରର ରାଣୀପୁର, ଏହି ୨ଟି ସ୍ଥାନରେ ଚଉଷଠୀ ଯୋଗିନୀ ମୂର୍ତ୍ତିପୂଜା ପାଉଥିଲେ । ତନ୍ତ୍ର ସାଧକମାନଙ୍କ ମତରେ ପୂର୍ବ ବର୍ଣ୍ଣିତ ଭଗବତୀ, ଶାରଳା, ବିମଳା, ମଙ୍ଗଳା, ହିଙ୍ଗୁଳା, ଚର୍ଚ୍ଚିକା ଓ ଭୁବନେଶ୍ୱରୀ ଆଦି ଦେବୀମାନେ ଅଷ୍ଟକାଳୀ ଭାବରେ ବିଖ୍ୟାତ । ଓଡିଶାରେ ରହିଥିବା ଆଠଟି ଶକ୍ତିପୀଠକୁ ଅଷ୍ଟଦଳ ପଦ୍ମର ଆଖ୍ୟା ଦିଆଯାଇଛି । ଏହି ଅଷ୍ଟଦଳ ପଦ୍ମମଧ୍ୟରେ ପୂଜା ପାଉଥିବା ଅଷ୍ଟକାଳୀ ହେଲେ ମା' ହରଚଣ୍ଡୀ, ମା' ଭଗ୍ଗାରିକା ଓ ମା'ଚର୍ଚ୍ଚିକା, ମା' ତାରିଣୀ, ମା'ଭଗବତୀ, ଉଗ୍ରତାରା ଓ ଚନ୍ଦ୍ରଭାଗା କୂଳରେ ମା' ରାମଚଣ୍ଡୀ । ''କାଳିକା ପୁରାଣ''ରେ ୪ଟି ପୀଠ ସମ୍ବନ୍ଧରେ ଉଲ୍ଲେଖ ରହିଛି । ସେଗୁଡିକ ହେଲା– ଉଡ୍ର, ନୀଳଶୈଳ, ପୂର୍ଣ୍ଣଗିରି, କାମରୂପ । ବୈତରଣୀ ନଦୀଠାରୁ ମହେନ୍ଦ୍ର ପର୍ବତ ଅଞ୍ଚଳ ଓ ପଶ୍ଚିମରେ ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳ ଉଡ୍‌ଡୀୟାନ କ୍ଷେତ୍ର ଅନ୍ତର୍ଗତ ଥିଲା । ଯମ ଗର୍ଭମଣ୍ଡଳରେ ଥିବା ଉତ୍ତର ତୋଷାଳୀର ବିଷୟ ବା ଜିଲ୍ଲା ଯାହାକି ବର୍ତ୍ତମାନ ଢେଙ୍କାନାଳ ଓ ତାଳଚେର ମଧ୍ୟରେ ଅବସ୍ଥିତ, ଏହାହିଁ ଉଡ୍‌ଡୀୟାନ ବୋଲି କୁହାଯାଇଛି । ଏହି ଉଡ୍‌ଡୀୟାନ ବା ଆଧୁନିକ ଓଡିଶାରେ ହିଙ୍ଗୁଳାବର୍ଣ୍ଣା ଦେବୀ ହିଙ୍ଗୁଳା କ୍ଷେତ୍ର ନାୟିକା । ତନ୍ତ୍ର ମତବାଦରେ ଅନେକ ଦେବୀଙ୍କର ଆରାଧନା ହେଉଥିଲେ ହେଁ ସପ୍ତମାତୃକା, ଅଷ୍ଟମାତୃକା, ଦଶମହାବିଦ୍ୟା ଓ ଚତୁଃଷଷ୍ଠୀ ଯୋଗିନୀଙ୍କର ବିଶେଷଣ ରହିଛି । ଆଦ୍ୟାଶକ୍ତିଙ୍କର ଅଷ୍ଟ ଅବତାର ସ୍ୱରୂପ ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଉମା, ଉଗ୍ରତାରା, କୌଶକୀ, କାଳୀ, ଶିବଦୂତୀ ଓ ଚଣ୍ଡିକା ପ୍ରଭୃତିଙ୍କ ମଧ୍ୟରେ ପ୍ରତ୍ୟେକ ଆଠଜଣ ସହଚାରିଣୀ ରୂପେ ମାତୃକା ରୂପେ ଚଉଷଠି ଯୋଗିନୀ ପୂଜା ପାଇଥାନ୍ତି । ଓଡିଶାରେ ଭୌମକର ରାଜବଂଶଙ୍କର ରାଜତ୍ୱ କାଳରେ ମାତୃକା ଉପାସନା ଓଡିଶାରେ ପ୍ରାଧାନ୍ୟ ଲାଭ କରିଥିଲା । କେଶରୀ ବଂଶର ରାଜାମାନଙ୍କ ସମୟରେ ଯୋଗିନୀ ଉପାସନା ଜନ୍ମଲାଭ କରିଥିଲା । କାପାଳିକମାନେ ଯୋଗିନୀ ସାଧନା କରୁଥିଲେ । ଚଉଷଠୀ ମାତୃକାମାନଙ୍କ ମଧ୍ୟରେ ମା'ହିଙ୍ଗୁଳା ହେଉଛନ୍ତି ତନ୍ମଧ୍ୟରୁ ଗୋଟିଏ । ତନ୍ତ୍ର ମହାବିଦ୍ୟାର ଜଣେ ସଂପୂଜିତା ତାନ୍ତ୍ରିକ ଶକ୍ତି ତଥା ପୀଠେଶ୍ୱରୀ, ବଜ୍ରଯାନ, କାପାଳିକମାନଙ୍କ ଯୋଗିନୀ ତନ୍ତ୍ରକୁ ମା'ଅଗ୍ନିରୂପା ହିଙ୍ଗୁଳା ଆପଣା ମଧ୍ୟରେ ସମାୟିତ କରି ଜନମାତା ଭାବରେ ସେ ଉଭା ହୋଇଛନ୍ତି । କୌଳାଚାରୀର ସେ ଇଷ୍ଟ ହେବା ସହ, ବ୍ରାହ୍ମଣ୍ୟ ତନ୍ତ୍ରର ତନ୍ତ୍ରାଶୟୀ ଉପାସିକା ଶକ୍ତି, ଜନକଙ୍କର ଆପଣାର ମା, ଭଲ ମନ୍ଦର ସାକ୍ଷୀ, ଦୁଃଖସୁଖର ବାନ୍ଧବୀ । ମା' ହିଙ୍ଗୁଳା, କାଳିଆ ଠାକୁରଙ୍କ ପାକଶାଳାର ଦାୟିତ୍ୱ ହିଙ୍ଗୁଳବର୍ଣ୍ଣା, ନିଆଁ ପିଙ୍ଗୁଳା ମା, ହିଙ୍ଗୁଳାଙ୍କର ନାମରେ ଶ୍ରୀମନ୍ଦିର ରୋଷଶାଳାରେ ପାକାନ୍ନ ଅଗ୍ନି ସଂଚରଣ କରାଯାଇଥାଏ । ତାଳଚେରର ମା' ହିଙ୍ଗୁଳା ସନ୍ତାନବତ୍ସଳା, ଯାହାର ହୃଦୟ ସନ୍ତାନପାଇଁ ସଦାସର୍ବଦା ଅଧିର, ସେ ସନ୍ତାନର ଦୁଃଖ, କଷ୍ଟ ଓ ବେଦନା ଦେଖି ସହିବେ ବା କିପରି ? ସେ ଦେବୀ, ଦୟା, କ୍ଷମା, ସ୍ନେହ, ପ୍ରେମ, କରୁଣାର ମୂର୍ତ୍ତିମନ୍ତ ପ୍ରତୀକ । ମା' ଆଦ୍ୟାଶକ୍ତିମୟୀ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ, ଏ ଦେଶ, ଏ ପୃଥିବୀ ଆଜିର କଳିର ବାହୁରେ ଛନ୍ଦିତ । ତେଣୁ ଏ ସଂସାର ଧ୍ୱଂସାଂଭିମୁଖୀ, ଏ ସମାଜ ପଥଭ୍ରଷ୍ଟ, ସମସ୍ତଙ୍କୁ ମାତା ହିଙ୍ଗୁଳା ଆଶୀର୍ବାଦ ଢାଳି ଦିଅନ୍ତୁ ଓ ସଦ୍‌ବୁଦ୍ଧିର ଉଦ୍ରେକ ଘଟୁ । ଆଜିର ଏ ଯନ୍ତ୍ରଣା ଜର୍ଜରିତ ସାମାଜିକ ଜୀବନକୁ ସୁସଂହତ ଓ ସୁଶୃଙ୍ଖଳିତ କରି ଦିବ୍ୟ ଜୀବନ ଦରିଆରେ ସମସ୍ତେ ନିମଜ୍ଜିତ ହୋଇ ମା'ହିଙ୍ଗୁଳାଙ୍କ ଚରଣରେ ନିଜକୁ ସମର୍ପଣ କରିଦେବା । ମା'ଙ୍କ ନିକଟରେ ସବୁବେଳେ ଆମର ଗଭୀର ବିଶ୍ୱାସ ଓ ଭକ୍ତି ଉଦ୍‌ଗୀରଣ ହେଉଥାଉ । ଏହାହିଁ ମା'ହିଙ୍ଗୁଳାଙ୍କ ନିକଟରେ ଆମ୍ଭର ବିନମ୍ର ଅଳି ଓ ନିବେଦନ ଅଟେ ।


ସହାୟକ ପୁସ୍ତକ–

ଓଡିଶାର ଦେବୀପୀଠ ତତ୍ତ୍ୱ ଓ ଉପାସନା



ରାଜନୀତି ବିଜ୍ଞାନ

ଶ୍ରୀ ସୋମନାଥ ବାଲୁଙ୍କେଶ୍ୱର ଦେବ

ମହିଳା ମହାବିଦ୍ୟାଳୟ, କନ୍ତିଆ, ଜଟଣୀ, ଖୋର୍ଦ୍ଧା

# ଓଡ଼ିଶାରେ ପଶୁସମ୍ପଦର ବିକାଶ – ଏକ ଦୃଷ୍ଟିପାତ

**ପ୍ରଫେସର(ଡା.) ଜୟକୃଷ୍ଣ ଦାସ**
**ପ୍ରଫେସର (ଡା.) ଭବେଶ ଚନ୍ଦ୍ର ଦାସ**

ମାନବ ସଭ୍ୟତାର ପ୍ରଗତି ଓ ବିକାଶରେ ପଶୁସମ୍ପଦର ଉପଯୋଗିତା ସଦାସର୍ବଦା ଅତୁଳନୀୟ ରହିଆସିଛି କେଉଁ ଆଦିମ କାଳରୁ । ବିଷୁବମଣ୍ଡଳୀୟ ଭାରତୀୟ ଉପମହାଦେଶ ସିନ୍ଧୁ ସଭ୍ୟତାରୁ ସୃଷ୍ଟି ହୋଇ ଗ୍ରାମ୍ୟଭିତ୍ତିକ ପରିବେଶ ସହ କୃଷି ଓ ପଶୁପାଳନକୁ ଜୀବିକା ନିର୍ବାହର ପ୍ରକୃଷ୍ଟ ପନ୍ଥାରୂପେ ଗ୍ରହଣ କରିଆସିଛି । ପଶୁପାଳନ କେବଳ ଯେ ମାନବ ସମାଜକୁ ଖାଦ୍ୟ, ବସ୍ତ୍ର ଯୋଗାଉଛି ଓ କୃଷି କ୍ଷେତ୍ରରେ ସହଯୋଗ କରୁଛି ତାହାନୁହେଁ ବରଂ ପ୍ରକୃତିର ସମତା ଓ ସନ୍ତୁଳନ ରକ୍ଷାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । ଭାରତୀୟ ଉପମହାଦେଶରେ ପଶୁପାଳନ ନିମନ୍ତେ ଅନୁକୂଳ ପରିବେଶ ରହିଥିବା ଯୋଗୁଁ ବିଭିନ୍ନ ପ୍ରକାର ଜୀବଜନ୍ତୁ ପାଳନ ମାନବସମାଜ ଦ୍ୱାରା ଆଦୃତ ହୋଇଆସୁଅଛି । ମାନବ ଶିଶୁଟି ଭୂମିଷ୍ଠ ହେବାଠାରୁ ତାହାର ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଆବଶ୍ୟକୀୟ ଉତ୍ତମ ପୌଷ୍ଟିକ ଆହାର ପଶୁଜାତ ଦ୍ରବ୍ୟରୁ ହିଁ ପାଇଥାଏ । ଏହାଛଡ଼ା କୃଷି, କର୍ମନିଯୁକ୍ତି, ସାମାଜିକ ପର୍ବପର୍ବାଣି ପାଳନ ତଥା ବିବାହ ଭୋଜିଭାତରେ ମଧ୍ୟ ପଶୁସମ୍ପଦର ଭୂମିକା ଅନସ୍ୱୀକାର୍ଯ୍ୟ । ଜାତୀୟ ସର୍ବେକ୍ଷଣ ସଂସ୍ଥାର ଅନୁସନ୍ଧାନ ଅନୁଯାୟୀ ପାଖାପାଖି ୩ କୋଟିରୁ ଅଧିକ ପରିବାର ପଶୁପାଳନରୁ ହିଁ କର୍ମନିଯୁକ୍ତି ପାଉଛନ୍ତି । ଏହି ସର୍ବେକ୍ଷଣ ଦ୍ୱାରା ମଧ୍ୟ ଜଣାଯାଇଅଛି ଯେ, ଗାଁ ଗହଳିରେ ଥିବା ପଶୁସମ୍ପଦର ଶତକଡ଼ା ୯୦ ଭାଗ ଭୂମିହୀନ, ନାମକୁମାତ୍ର, କ୍ଷୁଦ୍ର ତଥା ମଧ୍ୟମ ଚାଷୀମାନଙ୍କ ପାଖରେ ଅଛି । ଏଥିରୁ ଜଣାଯାଏ ଯେ, ପଶୁସମ୍ପଦ ଏପରି ଏକ ବିକାଶର ମାଧ୍ୟମ ଯାହାଦ୍ୱାରା ସମାଜର ସବୁବର୍ଗର ଲୋକ ଉପକୃତ ହୋଇଥା'ନ୍ତି । ଆମ ଦେଶ ଭାରତ ବିଭିନ୍ନ ପ୍ରକାର ପ୍ରାଣୀ ସମ୍ପଦରେ ଭରପୂର । ଏହା ପୃଥିବୀର ସ୍ଥଳଭାଗର ମାତ୍ର ୨.୨୯ ଭାଗ ଅଧିକାର କରୁଥିବା ବେଳେ, ଏଠାରେ ପୃଥିବୀର ୧୦.୭୧ ପ୍ରତିଶତ ଜୀବଜନ୍ତୁ ବସବାସ କରନ୍ତି । ନିମ୍ନଲିଖିତ ସାରଣୀରେ ଭାରତର ମୁଖ୍ୟ ପଶୁପକ୍ଷୀ ସଂଖ୍ୟାର ସ୍ଥିତି ଅନ୍ୟ ରାଷ୍ଟ୍ର ତୁଳନାରେ କେଉଁ ସ୍ଥିତିରେ ଅଛି ତାହା ଦର୍ଶାଯାଇଛି ।

**ସାରଣୀ ସଂଖ୍ୟା – ୧**

**ପଶୁସମ୍ପଦ ସଂଖ୍ୟାରେ ଅନ୍ୟ ଦେଶ ତୁଳନାରେ ଭାରତର ସ୍ଥିତି**

| ବିଭିନ୍ନ ପ୍ରକାର ପଶୁସମ୍ପଦ | ସମୁଦାୟ ସଂଖ୍ୟା (ଶତକଡ଼ାରେ) | ପୃଥିବୀରେ ଭାରତର ସ୍ଥିତି | ତୁଳନୀୟ ରାଷ୍ଟ୍ରଙ୍କ ସ୍ଥିତି |
|---|---|---|---|
| ଗୋ ସମ୍ପଦ | ୧୫.୦୬ | ୨ୟ | ବ୍ରାଜିଲ – ପ୍ରଥମ |
| ମଇଁଷି | ୫୭.୮୩ | ପ୍ରଥମ | ପାକିସ୍ଥାନ – ଦ୍ୱିତୀୟ |
| ମେଣ୍ଢା | ୭.୧୪ | ୨ୟ | ଚୀନ୍ – ପ୍ରଥମ |
| ଛେଳି | ୧୭.୯୩ | ପ୍ରଥମ | ଚୀନ୍ – ଦ୍ୱିତୀୟ |
| କୁକୁଡ଼ା | ୪.୭୨ | ପଞ୍ଚମ | ଚୀନ୍ – ପ୍ରଥମ |
| ବତକ | ୧.୯୪ | ଅଷ୍ଟମ | ଚୀନ୍ – ପ୍ରଥମ |
| ଓଟ | ୨.୧୮ | ନବମ | ସୋମାଲିଆ – ପ୍ରଥମ |

**ଉତ୍ସ**– (FAO Statistics 2011) ଏଫଏଓ ପରିସଂଖ୍ୟାନ ୨୦୧୧। ୧୯ ତମ ଜାତୀୟ ପଶୁଗଣନା, ୨୦୧୨ ଅନୁଯାୟୀ ଏବେ ଭାରତବର୍ଷରେ ପାଖାପାଖି ୩୦ କୋଟିରୁ ଊର୍ଦ୍ଧ୍ୱ ଗୋମହିଷାଦି, ୬.୫ କୋଟିରୁ ଊର୍ଦ୍ଧ୍ୱ ମେଣ୍ଢା, ୧୩.୫ କୋଟିରୁ ଊର୍ଦ୍ଧ୍ୱ ଛେଳି ଏବଂ ୧.୦୩ କୋଟିରୁ ଊର୍ଦ୍ଧ୍ୱ ଘୁଷୁରୀ ଅଛନ୍ତି। ବିଗତ ଏକ ଦଶନ୍ଧି ମଧ୍ୟରେ କୁକୁଡ଼ା ସଂଖ୍ୟାର ମଧ୍ୟ ଦ୍ରୁତ ଅଭିବୃଦ୍ଧି ଘଟିଛି। ୨୦୦୭ ମସିହାରେ ୪.୮୯ କୋଟି କୁକୁଡ଼ା ଦେଶରେ ଥିବାବେଳେ ତାହା ଏବେ ବୃଦ୍ଧି ପାଇ ୨୦୧୨ ମସିହାରେ ୭.୨୯ କୋଟିରେ ପହଞ୍ଚିଲାଣି। ଏବେ ଆମ ରାଷ୍ଟ୍ର ବିଶ୍ୱରେ କୁକୁଡ଼ା ଉତ୍ପାଦନରେ ପଞ୍ଚମ ସ୍ଥାନ ଅଧିକାର କରିପାରିଛି। ପଶୁସମ୍ପଦ କୃଷିଭିତ୍ତିକ ଉତ୍ପାଦନ କ୍ଷେତ୍ରରେ ତା'ର ଅଗ୍ରଣୀ ଭୂମିକା ଗତ ୧୫ ବର୍ଷ ହେଲା ବଜାୟ ରଖିଛି। ଦେଶ ତଥା ରାଜ୍ୟର ମୋଟ କୃଷି ଉତ୍ପାଦନର ପ୍ରାୟ ୨୫ ଭାଗରୁ ଅଧିକ ପଶୁପାଳନରୁ ହିଁ ମିଳିଥାଏ। ବର୍ତ୍ତମାନ ଭାରତ ବିଗତ ଏକ ଦଶନ୍ଧି ମଧ୍ୟରେ ବିଭିନ୍ନ ପ୍ରକାର ମୁଖ୍ୟ ପଶୁଜାତ ଦ୍ରବ୍ୟ ଯଥା ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ହାସଲ କରିପାରିଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୨୦୦୮ ମସିହାଠାରୁ ଏ ପର୍ଯ୍ୟନ୍ତ ୧ନଂ ସ୍ଥାନ ବଜାୟ ରଖିପାରିଛି। ୨୦୧୩–୧୪ର ଆକଳନ ଅନୁଯାୟୀ ଆମ ଦେଶରେ ପାଖାପାଖି ୧୩୮ ମିଲିୟନ୍ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି ଏବଂ ଦୈନିକ ମୁଣ୍ଡପିଛା ୩୦୭ ଗ୍ରାମ୍ ପାଇବାକୁ ସକ୍ଷମ ହୋଇଛି, ଯାହାକି ବିଶ୍ୱର (୨୯୧ ଗ୍ରାମ୍) ମିଳୁଥିବା ହାରାହାରିଠାରୁ ମଧ୍ୟ ଅଧିକ। ସେହିଭଳି ୨୦୧୩–୧୪ ଆକଳନ ଅନୁଯାୟୀ ଦୈନିକ ୭୪.୭୫ ବିଲିୟନ୍ ସଂଖ୍ୟା ଅଣ୍ଡା ଦେଶରେ ଉତ୍ପାଦନ ହେଉଛି ଏବଂ ମୁଣ୍ଡପିଛା ବାର୍ଷିକ ୬୧ଟି ଅଣ୍ଡା ଉତ୍ପାଦନ କରିବାରେ ସକ୍ଷମ ହୋଇପାରିଛି। ସେହିଭଳି କୁକୁଡ଼ା ମାଂସ ପ୍ରାୟତଃ ୨.୬୯ ମିଲିୟନ୍ ମେଟ୍ରିକ୍ ଟନ୍‌ରେ ପହଞ୍ଚିଲାଣି ଯାହାକି ଦୈନିକ ମୁଣ୍ଡପିଛା ୨୩ ଗ୍ରାମ୍ ମିଳିପାରୁଛି । ଛେଳିମେଣ୍ଢା ଆଦିଙ୍କଠାରୁ ମାଂସ ଉତ୍ପାଦନ କ୍ଷେତ୍ରରେ ଦେଶର ପ୍ରଗତି ମଧ୍ୟ ଉଲ୍ଲେଖନୀୟ। ଦେଶରେ କାର୍ଯ୍ୟକାରୀ ହୋଇଥିବା ଦଶମ ପଞ୍ଚବାର୍ଷିକ ଯୋଜନାର ଶେଷ ବର୍ଷରେ ୨.୩ ମିଲିୟନ୍ ଟନ୍ ଥିବାବେଳେ ୨୦୧୩–୧୪ ବେଳକୁ ତାହା ବୃଦ୍ଧି ପାଇ ୬.୨ ମିଲିଅନ୍ ଟନ୍‌ରେ ପହଞ୍ଚିଛି।

ବିଗତ ଦୁଇ ଦଶନ୍ଧି ମଧ୍ୟରେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ପଶୁସମ୍ପଦର ଦୃଢ଼ ବିକାଶ ଘଟିଛି। ଏହି ପଶୁସମ୍ପଦ ଦ୍ୱାରା ଓଡ଼ିଶାର ପ୍ରାୟ ୮୫ ଭାଗ ଗ୍ରାମୀଣ ଲୋକମାନେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ୨୦୧୨ ମସିହା ଜାତୀୟ ପଶୁଗଣନା ଅନୁଯାୟୀ ଏବେ ରାଜ୍ୟରେ ପ୍ରାୟ ୨୦୭.୩୩ ବିଭିନ୍ନ ପ୍ରକାର ପଶୁସମ୍ପଦ ରହିଛି। ଏଥିରୁ ୫୮% ଭାଗ ଗୋମହିଷାଦି ପଶୁ ରହିଥିବାବେଳେ ୩୮% ଛେଳିମେଣ୍ଢା, ୩% ଘୁଷୁରୀ ଓ ୧% ଅନ୍ୟାନ୍ୟ ଜୀବଜନ୍ତୁ ରହିଛନ୍ତି। ଏଥି ସହିତ ୧୯୯ ଲକ୍ଷ ସଂଖ୍ୟକ କୁକୁଡ଼ା ରହିଛି। ଏହି ପ୍ରଦତ୍ତ ସଂଖ୍ୟା ମଧ୍ୟରୁ ହାରାହାରି ୭୦ ଭାଗ ଦେଶୀଜାତୀୟ କୁକୁଡ଼ା, ପରିବାର କର୍ତ୍ତାଙ୍କ ବାଡ଼ି ଅଗଣାରେ କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀଙ୍କ ଦ୍ୱାରା ପାଳନ ହେଉଛି। ଗୋମହିଷାଦି ଜୀବଙ୍କଠାରୁ ସଂଗୃହୀତ ହେଉଥିବା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ବିଗତ ଦଶନ୍ଧିରେ ଉଲ୍ଲେଖନୀୟ ପଦକ୍ଷେପ ନେବା ଯୋଗୁଁ ୧୬୫୧ ହଜାର ମେଟ୍ରିକ୍ ଟନ୍‌ରୁ ୧୮୬୧ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିପାରିଛି। ସେହିଭଳି ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ରାଜ୍ୟ ୨୦୦୯–୧୦ ମସିହାରେ ୨୩୬୧ ମିଲିୟନ୍ ସଂଖ୍ୟକ ଅଣ୍ଡା ଉତ୍ପାଦନ କରିବାରେ ସମର୍ଥ ହୋଇଛି। ଛେଳି ଓ ମେଣ୍ଢାମାଂସ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ୫୮.୮୨ ହଜାର ମେଟ୍ରିକ୍ ଟନ୍‌ରୁ ବୃଦ୍ଧି ପାଇ ୨୦୧୩–୧୪ରେ ୧୫୩.୮୨ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିପାରିଛି। ନିମ୍ନଲିଖିତ ସାରଣୀଗୁଡ଼ିକ ପଶୁସମ୍ପଦର ବିଭିନ୍ନ ପ୍ରକାର ଉତ୍ପାଦନ କ୍ଷେତ୍ରରେ ସୂଚନା ପ୍ରଦାନ କରେ।

**ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ବିଭିନ୍ନ ପଶୁସମ୍ପଦରୁ ମିଳୁଥିବା ମୁଣ୍ଡପିଛା ହାରାହାରି ଖାଦ୍ୟ**

| ଅବଧି (ବର୍ଷରେ) | ଦୁଗ୍ଧ (ହଜାର ମେଟ୍ରିକ୍ ଟନ୍‌ରେ) | ଅଣ୍ଡା (ମିଲିୟନ୍ ସଂଖ୍ୟାରେ) | ମାଂସ (ହଜାର ମେଟ୍ରିକ୍ ଟନ୍‌ରେ) |
|---|---|---|---|
| ୨୦୦୯–୧୦ | ୧୬୫୧–୩୩ | ୨୩୧୯.୩୨ | ୧୩୦.୦୦ |
| ୨୦୧୦–୧୧ | ୧୬୭୦.୦୦ | ୨୩୫୭.୧୦ | ୧୩୮.୦୦ |
| ୨୦୧୧–୧୨ | ୧୭୧୮.୦୦ | ୨୩୨୨.୯୦ | ୧୪୧.୮୦ |
| ୨୦୧୨–୧୩ | ୧୭୮୪.୦୦ | ୨୩୨୨.୯୦ | ୧୪୧.୮୦ |
| ୨୦୧୩–୧୪ | ୧୮୬୧.୦୦ | ୨୩୬୦.୯୦ | ୧୫୩.୮୨ |

ବିଭିନ୍ନ ପ୍ରକାର ପଶୁଜାତ ଖାଦ୍ୟ ମଧ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ପରିମାଣର ଉଲ୍ଲେଖନୀୟ ଅଗ୍ରଗତି ହୋଇଛି, ଯାହାକି ନିମ୍ନରେ ପ୍ରଦତ୍ତ ହୋଇଥିବା ସାରଣୀରୁ ସ୍ପଷ୍ଟ ଅନୁମେୟ ହୁଏ । ଦୈନିକ ମୁଣ୍ଡପିଛା ହାରାହାରି ମିଳୁଥିବା ପଶୁସମ୍ପଦଜାତ ଦ୍ରବ୍ୟ ।

| ବର୍ଷ | ଦୁଗ୍ଧ (ଗ୍ରାମ୍‌ରେ) | ମାଂସ (କିଗ୍ରାରେ ବର୍ଷକୁ) | ଅଣ୍ଡା ସଂଖ୍ୟା / ବାର୍ଷିକ |
|---|---|---|---|
| ୨୦୦୯–୧୦ | ୧୦୯.୦୦ | ୩.୧୭ | ୫୭ |
| ୨୦୧୦–୧୧ | ୧୦୯.୦୦ | ୩.୨୯ | ୫୬ |
| ୨୦୧୧–୧୨ | ୧୧୨.୦୦ | ୩.୨୯ | ୫୫ |
| ୨୦୧୨–୧୩ | ୧୧୭.୦୦ | ୩.୩୮ | ୫୫ |
| ୨୦୧୩–୧୪ | ୧୧୭.୦୦ | ୩.୫୨ | ୫୪ |

ଉପରୋକ୍ତ ବିଷୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କଲେ ଜଣାଯାଏ ଯେ, ଓଡ଼ିଶାରେ ପଶୁସମ୍ପଦରୁ ଉତ୍ପାଦିତ ଦ୍ରବ୍ୟ ତଥା ମିଳୁଥିବା ମୁଣ୍ଡପିଛା ହାରାହାରି ଖାଦ୍ୟଦ୍ରବ୍ୟକୁ ବିଶ୍ୱବଜାର ସହ ତାଳଦେବାକୁ ହେଲେ ଆମକୁ ବହୁତଗୁଡ଼ିଏ ବିଷୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ । ଏଥିସହିତ ଅବଶ୍ୟକୀୟ ବିଧାନ କରାଯାଇ ପାରିଲେ ୨୦୩୦ ଭିଜନ୍ ସହ ଆମେ ସମକକ୍ଷ ହୋଇପାରିବା ।

ପଶୁ ସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ତାଲିମ ଅନୁଷ୍ଠାନଗୁଡ଼ିକର ସୂଚନା ନିମ୍ନରେ ପ୍ରଦାନ କରାଗଲା ।

୧. ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ – ଗୋଟିଏ, ଓୟୁଏଟି, ଭୁବନେଶ୍ୱର

୨. ପଲିଟେକ୍‌ନିକ୍ (ପ୍ରାଣୀବିଜ୍ଞାନ), ଓୟୁଏଟି ଚିପିଲିମା, ସମ୍ବଲପୁର – ଗୋଟିଏ

୩. କୃଷି ବିଜ୍ଞାନ କେନ୍ଦ୍ର, ଓୟୁଏଟି – ୩୧ଟି

୪. ପଶୁଚିକିତ୍ସା ତାଲିମ କେନ୍ଦ୍ର, ଓଡ଼ିଶା ସରକାର ଲକ୍ଷ୍ମୀସାଗର ଭୁବନେଶ୍ୱର – ଗୋଟିଏ

୫. ପଶୁଧନ ନୀରିକ୍ଷକ ତାଲିମ କେନ୍ଦ୍ର, ଓଡ଼ିଶା ସରକାର – ୪ଟି

**ପଶୁସମ୍ପଦର ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ପଦକ୍ଷେପ**

୧. ବାଛୁରୀପାଳନ ଯୋଜନା– ନବଜାତଠାରୁ ୨୪ ମାସ ପର୍ଯ୍ୟନ୍ତ ବାଛୁରୀଙ୍କର ଆବଶ୍ୟକ ହେଉଥିବା ଗୋଖାଦ୍ୟର ୫୦ ଭାଗ ସରକାର ବହନ କରୁଛନ୍ତି ।

୨. ଭ୍ରାମ୍ୟମାଣ ପଶୁଚିକିତ୍ସା କେନ୍ଦ୍ର – ରାଜ୍ୟର ସମସ୍ତ ବ୍ଲକରେ ଚାଷୀମାନଙ୍କର ଘରଦୁଆର ମୁହଁରେ ଚିକିତ୍ସା ସେବା ଯୋଗାଣ ।

୩. ପଶୁଚିକିତ୍ସା ଶିବିର – ପ୍ରତ୍ୟେକ ପଞ୍ଚାୟତରେ ବର୍ଷକୁ ଦୁଇଥର ଶିବିର ମାଧ୍ୟମରେ ଚିକିତ୍ସା ସେବା ପ୍ରଦାନ ।

୪. ରାଷ୍ଟ୍ରିୟ ପୁଷ୍ଟିସାର ଯୋଜନା ମାଧ୍ୟମରେ ଛେଳିପାଳନ ପାଇଁ ପ୍ରୋତ୍ସାହନ ।

୫. ଦୁଗ୍ଧ ଉଦ୍ୟୋଗୀଙ୍କୁ ରାଜ୍ୟରେ ଡ଼ାଏରୀ ଫାର୍ମ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦେବା ।

୬. ବାଡ଼ି ଅଗଣାରେ କୁକୁଡ଼ା ଚାଷ ପାଇଁ ପ୍ରୋତ୍ସାହନ ।

୭. ନିୟମିତ ଋଣ ପରିଶୋଧକାରୀ ଚାଷୀଙ୍କୁ ସୁଧଛାଡ଼ ଯୋଜନା ।

୮. ଓଡ଼ିଶା ସରକାରଙ୍କ ଦ୍ୱାରା ପଶୁ ବୀମା ଯୋଜନା ।

୯. ବନ୍ୟାବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପଶୁ ଆଶ୍ରୟସ୍ଥଳ ନିର୍ମାଣ ।

୧୦. ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମଯୋଗାଣ ଯୋଜନା ଅନ୍ତର୍ଗତ ପଶୁଗୁହାଳ ଘର ନିର୍ମାଣ କାର୍ଯ୍ୟକ୍ରମ ।

୧୧. ସହରାଞ୍ଚଳରେ ପଶୁଜାତ ଦ୍ରବ୍ୟର ବିକ୍ରି ପାଇଁ ଓମଫେଡ୍ ଓ ଓପୋଲୋଫେଡ୍ କାଉଣ୍ଟର ସହିତ ନୂତନ ଭାବେ ଚିଲିକା ଫ୍ରେଶ ଓ ଓମ୍‌ଫେଡ୍ ପାର୍ଲର ନିର୍ମାଣ ।

୧୨. ପଶୁ ଚିକିତ୍ସାଳୟ ତଥା କୃତ୍ରିମ ପ୍ରଜନନ କେନ୍ଦ୍ରରେ ଗୋଖାଦ୍ୟ ରଖିବା ନିମନ୍ତେ ଭଣ୍ଡାର ଘର ନିର୍ମାଣ ଆଦି ଅନ୍ତର୍ଭୁକ୍ତ ଅଟେ ।

ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ
ଓୟୁଏଟି, ଭୁବନେଶ୍ୱର

# ବିଦେଶରେ ଶକ୍ତି ଉପାସନା

ଡକ୍ଟର ତ୍ରିନାଥ ପଟ୍ଟନାୟକ

ଶକ୍ତି ପୂଜା କେବଳ ଭାରତବର୍ଷରେ ନୁହେଁ, ସାରା ପୃଥିବୀରେ ବିଭିନ୍ନ ଦେଶ ଓ ବିଭିନ୍ନ ଜାତିର ଲୋକେ ଶକ୍ତି ଆରାଧନା କରିଥାନ୍ତି । ଯେତେବେଳେ ଦୈବୀଶକ୍ତି ସୁପ୍ତ, ସେହି ସମୟରେ ଶକ୍ତି ସ୍ୱରୂପିଣୀ ଜଗଦମ୍ବାଙ୍କ ଶକ୍ତି ଜାଗ୍ରତ ଥାଏ । ତାଙ୍କରି ଇଙ୍ଗିତରେ କାଳ, ମୃତ୍ୟୁ, ତ୍ରିଗୁଣ– (ସତ୍ତ୍ୱ – ରଜଃ–ତମଃ) ଓ ପଞ୍ଚ ମହାଭୂତ (କ୍ଷିତି–ଅପ୍‌ତେଜଃ–ମରୁତ୍‌–ବ୍ୟୋମ) ପ୍ରଭାବ ଦେଖାଇଥାନ୍ତି । ସେହି ଶକ୍ତିସ୍ୱରୂପାଙ୍କର ଅଣୁମାତ୍ର ଇଚ୍ଛାରେ ଦେବ, ଦାନବ, ମନୁଷ୍ୟ (ଏସବୁ ମନୁଷ୍ୟର ଚରିତ୍ର ବା ଗୁଣ) ପଶୁପକ୍ଷୀ ଓ କୀଟପତଙ୍ଗ ପ୍ରଭୃତି ଶତ୍ରୁଜୟ କରିବାରେ ସମର୍ଥ ହୋଇଥାନ୍ତି । ଆଉ ମଧ୍ୟ ନିଜର ଭରଣପୋଷଣ ନିମନ୍ତେ ସକ୍ଷମ ହୁଅନ୍ତି । ସେ ହେଉଛନ୍ତି ଶକ୍ତିସ୍ୱରୂପା, ଯାହାଙ୍କର କୃପାରୁ ଜ୍ଞାତ ଅଜ୍ଞାତ ସମସ୍ତ ଜୀବ, ନିଜର ଅସ୍ତିତ୍ୱ ପ୍ରଦର୍ଶନ କରିଥାନ୍ତି । ସେହି ଅନନ୍ତ ଶକ୍ତିର ପ୍ରକୃତ ଆଭାସ ପାଇଁ ସାରା ସଂସାର ଆଞ୍ଚଳିକ ଭେଦଭାବ ଭୁଲି ଆଦିକାଳରୁ ଶକ୍ତି ଆରାଧନା କରି ଆସିଛି ।

ଅଣୁ ଠାରୁ ପାହାଡ ପର୍ଯ୍ୟନ୍ତ, ପିମ୍ପୁଡି ଠାରୁ ହାତୀ ପର୍ଯ୍ୟନ୍ତ, ମାନବ ଶକ୍ତିଠାରୁ ଦେବ ଶକ୍ତି ପର୍ଯ୍ୟନ୍ତ, ଯାହା କିଛି ପ୍ରଭାବ ଦେଖୁଥାଉ ତା'ର ପୃଷ୍ଠ ଭାଗରେ ରହିଛି ଶକ୍ତିସ୍ୱରୂପାଙ୍କର ପ୍ରଭାବ ।

ଆଜି ବୈଜ୍ଞାନିକମାନେ ସ୍ୱୀକାର କରିଛନ୍ତି ସଂସାର ସୃଷ୍ଟିର ଆଦ୍ୟ ସ୍ରୋତ ହେଉଛି ଈଶ୍ୱର କଣିକା । ସେହି ଈଶ୍ୱର କଣିକାହିଁ ଶକ୍ତି । ପୃଥିବୀର ବିଭିନ୍ନ ଦେଶରେ ପ୍ରଚଳିତ ମାତୃପୂଜା, ଭାରତୀୟ ଶକ୍ତି ଆରାଧନାର ଅନ୍ୟରୂପ । ଭାରତୀୟ ଦୁର୍ଗାପୂଜା ସହିତ କିଛି କିଛି ସାମଞ୍ଜସ୍ୟ ଅଛି । ଯଥା– ଗ୍ରୀସ୍‌ର ଗୃହୀଦେବୀ, ମାନର୍‌ର ସିଭିଲ୍ ଦେବୀ, ମିଶରର ଆଇସିସ ଦେବୀ ଓ ଇସ୍‌ଥାଇ ଦେବୀ, ଭୂମଧ୍ୟସାଗର ଅଞ୍ଚଳର କ୍ରୀଟ୍ ଦ୍ୱୀପର ସିଂହପୃଷ୍ଠରେ ବସିଥିବା ସିଂହବାହିନୀ ଦେବୀ।

ଭାରତୀୟ ବଣିକମାନେ ବିଶେଷତଃ ଉତ୍କଳୀୟ ସାଧବମାନେ ବୋଇତ ଧରି ଚୀନ୍, ଆଫ୍ରିକା, କୋରିଆ, ସୁମାତ୍ରା, ଜାଭା, ବାଲି ଓ ବୋର୍ଣ୍ଣିଓ ପ୍ରଭୃତି ଦେଶକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ । ସେମାନେ ବୋଇତରେ ଇଷ୍ଟ ଦେବୀ ରୂପେ ଜଗଦମ୍ବା ଦୁର୍ଗାଙ୍କ ମୂର୍ତ୍ତି ନେଇ କରି ଯାଉଥିଲେ । ବିଦେଶରେ ବିଭିନ୍ନ ସ୍ଥାନରେ ମନ୍ଦିର ନିର୍ମାଣ କରି ପୂଜା କରୁଥିଲେ । ଦୁର୍ଗାଦେବୀଙ୍କର ଅନ୍ୟରୂପ ମଙ୍ଗଳା । ମଙ୍ଗଳାଙ୍କ ଆରାଧନା ସିଂହଳରେ ହେଉଥିଲା । କୁହାଯାଏ ପରବର୍ତ୍ତୀ ସମୟରେ କାକଟପୁର ମଙ୍ଗଳାଙ୍କ ମୂର୍ତ୍ତିକୁ ଓଡିଆ ବଣିକମାନେ ସିଂହଳ ଦ୍ୱୀପରୁ ନେଇ ଆସିଥିଲେ । ଧନେଶ୍ୱର ନାମକ ଜଣେ ସାଧବ ସେଠାରୁ ମଙ୍ଗଳା ମୂର୍ତ୍ତି ଆଣିବାରେ ମୁଖ୍ୟ ଭୂମିକା ନିଭାଇ ଥିଲେ । ମଙ୍ଗଳା ମୂର୍ତ୍ତି ଗଠନ ଚାତୁରୀରୁ ଜଣାଯାଏ, ଏହା ନିଶ୍ଚିତ ରୂପେ ବୈଦେଶିକ ମୂର୍ତ୍ତି। ଭୂମଧ୍ୟ ସାଗର କ୍ରୀଟ୍ ଦ୍ୱୀପରେ ଥିବା ପ୍ରତିମାଟି ଭାରତୀୟ ଦୁର୍ଗା ମୂର୍ତ୍ତିର ଅନୁରୂପ । ଜାଭା ଦ୍ୱୀପର ପାମ୍‌ନମାଠାରେ ବହୁ ଦେବୀ ମନ୍ଦିର ନିର୍ମାଣ ହୋଇଛି । ମନ୍ଦିରଗୁଡିକରେ ଚଣ୍ଡୀ ପୂଜା ପାଆନ୍ତି । ଏସବୁ ମନ୍ଦିର ଖ୍ରୀ.ଅ ୫୨୭ରୁ ଖ୍ରୀ.ଅ. ୧୪୭୯ ମଧ୍ୟରେ ନିର୍ମାଣ ହୋଇଛି ବୋଲି ଗବେଷକମାନେ ପ୍ରମାଣ ଦିଅନ୍ତି । ମନ୍ଦିରଗୁଡିକର ସଂଖ୍ୟା ପ୍ରାୟ ଏକ ହଜାର ।

ପ୍ରବାସୀ ଭାରତୀୟମାନେ ଆମେରିକା, ୟୁରୋପ, ଇଣ୍ଡୋନେସିଆ, ସୁଇଜରଲ୍ୟାଣ୍ଡ ଓ ବ୍ରିଟେନ୍‌ରେ ସ୍ଥାନୀୟ ଅଧିବାସୀମାନଙ୍କ ସହଯୋଗରେ ଦେବୀ ମନ୍ଦିର ସ୍ଥାପନ କରି ଦୁର୍ଗୋତ୍ସବ ପାଳନ କରୁଛନ୍ତି । ସ୍ପେନ୍, ଜାପାନ, ଋଷ ଓ ପ୍ୟାରିସ୍‌ଠାରେ ମଧ୍ୟ ବହୁ ଦେବୀପୀଠ ଦେଖିବାକୁ ମିଳେ । ସେହି ସ୍ଥାନମାନଙ୍କରେ ମଧ୍ୟ ମହାଆଡମ୍ବରରେ ଦଶହରା ପର୍ବ ପାଳନ ହେଉଛି । କାଲିଫର୍ଣ୍ଣିଆ, ଅରିମେନା, ଟେକ୍ସାସ ଓ ଜର୍ମାନ ଆଦି

ସ୍ଥାନରେ ଶକ୍ତିପୀଠମାନ ଅଛି । କେତେକ ସ୍ଥାନରେ ଭାରତରୁ ମୂର୍ତ୍ତିଶିଳ୍ପୀମାନେ ଯାଇ ଦଶହରା ସମୟରେ ଦୁର୍ଗାମୂର୍ତ୍ତିମାନ ନିର୍ମାଣ କରିଥାନ୍ତି । ସବୁଠାରୁ ବଡ ଆଶ୍ଚର୍ଯ୍ୟର କଥା ଚୀନ୍ ଦେଶର ଜଣେ ଶିଳ୍ପୀ ୧୫୦୦ କାଠଖଣ୍ଡ ସାହାଯ୍ୟରେ ଦଶଫୁଟ ଉଚ୍ଚର ଏକ ଦେବ ପ୍ରତିମା ନିର୍ମାଣ କରିଥିଲେ ଯାହାକି ଚୀନ୍‌ର ସେଣ୍ଟ୍ରାଲ୍ ମ୍ୟୁଜିୟମ୍‌ରେ ରଖାଯାଇଛି ।

ହିନ୍ଦୁରାଷ୍ଟ୍ର ନେପାଳ ଧାର୍ମିକ ଜନତା ନିମନ୍ତେ ଏକ ଶ୍ରଦ୍ଧାନାମ । ବିଦେଶ ହେଲେ ମଧ୍ୟ ଭାରତୀୟ ସଂସ୍କୃତି ଓ ସଭ୍ୟତା ଦୃଷ୍ଟିରୁ ଭାରତ ଓ ନେପାଳ ଦୁଇରାଷ୍ଟ୍ର ଅଭିନ୍ନ । ଅନେକ ଦେବଦେବୀ ମନ୍ଦିର, ଶକ୍ତିପୀଠ ଏହି ଦେଶରେ ଅଛି । ପଶୁପତିନାଥ ମନ୍ଦିର ଉଭୟ ଦେଶ ପାଇଁ ମୁଖ୍ୟ ଶ୍ରଦ୍ଧା ଓ ଭକ୍ତିର ସ୍ଥାନ । ପଶୁପତିନାଥ ମନ୍ଦିରର କିଛି ଦୂରରେ ବାଗ୍‌ବତୀ ନଦୀ ବହିଯାଉଛି । ନଦୀ ଆରପାରରେ ଭଗବତୀ ଗୁହ୍ୟେଶ୍ୱରୀଙ୍କର ସିଦ୍ଧ ଶକ୍ତିପୀଠ । ଏହି ମନ୍ଦିର ବିଶାଳ ଓ ଭବ୍ୟ ଅଟେ । ମନ୍ଦିର ମଧ୍ୟରେ ଏକ ଛିଦ୍ର ଅଛି ଯେଉଁଠାରୁ ନିରନ୍ତର ଜଳ ପ୍ରବାହିତ ହେଉଛି । କୁହାଯାଏ ସତୀଙ୍କର ଦୁଇଜାନୁ ଏଠାରେ ପଡିଥିଲା । ପ୍ରସିଦ୍ଧ ୫୧ ଶକ୍ତିପୀଠମାନଙ୍କ ମଧ୍ୟରୁ ଏହା ଅନ୍ୟତମ ।

କାଠମାଣ୍ଡୁଠାରୁ ପ୍ରାୟ ୨୨୫ କି.ମି ଦୂରରେ ମୁକ୍ତିନାଥ ନାମକ ଏକ ପବିତ୍ର ସ୍ଥାନ । ଏଠାରୁ ନାରାୟଣୀ (ଗଣ୍ଡକୀ) ନଦୀ ପ୍ରବହମାନା । ଏହା ସାତଗୋଟି ଝରଣାର ସମାବେଶ । ଝରଣାର ଉଦ୍‌ଗମ ସ୍ଥାନରେ ଅଗ୍ନିଜ୍ୱଳା ଦେଖାଯାଏ । ଏଠାରେ ସତୀଙ୍କ ଗଣ୍ଡସ୍ଥଳ ପଡିଥିଲା । ଏହା ଏକ ଶକ୍ତିପୀଠ । ଏଠାରେ ପ୍ରଚୁର ଶାଳଗ୍ରାମଶୀଳା ମିଳିଥାଏ ।

ବଙ୍ଗଳାଦେଶରେ ମଧ୍ୟ ବହୁ ଶକ୍ତିପୀଠ ଦେଖିବାକୁ ମିଳେ । କାହିଁକି ନା ଭାରତବର୍ଷର ଏକ ଅଭିନ୍ନ ଅଙ୍ଗ ଥିଲା ବଙ୍ଗଳା । ବୋଗରା ଷ୍ଟେସନଠାରୁ ୩୦ କି.ମି. ଦୂରରେ ଭବାନୀପୁର ଶକ୍ତିପୀଠ । ଶିକାରପୁର ଗ୍ରାମରେ ଉଗ୍ରତାରା ଶକ୍ତିପୀଠ । ସୀତାକୁଣ୍ଡ ନାମକ ତୀର୍ଥ ନିକଟରେ ଚନ୍ଦ୍ରଶେଖର ପର୍ବତ ଶିଖରରେ ଭବାନୀ ମନ୍ଦିର ଅବସ୍ଥିତ । ଏହା ମଧ୍ୟ ୫୧ ଶକ୍ତିପୀଠର ଅନ୍ତର୍ଗତ । ଏଠାରେ ଥିବା ବଡବା କୁଣ୍ଡରୁ ନିରନ୍ତର ଅଗ୍ନି ଉଦ୍‌ଗୀରଣ ହେଉଛି ।

ଖୁଲଣା ଜିଲ୍ଲାର ଈଶ୍ୱରୀପୁର ଗ୍ରାମରେ ଅଛି ଦେବୀମନ୍ଦିର, ଭିଙ୍ଗାର ଷ୍ଟେସନ ପାଖରେ ମେହରକାଳୀବାଡି । ଚଟଗାଁରେ ଚନ୍ଦ୍ରଶେଖର ମନ୍ଦିରରେ ଥିବା ଶକ୍ତିପୀଠ ପ୍ରସିଦ୍ଧ ଅଟେ । ଏଠାରେ ଏକ କୁଣ୍ଡ ଅଛି । ଯାହାକୁ ଦେବୀକୁଣ୍ଡ ବୋଲି କୁହାଯାଏ ।

ବଙ୍ଗଳା ଦେଶରେ ଶକ୍ତି ଆରାଧନାର ଗୁରୁତ୍ୱ ଥିବା ଯୋଗୁଁ ଏଠାରେ ବହୁ ଶକ୍ତିସାଧକ ଜନ୍ମଲାଭ କରି ସାରା ଦୁନିଆରେ ଖ୍ୟାତିଲାଭ କରିଛନ୍ତି । ସେମାନେ ହେଲେ ତାରପୁର ବାମକ୍ଷେପା, ଚଣ୍ଡୀ ଦାସ, କମଳାକାନ୍ତ, ସାଧକ ରାମପ୍ରସାଦ, ଶ୍ରୀ ରାମକୃଷ୍ଣ ପରମହଂସ । ସେମାନେ ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗରେ ଅବସ୍ଥାପିତ ହୋଇଥିଲେ ।

ପାକିସ୍ଥାନର ପ୍ରସିଦ୍ଧ ଶକ୍ତିପୀଠ ହେଉଛି ହିଂଗଲାଜ ମନ୍ଦିର । କରାଚିଠାରୁ ଜାହାଜରେ ମକରାନା ପର୍ବତମାଳାରେ ପହଁଚିବାକୁ ହେବ । ସେଠାରୁ ପୀଠ ପର୍ଯ୍ୟନ୍ତ ପାଦରେ ଚାଲିବାକୁ ପଡିବ । ବଡ ସଂକୀର୍ଣ୍ଣ ପାହାଡିଆ ମାର୍ଗ । ପର୍ବତ ଗୁମ୍ଫାରେ ଦେବୀ ଅବସ୍ଥାନ କରିଛନ୍ତି । ଦେବୀଙ୍କୁ ହିଂଗଲାଜ ବା ହିଙ୍ଗୁଳା ବୋଲି କୁହନ୍ତି, ଏହା ଜ୍ୟୋତିଃପୀଠ ତଥା କାଳୀ ପୀଠ । ଜ୍ୟୋତିଃ ମାଟିରୁ ସ୍ୱତଃ ପ୍ରକାଶ ପାଉଛନ୍ତି । ଏକାବନ ଶକ୍ତିପୀଠମାନଙ୍କ ମଧ୍ୟରୁ ଏହା ପ୍ରଥମ ପୀଠ । ଏଠାରେ ସତୀଙ୍କର ବ୍ରହ୍ମରନ୍ଧ୍ର ପଡିଥିଲା । ଏଠାରେ ଶକ୍ତି ହେଉଛନ୍ତି ହିଙ୍ଗୁଳା । ଭୈରବ ହେଉଛନ୍ତି ଭୀମଲୋଚନ । ଏଣୁ କୁହାଯାଇଛି–

ବ୍ରହ୍ମ ରନ୍ଧ୍ରଂ ହିଙ୍ଗୁଳାୟାଂ ଭୈରବୋ ଭୀମଲୋଚନଃ
କୋର୍ଟ୍ଟରୀ ସା ମହାମାୟା ତ୍ରିଗୁଣା ଯା ଦିଗମ୍ବରୀ ॥

ପାକିସ୍ଥାନର ଭାଇଭଉଣୀମାନେ ହିଂଗଲାଜ ଦେବୀଙ୍କୁ 'ନାନୀ' ଓ ତୀର୍ଥ ସ୍ଥାନକୁ 'ନାନୀ କି ହଜ' କୁହନ୍ତି । କେବଳ ହିନ୍ଦୁ ନୁହେଁ ବେଲୁଚିସ୍ଥାନ ବାସୀମାନେ ମଧ୍ୟ ଦେବୀ ଆରାଧନା କରନ୍ତି । ଲାଲ କପଡା, ଅଗରବତୀ, ଅତର ଓ ଶିରିଣୀ ଚଢାନ୍ତି । ଯେଉଁ ପୁରୋହିତ ଦେବୀଙ୍କ ଦର୍ଶନ ନିମନ୍ତେ ଯାତ୍ରୀଙ୍କୁ ମାର୍ଗଦର୍ଶନ କରାଇ ଆଣନ୍ତି ତାଙ୍କୁ 'ଛଡିଦାର' କୁହାଯାଏ ।

ହିଂଗଲାଜ, ହିନ୍ଦୁ ମନ୍ଦିର ହେଲେ ସୁଦ୍ଧା ଇସଲାମ୍ ଧର୍ମର ଲୋକମାନେ ଏହି ତୀର୍ଥ ସ୍ଥାନକୁ ସମ୍ମାନ ଦିଅନ୍ତି । ସେଥିପାଇଁ ସରକାର ମଧ୍ୟ ଯତ୍ନବାନ । ମନ୍ଦିର ପ୍ରତି ବିପଦ ଥିବା ହିଙ୍ଗୋଳ ନଦୀବନ୍ଧ ଯୋଜନାକୁ ବେଲୁଚିସ୍ଥାନ ସରକାରଙ୍କ ବିଧାନସଭା ପ୍ରତିବାଦ କରିଛି । ସେମାନେ ମିଳିତ ଭାବେ ପାକିସ୍ଥାନର ସଂଘୀୟ ସରକାରକୁ ପ୍ରତିବାଦ ଜଣାଇଥିଲେ ଯେ ଏହା ଏକ ଐତହାସିକ ହିନ୍ଦୁମନ୍ଦିର, ଏଣୁ ଏହାକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଉ । ଏହି ବୈଧାନିକ ନିଷ୍ପତ୍ତି ମାଧ୍ୟମରେ ହିଙ୍ଗୋଳ ନଦୀ ଉପରେ ବନ୍ଧ ନିର୍ମାଣ ଯୋଜନା ବାତିଲ କରାଗଲା ।

ଶ୍ରୀଲଙ୍କାରେ ସତୀଙ୍କର ପାଦର ନୂପୁର ପଡିଥିଲା । ଏହା ମଧ୍ୟ ଏକାବନ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ । ଏଠାରେ ଶକ୍ତି

ହେଉଛନ୍ତି ରୁଦ୍ରାକ୍ଷୀ ଓ ଭୈରବ ହେଉଛନ୍ତି ରାକ୍ଷସେଶ୍ୱର । ଶ୍ରୀଲଙ୍କାରେ ବହୁ ଶକ୍ତିପୀଠ ମଧ୍ୟ ଦେଖିବାକୁ ମିଳେ ।

ଇରାନ୍‌ର ଦକ୍ଷିଣ ଭାଗରେ ଅଦ୍‌ବାସ ନାମକ ନଗର ଅଛି । ସେଠାରେ ଏକ ଶିବମନ୍ଦିର ଅଛି । କେବଳ ଶିବମନ୍ଦିର ନିମନ୍ତେ ଏହି ନଗର ପ୍ରସିଦ୍ଧ । ଶିବଲିଙ୍ଗ ସହିତ ଯୋଗମାୟା ମୂର୍ତ୍ତି ପୂଜା ପାଉଛନ୍ତି ।

ଅମାନ୍‌ଠାରେ ମଧ୍ୟ ବିଭିନ୍ନ ସ୍ଥାନରେ ଶିବମନ୍ଦିର ଦେଖିବାକୁ ମିଳେ । ଏଠାରେ ଡାଙ୍ଗଫୁକ ନାମକ ସ୍ଥାନରେ ଶିବଶକ୍ତି ସମ୍ମିଳିତ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ବିଦ୍ୟମାନ । ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଦେବ ଦର୍ଶନ କରିଥାନ୍ତି । କୋରିୟା ନଗରରେ ମଧ୍ୟ ଏକ ପାର୍ବତୀ ମନ୍ଦିର ଅଛି ।

ଶକ୍ତିପୂଜାର ପରମ୍ପରା ସାରା ବିଶ୍ୱରେ ବହୁ ଯୁଗରୁ ପ୍ରଚଳିତ ଅଛି । ଏବେ ବିଶ୍ୱବାସୀ ଶକ୍ତି ଆରାଧନାରେ ବିଭିନ୍ନ ପ୍ରଣାଳୀରେ ଓ ଭାବଭକ୍ତିରେ ନିଜ ନିଜକୁ ନିୟୋଜିତ କରିଛନ୍ତି ।

ସା/ପୋ– ନିଆଳୀ, ଜି– କଟକ
ପିନ୍– ୭୫୪୦୦୪

# ଶ୍ରୀ ଦୁର୍ଗା ଶରଣଂ ଦେହୀ

ବିଚିତ୍ରାନନ୍ଦ ବାରିକ

ସୃଷ୍ଟି ସ୍ଥିତି ପ୍ରକ୍ରିୟାରେ ଶ୍ରୀ ଦୁର୍ଗା ମହାମାୟୀ
ଜଗତ କଲ୍ୟାଣୀ ଆଦିଶକ୍ତି ଲୀଳାମୟୀ ।

ଜୀବ ମୂଳାଧାର ପଦ୍ମେକୁଣ୍ଡଳିନୀ ଶକ୍ତି ରୂପେ
ବିଦ୍ୟମାନ ଦେବୀ ଅବିଦ୍ୟାନାଶନ୍ତି ।

ଭବଭୟ ବିନାଶିନୀ ଶକ୍ତି ସ୍ୱରୂପିଣୀ
ଜ୍ଞାନ ପ୍ରଦାୟିନୀ ମାତା ବିଷାଦ ହାରିଣୀ ।

ଶରତ ଆକାଶୁ କୃପା ବରଷିବା ପାଇଁ
ମର୍ତ୍ତ୍ୟେ ମା’ ପରମେଶ୍ୱରୀ ଆସନ୍ତି ଓହ୍ଲାଇ ।

ମାତାଙ୍କର ଆଗମନେ ମର୍ତ୍ତ୍ୟ ବାସୀଗଣ
ଭକ୍ତିରେ କରନ୍ତି ପୂଜା କରି ସ୍ତୁତି ଗାନ ।

ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତି ନାଶିନୀ
ଜୟ ଜୟ ଦୁର୍ଗା ମାଗୋ ମହିଷା ମର୍ଦ୍ଦିନୀ ।

ଲାବଣ୍ୟ ରୂପରେ ବଧି ମହିଷାସୁରକୁ
ସ୍ୱର୍ଗେ ମର୍ତ୍ତ୍ୟେ ଶାନ୍ତି ଦେଲ ଦେବ ମାନବଙ୍କୁ ।

ଦୁଷ୍ଟ ଅସୁରମାନଙ୍କ ବିନାଶ ନିମନ୍ତେ
କରିଛ ଅବତରଣ ନାନାରୂପେ ମର୍ତ୍ତ୍ୟେ ।

ସେ ଲାଗି ତୁମ ମୃଣ୍ମୟ ମୂର୍ତ୍ତିକୁ ମେଢରେ ସଜାଇ
ଆଶ୍ୱିନେ ପାର୍ବଣ ପୂଜା ପାଳିତ ହୁଅଇ ।

ସପ୍ତମୀ ଅଷ୍ଟମୀ ପୂଜା ନବମୀ ବିଶ୍ରାମ
ଦଶମୀରେ ଭକ୍ତଗଣେ ବରଦାନ କର୍ମ ।

ପାର୍ବଣ ପରେ ସ୍ୱପୀଠକୁ ମାଆ ହୁଅନ୍ତି ପ୍ରସ୍ଥାନ
ପୁଣି ବରଷକ ପରେ ହେବ ଆଗମନ ।

ନିଆଳୀ, କଟକ

❖ ❖ ❖

# ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ...

ଡକ୍ଟର ଶରତ ଚନ୍ଦ୍ର ପରିଡ଼ା

ମାତୃଶକ୍ତିର ଉପାସନା ପରମ୍ପରା ଭାରତୀୟ ସଂସ୍କୃତିରେ ଅତି ପ୍ରାଚୀନ । ନିରବଚ୍ଛିନ୍ନ ଏହାର ସ୍ରୋତ । ମା' ଏକ ସ୍ପନ୍ଦନ । ଅକଳନୀୟ ଶକ୍ତିର ସ୍ରୋତ । ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ ତିଷ୍ଠି ରହିବା ପାଇଁ ଆବଶ୍ୟକ କରନ୍ତି ଶକ୍ତି । ପ୍ରତ୍ୟେକ ପ୍ରାଣୀ ଜ୍ଞାତରେ ବା ଅଜ୍ଞାତରେ ହେଉ ଶକ୍ତିର ଉପାସକ ଅଟନ୍ତି । ଏପରି ଲୋକ ସଂସାରରେ କେହି ନାହିଁ ଯିଏ ଶକ୍ତି ଇଚ୍ଛା କରେ ନାହିଁ । କିଏ ମନ୍ତ୍ରଶକ୍ତି ତ କିଏ ତନ୍ତ୍ରଶକ୍ତି ବଳରେ ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି । ପ୍ରତ୍ୟେକ ସତ୍ତାରେ ଯେଉଁ ଶକ୍ତି ରହିଛି ତାହା ଦିବ୍ୟଶକ୍ତିର ରୂପାନ୍ତର । ଦେବୀ ଦୁର୍ଗା ହେଉଛନ୍ତି ଚୈତନ୍ୟମୟ ଶକ୍ତି ଓ ଜଡ଼ ଶକ୍ତିର ମୂଳ ଉତ୍ସ । ଆଦ୍ୟା ଶକ୍ତି ଦୁର୍ଗା ହେଉଛନ୍ତି ସମସ୍ତ ଶକ୍ତିର ମୂଳ ସତ୍ତା ଓ ସାର । ଶକ୍ତିମୟୀ ଦୁର୍ଗା ବିଶ୍ୱର ଈଶ୍ୱରୀ । ବିଶ୍ୱେଶ୍ୱରୀ । ସାତ ଶହ ଶ୍ଳୋକ ବିଶିଷ୍ଟ ଶ୍ରୀଦୁର୍ଗା ସପ୍ତଶତୀ ନାମରେ ଯେଉଁ ଗ୍ରନ୍ଥଟି ଅଛି, ତାହା ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ । ଦେବୀ ଦୁର୍ଗାଙ୍କ ମାହାତ୍ମ୍ୟ ସମ୍ବଳିତ ଏହା ବହୁ ପଠିତ ଓ ଆଲୋଚିତ । ଶକ୍ତି ଓ ସାହସରେ ଦେବୀ ଦୁର୍ଗାଙ୍କୁ କେହି ବଳିଯାଇ ନାହାଁନ୍ତି । କହିବାର ତାତ୍ପର୍ଯ୍ୟ ଦୁର୍ଗାଶକ୍ତି ପରି ଏହି ଗ୍ରନ୍ଥ ଭକ୍ତମାନଙ୍କ ପାଇଁ ବାଞ୍ଛାକଳ୍ପତରୁ ସଦୃଶ । ସକାମ ଭକ୍ତ ଏହି ଗ୍ରନ୍ଥର କଥାମୃତ ପାନ କରିବା ଦ୍ୱାରା ମନ ଅଭିଳଷିତ ଦୁର୍ଲଭ ବସ୍ତୁ ବା ସ୍ଥିତି ସହଜରେ ପ୍ରାପ୍ତ ହୋଇଥାଏ । ସେହିପରି ନିଷ୍କାମଭକ୍ତ ପରମ ଦୁର୍ଲଭ ମୋକ୍ଷ ଲାଭ କରି କୃତାର୍ଥ ହୋଇଥାଏ । ତେଣୁ ମହର୍ଷି ମାର୍କଣ୍ଡେୟ କଳିଙ୍ଗର ଚୈତ୍ରବଂଶ ରାଜା ସୁରଥଙ୍କୁ କହିଛନ୍ତି ଯେ ଦେବୀଙ୍କୁ ଆରାଧନା କଲେ ସେ ପ୍ରସନ୍ନ ହୋଇ ମନୁଷ୍ୟଙ୍କୁ ଭୋଗ, ସ୍ୱର୍ଗ ଓ ଅପୁନରାବର୍ତ୍ତୀ ମୋକ୍ଷ ପ୍ରଦାନ କରିଥା'ନ୍ତି । ଦୁର୍ଗାଙ୍କୁ ଆରାଧନା କରି ଐଶ୍ୱର୍ଯ୍ୟକାମୀ ରାଜା ସୁରଥ ଅଖଣ୍ଡ ସାମ୍ରାଜ୍ୟ ଲାଭ କରିଥିଲେ ତଥା ବୈରାଗ୍ୟବାନ ସମାଧି ବୈଶ୍ୟ ଦୁର୍ଲଭ ଜ୍ଞାନ ଦ୍ୱାରା ମୋକ୍ଷ ପ୍ରାପ୍ତ ହୋଇଥିଲେ । ଦେବୀ ନିରାକାର । କିନ୍ତୁ ଆମ ପରି ସାଧାରଣ ଉପାସକମାନଙ୍କ ସହଜ ଉପଲବ୍ଧି ପାଇଁ ସେ ଆକାର ଓ ରୂପ ଧାରଣ କରିଛନ୍ତି । ସେ ସୂକ୍ଷ୍ମ ଚୈତନ୍ୟରୂପିଣୀ ହେଲେ ମଧ୍ୟ ସ୍ଥୂଳ ରୂପରେ ଉଭା ହୋଇଛନ୍ତି । ଚକ୍ଷୁ, କର୍ଣ୍ଣ, ନାସିକା ପରି ଅବୟବରେ ତାଙ୍କର ଶୋଭା ଝଟକୁଛି । ସପ୍ତଶତୀ ଗ୍ରନ୍ଥରେ ବିଭିନ୍ନ ସ୍ଥାନରେ ତାଙ୍କର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ବସ୍ତ୍ରବିଭୂଷଣ ଓ ଅସ୍ତ୍ରଶସ୍ତ୍ରର ବର୍ଣ୍ଣନା ରହିଛି । ଏମାନଙ୍କ ମଧ୍ୟରୁ ଚକ୍ଷୁ ଏକ ପ୍ରଧାନ ଇନ୍ଦ୍ରିୟ । ସାଧାରଣ ଜୀବ ଦୁଇ ନୟନ ବିଶିଷ୍ଟ ହୋଇଥିଲା ବେଳେ ଭଗବତୀ ଦୁର୍ଗା ଅସାଧାରଣ ଭାବରେ ତ୍ରିନୟନା । ଏହି ତ୍ରିନୟନର ଉଦ୍ଭବ ଓ



ଏହାର ପ୍ରତୀକାତ୍ମକ ବାର୍ତ୍ତା ଅବଗତି ନିମନ୍ତେ ପ୍ରସ୍ତୁତ ପ୍ରବନ୍ଧ ଏକ ପ୍ରଚେଷ୍ଟା ।

**ଚକ୍ଷୁ ବସ୍ତୁକୁ ଗ୍ରହଣ କରିପାରେ କିନ୍ତୁ ଶକ୍ତିକୁ ନୁହେଁ :** ପଞ୍ଚ ଜ୍ଞାନେନ୍ଦ୍ରିୟ ଜ୍ଞାନର ଦ୍ୱାର ଅଟନ୍ତି । ସେମାନେ ବିଭିନ୍ନ ବାହ୍ୟ ଉତ୍ସରୁ କ୍ରିୟାର ସଂବେଦନ ସଂଗ୍ରହ କରି ବୁଦ୍ଧିର ପରାମର୍ଶରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । ଇନ୍ଦ୍ରିୟମାନେ ଦେହର ସଂଚାଳକ । ଜୀବନ ଯାତ୍ରାରେ ଚକ୍ଷୁ କେବଳ ମୁଖର ଶୋଭା ବର୍ଦ୍ଧନ କରିନଥାଏ ବରଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଚକ୍ଷୁ ଭିତରର ପ୍ରତିକ୍ରିୟା କରିବାର ଏକ ବଳିଷ୍ଠ ମାଧ୍ୟମ । ପ୍ରାଣୀ ଅନ୍ତରର ହର୍ଷ ବିଷାଦ ସ୍ନେହ ଅନୁରାଗ କାମ କ୍ରୋଧର ଚକ୍ଷୁ ହୋଇଥାଏ ଶବ୍ଦହୀନ ପରିଭାଷା । ନିରବ ପରିପ୍ରକାଶ । ବିଭିନ୍ନ ପରିବେଶର ନାନା ଭାବ ନୟନ ଦେଇ ପ୍ରକାଶିତ ହୋଇଥାଏ । ରୂପ, ରସ, ଗନ୍ଧ, ସ୍ପର୍ଶ ସଂଖ୍ୟା..ଇତ୍ୟାଦି । ଚତୁର୍ବିଂଶତି  ଗୁଣ ମଧ୍ୟରୁ ରୂପ ଏକଗୁଣ । ଯାହା ଦ୍ରବ୍ୟକୁ ଆଶ୍ରୟ କରି ରହେ ତାହା ଗୁଣ । ଯାହା ଚକ୍ଷୁଦ୍ୱାରା ଗୃହୀତ ହୁଏ ତାହା ରୂପ । ଚକ୍ଷୁ ଗୁଣଯୁକ୍ତ ବସ୍ତୁକୁ ଗ୍ରହଣ କରେ । ଗୁଣୀକୁ ନୁହେଁ । ଜୀବନ ଯାତ୍ରାରେ ଜୀବକୁ ଆଗକୁ ବାଟ କଢାଇ ନିଏ (ନୟତି ଇତି) ବୋଲି ତାର ନାମ ନୟନ । ଜୀବନ ପଥରେ ଦୁର୍ଗା ଦେବୀ ଆମକୁ ଆଗକୁ ବାଟ କଢାଇ ନିଅନ୍ତି । ତେଣୁ ଜଗତର ଚକ୍ଷୁସ୍ୱରୂପା ଅଟନ୍ତି । ବସ୍ତୁ ଓ ଶକ୍ତି ଏହି ମୌଳିକ ଉପାଦାନ ଦ୍ୱାରା ବିଶାଳ ବିଶ୍ୱ ଗଠିତ । ଏ ଦୁଇଟି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ପରସ୍ପର ସଂପୃକ୍ତ । ଯାହାର ଉପସ୍ଥିତି ଆମର କୌଣସି ଇନ୍ଦ୍ରିୟ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଅନୁଭୂତ ହୋଇଥାଏ ତାହା ହେଉଛି ବସ୍ତୁ । ଅପର ପକ୍ଷେ ଯାହାର ଉପସ୍ଥିତି ଇନ୍ଦ୍ରିୟ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଅନୁଭୂତ ହୁଏ ନାହିଁ ତାହା ହେଉଛି ଶକ୍ତି । ଜୀବ ସାଧାରଣତଃ ଦୁଇଚକ୍ଷୁ ବିଶିଷ୍ଟ ହୋଇ ବସ୍ତୁ ଦର୍ଶନ କଲାବେଳେ ଦେବୀ ତୃତୀୟ ନେତ୍ର ଦ୍ୱାରା ଶକ୍ତିକୁ ଅନୁଭବ କରିବା ପାଇଁ ଇସାରା ଦେଇଥା'ନ୍ତି ।

**ଆଦିମାତାଙ୍କ କୋଳରେ ଶୟନରତ ବିଷ୍ଣୁ:** ପ୍ରଳୟ ସମୟରେ ବିଶ୍ୱ ଜଳମୟ ଥିଲା । ମହାବିଷ୍ଣୁ ପ୍ରଥମେ ପ୍ରଳୟ ଜଳରେ ଶେଷନାଗକୁ ଶଯ୍ୟା କରି ବଟପତ୍ରରେ ଶୟନ କରିଥିଲେ । ଯୋଗମାୟା ବା ଯୋଗନିଦ୍ରାରୂପିଣୀ ଆଦିମାତା ଭୁବନେଶ୍ୱରୀଙ୍କ କୋଳରେ ସେ ଥିଲେ ଏକ ବାଳକ । ଏଣୁ ଭଗବାନ୍ ବିଷ୍ଣୁ ହିଁ ସର୍ବପ୍ରଥମେ ଆଦିମାତା ଭୁନେଶ୍ୱରୀଙ୍କୁ ବିଶ୍ୱଜନନୀ ବୋଲି ଉପଲବ୍ଧି କରିଥିଲେ । ବିଷ୍ଣୁ ନିଦ୍ରାଗତ ଥିବା ସମୟରେ ତାଙ୍କର କର୍ଣ୍ଣ ମଳରୁ ମଧୁ ଓ କୈଟଭ ନାମରେ ଦୁଇଟି ଭୟଙ୍କର ରାକ୍ଷସ ଉତ୍ପନ୍ନ ହେଲେ । ସେ ଦୁହେଁ ପଦ୍ମଯୋନି ବ୍ରହ୍ମାଙ୍କୁ ବଧ କରିବା ପାଇଁ ଉଦ୍ୟତ ହେଲେ । ତାଙ୍କର ନାଭିଦେଶରୁ ଜାତ ବ୍ରହ୍ମା ଏହା ଦେଖି ବିଷ୍ଣୁଙ୍କୁ ଯୋଗନିଦ୍ରାରୁ ଜାଗରଣ କରିବା ପାଇଁ ଚେଷ୍ଟା ଆରମ୍ଭ କଲେ । ତେଣୁ ସେ ବିଷ୍ଣୁଙ୍କର ନୟନରେ ଆଶ୍ରିତା ଦୁର୍ଗାଦେବୀଙ୍କୁ ସ୍ତୁତି କରିବାକୁ ଲାଗିଲେ । ମଧୁକୈଟଭଙ୍କ ବଧ ଇଛା ବିଷ୍ଣୁଙ୍କ ଠାରେ ସୃଷ୍ଟି ହେଉ ବୋଲି ତାମସୀ ଶକ୍ତି ମହାମାୟା ବିଶ୍ୱେଶ୍ୱରୀ ଜଗଦ୍ଧାତ୍ରୀ ସୃଷ୍ଟି ସ୍ଥିତି ସଂହାରକାରିଣୀ ଦୁର୍ଗାଙ୍କୁ ପ୍ରାର୍ଥନା କାରିବାକୁ ଲାଗିଲେ । ଜଗଜ୍ଜନନୀ ମାତା ଦୁର୍ଗା ଭୁବନେଶ୍ୱରୀ ହେଲେ ମଧ୍ୟ ସୂକ୍ଷ୍ମ ରୂପରେ ବିଷ୍ଣୁଙ୍କର ନୟନରେ ଆଶ୍ରିତ ଥିବା କଥା ପ୍ରଥମେ ବ୍ରହ୍ମା ହିଁ ସନ୍ଧାନ କରିଥିଲେ । ସେ ଥିଲେ ତାମସୀ ନିଦ୍ରା ।

**ଦେବୀ ଦୁର୍ଗାଙ୍କ ଆବିର୍ଭାବ :** ପୂର୍ବ କାଳରେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ଶହେ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ହେଲା । ଅସୁରମାନଙ୍କର ସ୍ୱାମୀ ମହିଷାସୁର ଓ ଦେବତାମାନଙ୍କର ନାୟକ ଇନ୍ଦ୍ର ଥିଲେ । ସମସ୍ତ ଦେବତାମାନଙ୍କୁ ମହିଷାସୁର ପରାସ୍ତ କରି ଇନ୍ଦ୍ରପଦ ଲାଭ କଲା । ପରାଜିତ ଦେବତା ବ୍ରହ୍ମାଙ୍କ ନେତୃତ୍ୱରେ ଭଗବାନ ଶଙ୍କର ଓ ବିଷ୍ଣୁଙ୍କ ପାଖକୁ ଗଲେ । ଶରଣ ପଶି କହିଲେ– ହେ ଭଗବାନ୍ ! ମହିଷାସୁର ସୂର୍ଯ୍ୟ, ଇନ୍ଦ୍ର, ଅଗ୍ନି, ବାୟୁ, ଚନ୍ଦ୍ରମା, ଯମ, ବରୁଣ ତଥା ଅନ୍ୟ ଦେବତାମାନଙ୍କ ଠାରୁ ଅଧିକାର ଛଡ଼ାଇ ନେଇ ନିଜକୁ ସମସ୍ତଙ୍କର  ଅଧିଷ୍ଠାତା କରିଦେଇଛି । ସେହି ଦୁରାତ୍ମା ସମସ୍ତ ଦେବତାଙ୍କୁ ସ୍ୱର୍ଗରୁ ବହିଷ୍କାର କରିଦେଇଛି । ଦେବତାମାନେ ମନୁଷ୍ୟମାନଙ୍କ ପରି ଧରାବକ୍ଷରେ ବିଚରଣ କରୁଛନ୍ତି । ଏହା ଶୁଣି ଶିବ ଓ ବିଷ୍ଣୁ ଦୈତ୍ୟମାନଙ୍କ ଉପରେ ବଡ଼ କ୍ରୋଧ କଲେ । ସଙ୍ଗେ ସଙ୍ଗେ ଶିବ ବିଷ୍ଣୁଙ୍କ ସମେତ ଅନ୍ୟ ଦେବତାମାନଙ୍କ ଶରୀରରୁ ଅତ୍ୟନ୍ତ ତେଜ ନିର୍ଗତ ହେଲା । ଧୀରେ ଧୀରେ ସେ ସବୁଜ୍ୟୋତି ମିଶି ଏକାଠି ହୋଇଗଲା । ସେହି ମହାନ୍ ତେଜପୁଞ୍ଜ ଜାଜ୍ଜ୍ୱଲ୍ୟମାନ ପର୍ବତ ପରି ଅନୁଭବ ହେଲା । ଦେବତାମାନେ ଦେଖିଲେ ତାହାର ଜ୍ୱାଳା ସଂପୂର୍ଣ୍ଣ ଦିଗମାନଙ୍କରେ ପରିବ୍ୟାପ୍ତ ହୋଇ ଯାଉଛି । ସେହି ତେଜର କିଛି ତୁଳନା ନଥିଲା । ସେହି ତେଜପୁଞ୍ଜ ଏକତ୍ରିତ ହୋଇ ଏକ ନାରୀ ରୂପରେ ପରିଣତ ହେଲା । ପୁରାଣ କର୍ତ୍ତା ଲେଖିଛନ୍ତି:

ତେତିଶ କୋଟି ଦେବଙ୍କ ମହାତେଜ ଘେନି ।
ଆଦି ଅନ୍ନପୂର୍ଣ୍ଣା ଜନ୍ମ ହୋଇଲେ ମେଦିନୀ ।।

ଏହି ଦେବତାମାନେ ମଧ୍ୟ ନାନାବିଧ ଦିବ୍ୟ ବସ୍ତ୍ର, ଆଭୂଷଣ ଓ ଅସ୍ତ୍ରଶସ୍ତ୍ର ଦେବୀଙ୍କୁ ପ୍ରଦାନ କରି ସମ୍ମାନିତ କରିଥିଲେ । ଅନ୍ୟ ଦେବତାମାନଙ୍କ ପରି ଦୁର୍ଗାଙ୍କର ମଧ୍ୟ ଜନ୍ମ ହୁଏ । ଏହି ଶରୀର ହେଉଛି ତେତିଶ କୋଟି ଦେବତାଙ୍କ ନିବାସସ୍ଥଳୀ । ବ୍ରହ୍ମାଣ୍ଡର ପ୍ରତିରୂପ ।

**ଦୁର୍ଗାଙ୍କ ଦେହ ଦେବାଳୟରେ ସୂର୍ଯ୍ୟ ଦକ୍ଷିଣ ଚକ୍ଷୁ :** ଅଥର୍ବ ବେଦରେ ବର୍ଣ୍ଣନା ଅଛି–ସର୍ବା ହି ଅସ୍ମିନ୍ ଦେବତା ଗାବୋ ଗୋଷ୍ଠ ଇବାସତେ । ଅର୍ଥାତ୍ ବ୍ରହ୍ମାଣ୍ଡର ସକଳ ଦେବତା ଗୁହାଳରେ ଗାଈ ନିଜ ନିଜ ସ୍ଥାନ ଚିହ୍ନି ରହିବା ପରି ଏହି ଶରୀରରେ ପ୍ରବେଶ କରିଥା'ନ୍ତି । ଏହି କଥା ଉପନିଷଦରେ ଆହୁରି ପ୍ରାଞ୍ଜଳ ଭାବରେ ଉଲ୍ଲେଖ ରହିଛି ।

ଅର୍ଥାତ୍ ବ୍ରହ୍ମାଣ୍ଡର ଅଗ୍ନି ବାଣୀ ରୂପ ଧାରଣ କରି ମୁଖରେ ପ୍ରବେଶ କଲେ । ବାୟୁ ପ୍ରାଣ ରୂପ ଧାରଣ କରି ନାସିକାରେ ପ୍ରବେଶ କଲେ । ସୂର୍ଯ୍ୟ ଦୃଷ୍ଟି ଶକ୍ତି ହୋଇ ଚକ୍ଷୁରେ ପ୍ରବେଶ କଲେ । ଏଠାରେ ବେଦବର୍ଣ୍ଣିତ ସୂର୍ଯ୍ୟଙ୍କ ରୂପଗୁଣର ସାମଞ୍ଜସ୍ୟ ଉଲ୍ଲେଖଯୋଗ୍ୟ । ସବିତୃସୂକ୍ତରେ କୁହାଯାଇଛି ସୂର୍ଯ୍ୟ ଆସିଲେ ଅନ୍ଧକାର ଦୂର ହୋଇ ପ୍ରକାଶ ବ୍ୟାପି ଯାଏ । ଅନ୍ଧକାରମୟ ଲୋକର ବିରୁଦ୍ଧ ଶକ୍ତି ଧାରଣ କରି ସେ ରଥାରୂଢ ହୋଇ ସଂପୂର୍ଣ୍ଣ ମନ୍ଦକୁ ଦୂର କରି ସେ ବହୁତ ଦୂରରୁ ଆସୁଛନ୍ତି । ସୂର୍ଯ୍ୟଙ୍କର ଶକ୍ତି ଦୁର୍ଗାଙ୍କର ନେତ୍ରଶକ୍ତି । ଦୁର୍ଗା ହେଉଛନ୍ତି ସକଳ ଦେବତାଙ୍କର ଜ୍ୟୋତିପୁଞ୍ଜ । ତାଙ୍କର ବିଭିନ୍ନ ଇନ୍ଦ୍ରିୟ ବିଭିନ୍ନ ଦେବତାମାନଙ୍କ ବିଭୂତି । ମହର୍ଷି ବିଶ୍ୱାମିତ୍ର ଗାୟତ୍ରୀ ମହାବିଦ୍ୟା ଉପରେ ଗବେଷଣା କରୁଥିଲେ । ସେ ଦେଖିଲେ ଏହି ସାରା ସଂସାର ହିଁ ସୂର୍ଯ୍ୟଙ୍କ ଚେତନା ଦ୍ୱାରା ଚେତନ ହୋଇଛି । ତେଣୁ ସେ ସୂର୍ଯ୍ୟଙ୍କୁ ଚିନ୍ତନ କରିବାକୁ ଲାଗିଲେ । ସୂର୍ଯ୍ୟଙ୍କର ଶକ୍ତି ପ୍ରଦାୟିନୀ କିରଣଗୁଡ଼ିକ ଶରୀରର ମନୋବିକାରକୁ ଦୂର କରିଦେଲା । ଫଳରେ ତାଙ୍କର ବୁଦ୍ଧି ନିର୍ମଳ ହୋଇଗଲା । ଦିନେ ସେ ଧ୍ୟାନରେ ଏତେ ଲୀନ ହୋଇ ଯାଇଥିଲେ ଯେ ତାଙ୍କର ଚେତନା ସୂର୍ଯ୍ୟଚେତନାରେ ଏକାକାର ହୋଇଗଲା । ସେ ଗାୟତ୍ରୀ ମନ୍ତ୍ରର ଦ୍ରଷ୍ଟା ହୋଇଗଲେ ।

**ଦୁର୍ଗାଙ୍କ ବାମ ନୟନଟି ଚନ୍ଦ୍ରତେଜରୁ ଉତ୍ପନ୍ନ :** ଦେବତାମାନଙ୍କ ବ୍ରହ୍ମତେଜରୁ ଦୁର୍ଗାଙ୍କ ସମଗ୍ର ଶରୀର ଜାତ । ଅନ୍ୟ ପ୍ରସଙ୍ଗରେ କୁହାଯାଇଛି ବିଷ୍ଣୁଙ୍କ ତେଜରୁ ତାଙ୍କର ମୁଖ, ଶିବଙ୍କ ତେଜରୁ ତାଙ୍କର ଦନ୍ତରାଜି, ସୂର୍ଯ୍ୟଙ୍କ ତେଜରୁ ନାସିକା ଉତ୍ପନ୍ନ ହେଲାବେଳେ ଚନ୍ଦ୍ରଙ୍କ ତେଜରୁ ଦେବୀଙ୍କ ନୟନ ପ୍ରକାଶ ହେଲା ।

ତେଣୁ ଅଗ୍ନି, ବାୟୁ, ସୂର୍ଯ୍ୟ ଆଦି ଆଧାର ଏବଂ ବାଣୀ, ପ୍ରାଣ ଓ ଦୃଷ୍ଟି ଆଦି ଆଧେୟ । ବ୍ରହ୍ମାଣ୍ଡରେ ଥିବା ଦେବତା ଅର୍ଥାତ୍ ଦିବ୍ୟ ବସ୍ତୁମାନଙ୍କର ପ୍ରତିନିଧି ପିଣ୍ଡରେ ବିଦ୍ୟମାନ । ଅନ୍ୟ ଭାଷାରେ କହିବାକୁ ଗଲେ ଦେବୀଙ୍କର ଶ୍ରୀମୁଖରେ ଶିବ-ଶକ୍ତି, ଘନକୃଷ୍ଣ କେଶରାଜିରେ ଯମ–ଶକ୍ତି, ଭୁଜରେ ବିଷ୍ଣୁ–ଶକ୍ତି, ବକ୍ଷମଣ୍ଡଳରେ ଚନ୍ଦ୍ରମାର ଗୋଲକତ୍ୱ, କଟି ଦେଶରେ ପୁରନ୍ଦର ତେଜ, ଜଘନ ଓ ଆଣ୍ଠୁ ଭାଗରେ ଇନ୍ଦ୍ର–ବେଗ, ଚରଣ ଯୁଗଳରେ ବ୍ରହ୍ମା–ଶକ୍ତି ଏବଂ ପାଦାଙ୍ଗୁଳି ସମୂହରେ ସୂର୍ଯ୍ୟ–ଶକ୍ତି ଦେଦୀପ୍ୟମାନ ।

**ଅଗ୍ନିଙ୍କଠାରୁ ଦୁର୍ଗାଦେବୀଙ୍କ ମଧ୍ୟଚକ୍ଷୁର ସୃଷ୍ଟି :** ପୂର୍ବୋକ୍ତ ପରିବେଶରେ ଭଗବାନ ଶଙ୍କରଙ୍କ ଯେଉଁ ତେଜ ଥିଲା ସେଥିରୁ ଦେବୀଙ୍କ ମୁଖ ପ୍ରକଟ ହେଲା । ଯମରାଜାଙ୍କ ତେଜରୁ ମଥାରେ କେଶ ଉତ୍ପନ୍ନ ହେଲା । ଶ୍ରୀବିଷ୍ଣୁଙ୍କ ତେଜରୁ ବାହୁ, ଚନ୍ଦ୍ରମାଙ୍କ ତେଜରୁ ଦୁଇଟି ସ୍ତନ, ଇନ୍ଦ୍ରଙ୍କ ତେଜରୁ କଟିପ୍ରଦେଶର ଆବିର୍ଭାବ ହେଲା । ଅଗ୍ନିଙ୍କ ତେଜରୁ ନୟନ ପ୍ରକଟ ହେଲା (ନୟନତ୍ରୟଂ ଜଜ୍ଞେ ତଥା ପାବକ ତେଜସା–୨/୧୭) । ଏଠାରେ ଉଲ୍ଲେଖ ଯୋଗ୍ୟ 'ତୈତ୍ତିରୀୟ ଆରଣ୍ୟକ'ରେ ଦୁର୍ଗା ଅଗ୍ନିକନ୍ୟା ରୂପେ କଳ୍ପିତା । ମାଣ୍ଡୁକ ଉପନିଷଦରେ ଅଗ୍ନିଙ୍କର ସପ୍ତଜିହ୍ୱା ମଧ୍ୟରୁ ଏକ ଜିହ୍ୱା ରୂପେ ଦୁର୍ଗାଙ୍କୁ ଗ୍ରହଣ କରାଯାଇଛି । ଅଗ୍ନି ହେଉଛନ୍ତି ଧ୍ୱଂସର ପ୍ରତୀକ । ତେଣୁ ତାଙ୍କଠାରୁ ଜାତ ହୋଇଥିବା ଦୁର୍ଗାଙ୍କୁ ମଧ୍ୟ ସଂହାରକର୍ତ୍ତ୍ରୀ ଭାବେ ବର୍ଣ୍ଣନା କରାଯାଇଛି ।

**ଦୁର୍ଗା ବ୍ରହ୍ମଚାରିଣୀ :** ପିତାମହ ବ୍ରହ୍ମା ଋଷି ମାର୍କଣ୍ଡେୟଙ୍କୁ ଦେବୀ ଦୁର୍ଗାଙ୍କର ନବମୂର୍ତ୍ତି ଯାହାକୁ ନବଦୁର୍ଗା କହନ୍ତି ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ବ୍ରହ୍ମଚାରିଣୀ ହେଉଛନ୍ତି ତାଙ୍କର ଦ୍ୱିତୀୟ ମୂର୍ତ୍ତି । ବ୍ରହ୍ମ ଚାରୟିତୁଂ ଶୀଳଂ ଯସ୍ୟାଃ ସା ବ୍ରହ୍ମଚାରିଣୀ । ଅର୍ଥାତ୍ ସଚ୍ଚିଦାନନ୍ଦମୟ ବ୍ରହ୍ମ ସ୍ୱରୂପକୁ ପ୍ରାପ୍ତି କରାଇବା ଯାହାର ସ୍ୱଭାବ ଅଟେ । ମନୁଷ୍ୟର ଇନ୍ଦ୍ରିୟ ଏଗାର ଗୋଟି । ସେମାନଙ୍କ ମଧ୍ୟରୁ ପାଞ୍ଚ ଗୋଟି ହେଲେ ଜ୍ଞାନେନ୍ଦ୍ରିୟ ଯଥା: ନେତ୍ର, ନାସା, କର୍ଣ୍ଣ, ଜିହ୍ୱା ଓ ଚର୍ମ । ଅନ୍ୟ ପାଞ୍ଚ ଗୋଟି ହେଲେ କର୍ମେନ୍ଦ୍ରିୟ ଯଥା : ହସ୍ତ, ପାଦ, ମୁଖ, ଗୁହ୍ୟଦ୍ୱାର ଓ ଜନନେନ୍ଦ୍ରିୟ । ଏମାନଙ୍କ ବ୍ୟତୀତ ଆଉ ଗୋଟିଏ ଇନ୍ଦ୍ରିୟ ଅଛି । ତାହାର ନାମ ମନ । ସେ ହେଉଛି ଏକାଦଶ ଇନ୍ଦ୍ରିୟ । ଇନ୍ଦ୍ରିୟମାନେ ସ୍ୱଭାବରେ କ୍ଷୋଭଜନକ ଓ ବିଭ୍ରମକାରୀ । ମନ ହେଉଛି ସ୍ୱଭାବରେ ଚଞ୍ଚଳ ଓ ଅସ୍ଥିର । ଇନ୍ଦ୍ରିୟମାନେ ମନକୁ ହରଣ କରି ନିଅନ୍ତି । ଜୀବାତ୍ମା ଚକ୍ଷୁ, ଶ୍ରୋତ୍ର, ଘ୍ରାଣ, ରସନା, ତ୍ୱକ୍ ଏବଂ ମନ – ଏମାନଙ୍କୁ ଆଶ୍ରୟ କରି ବିଷୟମାନଙ୍କୁ ଉପଭୋଗ କରିଥାଏ । ଶବ୍ଦ ସ୍ପର୍ଶ ରୂପ ରସ ଗନ୍ଧ–ଏ ସବୁ ବିଷୟ ପଞ୍ଚ ଜ୍ଞାନେନ୍ଦ୍ରିୟର ବୃତ୍ତି ସହିତ ସଂଯୋଗ ହେଲେ ଶୀତ, ଉଷ୍ଣ, ସୁଖ ଓ ଦୁଃଖାଦିର ଉତ୍ପତ୍ତି ହୋଇଥାଏ । ଏମାନେ ସାଧାରଣତଃ ବ୍ରହ୍ମ ଜ୍ଞାନର ବିରୋଧୀ । ପ୍ରାଣୀମାନଙ୍କୁ ନାନା ଆକର୍ଷଣର ବଶୀଭୂତ କରାଇ କଷ୍ଟ ଦିଅନ୍ତି ଓ କନ୍ଦାନ୍ତି ବୋଲି ଏମାନଙ୍କର ନାମ ଏପରି ହୋଇଛି । ଏହି ଇନ୍ଦ୍ରିୟଗୁଡ଼ିକୁ ଯଦି ମନୁଷ୍ୟ ବକ ଓ କୂର୍ମ ପରି ନିଜ ଆୟତ୍ତରେ ରଖି ସ୍ଥାନ କାଳ ଓ ପାତ୍ର ଅନୁସାରେ କାର୍ଯ୍ୟରେ ପ୍ରୟୋଗ କରେ ସେ କୃତକାର୍ଯ୍ୟ

ହୋଇଥାଏ । କାରଣ ଇନ୍ଦ୍ରିୟମାନଙ୍କର ଅସଂଯମ ବିପଦର ମାର୍ଗ ଓ ସେଗୁଡ଼ିକର ଜୟକୁ ସମ୍ପଦର ମାର୍ଗ ବୋଲି ଚାଣକ୍ୟଙ୍କ ଭଳି ଜ୍ଞାନୀମାନେ କହି ଯାଇଛନ୍ତି । ସେହିପରି ମନୁ ମହର୍ଷି କହନ୍ତି ଯେଉଁଜନ ଦେଖି, ଛୁଇଁ, ଖାଇ ଓ ଘ୍ରାଣ କରି ହୃଷ୍ଟ ବା ଖିନ୍ନ ହୁଏ ନାହିଁ, ସେହିଁ ଜିତେନ୍ଦ୍ରିୟ ।

ଶାସ୍ତ୍ରରେ ଇନ୍ଦ୍ରିୟମାନଙ୍କୁ ଦେବତା ଆଖ୍ୟା ଦିଆଯାଇଛି । ଐତରେୟ ଉପନିଷଦରେ ଏକ ଆଳଙ୍କାରିକ ବର୍ଣ୍ଣନା ଦେଖିବାକୁ ମିଳେ । ଦେବତାମାନେ ବାସସ୍ଥାନ ଯୋଗାଇ ଦେବାକୁ ପରମାତ୍ମାଙ୍କୁ ପ୍ରାର୍ଥନା କଲେ । ପରମାତ୍ମା ଅନେକ ପ୍ରକାର ପଶୁ, ପକ୍ଷୀ, କୀଟ ଓ ପତଙ୍ଗ ଆଦି ଶରୀର ନିର୍ମାଣ କରି ସେମାନଙ୍କୁ ସେଠାରେ ବାସ କରିବା ପାଇଁ କହିଲେ । ଦେବତାମାନେ କହିଲେ– ଏସବୁ ଅନ୍ଧକାରମୟ ଦେହ ଆମର ନିବାସ ପାଇଁ ଉପଯୁକ୍ତ ନୁହେଁ । ଶେଷରେ ପରମାତ୍ମା ମନୁଷ୍ୟର ଦେହ ରଚନା କଲେ । ଦେବତାମାନେ ତାକୁ ଦେଖି ପ୍ରସନ୍ନ ହେଲେ ଏବଂ ସେହି ଦେହରେ ପ୍ରବେଶ କଲେ । ଅଗ୍ନି ବାଣୀ ରୂପରେ, ବାୟୁ ପ୍ରାଣ ରୂପରେ, ସୂର୍ଯ୍ୟ ନେତ୍ର ରୂପରେ ରହିଲେ । ଫଳରେ ଦେହ ଦେବମନ୍ଦିର ହୋଇଗଲା ।

ପୁରାଣର ଉଲ୍ଲିଖିତ ଉଦାହରଣରୁ ସ୍ପଷ୍ଟ ହୁଏ ଯେ ଦେବତାମାନଙ୍କର ତେଜର ମିଳନରୁ ଜାତ ହେଉଥିବା ଦୁର୍ଗା ଦେହସ୍ଥ ଇନ୍ଦ୍ରିୟମାନଙ୍କର ସଂଯମରୁ ଜାତ ବ୍ରହ୍ମଚର୍ଯ୍ୟ ଶକ୍ତି । ଚକ୍ଷୁ ଏକ ପ୍ରଧାନ ଓ ଶକ୍ତିଶାଳୀ ଇନ୍ଦ୍ରିୟ । ରୂପ ଓ ଆକାର ଦେଖିବା ଏହାର କାମ । କିନ୍ତୁ ନିରପେକ୍ଷ ଭାବେ ରୂପ ନଦେଖି ସେଥିରେ ଉଦାସୀନ ନରହି ଆକୃଷ୍ଟ ଓ ଆସକ୍ତ ହୋଇପଡ଼େ । ଅତଏବ ଅନ୍ୟ ଇନ୍ଦ୍ରିୟ ଅପେକ୍ଷା ଚକ୍ଷୁର ଆକର୍ଷଣ ସର୍ବାଧିକ । ସାଧାରଣ ଭାବେ କର୍ଣ୍ଣ ଆଦି ଇନ୍ଦ୍ରିୟ–ଦେବତା ଆଳସ୍ୟ–ପ୍ରମାଦ ବଶତଃ ଭୋଗାସକ୍ତ ହୁଅନ୍ତି । ତାହା ହେଉଛି ଦେବତାମାନଙ୍କୁ ଅସୁରମାନଙ୍କ ଦ୍ୱାରା ଆକ୍ରମଣ । ତାହା ଦେହରେ ଦୁର୍ଗତିର ସମୟ । ମନୁଷ୍ୟ ଜୀବିତ ଥାଇ ସୁଦ୍ଧା ଅଜ୍ଞ, ନିଷ୍କ୍ରିୟ, ଦୁର୍ବଳ ଓ ବିଳାସୀ ହେବା ଜୀବନ୍ମୃତ୍ୟୁ ଅଟେ । ଦୁର୍ଗା ହେଉଛନ୍ତି 'ଇନ୍ଦ୍ରିୟାଣାମଧିଷ୍ଠାତ୍ରୀ ଭୂତାନାଂ ଚାଖିଳେଷୁ ଯା' (୫/୭୭)ଅର୍ଥାତ୍ ଦୁର୍ଗା ବ୍ରହ୍ମଚର୍ଯ୍ୟ ଶକ୍ତିରୂପରେ ଇନ୍ଦ୍ରିୟମାନଙ୍କର ନିୟନ୍ତ୍ରଣକାରିଣୀ । ଦୁର୍ଗା ବା ବ୍ରହ୍ମଚର୍ଯ୍ୟ ଶକ୍ତିକୁ ପୁରୁଷାକାର କରିବା ପାଇଁ ତାଙ୍କୁ ସିଂହବାହନ ଦିଆଯାଇଛି । ବ୍ରହ୍ମ– ମହାନ୍ ଚର୍ଯ୍ୟ–ଆଚରଣ । ଅଶ୍ଳୀଳ ଚିତ୍ର ଦେଖିବା ଚକ୍ଷୁର ସଂକୀର୍ଣ୍ଣ ଆଚରଣ, ଭଦ୍ର ଦୃଶ୍ୟ ଦେଖିବା ଚକ୍ଷୁର ମହାନ୍ ଆଚରଣ । ନିନ୍ଦା ଅପବାଦ ଶୁଣିବା ଦ୍ୱାରା କର୍ଣ୍ଣ ବ୍ୟଭିଚାରୀ ହୁଏ । ସଦ୍ ଉପଦେଶ ସ୍ତୁତି ପ୍ରାର୍ଥନା ଶୁଣୁଥିବା କର୍ଣ୍ଣ ବ୍ରହ୍ମଚାରୀ ହୁଏ । ପ୍ରତ୍ୟେକ ଇନ୍ଦ୍ରିୟ ବା ଦେବତା ବିଷୟାସକ୍ତି ସହିତ ନିରନ୍ତର ସଂଘର୍ଷ କରେ । ତାହା ଦେବାସୁର ସଂଗ୍ରାମ । ଭୋଗ ଓ ଆଳସ୍ୟ ରୂପକ ଅସୁର ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ଇନ୍ଦ୍ରିୟ ସମ୍ମୁଖରେ ଠିଆ ହୁଏ । ସମାହିତ ମନରେ ଇନ୍ଦ୍ରିୟ ସଂଯମ କରିବା ଫଳରେ ବ୍ରହ୍ମଚର୍ଯ୍ୟ ସୁରକ୍ଷିତ ରହେ । ଯେତେବେଳେ ଇନ୍ଦ୍ରିୟଗଣ ସଂଯତ ଓ ସମାହିତ ହୁଅନ୍ତି ସେତେବେଳେ ଦେହରେ ବ୍ରହ୍ମଚର୍ଯ୍ୟ ଶକ୍ତି ଉଦିତ ହୁଏ । ଦେହ ତେଜୀୟାନ୍ ହୁଏ । ଆଳସ୍ୟ ରୂପକ ମହିଷର ମର୍ଦ୍ଦନ ହୁଏ । ମୃତ୍ୟୁଦେବତାଙ୍କର ବାହନ ହେଉଛି ମହିଷ । ମହିଷ ବା ମଇଁଷି ଆଳସ୍ୟର ପ୍ରତୀକ । ଆଳସ୍ୟଗ୍ରସ୍ତ ବ୍ୟକ୍ତି ମୃତପ୍ରାୟ ଅଟେ ।

ଅନ୍ୟ ପକ୍ଷରେ ବୀର୍ଯ୍ୟସଂପନ୍ନ ବ୍ୟକ୍ତି କଦାପି ଦୈହିକ ଓ ମାନସିକ ଦୁର୍ବଳତା ଅନୁଭବ କରେ ନାହିଁ । ଇନ୍ଦ୍ର ଅର୍ଥାତ୍ ଆତ୍ମା ବ୍ରହ୍ମଚର୍ଯ୍ୟ ଦ୍ୱାରା ଇନ୍ଦ୍ରିୟଙ୍କ ମଧ୍ୟରେ ଶକ୍ତି ଓ ଉତ୍ସାହ ପ୍ରଦାନ କରେ । ସେ ସବୁବେଳେ ଉତ୍ସାହ, ମହତ୍ ଆକାଂକ୍ଷା ଓ କର୍ମ ତତ୍ପରତା ଦ୍ୱାରା ଜୀବନ୍ତ ଓ ସ୍ଫୂର୍ତ୍ତିମନ୍ତ ରହେ । ଆତ୍ମା ନିଜର ସ୍ୱରୂପ ଦର୍ଶନ କରେ । ନିଜର ସ୍ଥୂଳ ଶରୀରକୁ ଅତିକ୍ରମ କରି ନିଜକୁ ଅନ୍ତଃକରଣାବିଚ୍ଛିନ୍ନ ଚୈତନ୍ୟମୟ ଜୀବ ବୋଲି ଅନୁଭବ କରେ । ଏ ପ୍ରସଙ୍ଗରେ କୁହାଯାଇଛି : ଅୟଂ ଲୋକଃ ପ୍ରିୟତମଃ ଦେବାନାମ୍ ଅପରାଜିତଃ ॥ ଅର୍ଥାତ୍ ମନୁଷ୍ୟ ଦେହ ଦେବତାମାନଙ୍କର ପ୍ରିୟସ୍ଥଳ ଅଟେ । ବ୍ରହ୍ମଚର୍ଯ୍ୟ ଦ୍ୱାରା ତାକୁ ଦୃଢ଼ ଶକ୍ତ ଓ ସମର୍ଥ କରିପାରିଲେ ତାହା ବାହ୍ୟ ଶତ୍ରୁ ପାଇଁ ଅପରାଜେୟ ଦୁର୍ଗରେ ପରିଣତ ହୋଇଥାଏ । ସେହି ବ୍ରହ୍ମଚର୍ଯ୍ୟ ସୂକ୍ତ ଦ୍ୱାରା କୁହାଯାଇଛି : ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମପାଘ୍ନତ । ଏହାର ଭାବାର୍ଥ ହେଉଛି, ବ୍ରହ୍ମଚର୍ଯ୍ୟ ରୂପକ ତପ ଦ୍ୱାରା ଦେବ ଅର୍ଥାତ୍ ଇନ୍ଦ୍ରିୟମାନେ ମୃତ୍ୟୁ ଜୟ କରନ୍ତି । ଇନ୍ଦ୍ରିୟମାନଙ୍କର ଦୁର୍ବଳତା ଉପରେ ଜୟ ଲାଭ କରିବାକୁ ହେଲେ ବ୍ରହ୍ମଚର୍ଯ୍ୟ ପାଳନ କରିବା ପୂର୍ବକ ସିଂହର ପରାକ୍ରମ ପ୍ରଦର୍ଶନ ହେଉଛି ଦୁର୍ଗା ପୂଜାର ସନ୍ଦେଶ । କାରଣ ସୁରକ୍ଷିତ ବ୍ରହ୍ମଚର୍ଯ୍ୟ ମାନବ ଶକ୍ତିର ସର୍ବୋତ୍କୃଷ୍ଟ ଉତ୍ସ । ତେଣୁ ବ୍ରହ୍ମତେଜରୂପ କୃପା ବର୍ଷିବା ପାଇଁ ଦେବୀଙ୍କ ପ୍ରାର୍ଥନା କରାଯାଇଛି: ତୋଜୋସି ତେଜୋ ମୟି ଧେହି । ଅର୍ଥାତ୍ ହେ ଶକ୍ତିମୟୀ ! ମୋଠାରେ ଶକ୍ତି ଆଧାନ କର ।

**ଶ୍ରୀଚଣ୍ଡୀ ତଥା ଅନ୍ୟ ଗ୍ରନ୍ଥରେ ଦେବୀ ବିଶେଷ ଭାବରେ ତ୍ରିନେତ୍ରା :** ବିଶାଳ ନିରାକାର ଶକ୍ତିକୁ ଆମରି କ୍ଷୁଦ୍ର ଦେହରେ ଧାରଣ କରିବା ପାଇଁ ଆମେ ମୂର୍ତ୍ତିର ଆବଶ୍ୟକତା ଉପଲବ୍ଧି କରୁ । ଭାରତୀୟ ଚେତନାରେ ଭଗବତୀ ଶକ୍ତି ଆକାଶ ତୁଲ୍ୟ ସୁବିସ୍ତୃତ । ଆମେ ସାକାର ଜୀବ ତାକୁ ଆକାର ଭିତରକୁ ନଆଣିଲେ ଖୋଜି ପାଇବା ମୁସ୍କିଲ । ଉପନିଷଦରେ କୁହାଯାଇଛି–

ସେହି ନିରାକାର ଚେତନା ଯେ କି ଅଦ୍ୱିତୀୟ–ଅଖଣ୍ଡ–ଅରୂପ–ପରମବ୍ରହ୍ମ, ସାଧକର କଲ୍ୟାଣ ନିମନ୍ତେ ତାର ଇଚ୍ଛା ଅନୁସାରେ ରୂପ ପରିଗ୍ରହ କରିଥା'ନ୍ତି : ସାଧକାନାଂ ହିତାର୍ଥାୟ ବ୍ରହ୍ମଣୋ ରୂପକଳ୍ପନା । ଦୁର୍ଗାଦେବୀଙ୍କ ମୂର୍ତ୍ତିତତ୍ତ୍ୱ ରେ ଦୁର୍ଗା ସାଧାରଣତଃ ତ୍ରିନେତ୍ରା । ବାମ ଓ ଦକ୍ଷିଣ ନେତ୍ର ଦୁଇଟି ସମାନ୍ତରାଳ ଭାବେ ଥିଲାବେଳେ ମଧ୍ୟବର୍ତ୍ତୀ ଆଖିଟି ଉପରକୁ ଲମ୍ବ ଭାବରେ ଠିଆ ହୋଇଥାଏ । ତାଙ୍କର ଶହେ ଆଠ ନାମ ମଧ୍ୟରେ ତାଙ୍କର ଗୋଟିଏ ନାମ ହେଉଛି ତ୍ରିନେତ୍ରା :

ଓଁ ସତୀ ସାଧ୍ୱୀ ଭବପ୍ରୀତା ଭବାନୀ ଭବମୋଚନୀ ।
ଆର୍ଯ୍ୟା ଦୁର୍ଗା ଜୟା ଚାଦ୍ୟା ତ୍ରିନେତ୍ରା ଶୂଳଧାରିଣୀ ॥୨॥

ଦେବୀଙ୍କ କବଚ ଓ କୀଳକରେ ତାଙ୍କୁ ଯଥାକ୍ରମେ ତ୍ରିନେତ୍ରା ଓ ତିନିବେଦ ରୂପୀ ତିନି ଦିବ୍ୟଚକ୍ଷୁ ଧାରିଣୀ ବୋଲି ଉଲ୍ଲେଖ କରାଯାଇଛି । । ଋଗ୍‌ବେଦର ଦଶମ ମଣ୍ଡଳ ଦଶମ ଅଧ୍ୟାୟ ୧୨୭ ସୂକ୍ତରେ ରାତ୍ରିସୂକ୍ତ ଅଛି । ସେଠାରେ କୁହାଯାଇଛି: ଓଁ ରାତ୍ରୀ ବ୍ୟଖ୍ୟଦାୟତୀ ପୁରୁତ୍ରା ଦେବ୍ୟକ୍ଷଭିଃ । ବିଶ୍ୱା ଅଧି ଶ୍ରିୟୋଧିତ(୨)। ଅର୍ଥାତ୍ ପ୍ରକୃତିର ମହତତ୍ତ୍ୱ ଆଦି ରୂପ ବ୍ୟାପକ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଦେବୀ ସମସ୍ତ ପଦାର୍ଥକୁ ପ୍ରକାଶିତ କରୁଥା'ନ୍ତି । ଦେବୀ ନିଜ ଠାରୁ ଉତ୍ପନ୍ନ ହୋଇଥିବା ଜଗତର ଜୀବମାନଙ୍କ ଶୁଭାଶୁଭ କର୍ମଗୁଡ଼ିକୁ ଚକ୍ଷୁମାନଙ୍କ ଦ୍ୱାରା ବିଶେଷ ଭାବେରେ ଦେଖୁଥା'ନ୍ତି । ସେଗୁଡ଼ିକର ଅନୁରୂପ ଫଳର ବ୍ୟବସ୍ଥା ମଧ୍ୟ କରୁଥା'ନ୍ତି । 'ଶ୍ରୀଦେବ୍ୟଥର୍ବଶୀର୍ଷମ୍' ରେ ତାଙ୍କ ସ୍ତୁତିରେ ବର୍ଣ୍ଣନା କରାଯାଇଛି ଯେ ଦେବୀ ହାତରେ ପାଶ, ଅଙ୍କୁଶ ଧାରଣ କରିଥା'ନ୍ତି, ତାଙ୍କର ରୂପ ମନୋହର ଅଟେ, ସବୁବେଳେ ବରଦ ଓ ଅଭୟ ମୁଦ୍ରାରେ ଥା'ନ୍ତି, ରକ୍ତ ବସ୍ତ୍ର ପରିଧାନ କରିଥା'ନ୍ତି, ତିନି ନେତ୍ରରେ ସେ ଯୁକ୍ତ ହୋଇ କାମଧେନୁ ସମାନ ଭକ୍ତମାନଙ୍କର ମନୋରଥ ପୂର୍ଣ୍ଣ କରିଥା'ନ୍ତି । ଶ୍ରୀଚଣ୍ଡୀର ପ୍ରଥମ ଅଧ୍ୟାୟରେ ତାଙ୍କ ଧ୍ୟାନରେ ସେ ହାତରେ ଖଡ୍ଗ ,ଚକ୍ର, ଗଦା, ଧନୁଶର, ପରିଘ, ଶୂଳ, ଭୁଷୁଣ୍ଡୀ, ନରମୁଣ୍ଡ, ଶଙ୍ଖ ଧାରଣ କରିଥିବା ତଥା ସର୍ବାଙ୍ଗରେ ଦିବ୍ୟ ଆଭୂଷଣରେ ବିଭୂଷିତ ହୋଇଥିବା ତ୍ରିନେତ୍ରାଙ୍କୁ( ତ୍ରିନୟନାଂ) ମୁଁ ଧ୍ୟାନ କରୁଛି ବୋଲି ଉଲ୍ଲେଖ ରହିଛି । ତିନି ନେତ୍ରଯୁକ୍ତ ପରମେଶ୍ୱରୀ ଉଗ୍ରମୁଖମଣ୍ଡଳ ଯୁକ୍ତ, ଉଗ୍ରବୀର୍ଯ୍ୟ ମହାହନୁନାମକ ଦୈତ୍ୟକୁ ତ୍ରିଶୂଳରେ ହତ୍ୟା କଲେ(ତ୍ରିନେତ୍ରା ଚ ତ୍ରିଶୂଳେନ ୩/୧୯) ।

ଚତୁର୍ଥ ଅଧ୍ୟାୟର ଆରମ୍ଭରେ ଦେବତାମାନେ ଜୟା ନାମକ ଦୁର୍ଗାଦେବୀଙ୍କ ଧ୍ୟାନ କରୁଥିବାର ଦେଖାଯାଏ । ସେଠାରେ କୁହାଯାଇଛି ସିଦ୍ଧି ଇଚ୍ଛା କରୁଥିବା ପୁରୁଷମାନେ ଯାହାର ସେବା କରନ୍ତି, ଦେବତାମାନେ ଯାହାକୁ ସବୁ ଦିଗରୁ ଘେରି ରହିଥା'ନ୍ତି ଜୟା ନାମକ ସେହି ଦୁର୍ଗାଦେବୀଙ୍କୁ ଧ୍ୟାନ କରନ୍ତୁ । ତାଙ୍କର ଶ୍ରୀଅଙ୍ଗର ଆଭା କଳାମେଘ ସମାନ ଅଟେ । ସେ ନିଜର କଟାକ୍ଷରେ ଶତ୍ରୁସମୂହକୁ ଭୟ ପ୍ରଦାନ କରନ୍ତି । ତାଙ୍କର ମସ୍ତକ ଉପରେ ଆବଦ୍ଧ ଚନ୍ଦ୍ରମା ଶୋଭା ପାଉଛି । ସେ ନିଜ ହାତରେ ଶଙ୍ଖ, ଚକ୍ର, କୃପାଣ ଏବଂ ତ୍ରିଶୂଳ ଧାରଣ କରିଛନ୍ତି । ତାଙ୍କର ତିନି ନେତ୍ର ଅଛି । ସେ ସିଂହର କାନ୍ଧ ଉପରେ ଆରୋହଣ କରି ନିଜର ତେଜରେ ତିନି ଲୋକକୁ ପରିପୂର୍ଣ୍ଣ କରି ଦେଉଛନ୍ତି ।

ସେହିପରି ନିଶୁମ୍ଭ ବଧ ନବମ ଅଧ୍ୟାୟର ଧ୍ୟାନ ଶ୍ଳୋକରେ କୁହାଯାଇଛି–ମୁଁ ଅର୍ଦ୍ଧନାରୀଶ୍ୱରଙ୍କ ଶ୍ରୀବିଗ୍ରହଠାରେ ନିରନ୍ତର ଶରଣ ପଶୁଛି । ସେ ଦିଜ ଭୁଜରେ ସୁନ୍ଦର ଅକ୍ଷମାଳା, ପାଶ, ଅଙ୍କୁଶ ଓ ବରଦ–ମୁଦ୍ରା ଧାରଣ କରିଛନ୍ତି । ଅର୍ଦ୍ଧଚନ୍ଦ୍ର ତାଙ୍କର ଆଭୂଷଣ ଅଟେ । ତ୍ରିନେତ୍ର ଶୋଭିତ ତାଙ୍କର ଶରୀରକୁ (ତ୍ରିନେତ୍ରଂ ...ବପୁରାଶ୍ରୟାମି) ମୁଁ ଆଶ୍ରୟ କରୁଛି । ଦୁର୍ଗାଦେବୀଙ୍କ ବହୁ ପରିଚିତ ବନ୍ଦନା ଶ୍ଳୋକଟିର ଅର୍ଥ ହେଉଛି–ହେ ନାରାୟଣୀ ! ତୁମେ ସବୁପ୍ରକାର ମଙ୍ଗଳ ପ୍ରଦାନକାରିଣୀ ମଙ୍ଗଳମୟୀ ଅଟ । ତୁମେ କଲ୍ୟାଣଦାୟିନୀ ଶିବା ଅଟ । ସବୁ ପ୍ରକାର ପୁରୁଷାର୍ଥ ସିଦ୍ଧ କାରଣୀ, ଶରଣାଗତ ବତ୍ସଳା ଓ ତିନି ନେତ୍ରଯୁକ୍ତ ଗୌରୀ ଅଟ ।

ଦ୍ୱାଦଶ ଅଧ୍ୟାୟର ଆଦ୍ୟରେ ଦେବୀଙ୍କର ଶ୍ରୀଅଙ୍ଗ ଶୋଭା ବିଜୁଳି ସମାନ ଓ ସେ ସିଂହ ଉପରେ ଉପବିଷ୍ଟ ହୋଇ ଅତ୍ୟନ୍ତ ଭୟଙ୍କର ପ୍ରତୀତ ହୁଅନ୍ତି ବୋଲି ବର୍ଣ୍ଣନା ରହିଛି । ତାଙ୍କର ସ୍ୱରୂପ ଅଗ୍ନିମୟ । ତ୍ରିନେତ୍ର ଶୋଭିତ ଦୁର୍ଗାଦେବୀଙ୍କୁ ମୁଁ ଧ୍ୟାନ କରୁଛି : ଦୁର୍ଗାଂ ତ୍ରିନେତ୍ରାଂ ଭଜେ । ଏହିପରି ତ୍ରୟୋଦଶ ଅଧ୍ୟାୟରେ ମଧ୍ୟ ତ୍ରିଲୋଚନାଂ ..ଶିବାଂ ଭଜେ ବୋଲି ଉଲ୍ଲେଖ କରାଯାଇଛି । ଏକାଦଶ ଅଧ୍ୟାୟରେ ଭୁବନେଶ୍ୱରୀଙ୍କ ସ୍ତୁତିରେ ଦେବତାମାନେ କହିଛନ୍ତି ତୁମର ଆଭା ପ୍ରଭାତକାଳୀନ ସୂର୍ଯ୍ୟଙ୍କ ପରି । ତାଙ୍କ ମଥାରେ ଚନ୍ଦ୍ରମାଙ୍କ ମୁକୁଟ । ମୁଖମଣ୍ଡଳରେ ସ୍ମିତ ହାସ୍ୟର ରେଖା । ସେ ତୁଙ୍ଗସ୍ତନୀ । ତ୍ରିନେତ୍ରଧାରଣୀ (ନୟନତ୍ରୟଯୁକ୍ତାଂ ...)

**ଉପାସକମାନଙ୍କ ଆକୁଳ ପ୍ରାର୍ଥନାରେ ଦେବୀ ଶତାକ୍ଷୀ ହେଲେ :** ଦୁର୍ଗମାସୁର ନାମରେ ଜଣେ ଦୁର୍ଦ୍ଧର୍ଷ ରାକ୍ଷସ ଥିଲା । ସେ ବ୍ରହ୍ମାଙ୍କ ବର ବଳରେ ବଳିୟାନ ହୋଇ ବେଦଗୁଡ଼ିକୁ ହସ୍ତଗତ କଲା । କ୍ରମଶଃ ଦେବତାମାନଙ୍କର ଯାଗଯଜ୍ଞ ବନ୍ଦ ହେବାକୁ ଲାଗିଲା । ମନ୍ତ୍ରଶକ୍ତି ବିନା ବ୍ରାହ୍ମଣମାନେ ପଥଚ୍ୟୁତ ହେଲେ । ସକଳ ଦେବ ଓ ପିତୃକାର୍ଯ୍ୟର ଅନୁଷ୍ଠାନ ବନ୍ଦ ହୋଇଗଲା । ପୃଥିବୀରେ ଶହେ ବର୍ଷ ପର୍ଯ୍ୟନ୍ତ ଅନାବୃଷ୍ଟି ଦେଖା ଦେଲା । ସ୍ୱର୍ଗ,

ମର୍ତ୍ତ୍ୟ ପାତାଳ ତିନି ପୁରରେ ହାହାକାର ଖେଳିଗଲା । ସମସ୍ତ ଜଳାଶୟ ଶୂନ୍ୟ ହୋଇଗଲା । ପାଣିର ଘୋର ଅଭାବରେ ପ୍ରାଣୀମାନେ କ୍ଷୁଧାତୃଷାରେ ପ୍ରାଣ ତ୍ୟାଗ କରିବାକୁ ଲାଗିଲେ । ଆସୁରିକ ସ୍ୱଭାବ ସଂପନ୍ନ ବ୍ୟକ୍ତି ଅନ୍ୟ ଦୁଃଖରେ ସୁଖୀ ହେବା ନ୍ୟାୟରେ ଦୁର୍ଗମ ଜଗତ ଦୁଃଖରେ ଅତ୍ୟନ୍ତ ଆନନ୍ଦିତ ହେଲା । ଅନନ୍ୟୋପୟ ହୋଇ ଅତିଷ୍ଠ ଦେବଗଣ ଭୟରେ ବାସ ତ୍ୟାଗ କଲେ । କ୍ଷୁଧା ତୃଷାରେ ଆତୁର ହୋଇ ହିମାଳୟ ପର୍ବତରେ ଶକ୍ତିଭୂତା ସନାତନୀ ଭଗବତୀ ମହେଶ୍ୱରୀଙ୍କୁ ସ୍ମରଣ କଲେ(କ୍ଷୁଧାତୃଷାର୍ତ୍ତା ଜନନୀଂ ସ୍ମରନ୍ତି) । ବ୍ରାହ୍ମଣ ଓ ମୁନିମାନେ ମଧ୍ୟ ଜଗତ କଲ୍ୟାଣ ନିମିତ୍ତ ଦେବୀଙ୍କୁ ଉପାସନା ଓ ପ୍ରାର୍ଥନା କଲେ । ସନ୍ତାନମାନଙ୍କ ଦୁର୍ଦ୍ଦଶାରେ ମାଆଙ୍କର ହୃଦୟ ବିଚଳିତ ହୋଇଗଲା । ଦୈତ୍ୟର ପ୍ରାଦୁର୍ଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରି ଯାଇଥିଲା ଯେ ମମତାମୟୀ ମା'ର ତିନି ଚକ୍ଷୁ ଶତ ଚକ୍ଷୁରେ ପରିଣତ ହୋଇ ସହସ୍ର ଧାରାରେ ଅଶ୍ରୁଜଳ ପ୍ରବାହିତ ହେବାକୁ ଲାଗିଲା । ଉକ୍ତ ଅଶ୍ରୁ ତିନି ଲୋକରେ ବୃଷ୍ଟିର ରୂପ ନେଲା । ଉକ୍ତ ଜଳରାଶି ଦ୍ୱାରା ଭୂପୃଷ୍ଠର ସମସ୍ତ ପ୍ରାଣୀ ପରିତୃପ୍ତ ହେଲେ । ସାଗର ଓ ନଦୀମାନଙ୍କରେ ଯଥେଷ୍ଟ ଜଳରାଶି ପରିପୂର୍ଣ୍ଣ ହେଲା । ତା' ପରେ ମନୁଷ୍ୟମାନେ ତାଙ୍କୁ ଶତାକ୍ଷୀ ବୋଲି ନାମ କୀର୍ତ୍ତନ କଲେ ।

ସେତେବେଳେ ତାଙ୍କ ବର୍ଷାବାରିର କୃପାରେ ସକଳ ବୃକ୍ଷଲତା ପରିତୃପ୍ତ ହେଲେ । ଶରୀରରୁ ଉତ୍ପନ୍ନ ଶାକ(ଫଳମୂଳ) ଦ୍ୱାରା ସେ ସଂସାରର ଭରଣ ପୋଷଣ କଲେ । ସମସ୍ତଙ୍କ ମନ ଜାଣି ନାନାଦି ଶାକ ଓ ସ୍ୱାଦିଷ୍ଟ ଫଳ ବାଣ୍ଟିଲେ ଓ ଖୁଆଇଲେ । ଯେ ପର୍ଯ୍ୟନ୍ତ ବର୍ଷା ହୋଇ ନଥିଲା ସେ ପର୍ଯ୍ୟନ୍ତ ସେହି ଶାକ ହିଁ ସମସ୍ତଙ୍କର ପ୍ରାଣରକ୍ଷା କରିଥିଲା । ଏହି କାରଣରୁ ପୃଥିବୀରେ ଦେବୀ 'ଶାକମ୍ଭରୀ' ନାମରେ ଖ୍ୟାତି ହେଲେ । ଉପଯୁକ୍ତ ସମୟରେ ଦୁର୍ଗମାସୁରର କୁପ୍ରବୃତ୍ତିକୁ ବିନାଶ କରି ତାକୁ ଉଦ୍ଧାର କଲେ । ଦୁର୍ଗମାସୁରକୁ ଉଦ୍ଧାର କରିଥିବାରୁ ସେ ଦୁର୍ଗା ନାମରେ ପ୍ରସିଦ୍ଧି ଲାଭ କଲେ ।

ଦୁର୍ଗା ତ୍ରିସହସ୍ର ନେତ୍ରା : ବେଦରେ ପୁରୁଷ ଅର୍ଥାତ୍ ବ୍ରହ୍ମଙ୍କୁ ସହସ୍ର ଶୀର୍ଷା, ସହସ୍ରାକ୍ଷ, ସହସ୍ରପାଦ ରୂପରେ ବର୍ଣ୍ଣନା କରାଯାଇଛି:

**ଶୁକ୍ଳଯଜୁର୍ବେଦର ପୁରୁଷ ସୂକ୍ତରେ କୁହାଯାଇଛି :** ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ । ଅର୍ଥାତ୍ ପରମ ପୁରୁଷଙ୍କର ହଜାର ହଜାର ମସ୍ତକ, ହଜାର ହଜାର ଆଖି ଓ ହଜାର ହଜାର ପାଦ ରହିଛି । ସେ ସର୍ବବ୍ୟାପୀ । ପ୍ରାଣୀଙ୍କ ଶରୀର ମଧ୍ୟରେ ଦଶାଙ୍ଗୁଳ ସ୍ଥାନ ଅଧିକାର କରି ବିଜ୍ଞାନ ସ୍ୱରୂପ ବିଦ୍ୟମାନ । ଦେବୀ ଭାଗବତରେ ମଧ୍ୟ ଦେବୀଙ୍କ ସମ୍ବନ୍ଧରେ ଅନୁରୂପ ବର୍ଣ୍ଣନା ରହିଛି :

ସହସ୍ରନୟନା ରାମା ସହସ୍ରକରସଂଯଯୁତା ।
ସହସ୍ରବଦନା ରମ୍ୟା ଭାତି ଦୂରାଦସଂଶୟମ୍ ॥

ଅନୁରୂପ ଭାବେ ଦେବୀ ମଧ୍ୟ ସମର କାଳରେ ଅନନ୍ତ ଶିର, ଅନନ୍ତ ନେତ୍ର, ଅନନ୍ତ ବାହୁ, ଅନନ୍ତ ପାଦ ଓ ଅନନ୍ତ ଶକ୍ତିରେ ପରବେଷ୍ଟିତ ହୋଇ ଅନନ୍ତ ଶସ୍ତ୍ର ଧାରଣ ପୂର୍ବକ ବିଶ୍ୱ ରୂପ ଧାରଣ କରି ଦୁଷ୍ଟ ସଂହାର କରିଥା'ନ୍ତି ।

ଏଠାରେ ସହସ୍ର ଶବ୍ଦ ବହୁବାଚକ । ଅଗଣିତା ଅସଂଖ୍ୟ । ଶିର ଗ୍ରହଣ କରିବା ଦ୍ୱାରା ଉପଲକ୍ଷଣରେ ସବୁ ଅବୟବକୁ ବୁଝାଉଛି ।

ଅର୍ଥାତ୍ ଯାହା ସବୁ ପ୍ରାଣୀଙ୍କର ଶିରସମୂହ ତାହା ସବୁ ତାଙ୍କ ଦେହ ଅନ୍ତର୍ଗତ । ନେତ୍ର କହିବା ଦ୍ୱାରା ସବୁ ଜ୍ଞାନେନ୍ଦ୍ରିୟକୁ ଇଙ୍ଗିତ କରାଯାଉଛି ଓ ସହସ୍ରପାଦ ଗ୍ରହଣ କରିବା ଦ୍ୱାରା ସବୁ କର୍ମେନ୍ଦ୍ରିୟକୁ ଉପଲକ୍ଷ୍ୟ କରାଯାଉଛି । ସାଂଖ୍ୟ ଦର୍ଶନରେ ଆତ୍ମା ପୁରୁଷ । ଇନ୍ଦ୍ରିୟ, ମନ, ବୁଦ୍ଧି, ଅହଂକାର(ସୂକ୍ଷ୍ମ ଶରୀର) ହେଉଛି ପ୍ରକୃତି । ଆତ୍ମା ଯେପରି ପରମାତ୍ମାଙ୍କ ଅଂଶ, ବ୍ୟକ୍ତିର ସୂକ୍ଷ୍ମ ଶରୀର ବା ପ୍ରକୃତି ମଧ୍ୟ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ । ପ୍ରଥମେ ଦେବୀଙ୍କୁ ପ୍ରକୃତି ବା ମହାମାୟା ରୂପେ ଚିନ୍ତା କରାଯାଉଥିଲା । କ୍ରମେ ତାଙ୍କୁ ପୁରୁଷ ବା ବ୍ରହ୍ମରୂପେ ମଧ୍ୟ ଚିନ୍ତା କରାଗଲା । ପୁରୁଷ ଓ ପ୍ରକୃତି ମଧ୍ୟରେ କୌଣସି ଭେଦ ନାହିଁ । ଏହା ଦେବୀ ନିଜ ମୁଖରେ ପ୍ରକାଶ କରିଛନ୍ତି ।

ମାଶ୍ଚ ମୋହାର୍ଥବଚନୋ ଯାଶ୍ଚ ପ୍ରାପଣବାଚନଃ ।
ତଂ ପ୍ରାପୟତି ଯା ନିତ୍ୟଂ ସା ମାୟା ପରିକୀର୍ତ୍ତିତା ॥

ଏହାର ଭାବାର୍ଥ ହେଉଛି ମା'ଅର୍ଥ ମୋହ । ୟା' ଅର୍ଥ ଯିଏ ପ୍ରାପ୍ତ କରାଏ । ଯିଏ ନିତ୍ୟପ୍ରତିଦିନ ପ୍ରାଣୀମାନଙ୍କୁ ମୋହଗ୍ରସ୍ତ କରାନ୍ତି ସିଏ ମାୟା । ଶକ୍ତି ଓ ଶକ୍ତିମାନ୍ ସର୍ବଦା ଅଭିନ୍ନ । ମହାମାୟା ହେଉଛନ୍ତି ଯୋଗମାୟା । ବିଷ୍ଣୁ ଯୋଗମାୟା ଦ୍ୱାରା ସମାବୃତ୍ତ । ଶ୍ରୀଚଣ୍ଡୀରେ ଶୁମ୍ଭ ନିଧନ ପରେ ଦେବତାମାନେ କାତ୍ୟାୟନୀଙ୍କୁ ସ୍ତୁତି କରିଛନ୍ତି : ହେ ଦେବୀ ! ତୁମ ମସ୍ତକରେ ମୁକୁଟ ଓ ହାତରେ ମହାବଜ୍ର ବିଦ୍ୟମାନ । ସହସ୍ର ନେତ୍ର ଯୋଗୁଁ ତୁମେ ଉଦୀପ୍ତ ଦେଖାଯାଉ ଅଛ ।

**ଦେବୀଙ୍କୁ ସହସ୍ରନେତ୍ରା କହିବା ଅର୍ଥ ସେ ସର୍ବବ୍ୟାପୀ :** ଦେବୀଙ୍କୁ ସହସ୍ରନେତ୍ର କହିବାର ତାତ୍ପର୍ଯ୍ୟ ସେ ସବୁ ଦେଖନ୍ତି । ସେ

ସବୁ ଜାଣନ୍ତି । ଅନ୍ତର୍ଯ୍ୟାମୀ । ଦୁରାତ୍ମା ମହିଷାସୁର ତଥା ତାର ଦୈତ୍ୟସେନା ଦେବୀଙ୍କ ହାତରେ ନିହତ ହେଲା ପରେ ଦେବତାମାନେ ଶିର ଓ ଗ୍ରୀବା ତଳକୁ କରି ଭଗବତୀ ଦୁର୍ଗାଙ୍କର ସ୍ତବନ କରିବାକୁ ଲାଗିଲେ–ସଂପୂର୍ଣ୍ଣ ଦେବତାମାନଙ୍କର ଶକ୍ତି ସମୁଦାୟ ଯାହାର ସ୍ୱରୂପ ଅଟେ, ଯେଉଁ ଦେବୀଙ୍କର ଶକ୍ତି ସଂପୂର୍ଣ୍ଣ ଜଗତରେ ପରିବ୍ୟାପ୍ତ ହୋଇଛି, ସମସ୍ତ ଦେବତା ତଥା ମହର୍ଷିମାନେ ପୂଜନୀୟା ସେହି ଜଗଦମ୍ବାଙ୍କୁ ଭକ୍ତି ପୂର୍ବକ ନମସ୍କାର କରୁଛନ୍ତି : ହେତୁଃ ସମସ୍ତଜଗତାଂ ..(୪/୭) ।

ବାସ୍ତବରେ ମା'ର ବିଭୂତି ମାଟିରୁ ଆକାଶ ପର୍ଯ୍ୟନ୍ତ ଲମ୍ବିଥାଏ, ପାଣିରେ ବହି ପବନରେ ଉଡୁଥାଏ, ଆଲୁଅରେ ଝଲସିଥାଏ ପୁଣି ଆକାଶରେ ନୀଳରଙ୍ଗ ହୋଇ ମିଶି ରହିଥାଏ ।

ତ୍ରିନେତ୍ରରେ ଦେବୀଙ୍କ ଶାତିଶୟ ଶୋଭା : ତିନି ନେତ୍ରରେ ମଣ୍ଡିତ ମୁଖମଣ୍ଡଳରେ ପଦ୍ମର ଶୋଭା (ତ୍ରିନେତ୍ର–ବିଳସତ୍–ବକ୍ତାରବିନ୍ଦଶ୍ରିୟଂ..) ଚମକୁ ଥିଲା । ଶ୍ରୀଦୁର୍ଗା ମାନସପୂଜା ପ୍ରସଙ୍ଗରେ ଉଲ୍ଲେଖ ଅଛି ଯେ ଦୁର୍ଗାଙ୍କ ଯେଉଁ ନେତ୍ର ତାହା ଅତ୍ୟନ୍ତ ସୁନ୍ଦର ପଦ୍ମପତ୍ରର ଶୋଭାକୁ ତିରସ୍କାର କରିଥାଏ (ଉଜ୍ଜ୍ୱଳୋତ୍ପଳ ଶ୍ରୀମୋଚଦେ ଲୋଚନେ–୭) । ତ୍ରିନେତ୍ରରେ ଦୁର୍ଗାଦେବୀଙ୍କ ଶୋଭା ବହୁଗୁଣିତ ହେଉଥିଲା ବୋଲି ତୃତୀୟ ଅଧ୍ୟାୟରେ ସ୍ତୁତି କରାଯାଇଛି । ଜଗଦମ୍ବାଙ୍କ ଶ୍ରୀଅଙ୍ଗର କାନ୍ତି ଉଦୟକାଳୀନ ସହସ୍ର ସୂର୍ଯ୍ୟଙ୍କ ପରି ସମାନ ଥିଲା । ସେ ଲାଲ ରଙ୍ଗର ରେଶମୀ ଶାଢୀ ପରିଧାନ କରିଥିଲେ । ତାଙ୍କ ଗଳାରେ ମୁଣ୍ଡମାଳା ଶୋଭା ପାଉଥିଲା । ଦୁଇଟି ସ୍ତନ ଉପରେ ରକ୍ତଚନ୍ଦନର ପ୍ରଲେପ ଲଗାଯାଇଥିଲା । ସେ ନିଜ କରକମଳରେ ଜପମାଳା, ବିଦ୍ୟା, ଅଭୟ ତଥା ବର ନାମକ ମୁଦ୍ରା ଧାରଣ କରିଥିଲେ । ମସ୍ତକରେ ଚନ୍ଦ୍ରମା ସହିତ ରତ୍ନମୟ ମୁକୁଟ ବନ୍ଧା ଯାଇଥିଲା । ଦେବୀ କମଳ ଆସନ ଉପରେ ବିରାଜମାନ କରିଥିଲେ । ସ୍ତ୍ରୀମାନଙ୍କ ମଧ୍ୟରେ ଦେବୀ ରତ୍ନ । ତାଙ୍କର ପ୍ରତ୍ୟେକ ଅଙ୍ଗ ବହୁତ ସୁନ୍ଦର । ସେ ନିଜର ଶ୍ରୀଅଙ୍ଗ ପ୍ରଭାରେ ସଂପୂର୍ଣ୍ଣ ଦିଗମାନଙ୍କରେ ପ୍ରକାଶ ଭରି ଦେଉଥିଲେ । ସେହି ସ୍ତ୍ରୀ ରତ୍ନ କଲ୍ୟାଣୀ ।

**ଦୁର୍ଗାଦେବୀଙ୍କ ତନୋଟି ନେତ୍ର ପ୍ରତୀକାତ୍ମକ :** ଦେବୀଙ୍କ ନେତ୍ରଜ୍ୟୋତି ହିଁ ପରମ ଶକ୍ତି । ଯିଏ ସକଳ ଜଗତକୁ ରଚନା କରିବାରେ ସମର୍ଥ(କର୍ତ୍ତୁଂ ଶକ୍ନୋତି) ସେହିପରି ଈଶ୍ୱରୀ ହେଉଛନ୍ତି ଶକ୍ତି । ନିରବ ଚକ୍ଷୁରେ ହିଁ ଭରି ରହିଛି ଅପୂର୍ବ ଅନୁଶାସିକା କର୍ତ୍ତୃତ୍ୱ । ବ୍ରହ୍ମାଙ୍କ ସ୍ତୁତିରେ ଦୁର୍ଗାଦେବୀଙ୍କ ଅନେକ ସ୍ୱରୂପ ପ୍ରକଟିତ ହୋଇଥାଏ । ଦୁର୍ଗା ଅ–ଉ–ମ ତ୍ରିବିଧ ମାତ୍ରା ରୂପେ ଅବସ୍ଥିତା ପ୍ରଣବ ସ୍ୱରୂପା । ଅବତି ଇତି ଓଁ । ଅର୍ଥାତ୍ ଯିଏ ସୃଷ୍ଟି ରକ୍ଷା କରନ୍ତି ସେ ଓଁକାରମୟୀ । ଜଗତ୍‌ସ୍ୱରୂପା । ସର୍ବ ବସ୍ତୁର ପ୍ରକାଶ ରୂପେ ସେ ନିଜକୁ ଜଗତ୍ ରୂପେ ପ୍ରକାଶ କରିଛନ୍ତି ।

ସେ ଜଗତର ତେଜରୂପା ଚକ୍ଷୁସ୍ୱରୂପା । ଦୁର୍ଗାଙ୍କ ବାମ ନୟନ ଯାହା କି ଚନ୍ଦ୍ରଙ୍କ ଠାରୁ ଉତ୍ପନ୍ନ ଅଭିଳାଷର ପ୍ରତିନିଧିତ୍ୱ କରେ । ମହାଭାରତରେ ବର୍ଣ୍ଣନା ଅଛି : ଆଦିତ୍ୟଚନ୍ଦ୍ରା ବନିଳୋନଳଶ୍ଚ .....ଜାନାତି ନରସ୍ୟ ବୃତ୍ତମ୍ । ଅର୍ଥାତ୍ ମଣିଷ ଯେଉଁ ସବୁ କାର୍ଯ୍ୟକଳାପ ସଂପାଦନ କରେ ତାହାର ସାକ୍ଷୀ ରୂପେ ସୂର୍ଯ୍ୟ ଚନ୍ଦ୍ର ବାୟୁ ଅଗ୍ନି ଧର୍ମ ପ୍ରଭୃତି ଦେଖୁଥା'ନ୍ତି । ଚନ୍ଦ୍ରର ଅର୍ଥରେ କୁହାଯାଇଛି ଯଃ ଚନ୍ଦତି ଚନ୍ଦୟତି ବା ସ ଚନ୍ଦ୍ରଃ । ଅର୍ଥାତ୍ ପରମେଶ୍ୱର ଆନନ୍ଦ ସ୍ୱରୂପ ହୋଇଥିବାରୁ ଏବଂ ସମସ୍ତଙ୍କୁ ଆନନ୍ଦ ଦେଉଥିବାରୁ ତାଙ୍କ ନାମ ଚନ୍ଦ୍ର । ଚନ୍ଦ୍ର ମଧ୍ୟ ମନର ଅଧିଷ୍ଠିତ ଦେବତା । ଦେବୀ ତାଙ୍କ ଭକ୍ତ ମନର ଅଭିଳାଷ ପୂରଣ କରି କୃତାର୍ଥ କରିଥାନ୍ତି । ଇଚ୍ଛା ବା ଅଭିଳାଷର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି –ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଓ ଜ୍ଞାନ – ଏହି ଛଅଟି ଗୁଣକର୍ମ ଜୀବାତ୍ମାର । ପରମାତ୍ମାଙ୍କର ନୁହେଁ । ଦୁର୍ଗାଙ୍କର ଦକ୍ଷିଣନେତ୍ର ସୂର୍ଯ୍ୟଦେବତାଙ୍କ ଠାରୁ ଉଦ୍ଭବ । ଏହା କ୍ରିୟାର ପ୍ରତୀକ । ସରତି ଆକାଶେ ଇତି ସୂର୍ଯ୍ୟଃ । ଅର୍ଥାତ୍ ଆକାଶ ଭଳି ବିଶାଳତାରେ ଯିଏ ବିଚରଣ କରେ ନିର୍ଲିପ୍ତ ଭାବରେ ସେ ପ୍ରକୃତ ଦୁର୍ଗାଙ୍କ କୃପା ଲାଭ କରିପାରେ । ସତ୍ୟାର୍ଥପ୍ରକାଶ ଗ୍ରନ୍ଥରେ କୁହାଯାଇଛି ଯିଏ ସମସ୍ତ ଜଗତକୁ ପ୍ରକାଶିତ କରନ୍ତି ସେହି ଈଶ୍ୱରଙ୍କ ନାମ ଆକାଶ । ପୁନଶ୍ଚ କର୍ମଣି ଲୋକଂ ସୁବତି(ପ୍ରେରୟତି ବା) ଇତି ସୂର୍ଯ୍ୟ । ସୂର୍ଯ୍ୟଙ୍କ ପରି ଦୁର୍ଗାଙ୍କ ଦକ୍ଷିଣ ନେତ୍ର ଭକ୍ତମାନଙ୍କୁ ଉତ୍ତମ କର୍ମ ପାଇଁ ନୂତନ ଉତ୍ସାହ ଯୋଗାଇଥାଏ । କ୍ରିୟା ଶକ୍ତି : ତାଙ୍କର ସୃଷ୍ଟି ରକ୍ଷା ପାଇଁ ଦେବୀ ମଣିଷମାନଙ୍କୁ ମୋହାବିଷ୍ଟ କରି ରଖିଛନ୍ତି । ଫଳତଃ ଜୀବ ଜନ୍ମ ହୋଇ ତା'ର ପ୍ରାରବ୍ଧ କର୍ମଫଳ ଭୋଗ କରିବା ସହିତ କ୍ରିୟମାଣ କର୍ମମାନ କରି ତା'ର ସଞ୍ଚିତ କର୍ମଭଣ୍ଡାରକୁ ବଢାଇ ଚାଲିଛି । ଯାହା ଫଳରେ ତାକୁ ବାରମ୍ବାର ଜନ୍ମ ନେବାକୁ ପଡ଼ିଥାଏ ଓ ମୃତ୍ୟୁ ଲୋକରେ ବିଶ୍ରାମ ନେଇ ପୁନର୍ବାର ଜନ୍ମ ନେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ । ଯଜୁର୍ବେଦ(୧୩/୪୬)ରେ ବର୍ଣ୍ଣନା ରହିଛି, ଯିଏ ଚେତନ ଅଚେତନ ସମସ୍ତଙ୍କର ଆତ୍ମା ଏବଂ ନିଜର ପ୍ରକାଶରେ ସକଳ ବ୍ରହ୍ମାଣ୍ଡକୁ ପ୍ରକାଶିତ କରନ୍ତି , ସେ ସୂର୍ଯ୍ୟ । ସୂର୍ଯ୍ୟଙ୍କର ନ୍ୟାୟ, ଧର୍ମ ଓ ବିଦ୍ୟାରୂପୀ ଗୁଣଧର୍ମ ଚକ୍ଷୁରେ ସନ୍ନିହିତ ରହିବା ସ୍ୱଭାବିକ । ଏହା ବ୍ୟତୀତ ସୂର୍ଯ୍ୟଙ୍କର ଯେଉଁ ହଂସ ମିତ୍ର ଓ ଅରୁଣ ନାମ ସବୁ ରହିଛି ତାହା ନାନା ଭାବରେ ଦୁର୍ଗା ଉପାସକମାନଙ୍କୁ ଉଦ୍‌ବୁଦ୍ଧ କରିଥାଏ ।

ଦୁର୍ଗାଙ୍କ ମଧ୍ୟନେତ୍ର ଅଗ୍ନି ଦେବତାଙ୍କ ଠାରୁ ସୃଷ୍ଟ । ଏହା ଜ୍ଞାନର ବାର୍ତ୍ତା ବହନ କରେ । ପରମେଶ୍ୱର ପ୍ରକାଶ ସ୍ୱରୂପ ହୋଇଥିବାରୁ ତାଙ୍କ ନାମ ଅଗ୍ନି । ବେଦରେ ଅଗ୍ନିଙ୍କ ବହୁ ଗୁଣାବଳୀ ବର୍ଣ୍ଣିତ ରହିଛି । ଅଦ୍ଭୁତ କୀର୍ତ୍ତି ସଂପନ୍ନ ଅଗ୍ନି ଦୁଷ୍ଟମାନଙ୍କୁ ଧ୍ୱଂସ କରନ୍ତି । ଅନ୍ଧକାର ଦୂର କରି ସେ ସୃଷ୍ଟିର ନିୟମ ରକ୍ଷା କରନ୍ତି । ଯଜ୍ଞର ଫଳ ସ୍ୱରୂପ ସେ ରତ୍ନଧାରଣ କରି ଭକ୍ତ କୁଳର କଲ୍ୟାଣ ସାଧନ କରନ୍ତି । ଅଗ୍ନିଙ୍କର ପାଚକ ଦାହକ ଓ ପ୍ରକାଶକ ତ୍ରିବିଧ ଶକ୍ତି ରହିଲା ପରି ଦୁର୍ଗାଦେବୀଙ୍କର ମଧ୍ୟ ହ୍ଲାଦିନୀ ସମ୍ବିତ୍ ଓ ସନ୍ଧିନୀ ଶକ୍ତି ରହିଛି । ସତ୍ କ୍ରିୟାଶୀଳ ହେଲେ ସନ୍ଧିନୀ ବା ତ୍ରିକାଳ ବିଚ୍ଛେଦ ବୁଝାଏ, ଚିତ୍ କ୍ରିୟାଶୀଳ ହେଲେ ସମ୍ବିତ୍ ବା ବିଦ୍ୟାଶକ୍ତି ପ୍ରଦାନ କରାଏ, ଆନନ୍ଦ କ୍ରିୟାଶୀଳ ହେଲେ ଆହ୍ଲାଦିନୀ ବା ଆନନ୍ଦ ପ୍ରଦାନ କରାଏ । ଅଗ୍ନି ଶବ୍ଦର ଅର୍ଥ ହେଉଛି – ଅଙ୍ଗତି ଊର୍ଦ୍ଧ୍ୱଂ ଗଚ୍ଛତି ଇତି । ଅଗ୍ନିର ଶିଖା ଊର୍ଦ୍ଧ୍ୱମୁଖୀ । ଦୁର୍ଗା ଉପାସନା ଉପାସକକୁ ସ୍ଥିତ ଅବସ୍ଥାରୁ ଉପରକୁ ଉଠାଇଥାଏ । ଯେହେତୁ ଅଗ୍ନି ସତ୍ୟ ସ୍ୱରୂପ ଓ ଜ୍ଞାନ ସ୍ୱରୂପ ଓ ସମସ୍ତ ବିଷୟ ଜାଣିଲା ବାଲା ତାଙ୍କର ଉପାସନା କରିବା ଦ୍ୱାରା ଭକ୍ତର ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀକୁ ବଦଳି ଯାଇଥାଏ । ଅଗ୍ନିର ଅନ୍ୟ ନାମ ଅନଳ । ନାସ୍ତି ଅଳଃ (ତୃପ୍ତିଃ) ଯସ୍ୟ । ଅର୍ଥାତ୍ ଦାହ୍ୟବସ୍ତୁ ଦହନେ ଯହାର ତୃପ୍ତି ନଥାଏ । ସେହିପରି ଏହି ସଂସାରରେ ଯେତେସବୁ ଭୋଗ୍ୟ ପଦାର୍ଥ ରହିଛି ଜଣେ ଭୋଗୀ ପାଇଁ ଯଥେଷ୍ଟ ନୁହେଁ ବୋଲି ଭାବି ବିଷୟ ଭୋଗରୁ ନିଜକୁ ନିବୃତ୍ତ ରଖିବା ଚାହି । ଅଗ୍ନି ନରର କାର୍ଯ୍ୟକଳାପର ସାକ୍ଷୀ ବୋଲି ମହାଭାରତରେ କୁହାଯାଇଛି । ଏହି ସର୍ବସାକ୍ଷୀ ଗୁଣକୁ ମନେରଖି ବ୍ୟକ୍ତି ଆତ୍ମସଚେତନ ହୋଇଥାଏ । ତିନି ନୟନ ମଧ୍ୟରେ ଏକ ଅପୂର୍ବ ସମନ୍ୱୟ ରହିଛି । ବାମ ନୟନ ଅଭିଳାଷ ଦକ୍ଷିଣ ନୟନ କ୍ରିୟାର ପ୍ରତିନିଧିତ୍ୱ କଲାବେଳେ ତୃତୀୟ ନୟନ ମଧ୍ୟରେ ଥାଇ ନିଜ ଜ୍ଞାନ ବଳରେ ଉଭୟଙ୍କ ମଧ୍ୟରେ ଭାରସାମ୍ୟ ରଖି ଭକ୍ତକୁ ମୁକ୍ତି ପ୍ରତି ଉନ୍ମୁଖ କରିଥାଏ ।

**ଦେବୀ ରକ୍ତବର୍ଣ୍ଣା :** ଶ୍ରୀଚଣ୍ଡୀର ମୂର୍ତ୍ତି ରହସ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଦେବୀଙ୍କର ସବୁ ରକ୍ତବର୍ଣ୍ଣ । ତାଙ୍କର ସେ ଲାଲ ରଙ୍ଗର ରେଶମୀ ବସ୍ତ୍ର ଧାରଣ କରିଥା'ନ୍ତି । ତାଙ୍କର ଶରୀରର ରଙ୍ଗ ମଧ୍ୟ ଲାଲ । ତାଙ୍କର ଶରୀରର ସମସ୍ତ ଆଭୂଷଣ ମଧ୍ୟ ଲାଲ । ତାଙ୍କର ଅସ୍ତ୍ରଶସ୍ତ୍ର, ନେତ୍ର, ମଥାର କେଶ, ତୀକ୍ଷଣ ନଖ ଏବଂ ସମସ୍ତ ଦନ୍ତପଙ୍କ୍ତି ଦେଖିବାକୁ ଲାଲ ଅଟେ । ଏଥିପାଇଁ ତାଙ୍କର ଅନ୍ୟ ଗୋଟିଏ ନାମ ହେଉଛି ରକ୍ତଦନ୍ତିକା ଓ ସେହି ରୂପ ଦେଖିବାକୁ ଅତ୍ୟନ୍ତ ଭୟଙ୍କର : ରକ୍ତାମ୍ବରା ରକ୍ତବର୍ଣ୍ଣା ରକ୍ତସର୍ବାଙ୍ଗଭୂଷଣା ।

ଦେବୀଙ୍କର ନୟନ ସମେତ ସବୁ କିଛି ଲାଲ । ମହାଦେବୀ ମହିଷାସୁରର ସୈନ୍ୟମାନଙ୍କୁ କ୍ଷୟ କଲା ପରେ ଦୈତ୍ୟରାଜ ନିଜେ ବହୁରୂପ ଧାରଣ କରି ତାଙ୍କ ସହିତ ଘମାଘୋଟ ସଂଗ୍ରାମ କରିବାକୁ ଲାଗିଲା । କେତେବେଳେ ମଇଁଷି କେତେବେଳେ ସିଂହ, କେତେବେଳେ ଗଜରାଜ ଓ ଖଡ଼ଗ ଧାରୀ ପୁରୁଷ ରୂପେ ଚଣ୍ଡିକାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ମହାସମର କରିବାକୁ ଲାଗିଲା । ଏହି ଯୁଦ୍ଧରେ ତିନି ଲୋକ ବ୍ୟାକୁଳିତ ହେବାକୁ ଲାଗିଲା । ଏହିପରି ଅବସ୍ଥାରେ ଦେବୀ ଉତ୍ତମ ମଧୁ ପାନ କରିବା ଦ୍ୱାରା ଆରକ୍ତ ଲୋଚନା ହୋଇ ହସିବାକୁ ଲାଗିଲେ । ଅନ୍ୟ ଏକ ପ୍ରସଙ୍ଗରେ ଦେବୀଙ୍କୁ ଶାକମ୍ଭରୀ କୁହାଯାଇ ତାଙ୍କର ସବୁ କିଛି ନୀଳବର୍ଣ୍ଣ ବୋଲି ରୂପାୟନ କରାଯାଇଛି । ତାଙ୍କର ନେତ୍ର ନୀଳକମଳ ପରି 'ନୀଳୋତ୍ପଳବିଲୋଚନା'(୧୮) ବୋଲି ଉଲ୍ଲେଖ ରହିଛି ।

**ଦେବୀଙ୍କ ଆଖିର ସ୍ୱରୂପ :** ଦେବୀ ଦୁର୍ଗାଙ୍କର ଦୁଇ ପ୍ରକାର ନେତ୍ର ସ୍ୱରୂପର ବର୍ଣ୍ଣନା ଦେଖିବାକୁ ମିଳେ । ତାହା ହେଉଛି ସୌମ୍ୟ ଓ ରୁଦ୍ର । ସେ ଦେବତାଙ୍କ ପ୍ରତି ଯେତିକି ସୌମ୍ୟ ଅସୁରଗଣଙ୍କ ପ୍ରତି ସେତିକି ଅଧିକ ରୁଦ୍ର । ଦୁଷ୍ଟମାନଙ୍କୁ ପାପର ଦୁଃଖ ରୂପ ଫଳ ଦାନ କରି ରୋଦନ କରାଉଥିବାରୁ ପରମେଶ୍ୱରୀଙ୍କୁ ରୌଦ୍ରା କୁହାଯାଏ । ପ୍ରତି ଇନ୍ଦ୍ରିୟର ଜଣେ ଜଣେ ଅଧିଷ୍ଠିତ ଦେବତା ଅଛନ୍ତି । ବାହ୍ୟ ଜଗତରେ ସ୍ଥୂଳ ଯୁଦ୍ଧ ଚାଲିଥିଲା ବେଳେ ତାର ପ୍ରତିକ୍ରିୟା ସ୍ୱରୂପ ଦେବୀଙ୍କର ଚକ୍ଷୁରେ ମଧ୍ୟ ସୂକ୍ଷ୍ମ ଯୁଦ୍ଧ ଚାଲିଥାଏ । ଇନ୍ଦ୍ରିୟ ରୂପୀ ଦେବତା ସୂର୍ଯ୍ୟ, ଚନ୍ଦ୍ରମା, କୁବେର, ଯମ ବରୁଣ ଆଦିଙ୍କ ଅଧିକାର ଛଡ଼ାଇ ନେଇ ଶୁମ୍ଭ ନିଶୁମ୍ଭ ସେମାନଙ୍କୁ ଅପମାନିତ କରି ରାଜ୍ୟଭ୍ରଷ୍ଟ କରି ଦେହ ଦେବାଳୟରୁ ବହିଷ୍କାର କରିଦେଇଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେବତାମାନେ ଅପରାଜିତା ଦେବୀଙ୍କୁ ସ୍ମରଣ କରି ସ୍ତୁତି କରିଥିଲେ :

ପ୍ରଥମ ଅଧ୍ୟାୟ(ଶ୍ଳୋକ.୮୧)ରେ ଦେବୀଙ୍କ ସ୍ତବରେ ବର୍ଣ୍ଣନା କରାଯାଇଛି – ତୁମେ ସୌମ୍ୟ ଓ ସୌମ୍ୟେତର ଅଟ । କେବଳ ଏତିକି ନୁହେଁ, ଯେତେ ସବୁ ସୁନ୍ଦର ପଦାର୍ଥ ରହିଛି ସେସବୁ ଅପେକ୍ଷା ତୁମେ ଅତ୍ୟଧିକ ସୁନ୍ଦରୀ ଅଟ । ଏକାଦଶ ଅଧ୍ୟାୟରେ ଦେବଗଣ ଦେବୀଙ୍କୁ ପ୍ରାର୍ଥନା କରି କହିଛନ୍ତି ତୁମେ ଶରଣାଗତର ପୀଡ଼ା ଦୂର କରିଥାଅ । ଆମ୍ଭମାନଙ୍କ ଉପରେ ପ୍ରସନ୍ନ ହୁଅ । ତୁମେ ସଂପୂର୍ଣ୍ଣ ଜଗତର ମାତା । ଯେପରି ମାତା ନିଜର ସନ୍ତାନମାନଙ୍କୁ ମନ୍ଦକର୍ମରୁ ରକ୍ଷା କରେ । ସେହିପରି ଆମ୍ଭମାନଙ୍କୁ ରକ୍ଷା କର । ମା'ର ଆଖିରେ ମମତାର ପାରାବାର । ସେହି ମା'ର ଆଖି ମାଟିରୁ ଆକାଶ ଯାଏ ଲମ୍ବି ଯାଇଛି । ସେହି ଆଖି ହେଉଛି ସନ୍ତାନ ପାଇଁ ଜୀବନ ଓ ଅମୃତର ଭଣ୍ଡାର । ସେ ଆଖି

ହେଉଛି ସନ୍ତାନର କ୍ଳେଶ ଘୁଞ୍ଚେଇ ଆନନ୍ଦ ଦେବାର ପ୍ରତିଶ୍ରୁତି । ସନ୍ତାନ ପାଇଁ ମା'ର ଆଖି ହେଉଛି ଅନେକେ ସ୍ୱପ୍ନର ସମ୍ଭାର । ଯେନେକ ଆଶା ଓ ଆବେଗର ଆଶ୍ରୟସ୍ଥଳ । ଚିରନ୍ତନ ସତ୍ୟର ଏକ ମାର୍ମିକ ଅନୁଭବ । ହେ ମା! ତୁମେ ହିଁ ଜଗତର ଏକମାତ୍ର ଆଧାର ଓ ଅଧୀଶ୍ୱରୀ । ତୁମେ ବିଶ୍ୱର ରକ୍ଷା କର । ତୁମେ ପୃଥିବୀ ପୃଷ୍ଠରେ ଜଳ ରୂପରେ ରହି ଜଗତକୁ ତୃପ୍ତ କରିଛ । ସଂପୂର୍ଣ୍ଣ ବିଦ୍ୟା ତୁମର ଭିନ୍ନ ଭିନ୍ନ ସ୍ୱରୂପ । ଜଗତରେ ଯେତିକି ସ୍ତ୍ରୀ ଅଛନ୍ତି ସେମାନେ ସମସ୍ତେ ତୁମର ବିଭୂତି ଅର୍ଥାତ୍ ଭିନ୍ନ ଭିନ୍ନ ମୂର୍ତ୍ତି ଅଟନ୍ତି । ହେ କାତ୍ୟାୟନୀ! ତିନି ଲୋଚନରେ ଶୋଭିତ ତୁମର ସୌମ୍ୟ ବଦନ ସକଳ ପ୍ରକାର ଭୟରୁ ଆମକୁ ରକ୍ଷା କରୁ ।

ପୁଣ୍ୟାତ୍ମାମାନଙ୍କ ଘରେ ଯିଏ ସ୍ୱୟଂ ଲକ୍ଷ୍ମୀ ରୂପରେ, ପାପୀମାନଙ୍କ ଘରେ ଦରିଦ୍ରତା ରୂପରେ, ଶୁଦ୍ଧ ଅନ୍ତଃକରଣ ଯୁକ୍ତ ପୁରୁଷମାନଙ୍କ ହୃଦୟରେ ବୁଦ୍ଧି ରୂପରେ, ସତ୍ପୁରୁଷଙ୍କ ଠାରେ ଶ୍ରଦ୍ଧା ରୂପରେ ତଥା କୁଳୀନ ମନୁଷ୍ୟମାନଙ୍କ ଠାରେ ଲଜ୍ଜା ରୂପରେ ନିବାସ କରନ୍ତି ସେହି ଭଗବତୀ ଦୁର୍ଗାଙ୍କୁ ଆମେ ଦେବତାମାନେ ନମନ କରୁଛୁ(୪/୫) । ଚତୁର୍ଥ ଅଧ୍ୟାୟ(ଶ୍ଳୋକ.୨୨)ରେ ଉଲ୍ଲେଖ ଅଛି: ହୃଦୟରେ କୃପା ଓ ଯୁଦ୍ଧରେ ନିଷ୍ଠୁରତା–ଏ ଦୁଇଟି ଗୁଣ ତିନି ଲୋକରେ କେବଳ ଦୁର୍ଗାଙ୍କଠାରେ ହିଁ ଦେଖିବାକୁ ମିଳେ । ଦେବୀଙ୍କ ପରାକ୍ରମର ଉପମା ନାହିଁ । ତାଙ୍କ ରୂପ କେତେବେଳେ ଶତ୍ରୁକୁ ଭୟ ଦେଇଥାଏ ତ ପୁଣି କେତେବେଳେ ଅତ୍ୟନ୍ତ ମନୋହର ଦେଖା ଯାଉଥାଏ । ସେ କେତେବେଳେ ପୁଣି ବରଦା ଅଭୟହସ୍ତା । ତିନି ଲୋକରେ ତୁମର ଯେଉଁ ପରମ ସୁନ୍ଦର ଏବଂ ଅତ୍ୟନ୍ତ ଭୟଙ୍କର ରୂପ ବିଚରଣ କରନ୍ତି ତାହାଦ୍ୱାରା ଆମକୁ ଓ ଏହି ଭୂଲୋକକୁ ରକ୍ଷା କରନ୍ତୁ ।

ଶ୍ରୀଚଣ୍ଡୀ ଗ୍ରନ୍ଥର ମୂର୍ତ୍ତି ରହସ୍ୟ ପ୍ରସଙ୍ଗରେ କୁହାଯାଇଛି ଯେ ଦେବୀ କଠୋର ହେଲେ ମଧ୍ୟ ଅତ୍ୟନ୍ତ କମନୀୟ ତଥା ପୂର୍ଣ୍ଣ ଆନନ୍ଦର ସମୁଦ୍ର ଅଟନ୍ତି । ତାଙ୍କର ଗୋଟିଏ ପକ୍ଷରେ ସୌମ୍ୟଗୁଣ ପ୍ରକାଶ ଆନନ୍ଦା, ପ୍ରେମା, ଶିବାନୀ କାମରୂପା ପୁଣ୍ୟଦା, କଲ୍ୟାଣୀ ଥିବା ବେଳେ ଅନ୍ୟ ପକ୍ଷରେ ତୀବ୍ରା, ଜ୍ୱାଳାମୁଖୀ, ଘୋରା,ଭୌମୀ, କରାଳବଦନା ପ୍ରଭୃତି ଭୀତିଜନକ ନାମ ସବୁ ରହିଛି ।

ଶରତ କାଳୀନ ଚନ୍ଦ୍ରମା ସମାନ ଦୁର୍ଗାଦେବୀଙ୍କ କାନ୍ତି ଅତ୍ୟନ୍ତ ମନୋହର ଅଟେ । ଦେବୀଙ୍କ ରୌଦ୍ର ରୂପ ଧାରଣରେ ଚକ୍ଷୁର ଭୂମିକା ମଧ୍ୟ କମ୍ ନୁହେଁ । ସପ୍ତମ ଅଧ୍ୟାୟ(ଶ୍ଳୋକ.୮)ରେ ବର୍ଣ୍ଣନା କରାଯାଇଛି ଯେ ମାତଙ୍ଗୀଙ୍କର ବଦନ ଖୁବ୍ ବିଶାଳ ଥିଲା । ଲେଲିହାନ ଜିହ୍ୱା ଓ ଭିତରକୁ ପଶିଯାଇଥିବା ଲାଲ ଆଖି (ନିମଗ୍ନା ରକ୍ତନୟନା) ଦ୍ୱାରା ସେ ଆହୁରି ଭୟଙ୍କର ଜଣା ପଡୁଥିଲେ । ତାଙ୍କର ଭୟଙ୍କର ଗର୍ଜନ ସବୁଦିଗରେ ଗୁଞ୍ଜରିତ ହୋଉଥିଲା । ସପ୍ତମ ଅଧ୍ୟାୟ(ଶ୍ଳୋକ.୧୭)ରେ କୁହାଯାଇଛି : କାଳୀଙ୍କ ସହିତ ମୁଣ୍ଡ ଅସୁର ଯୁଦ୍ଧ କଲାବେଳେ ତାଙ୍କ ଉପରକୁ ଭୟଙ୍କର ବାଣବର୍ଷଣ କରିବା ସହିତ ଚକ୍ର ହଜାର ବାର ନିକ୍ଷେପ କରୁଥିଲା । ସେହି ସବୁ ଶର ଓ ଚକ୍ରର ଆକ୍ରମଣରେ ଆଚ୍ଛାଦିତ ଦେବୀଙ୍କର ନେତ୍ର ଅଧିକ ଭୟାନକ ହୋଇ ଉଠୁଥିଲା । ସେହି ଦୃଶ୍ୟ ଦେଖିଲେ ଜଣା ପଡ଼ୁଥିଲା ସତେଯେମିତି ଜାଜ୍ୱଲ୍ୟମାନ ସୂର୍ଯ୍ୟ ଏକାଧିକ ବାଦଲମଣ୍ଡଳରେ ପ୍ରବେଶ କରିଯାଉଛନ୍ତି ।

ଦେବୀଙ୍କ ନୟନରେ ଦୟା ଲହରାୟିତ ହେଉଥାଏ । ଅଷ୍ଟମ ଅଧ୍ୟାୟ (ଧ୍ୟାନ ଶ୍ଳୋକ)ରେ ଦେବୀଙ୍କ ମାହାତ୍ମ୍ୟ ବର୍ଣ୍ଣନରେ କୁହାଯାଇଛି ଯେ ଦେବୀ ଅଣିମାଦି ସିଦ୍ଧିମୟୀ କିରଣଗୁଡ଼ିକରେ ଆବୃତ୍ତ । ତାଙ୍କ ଶରୀରର ରଙ୍ଗ ଲାଲ ଅଟେ । ପାଶ ଅଙ୍କୁଶ ଆଦି ତାଙ୍କର ହାତର ଶୋଭା ବର୍ଦ୍ଧନ କରୁଥା'ନ୍ତି । ତାଙ୍କର ନେତ୍ରରେ କରୁଣା ତରଙ୍ଗାୟିତ ହେଉଥାଏ । ପୁନଶ୍ଚ କେତେବେଳେ ସୌମ୍ୟ ଓ ରୌଦ୍ରକୁ ଅତିକ୍ରମ କରି ସର୍ବ ବିଶେଷ ରହିତ ଗୁଣାତୀତ ଅଖଣ୍ଡ ଚୈତନ୍ୟ ରୂପରେ ବିରାଜିତ ଥା'ନ୍ତି ।

**ବ୍ରହ୍ମସ୍ୱରୂପିଣୀ ଦୁର୍ଗା ମୁକ୍ତିହେତୁ :** ଦେବୀଙ୍କର ମାୟାରେ ମୋହଗ୍ରସ୍ତ ହୋଇ ଜୀବଗଣ ସଂସାର ଚକ୍ରର ବିଚିତ୍ର ଗତିପଥରେ ଘୂରି ବୁଲୁଥା'ନ୍ତି । ସେ ବିଦ୍ୟା ଓ ଅବିଦ୍ୟା ରୂପିଣୀ । ବିଦ୍ୟାର ସଂଜ୍ଞା ନିରୂପଣରେ କୁହାଯାଇଛି: ଯାହାଦ୍ୱାରା ପଦାର୍ଥର ଯଥାର୍ଥ ସ୍ୱରୂପ ବୋଧ ହୁଏ ତାର ନାମ ବିଦ୍ୟା । ସେହିପରି ଯାହାଦ୍ୱାରା ତତ୍ତ୍ୱ ସ୍ୱରୂପ ଜଣାପଡ଼େ ନାହିଁ, ଗୋଟିଏ ପଦାର୍ଥରେ ଅନ୍ୟରୂପ ଜଣାପଡ଼େ ତାହାର ନାମ ଅବିଦ୍ୟା । ଅବିଦ୍ୟା ରୂପରେ ସେ ସମସ୍ତଙ୍କୁ ଆବଦ୍ଧ କରନ୍ତି ଏବଂ ବିଦ୍ୟା ରୂପରେ ସଂସାର ନିବୃତ୍ତିର ହେତୁ ହୋଇଥା'ନ୍ତି । ତାଙ୍କୁ ଆରାଧନା କଲେ ସେ ପ୍ରସନ୍ନ ହୋଇ ଜୀବକୁ ତତ୍ତ୍ୱ ଜ୍ଞାନ ପ୍ରଦାନ କରନ୍ତି । ଚତୁର୍ଥ ଅଧ୍ୟାୟର ସ୍ତୁତିରେ କୁହାଯାଇଛି ହେ ଦେବୀ! ଯିଏ ମୋକ୍ଷ ପ୍ରାପ୍ତିର ସାଧନ ଅଟେ, ଅଚିନ୍ତ୍ୟ ମହାବ୍ରତ ସ୍ୱରୂପ, ସମସ୍ତ ଦୋଷରୁ ରହିତ, ଜିତେନ୍ଦ୍ରିୟ, ତତ୍ତ୍ୱ କୁ ସାର ବସ୍ତୁ ମାନୁଥିବା ତଥା ମୋକ୍ଷକୁ ଅଭିଳାଷ କରୁଥିବା ମୁନିଜନ ଯାହା ଅଭ୍ୟାସ କରିଥା'ନ୍ତି ସେହି ଭଗବତୀ ପରାବିଦ୍ୟା ହିଁ ତୁମେ ।

ସେହିପରି ଦେବୀଙ୍କ ଜଗତ ଉଦ୍ଧାରକର୍ତ୍ତୃକ ଶକ୍ତି ଉପରେ କୁହାଯାଇଛି 'ଦୁର୍ଗାସି ଦୁର୍ଗଭବସାଗରନୌରସଙ୍ଗା ତ୍ୱମସି ଶରଣମେକା ଦେବୀ ଦୁର୍ଗେ ପ୍ରସୀଦ'(୪/୧୧) । ଅର୍ଥାତ୍ ଦୁର୍ଗମ ଭବସାଗରରୁ ପାର କରିବା ପାଇଁ ତୁମେ ହିଁ ଅଦ୍ୱିତୀୟା ନୌକା ସ୍ୱରୂପିଣୀ । ମା' ତୁମେ ହିଁ ଏକମାତ୍ର ଶରଣ । ଆଶ୍ରୟସ୍ଥଳ ।

ତୁମର କରୁଣା ଆମର ଏକମାତ୍ର ଅବଲମ୍ବନ । ଏକାଦଶ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ହେ ଦେବୀ ! ତୁମେ ଅନନ୍ତ ବଳ ସଂପନ୍ନ ବୈଷ୍ଣବୀ ଶକ୍ତି । ଏହି ବିଶ୍ୱର କରାଣ ଭୂତା ପରା ମାୟା । ତୁମେ ଏହି ସମଗ୍ର ଜଗତକୁ ମୋହିତ କରି ରଖିଛ । ତୁମେ ପ୍ରସନ୍ନ ହେଲେ ଏହି ପୃଥିବୀ ପୃଷ୍ଠରେ ହିଁ ମୋକ୍ଷ କରାଇଥା'ନ୍ତି : ତ୍ୱଂ ବୈ ପ୍ରସନ୍ନା ଭୁବି ମୁକ୍ତିହେତୁଃ ॥ ମୁକ୍ତି କ'ଣ ? ଏହାର ସଂଜ୍ଞାରେ କୁହାଯାଇଛି : ମୁଞ୍ଚନ୍ତି ପୃଥକ୍ ଭବନ୍ତି ଜନାଃ ଯସ୍ୟାଂ ସା ମୁକ୍ତିଃ । ଅର୍ଥାତ୍ ଯେଉଁଥିରେ ପ୍ରାଣୀ ଦୁଃଖରୁ ପୃଥକ୍ ହୋଇ ଉଦ୍ଧାର ପାଏ ତାକୁ ମୁକ୍ତି କୁହାଯାଏ । ଦେବୀଙ୍କର ତୃତୀୟ ନେତ୍ର ଜ୍ଞାନନେତ୍ର ଅଟେ । ସତ୍ୟ ଯୁଗରେ ବୈଶ୍ୟ ସମାଧି ସଂସାର ପ୍ରତି ଖିନ୍ନ ଓ ବିରକ୍ତ ହୋଇ ପଡ଼ିଥିଲେ । ସେ ବଡ଼ ବୁଦ୍ଧିମାନ ଥିଲେ । ସେ ନିଜ ପୂଜା ଓ ସ୍ତୁତି ଦ୍ୱାରା ଦେବୀଙ୍କୁ ପ୍ରସନ୍ନ କରି ମମତା ଓ ଅହଂତାରୂପ ଆସକ୍ତି ନାଶକାରକ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଦେବୀ ତାଙ୍କୁ ମୋକ୍ଷ ଜ୍ଞାନ ପ୍ରଦାନ କରି କହିଥିଲେ: ତଂ ପ୍ରଯଚ୍ଛାମି ସଂସିଦ୍ଧ୍ୟୈ ତବ ଜ୍ଞାନଂ ଭବିଷ୍ୟତି । ତୁମେ ଜ୍ଞାନ ଲାଭ କରିବ । ଋଗ୍‌ବେଦରେ ଥିବା ଦେବୀ ସୂକ୍ତରେ ବ୍ରହ୍ମ ଜ୍ଞାନ ପ୍ରଦାନ କରି ଦେବୀ କହିଛନ୍ତି : ମୁଁ ସଚ୍ଚିଦାନନ୍ଦମୟୀ ସର୍ବାତ୍ମା ଦେବୀ । ମୁଁ ରୁଦ୍ର, ବସୁ, ଆଦିତ୍ୟ ତଥା ବିଶ୍ୱେଦେବଗଣଙ୍କ ରୂପରେ ବିଚରଣ କରୁଛି । ମୁଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ତଥା ଅଶ୍ୱିନୀ କୁମାରଦ୍ୱୟଙ୍କୁ ଧାରଣ କରିଛି । ମୁଁ ଯଜମାନ ପାଇଁ ଉତ୍ତମ ଯଜ୍ଞର ଫଳ ଓ ଧନ ପ୍ରଦାନ କରେ । ମୁଁ ସଂପୂର୍ଣ୍ଣ ଜଗତର ଅଧୀଶ୍ୱରୀ । ନିଜ ଉପାସକମାନଙ୍କ ପାଇଁ ମୁଁ ଧନପ୍ରାପ୍ତ କରାଏ । ସାକ୍ଷାତ୍କାର ଯୋଗ୍ୟ ପରଂବ୍ରହ୍ମଙ୍କୁ ମୋଠାରୁ ଅଭିନ୍ନ ବୋଲି ଜାଣ । ମୁଁ ପୂଜନୀୟ ଦେବତାମାନଙ୍କ ମଧ୍ୟରେ ପ୍ରଧାନ । ସମସ୍ତ ପ୍ରାଣୀମାନଙ୍କଠାରେ ମୁଁ ପ୍ରବିଷ୍ଟ । ସର୍ବଂ ବ୍ରହ୍ମମୟଂ ଜଗତ୍ । ଯେଉଁ ଦେବତା ଯେଉଁଠି ଯାହା କଲେ ମଧ୍ୟ ସେ ସବୁ ମୋ ପାଇଁ କରିଥା'ନ୍ତି । ସେମାନେ ଯେଉଁ ଅନ୍ନ ଭକ୍ଷଣ କରନ୍ତି, ମୋ ଶକ୍ତି ଦ୍ୱାରା ହିଁ କରନ୍ତି । କାରଣ ମୁଁ ଭୋକ୍ତୃଶକ୍ତି ଅଟେ । ଯିଏ ଦେଖେ, ଶ୍ୱାସ ନିଏ, କଥା ଶୁଣେ ସେ ମୋର ସହାୟତାରେ ହିଁ ସେହି କାର୍ଯ୍ୟକରିବାକୁ ସମର୍ଥ ହୁଏ । ମୁଁ ଶରଣାଗତ ଜନର ରକ୍ଷା ନିମନ୍ତେ ଶତ୍ରୁ ସହିତ ଯୁଦ୍ଧ କରେ । ମୁଁ ଅଜ । ମୁଁ ଅଜ ନୁହେଁ । ମୁଁ ଅଧଃ, ଊର୍ଦ୍ଧ୍ୱ, ପାର୍ଶ୍ୱ ଓ ସର୍ବତ୍ର ବିଦ୍ୟମାନ । ମୁଁ ଅନ୍ତର୍ଯ୍ୟାମୀ ରୂପରେ ପୃଥିବୀ ଓ ଆକାଶ ଭିତରେ ବ୍ୟାପ୍ତ ରହିଛି ।

**ଉପସଂହାର :** ସନାତନ ଧର୍ମ ଓ ଇତିହାସକୁ ଠିକ୍ ରୂପେ ବୁଝିବାକୁ ତ୍ରିନେତ୍ର ମହତ୍ୱପୂର୍ଣ୍ଣ ସଙ୍କେତ ପ୍ରଦାନ କରିଥାଏ । ପୁନଶ୍ଚ ଚକ୍ଷୁ ଇନ୍ଦ୍ରିୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାର କାରଣ ହେଉଛି ଆତ୍ମଜ୍ଞାନ ପାଇବାକୁ ହେଲେ ଉପାସକକୁ ସର୍ବ ପ୍ରଥମେ ନିଜ ଇନ୍ଦ୍ରିୟ, ମନ, ପ୍ରାଣ ଓ ବାଣୀ ପ୍ରଭୃତିକୁ ନିଜ ଆୟତ୍ତରେ ରଖିବାକୁ ପଡିବ । ଦେବୀଙ୍କ ତୃତୀୟ ଚକ୍ଷୁ ଜ୍ଞାନଚକ୍ଷୁ (ଦୂରଦୃଷ୍ଟି/ ଦିବ୍ୟଦୃଷ୍ଟି) । ଏହା ଅଗ୍ନିରୁ ସଂଜାତ । ଏହାର ସ୍ଥିତି ହିଁ ଏହାର ଉଦ୍ଦେଶ୍ୟ । ମଣିଷର ଇଚ୍ଛା ଓ କ୍ରିୟା ମଧ୍ୟରେ ଜ୍ଞାନ ସମନ୍ୱୟ ରକ୍ଷା କରେ । ମନ ଯାହା ଇଚ୍ଛା କରେ ତାହା ସଂଗତ କି ନୁହେଁ, ତା'ର ପରିଣାମ କ'ଣ, ଏ ସବୁ ବିଷୟ ଚିନ୍ତା କରି ଯଦି ତାହା କାର୍ଯ୍ୟକାରୀ କରାଯା'ନ୍ତା ତେବେ ଜୀବନରେ ତ୍ରୁଟିବିଚ୍ୟୁତି ଜନିତ ଉପଦ୍ରବ ହ୍ରାସ ପା'ନ୍ତା । ଅନ୍ୟଥା ତାହା ଅଗ୍ନି ପରି ଧ୍ୱଂସକାରକ ହୋଇଥାଏ । ସନ୍ତୁଳନ ରକ୍ଷା ପୂର୍ବକ ସମାଜରେ କାର୍ଯ୍ୟ ସଂପାଦନ କଲେ ତାହା ଅଗ୍ନି ପରି ପ୍ରକାଶମାନ ଓ ଅଭୀଷ୍ଟ ଫଳଦାୟୀ ହୋଇଥାଏ । ଦୁର୍ଗା ସବୁ ବେଳେ ନାଲି ଆଖି ଦେଖାଇବାର କାରଣ ତାଙ୍କର ସନ୍ତାନମାନଙ୍କର ଯେପରି କିଏ କ୍ଷତି ନକରୁ । ନିଜ ସନ୍ତାନମାନଙ୍କର ସମସ୍ତ କୁକର୍ମ, କୁଗୁଣ ଯଥା ସ୍ୱାର୍ଥପରତା, ଈର୍ଷା, ଦ୍ୱେଷ, ଘୃଣା, କ୍ରୋଧ ଓ ଅହଂକାର ଧ୍ୱଂସ ପାଇ ସେମାନେ ଦୁଃଖ କଷ୍ଟରୁ ମୁକ୍ତି ପା'ନ୍ତୁ । ନିଜ ସନ୍ତାନମାନଙ୍କୁ ସୁରକ୍ଷା ପ୍ରଦାନ କରି ସେ ଧରାବକ୍ଷରେ ନୈତିକ ଶୃଙ୍ଖଳା ଓ ଧର୍ମ ବଜାୟ ରଖିବା ପାଇଁ ସେ ଅନବରତ ପ୍ରୟାସରତ । ଶବ୍ଦ କଳ୍ପଦ୍ରୁମରେ ଦୁର୍ଗା ଶବ୍ଦର ଯେଉଁ ଅର୍ଥ ପ୍ରକାଶ କରାଯାଇଛି, ତାହା ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଅଟେ :

ଦୁର୍ଗୋ ଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମଣି
ଶୋକେ ଦୁଃଖେ ଚ ନରକେ ଯମଦଣ୍ଡେ ଚ ଜନ୍ମନି ॥
ମହାଭୟେତିରୋଗେ ଚାପ୍ୟାଶବ୍ଦୋହନ୍ତୃବାଚକଃ
ଏତାନ୍ ହନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା ॥

ଅର୍ଥାତ୍ 'ଦୁର୍ଗ' ଶବ୍ଦର ଅର୍ଥ ହେଉଛି ଦୁର୍ଗ ନାମକ ଅସୁର, ମହାବିଘ୍ନ, ସଂସାର ବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମବନ୍ଧନ, ଜରାଜନ୍ମ ବନ୍ଧନରେ ପଡି ଭୋଗୁଥିବା ମହାଭୟ ଓ ଦୁରାରୋଗ୍ୟ ବ୍ୟାଧି । 'ଆ' ଶବ୍ଦର ଅର୍ଥ ହେଉଛି ବିନାଶକାରୀ । ଅତଏବ ଉପଯୁକ୍ତ ଭୟ ବନ୍ଧନକୁ ଯିଏ ବିନାଶ କରନ୍ତି ସେ ଦୁର୍ଗା ଅଟନ୍ତି ।

ଘରନଂ–ସି/୨୨/୧, ନାଲକୋ,
ଦାମନଯୋଡ଼ି, କୋରାପୁଟ– ୭୬୩୦୦୮

# ଦୁର୍ଗେ ଦୁର୍ଗେ ମହାଭାଗେ ତ୍ରାହି ମାଂ ଶରଣ ପ୍ରିୟେ

ଡକ୍ଟର ଶ୍ରୀହରି ପଣ୍ଡା

ସୃଷ୍ଟି ଅନ୍ତରାଳରେ ଶିବ ଏବଂ ଶିବାନୀଙ୍କର ଭୂମିକାର ବର୍ଣ୍ଣନା ସିଦ୍ଧାନ୍ତ ଦର୍ଶନ ତତ୍ତ୍ୱରେ ଦେଖିବାକୁ ମିଳେ । ଏହି ତତ୍ତ୍ୱ ଅନୁଯାୟୀ ଅବିନଶ୍ୱର ଦିବ୍ୟ ଚେତନାର ଉତ୍ସ ହେଲେ ପରା-ଶିବ (ଅର୍ଥାତ୍ ପରିପୂର୍ଣ୍ଣ ଶିବ, ତାଙ୍କର ପ୍ରକାଶିତ ରୂପକୁ କୁହାଯାଏ ସଦା-ଶିବ)ପରା-ଶିବଙ୍କ ଏକହଜାର ଭାଗରୁ ଭାଗେ ଦ୍ୱାରା ରୂପ ପାଆନ୍ତି ପରା-ଶକ୍ତି । ପରା-ଶକ୍ତିଙ୍କଠାରୁ ରୂପ ପାଆନ୍ତି ଆଦ୍ୟା-ଶକ୍ତି(ବା ଆଦି-ଶକ୍ତି) । ଆଦ୍ୟା-ଶକ୍ତିଙ୍କଠାରୁ ରୂପ ପାଆନ୍ତି ଇଚ୍ଛା-ଶକ୍ତି । ଇଚ୍ଛା-ଶକ୍ତିଙ୍କଠାରୁ ଜନ୍ମ ନିଅନ୍ତି ଜ୍ଞାନ-ଶକ୍ତି । ଜ୍ଞାନ-ଶକ୍ତିଙ୍କଠାରୁ ଜନ୍ମ ନିଅନ୍ତି କ୍ରିୟା-ଶକ୍ତି । ଏହି ପାଞ୍ଚ ଶକ୍ତି (ପରା-ଶକ୍ତି, ଆଦ୍ୟା-ଶକ୍ତି, ଇଚ୍ଛା-ଶକ୍ତି, ଜ୍ଞାନ-ଶକ୍ତି ଓ କ୍ରିୟା-ଶକ୍ତି)ସଦା-ଶିବଙ୍କର ପାଞ୍ଚଗୋଟି ବିଭବ ଯଥାଇଶାହ, ତତ୍‌ପୁରୁଷ, ଅଘୋର, ବାମଦେବ, ସଦ୍ୟୋଜାତ ପଞ୍ଚମନ୍ତ୍ର ଓ ପଞ୍ଚକୃତ୍ୟ ସହିତ ସମ୍ପୃକ୍ତ । ପଞ୍ଚ-ମନ୍ତ୍ର ଓ ପଞ୍ଚ-କୃତ୍ୟ ଆଧିପତ୍ୟ ବିସ୍ତାର କରନ୍ତି ପଞ୍ଚ-ଭୂତ (ଅର୍ଥାତ୍ କ୍ଷିତି, ଅପ୍, ତେଜୋଃ, ମରୁତ୍, ବ୍ୟୋମ ବା ମାଟି, ପାଣି, ଆଲୋକ, ପବନ ଓ ଇଥର) । ସୃଷ୍ଟିର ରହସ୍ୟ ଭଳି ରହସ୍ୟମୟ ଶିବ-ଶକ୍ତି ତତ୍ତ୍ୱ । ତତ୍ତ୍ୱ ଯେତେ ଗୂଢ଼ ଓ ଅବୋଧ ହୋଇଥିଲେ ବି ଶକ୍ତି ଉପାସନା ହିନ୍ଦୁ ସମାଜରେ ସର୍ବଜନବିଦିତ ଓ ଆଦୃତ । ହିନ୍ଦୁ ଧର୍ମରେ ପୂଜିତା ଦେବୀମାନେ କେଉଁଠି ଦୁର୍ଗା, କାଳୀ, ଚଣ୍ଡୀ ଆଦିରୂପରେ ଉପାସିତ ହେଉଛନ୍ତି । ମନୁଷ୍ୟ ନିଜର ଐହିକ କଲ୍ୟାଣ, ବୈଷୟିକ ସୁଖ ପାଇଁ ଆଦ୍ୟାଶକ୍ତିଙ୍କ ଆରାଧନା କରିଥାଏ । ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ । ସୃଷ୍ଟିର ମଙ୍ଗଳ ନିମନ୍ତେ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ, ଅନ୍ୟାୟ, ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ସେହି ମାତୃଶକ୍ତି ମଧ୍ୟରୁ ମା'ଦୁର୍ଗାଙ୍କ ପୂଜାକୁ ଆମେ ଦୁର୍ଗାପୂଜା ବା ଦଶହରା ବୋଲି କହିଥାଉ । ଶରତର ଶୁଭ୍ର ଆକାଶ, ଶିଉଳିର ମହକ ଓ କାଶତଣ୍ଡୀ ଫୁଲର ହସକୁ ସାଙ୍ଗରେ ଧରି ଧରାଧାମର ସମସ୍ତ ଦୁଃଖ, କଷ୍ଟକୁ ନାଶ କରିବା ପାଇଁ ବିରାଜନ୍ତି ଦେବୀଦୁର୍ଗା । ମହାଡମ୍ବରରେ ମା'ଦୁର୍ଗାଙ୍କର ପୂଜା ଭାରତର ସର୍ବତ୍ର ପାଳିତ ହେଉଥିଲେ ହେଁ ପଶ୍ଚିମବଙ୍ଗର ଏହା ହେଉଛି ମୁଖ୍ୟ ଉତ୍ସବ । କେଉଁଠି ଚାରିଦିନ ତ କେଉଁଠି ଦଶଦିନ ପର୍ଯ୍ୟନ୍ତ ପୂଜା ପାଆନ୍ତି ଦେବୀ ଦୁର୍ଗା । ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ଏହି ପାଞ୍ଚଦିନ ପୂଜା ସମୟକୁ ହର୍ଷ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ ।



ମାଆ ଦୁର୍ଗା ହେଉଛନ୍ତି ଏହି ସୃଷ୍ଟିର ଆଦିଶକ୍ତି । ପିତାମହ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କର ତାଙ୍କରି ଶକ୍ତି ବଳରେ ସୃଷ୍ଟିର ଉତ୍ପତ୍ତି, ପାଳନ-ପୋଷଣ ଓ ସଂହାର କରନ୍ତି । ଅନ୍ୟ ଦେବତାମାନେ ମଧ୍ୟ ମାଆଙ୍କର ଶକ୍ତିରେ ଶକ୍ତିମାନ ହୋଇ ସମସ୍ତ କାର୍ଯ୍ୟ କରନ୍ତି । ମାଆଙ୍କର ନଅଟି ରୂପ ଅଛି । ସେହି ନବଦୁର୍ଗାଙ୍କର ନାମ ହେଉଛି- ୧-ଶୈଳପୁତ୍ରୀ, ୨-ବ୍ରହ୍ମଚାରିଣୀ, ୩-ଚନ୍ଦ୍ରଘଣ୍ଟା, ୪-କୁଷ୍ମାଣ୍ଡା, ୫-ସ୍କନ୍ଦମାତା, ୬-କାତ୍ୟାୟନୀ, ୭-କାଳରାତ୍ରି, ୮-ମହାଗୌରୀ

ଓ ୯–ସିଦ୍ଧିଦାତ୍ରୀ । ମାଆଦୁର୍ଗା ଏହି ନବରୂପ ଧାରଣ କରିବାରେ ବିବିଧ କାରଣ ରହିଛି । ଏହି ରୂପମାନଙ୍କର ଅନ୍ତରାଳରେ ନିହିତ ତାତ୍ତ୍ୱିକ ଅବଧାରଣା କରିବା ଆମର ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ନିମନ୍ତେ ଅପରିହାର୍ଯ୍ୟ ଅଟେ ।

ଏକ ପୌରାଣିକ ଆଖ୍ୟାନ ଅନୁସାରେ ଏହି ପୂଜା ନିମନ୍ତେ ପ୍ରଭୁ ଶ୍ରୀରାମ, ରାବଣ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଦେବୀଦୁର୍ଗାଙ୍କ ଆରାଧନା ନିମନ୍ତେ ୧୦୮ଟି ନୀଳ ପଦ୍ମଫୁଲ ଯୋଗାଡ କରିଥିଲେ ମଧ୍ୟ ସେଥିରୁ ଗୋଟିଏ ନଥିବାରୁ ପ୍ରଭୁ କମଳ ଲୋଚନ ପୂଜା ସମ୍ପୂର୍ଣ୍ଣ ପାଇଁ ନିଜର ଗୋଟିଏ ଆଖିକୁ ଅର୍ପଣ କରିବାକୁ ଯାଉଥିବା ସମୟରେ ମା'ଦୁର୍ଗା ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇ ଯୁଦ୍ଧରେ ବିଜୟୀ ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ ।ଏହି ପୂଜାକୁ ଶ୍ରୀରାମ ଶରତ ଋତୁରେ କରିଥିବାରୁ ଏହା ଶାରଦୀୟ ଦୁର୍ଗୋତ୍ସବ ଭାବରେ ବିଦିତ ତଥା ଦୁର୍ଗାପୂଜାକୁ ଅକାଳ(ଅସମୟ)ବୋଧନ(ପୂଜା) କୁହାଯାଉଥିବାବେଳେ ମହାପୂଜୋ, ମାୟେର ପୂଜୋ, ଭଗବତୀ ପୂଜା, ନବରାତ୍ରି ପୂଜା, କୁଲୁ ଦଶେରା, ମହୀଶୂର ଦଶେରା, ବୋମାଇ ଗୋଲୁ ଏବଂ ଆନ୍ଧ୍ର ପ୍ରଦେଶରେ ବୋମାଲ କୋଲଭୁ ଭାବେ ମଧ୍ୟ ପାଳିତ ହୋଇଥାଏ । ଭିନ୍ନ ଏକ ପୌରାଣିକ କଥା ଅନୁସାରେ ମହିଷାସୁରର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମୁନି, ଋଷି, ମନୁଷ୍ୟ ଏବଂ ଦେବତା ସମସ୍ତେ ବିଷ୍ଣୁଙ୍କ ଶରଣକୁ ଯିବାରୁ ଭଗବାନ ବିଷ୍ଣୁ ଜୀବ ଜଗତର ଦୁର୍ଦ୍ଦଶା ଫେଡିବା ନିମନ୍ତେ ନିଜ ତେଜରୁ ସୃଷ୍ଟି କରିଥିଲେ ଅସାମାନ୍ୟା ସୁନ୍ଦରୀ ଏକ ଅଗ୍ନିକନ୍ୟା । ସେହି ଅଗ୍ନିକନ୍ୟାକୁ ସମସ୍ତ ଦେବଗଣ ନିଜ ନିଜର ଶକ୍ତି ଦେବୀଙ୍କୁ ପ୍ରଦାନ କରିବା ସହିତ ବାହନ ଭାବରେ ଦେଇଥିଲେ ପ୍ରବଳ ପରାକ୍ରମୀ ଏକ ସିଂହ । ସମସ୍ତ ଶକ୍ତିର ପୁଞ୍ଜିଭୂତ ଶକ୍ତି ମା'ଶକ୍ତିରୂପିଣୀ ଦୁର୍ଗାଙ୍କର ଅସାମାନ୍ୟ ତେଜ, ସୌନ୍ଦର୍ଯ୍ୟ ଏବଂ ଦିପ୍ତୀ ସହ୍ୟ କରି ନପାରି ମହିଷାସୁର ହାତରୁ ଅସ୍ତ୍ର ଖସି ପଡିଥିଲା । ଦେବୀ ଗୋଟିଏ ପାଦ ସିଂହ ଉପରେ ଓ ଅନ୍ୟ ପାଦଟି ମହିଷାସୁର ଛାତି ଉପରେ ରଖି ଶିବଙ୍କ ପ୍ରଦତ୍ତ ତ୍ରିଶୂଳ ସାହାଯ୍ୟରେ ମହିଷାସୁରକୁ ନିଧନ କରି ଧରାକୁ ଅନ୍ୟାୟ ଓ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ବଙ୍ଗୀୟ ସଂସ୍କୃତି ପ୍ରଭାବରୁ ଓଡିଶାରେ ଦୁର୍ଗାପୂଜାର ଉତ୍ପତ୍ତି ହୋଇଥିବା କେତେକ ଗବେଷକ ମତ ଦିଅନ୍ତି । କେହିକେହି ସୁଭାଷ ବୋଷଙ୍କ ବାପା କଟକରେ ଦୁର୍ଗାପୂଜା ପ୍ରଥମେ ଆରମ୍ଭ କରିଥିବା କଥା କହୁଥିବା ବେଳେ କେହିକେହି ଚୈତନ୍ୟ ଦେବଙ୍କ ଓଡିଶା ଆଗମନ କାଳରେ ଗଡଗଡିଆ ଘାଟଠାରେ ଅବତରଣ ପୂର୍ବକ ବିନୋଦବିହାରୀ ମନ୍ଦିରରେ ଦୁର୍ଗାପୂଜା କରିଥିଲେ ବୋଲି କହନ୍ତି । ସେହି ସ୍ମୃତିର ନିଦର୍ଶନ ସ୍ୱରୂପ ବିନୋଦ ବିହାରୀର ଦୁର୍ଗାପୂଜା ବଙ୍ଗୀୟ ପରମ୍ପରା ଅନୁସାରେ ହୋଇ ଆସୁଛି । ମାତ୍ର କେତେକ ଗବେଷକ ଦୁର୍ଗାପୂଜାର ଇତିହାସ ବହୁ ପ୍ରାଚୀନ ବୋଲି କୁହନ୍ତି । ଓଡିଶାର ବହୁ ପ୍ରାଚୀନ ଶକ୍ତିପୀଠ ଏହାର ପ୍ରମାଣ ତଥା ସେହି ଶକ୍ତିପୀଠରେ ଦୁର୍ଗା କାହିଁ ପ୍ରାଚୀନ କାଳରୁ ଆରାଧିତା ହୋଇ ଆସୁଛନ୍ତି । ଏହି କ୍ରମରେ ଶ୍ରୀମନ୍ଦିରର କ୍ଷେତ୍ରେଶ୍ୱରୀ ବିମଳାଙ୍କର ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନବ୍ୟାପୀ ପୂଜା ଅନୁଷ୍ଠିତ ହୋଇଥାଏ । ବିମଳା ହେଉଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ଦେବୀ । ଜଗନ୍ନାଥଙ୍କ ପାଖରେ ଭୋଗ ହେଉଥିବା ପ୍ରସାଦ ବିମଳାଙ୍କୁ ସମର୍ପଣ ହୋଇସାରିବା ପରେ ମହାପ୍ରସାଦ ରୂପେ ପରିଗଣିତ ହୋଇଥାଏ । କିମ୍ବଦନ୍ତୀ ରହିଛି ଏବଂ କେତେକ ପ୍ରାଚୀନ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ଦକ୍ଷଯଜ୍ଞରେ ଝାସଦେଇ ପ୍ରାଣ ହରାଇଥିବା ସତୀଙ୍କର ଶରୀରକୁ ଧରି ଶିବ ଯେତେବେଳେ ତାଣ୍ଡବ ନୃତ୍ୟ କଲେ ଏବଂ ସତୀଙ୍କ ଶରୀରକୁ ଧରି ନାନା ତୀର୍ଥସ୍ଥାନ ପରିଭ୍ରମଣ କରିବାକୁ ଲାଗିଲେ, ସେତେବେଳେ ଦେବଗଣମାନେ ଭୟଭୀତ ହୋଇ ଶ୍ରୀବିଷ୍ଣୁଙ୍କର ଶରଣାପନ୍ନ ହେବାରୁ, ଶ୍ରୀହରି ସଦାଶିବଙ୍କର ଆସକ୍ତି ପରିହାର ନିମନ୍ତେ ସୁଦର୍ଶନ ଚକ୍ରକୁ ପ୍ରେରଣ କରି ନିର୍ଦ୍ଦେଶ ଦେଲେ ଯେ, ଶିବଙ୍କ ସ୍କନ୍ଧସ୍ଥିତ ସତୀଙ୍କର ଶବକୁ ତାଙ୍କର ଅଜ୍ଞାତରେ ଖଣ୍ଡଖଣ୍ଡ କରି କାଟି ପକାଅ । ବିଷ୍ଣୁଙ୍କ ଆଜ୍ଞାରେ ସତୀଙ୍କର ଶବ ଖଣ୍ଡଖଣ୍ଡ ହୋଇ ଯେଉଁ ସ୍ଥାନମାନଙ୍କରେ ପଡ଼ିଲା ସେହି ସବୁସ୍ଥାନ ଶକ୍ତି ପୀଠ ଭାବରେ ପରିଣତ ହେଲା । ଶିବ ଆସକ୍ତି ଶୂନ୍ୟହୋଇ ଯୋଗ ସାଧନରେ ବ୍ରତୀ ହେଲେ । ସତୀଙ୍କର ଏକ ଅଂଶ ଏଠାରେ ପଡ଼ିବାରୁ ଏହା ପ୍ରସିଦ୍ଧ ତନ୍ତ୍ରପୀଠ ବା ବିମଳା ପୀଠ ଭାବରେ ପରିଚିତ ହେଲା । ତନ୍ତ୍ରଚୂଡ଼ାମଣିରେ ଉଲ୍ଲେଖ ଅଛି ଯେ ସତୀଙ୍କର ନାଭି ଏ ସ୍ଥାନରେ ପଡ଼ି ଥିବାରୁ ଏହା ଶକ୍ତି ପୀଠ ଭାବରେ ପରିଚିତ ହେଲା । ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥ ତାନ୍ତ୍ରିକମାନେ ବିମଳାଙ୍କୁ ଭୈରବୀ ରୂପରେ ପରିକଳ୍ପନା କରିଛନ୍ତି । କରପତ୍ରୀ ମହାରାଜଙ୍କ ଦ୍ୱାରା ଲିଖିତ 'କଲ୍ୟାଣୀ'ରେ ସତୀଙ୍କର ମସ୍ତକ(ଖପୁରୀ) ଏହି ସ୍ଥାନରେ ପଡ଼ିଥିଲା ବୋଲି ଉଲ୍ଲେଖ କରିଛନ୍ତି । ବିମଳାଙ୍କୁ ଭୈରବୀ ରୂପରେ ପୂଜା ପ୍ରାୟ ହର୍ଷବର୍ଦ୍ଧନଙ୍କ ଓଡ଼ିଶା ଜୟ କାଳଠାରୁ ବଜ୍ରଯାନ ସ୍ରୋତରେ ଭାସିଯାଇ ହୋଇଥିଲା ଏବଂ ବୌଦ୍ଧ ଧର୍ମର ପ୍ରଭାବରେ ବିମଳା କ୍ଷେତ୍ରେଶ୍ୱରୀ ରୂପରେ ପୂଜା ପାଇ ଆସିଲେ । ତେଣୁ ଓଡିଶାର ଦୁର୍ଗା ପୂଜାର ପ୍ରାଚୀନତାର ପ୍ରମାଣ ଦେବାର ଆଉ ଆବଶ୍ୟକତା ନାହିଁ ବରଂ ଓଡିଶାରୁ ହିଁ

ଦୁର୍ଗାପୂଜାର ଆରମ୍ଭ ହୋଇଥିବାର କଥା ଅନେକ ଗବେଷକ ମତ ଦିଅନ୍ତି ।

ମାଆ ଦୁର୍ଗାଙ୍କ ନବରୂପ ମଧ୍ୟରୁ ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ । ମାତା ପର୍ବତରାଜ ହିମାଳୟଙ୍କର କନ୍ୟାରୂପେ ଜନ୍ମ ନେଇଥିବାରୁ ତାଙ୍କ ନାମ ଶୈଳପୁତ୍ରୀ । ନବଦୁର୍ଗାଙ୍କ ମଧ୍ୟରୁ ସେ ହେଉଛନ୍ତି ପ୍ରଥମ ଦୁର୍ଗା । ମାତା ହେଉଛନ୍ତି ବୃଷବାହିନୀ,ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭାପାଏ । ମାତା ପୂର୍ବଜନ୍ମରେ ପ୍ରଜାପତି ଦକ୍ଷଙ୍କ କନ୍ୟା ସତୀ ରୂପରେ ଜନ୍ମ ହୋଇଥିଲେ । ଦକ୍ଷ ଏକ ବିରାଟ ଯଜ୍ଞର ଆୟୋଜନ କରି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ନିଜ ଝିଅ-ଜ୍ୱାଇଁ ସତୀ ଏବଂ ଶିବଙ୍କୁ ନିମନ୍ତ୍ରଣ ଦେଇନଥିଲେ । ତଥାପି ସତୀ ବାପାଙ୍କର ଯଜ୍ଞ ଦେଖିବାର ଇଚ୍ଛାକୁ ଦମନ କରି ନପାରି ସେଠାକୁ ଗଲେ । ସେଠାରେ ଶିବଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦେବତାଙ୍କ ଯଜ୍ଞଭାଗ ଦେଖି ସତୀ ବିସ୍ମିତ ହେବା ସହିତ ତାଙ୍କୁ ମାଆଙ୍କ ବ୍ୟତୀତ ଅନ୍ୟ କେହି ସ୍ୱାଗତ ନକରିବା ଏପରିକି ବାପାଙ୍କର କଟୁକଥା ଖୁବ୍ ଅପମାନ ଦେଇଥିଲା । ସତୀଙ୍କ ହୃଦୟ କ୍ଷୋଭ,ଗ୍ଲାନି ଓ କ୍ରୋଧରେ ସନ୍ତପ୍ତ ହୋଇଗଲା । ସତୀ ସେହି ଅପମାନ ସହି ନପାରି ଯଜ୍ଞକୁଣ୍ଡକୁ ଡେଇଁ ପ୍ରାଣ ବିସର୍ଜନ କରିଦେଲେ । ଶଙ୍କର ଏହା ଜାଣିପାରି ଗଣମାନଙ୍କୁ ପଠାଇ ଯଜ୍ଞକୁ ଧ୍ୱଂସ କରିଦେଲେ । ଯୋଗାଗ୍ନିରେ ଶରୀର ଭସ୍ମ କରିଦେଇ ପରଜନ୍ମରେ ସତୀ ଶୈଳରାଜ ହିମାଳୟଙ୍କ ଘରେ ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ସେ ଦେବତାମାନଙ୍କର ଗର୍ବ ଭଞ୍ଜନ କରିଥିବାରୁ ତାଙ୍କୁ ହୈମବତୀ ବୋଲି ମଧ୍ୟ କୁହାଗଲା । ପୂର୍ବଜନ୍ମ ପରି ଏହି ଜନ୍ମରେ ମଧ୍ୟ ପାର୍ବତୀଙ୍କର ବିବାହ ଶିବଙ୍କ ସହ ହୋଇଥିଲା । ନବଦୁର୍ଗାଙ୍କ ମଧ୍ୟରେ ଶୈଳପୁତ୍ରୀଙ୍କର ମହିମା ଅନନ୍ତ । ଏହି ପ୍ରଥମ ଉପାସନାରେ ଯୋଗୀ ନିଜ ମନକୁ 'ମୂଳାଧାର' ଚକ୍ରରେ ରଖି ଯୋଗ ସାଧନା ଆରମ୍ଭ କରନ୍ତି ।

ମାତା ଦୁର୍ଗାଙ୍କର ନବଶକ୍ତିର ଦ୍ୱିତୀୟ ସ୍ୱରୂପଟି ହେଉଛି 'ବ୍ରହ୍ମଚାରିଣୀ' । ବ୍ରହ୍ମ ଚାରିଣୀର ଅର୍ଥ ତପଃଚାରିଣୀ । ବ୍ରହ୍ମଚାରିଣୀ ଦେବୀଙ୍କର ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଥାଏ ଜପାମାଳ ଓ ବାମ ହାତରେ କମଣ୍ଡଳୁ ଶୋଭା ପାଏ । ପୂର୍ବଜନ୍ମରେ ଯେତେବେଳେ ସେ ହିମାଳୟ ପୁତ୍ରୀ ଭାବରେ ଜନ୍ମ ହୋଇଥିଲେ ସେତେବେଳେ ଶଙ୍କରଙ୍କୁ ପାଇବା ସକାଶେ ସେ ଘୋର ତପସ୍ୟା କରିଥିଲେ । ସେହି ଦୁଷ୍କର ତପସ୍ୟାରୁ ତାଙ୍କୁ ତପଶ୍ଚାରିଣୀ ବା ବ୍ରହ୍ମଚାରିଣୀ ବୋଲି କୁହାଗଲା । ତପକାଳରେ ସେ ଏକହଜାର ବର୍ଷ ଫଳମୂଳ ଖାଇ ରହିଲେ । ତାପରେ ଶହେବର୍ଷ ଶାଗପତ୍ର ଖାଇ ଜୀବନ ନିର୍ବାହ କଲେ । ଏହାପରେ ଉପବାସରେ ଖରାବର୍ଷା ଖାଇ ତପଃ ଆଚରଣ କଲେ । ତାପରେ ଶୁଖିଲା ଝଡିପଡିଥିବା ବେଲପତ୍ର ଖାଇ କିଛିକାଳ ତପଃ ଆଚରଣ କରିବା ସହିତ ପରେ ତାହା ମଧ୍ୟ ଛାଡିଦେଇ ଅପର୍ଣ୍ଣା ନାମ ଧରଣ କଲେ । ଏହାପରେ କେତେ ହଜାର ବର୍ଷ ନିରାହାର ତପସ୍ୟା କରିବାରୁ ତାଙ୍କ ଶରୀର କ୍ଷୀଣ ହୋଇ ଯିବାରୁ ମାଆ ମେନା ତାଙ୍କୁ ଡକାଇ ଉ..ମା ତପ କରନାହିଁ ବୋଲି କହିବାରୁ ଉମା ନାମ ଧରଣ କଲେ । ଉମାଙ୍କର ସେହି କଠିନ ତପସ୍ୟାରେ ତିନିଲୋକରେ ହାହାକାର ପଡିଗଲା । ଫଳରେ ବ୍ରହ୍ମା ଶୂନ୍ୟବାଣୀରେ ମାତାଙ୍କୁ ପ୍ରଶଂସା କରି ଅଚିରେ ମନସ୍କାମନା ପୂର୍ଣ୍ଣ ହେବାର ପ୍ରତିଶ୍ରୁତି ଦେଇ ତପଃ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଲେ । ମାତାଙ୍କର ଏହି ଦ୍ୱିତୀୟ ସ୍ୱରୂପକୁ ଧ୍ୟାନ କଲେ ତପଃ, ତ୍ୟାଗ, ବୈରାଗ୍ୟ ଓ ସଂଯମ ବୃଦ୍ଧି ହୋଇଥାଏ । ଦୁର୍ଗାପୂଜାର ଦ୍ୱିତୀୟ ଦିନ ମା'ଙ୍କର ଏହି ସ୍ୱରୂପର ଉପାସନା କରାଯାଏ । ସାଧକର ମନ ଏହିଦିନ 'ସ୍ୱାଧିଷ୍ଠାନ' ଚକ୍ରରେ ସ୍ଥିତ ହୁଏ ।

ମାତା ଦୁର୍ଗାଙ୍କର ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା । ମାତାଙ୍କର ଏହି ସ୍ୱରୂପ ପରମ ଶାନ୍ତିଦାୟକ ଓ କଲ୍ୟାଣକାରୀ ଅଟେ । ଏହାଙ୍କର ମସ୍ତକରେ ଘଣ୍ଟା ଆକାରରେ ଅର୍ଦ୍ଧଚନ୍ଦ୍ର ବିରାଜିତ ହୋଇଥିବାରୁ ଏହାଙ୍କୁ ଚନ୍ଦ୍ରଘଣ୍ଟା ଦେବୀ କୁହାଯାଏ । ମାତାଙ୍କର ଶରୀର ସୁନାପରି, ସେ ଦଶଭୂଜା । ସେଥିରେ ଖଡ୍ଗ ଆଦି ଅସ୍ତ୍ରଶସ୍ତ୍ର ବିଭୂଷିତ । ସେ ସିଂହବାହିନୀ ତଥା ଯୁଦ୍ଧପାଇଁ ଉଦ୍ୟତ ମୁଦ୍ରାରେ ବିରାଜିତ । ତାଙ୍କର ଘଣ୍ଟା ଧ୍ୱନିରେ ରାକ୍ଷସମାନଙ୍କର ହୃଦୟ ଭୟରେ ପ୍ରକମ୍ପିତ ହୋଇଥାଏ । ମାତାଙ୍କର ପୂଜା ନବରାତ୍ର ପୂଜାର ତୃତୀୟ ଦିବସରେ ହୁଏ । ଏହିଦିନ ସାଧକମାନଙ୍କର ମନ 'ମଣିପୁର' ଚକ୍ରରେ ପ୍ରବେଶ କରେ । ମାତାଙ୍କ ଦୟାରୁ ସାଧକଙ୍କୁ ଅଲୌକିକ ବସ୍ତୁମାନଙ୍କର ଦର୍ଶନ ମିଳିବା ସହିତ ଦିବ୍ୟ ସୁଗନ୍ଧ ଓ ଦିବ୍ୟଧ୍ୱନି ଶୁଣିବାକୁ ମିଳେ । ଏହି ସମୟରେ ସାଧକକୁ ସାବଧାନ ହେବାକୁ ପଡେ । ମାତାଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ ତେଣୁ ଭକ୍ତଙ୍କର ଦୁଃଖ ଅତିଶୀଘ୍ର ନିବାରଣ ହୋଇଯାଏ । ମା'ଙ୍କର ସାଧନା ସାଧକର ବୀରତା ଓ ନିର୍ଭୀକତା ସହିତ ସୌମ୍ୟତା ଓ ବିନମ୍ରତା ବିକଶିତ କରାଏ । ସାଧକର ସମଗ୍ର କାୟାରେ ଏକ ଅପୂର୍ବ କାନ୍ତି ଫୁଟି ଉଠେ ।

ମାତା ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପ ହେଉଛି କୁଷ୍ମାଣ୍ଡା । ନିଜର ମନ୍ଦହାସ ଦ୍ୱାରା ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା କାରଣରୁ

ମାତାଙ୍କୁ କୁଷ୍ମାଣ୍ଡା ଦେବୀ ନାମରେ ଅଭିହିତ କରାଯାଇଛି । ଯେତେବେଳେ ସୃଷ୍ଟି ନଥିଲା କି ତା'ର କିଛି ଅସ୍ତିତ୍ୱ ନଥିଲା ସେତେବେଳେ ଏହି ଦେବୀଙ୍କ ମନ୍ଦହାସରୁ ବ୍ରହ୍ମାଣ୍ଡ ରଚନା ହୋଇଥିଲା । ଏହି ମା'ଙ୍କର ନିବାସ ସୂର୍ଯ୍ୟ ମଣ୍ଡଳର ଅନ୍ତଃଲୋକରେ । ଏଣୁ ଏହାଙ୍କ କାନ୍ତି ଓ ପ୍ରଭା ମଧ୍ୟ ସୂର୍ଯ୍ୟ ସମାନ ଦେଦୀପ୍ୟମାନ ଓ ଭାସ୍ୱର । ମା'ଙ୍କର ତେଜ ଓ ପ୍ରକାଶର ଦଶଦିଗ ଉଦ୍‌ଭାସିତ ହୁଏ । ମାତାଙ୍କର ଭୁଜସଂଖ୍ୟା ଆଠ । ତାଙ୍କର ହାତରେ କମଣ୍ଡଳୁ, ଧନୁ, ବାଣ, କମଳପୁଷ୍ପ, ଅମୃତପୂର୍ଣ୍ଣ କଳସ, ଚକ୍ର, ଗଦା ତଥା ଅଷ୍ଟମ ହାତରେ ଜପାମାଳି ରହିଛି । ମା'ଙ୍କର ବାହନ ସିଂହ । ମାତାଙ୍କର ପ୍ରିୟ ବଳି ହେଉଛି ପାଣିକଖାରୁ ।ଏହି କାରଣରୁ ମାତାଙ୍କ ନାମ ମଧ୍ୟ କୁଷ୍ମାଣ୍ଡା । ଚତୁର୍ଥ ଦିବସର ପୂଜା କୁଷ୍ମାଣ୍ଡା ସ୍ୱରୂପର ପୂଜା । ଏହି ଦିନ ସାଧକ 'ଅନାହତ' ଚକ୍ରରେ ପ୍ରବେଶ କରିଥାଏ । ମା'ଙ୍କର ଉପାସନାରେ ଭକ୍ତର ସମସ୍ତ ରୋଗ–ଶୋକ ନଷ୍ଟ ହୋଇଥାଏ । ମା'ଙ୍କୁ ଭକ୍ତି କଲେ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ ।

ମାତା ଦୁର୍ଗାଙ୍କର ପଞ୍ଚମ ସ୍ୱରୂପର ନାମ ହେଉଛି ସ୍କନ୍ଦମାତା । ଦେବତାଙ୍କର ସେନାପତି ସ୍କନ୍ଦଙ୍କର ମାତା ହୋଇଥିବାରୁ ଏହାଙ୍କ ନାମ ସ୍କନ୍ଦମାତା । ଏହିଦିନ ସାଧକ 'ବିଶୁଦ୍ଧ' ଚକ୍ରରେ ଅବସ୍ଥିତ ହୋଇଥାଏ । ମା'ଙ୍କ ବିଗ୍ରହରେ ସ୍କନ୍ଦ ବାଳକ ରୂପରେ କୋଳରେ ବସିଥାନ୍ତି । ମାତାଙ୍କର ଚାରି ଭୁଜରେ ଡାହାଣ ପଟ ଉପର ଭୁଜରେ ସ୍କନ୍ଦ ଓ ତଳ ଭୁଜରେ କମଳ ପୁଷ୍ପ ଥିବା ବେଳେ ବାମପଟ ଉପର ଭୁଜର ବରମୁଦ୍ରା ଓ ତଳ ଭୁଜରେ କମଳ ପୁଷ୍ପଟିଏ ଧରିଥାନ୍ତି । ମାଆ ଶୁଭ୍ରବର୍ଣ୍ଣା ତଥା କମଳ ଆସନରେ ବିରାଜିତା ଏବଂ ସିଂହବାହିନୀ । ସାଧକର ମନ ଏହି ସ୍ୱରୂପର ଧ୍ୟାନରେ ଲାଗିଗଲେ ବିଶୁଦ୍ଧ ଚୈତନ୍ୟ ଆଡକୁ ଅଗ୍ରସର ହୋଇଥାଏ । ଏହାଙ୍କ ଉପାସନାରେ ଭକ୍ତର ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।

ମାତାଙ୍କର ଷଷ୍ଠ ସ୍ୱରୂପର ନାମ ହେଉଛି କାତ୍ୟାୟନୀ । ପରମ ଭକ୍ତ ମହର୍ଷି କାତ୍ୟାୟନଙ୍କ ତପ ଫଳରେ ମାତା ତାଙ୍କ ଝିଅ ଭାବରେ ଜନ୍ମନେଇ କାତ୍ୟାୟନୀ ନାମରେ ବିଦିତ ହେଲେ । ମାତା କାତ୍ୟାୟନୀ ହେଉଛନ୍ତି ଅମୋଘ ଫଳଦାୟିନୀ । ବ୍ରଜଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପାଇବା ନିମନ୍ତେ କାତ୍ୟାୟନୀଙ୍କୁ ପୂଜା କରିଥିଲେ । ଏହି ମାଆ ବ୍ରଜମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ରୂପେ ପ୍ରତିଷ୍ଠିତା । ମାତା ଚତୁର୍ଭୁଜା । ଦକ୍ଷିଣ ପଟ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ବର ମୁଦ୍ରା । ବାମପଟ ଉପର ହାତର ତରବାରି ଓ ତଳହାତର ପ୍ରସ୍ଫୁଟିତ ପଦ୍ମ ଶୋଭା ପାଏ ଏବଂ ମାତା ମଧ୍ୟ ସିଂହବାହିନୀ ଅଟନ୍ତି । ଏହି ଷଷ୍ଠଦିନରେ ସାଧକର ମନ 'ଆଜ୍ଞା' ଚକ୍ରରେ ପ୍ରବେଶ କରେ । ସାଧକ ନିଜର ସର୍ବସ୍ୱ ମାତା କାତ୍ୟାୟନୀଙ୍କ ନିକଟରେ ସମର୍ପଣ କରି ମାତାଙ୍କର ଦର୍ଶନ ପାଇଥାଏ । ମାତାଙ୍କୁ ଭକ୍ତି କରି ଅତି ସହଜରେ ଚତୁର୍ବର୍ଗ ଫଳ ଭକ୍ତ ପାଇ ପାରିଥାଏ ।

ମାତା ଦୁର୍ଗାଙ୍କର ସପ୍ତମ ସ୍ୱରୂପ ହେଉଛି କାଳରାତ୍ରି । ଏହାଙ୍କ ଶରୀରର ରଙ୍ଗ ରାତ୍ରିପରି ଗାଢକଳା । ମସ୍ତକର କେଶ ମୁକୁଳା । ମାତାଙ୍କର ଗୋଲାକାର ତ୍ରିନେତ୍ର । କଣ୍ଠରେ ବିଜୁଳି ପରି ଉଜ୍ଜ୍ୱଳ ମାଳା । ନାସିକାରୁ ପ୍ରବାହିତ ଶ୍ୱାସପ୍ରଶ୍ୱାସରେ ଅଗ୍ନିର ଜ୍ୱାଳା ବାହାରୁଥାଏ । ମାତା ଗର୍ଦ୍ଦଭବାହିନୀ ଏବଂ ଚତୁର୍ଭୁଜା । ଡାହାଣ ପଟ ଉପର ହାତ ବରମୁଦ୍ରା ତଳ ହାତ ଅଭୟ ମୁଦ୍ରା ଦେଖାଏ । ବାମପଟ ଉପର ଭୁଜାରେ ଲୁହାକଣ୍ଟା ଥିବା ବେଳେ ତଳ ହାତର ଖଡ୍ଗ ବା କଟାର ଶୋଭା ପାଉଥାଏ । ମାତା ଭୟଙ୍କର ଦୃଶ୍ୟ ହେଉଥିଲେ ବି ସେ ଶୁଭଫଳ ଦେଉଥିବାରୁ ତାଙ୍କର ଭିନ୍ନ ଏକ ନାମ ଶୁଭଙ୍କରୀ । ସପ୍ତମ ଦିବସର ସାଧକ 'ସହସ୍ରାର' ଚକ୍ରରେ ସ୍ଥିତ ରହେ । ଫଳରେ ସାଧକ ନିମନ୍ତେ ସକଳ ସିଦ୍ଧିର ଦ୍ୱାର ଖୋଲିଯାଏ । ସାଧକ ମାତାଙ୍କୁ ସାକ୍ଷାତ୍ ଦର୍ଶନ ପାଇଥାଏ । ଫଳରେ ତାଙ୍କର ସମସ୍ତ ପାପ ଓ ବିଘ୍ନ କଟିଯାଏ । ମାତା ଦୁଷ୍ଟବିନାଶିନୀ । ମା'ଙ୍କ ସ୍ମରଣ ମାତ୍ରେ ସମସ୍ତ ପ୍ରକାର ଭୟ ଶରୀରରୁ ଚାଲିଯାଏ ।

ମାତା ଦୁର୍ଗାଙ୍କର ଅଷ୍ଟମ ସ୍ୱରୂପର ନାମ ହେଉଛି ମହାଗୌରୀ । ମା'ଙ୍କର ଶରୀର ଶଙ୍ଖ ପରି ଗୌର । ମାତାଙ୍କର ସମସ୍ତ ବସ୍ତ୍ର ଓ ଆଭୂଷଣ ମଧ୍ୟ ଶ୍ୱେତ । ଚତୁର୍ଭୁଜା ମାତା ବୃଷବାହିନୀ । ଡାହାଣ ପଟ ଉପର ହାତରେ ଅଭୟ ମୁଦ୍ରା ଏବଂ ତଳ ହାତରେ ତ୍ରିଶୂଳ । ବାମପଟ ଉପର ହାତରେ ଡମ୍ବରୁ ଏବଂ ତଳ ହାତରେ ବରମୁଦ୍ରା ଶୋଭିତ । ପାର୍ବତୀ ରୂପରେ ମାତା ଶିବଙ୍କୁ ପାଇବାକୁ କଠୋର ତପସ୍ୟା କରି କଳାକାଠ ପଡି ଯାଇଥିବାରୁ ଶିବ ତାଙ୍କୁ ଗଙ୍ଗାଜଳରେ ଧୋଇ ମାଜି ଦେଇଥିଲେ ଫଳରେ ବିଦ୍ୟୁତ ପରି ମାତା ଗୌର ହୋଇଯିବାରୁ ମାତାଙ୍କ ନାମ ହେଲା ମହାଗୌରୀ । ମାତା ସଦ୍ୟଫଳଦାୟିନୀ । ମାତାଙ୍କ ଉପାସନାରେ ସମସ୍ତ ପ୍ରକାର ପାପ ଧୋଇ ଯାଇଥାଏ । ତାଙ୍କର କୃପା ହେଲେ ସାଧକ ଅଲୌକିକ ସିଦ୍ଧି ପ୍ରାପ୍ତି ହୋଇଥାଏ ।

ମାତା ଦୁର୍ଗାଙ୍କର ନବମ ଶକ୍ତିର ନାମ ହେଉଛି ସିଦ୍ଧିଦାତ୍ରୀ । ଏହି ମାତା ସକଳ ପ୍ରକାର ସିଦ୍ଧି ପ୍ରଦାନ କରିଥାଆନ୍ତି । ଅଣିମା,

ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶତ ଏବଂ ବଶିତ୍ୱ ପ୍ରକାର ଭେଦରେ ଆଠ ପ୍ରକାର ସିଦ୍ଧିଦାତ୍ରୀ ମାତାଙ୍କ କୃପାରୁ ଶିବ ଏହିସବୁ ସିଦ୍ଧି ପ୍ରାପ୍ତି ହୋଇଥିଲେ । ତାଙ୍କରି ଅନୁକମ୍ପାରୁ ଶିବଙ୍କ ଅଧା ଶରୀର ଦେବୀ ଶରୀର ପରି ହୋଇଥିବାରୁ ତାଙ୍କୁ ଅର୍ଦ୍ଧନାରୀଶ୍ୱର ମଧ୍ୟ କୁହାଯାଏ । ମାତା ଚତୁର୍ଭୁଜା, ସିଂହବାହିନୀ ଏବଂ ପଦ୍ମାସନୀ । ଡାହାଣ ପଟ ଉପର ହାତରେ ଗଦା, ତଳ ହାତରେ ଚକ୍ର ଏବଂ ବାମପଟ ଉପର ହାତରେ ପଦ୍ମ ତଥା ତଳ ହାତରେ ଶଙ୍ଖ ଶୋଭା ପାଉଥାଏ । ନବମ ଦିବସରେ ମାତାଙ୍କ ଏହି ସ୍ୱରୂପକୁ ଧ୍ୟାନ କଲେ ସାଧକର ସକଳ ମନବାଞ୍ଛା ପୂର୍ଣ୍ଣ ହୋଇଥାଏ । ନବଦୁର୍ଗାଙ୍କ ମଧ୍ୟରେ ସିଦ୍ଧିଦାତ୍ରୀ ହେଉଛନ୍ତି ଶେଷଦୁର୍ଗା । ମା'ଙ୍କର କୃପା ପାତ୍ର ଭକ୍ତ ଭିତରେ ଏପରି କିଛି କାମନା ରହେ ନାହିଁ, ଯାହାକୁ କି ସେ ପୂର୍ଣ୍ଣ କରିବାକୁ ଚାହାଁନ୍ତି । ସେ ସକଳ ସଂସାରିକ ଇଚ୍ଛା, ଆବଶ୍ୟକତା ଉପରକୁ ଉଠିଯାଇ ମାନସିକ ରୂପରେ ମାତା ଭଗବତୀଙ୍କର ଦିବ୍ୟଲୋକରେ ବିଚରଣ କରନ୍ତି ଏବଂ ମାଆଙ୍କର କୃପା–ରସାମୃତ ପାନକରି ବିଷୟ–ଭୋଗ ଶୂନ୍ୟ ହୋଇଯାଆନ୍ତି । ତାଙ୍କ ପାଇଁ ସଂସାରର କୌଣସି ବସ୍ତୁର ଆବଶ୍ୟକତା ରହେ ନାହିଁ ।

ମାତାଙ୍କର ଚରଣର ଏହି ସାନିଧ୍ୟ ପ୍ରାପ୍ତି ନିମନ୍ତେ ଆମକୁ ନିୟମନିଷ୍ଠ ହୋଇ ନିରନ୍ତର ତାଙ୍କର ଉପାସନା କରିବାକୁ ପଡିବ । ମାତା ଭଗବତୀଙ୍କ ସ୍ମରଣ, ଧ୍ୟାନ ଓ ପୂଜନ ଆମକୁ ଏହି ସଂସାରର ଅସାରତା ବୋଧ କରାଇ ବାସ୍ତବିକ ପରମ ଶାନ୍ତିଦାୟକ ଅମୃତ ପଦ ଆଡକୁ ନେଇ ଯାଇପାରିବ ।

**ସହାୟକ ଗ୍ରନ୍ଥ**

ନବଦୁର୍ଗା,ପ୍ରମେୟ ପୂଜା ବିଶଷାଙ୍କ, ଅମୃତ ସୋପାନ, ଶ୍ରୀମନ୍ଦିରର ଦ୍ୱାଦଶ ଯାତ୍ରା ଓ ପର୍ବ ପର୍ବାଣି, ଓଡ଼ିଶାର ଶକ୍ତିପୀଠ

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

# ମାଆ

ଦିଲ୍ଲୀପ କୁମାର ବେହୁରା

ଜଗତଜନନୀ ମାଆଲୋ ଭବାନୀ
ଭକତଙ୍କୁ ହେଉ ସାହା
ଆଦ୍ୟାଶକ୍ତି ଯେଣୁ ତୋ ବିନୁ କିଏବା
ଭରିବ ଜୀବନେ ରାହା ।

କାକଟପୁରରେ ମଙ୍ଗଳା ତୋ ନାମ
ଯାଜପୁରେ ବିରଜାଇ
ବାଙ୍କୀରେ ଚର୍ଚ୍ଚିକା କଟକରେ ଚଣ୍ଡୀ
ତାଳଚେରେ ହିଙ୍ଗୁଳାଇ
ପୁରୀରେ ବିମଳା ସମ୍ବଲପୁରରେ ତୁହି ସମଲେଇ ମାଆ ।

ମହିଷା ମର୍ଦ୍ଦିନୀ ପାପ ବିନାଶିନୀ
ଶକ୍ତି ପ୍ରଦାୟିନୀ ମାଆ ।

ଯିଏ ଯେଉଁ ରୂପେ ଡାକେ ମାଆ ତୋତେ
ସେହି ରୂପେ ଠିଆ ହେଉ
ଭକତର ଦୁଃଖ ନସହି ପାରିତୁ
କରୁଣା ଅଜାଡି ଦେଉ ।

ଗ୍ରାମ: ପୋଖରୀଆ
ପୋ– ମହୁଲ୍ଲିଆ
ରାଜନଗର, ଜି– କେନ୍ଦ୍ରାପଡା

❖ ❖ ❖

# ଆମ ସଂସ୍କୃତିରେ ଦୁର୍ଗା ପୂଜା

ଜୟଶ୍ରୀ ପଟ୍ଟନାୟକ

ଭାରତବର୍ଷରେ ପର୍ବପର୍ବାଣି ଆର୍ଯ୍ୟ ସଂସ୍କୃତିର ପ୍ରାଣ ସ୍ୱରୂପ । ବାର ମାସରେ ତେର ଯାତ ଏବଂ ଋତୁଚକ୍ରର ପରିବର୍ତ୍ତନ ମାନବ ଜୀବନରେ ଅନେକ ଆଧାତ୍ମିକ ମନୋଭାବ ଜାଗ୍ରତ କରାଏ । ସେଥି ମଧ୍ୟରୁ ଶରତ ଋତୁର ଅପୂର୍ବ ସମ୍ଭାର ନେଇ ଶାରଦୀୟ ଉତ୍ସବରେ, କାଶତଣ୍ଡିର ଚଅଁର ମଧ୍ୟରେ ଆକାଶର ଧଳା ଧଳା ମେଘଙ୍କ ପଟୁଆରରେ, ଗଙ୍ଗଶିଉଳି ଫୁଲର ମହକରେ, ପ୍ରକୃତିର ଶ୍ୟାମଳିମାରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସନ୍ତି ମା’ ଦୁର୍ଗା । ଭାରତରେ ଦୁର୍ଗାପୂଜା ଖୁବ୍ ପ୍ରାଚୀନ କାଳରୁ ହୋଇଥିଲା । ଭାରତୀୟ ଦର୍ଶନରେ ଆଦ୍ୟାଶକ୍ତି ପ୍ରକୃତି ରୂପିଣୀ । ମଣିଷ ଭିତରେ ଅଛି ଜୀବନୀ ଶକ୍ତି ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ଶକ୍ତି । ମଣିଷର ମାନସିକ ଶକ୍ତିର ମୂଳ ହେଲା ଇଚ୍ଛା ଶକ୍ତି । ଏହି ମାନସିକ ଶକ୍ତିରୁ ଆସେ ମଣିଷର କଳ୍ପନା, ଉଦ୍ଭାବନା ଓ ସୃଜନ ଶକ୍ତି । ଆଦ୍ୟାଶକ୍ତି ହିଁ ସବୁ ଶକ୍ତିର ଆଧାର । ସେ ସର୍ବଂସହା, ସର୍ବ ଶକ୍ତିମୟୀ, ସତ୍ ଚିତ ଆନନ୍ଦ ମୟୀ । ଆମ ସଂସ୍କୃତିରେ ଶକ୍ତି ଉପାସନାର ମହନୀୟ ପରମ୍ପରା ମାନବ ଜାତିର କ୍ରମବିକାଶର ପରିଚାୟକ । ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳଉତ୍ସ ହେଉଛନ୍ତି ମାତୃରୂପୀ ଶକ୍ତି । ନାରୀ ଯେ ଏହି ତ୍ରିଶକ୍ତିର ଅଧିକାରିଣୀ ଏହା ଅତିମାନବ ଅନୁଭବ କରିଥିଲା । ତେଣୁ କୁହାଯାଏ ପ୍ରାଗୈତିହାସିକ ଯୁଗରୁ ଭାରତବର୍ଷରେ ମହାଦେବୀଙ୍କ ପୂଜାର ଅୟମାରମ୍ଭ । ଶିବଙ୍କୁ ପଶୁପତି ରୂପେ ଆଖ୍ୟା ଦେଇ ତାଙ୍କ ସହ ଆଦିମାତାଙ୍କ ପୂଜାର ଅୟମାରମ୍ଭ । ଭାରତୀୟ ସଂସ୍କୃତିରେ ମାତୃପୂଜାର ପରମ୍ପରା ଯୁଗ ଯୁଗ ଧରି ପ୍ରଚଳିତ । ମା’ ହେଉଛନ୍ତି ବିଷ୍ଣୁଙ୍କର ମାୟା ଶକ୍ତି । ଭାରତୀୟ ସଂସ୍କୃତିରେ ଦେବ ପୂଜାଠାରୁ ଦେବୀ ପୂଜାର ପ୍ରାଧାନ୍ୟ ଅଧିକ । ପ୍ରାଚୀନ କାଳରୁ ଆମ ମୁନିଋଷିମାନେ ଆଦ୍ୟାଶକ୍ତି ପରଂବ୍ରହ୍ମ ସ୍ୱରୂପିଣୀ ମହାମାୟା ଜଗଜ୍ଜନନୀଙ୍କ ଗୁରୁତ୍ୱ ଉପଲବ୍ଧି କରି ଶକ୍ତି ତତ୍ତ୍ୱର ଚିନ୍ତନ-ମନନ-ପୂଜନର ପରମ୍ପରା ପ୍ରତିଷ୍ଠିତ କରି ଯାଇଛନ୍ତି ।



ଭାରତୀୟ ସଂସ୍କୃତିରେ ଶକ୍ତି ତିନି ଗୁଣ ଯଥା ସତ୍ୱ, ରଜ ଓ ତମ । ରଜ ଗୁଣରେ ସୃଷ୍ଟି କରନ୍ତି, ସତ୍ୱ ଗୁଣରେ ସ୍ଥିତି କରନ୍ତି, ତମଗୁଣରେ ସଂହାର କରନ୍ତି । ଭାରତୀୟ ସଂସ୍ମୃତିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏ ତିନି ଦେବତା ଯଥାକ୍ରମେ ତିନିଶକ୍ତିର ବୀଜ ସ୍ୱରୂପ । ତେଣୁ ଶକ୍ତି କହିଲେ ଏହି ତ୍ରିଶକ୍ତିଙ୍କ ସମ୍ମିଳିତ ରୂପ ଦୁର୍ଗା ଙ୍କୁ ହିଁ ବୁଝାଏ । ଦୁର୍ଗା ଏକାଧାରରେ ବ୍ରାହ୍ମଣୀ, ବୈଷ୍ଣବୀ ଓ ଶୈବୀ । ତେଣୁ ଦୁର୍ଗା ଉପାସନା ସାର୍ବଜନୀନ । ସେ ସର୍ବତ୍ର ଶକ୍ତି ରୂପରେ ଅଧିଷ୍ଠିତ ଓ ପୂଜିତ । ସେ ସର୍ବବ୍ୟାପୀ । ସେଥିପାଇଁ କୁହାଯାଇଛି-

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।

ପୁରାଣ, ବେଦ, ଉପନିଷଦମାନଙ୍କରେ ଏହି ମହାଶକ୍ତିଙ୍କ ଆବିର୍ଭାବ ଭିନ୍ନ ଭିନ୍ନ ରୂପ ନେଇଥାଏ । ଶିବ ପୁରାଣ ଅନୁସାରେ

ଦକ୍ଷ ପ୍ରଜାପତି ଏକ ମହାଯଜ୍ଞର ଆୟୋଜନ କରି ସେଥିରେ ସମସ୍ତ ଦେବତା ମୁନି ଋଷି ଓ ରାଜା ମହାରାଜାମାନଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ନିଜର କନ୍ୟା ସତୀ ଓ ଜାମାତା ଦେବଦେବ ମହାଦେବଙ୍କୁ ଆମନ୍ତ୍ରଣ କରି ନ ଥିଲେ। ପିତାଙ୍କର ଏ ପ୍ରକାର କାର୍ଯ୍ୟଦ୍ୱାରା ଦୁଃଖରେ ମ୍ରିୟମାଣା ସତୀ ବିନା ନିମନ୍ତ୍ରଣରେ ଉକ୍ତ ଯଜ୍ଞସ୍ଥଳରେ ପହଂଚି ଶେଷରେ ନିଜ ପିତାଙ୍କ ଦ୍ୱାରା ଅପମାନିତ ହୋଇ ଏବଂ ପତିଙ୍କ ନିନ୍ଦା ଶ୍ରବଣ କରି ଉକ୍ତ ଯଜ୍ଞାନଳରେ ଆତ୍ମ ବିସର୍ଜନ କରିବା ନିମନ୍ତେ ବାଧ୍ୟ ହୋଇଥିଲେ। ସତୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଧାରଣ କରି ଶିବ ପ୍ରଳୟ କାଳୀନ ତାଣ୍ଡବ ନୃତ୍ୟାରମ୍ଭ କରିଥିଲେ। ଶିବଙ୍କର ଏଭଳି ଉଦ୍ଦଣ୍ଡ ନୃତ୍ୟ ଦେଖି ଦେବତାମାନେ ପ୍ରମାଦ ଗଣିବା ସହିତ ସତୀଙ୍କ ପ୍ରତି ଶିବଙ୍କର ଆସକ୍ତି ମୋଚନ ନିମିତ ବୈକୁଣ୍ଠ ନିବାସୀ ବିଷ୍ଣୁଙ୍କୁ ଆକୁଳ ନିବେଦନ କରିଥିଲେ। ସ୍ୱୟଂ ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଅଙ୍ଗକୁ ଖଣ୍ଡ ଖଣ୍ଡ କରିବା ଦ୍ୱାରା ୫୧ଟି ସ୍ଥାନରେ ସତୀଙ୍କ ଶରୀରାଂଶ ପଡିଥିଲା। ଯେଉଁ ଯେଉଁ ସ୍ଥାନରେ ପତିତ ହୋଇଥିଲା ତାହା ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଶାକ୍ତପୀଠ ରୂପେ ପରିଗଣିତ ହେଲା।

ଏହି ସବୁ ଦେବୀ ପୀଠରେ କେଉଁଠି ଦେବୀ ଦ୍ୱିଭୁଜା ତ କେଉଁଠି ଷଡ଼ଭୁଜା କେଉଁଠି ଦଶଭୁଜା ତ କେଉଁଠି ବାରଭୁଜା। କେଉଁଠି ଠାକୁରାଣୀ ପରମ ବୈଷ୍ଣବୀ ତ କେଉଁଠି କାତ୍ୟାୟିନୀ, କେଉଁଠି ନରମୁଣ୍ଡ ମାଳିନୀ ଓ ଶବରୁଢ଼ା କେଉଁଠି ଷୋଡଶୀ ତ କେଉଁଠି ତ୍ରିପୁର ସୁନ୍ଦରୀ। ନିରାକାର ପରଂବ୍ରହ୍ମ ଭଗବାନ ସୃଷ୍ଟି ସର୍ଜନା ପାଇଁ ଯୋଗଦ୍ୱାରା ନିଜକୁ ଏକ ସୁନ୍ଦର ଅର୍ଦ୍ଧ ନାରୀଶ୍ୱର କଲେ ଯାର ଦକ୍ଷିଣ ଅଙ୍ଗରେ ପୁରୁଷ ଓ ବାମାଙ୍ଗରେ ନାରୀ। ଏହି ପ୍ରକୃତି ହେଉଛନ୍ତି ମହାମାୟା, ସନାତନ ଶକ୍ତି ଜଗଜ୍ଜନନୀ ବା ସମଗ୍ର ସୃଷ୍ଟିର ମାତୃଶକ୍ତି। ଶ୍ରୀଜଗନ୍ନାଥଙ୍କୁ ଯେପରି ଆମେ ଦାରୁବ୍ରହ୍ମ କହୁ ସେହିପରି ଆଦିମାତା ମାହେଶ୍ୱରୀ ଉମାଦେବୀଙ୍କୁ ବ୍ରହ୍ମ ଭାବରେ ଉପାସନା କରାଯାଏ। ମାତୃକାୟା ଓ ମହାବିଦ୍ୟା ଶକ୍ତି ବ୍ରହ୍ମ ସହ ଯୁକ୍ତ ହୋଇ ସରସ୍ୱତୀ, ଶିବ ସହ ଯୁକ୍ତ ହୋଇ ଶିବ ଶକ୍ତି, ବିଷ୍ଣୁ ସହ ଲକ୍ଷ୍ମୀ ଭାବରେ ପରିଚିତ । ମାତୃଶକ୍ତି ସ୍ୱରୂପ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଛି। ୧, ମାହେଶ୍ୱରୀ ୨, ମହାକାଳୀ ୩, ମହାଲକ୍ଷ୍ମୀ ୪, ମହା ସରସ୍ୱତୀ। ମାହେଶ୍ୱରୀ ଅନନ୍ତ ଶକ୍ତିର ପ୍ରତୀକ ଶିବଙ୍କର ଅସ୍ତିତ୍ୱ। ମହାକାଳୀ– ପୃଥିବୀ ଉପରେ ଯେମିତି ଅନ୍ଧାର, ଆଲୁଅ, ସୁଖ, ଦୁଃଖ, ଭଲ, ମନ୍ଦ ରହିଛି। ଆସୁରିକ ଶକ୍ତି ପ୍ରଭାବରେ ଯେତେବେଳେ ସଂସାରରେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼େ। ସେତେବେଳେ ଦୁଷ୍କୃତି ବଢ଼ିଥାଏ। ଏହି ଦୁଷ୍କୃତିର ବିନାଶ ପାଇଁ ମହାଶକ୍ତି ମହାକାଳୀ ରୂପ ନେଇଥାନ୍ତି। ମହାଲକ୍ଷ୍ମୀ– ମହାଲକ୍ଷ୍ମୀ ସମଗ୍ର ପୃଥିବୀର ଧନ, ରୂପ, ବିଭବ, ଆନନ୍ଦର ଅଧିକାରିଣୀ ମହାଲକ୍ଷ୍ମୀ ସାତ୍ତ୍ୱିକ ଗୁଣ ସମ୍ପନ୍ନା। ମହା ସରସ୍ୱତୀ– ସମସ୍ତ କଳା, ସଙ୍ଗୀତ, ସାହିତ୍ୟ ଭିତରେ ମହା ସରସ୍ୱତୀ ହିଁ ବାକ୍‌ଦେବୀ ବା ଜ୍ଞାନର ଦେବୀ। ତେଣୁ ସଂସାରରେ ବିଶ୍ୱ ଜନନୀ ପ୍ରକୃତି ରୂପା ମାତୃଶକ୍ତିଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ। ଜଗତଜନନୀ ମା’ ସୃଷ୍ଟି, ସ୍ଥିତି, ଧ୍ୱଂସର କେନ୍ଦ୍ରବିନ୍ଦୁ। ସୃଷ୍ଟିର ଆଦ୍ୟକାଳରୁ ସେ କଲ୍ୟାଣମୟୀ, ବୀଣା ଧାରିଣୀ ତାମସୀ ରୂପରେ ସର୍ବତ୍ର ଉପାସିତା। ମାର୍କଣ୍ଡେୟ ପୁରାଣ ଅନୁସାରେ ଦୁର୍ଗା ଶୁଦ୍ଧଚିତ। ସେ ଶିବଙ୍କର ଶକ୍ତି, ବିଷ୍ଣୁଙ୍କର ମାୟା। ସେ ବୈଷ୍ଣବୀ ସେ ଶଙ୍କରୀ। ସେ ସୃଷ୍ଟି, ସେ ପ୍ରଳୟକାରିଣୀ। ଉପନିଷଦ ଅନୁଯାୟୀ ସେ ବ୍ରହ୍ମ ସ୍ୱରୂପିଣୀ ଜଗତ ସୃଷ୍ଟିର ମୂଳ କାରଣ ।

ମାର୍କଣ୍ଡେୟ ପୁରାଣ ଅନୁସାରେ ଚେଦି ରାଜବଂଶର ରାଜା ସୁରଥ ଦୁର୍ଗାପୂଜା ଆରମ୍ଭ କରିଥିଲେ। ରାଜା ସୁରଥ ଓ ସମାଧି ବୈଶ୍ୟ ନିଜ ପରିବାରର ସଦସ୍ୟମାନଙ୍କ ଦ୍ୱାରା ବିତାଡିତ ହୋଇ ଅରଣ୍ୟଗାମୀ ହେଲେ। ଅରଣ୍ୟରେ ମେଧା ଋଷିଙ୍କ ପରାମର୍ଶ ଅନୁଯାୟୀ ମା’ଙ୍କ ଶରଣାପନ୍ନ ହୋଇ ଦୁର୍ଗାପୂଜା ଆରମ୍ଭ କଲେ।

ଲଙ୍କାଧିପତି ତ୍ରି ଭୁବନ ବିଜୟୀ ମହାପ୍ରତାପୀ ରାବଣକୁ ବଧ କରିବା ପାଇଁ ରଘୁ କୁଳ ତିଳକ ଭଗବାନ ଶ୍ରୀରାମଚନ୍ଦ୍ର ଶରତ କାଳରେ ଏହି ପୂଜା ଉତ୍ସବର ଆୟୋଜନ କରିଥିଲେ ବୋଲି ପୌରାଣିକ ଆଖ୍ୟାନ ରହିଛି। ସେ ମାତୃଶକ୍ତି କନକଦୁର୍ଗାଙ୍କ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ଯାତ୍ରା କରିଥିବାରୁ ଏହି ବିଧିକୁ ବିଜୟାଦଶମୀ କୁହାଯାଏ। ମହାଭାରତର ଭୀଷ୍ମ ପର୍ବରେ ଅର୍ଜୁନ ତାଙ୍କର ପ୍ରତିପକ୍ଷକୁ ପରାସ୍ତ କରିବା ପାଇଁ ଶକ୍ତିରୂପିଣୀ ମା’ ଦୁର୍ଗାଙ୍କର ପୂଜା ଆରମ୍ଭ କରିଥିଲେ।

ଦେବାସୁର ସମରରେ ମହିଷାସୁର ବିଜୟୀ ହେବା ଫଳରେ ସମଗ୍ର ଅମରାବତୀ ମହିଷାର ଆୟତାଧୀନ ହୋଇଥିଲା। ସମସ୍ତ ଦେବଗଣ ସ୍ୱର୍ଗପୁରୀରୁ ବିତାଡିତ ହୋଇ ଦେବ ଦେବ ମହାଦେବ ଓ ବିଷ୍ଣୁ ସମୀପରେ ଉପଗତ ହୁଅନ୍ତି। ମହିଷାସୁରର ଏତାଦୃଶ କାର୍ଯ୍ୟକଳାପ ଶ୍ରବଣ କରି ଯୋଗାଧିରାଜ ଶିବ ଓ ବିଷ୍ଣୁ ଏବଂ ମହେଶ୍ୱରଙ୍କ ପବିତ୍ର ଶରୀରରୁ ଉଗ୍ର ତେଜ ନିଃସୃତ ହୁଏ। ସମସ୍ତ ତେଜ ରଶ୍ମୀର ଏକୀଭୂତ ସତ୍ତା ହିଁ ମହିୟସୀ ଦେବୀ ମା’ ଦୁର୍ଗା। ତାଙ୍କ ଦ୍ୱାରା ମହିଷାସୁର ବିନାଶ ହେଲା। ତାହା ଥିଲା ଦୁର୍ଗା ବା ସମନ୍ୱିତ ଶକ୍ତି। କୌଣସି ଶତ୍ରୁର ମୁକାବଲା ପାଇଁ ୪ଟି ବୃହଦ୍

ଶକ୍ତିକୁ ଏକତ୍ରିତ କରିବାକୁ ହୁଏ । ଗଣଶକ୍ତି, ଜ୍ଞାନଶକ୍ତି, କ୍ଷାତ୍ରଶକ୍ତି ଓ ଧନଶକ୍ତି ସେମାନେ ହେଲେ ଗଣପତି, ସରସ୍ୱତୀ, ମହାଲକ୍ଷ୍ମୀ, କାର୍ତ୍ତିକେୟ ।

ଦେବୀ ଦୁର୍ଗମ ନାମକ ଅସୁରକୁ ବିନାଶ କରି ଦୁର୍ଗା ନାମ ଧାରଣ କରିଥିଲେ । ମହିଷାସୁରକୁ ମର୍ଦ୍ଦନ କରିଥିବାରୁ ମହିଷା ମର୍ଦ୍ଦିନୀ । ମାତୃ ରୂପେ ଜଗଦମ୍ବା, ବୃଦ୍ଧା ରୂପରେ ଜଗଦ୍ଧାତ୍ରୀ ସେ ଲୀଳାମୟୀ, ଚିନ୍ମୟୀ, ସତ୍‌ଜନମୟୀ, ସଂହାରମୟୀ । ମହାଶକ୍ତି ଦୁର୍ଗା ସକଳ ସୃଷ୍ଟିର କର୍ତ୍ତ୍ରୀ । ସେ ଜ୍ଞାନ ଦାୟିନୀ ମହା ସରସ୍ୱତୀ, ସେ ଐଶ୍ୱର୍ଯ୍ୟ ପ୍ରଦାୟିନୀ ମହାଲକ୍ଷ୍ମୀ ଓ ସେ ଧ୍ୱଂସ କାରିଣୀ ମହାକାଳୀ ।

ଏହି ତ୍ରିବିଧ ସଂରଚନାକୁ ଏକତ୍ର କରି ମହାଶକ୍ତି ସମଗ୍ର ବିଶ୍ୱରେ ବିଦ୍ୟମାନ ।

ଦୁର୍ଗାପୂଜା କେବଳ ଶକ୍ତିର ଉଦ୍‌ବୋଧନ ନୁହେଁ ନିଜ ଭିତରେ ନିହିତ ଥିବା ପରମ ଶକ୍ତିର ଆବାହନ । ଉପାସନାର ପ୍ରକୃତ ଅର୍ଥ ଅନ୍ତର୍ଚ୍ଚେତନାକୁ ବିକଶିତ କରିବା । ମାନବିକତା, ପାଶବିକତା ଦୁଇଟି ପ୍ରବୃତ୍ତି ମଣିଷର ଅନ୍ତରାଜ୍ୟରେ ବିରାଜମାନ । ମା' ଯୁଗେ ଯୁଗେ ହସ୍ତରେ ଚକ୍ର, ଗଦା, ଖଡ୍ଗ, ଢ଼ାଲ, ବାଣ ଓ ଧନୁ ଇତ୍ୟାଦି ଅସ୍ତ୍ର ଏବଂ ମୁକୁଟରେ ଚନ୍ଦ୍ରମାକୁ ଧାରଣ କରି ମଣିଷର ପାଶବିକତାକୁ ଦମନ କରି ଦିବ୍ୟ ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଦେବୀଙ୍କ ଆବିର୍ଭାବ ଯୋଗୁଁ ଦୁଷ୍ଟଜନମାନେ ବିନାଶ ହେବା ସହ ସନ୍ଥଜନମାନେ ସୃଷ୍ଟିରେ ବିହରଣ କରିବାକୁ ସମର୍ଥ ହୋଇଥାନ୍ତି । ଶାରଦୀୟ ମହାପୂଜା ଅବସରରେ ମୃଣ୍ମୟୀ ମହିଷାମର୍ଦ୍ଦିନୀ ଦୁର୍ଗା ବିଗ୍ରହଙ୍କ ପୂଜୋତ୍ସବ ସବୁଠାରେ ଆଶ୍ୱିନ ମାସ ଶୁକ୍ଳ ଷଷ୍ଠୀଠାରୁ ଦଶହରା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ମାତ୍ର ପୀଠମାନଙ୍କରେ ଆର୍ଦ୍ରା ନକ୍ଷତ୍ରଯୁକ୍ତା ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ପୀଠ ଦେବୀଙ୍କର ମହାପୂଜା ଆରମ୍ଭ ହୋଇ ପୂର୍ବାଷାଢ଼ା ନକ୍ଷତ୍ର ଯୁକ୍ତା ଆଶ୍ୱିନ ଶୁକ୍ଳ ବିଜୟା ଦଶମୀରେ ବିଜୟୋତ୍ସବ ସଂପାଦିତ ହୋଇ ଦେବୀଙ୍କର ବିସର୍ଜନ ପ୍ରକ୍ରିୟା ମାଧ୍ୟମରେ ଷୋଡଷାହ ଦିବସ ବ୍ୟାପିନୀ ମହାପୂଜା ଉଦ୍‌ଯାପିତ ହୋଇଥାଏ ।

ହିନ୍ଦୁଧର୍ମରେ ଶକ୍ତିପୂଜାର ଆରାଧନା, ଉପାସନା ସଂସ୍କୃତିର ପ୍ରାରମ୍ଭରୁ ପ୍ରଚଳିତ । ଶାରଦୀୟ ଦୁର୍ଗାପୂଜା ଆମ ସଂସ୍କୃତିର ପ୍ରାଣ ଭକ୍ତି ଓ ଶକ୍ତିର ଅପୂର୍ବ ଐକ୍ୟତାନ । ଭାରତର ଚତୁର୍ଦ୍ଦିଗରେ ଦେବୀଙ୍କର ପୀଠ ବିଦ୍ୟମାନ । ଉତ୍ତର ଭାରତରେ(ଜାମ୍ମୁ କାଶ୍ମୀର), ବୈଷ୍ଣବୀ, ବୈଷ୍ଣୋଦେବୀ, ପୂର୍ବରେ ସର୍ବକାମ ବରପ୍ରଦା କାମାକ୍ଷା ଦେବୀ (ଆସାମ), ପଶ୍ଚିମରେ ଅମ୍ବାମାତା ଅମ୍ବିକା(ଗୁଜୁରାଟ), ଦକ୍ଷିଣରେ କନ୍ୟକା (କନ୍ୟାକୁମାରୀ) ପୀଠ ରହିଛି । ଶକ୍ତିକୁ ତ୍ୟାଗ କଲେ ଶିବ ଶବରେ ପରିଣତ ହୁଅନ୍ତି । ଶକ୍ତିଙ୍କ ଇଚ୍ଛାରେ ଏହି ଚରାଚର ବ୍ରହ୍ମାଣ୍ଡର ସୃଷ୍ଟି ସଂହାର ଓ ପାଳନ କାର୍ଯ୍ୟ ହୋଇଥାଏ । ବ୍ରହ୍ମ, ରୁଦ୍ର, ବିଷ୍ଣୁ, ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବରୁଣ ଶକ୍ତିଯୁକ୍ତ ହୋଇ କାର୍ଯ୍ୟ କରନ୍ତି । ମହାଶକ୍ତିଙ୍କ ଯୋଗୁଁ ଜଗତ ତିଷ୍ଠି ରହିଛି । ଶକ୍ତିଙ୍କ ସାମାନ୍ୟ ବ୍ୟତିକ୍ରମରେ ସୁନାମୀ ବା ମହାବାତ୍ୟାର ତାଣ୍ଡବ, ଭୂକମ୍ପ, ଭୂସ୍ଖଳନ, ପ୍ରକୋପ, ଅଗ୍ନିର ଲେଲିହାନ ତେଜରେ ଜଳିଉଠେ ସଂସାର । ଦେବୀଙ୍କୁ ଯିଏ ଯାହା ପ୍ରାର୍ଥନା କରେ, ମାତା ରୂପରେ ଦେବୀ ଧର୍ମ, ଅର୍ଥ, କାମ, ମୋକ୍ଷାଦି ପ୍ରଦାନ କରିଥାନ୍ତି । ମନୁଷ୍ୟ ମନରେ ସତ୍ୱ, ରଜ, ତମ ଗୁଣକୁ ଆଶ୍ରୟ କରି ବିଭିନ୍ନ ପ୍ରକାର ବିକାର ସୃଷ୍ଟି ହୋଇଥାଏ । ସତ୍ୱ ଗୁଣର ପ୍ରାଧନ୍ୟରେ ଭଗବତ୍ ପ୍ରାପ୍ତିର ତୃଷ୍ଣା ବଢ଼େ । ରଜ ଗୁଣର ପ୍ରାଧାନ୍ୟରେ ଭଗବତ୍ ପ୍ରାପ୍ତିର ତୃଷ୍ଣା ବଢ଼େ ଏବଂ ତାମସିକ ଗୁଣର ପ୍ରାବଲ୍ୟରେ ଗର୍ବ, ହିଂସା, କାମ କ୍ରୋଧ, ବିଦ୍ୱେଷ ମନୁଷ୍ୟକୁ ଆସୁରିକ ପ୍ରକୃତି ପ୍ରବଣ କରିଦିଅନ୍ତି । ସେଗୁଡ଼ିକର ପ୍ରଭାବରେ ବିବେକ, ବୁଦ୍ଧି, ବିଚାର ଶକ୍ତି ପରାଜିତ ହୋଇ ପଶୁ ପ୍ରକୃତିର ଅଭିବୃଦ୍ଧି ଘଟେ । ଏହି ଆସୁରିକ ଗୁଣଗୁଡ଼ିକ ହିଁ ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ, ମହିଷାସୁର ପରି ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଅନ୍ତି । ତେଣୁ ପୂଜା ଉପାସନା ମାଧ୍ୟମରେ ମନକୁ ଏକାଗ୍ରତାରେ ରଖି ଏହିସବୁ କୁପ୍ରବୃତିକୁ ମନରୁ ଦୂରେଇ ଦେବା ବିଧେୟ । ମାନବଠାରୁ କୀଟ ପର୍ଯ୍ୟନ୍ତ ସଭିଙ୍କ ମନରେ ଭକ୍ତି ସ୍ରୋତର ପ୍ରବାହକୁ ବୁହାଇବା ଦରକାର । ସବୁରି କଣ୍ଠେ ମା'ଙ୍କର ସେହି ଆବାହନୀ ଗୀତକୁ ଗାଇବା ଉଚିତ ।

ମଧୁସୂଦନ ନଗର, ଜଟଣୀ

❖ ❖ ❖

# ଓଡ଼ିଶାରେ ବାରାହୀ ଉପାସନା

ସୁନୀତା ବେହେରା

ଶାକ୍ତ ସଂସ୍କୃତିରେ ଉପାସିତ ଦେବୀମାନଙ୍କ ମଧ୍ୟରେ ବାରାହୀ ଅନ୍ୟତମ । ବିଭିନ୍ନ ତନ୍ତ୍ରଶାସ୍ତ୍ରମାନଙ୍କରେ ଥିବା ମାତୃକାମାନଙ୍କ ବର୍ଣ୍ଣନାରେ ଦେବୀ ବାରାହୀଙ୍କ ସମ୍ବନ୍ଧରେ ଉଲ୍ଲେଖ ରହିଛି । ଉକ୍ତ ଶାସ୍ତ୍ରମାନଙ୍କ ମଧ୍ୟରୁ କେତୋଟିରେ ସେ ବରାହ ରୂପୀ ବିଷ୍ଣୁଙ୍କ ଶକ୍ତିଭାବେ ବର୍ଣ୍ଣିତ ତ ଅନ୍ୟ କେତୋଟିରେ ସେ ତନ୍ତ୍ରଦେବୀ ରୂପେ ସ୍ୱୀକୃତ ।

'ଅଗ୍ନିପୁରାଣ'ର ବର୍ଣ୍ଣନାରୁ ଜଣାଯାଏ ଯେ ଦେବୀ ବାରାହୀ ହେଉଛନ୍ତି ମାତୃକାମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ତଥା ସେ ଚତୁର୍ହସ୍ତା । ତାଙ୍କ ହସ୍ତରେ ଦଣ୍ଡ, ଶଙ୍ଖ, ଖଡ୍ଗ, ଗଦା ଶୋଭା ପାଇଥାଏ । ଦେବୀଙ୍କର ବାହନ ମହିଷ ବୋଲି ମଧ୍ୟ ଉକ୍ତ ପୁରାଣରୁ ଜଣାଯାଏ । 'ଦେବୀ ଭାଗବତ ପୁରାଣ'ରେ ଦେବୀଙ୍କ ମୁଖ ବରାହ ରୂପୀ ଓ ସେ ପ୍ରେତାରୂଢ଼ା ବୋଲି ବର୍ଣ୍ଣିତ । 'ମତ୍ସ୍ୟପୁରାଣ'ରେ ବାରାହୀ ସପ୍ତମାତୃକାଙ୍କ ମଧ୍ୟରେ ଅନ୍ୟତମ ତଥା ତାଙ୍କର ବାହନ ମହିଷ ବୋଲି ଉଲ୍ଲେଖ ରହିଛି । ବିଭିନ୍ନ ପୁରାଣ, ଶାସ୍ତ୍ରମାନଙ୍କରେ ଦେବୀଙ୍କୁ ଆଦି ବାରାହୀ, ଲଘୁ ବାରାହୀ, ଅଶ୍ୱାରୂଢ଼ା ବାରାହୀ, ଶୁଦ୍ଧ ବାରାହୀ, ଦଣ୍ଡନାଥା ବାରାହୀ, ଧୂମ୍ର ବାରାହୀ, ସ୍ୱପ୍ନ ବାରାହୀ ଓ ବାର୍ତ୍ତାଳୀ ଭାବରେ ନାମିତ କରାଯାଇଛି । ବୌଦ୍ଧ ଧର୍ମରେ ବାରାହୀ 'ବଜ୍ରବାରାହୀ'ରୂପେ ପ୍ରସିଦ୍ଧ ବୋଲି କେତେକ ଗବେଷକଙ୍କ ମତ ।

ଓଡ଼ିଶାରେ ଶକ୍ତି ଉପାସନା ପରମ୍ପରା ଅତ୍ୟନ୍ତ ପ୍ରାଚୀନ । ଏହି ଉଡ୍ର ଦେଶର 'କୌଳାଚାର' ତଥା 'ବାରାହୀ ତନ୍ତ୍ର' ନାମକ ଗ୍ରନ୍ଥରେ ତାଙ୍କ ବିଭିନ୍ନ ରୂପର ବର୍ଣ୍ଣନା ତଥା ଗୁପ୍ତ ତନ୍ତ୍ର ପୂଜା ପଦ୍ଧତିର ବର୍ଣ୍ଣନା ପରିଦୃଷ୍ଟ ହୁଏ । 'ବାରାହୀ ତନ୍ତ୍ର' ଅନୁଯାୟୀ ଦେବୀଙ୍କ ପାଞ୍ଚଟି ମୁଖ୍ୟ ରୂପର ନାମ ହେଉଛି ସ୍ୱପ୍ନ ବାରାହୀ, ଚଣ୍ଡ ବାରାହୀ, ମହାବାରାହୀ, ଚକ୍ର ବାରାହୀ ଓ ମତ୍ସ୍ୟ ବାରାହୀ । ଓଡ଼ିଶାରେ ବିଭିନ୍ନ ଜାଗା ଦୃଷ୍ଟିଗୋଚର ହେଉଥିବା ମୂର୍ତ୍ତିକଳାରେ ବାରାହୀଙ୍କ ମୂର୍ତ୍ତିଗୁଡ଼ିକରେ ଦେବୀ ଦ୍ୱିଭୂଜା, ଚତୁର୍ଭୁଜା ଅଟନ୍ତି । ଦ୍ୱିଭୁଜା ଦେବୀଙ୍କ ଦକ୍ଷିଣ ହସ୍ତରେ ଏକ ମତ୍ସ୍ୟ ଓ ବାମହସ୍ତରେ ସୁରାପାତ୍ର ଶୋଭା ପାଇବା ସମୟରେ ଚତୁର୍ଭୁଜା ମା' ବାରାହୀଙ୍କ ବିଗ୍ରହକୁ ବିଶ୍ଳେଷଣ କଲେ ଜଣାପଡେ ମା' ଅତ୍ୟନ୍ତ ସନ୍ତାନ ବତ୍ସଳା । ଏହାର ପ୍ରତୀକ ରୂପେ ଦେବୀଙ୍କ ହସ୍ତରେ ମତ୍ସ୍ୟ ଓ ସୁରାପାତ୍ର ସହିତ ଦେବୀ ଏକ ଶିଶୁକୁ ଧାରଣ କରିଥିବାସ୍ଥଳେ ଚତୁର୍ଥ ହସ୍ତଟିରେ ଅଭୟ ମୁଦ୍ରା ପ୍ରଦର୍ଶନ କରିଥାନ୍ତି ।

ଭୁବନେଶ୍ୱରର ପ୍ରାଚୀନ ପରଶୁରାମେଶ୍ୱର ମନ୍ଦିର ଗାତ୍ରରେ ସପ୍ତମାତୃକାଙ୍କ ସହିତ ଥିବା ବାରାହୀ ଏକ କୁଶନ ଉପରେ ଯୋଗାସନରେ ବସିଥିବା ବେଳେ ତା'ଙ୍କ ଦକ୍ଷିଣପାର୍ଶ୍ୱ ଉପରେ ହସ୍ତରେ ଚମ୍ପକ ପୁଷ୍ପ, ମୁଖ୍ୟ ହସ୍ତରେ ମତ୍ସ୍ୟ, ବାମପାର୍ଶ୍ୱ ଉପର ହସ୍ତରେ କୁଠାର ଓ ମୁଖ୍ୟହସ୍ତରେ ମଦ୍ୟପାତ୍ର ଦେଖିବାକୁ ମିଳିଥାଏ । ଦେବୀଙ୍କ ଆସନ ତଳେ ମହିଷ ପରିବର୍ତ୍ତେ ମଧ୍ୟଭାଗରେ ଜଣେ ଭାରବାହକ ଯକ୍ଷ ରହିଛି ଓ ଦୁଇପାର୍ଶ୍ୱରେ ବୈଠି ଉପରେ ପୂର୍ଣ୍ଣକୁମ୍ଭ ସ୍ଥାନିତ ହୋଇଛି । ପୃଥୁଳ ଶରୀରା ଦେବୀଙ୍କ ମସ୍ତକରେ ଜଟାମୁକୁଟ ଓ ଦେହରେ ସାଧାରଣ ବସ୍ତ୍ରାଳଙ୍କାର ଦେଖିବାକୁ ମିଳେ । ସେହିପରି ବୈତାଳ ଦେଉଳ ମଧ୍ୟରେ ଥିବା ବାରାହୀଙ୍କ ମୂର୍ତ୍ତିତତ୍ତ୍ୱ ଅର୍ଦ୍ଧପରାୟଣିକ ଭଙ୍ଗୀରେ ବସି ବାମପାର୍ଶ୍ୱକୁ ଦୃଷ୍ଟି ରଖିଛନ୍ତି । ବାଙ୍କୀ ନିକଟସ୍ଥ ବୈଦ୍ୟେଶ୍ୱର ନିକଟ ମହାନଦୀ ଟାପୁରେ ଥିବା ସିଂହନାଥ ମନ୍ଦିରର ଏକ ମାତୃକା ଗୋଷ୍ଠୀ ମୂର୍ତ୍ତି ମଧ୍ୟରେ ଦ୍ୱିଭୁଜା ବାରାହୀ ଦକ୍ଷିଣ ହସ୍ତରେ ମତ୍ସ୍ୟ ଓ ବାମହସ୍ତରେ ସୁରାପାତ୍ର ଧରି ଅର୍ଦ୍ଧ ପରାୟଣିକ ଭଙ୍ଗୀରେ ଆସନ ଗ୍ରହଣ କରିଛନ୍ତି । ଦେବୀଙ୍କ ଉକ୍ତ ପ୍ରତିମାଟିରେ ବାହନ ଅନୁପସ୍ଥିତ ଥିବାବେଳେ ନିମ୍ନରେ ମତ୍ସ୍ୟ ଓ ପୂଜା ସାମଗ୍ରୀ ସହିତ ଜଣେ ଗଣ ଉପସ୍ଥିତ

ଥିବାର ଜଣାଯାଏ । ପ୍ରାଚୀନ ଶକ୍ତିପୀଠ ଯାଜପୁର ଜିଲ୍ଲାର ଏସ୍.ଡି.ଓ.ଙ୍କ କାର୍ଯ୍ୟାଳୟ ପରିସରରେ ଥିବା କଳାଶୈଳୀର ମୂର୍ତ୍ତିଟି ଚତୁର୍ଭୁଜ ପ୍ରତିମାର ହସ୍ତଗୁଡିକ ଭଗ୍ନ ହୋଇଥିବା ବେଳେ କୋଳରେ ଶିଶୁଟି ଧାରଣ କରିଥିବା ଜଣାଯାଏ ଏବଂ ସେଠାକାର ଅନ୍ୟ ଏକ ପ୍ରତିମା ବୈତରଣୀ ନଦୀ ପାର୍ଶ୍ୱ ଦଶାଶ୍ୱମେଧ ଘାଟରେ ଥିବା କାରୁକଳାପୂର୍ଣ୍ଣ ଚତୁର୍ଭୁଜା ଦେବୀଙ୍କ ମସ୍ତକରେ ଅଳକାଯୁକ୍ତ ଚକ୍ରାକାର ଜଟାଭାର ସମେତ କର୍ଣ୍ଣରେ ଚକ୍ରକୁଣ୍ଡଳ, ଗଳାରେ ମାଳା, ବାହୁରେ ବାଜୁବନ୍ଧ, ହସ୍ତରେ ରତ୍ନଚୁଡି ଓ ପାଦରେ ନୂପୁର ପରିଧାନ କରିଥିବା ପରିଲକ୍ଷିତ ହୋଇଥାଏ । ଉଭୟ ମୂର୍ତ୍ତିର ଆସନ ତଳେ ମହିଷ ବାହନ ରହିଛି । ଦକ୍ଷିଣ ଓଡ଼ିଶାର ପଦ୍ମପୁର ଓ ପାଇକପଡା, ପଶ୍ଚିମ ଓଡ଼ିଶାର ବେଲଖଣ୍ଡି ଓ ରାଣୀପୁର ଝରିଆଲ୍, ଉତ୍ତର ଓଡ଼ିଶାର ପେଡାଗଡୀ, ବଡସାହି ଓ ଖିଚିଂରେ ମଧ୍ୟ ବିଭିନ୍ନ ସମୟର ବାରାହୀ ପ୍ରତିମା ଦେଖିବାକୁ ମିଳେ । ଯାଜପୁର ଜିଲ୍ଲାର ଧର୍ମଶାଳାଠାରୁ ସଂଗୃହିତ ତଥା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ବାରାହୀ ଓ ଜଗତ୍‌ସିଂହପୁର ସଠଳପୁରର ବାରହୀ ପ୍ରତିମା ଉଚ୍ଚକୋଟୀର କଳାଶୈଳୀ ଦ୍ୱାରା ବେଶ୍ ଶୋଭନୀୟ ।

ବାରାହୀ ପ୍ରତିମା ମଧ୍ୟରେ ପ୍ରାଚୀ ନଦୀ ଅବବାହିକାରେ ଚଉରାଶୀ ତଥା ପୁରୀ ବାଲିସାହିର ପ୍ରତିମା ଉଲ୍ଲେଖଯୋଗ୍ୟ । କଳା ମୁଗୁନି ପଥରରେ ନିର୍ମିତ ମସୃଣ ଓ ନିରାଡମ୍ବର ଦ୍ୱିଭୁଜା ପ୍ରତିମାର ଦକ୍ଷିଣ ହସ୍ତରେ ମତ୍ସ୍ୟ ଓ ବାମହସ୍ତରେ ଖପୁରୀର ମଦ୍ୟପାତ୍ର ସହିତ ଦେବୀଙ୍କ ମସ୍ତକରେ ଅଳକାଯୁକ୍ତ ଜଟାଭାର, ଦେହରେ ସମସାମୟିକ ବସ୍ତ୍ରାଳଙ୍କାରରେ ସୁଶୋଭିତ । ଚଉରାଶୀ ଗ୍ରାମରେ ଖକରା ମନ୍ଦିରରେ ଲଳିତ ଭଙ୍ଗୀରେ ବସିଥିବା ଦେବୀଙ୍କ ଆସନ ତଳେ ତାଙ୍କ ବାହନ ମହିଷ ରହିଥିବାବେଳେ ମୂର୍ତ୍ତିର ଊର୍ଦ୍ଧ୍ୱଭାଗ ଦୁଇକୋଣରେ ଉଡ୍ଡୀୟମାନ ବିଦ୍ୟାଧରଙ୍କ ପିତୁଳା ଉତ୍‌କୀର୍ଣ୍ଣ ହୋଇଛି । ସେହିପରି ପୁରୀ ବାଲିସାହିର ପଦ୍ମପୀଠ ଉପରେ ବସିଥିବା ଦେବୀ ବାହନ ବିହୀନ ଚତୁର୍ଭୁଜା ଅଟନ୍ତି ।

ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟାଠାରେ ଏକ ନବନିର୍ମିତ ମନ୍ଦିର କାନ୍ଥରେ ଚତୁର୍ଭୁଜା ଦେବୀ ଉପର ଦକ୍ଷିଣ ହସ୍ତରେ ମୁଦ୍ଗର, ତଳ ହସ୍ତରେ ମତ୍ସ୍ୟ, ବାମ ଉପର ହସ୍ତରେ ପାଶ ଓ ତଳ ହସ୍ତରେ ଖପୁରୀର ସୁରାପାତ୍ର ଧାରଣ କରିଥିବା ପ୍ରତିମା ସ୍ଥାନିତ ହୋଇଛି । ଏହି ଜିଲ୍ଲାର ଛତ୍ରାପଡା ନିକଟ ନରେନ୍ଦ୍ରପୁରଠାରେ ବିଶାଳ ପଞ୍ଚବାରାହୀଙ୍କ ଭଗ୍ନମୂର୍ତ୍ତି ଦେଖିବାକୁ ମିଳେ । ପ୍ରତ୍ୟେକ ପ୍ରତିମା ସ୍ୱଳ୍ପ ବସ୍ତ୍ର ପରିଧାନ ସହିତ ବିଭିନ୍ନ ଅଳଙ୍କାରରେ ବିଭୂଷିତା ପୃଥୁଳ ଶରୀରା ଦେବୀ ଭୂମି ଉପରେ ଭଦ୍ରାସନ ଭଙ୍ଗୀରେ ବସିଛନ୍ତି । ଏହି ମୂର୍ତ୍ତିର କେଶବିନ୍ୟାସ ଓ ବସିବା ଭଙ୍ଗୀ ଓଡ଼ିଶାର ଅନ୍ୟ ବାରାହୀ ପ୍ରତିମାଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପ୍ରୋକ୍ତ ପ୍ରତିମାଟିର କଳାଶୈଳୀ ସହିତ ଖାପ ଖାଉଥିବା ଅନ୍ୟ ଚାରୋଟି ବାରାହୀ ପ୍ରତିମା କନିକା ଅଞ୍ଚଳର ‘ସାତଭାୟା’ ଦ୍ୱୀପାଞ୍ଚଳରେ ଦେଖିବାକୁ ମିଳିଥାଏ ।

କୋଣାର୍କ ନିକଟ ବୟାଳିଶୀବାଟି ଗ୍ରାମର ଗଙ୍ଗେଶ୍ୱର ଦେବୀ ମନ୍ଦିରର ପାର୍ଶ୍ୱଦେବତା ବାରାହୀ ଉଚ୍ଚକୋଟୀର କଳାଶୈଳୀର ପ୍ରତିମା । ଚତୁର୍ଭୁଜା ଦେବୀ ବିଶ୍ୱପଦ୍ମ ଉପରେ ସାବଲୀଳ ଭଙ୍ଗୀରେ ଦଣ୍ଡାୟମାନ ହୋଇଛନ୍ତି । ତାଙ୍କ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ ହସ୍ତଟି ଭଗ୍ନ ହେଲେ ହେଁ ଏଥିରେ ମତ୍ସ୍ୟ ଧାରଣ କରିଥିବା ଅନୁମାନ କରାଯାଏ । ଏହି ପାର୍ଶ୍ୱର ଅନ୍ୟ ହସ୍ତଟିରେ ସେ କର୍ତ୍ତରୀ ଧାରଣ କରିଥିବା ବେଳେ ବାମପାର୍ଶ୍ୱ ମୁଖ୍ୟ ହସ୍ତରେ ସୁରାପାତ୍ର ଓ ଅନ୍ୟ ହସ୍ତରେ ଖେଟକ ଧାରଣ କରିଛନ୍ତି । ଦେବୀଙ୍କ ମସ୍ତକ ପ୍ରଚ୍ଛଦରେ ପ୍ରଭାମଣ୍ଡଳ ସଦୃଶ ଚକ୍ରାକାର କୁଞ୍ଚିତ କେଶ ବିନ୍ୟାସ ଓ କପାଳ ଉପରେ ଅଳକା ମୁକୁଟ ଦେଖିବାକୁ ମିଳେ । ମୂର୍ତ୍ତିର ନିମ୍ନଭାଗର ଦୁଇପାର୍ଶ୍ୱରେ ଛୋଟ ବିଶ୍ୱ ପଦ୍ମାସନ ଉପରେ ତାଙ୍କର ଅନୁରୂପ ଦୁଇ ଦ୍ୱିଭୁଜା ଅନୁଚରୀ ହସ୍ତରେ କର୍ତ୍ତରୀ ଧାରଣ କରି ଉଭା ହୋଇଥିବା ବେଳେ ଊର୍ଦ୍ଧ୍ୱ ଭାଗର ଦୁଇ ପାର୍ଶ୍ୱରେ ଯୁଗଳ-ପଦ୍ମକଳିକା, ଉଡ୍ଡୀୟମାନ ଗନ୍ଧର୍ବ ଓ ଅପ୍ସରାଙ୍କ ପିତୁଳା ସ୍ଥାନିତ ହୋଇଛି ।

ଯେପରି ନାରାୟଣଙ୍କର ଶକ୍ତି ନାରାୟଣୀ ସେପରି ଭଗବାନ ବରାହଙ୍କର ଅଭିନ୍ନା ଶକ୍ତି ହେଉଛନ୍ତି ବାରାହୀ । ଶ୍ରୀବିଷ୍ଣୁଙ୍କର ବରାହ ଅବତାର ସମୟରେ ହିରଣାକ୍ଷ୍ୟ ପ୍ରଭୃତି ରାକ୍ଷସଗଣ ନିଜର ତାମସୀ ଓ ଆସୁରୀ ଶକ୍ତି ବଳରେ ସତ୍ୟଧର୍ମର ସମସ୍ତ ଅବସ୍ଥା ଓ ଅନୁଷ୍ଠାନକୁ ନଷ୍ଟଭ୍ରଷ୍ଟ କରିଦେଇଥିଲେ । ସେହି ସମୟରେ ଭଗବାନ ନାରାୟଣ ବରାହ ରୂପ ଧାରଣ କରି ହିରଣାକ୍ଷ୍ୟ ଓ ଅନ୍ୟ ରାକ୍ଷସମାନଙ୍କୁ ବଧ କରିବା ସହିତ ଦେବତାମାନଙ୍କୁ ଉଦ୍ଧାର କଲେ ଓ ଧର୍ମର ପ୍ରତିଷ୍ଠା କଲେ । ଭଗବାନଙ୍କର ଯୋଗମାୟା ଶକ୍ତିର ଯେଉଁ ବିଭୂତି ବରାହ ଅବତାର ସମୟରେ ଅଧର୍ମର ବିନାଶ କରି ଧର୍ମର ପ୍ରତିଷ୍ଠା କଲେ, ସେ ହେଉଛନ୍ତି ଭଗବତୀ ବାରାହୀ ।

‘ବୃହନନ୍ଦିକେଶ୍ୱର ପୁରାଣ’ରେ ଦେବୀଙ୍କର ଉପାସନା ପ୍ରସଙ୍ଗରେ ଭଗବତୀ ବାରାହୀଙ୍କର ବର୍ଣ୍ଣନା କରାଯାଇଛି ।

‘ବରାହରୂପିଣୀ ଦେବୀଂ ଦ୍ରଂଷ୍ଟ୍ରୋଦ୍ଧୃତବସୁନ୍ଧରାମ୍
ଶୁଭଦାଂ ସୁପ୍ରଭାଂ ଶୁଭ୍ରାଂ ବାରାହୀଂ ତାଂ ନମାମ୍ୟହମ୍ ।’

ଯେଉଁ ଦେବୀ ଭୟଙ୍କର ବରାହ ରୂପ ଧାରଣ କରିଛନ୍ତି, ଯେ ନିଜର ତୀକ୍ଷ୍ଣ ଦନ୍ତ ଦ୍ୱାରା ପ୍ରଳୟ ଜଳରୁ ପୃଥିବୀକୁ ଉଦ୍ଧାର କରିଛନ୍ତି ସେ ଅତ୍ୟନ୍ତ ତେଜୋମୟୀ, ଶୁଭ୍ରବର୍ଣ୍ଣା ଓ ଶୁଭଦା ମହାଶକ୍ତିଙ୍କୁ ପ୍ରଣାମ କରିବା ସହ ତାଙ୍କର ଶରଣ ପ୍ରାର୍ଥନା କରୁଅଛି । 'ଦେବୀ ମାହାତ୍ମ୍ୟ'ରେ ଲିଖିତ ଅଛି ଯେ–

'ଯଜ୍ଞବରାହମତୁଳଂ ରୂପଂ ଯା ବିଭ୍ରତୋ ହରେଃ
ଶକ୍ତିଃ ସାଁପ୍ୟାନାଯୌ ତତ୍ର ବାରାହୀଂ ବିଭ୍ରତୀ ତନୁମ୍ ।'

ବରାହ ଅବତାରରେ ବରାହ ରୂପୀ ଭଗବାନ୍ ବିଷ୍ଣୁଙ୍କର ଶକ୍ତି ବାରାହୀ ରୂପ ଧାରଣ କରି ପୃଥିବୀକୁ ପ୍ରଳୟ ଜଳରୁ ଉଦ୍ଧାର କରି କକ୍ଷପଥରେ ସ୍ଥାପିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଦେବୀ ପୂର୍ବେ ମୁଖ୍ୟତଃ ନୌଚାଳକ, ନୌଯାତ୍ରା କରୁଥିବା ବଣିକଗୋଷ୍ଠୀ ଏବଂ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ପୂଜା ପାଉଥିଲେ । ବାରାହୀ ନିଗ୍ରହାଷ୍ଟକରେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରାଯାଇଛି–

'ଦେବୀ କ୍ରୋଡମୁଖୀ ତ୍ୱଦଗ୍ରିଂକମଳ ଦ୍ୱନ୍ଦ୍ୱାନୁରକ୍ତାତ୍ମନେ
ମହ୍ୟଂ ଦ୍ରୁହ୍ୟତି ଯୋ ମହେଶି ମନସା କାୟେନ ବାଚା ନରଃ
ତସ୍ୟାଶୁତ୍ୱଦୟୋଗ୍ରନିଷ୍ଠୁରହଳା ଘାତଭୂତ ବ୍ୟଥା
ପର୍ଯ୍ୟସ୍ୟନ୍ ମନସୋ ଭବନ୍ତୁ ବପୁଷଂ ପ୍ରାଣାଃ ପ୍ରାୟାଣାନ୍ ମୁଖ ।'

ଯେଉଁ ବ୍ୟକ୍ତି ବରାହଙ୍କୁ ପ୍ରାର୍ଥନା କରେ ତାହାର ଦ୍ୱିଷଃ ବା ଶତ୍ରୁ ବିନାଶ ହୁଏ । ଅଧର୍ମ, ଅନାଚାର ଓ ଅସତ୍ୟର ମାର୍ଗ ତ୍ୟାଗ କରି କେହି ଯଦି ସତ୍ୟ ଓ ଧର୍ମର ମାର୍ଗ ଅବଲମ୍ବନ କରେ, ଏହି ଦେବୀଙ୍କର ଉପାସନା କରେ ଓ ତାଙ୍କର ଶରଣାପନ୍ନ ହୁଏ, ଦେବୀ ସେହି ବ୍ୟକ୍ତିକୁ ଅଭୟ ପ୍ରଦାନ କରି ତା'ର କଲ୍ୟାଣ ବିଧାନ କରିଥାନ୍ତି । ମୋଟାମୋଟି କହିବାକୁ ଗଲେ ତନ୍ତ୍ରର ସାଧନା ସହିତ ବାରାହୀଙ୍କ ନାମର ଶାକ୍ତ ଚିନ୍ତାଧାରାର ସମ୍ପର୍କ ଅତି ଗଭୀର । ଓଡ଼ିଶାର ମୂର୍ତ୍ତିକଳାରେ ଦେବୀ ବାରାହୀଙ୍କ ବହୁବିଧ ରୂପ ଦୃଷ୍ଟିଗୋଚର ହୁଏ । ତେଣୁ ଭିନ୍ନ ଭିନ୍ନ ଭାବରେ ତଥା ଭିନ୍ନ ଭିନ୍ନ ଧାରାର ସାଧକଗଣ ବାରାହୀଙ୍କୁ ନିଜ ନିଜର ସାଧନ ମାର୍ଗର ସୁଗମତା ପାଇଁ ଯେଉଁଠାରେ ପରିକଳ୍ପନା କରିଛନ୍ତି, ଦେବୀ ସେହି ଭାବରେ ଉପସ୍ଥାପିତ ହୋଇଛନ୍ତି ।

ପରିଶେଷରେ ଏତିକି କୁହାଯାଇପାରେ ଓଡ଼ିଶାରେ ମାତୃକା ଉପାସନାର ବିକାଶ କାଳରେ ବାରାହୀ ଉପାସନାର ପ୍ରଚାର ତଥା ପ୍ରସାର ଘଟିଥିଲା । କିନ୍ତୁ ହିନ୍ଦୁତନ୍ତ୍ର ଓ ବୌଦ୍ଧତନ୍ତ୍ର ଦ୍ୱାରା ବାରାହୀ ଉପାସନାରେ ତନ୍ତ୍ରର ପ୍ରଭାବ ପରିଲକ୍ଷିତ ହୋଇଥିଲେ ହେଁ ଏହାଙ୍କର କଳାଚାତୁର୍ଯ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ପାରାବେଡା, ମହାବୀର ଲାଇନ୍
ପୋଷ୍ଟ– ଜୟପୁର, ଜିଲ୍ଲା: କୋରାପୁଟ
ପିନ୍– ୭୬୪୦୦୧

# ଭଗବତୀ ଭରସା

**କିଶୋର ଚନ୍ଦ୍ର ଦାଶ**

ମାଆ ଭଗବତୀ ଜାଳୁଛି ବତୀ ତୋ ଚରଣରେ
ବିପଦେ ଆପଦେ ସାହା ହେଉଥିବୁ
ସବୁରି ବେଳେ ଥିବୁ ସାଥିରେ ।
ମାଆର କରୁଣା କାହାକୁ ଅଜଣା
ମାଜଣା ପାଇଁ ଚିନ୍ତେ ମତିରେ
ମଙ୍ଗଳ ଦାୟିନୀ ମଙ୍ଗଳା ରୂପିଣୀ
ହାତ ଯୋଡୁଛି ତୋତେ ଭକ୍ତିରେ ।
ବାଘ ବାହାନରେ ତ୍ରିଶୂଳ ହାତରେ
ଭ୍ରମଣ କରୁ ନିଶା ରାତିରେ
ସିନ୍ଦୂର ସୁନ୍ଦର ରୂପ ଭୟଙ୍କର
କିଏ ଜାଣିବ ତୋର ଗତିରେ ।
ମାଆ ବୋଲି ସିନା ଦୁଃଖ ଜଣାଉଛି
ତୋ ବିନୁ ଅନ୍ୟ ଗତି ନାହିଁରେ
ଆଶିଷ ଦିଅ ମାଆ ଭରସା ତୁ ମୋର
ଏତିକି ମାଗେ ହାତ ପାତିରେ
ମାଆ ଭଗବତୀ ଜାଳୁଛି ବତୀ ତୋ ଚରଣରେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

# ଓଡିଶାରେ ଗ୍ରାମଦେବୀ ଉପାସନା

ସୁଦାମ ଚରଣ ଜେନା

ଆଦିମ କାଳରୁ ଦେବୀପୂଜା ମାନବ ସମାଜ ପାଇଁ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରି ଆସୁଅଛି। ଦେବୀ ଉପାସନା ସର୍ବଜନାଦୃତ। ସେଥିପାଇଁ ପୁଣ୍ୟ ଭୂମି ଓଡିଶା ଧର୍ମଧାରାର ପ୍ରବାହମାନ ରାଜ୍ୟ ଅଟେ। ସରଳ ପ୍ରାଣ ଓଡିଆମାନେ ବଣ ଜଙ୍ଗଲରେ ବୃକ୍ଷମୂଳଠାରୁ ଶ୍ମଶାନ ପର୍ଯ୍ୟନ୍ତ ସବୁଠାରେ ଦେବୀମାନଙ୍କର ପୂଜା ପାର୍ବଣ କରୁଥିବା ଦେଖିବାକୁ ମିଳିଥାଏ। ସରଳ ବିଶ୍ୱାସ ଓ ବିପଦ ଆପଦରୁ ରକ୍ଷା କରୁଛନ୍ତି ବୋଲି ପ୍ରତି ଗ୍ରାମରେ ଦେବୀମାନେ ଅଧୀଷ୍ଠ ଅଛନ୍ତି। ଏହି ଦେବୀମାନେ ଗ୍ରାମର ଶେଷ ଭାଗରେ କେଉଁଠି ଘଞ୍ଚ ଜଙ୍ଗଲରେ, ନଦୀ କୂଳରେ, ଶ୍ମଶାନ ଦେବୀ ରୂପରେ ଗ୍ରାମର ଉପାନ୍ତ ଅଞ୍ଚଳରେ ହାତୀ ଘୋଡାରେ ତିଆରି ମାଟି ନିର୍ମିତ ଅସଂଖ୍ୟ ରୂପକାର ଭାବରେ ପୂଜିତ। ଏପରି ଗ୍ରାମ ନାହିଁ ଯେଉଁଠାରେ ଠାକୁରାଣୀ ନାହାନ୍ତି ବୋଲି କହିହେବ ନାହିଁ।

ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ଯେ, ମହିଷାସୁରକୁ ବଧ କରିବା ପାଇଁ ମାତା ଦୁର୍ଗା ସ୍ୱଦେହରୁ ସପ୍ତ ମାତୃକା, ଚଣ୍ଡୀ, ଚାମୁଣ୍ଡା ସୃଷ୍ଟି କଲେ। ସେମାନେ ସମସ୍ତେ ମହିଷାକୁ ମାଡି ବସିଲେ। କ୍ରୋଧରେ ମହିଷା ନିଜ ଶରୀରକୁ ଝାଡି ଦେବାରୁ କୋଟିକୋଟି ଦେବୀ ବଣ, ପାହାଡ, ନଦୀ, ଦ୍ୱୀପମାନଙ୍କରେ ପଡିଲେ । ଶାରଳାଙ୍କ ଚଣ୍ଡୀ ପୁରାଣ କହେ–

ଜମ୍ବୁ ଦ୍ୱୀପରେ ପଡିଲେ ଛପନକୋଟି ଦେବୀ।
ଚନ୍ଦ୍ର ଦ୍ୱୀପରେ ପଡିଲେ ଚଉଦକୋଟି ଭଇରବୀ।
କୁଶ ଦ୍ୱୀପରେ ପଡିଲେ ନବକୋଟି ଚଣ୍ଡୀ।
ତିନି ସାଗର ଚାମଣ୍ଡା କ୍ରୋଞ୍ଚ ଦ୍ୱୀପେ ମଣ୍ଡୀ।
ସିଂହଳ ଦ୍ୱୀପରେ ଶତ ପଦ୍ମ ପିଶାଚୁଣୀ।
ପାରାଦ୍ୱୀପରେ ପଡିଲେ କୋଟି ଗୋଷାମଣୀ । (ପୃ–୧୪୬)

ଦେବୀମାନେ ଦୂରବର୍ତ୍ତୀ ଜାଗାମାନଙ୍କରେ ପଡିଲେ ।

ଯେ ଯହିଁ ପଡିଲେ ଛିଞ୍ଚାଡି ଯେ ହୋଇ
ସିଦ୍ଧରୂପେ ପୂଜା ପାଉଥାଅ ସେହି ପାଇଁ
ପାଷାଣ ହୋଇ ତାଙ୍କର ବାକ୍ୟ ହେଉ ସିଦ୍ଧି
କାଷ୍ଠ ପାଷାଣ ମୃତ୍ତିକା ତ୍ରିପକାର ବିଧି

ଏଥିରୁ ସହଜରେ ଅନୁମେୟ ଯେ, ଓଡିଶାର ପ୍ରତ୍ୟେକ ଗ୍ରାମ ଗୋଟିଏ ଗୋଟିଏ ଶକ୍ତି ପୀଠ ଭାବେ ପରିଗଣିତ ହୋଇଛି। ଗ୍ରାମମାନଙ୍କରେ ଅଶେଷ ରୂପ ଠାକୁରାଣୀମାନଙ୍କର ଥାଏ। କେଉଁଠି ଗଛମାନଙ୍କରେ କଜ୍ଜ୍ୱଳ ସିନ୍ଦୂର ଲଗାଇ କଳା କରିଆ କନା ପିନ୍ଧାଇ ଦେବୀ ରୂପରେ ପୂଜା କରନ୍ତିତ କେଉଁଠି ଶିଳା ଖଣ୍ଡକରେ ଲାଲ ଟହଟହ ସିନ୍ଦୂର ବେଶ ପୂଜା ପାଉଥାଆନ୍ତି।

ମା'ଙ୍କର ସବୁ ଗ୍ରାମରେ ମନ୍ଦିର ନଥାଏ। ହେଲେ ଠାକୁରାଣୀ ସବୁ ଗ୍ରାମରେ ଥାଆନ୍ତି। ଚାଳଘରଟିଏ ଥାଏ। ତାହା ପୁଣି ସବୁବେଳେ ଖୋଲା ରହିଥାଏ। ଘରଟିକୁ ଛପର କରିବା ପାଇଁ ଗ୍ରାମବାସୀମାନେ ଅଳ୍ପ ସମୟ ମଧ୍ୟରେ ନଡା, ବାଉଁଶ ଯୋଗାଡ କରି ଦିଅନ୍ତି। ସେତ ହେଉଛନ୍ତି ମାଆ। ବିଶେଷ ସ୍ଥଳେ ମାଳୀ, ବାରିକ, ବ୍ରାହ୍ମଣମାନେ ମାଆଙ୍କର ପୂଜାର୍ଚ୍ଚନା କରିଥାଆନ୍ତି। ଠାକୁରାଣୀ ହଳଦୀ ତେଲ ଚୂଆରେ ମାଜଣା ହୋଇଥାଆନ୍ତି। ସକାଳୁ ଉଠି ଯିଏ ଯେଉଁଠାକୁ ଗଲାବେଳେ ମାଆଙ୍କୁ ମୁଣ୍ଡିଆଟିଏ ମାରି ଗୋଡ କାଢିଥାଆନ୍ତି। ସନ୍ଧ୍ୟା ହେଲେ ଝିଅ–ବୋହୂମାନେ ଧୂପ, ଦୀପ ଧରି ଛୁଟି ଆସନ୍ତି ମାଆଙ୍କ ନିକଟକୁ। ଓଡିଆ ଘରର ଘରଣୀମାନେ ଠାକୁରାଣୀଙ୍କ ଉପରେ ବିଶେଷ ଭାବରେ ଆସ୍ଥା ସ୍ଥାପନ କରି ଥାଆନ୍ତି। ଗୁଆ, ନଡିଆ ମାନସିକ କରି ଦୁରାରୋଗରୁ ମୁକ୍ତି ପାଇବା ପାଇଁ ଓ ହଜି ଯାଇଥିବା ଜିଜ ଫେରି ପାଇବା ପାଇଁ ପରିବାରର ମଙ୍ଗଳପାଇଁ ମାଟିରେ ପୋଡା ଯାଇଥିବା ଘୋଡା,

ହାତୀ, ଚାନ୍ଦୁଆ ପତାକା ଇତ୍ୟାଦି ଦେଇଥାଆନ୍ତି । ଗ୍ରାମଦେବୀ ହେଉଛନ୍ତି ଆଦିମାନବୀୟ ବିଶ୍ୱାସର ପ୍ରତୀକ । ସରଳ ଗ୍ରାମବାସୀଙ୍କର ପୂର୍ଣ୍ଣ ଧର୍ମ ବିଶ୍ୱାସ, ହଇଜା, ବସନ୍ତ, ସମୟରେ ଠାକୁରାଣୀଙ୍କର ଶରଣାପନ୍ନ ହୋଇଥାଆନ୍ତି । ଛକ ଜାଗାମାନଙ୍କରେ ସନ୍ଧ୍ୟା ସମୟରେ ନୂଆ ମାଟି ହାଣ୍ଡିରେ କିଛି ପଣା ପାଣି ନେଇ ଧୂପ-ଦୀପ ରଖି ଥୋଇ ଦିଅନ୍ତି । ଚଣ୍ଡୀ-ଚାମୁଣ୍ଡାଙ୍କର ଆତ୍ମସନ୍ତୋଷ ହୋଇଯାଏ । ପଣା ସଂକ୍ରାନ୍ତି ଦିନ ପ୍ରାୟ ସବୁ ଯାଗାରେ ଠାକୁରାଣୀ କାଳେସୀ ରୂପରେ ଉଭା ହୋଇଥାଆନ୍ତି । ଯାହାକୁ ଠାକୁରାଣୀ ଲାଗନ୍ତି ସେ କାଳେସୀ ରୂପରେ ଉଭା ହୋଇ ଆଗତ ଭବିଷ୍ୟ କହି ଥାଆନ୍ତି ବୋଲି ବିଶ୍ୱାସ କରାଯାଏ । ଢୋଲିଆ ଆସି ଢୋଲ ବଜାଏ । ତା'ପରେ ଝୁଣା, ଧୂପ, ଦୀପରେ ମନ୍ଦିର ପ୍ରାଙ୍ଗଣ ଅନ୍ଧାର ହୋଇଯାଏ । ହରିବୋଲ ହୁଳହୁଳିରେ ସେ ଜାଗା ପ୍ରକମ୍ପିତ ହୋଇଉଠେ । ଅନେକ କଥା କାଳେସୀଙ୍କୁ ପଚାରି ଥାଆନ୍ତି । ଗ୍ରାମରେ କୌଣସି ବିପଦ ନପଡିବା ପାଇଁ ଏକା ସାଙ୍ଗରେ ହରିବୋଲ ହୁଳହୁଳି ପଡୁଥାଏ । ଠାକୁରାଣୀଙ୍କର ଭବିଷ୍ୟବାଣୀ ଶୁଣି ଲୋକମାନେ ଅନୀତି କାର୍ଯ୍ୟ କରିବା ପାଇଁ ଡରି ଯାଆନ୍ତି ।

ଠାକୁରାଣୀଙ୍କୁ ନେଇ ଲୋକମାନଙ୍କର ଏହିଭଳି ଭ୍ରାନ୍ତ ଧାରଣା ଗ୍ରାମୀଣ ସଂସ୍କୃତିର ଏକ ଜ୍ୱଳନ୍ତ ନିଦର୍ଶନ ଅଟେ । ଏହା ସତ୍ତ୍ୱେ ଯଦି କେହି ରାସ୍ତାକଡରେ ପଥର ଖଣ୍ଡିକରେ ସିନ୍ଦୂର ବୋଳି ବାନା ଗୋଟିଏ ଉଡାଇଦିଏ ତେବେ ସେହି ବାଟରେ ଯାଆ ଆସ କରୁଥିବା ଲୋକଟିର ମୁଣ୍ଡ ଆପେଆପେ ନଇଁଯାଏ । ଓଡିଆ ମାନଙ୍କର ଚାଲିଚଳଣ ପରମ୍ପରାକୁ ଦେଖିଲେ ଅନେକଗୁଡିଏ ଶକ୍ତି ଚେତନାର ପ୍ରତୀକ ଭାବେ ସନ୍ତାନ, ସନ୍ତତିଙ୍କ ପାଇଁ ମୁଣ୍ଡବାଳ ବା ଯାଆଁବାଳ ଠାକୁରାଣୀ ପୀଠମାନଙ୍କରେ ପକାଇ ଥାଆନ୍ତି । ବିବାହ, ବ୍ରତ, ଶୁଭ କାର୍ଯ୍ୟରେ ଠାକୁରାଣୀଙ୍କ ପାଖରେ ଦିଅଁ ମଙ୍ଗୁଳା କାର୍ଯ୍ୟ ହୋଇଥାଏ । ବାରିକିଆଣୀ ଠାକୁରାଣୀଙ୍କୁ ଗାଧୋଇ ସାରିବା ପରେ ସେହି ଗାଧୁଆ ପାଣିରେ ମଙ୍ଗୁଳା ଝିଅ ଗାଧୋଇଥାଏ । ବିଭିନ୍ନ ପର୍ବପର୍ବାଣିରେ ଗ୍ରାମଦେବୀ ଉପାସନା ଓଡିଶାର ଧାର୍ମିକ ଚେତନାକୁ ପ୍ରଭାବିତ କରିଥାଏ । ଚୈତ୍ର ମାସରେ ପଞ୍ଚାଇ ଖୋଳି ସ୍ତ୍ରୀ ଲୋକମାନେ ମଙ୍ଗଳାଙ୍କୁ ପୂଜା କରିଥାଆନ୍ତି । ବୁଧେଇ ଓଷାରେ ଶିଳ-ଶିଳପୁଆକୁ ହଳଦୀ ସିନ୍ଦୂର ବେଶରେ ପୂଜାର୍ଚ୍ଚନା କରନ୍ତି । ଓଡିଆ ପରିବାରରେ ଭାଲୁକୁଣୀ ଓଷା, ଖୁଦୁରୁକୁଣୀ ଓଷା, ଜହ୍ନି ଓଷା, ଦ୍ୱିତୀୟା ଓଷା ଓ କାର୍ତ୍ତିକ ମାସରେ ବୃନ୍ଦାବତୀ ପୂଜା ଧର୍ମପ୍ରାଣା ଓଡିଆଣୀମାନଙ୍କର ଏକ ବିଧି ଅଟେ । ଝାମୁ ଯାତ୍ରା, ପାଟୁଆ ଯାତ୍ରା, ଦୁର୍ଗା ପୂଜା ସମୟରେ ଗ୍ରାମଦେବୀଙ୍କ ନିକଟରେ ପାର୍ବଣର ମହୋତ୍ସବ ପାଳନ କରାଯାଏ । ଗ୍ରାମ୍ୟଜୀବନର ବ୍ୟସ୍ତ ବହୁଳତା ମଧ୍ୟରେ ଯେଉଁ ଆନନ୍ଦ ଅନୁଭବ ହୁଏ, ତାହା ଗ୍ରାମରେ ବାସ କରୁଥିବା ସମସ୍ତ ଆବାଳବୃଦ୍ଧ ବନିତା ନିଶ୍ଚୟ ଏକମତ ହେବେ । ସମସ୍ତ ଶକ୍ତି କୈନ୍ଦ୍ରିକ ପରମ୍ପରା ଏହାକୁ ମାନିବାକୁ ହେବ ।

ଦେବୀ ପୁରାଣ, ଦେବୀ ଭାଗବତ, ଚଣ୍ଡୀପୁରାଣରେ ଦେବୀଙ୍କୁ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଅଛି । ମା'ଦୁର୍ଗାଙ୍କର ସମସ୍ତ ମନ୍ତ୍ର ଅତୀବ ଶକ୍ତିଶାଳୀ ଓ ଅଭୀଷ୍ଟ ଦାୟୀ । ମାତୃଶକ୍ତି ଅନେକ ଦେଶଦେଶାନ୍ତରେ ପୂଜିତ । ଦେବୀଙ୍କର କୃପାରୁ ରାମଚନ୍ଦ୍ର ରାବଣ ବଧ କରିଥିଲେ । ଋଷିମୁନିମାନେ ଦେବୀଙ୍କର ପୂଜା ଦ୍ୱାରା ଅନେକ ତପଫଳ ପ୍ରାପ୍ତ ହୋଇଥାଆନ୍ତି ।

ଯାଜପୁର ଓଡିଶାର ପ୍ରଥମ ଦେବୀପୀଠ ଭାବରେ ପ୍ରତିଷ୍ଠା ହୋଇଥିଲା । ଏହି ମୂର୍ତ୍ତି ଦ୍ୱିଭୁଜା ଭାବରେ ପୂଜିତ । କିମ୍ବଦନ୍ତୀରୁ ଜଣାଯାଏ ଭୌମକର ରାଜା ଓ ରାଣୀମାନେ ଭୁବନେଶ୍ୱର ହୀରାପୁରଠାରେ ଏକ ଚଉଷଠୀ ଯୋଗିନୀ ପୀଠ ପ୍ରତିଷ୍ଠା କରାଇଥିଲେ । ନୀଳାଚଳ କ୍ଷେତ୍ରରେ ମାଆ ବିମଳାଙ୍କୁ କେନ୍ଦ୍ର କରି ତନ୍ତ୍ରପୀଠ ଗଢିଉଠିଥିଲା । ପରେ ପରେ ବହୁ ସ୍ଥାନରେ ଦେବୀପୀଠମାନ ଯଥା ଝଙ୍କଡର ଶାରଳା, ବାଙ୍କୀର ଚର୍ଚ୍ଚିକା, ସମ୍ବଲପୁରର ସମଲାଇ, କାକଟପୁରର ମା' ମଙ୍ଗଳା, ବାଣପୁରର ମା' ଭଗବତୀ ଓ କଟକରେ କଟକ ଚଣ୍ଡୀ ଅନ୍ୟତମ ।

ଦେବୀଗଣ ଦୁର୍ଗା, ଚଣ୍ଡିକା, କାଳିକା, ସତୀ, ମଙ୍ଗଳା, ଅମ୍ବିକା, ପାର୍ବତୀ, କାତ୍ୟାୟନୀ, ନାରାୟଣୀ ରୂପେ ସର୍ବଜନାଦୃତ । ଦେବୀମାନଙ୍କ ଉଦ୍ଦେଶ୍ୟରେ ଶୁଭୁଥାଏ–

ଯାଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।

ଉତ୍ତାରଣ, କଟକ

❖ ❖ ❖

# ଦଶମନ୍ତପୁରର ଦଶହରା ପର୍ବ

ଡକ୍ଟର ପ୍ରମୋଦିନୀ ହୋତା

ଶକ୍ତି ହିଁ ଜ୍ୟୋତିରୂପ ବ୍ରହ୍ମସ୍ୱରୂପ। ଶକ୍ତି ହିଁ ଜଡ଼କୁ ଚୈତନ୍ୟମୟ କରିଥାଏ। ଶକ୍ତି ବିନା ଶିବ– ଶବରେ ପାଲଟି ଯାଆନ୍ତି। ଆମେ ଅନ୍ଧାରର ବିନାଶ ପାଇଁ ଆଲୋକକୁ ଆରାଧନା କରିଥାଉ। ସେହିପରି ସମଗ୍ର ଜଗତର ମଙ୍ଗଳ ପାଇଁ ଅସୁର ଶକ୍ତିର ବିନାଶ ପାଇଁ ଶକ୍ତି ବା ଦେବୀଙ୍କୁ ଆରାଧନା କରାଯାଏ। ଏହି ଶକ୍ତି ପୂଜା ହିଁ ଦଶହରା ପର୍ବ ରୂପରେ ପାଳନ କରାଯାଏ ।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ଦଶହରା ପୂଜା ବା ପର୍ବ ଅନ୍ୟ ହଶହରା ପୂଜାଠାରୁ ଭିନ୍ନ ହୋଇଥାଏ। ଏଠାରେ ବୀରାଳିଦେବୀ, ଡଙ୍ଗରଦେଈ, ଆଡକୁଟିଆ ଦେବୀ, ବାଣ୍ଡାକାଟ୍ରା ଦେବୀ, ପାଟଖଣ୍ଡା, ବୀରଖମ୍ବ ସମସ୍ତେ ଦଶହରା ଦିନ ଏକାଠି ପୂଜା ପାଇଥାନ୍ତି। ବୀରାଳି ଦେବୀଙ୍କ ଆସ୍ଥାନ ବୀରାଳି ଘାଟର ପର୍ବତରେ ରହିଛି। ଡଙ୍ଗରଦେଈଙ୍କ ଆସ୍ଥାନ ବଟବୃକ୍ଷ ନିକଟରେ ଗ୍ରାମର ଶେଷରେ ଥିବା ପୋଢ଼ମରାରେ ରହିଛି। ବାଣ୍ଡାକାଟ୍ରା ଦେବୀଙ୍କ ଆସ୍ଥାନ ଜବାଗଡ଼ରେ ଏବଂ ବୀରଖମ୍ବଙ୍କ ଆସ୍ଥାନ ବୈପାରୀଗୁଡ଼ାର ବୀରଖମ୍ବ ପାହାଡ଼ରେ ରହିଅଛି। ଜନଶ୍ରୁତି ରହିଛି ବୀରାଳି ଦେବୀ ଏବଂ ଡ଼ଙ୍ଗରଦେଈ ଦୁଇଭଉଣୀ, ବୀରଖମ୍ବ ହେଉଛନ୍ତି ଭାଇ। ତିନି ଦେବଦେବୀଙ୍କ ପୂଜା ହେଉଛି ଦଶହରାପର୍ବ। ଗାଦବା ଓ କନ୍ଧ ଆଦିବାସୀମାନେ ଦଶମନ୍ତପୁରରେ ବାସ କରନ୍ତି। ଏହି ପୂଜା ହେଉଛି ସେମାନଙ୍କ ପ୍ରଧାନ ପର୍ବ ଅଟେ। ଦଶହରା ପର୍ବ ଆଶ୍ୱିନ ମାସ ଶୁକ୍ଳ ଅଷ୍ଟମୀ ତିଥିରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଦଶମନ୍ତପୁରରେ ବୀରାଳି ଦେବୀଙ୍କ ଆସ୍ଥାନ ରହିଛି। ଦେବୀ ପୂର୍ବେ ଚାଳଘରେ ପୂଜା ପାଉଥିଲେ କିନ୍ତୁ ବର୍ତ୍ତମାନ ମନ୍ଦିର ନିର୍ମାଣ କରାଯାଇ ସେଠାରେ ଦେବୀ ପୂଜା ପାଉଛନ୍ତି। ଦେବୀଙ୍କ ଆବିର୍ଭାବ ନେଇ କିମ୍ବଦନ୍ତୀ ରହିଛି– ଥରେ ବୀରଖମ୍ବ ସ୍ୱପ୍ନାଦେଶ ଦେଲେ ଯେ, ବୀରାଳି ଘାଟିରେ ମୋର ଦୁଇ ଭଉଣୀ ବୀରାଳି ଏବଂ ଡଙ୍ଗରଦେଈ ଅଛନ୍ତି ସେମାନଙ୍କୁ ସସମ୍ମାନେ ଦଶମନ୍ତପୁରକୁ ଆଣି ପୂଜା କରିବ। ଏକଥା ପାତ୍ରେ ବାରାନାୟିକା (ବାରଖଣ୍ଡର ମୁଖିଆ) ରାଜାଙ୍କୁ କହିଲେ, ଜୟପୁର ମହରାଜା ରାମଚନ୍ଦ୍ର ଦେବ ଓ ସମସ୍ତେ ମିଶି ବୀରାଳି ଦେବୀଙ୍କ ଆସ୍ଥାନକୁ ଯାଇ ମନସ୍କାମନା ପୂର୍ବକ ଚାଉଳକୁ ରାଜା ସେହି ସ୍ଥାନରେ ପକାଇବା ପରେ ପ୍ରଚଣ୍ଡ ଶବ୍ଦ ହେଲା ଏବଂ ସେଠାରେ ବିରାଟକାୟ ସପ୍ତଫେଣୀ ନାଗସାପ ବାହାରିଲା ପରେ ସ୍ଥାନଟି ଧୂପ, ଅଗୁର, ଚନ୍ଦନର ସୁବାସିତ ବାସ୍ନାରେ ମହକିଗଲା। ସେଠାରେ ରାଜା ଦେଖିଲେ ଦୁଇଧାର ବିଶିଷ୍ଟ ବିରାଟ ଖଣ୍ଡା ରହିଛି ଏବଂ ନିକଟରେ ଦୁଇଟି ଖର୍ପର ରହିଛି। ସେହିଦିନଠାରୁ ସେହି ସ୍ଥାନରେ ପୂଜାର୍ଚ୍ଚନା କରାଗଲା। ଦିନେ ପାତ୍ର, ପ୍ରଧାନୀ ଓ ବେରୁ ପୂଜାସ୍ଥଳୀରେ ପୂଜା ଢ଼ାଳ ଛାଡ଼ି ଦେଇଥିଲେ। ପୂଜା ବଳୀ ଦେଇ ସାରିବା ପରେ ଘରକୁ ଫେରିଲେ। ରାସ୍ତାରେ ପୂଜାଢ଼ାଳ କଥା ମନେପଡ଼ିଲା । ସେମାନେ ପୁଣିଥରେ ପୂଜାସ୍ଥଳୀକୁ ଯାଇ ଦେଖିଲେ ତିନିଜଣ ଦେବୀ ଏକାଠି ବସି ପୂଜାବଳୀ ଖାଉଛନ୍ତି। ଆଶ୍ଚର୍ଯ୍ୟ ହୋଇଗଲେ। ତିନିଜଣ ଦେବୀ ଏମାନଙ୍କୁ ଦେଖି ଶୂନ୍ୟବାଣୀ ହେଲା – ଯେଉଁଠି ଏହି ଢ଼ାଳ ପଡ଼ିବ



ସେଠାରେ ଡଙ୍ଗରଦେଈ ଆସ୍ଥାନ ତିଆରି ହେବ। ଡ଼ାଳ ଯାଇ ବିରାଟକାୟ ବରଗଛ ମୂଳରେ ପଡ଼ିଲା। ଏହି ଅଂଚଳର ନାମ ପୋତମରା ରଖାଗଲା। ବୀରାଳିଘାଟି ବଣଜଙ୍ଗଲ ଘେରା ଅଞ୍ଚଳ ହୋଇଥିବା ଯୋଗୁଁ ରାଜା ଦଶମନ୍ତପୁରରେ ମନ୍ଦିର ତିଆରି କଲେ ଓ ସେଠାରେ ବୀରାଳି ଦେବୀ ମନ୍ଦିରରେ ଦୁଇଧାର ଥିବା ବିରାଟ ଖଣ୍ଡା, ଦୁଇଟି ଛୋଟ ଖଣ୍ଡା ଏବଂ ଦୁଇଟି ଖର୍ପର, ଗୋଟିଏ ବେଣ୍ଟ ନଥିବା କାତି ପୂଜା କରାଯାଉଛି। ଲୋକଙ୍କ ବିଶ୍ୱାସ ରହିଛି ବୀରଖମ୍ଭ ସ୍ତମ୍ଭାକାର ଆକୃତି ହୋଇଥିବା ଯୋଗୁଁ ସେ ହେଉଛନ୍ତି ଚକ୍ର ସୁଦର୍ଶନ। ବଡ଼ଖଣ୍ଡାଟି ବିରାଳୀ ଦେବୀ ନାମରେ ତା'ପରେ ଛୋଟ ଖଣ୍ଡାଟି ଡ଼ଙ୍ଗରଦେଈ ନାମରେ ଆଉ ଗୋଟିଏ ଛୋଟ ଖଣ୍ଡା ଆଡ଼କୁଟିଆ ଦେବୀ ନାମରେ ଏବଂ ବେଣ୍ଟ ନଥିବା ଖଣ୍ଡା ଜଲ୍ଲାପୁଟରେ ବାଣ୍ଡାକାଟ୍ରା ଦେବୀ ନାମରେ ପୂଜା ପାଉଛନ୍ତି। ବୀରଖମ୍ଭ ପୂର୍ବରୁ ମ୍ୟାନାମ୍ କୋଣ୍ଡାରୁ ଆସି ବୈପାରୀଗୁଡ଼ାରେ ବୀରଖମ୍ଭ ନାମରେ ପୂଜା ପାଉଛନ୍ତି। ପୂର୍ବକାଳରେ ରାଜଶାସନ ସମୟରେ ଜୟପୁର ଦଶହରା ଉତ୍ସବରେ ଯୋଗଦେବା ପାଇଁ ସପ୍ତମୀ ଦିନ ଦଶମନ୍ତପୁରରୁ ପୂଜାରୀ ପାତ୍ର, ବାରଖଣ୍ଡ ଗାଁର ନାୟକ, କୋଡ଼ିଏ ଜଣ ପାଇକ ଦେବୀମାନଙ୍କ ଲାଠି ନେଇ ଚାଲି ଚାଲି ଜୟପୁର ଆସୁଥିଲେ। ରାଜାଙ୍କ ତରଫରୁ ପୂଜକକୁ ମଠାଲୁଗା ଦିଆଯାଉଥିଲା। ଆଜିକାଲି ପୋତ ବଳୀ ପ୍ରଥା ବନ୍ଦ କରାଗଲାଣି। ଗଣ୍ଡା ଶିରୀସୂତା ପୂଜାରୀକୁ ଦେଉଥିଲେ ପିନ୍ଧିବା ପାଇଁ । ରାଜାଘର ମଠାଲୁଗା ପିନ୍ଧି ପୂଜକ ଜାତି ଦେଉଥିଲା ବା ଜାତିରେ ମିଶିଥିଲା। ତା'ସହିତ ସେ ମହାପ୍ରସାଦ ଖାଉଥିଲା। ଅନେକ କହିଥାନ୍ତି ପୂର୍ବେ ପୋତ ମୁଣ୍ଡରେ ପୂଜା ସମୟରେ ପଡ଼ିଥିବା ଚାଉଳରୁ ଗଜା ବାହାରୁଥିଲା। ତା'ପରେ ସମସ୍ତେ ଜୟପୁର ଦଶହରା ଉତ୍ସବକୁ ଲାଠି ସହ ବାହାରୁଥିଲେ। ଅଷ୍ଟମୀ ଦିନ ସମସ୍ତ ଲାଠି ଜୟପୁରର ଜୟନଗରରେ ପହଞ୍ଚିଥିଲା। ଜୟନଗରରେ ସମସ୍ତେ ଗୋଲରୀ ଘରେ ରହୁଥିଲେ। ଜୟପୁରର ରାଜ ପରିବାର ମହୁରୀ, ବାଜାବାଜଣା, ଛତ୍ର, ଚାମର ସହିତ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିଲେ। ପୂଜାର୍ଚ୍ଚନା ପରେ ଦେବୀ ଆଡମ୍ବର ସହକାରେ ଛତ୍ର, ଚାମର, ବାଜବାଜଣା ପଟୁଆରରେ ପାତ୍ର, ପ୍ରଧାନୀ, ପାଇକ, ବାରନାୟିକା (ବାରଖଣ୍ଡ ଗ୍ରାମର ନାୟକ) ପୂଜାରୀ ସହିତ ଦଶହରା ପଡ଼ିଆକୁ ଯାଉଥିଲେ। ରାଜା ପ୍ରଧାନୀ, ପାତ୍ର, ବାରନାୟିକାଙ୍କୁ ଶାଢ଼ୀ, ରୂପାଟଙ୍କା ଦେଇ ସମ୍ମାନିତ କରୁଥିଲେ। ଦଶହରା ପଡ଼ିଆରେ ପୂଜକମାନେ ଦେବୀଙ୍କୁ ପ୍ରଥମେ କୋଲାବ ନଦୀର ଜଳ ଉତ୍ସର୍ଗ କରି ପୂଜା କରୁଥିଲେ। ରାଜା ବିଦାୟ ସମୟରେ ଦେବୀଙ୍କ ସାଥିରେ ଦୁଇ ହଣ୍ଡା ଖଜା, ଦୁଇଟି ଗାମୁଛା, ଛେଳି ଦେଉଥିଲେ। ରାଜ ଶାସନର ଅବସାନ ପରେ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଦଶମନ୍ତପୁରରେ ଦଶହରା ପର୍ବ ପାଳନ କରାଯାଏ। ଷଷ୍ଠୀ ଦିନ ମନ୍ଦିର ସାମ୍ନାରେ ଗୋଟିଏ କୁଡ଼ିଆ ଗଛର ଡାଳରେ ତିଆରି କରାଯାଇଥାଏ। ଦେବୀଙ୍କ ପ୍ରତୀକ ଖଣ୍ଡାମାନଙ୍କ ପାଇଁ ନୂଆ କଳାଶାଢ଼ୀ ଅଣାଯାଇଥାଏ। ସପ୍ତମୀ ଦିନ ଦେବୀଙ୍କ ପ୍ରତୀକ ପାଞ୍ଚଟି ଧ୍ୱଜା ବା ଲାଠି ମନ୍ଦିର ନିକଟରେ ପୋତା ଯାଇଥାଏ। ପୂଜା ଦିନ ବୀରଖମ୍ଭ, ଡଙ୍ଗରଦେଈ, ଆଡ଼କୁଟିଆ ଦେବୀ, ଦୁଇଟି ଖର୍ପର, ପାଟଦେବତା, ବାରବାଉନି ପ୍ରଭୃତି ଦେବଦେବୀଙ୍କୁ ଖଣ୍ଡାଧୋଇଲନି ନାମକ ସ୍ଥାନରେ ସ୍ନାନ କରାଯାଏ। ସମସ୍ତ ଦେବଦେବୀଙ୍କ ପ୍ରତୀକ ଖଣ୍ଡାମାନଙ୍କୁ କଳାଶାଢ଼ୀ, ମନ୍ଦାରମାଳ, ଅଳଙ୍କାରରେ ସୁଶୋଭିତ କରାଯାଏ। ତା'ପରେ ସମସ୍ତ ଦେବଦେବୀ ଡ଼ାଳ ନିର୍ମିତ କୁଡ଼ିଆକୁ ବିଜେ କରିଥାନ୍ତି। ବୀରଖମ୍ଭ ଲାଠି ସହିତ ବୀରାଳି ଧଣ୍ଡା ପ୍ରସାଦ ପ୍ରଥମେ ଆସିଥାଏ। ଦଶମନ୍ତପୁରରେ ପୂଜା ସରିବା ପରେ ବୀରାଳି ଦେବୀଙ୍କୁ ଡାଳ ନିର୍ମିତ କୁଡ଼ିଆକୁ ବିଜେ କରିଥାନ୍ତି। ବୀରଖମ୍ଭ ଲାଠି ସହିତ ବୀରାଳି ଧଣ୍ଡା ପ୍ରସାଦ ପ୍ରଥମେ ଆସିଥାଏ। ଦଶମନ୍ତପୁରରେ ପୂଜା ସରିବା ପରେ ବୀରାଳି ଦେବୀଙ୍କ ଫୁଲମାନ ଏକ ନୂଆ ବାଉଁଶ ନିର୍ମିତ ଚାଙ୍ଗୁଡିରେ ରଖି ହାଟପଡା ବୀରଖମ୍ଭ ଆସ୍ଥାନକୁ ନିଆଯାଏ । ସେଠାରେ ବୀରାଳି ଦେବୀ ଏବଂ ବୀରଖମ୍ଭଙ୍କୁ ନିଡିଆ ଧୂପଦୀପ ଦେଇ ପୂଜା କରାଯାଏ। ବୀରଖମ୍ଭଙ୍କଠାରୁ ବିରାଳୀ ଧଣ୍ଡା ରାତି ବାରଟାରେ ଫେରିଥାଏ ଦେବୀ ଖଡ଼ଗକୁ ମୁଖ୍ୟ ପୂଜକ ଧରିଥାଏ । ପୂଜାକୁ ଜଣେ ଗାଦବା ଆଦିବାସୀ କାନ୍ଧରେ ଧରି ବା କାନ୍ଧେଇ ଡଙ୍ଗରଦେଇ ପୀଠକୁ ନେଇଥାଏ, ତାପରେ ବିଭିନ୍ନ ଦେବୀଙ୍କ ପୀଠକୁ ନେଇଥାଏ। ଦଶମନ୍ତପୁର ବୀରାଳି ମନ୍ଦିରରେ ଆଗରୁ ଚରୁ ରନ୍ଧାଯାଇଥାଏ। ସେହି ଚରୁକୁ ପୋଡ଼ମରା ନିକଟକୁ ନେଇ ପୂଜା କରାଯାଏ । ପାଞ୍ଚଟି ଲାଠି ବୀରାଳି ଦେବୀ, ପାଟ ଦେବତା, ବାର ଦାଉନୀ, ଡ଼ଙ୍ଗରଦେଈ, ଆଡକୁଟିଆ ଦେବୀକୁ ବାଟ ପୂଜାରୀ ପୂଜା କରିଥାଏ। ପ୍ରଥମେ ମୁଖ୍ୟ ନାୟକ ଚାଉଳ ମନ୍ତ୍ର କରି ପକାଏ । ସେଠାରୁ ଦେବୀମାନେ ପୁଣି ଡାଳ କୁଡିଆକୁ ଫେରିଥାନ୍ତି। ନବମୀଦିନ ସକାଳେ ଦେବୀମାନେ ପିନ୍ଧିଥିବା ବସ୍ତ୍ରକୁ ବଦଳାଇ ନୂଆ ବସ୍ତ୍ର ପିନ୍ଧାଯାଏ। ତା' ପରଦିନ ଦଶହରା ପଡିଆରେ ଜାକଜମକରେ ସମସ୍ତ ଦେବୀଙ୍କ ଲାଠି ଏକତ୍ରିତ କରି ପୂଜା କରାଯାଏ। ସେଠାରେ ହାଟ ବସିଥାଏ ନାଚ ଗୀତ ହୋଇଥାଏ, ଦଶହରା ପର୍ବ ଶେଷ ହେବା ପରେ ତା'ପର ଦିନ ସମସ୍ତ ଦେବଦେବୀଙ୍କ ଲାଠି ସହ ବୀରଖମ୍ଭ ମଧ୍ୟ ନିଜ ନିଜ ଆସ୍ଥାନକୁ ଫେରିଥାନ୍ତି। ଏହି ଦଶହରା ପର୍ବ ଦେଖିବା ପାଇଁ ଦୂରଦୂରାନ୍ତରୁ ଅନେକ ଯାତ୍ରୀ ଆସିଥାନ୍ତି।

ପାଇଲସାହି, ଜୟପୁର, କୋରାପୁଟ

# ପୂଜା ଓ ପ୍ରଦୂଷଣ

ନିକୁଞ୍ଜ ବିହାରୀ ସାହୁ

ଏବେ ପାର୍ବଣର ଋତୁ ଆସି ଯାଇଛି । ସମୟ ବଦଳିବା ସହିତ ଏବେ ପୂଜା ପଦ୍ଧତିରେ ଅନେକ ପରିବର୍ତ୍ତନ ଘଟିଛି । ଆକର୍ଷଣୀୟ ପୂଜା ମଞ୍ଚ, ଉଜ୍ଜ୍ୱଳ ରଙ୍ଗରେ ରଞ୍ଜିତ ଦେବ ମୂର୍ତ୍ତି, ବର୍ଣ୍ଣାଢ୍ୟ ରୋଷଣି, ବିଳାସପୂର୍ଣ୍ଣ ମୂର୍ତ୍ତି ବିସର୍ଜନ, ଆଡମ୍ବରପୂର୍ଣ୍ଣ ଆତସବାଜି ପ୍ରଦର୍ଶନ ଏବଂ ଡାକବାଜି ଯନ୍ତ୍ରରେ ଉଚ୍ଚ ସ୍ୱରରେ ଆଧୁନିକ ଗୀତର ମୂର୍ଚ୍ଛନା ଇତ୍ୟାଦି ସତେ ଯେପରି ଏବେକାର ଫେସନ ପାଲଟି ଯାଇଛି । ମାତ୍ର ଏହାଦ୍ୱାରା ପରିବେଶର ଅକଥନୀୟ କ୍ଷତି ଘଟୁଛି ।

### ପୂଜା ଓ ବିଶ୍ୱତାପନ

ପୂଜା ମଞ୍ଚରେ ଅଧିକ ୱାଟ୍‌ର ଉଜ୍ଜ୍ୱଳ ଆଲୋକବତୀ ବ୍ୟବହାର କରିବା ଦ୍ୱାରା ବିଦ୍ୟୁତ୍ ଶକ୍ତିର ଘୋର ଅପଚୟ ଘଟୁଛି । ଆମ ଦେଶରେ ଉପଲବ୍ଧ ଅଧିକାଂଶ ବିଦ୍ୟୁତ୍ ଶକ୍ତି କୋଇଲାଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ରସବୁର ଆହରିତ ହୋଇଥାଏ । ପୂଜାରେ ମାତ୍ରାଧିକ କ୍ଷମତା ସମ୍ପନ୍ନ ଆଲୋକବତୀର ବ୍ୟବହାର ଦ୍ୱାରା ଆବଶ୍ୟକୀୟ ବିଦ୍ୟୁତ୍ ଚାହିଦା ପୂରଣ ନିମନ୍ତେ ଦୂରସ୍ଥ ତାପଜ କେନ୍ଦ୍ରଠାରେ ଅଧିକ କୋଇଲା ଇନ୍ଧନର ଦହନ ଘଟୁଛି । ଏହି ପ୍ରକ୍ରିୟାରେ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ବିଶ୍ୱ ତାପନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସାଙ୍ଗକୁ ଧୂଆଁରେ ନିର୍ଗତ ଗୁଣ୍ଡ ପଦାର୍ଥ ଦ୍ୱାରା ଶ୍ୱାସ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟାମାନ ସୃଷ୍ଟି ହେଉଛି ।

### ରାସାୟନିକ ରଙ୍ଗ

ମୂର୍ତ୍ତିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି । ରାସାୟନିକ ରଙ୍ଗ ପ୍ରସ୍ତୁତିରେ ସାଧାରଣତଃ ଅନେକ ଭାରି ଧାତୁ ଯଥା ସୀସା, ପାରଦ, ଜିଙ୍କ୍, ମାଙ୍ଗାନିଜ୍ ଏବଂ କ୍ରୋମିୟମ୍ ଇତ୍ୟାଦି ବ୍ୟବହାର କରାଯାଏ । ଏସବୁ ପଦାର୍ଥ ବାସ୍ତବ କ୍ଷେତ୍ରରେ ବିଷାକ୍ତ, ସ୍ୱାସ୍ଥ୍ୟ ପାଇଁ ଘୋର କ୍ଷତିକାରକ ଏବଂ ଏସବୁର ସଂସ୍ପର୍ଶରେ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି । ଜଳରେ ମୂର୍ତ୍ତି ବିସର୍ଜନ ଦ୍ୱାରା ରଙ୍ଗରେ ଥିବା ଏହି ଉପାଦାନସବୁ ଜଳୀୟ ପରିସଂସ୍ଥାକୁ ପ୍ରଦୂଷିତ କରିବା ସହିତ ଜଳୀୟ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିଥାନ୍ତି । ଏସବୁ କ୍ରମଶଃ ଖାଦ୍ୟ ଶୃଙ୍ଖଳରେ ଶୀର୍ଷଭାଗକୁ ସ୍ଥାନାନ୍ତରିତ ହୋଇ ସର୍ବୋଚ୍ଚ ଭକ୍ଷକ ମନୁଷ୍ୟ ଶରୀରରେ ପ୍ରବେଶ କରିବାର ସମ୍ଭାବନା ସୃଷ୍ଟି ହେଉଛି ।

### ଜୈବିକ ଓ ଅଜୈବିକ ଆବର୍ଜନା

ମୂର୍ତ୍ତି ବିସର୍ଜନ ସମୟରେ ଟନ୍ ଟନ୍ ଓଜନର ଫୁଲ, ପତ୍ର, ଭୋଗ, କର୍ପୂର, ଧୂପକାଠି ଇତ୍ୟାଦି ଜୈବିକ ପଦାର୍ଥ ଜଳରେ ମିଶିଥାଏ । ଫଳରେ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରି ବିଘଟନ କରୁଥିବା ବ୍ୟାକ୍ଟେରିଆ ଭଳି ଅଣୁଜୀବମାନଙ୍କ ସଂଖ୍ୟା ଜଳୀୟ ମାଧ୍ୟମରେ ଅଶାତୀତ ବୃଦ୍ଧି ପାଏ । ସେମାନେ ଜଳୀୟ ପରିସଂସ୍ଥାରୁ ଅଧିକାଂଶ ଦ୍ରବୀଭୂତ ଅମ୍ଳଜାନ ଶୋଷି ନିଅନ୍ତି ଏବଂ ମାଛ ଭଳି ଅନ୍ୟ ଦରକାରୀ ଜଳଚର ଜୀବଙ୍କ ପାଇଁ ଦ୍ରବୀଭୂତ ଅମ୍ଳଜାନର ଘୋର ଅଭାବ ପଡେ । ଏହାଦ୍ୱାରା ସମଗ୍ର ଜଳୀୟ ପରିସଂସ୍ଥାରେ ଜୀବନ ବଞ୍ଚିବାର ସମ୍ଭାବନା ଉପରେ ଆଶଙ୍କା ସୃଷ୍ଟି ହୋଇଥାଏ ।

ସେହିପରି, ମୂର୍ତ୍ତି ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍, ପୂଜା ସାମଗ୍ରୀ ରୂପେ ବ୍ୟବହୃତ ଥର୍ମୋକଲ୍, ପ୍ଲାଷ୍ଟିକ୍ ଫୁଲ, ଜରି ଏବଂ ଦେବମୂର୍ତ୍ତିଙ୍କ ଅଙ୍ଗ ବସ୍ତ୍ର ତିଆରିରେ ବ୍ୟବହୃତ ସଂଶ୍ଳେଷିତ ତନ୍ତୁ (ଯଥା ନାଇଲନ୍, ଟେରିଲିନ୍ ଇତ୍ୟାଦି) ରୁ ପ୍ରସ୍ତୁତ କପଡା ଭଳି ଅଜୈବିକ ପଦାର୍ଥ ବିଘଟିତ ହୋଇ ସଙ୍ଗେ ସଙ୍ଗେ ଜଳୀୟ ମାଧ୍ୟମରେ ମିଶୁ ନଥିବାରୁ ସେଗୁଡିକ କ୍ରମାଗତ ପରିସଂସ୍ଥାରେ ଜମା ହୋଇ ଆବର୍ଜନା ସୃଷ୍ଟି କରୁଛନ୍ତି ।

ଗତ ୧୯୯୩ ମସିହାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡେ ଯେ, ଏକାକୀ କଲିକତା ସହରରେ ପ୍ରତି ବର୍ଷ ଦୁର୍ଗା ପୂଜା ସମୟରେ ହୁଗୁଲୀ ନଦୀରେ ୧୫,୦୦୦ ରୁ ଊର୍ଦ୍ଧ୍ୱ ସଂଖ୍ୟକ ମୂର୍ତ୍ତି ବିସର୍ଜନ କରାଯାଏ । ଏହାଦ୍ୱାରା ଜଳ ଉତ୍ସରେ ୧୬.୮ ଟନ୍ ଓଜନର ବାର୍ଣ୍ଣିସ୍ ଏବଂ ୩୨ ଟନ୍ ଓଜନର କୃତ୍ରିମ ରଙ୍ଗ ମିଶେ । ଫଳରେ ଦଶହରା ସମୟରେ ଜଳ ଉତ୍ସରେ ତେଲ ଓ ଗ୍ରିଜ୍‌ର ମାତ୍ରା ୦.୯୯ ପ୍ରତିଶତ ଏବଂ ଭାରି ଧାତୁର ପରିମାଣ ୦.୧୦୪ ପ୍ରତିଶତ ବୃଦ୍ଧି ପାଉଥିବାର ଜଣାପଡେ ।

**ଆତସବାଜିର ଆତଙ୍କ**

ମୂର୍ତ୍ତି ବିସର୍ଜନ ସମୟରେ ଫୁଟା ଯାଉଥିବା ବାଣ ଓ ଆତସବାଜିରୁ ଅନେକ ବିଷାକ୍ତ ଗ୍ୟାସ୍ ଯଥା ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ୍ ମନୋକ୍ସାଇଡ୍ ଇତ୍ୟାଦି ନିର୍ଗତ ହୋଇଥାଏ, ଯାହା ବାୟୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶ୍ୱାସରୋଗ ଯଥା ଆଜ୍‌ମା ଏବଂ ବ୍ରୋଙ୍କାଇଟିସ୍ ଇତ୍ୟାଦି ସୃଷ୍ଟି କରିଥାଏ ।

**ଶବ୍ଦ ପ୍ରଦୂଷଣ**

ପୂଜା ମଞ୍ଚ, ପୂଜା ଅବସରରେ ଆୟୋଜିତ ମେଲୋଡି, ଭସାଣି ସମୟରେ କୋଳାହଳ ଏବଂ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବିଭିନ୍ନ ଶବ୍ଦ ଉତ୍ସ ଯଥା ମାଇକ୍, ଲାଉଡ୍ ସ୍ପିକର୍, ଡିଜେ ଇତ୍ୟାଦିର ବ୍ୟବହାର ଆଜିକାଲି ପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଗଲାଣି । ଏସବୁ ଅଧିକ ଡେସିବେଲ୍ (ଶବ୍ଦ ତୀବ୍ରତାର ପରିମାପକ) ଯୁକ୍ତ ଧ୍ୱନି ନିର୍ଗତ କରିଥାନ୍ତି, ଯାହା ଶ୍ରବଣଶକ୍ତିର ଅବକ୍ଷୟ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଅନିଦ୍ରା ଏବଂ ମାନସିକ ଅବସାଦ ଇତ୍ୟାଦି ସ୍ୱାସ୍ଥ୍ୟଗତ ସମସ୍ୟାମାନ ସୃଷ୍ଟି କରେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପୂଜା ସମୟରେ କୋଳାହଳର ସର୍ବୋଚ୍ଚ ସୀମାକୁ ୬୫ ଡେସିବେଲ୍ ମାତ୍ରାରେ ସୀମିତ ରଖାଯାଇଥିଲେ ସୁଦ୍ଧା କେତେକ କ୍ଷେତ୍ରରେ ଭସାଣି ସମୟରେ ଏହା ୧୦୦ ଡେସିବେଲ୍ ଟପି ଯାଉଛି ।

**ପରିବେଶପ୍ରିୟ ପୂଜା**

ମୂର୍ତ୍ତି ପ୍ରସ୍ତୁତିରେ ରାସାୟନିକ ରଙ୍ଗ ପରିବର୍ତ୍ତେ ଦ୍ରୁତ-ବିଘଟନଶୀଳ କିମ୍ବା ପ୍ରାକୃତିକ ଉତ୍ସରୁ ସଂଗୃହୀତ ରଙ୍ଗ (ଯଥା ୱାଟର୍ କଲର୍, ଖାଦ୍ୟରେ ବ୍ୟବହୃତ ରଙ୍ଗ, ହର୍ବାଲ୍ ରଙ୍ଗ ଇତ୍ୟାଦି) ବ୍ୟବହାର କରିବା ଉଚିତ । ମୂର୍ତ୍ତି ଗଠନରେ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ପରିବର୍ତ୍ତେ ମାଟି ବ୍ୟବହାର କରାଯିବା ଉଚିତ । ମଞ୍ଚ ସଜ୍ଜାରେ ଥର୍ମୋକଲ୍ ପରିବର୍ତ୍ତେ ପ୍ରାକୃତିକ ଉତ୍ସରୁ ସଂଗୃହୀତ ସୋଲ ବ୍ୟବହାର କରିବା ଆବଶ୍ୟକ । ସେହିପରି ମୂର୍ତ୍ତିର ଅଙ୍ଗ ବସ୍ତ୍ର ରୂପେ ବ୍ୟବହୃତ ସଂଶ୍ଲେଷିତ ତନ୍ତୁ ପରିବର୍ତ୍ତେ ପ୍ରାକୃତିକ ତନ୍ତୁ ଯଥା ତୁଳା କିମ୍ବା ସିଲ୍‌କରେ ନିର୍ମିତ ପରିଧାନ ପ୍ରୟୋଗ କରାଯିବା ଉଚିତ । ଭୋଗ ପରଷିବା ପାଇଁ ପ୍ଲାଷ୍ଟିକ ପ୍ଲେଟ୍ ପରିବର୍ତ୍ତେ ମାଟି ପାତ୍ର, ଶାଳପତ୍ର କିମ୍ବା କଦଳୀ ପତ୍ରରେ ତିଆରି ଥାଳି ବ୍ୟବହାର କରାଯିବା ଦରକାର । ପୂଜାରୁ ଉତ୍ପନ୍ନ କଠିନ ଆବର୍ଜନାକୁ ନ ପୋଡି ପ୍ରଦୂଷଣ ବୋର୍ଡର ମାର୍ଗନିର୍ଦ୍ଦେଶିକା ଅନୁସାରେ ବିନିଯୋଗ କରାଯିବା ବିଧେୟ । ଜଳ ପ୍ରଦୂଷଣ ରୋକିବା ନିମନ୍ତେ ମୂର୍ତ୍ତିକୁ ନଦୀ ଭଳି ପ୍ରବହମାନ ଜଳଧାରାରେ ବିସର୍ଜନ ନକରି ପୋଖରୀ, ଜଳାଶୟ ଭଳି ଆବଦ୍ଧ ଜଳକ୍ଷେତ୍ର ମଧ୍ୟରେ ନିମଜ୍ଜନ କରିବା ଉଚିତ । ବିଦ୍ୟୁତ ଶକ୍ତିର ଅପଚୟକୁ ହ୍ରାସ କରିବା ନିମନ୍ତେ ପାରମ୍ପରିକ ବିଜୁଳିବତୀ ପରିବର୍ତ୍ତେ ଅଧିକ ଦକ୍ଷତା ସମ୍ପନ୍ନ ଏଲ.ଇ.ଡି. ବତୀ କିମ୍ବା ସୌର ଚାଳିତ ବତୀ ବ୍ୟବହାର କରାଯିବା ଉଚିତ । ଶବ୍ଦ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲ୍ ଯୁକ୍ତ ଶବ୍ଦ ଉତ୍ସ ଯଥା ଡିଜେ ପରିବର୍ତ୍ତେ ପାରମ୍ପରିକ ବ୍ୟାଣ୍ଡ, ମେଲୋଡି ପରିବର୍ତ୍ତେ ଭଜନ ସମାରୋହ ଇତ୍ୟାଦି ଆୟୋଜନ କରାଯିବା ଉଚିତ । ମୂର୍ତ୍ତି ଜଳରେ ନିମଜ୍ଜନ ପୂର୍ବରୁ ଫୁଲ, ପତ୍ର ଭଳି ଜୈବିକ ଆବର୍ଜନାକୁ ମୂର୍ତ୍ତିରୁ ଅଲଗା କରି ବିସର୍ଜନ କରିବା ଉଚିତ କିମ୍ବା ବିସର୍ଜନ ପରେ ତୁରନ୍ତ ସେଗୁଡିକୁ ଜଳ ଉତ୍ସରୁ କାଢି ନେବା ଆବଶ୍ୟକ ।

ଏଜୁକେଶନ୍ ଅଫିସର୍
ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର
ଢେଙ୍କାନାଳ

❖ ❖ ❖

# ଜଗନ୍ନାଥ ଓ ଓଡ଼ିଆ ପରିଚିତି : କାଞ୍ଚିକାବେରୀ ଏକ ଅଧ୍ୟୟନ

ଡକ୍ଟର ସୋମା ଚାନ୍ଦ

''କାଞ୍ଚିକାବେରୀ''ଏକ ବଙ୍ଗଳା କାବ୍ୟ । ଲେଖକ, ବିଶିଷ୍ଟ କବି, ପ୍ରତ୍ନତତ୍ତ୍ୱବିଦ୍, ପ୍ରଶାସକ ଶ୍ରୀଯୁକ୍ତ ରଙ୍ଗଲାଲ ବନ୍ଦୋପାଧ୍ୟାୟ । ଭୂମିକା ଅନୁଯାୟୀ ଏହା ଲେଖକଙ୍କ କଟକ ରହଣି କାଳରେ ୧୮୭୭ ମସିହା କାର୍ତ୍ତିକ ମାସ ୨୦ ଦିନରେ ସମାପ୍ତ ହୋଇଛି । ୧୮୭୯ ମସିହାରେ କବି ପଶ୍ଚିମବଙ୍ଗର ହାଓଡ଼ା ଜିଲ୍ଲାକୁ ବଦଳି ହେବା ପରେ ସେହି ବର୍ଷ ଏହା ପ୍ରକାଶିତ ହୋଇଛି କଲିକତାରୁ । ତେଣୁ ଦେଖିବାକୁ ଗଲେ କାବ୍ୟଟିର ବର୍ତ୍ତମାନ ବୟସ ୧୩୬ ବର୍ଷ ।

ତେବେ 'କାଞ୍ଚିକାବେରୀ' ଉପାଖ୍ୟାନ ଓଡ଼ିଶାବାସୀଙ୍କ ପାଇଁ ଆଦୌ ନୂଆ କଥା କିଛି ନୁହଁ । ଓଡ଼ିଆ ଲୋକ ସଂସ୍କୃତି, କିମ୍ବଦନ୍ତୀ, ଗଳ୍ପ କାହାଣୀରେ ଏହାର ପରିସ୍ଫୁଟନ ବେଶ ବଳିଷ୍ଠ । ଊଣା ଅଧିକେ ସବୁ ଉତ୍କଳୀୟ ଏହି ପରମ୍ପରା ସହିତ ସୁପରିଚିତ, ଯାହାର ପ୍ରତିଫଳନ ଦେଖିବାକୁ ମିଳେ ଓଡ଼ିଆ ସାହିତ୍ୟରେ, ପ୍ରତ୍ନତାତ୍ତ୍ୱିକ ବିଭବରେ ଓ ଲୋକ ଚଳଣିରେ। କାବ୍ୟଟି ଅବଶ୍ୟ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲିଖିତ ନୁହଁ କାରଣ 'ମା' ପାଖରେ ମାମୁଁଘର ଗପ କହିବା ପରି ଓଡ଼ିଆଙ୍କ ପାଖରେ ଜଗନ୍ନାଥଙ୍କ କଥା କହିବା ଜଣେ ବଙ୍ଗଳାବାସୀଙ୍କ ପକ୍ଷରେ ଧୃଷ୍ଟତା ମାତ୍ର । କବି କାବ୍ୟଟିକୁ ଲେଖିଛନ୍ତି ବଙ୍ଗବାସୀ ସେହି ଅସଂଖ୍ୟ ଭକ୍ତଙ୍କ ପାଇଁ ଯାହାଙ୍କର ତାତ୍ତ୍ୱିକ, ଆଧ୍ୟାତ୍ମିକ ଅବବୋଧରେ ଜଗନ୍ନାଥ କେବଳ ଜଣେ ଦେବତା ନୁହଁନ୍ତି ଜଗନ୍ନାଥ ହୃଦୟର ନାଥ, ନିଜ ପ୍ରାଣର ସ୍ପନ୍ଦିତ ଆବେଗ, ସବୁ ଦୁଃଖସୁଖର ନିୟନ୍ତା– ଏକାନ୍ତ ନିଜସ୍ୱ ଜଗନ୍ନାଥ ଦେବ, ନୀଳାଚଳନାଥ ଅବା ନୀଳାଦ୍ରିନାଥ ।



ଇଏ ଏକ ଅଲଗା ଅନୁଭବ, ଏକ ଅଲଗା ଉପଲବ୍ଧି ଯାହା ଅନୁଭବୀ ହିଁ କେବଳ ଅନୁଭବ କରେ ହୃଦୟର ଆତୁରତା ଦେଇ । ଏହି ପ୍ରସଙ୍ଗରେ କଥାଟିଏ ମନକୁ ଆସୁଛି । ଊନବିଂଶ ଶତାବ୍ଦୀ ବଙ୍ଗଦେଶରେ ବଙ୍ଗୀୟ ବିଧବାମାନଙ୍କର ଦୁଃଖଯନ୍ତ୍ରଣାର ବର୍ଣ୍ଣନାରେ ବଙ୍ଗଳା ସାହିତ୍ୟର ପୃଷ୍ଠା ବହୁଭାବରେ ପରିପୂର୍ଣ୍ଣ । ଅକାଳ ବୈଧବ୍ୟକୁ ଅଙ୍ଗରେ ଧାରଣ କରି ସେମାନେ ଯେଉଁ ସାମାଜିକ କଷ୍ଟବେଦନା, ମାନସିକ ଅତ୍ୟାଚାର ଓ ସମାଲୋଚନାର ଶରବ୍ୟ ହେଉଥିଲେ ତାହାର ଉପସ୍ଥାପନା ଏହି ଲେଖାର ଉଦ୍ଦେଶ୍ୟ ନୁହଁ । ଉଦ୍ଦେଶ୍ୟ ହେଲା ସେହି ବିଧବାଙ୍କ ପ୍ରାଣରେ ଜଗନ୍ନାଥ ଶ୍ରଦ୍ଧାଭକ୍ତିର ନିଦର୍ଶନ ଉପସ୍ଥାପିତ କରିବା । ସେମାନଙ୍କ ଅନ୍ତର୍ନିହିତ ଭାବଚେତନାରେ ଜଗନ୍ନାଥଙ୍କୁ ନେଇ ଏପରି ଅପରୂପ ଭାବସମ୍ଭାର ଥିଲା ଯେ ରଥଯାତ୍ରା ବେଳେ ଅନେକ ସେଇ ସମୟରେ ଆସି ରେଳଧାରଣାକୁ ପରମ ଶ୍ରଦ୍ଧାପ୍ରୀତିରେ ଛୁଇଁ, ମୁଣ୍ଡିଆ ମାରି ସମ୍ମାନ ଜଣାଉଥିଲେ ।

କଥାଟି ନିଶ୍ଚିତ ଭାବରେ ବୋଧଗମ୍ୟ ହେଉନାହିଁ । ନହେବା ମଧ୍ୟ ସ୍ୱାଭାବିକ । ରେଳଧାରଣା ସହିତ ଭକ୍ତିଶ୍ରଦ୍ଧାର ସମ୍ପର୍କ କ'ଣ ? ସମ୍ପର୍କ ଏଇଆ ଯେ ରେଳଧାରଣା ପୁରୀଆଡ଼କୁ ପ୍ରଧାବିତ । ଏହି ଧାରଣା ଉପର ଦେଇ ଯାଉଥିବା

ରେଳଗାଡ଼ିର ଲକ୍ଷ୍ୟସ୍ଥଳ ଜଗନ୍ନାଥ ଧାମ । ତେଣୁ ଜଗନ୍ନାଥଗାମୀ ବା ପୁରୀଗାମୀ ରେଳଧାରଣାକୁ ସେମାନେ ସ୍ପର୍ଶ କରି ତାରି ମାଧ୍ୟମରେ ଜଗନ୍ନାଥଙ୍କୁ ଭକ୍ତି ଜଣାଉଛନ୍ତି । କାରଣ ସେମାନଙ୍କ ଦୁଃସହ ଆର୍ଥିକ ଅନଟନ ହେତୁ ପୁରୀଯାତ୍ରା ସେମାନଙ୍କ ପାଖରେ ଦିବାସ୍ୱପ୍ନ ପରି । ଆଉ ସେମାନଙ୍କ ଆତ୍ମୀୟସ୍ୱଜନ ଯଦିବା ପୁରୀତୀର୍ଥକୁ ଆସିବେ, ସେମାନଙ୍କ ପରି ଅଶୁଭ ଅପୟାଙ୍କୁ ତ ଆଉ ସାଥିରେ ନେଇ ଆସିବେ ନାହିଁ । ତେଣୁ ସେମାନେ ଭାବୁଥିଲେ ଯେ ଯେଉଁ ରେଳଧାରଣା ଶ୍ରୀକ୍ଷେତ୍ର ଧାମକୁ ଯାଉଛି ସିଏ ମଧ୍ୟ ପ୍ରଭୁଙ୍କ କୃପାରେ ଧନ୍ୟ । ତାକୁ ସ୍ପର୍ଶ କରି ସେମାନେ ତାରି ମାଧ୍ୟମରେ ଆରାଧ୍ୟ ଜଗନ୍ନାଥ ଦେବ (ସାଧାରଣତଃ ବଙ୍ଗାଳୀମାନେ ମହାପ୍ରଭୁଙ୍କ ଜଗନ୍ନାଥ ନ କହି ଶ୍ରୀଜଗନ୍ନାଥ ଦେବ ନାଁରେ ଉଚ୍ଚାରଣ କରନ୍ତି)ଙ୍କ ପାଖରେ ନିଜର ଆକୁଳ ପ୍ରାର୍ଥନା ପହଞ୍ଚାଇ ପାରିବେ ।

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ପୃଥିବୀରେ ଏବର ପିଢ଼ି ପାଇଁ କଥାଟା ଯେତିକି ହାସ୍ୟାସ୍ପଦ ସେତିକି ଗୁରୁତ୍ୱହୀନ କିନ୍ତୁ ବିଶ୍ୱାସ ବା ଭାବନା ଏପରି ଏକ ଜିନିଷ ଯାହା କୌଣସି ସମାଲୋଚନା ବା ଗୁରୁତ୍ୱର ଧାର ଧାରେ ନାହିଁ । ବିଶେଷ କରି ଶ୍ରୀଜଗନ୍ନାଥ ! ସେ ଏକ ନିଜସ୍ୱ ଉପଲବ୍‌ଧି, ନିଜସ୍ୱ ଚିନ୍ତନ ଯାହା ପ୍ରତିଟି ଭକ୍ତର ଅସ୍ତିତ୍ୱ ମଧ୍ୟରେ ଗ୍ରଥିତ । ସେହି ଭକ୍ତ ବଙ୍ଗାଳୀ ହେଉ କି ଓଡ଼ିଆ ହେଉ, ଭାରତୀୟ ଅବା ବିଦେଶୀ ହେଉ– ନିଜସ୍ୱ ଦୀପ୍ତି ବା ଔଜ୍ଜଲ୍ୟରେ ସେ ଋଦ୍ଧିମନ୍ତ । ତାଙ୍କର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ତାଙ୍କର ତତ୍ତ୍ୱ ଉପଲବ୍‌ଧି ଏକ ଦୁରୂହ ବ୍ୟାପାର । ଭକ୍ତ ଯେଉଁ ଆବେଗରେ, ଯେଉଁ ଭାବାତୁରତାରେ ତାଙ୍କୁ ଦେଖିବାକୁ, ପାଇବାକୁ ଅବା ଅନୁଭବ କରିବାକୁ ଚାହେଁ ତାହା ସେ ଭକ୍ତପ୍ରାଣରେ ସିଞ୍ଚରଣ କରନ୍ତି । ତଥାପି ମାନବୀୟ ଚିନ୍ତାଧାରାରେ, ମାନବିକ ଆବେଗରେ ସେ ପୁରୁଷୋତ୍ତମ କ୍ଷେତ୍ରନାଥ, ରାଜ୍ୟର ନାଥ, ଦେଶର ନାଥ, ସାରା ଜଗତର ନାଥ– ମହାପ୍ରଭୁ ଜଗନ୍ନାଥ।

ଇଏତ ଗଲା ସାଧାରଣ ଭକ୍ତପ୍ରାଣର କଥା । ଆଉ ଓଡ଼ିଆଙ୍କ କଥା ନ କହିବା ଭଲ–କାରଣ ଜଗନ୍ନାଥ ତାଙ୍କ ପାଇଁ କୌଣସି ଦେବତା ବା ଠାକୁର ନୁହଁନ୍ତି । ଦେହର ନିଃଶ୍ୱାସ ପରି, ଚକ୍ଷୁର ଦୃଷ୍ଟି ପରି, କର୍ଣ୍ଣର ଶ୍ରବଣ ପରି ସେ ଆମ ଜୀବନ ଧାରଣ ଓ ଜୀବନ ଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତାଙ୍କ ବିନା କେବଳ ଜୀବନ ଅସ୍ତିତ୍ୱହୀନ ନୁହଁ, ଏ ଜାତି ମଧ୍ୟ ଅସ୍ତିତ୍ୱହୀନ । ତେବେ ଏହା ହେଉଛି ଓଡ଼ିଆ ପ୍ରାଣର ମରମ କଥା । ହେଲେ ଯେଉଁ ବଙ୍ଗାଳୀମାନେ ତାଙ୍କୁ ପରମପୂଜ୍ୟ କରି ହୃଦୟର ନିଭୃତ କୋଣରେ ଅତି ଶ୍ରଦ୍ଧାରେ ସାଇତି ରଖିଛନ୍ତି, ସେମାନେ କେମିତି ଜାଣିବେ ତାଙ୍କ ପରମ ଆରାଧ୍ୟ ଦେବତାଙ୍କ କଥା ? ସେଥିପାଇଁ କବି ରଙ୍ଗଲାଲ ତାଙ୍କ ନିଜ ଓଡ଼ିଶା ରହଣି କାଳରେ ଆପଣା ରାଜ୍ୟବାସୀଙ୍କ ଏହି ମର୍ମବେଦନାକୁ ଉପଲବ୍‌ଧି କରି ଜଗନ୍ନାଥ ସଂସ୍କୃତି, ଇତିହାସ, ପରମ୍ପରା ଓ ଐତିହ୍ୟକୁ ଅବଗତ କରାଇବା ପାଇଁ ରଚନା କରିଛନ୍ତି ‘କାଞ୍ଚିକାବେରୀ’ କାବ୍ୟ । କାବ୍ୟଟି ୭ଟି ସର୍ଗରେ ବିଭକ୍ତ । ସର୍ବମୋଟ ୩୫ ପୃଷ୍ଠାର କାବ୍ୟ । କିନ୍ତୁ ଏହି କାବ୍ୟରୁ ଜଗନ୍ନାଥଙ୍କ କାଞ୍ଚି ଉପାଖ୍ୟାନ ବ୍ୟତୀତ ଅତି ସୁନ୍ଦର ଭାବରେ ଆହରିତ କରିହେବ ଜଗନ୍ନାଥ–କୈନ୍ଦ୍ରିକ ଓଡ଼ିଆ ପରିଚିତ ଯାହା ଏହି ଲେଖାର ମୂଳଲକ୍ଷ୍ୟ ।

କାବ୍ୟର ରଚନାକାଳ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ତୃତୀୟ ଦଶକର ଶେଷଭାଗ । ଭାରତୀୟ ନବଜାଗରଣର ଆଦ୍ୟଶଙ୍ଖ ବଙ୍ଗଦେଶରୁ ନିନାଦିତ । ରାଜା ରାମମୋହନ ରାୟଙ୍କର ଉନ୍ମୋଚିତ ଆଧୁନିକତାର ସୌରଭରେ ବଙ୍ଗଦେଶର ବୌଦ୍ଧିକ ବାତାବରଣ ବେଶ୍ ସମୃଦ୍ଧ । ଆଧୁନିକ ଶିକ୍ଷା, ଦର୍ଶନ, ସାହିତ୍ୟର ଆଲୋକରେ ଆଲୋକିତ, ନିଜର ଇତିହାସ, ସଂସ୍କୃତି, ଧର୍ମ, ଦର୍ଶନକୁ ଜାଣିବାର ଅଭିପ୍ରାୟରେ ନବ୍ୟଶିକ୍ଷିତ ଗୋଷ୍ଠୀ ବେଶ ତତ୍ପର । ଏହି ପୃଷ୍ଠଭୂମିରେ ନିଜ ପ୍ରାଣକନ୍ଦରର ନାଥ, ନିଜସ୍ୱ ବିଶ୍ୱାସ ଅନୁଭୂତିର ନାଥ, ଶ୍ରଦ୍ଧା ଆତୁରତାର ନାଥ ଜଗନ୍ନାଥଙ୍କ ଇତିହାସ, ବିଧି, ରୀତିନୀତି, ପରମ୍ପରା, ଐତିହ୍ୟକୁ ନିଜ ବଙ୍ଗୀୟ ଭାଇଭଉଣୀଙ୍କ ଜ୍ଞାତସାରକୁ ଆଣିବା ମଧ୍ୟ ଏକ ନୈତିକ ଦାୟିତ୍ୱ । ଏହି ଭାବଧାରାରେ କେବଳ କବି ରଙ୍ଗଲାଲ କାହିଁକି ଊନବିଂଶ ଶତାବ୍ଦୀର ବହୁ ବଙ୍ଗାଳୀ ଲେଖକ, ଲେଖନୀ ଚାଳନା ମାଧ୍ୟମରେ ଶ୍ରୀକ୍ଷେତ୍ର ଧାମ ଓ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନେଇ ସର୍ଜନା କରିଛନ୍ତି ବହୁ କାବ୍ୟ, ରଚନା ଓ ଆଲେଖ୍ୟ, ଯାହାର ଐତିହାସିକ, ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହି କ୍ରମରେ ଯାହାଙ୍କ ନାଁ ପ୍ରଥମେ ମନକୁ ଆସେ ସେ ହେଲେ ରାମମୋହନଙ୍କ ସମସାମୟିକ ଭବାନୀ ଚରଣ ବନ୍ଦୋପାଧ୍ୟାୟ । ତାଙ୍କ ରଚିତ ଶ୍ରୀପୁରୁଷୋତ୍ତମ ଚନ୍ଦ୍ରିକା (ଶ୍ରୀକ୍ଷେତ୍ରଧାମେର ବିବରନ) ବଙ୍ଗଳାରେ ପ୍ରକାଶିତ ହୁଏ ୧୮୪୪ ମସିହାରେ, ଯାହା ମହାପ୍ରଭୁଙ୍କୁ ନେଇ ପ୍ରଥମ ବଙ୍ଗଳା ରଚନା ହିସାବରେ ଗ୍ରହଣ କରାଯାଏ । ଏଥିରେ ରହିଛି ଶ୍ରୀକ୍ଷେତ୍ର ବର୍ଣ୍ଣନା ଠାରୁ ଶ୍ରୀମନ୍ଦିର ଛତିଶାନିୟୋଗ, କଳିଯୁଗ ଠାରୁ ଆରମ୍ଭ କରି ୪୯୪୫ ବର୍ଷ ବ୍ୟାପି ଓଡ଼ିଶା ରାଜତନ୍ତ୍ରର କାହାଣୀ ଓ ଓଡ଼ିଶାର ଅନ୍ୟ ପ୍ରମୁଖ ତିନିକ୍ଷେତ୍ର–ଚକ୍ରକ୍ଷେତ୍ର (ଭୁବନେଶ୍ୱର), ଗଦାକ୍ଷେତ୍ର (ଯାଜପୁର) ଓ ପଦ୍ମକ୍ଷେତ୍ର (କୋଣାର୍କ)ର ବର୍ଣ୍ଣନା । ଏହା ପରେ

ପରେ ଜଗନ୍ନାଥ-କୈନ୍ଦ୍ରିକ ବହୁ ରଚନାରେ ଉନବିଂଶ ଶତାବ୍ଦୀର ବଙ୍ଗଳା ସାହିତ୍ୟର କଳେବର ବେଶ ପ୍ରଶସ୍ତ । ସେଗୁଡ଼ିକ ନିମ୍ନ ପ୍ରକାରେ ଉଲ୍ଲେଖ କରାଯାଇପାରେ ।

- ନୀଳାଚଳ ମାଧୁରୀ - ଯାଦବେନ୍ଦ୍ର ଆଢ୍ୟ
- ଉତ୍କଳତୀର୍ଥ - ମହାମହୋପାଧ୍ୟାୟ ସଦାଶିବ ମିଶ୍ର
- ନୀଳାଚଳ - ଚୁନୀଲାଲ ବସୁ
- ମନ୍ଦିରେର କଥା - ଗୁରୁଦାସ ସରକାର
- ମହାପ୍ରଭୁର ନୀଳାଚଳ ଲୀଳା - ହରିଦାସ ଗୋସ୍ୱାମୀ
- ଜଗନ୍ନାଥ ମଙ୍ଗଲ - ବିଶ୍ୱମ୍ଭର ଦାସ
- ଜଗନ୍ନାଥ - ଜ୍ୟୋତିଷ ଚନ୍ଦ୍ର ବିଶ୍ୱାସ
- ଗୋବିନ୍ଦ ଦେଶର କଥା - ଗୋବିନ୍ଦ ଦାସ (ଜୟଗୋପାଳ ଗୋସ୍ୱାମୀ ସମ୍ପାଦିତ)
- ଜଗନ୍ନାଥ ମାହାତ୍ମ୍ୟ - ଜେ. ଦାସ ମାହେଶ୍ୱରୀ
- ପୁରୁଷୋତ୍ତମ ମାହାତ୍ମ୍ୟ ଓ ତୀର୍ଥ ପରିକ୍ରମା - ବ୍ରହ୍ମଚାରୀ ଶାନ୍ତିପ୍ରକାଶ
- ଶ୍ରୀକ୍ଷେତ୍ର - ସୁନ୍ଦରାନନ୍ଦ ବିଦ୍ୟାବିନୋଦ
- ଉତ୍କଳତୀର୍ଥ - ସିଦ୍ଧାନନ୍ଦ ସରସ୍ୱତୀ

ଉପରୋକ୍ତ ଜଗନ୍ନାଥ ସମ୍ବନ୍ଧୀୟ ବଙ୍ଗଳାର ସାରସ୍ୱତ ସମ୍ଭାର ଭିତରେ 'କାଞ୍ଚିକାବେରୀ' ଅନ୍ୟ ଏକ ମନୋରମ ସଂଯୋଜନ। ଅବଶ୍ୟ ଏହାପୂର୍ବରୁ ସଂସ୍କୃତ ସାହିତ୍ୟରେ 'କାଞ୍ଚିକାବେରୀ' ଉପାଖ୍ୟାନକୁ ନେଇ ବହୁ ଉଲ୍ଲେଖ ଓ ବର୍ଣ୍ଣନା ମଧ୍ୟ ରହିଛି । ସଂସ୍କୃତ ସାହିତ୍ୟ ବ୍ୟତୀତ ୧୭ଶ ଶତାବ୍ଦୀରେ ଓଡ଼ିଆରେ ପୁରୁଷୋତ୍ତମ ଦାସ ପ୍ରଥମେ ରଚନା କରିଥିଲେ 'କାଞ୍ଚିକାବେରୀ' କାବ୍ୟ । ତାଙ୍କ ପରେ ରଙ୍ଗଲାଲଙ୍କ 'କାଞ୍ଚିକାବେରୀ' କାବ୍ୟ ଆଞ୍ଚଳିକ ଜଗନ୍ନାଥ ସାହିତ୍ୟରେ ଅନ୍ୟ ସୁନ୍ଦର ପରିପ୍ରକାଶ । ଯଦିଓ ଏହି କାବ୍ୟରେ ପୁରୁଷୋତ୍ତମ ଦାସଙ୍କ ପ୍ରଭାବ ପରିଲକ୍ଷିତ ହୁଏ, ତଥାପି ରଙ୍ଗଲାଲଙ୍କ 'କାଞ୍ଚିକାବେରୀ' କାବ୍ୟ ଇତିହାସ, ଭୂଗୋଳ, ପୁରାଣ ଓ ଦର୍ଶନର ଏକ ମଧୁର ସମନ୍ୱୟ । ରାମାୟଣ ଓ ମହାଭାରତର ଅସଂଖ୍ୟ ଉପାଦାନ ଦ୍ୱାରା କାବ୍ୟର ଅଭିବ୍ୟକ୍ତି ବେଶ୍ ଶକ୍ତିଶାଳୀ । ତେବେ ଆଧୁନିକ ଯୁଗର ଅୟମାରମ୍ଭରେ ଐତିହାସିକ ଓ ଭୌଗୋଳିକ ଉପସ୍ଥାପନା ଦ୍ୱାରା ଏହି ଉପାଖ୍ୟାନ ଓଡ଼ିଆ ପରିଚିତିକୁ ବହୁତ ସୁଦୃଢ଼ କରିଛି । ଏହାପରେ ଓଡ଼ିଆ ସାହିତ୍ୟରେ ରାମଶଙ୍କର ରାୟ 'କାଞ୍ଚିକାବେରୀ' ନାଟକ ରଚନା କରିଥିଲେ ହେଁ କବି ରଙ୍ଗଲାଲ ବହିରାଗତସୂରୀ ଭାବେ ଏହି କାବ୍ୟ ମାଧ୍ୟମରେ ଓଡ଼ିଆ ପରିଚିତି ଓ ଜାତୀୟତାବାଦକୁ ଦେଇଛନ୍ତି ଏକ ସକାରାତ୍ମକ ରୂପରେଖ ।

ମହାପ୍ରଭୁ କିପରି ଜଗନ୍ନାଥକେନ୍ଦ୍ରିକ ଓଡ଼ିଆ ପରିଚିତ ଉଦ୍‌ଭବରେ ସହାୟକ ହୋଇଛନ୍ତି- ଏହି ଆଲୋଚନାକୁ ଯିବାପୂର୍ବରୁ ପ୍ରଭୁଙ୍କର ନିଜସ୍ୱ ବିବର୍ତ୍ତନ ପ୍ରକ୍ରିୟା ଜାଣିବା ବିଧେୟ, ଯାହା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ।

ବୈଷ୍ଣବ ଧର୍ମର ଉତ୍ସ ନିହିତ ରହିଛି ସାଂଖ୍ୟ ଦର୍ଶନର ସୃଷ୍ଟିତତ୍ତ୍ୱ ରେ । ଏଥିରେ କୁହାଯାଇଛି ସେ ହିଁ ପରମପୁରୁଷ, ଚରମ ସତ୍ତା ବା ଶେଷଗତି । ଗୀତାର ବହୁସ୍ଥାନରେ ମଧ୍ୟ ଏହି ଭାବଧାରାର ଉଲ୍ଲେଖ ଦେଖିବାକୁ ମିଳେ ।

ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା
ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ । (୮.୨୨)

(ହେ ପାର୍ଥ! ଭୂତ ସମୂହ ଯାହାଙ୍କ ମଧ୍ୟରେ ଅବସ୍ଥିତ ରହିଛି, ଯାହାଙ୍କ ମଧ୍ୟରେ ପରିଦୃଶ୍ୟମାଣ ସମସ୍ତ ଜଗତବ୍ୟାପ୍ତ, ସେହି ପରମପୁରୁଷଙ୍କୁ ଏକମାତ୍ର ଅନନ୍ୟ ଭକ୍ତି ଦ୍ୱାରା ଲାଭ କରାଯାଏ ।)

ତ୍ୱମାଦି ଦେବଃ ପୁରୁଷଃ ପୁରାଣସ୍ତ୍ୱମସ୍ୟ
ବିଶ୍ୱସ୍ୟ ପରଂ ନିଧାନମ୍

ବେତ୍ତାସି ବେଦ୍ୟଞ୍ଚ ପରଞ୍ଚ ଧାମତ୍ୱୟା
ତତଂ ବିଶ୍ୱମନନ୍ତରୂପ । (୧୧.୩୮)

(ହେ ଅନନ୍ତରୂପ, ଆପଣ ଆଦିଦେବ, ଅନାଦିପୁରୁଷ, ଆପଣ ହିଁ ବିଶ୍ୱର ଏକମାତ୍ର ଲୟ ସ୍ଥାନ ଆପଣ ହିଁ ଜ୍ଞାତା ଓ ଜ୍ଞାତବ୍ୟ, ଆପଣ ହିଁ ପରମ ଧାମ, ଆପଣ ଏହି ସମଗ୍ର ବିଶ୍ୱକୁ ବ୍ୟାପି ଅବସ୍ଥାନ କରୁଛନ୍ତି ।)

ପରମପୁରୁଷ ପରମଶକ୍ତିକୁ ନେଇ କେବଳ ଗୀତା କାହିଁକି ଉପନିଷଦ, ଶୃତିଶାସ୍ତ୍ରରେ ମଧ୍ୟ ବହୁ ବର୍ଣ୍ଣନା ଦେଖିବାକୁ ମିଳେ । ଯେହେତୁ ସେ ସର୍ବଜ୍ଞ, ସର୍ବବିଦ୍, ସର୍ବଜ୍ଞତାରୂପକ- ତେଣୁ ସେ ପୁରୁଷୋତ୍ତମ । ଗୀତାରେ ସେଥିପାଇଁ ରହିଛି ଦୁଇପ୍ରକାର ପୁରୁଷଙ୍କ ଉଲ୍ଲେଖ ।

- ନଶ୍ୱର (ଶରୀର)
- ଅବିନଶ୍ୱର (ଆତ୍ମା)

କିନ୍ତୁ ପରମପୁରୁଷ ଭଗବତ ଏସବୁର ଊର୍ଦ୍ଧ୍ୱରେ ହୋଇଥିବାରୁ ସେ ପୁରୁଷୋତ୍ତମ ବା ପରମାତ୍ମନ । ଗୀତାରେ ଭଗବାନ କୃଷ୍ଣ ପାର୍ଥଙ୍କୁ ପୁରୁଷୋତ୍ତମ ଯୋଗରେ କହୁଛନ୍ତି-

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋ୍ଽକ୍ଷର ଉଚ୍ୟତେ ।

ଉତ୍ତମ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁ ଦାହୃତଃ
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ।
ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପିଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ନ ପ୍ରଥିତଃ ପୁରୁଷୋତ୍ତମଃ ।
(୧୫.୧୬-୧୮)

ସଂସାରରେ କ୍ଷର ଓ ଅକ୍ଷର (ବ୍ରହ୍ମଙ୍କ ଉପାଧି ବୋଲି କ୍ଷର ଓ ଅକ୍ଷରକୁ ପୁରୁଷ କୁହାଯାଏ)– ଏହି ଦ୍ୱିବିଧ ପୁରୁଷ ବିଦ୍ୟମାନ । ସେମାନଙ୍କ ମଧ୍ୟରେ କ୍ଷର ଶବ୍ଦର ଅର୍ଥ ବିନାଶଶୀଳ କାର୍ଯ୍ୟରୂପକ ସର୍ବଭୂତ ଏବଂ କୂଟସ୍ଥ ପୁରୁଷ ହିଁ ଅବିନାଶୀ ଅକ୍ଷର ବୋଲି ଅଭିହିତ ।

ଏହି କ୍ଷର ଓ ଅକ୍ଷର ପୁରୁଷଙ୍କ ଠାରୁ ଭିନ୍ନ ଜଣେ ଉତ୍ତମ ପୁରୁଷ ଅଛନ୍ତି ଯିଏ ପରମାତ୍ମା ବୋଲି ଶାସ୍ତ୍ର ନିର୍ଦ୍ଦେଶ ଦେଇଛି ଏବଂ ଯେ ଅବିନାଶୀ ଓ ଈଶ୍ୱର (ସର୍ବଜ୍ଞ ନାରାୟଣ), ଯେ ଅନ୍ତରରେ ପ୍ରବିଷ୍ଟ ହୋଇ ଲୋକତ୍ରୟକୁ ଭରଣ କରିଥାଆନ୍ତି ।

ଯେହେତୁ ମୁଁ କ୍ଷରକୁ ଅତିକ୍ରମ କରି ଅବସ୍ଥିତ ଏବଂ ଅକ୍ଷର ଠାରୁ ମଧ୍ୟ ମୁଁ ଉତ୍ତମ, ସେଥିପାଇଁ ହିଁ ଲୋକରେ (ଇହଲୋକରେ, ପୁରାଣାଦି ଶାସ୍ତ୍ରରେ) ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରଖ୍ୟାତ ହୋଇଛି ।)

ଗୀତାର ବାଣୀ ସହିତ ଏକଥା ମଧ୍ୟ ସର୍ବଜନବିଦିତ ଯେ ପୁରାତନ ଅନୁଶାସନ ଓ ଶିଳାଲେଖରେ ଜଗନ୍ନାଥ ପୁରୁଷୋତ୍ତମ ନାମରେ ଅଭିହିତ । ୧୧୦୪ ମସିହାର ନାଗପୁର ଅନୁଶାସନ, ୧୧୩୭ର ଗୋବିନ୍ଦପୁର ଅନୁଶାସନ ଅଥବା ୧୨୩୦ ମସିହାର ତୃତୀୟ ଅନଙ୍ଗଭୀମଦେବଙ୍କ ନାଗରୀ ଫଳକରେ ଜଗନ୍ନାଥଙ୍କ ପୁରୁଷୋତ୍ତମ ନାମର ଉଲ୍ଲେଖ ରହିଛି । ତ୍ରୟୋଦଶ ଶତାବ୍ଦୀର ଶେଷଭାଗରୁ ଜଗନ୍ନାଥ ଧର୍ମରେ ପରିଲକ୍ଷିତ ହୋଇଥିଲା ପରିବର୍ତ୍ତନର ଧାରା । ଗଙ୍ଗ ଶାସନ କାଳରେ ବର୍ତ୍ତମାନର ଜଗନ୍ନାଥ ମନ୍ଦିର ନିର୍ମାଣ ପରେ ପରେ ପୁରୁଷୋତ୍ତମଙ୍କ ସ୍ଥାନରେ ଆରମ୍ଭ ହୋଇଛି ଜଗନ୍ନାଥଙ୍କ ଉଲ୍ଲେଖ । ତୃତୀୟ ଅନଙ୍ଗଭୀମଦେବଙ୍କ ପ୍ରପୌତ୍ର ତୃତୀୟ ଭାନୁଦେବଙ୍କ ଶ୍ରୀକୁର୍ମନ ଅନୁଶାସନ (୧୩୧୦ ମସିହା)ରେ ଜଗନ୍ନାଥଦେବଙ୍କ ନାମ ଦେଖିବାକୁ ମିଳେ ।

ସୂର୍ଯ୍ୟବଂଶୀ ଗଜପତିଙ୍କ ଶାସନ କାଳରେ ଜଗନ୍ନାଥ ଧର୍ମରେ ଆସିଛି ଉତ୍କର୍ଷର ପ୍ରବାହ । ଭକ୍ତିମିଶ୍ରିତ ରାଜପୃଷ୍ଠପୋଷକତାରୁ ଜଗନ୍ନାଥ ମନ୍ଦିର ଏହି ସମୟରେ ରାଜନୀତି, ଧର୍ମନୀତି ଓ ଉତ୍କଳୀୟ ସଂସ୍କୃତିର ଏକ ପୀଠସ୍ଥଳୀରେ ରୂପାନ୍ତରିତ ହୋଇଛି । ଓଡ଼ିଶା ଇତିହାସର ପୃଷ୍ଠା ଅନୁଧ୍ୟାନ କଲେ ଆମେ ଦେଖୁ ଯେ ବିଭିନ୍ନ ସମୟରେ ଯାଜପୁର, ଚୌଦୁଆର ବା କଟକ ରାଜ୍ୟର ରାଜନୈତିକ କେନ୍ଦ୍ରସ୍ଥଳୀ ଥିବା ବେଳେ ପୁରୀ ଏସବୁଠାରୁ ରହିଛି ବହୁତ ଦୂରରେ । ପୁରୁଷୋତ୍ତମଙ୍କ ପ୍ରାଧାନ୍ୟରେ ପୁରୀର ଥିଲା ଏକ ନିଜସ୍ୱ ଧର୍ମୀୟ ପରିଚିତି । କିନ୍ତୁ ମଧ୍ୟଯୁଗର ଶେଷଭାଗରୁ ବିଶେଷ କରି କପିଳେନ୍ଦ୍ରଦେବଙ୍କ ସମୟରୁ ମନ୍ଦିର ସହିତ ରାଜନୀତିର ଗଢ଼ିଉଠିଛି ଏକ ପାରସ୍ପରିକ ସମ୍ପର୍କ । ଓଡ଼ିଶାର ରାଜନୈତିକ ବିବର୍ତ୍ତନ ପ୍ରକ୍ରିୟାରେ ରାଜପଦ ବା ଜଗନ୍ନାଥ ଧର୍ମର ଏକ ଅଂଶବିଶେଷ ହୋଇ ପଡ଼ିଥିବା ବେଳେ ଜଗନ୍ନାଥ ଧର୍ମ ରାଜପଦର ଏକ ଅଂଶବିଶେଷ ହୋଇ ଏହାକୁ ବୈଧତା ପ୍ରଦାନ କରିଛି । ଏହି ଧାରାର ପ୍ରକୃଷ୍ଟ ନିଦର୍ଶନ ଦେଖିବାକୁ ମିଳେ ଗଜପତି କପିଳେନ୍ଦ୍ରଙ୍କ ସମୟରେ ।

ଜଣେ ଯଥାର୍ଥ ଜଗନ୍ନାଥ ପ୍ରାଣ ନରପତି ଭାବେ ମହାପ୍ରଭୁଙ୍କ ପ୍ରତି ତାଙ୍କର ଥିଲା ଅପରିସୀମ ଭକ୍ତି ଓ ଶ୍ରଦ୍ଧା । ସେଥିପାଇଁ ପ୍ରତ୍ୟେକ ସଫଳ ଅଭିଯାନ ପରେ ସେ ଆରାଧ୍ୟ ଦେବତାଙ୍କ ପାଇଁ ଅଳଙ୍କାର ମଣିମୁକ୍ତା ଉପହାର ସହିତ ପାଟଶାଢ଼ୀ ମଧ୍ୟ ଲାଗି କରୁଥିଲେ । ଏପରିକି ଜ୍ୟେଷ୍ଠପୁତ୍ର ଯୁବରାଜ ହମ୍ବୀରଦେବଙ୍କୁ ଉତ୍ତରାଧିକାରୀ ମନୋନୀତ ନକରି ଜଗନ୍ନାଥଙ୍କ ଇଚ୍ଛାନୁସାରେ ପୁରୁଷୋତ୍ତମଦେବଙ୍କୁ ଗଜପତି ପଦରେ ଆସୀନ କରିଥିଲେ ଯେଉଁଥି ପାଇଁ ଗୁଣ୍ଡୁରର ମାଟୁକାପାଲୀ ଅନୁଶାସନରେ ପୁରୁଷୋତ୍ତମଦେବଙ୍କୁ ଜଗନ୍ନାଥ-ବର-ପ୍ରସାଦ ଭାବେ ଉଲ୍ଲେଖ କରାଯାଇଛି । ଏହାର କାରଣ ହେଲା ସେତେବେଳକୁ ଜନମାନସରେ ଜଗନ୍ନାଥ ଓଡ଼ିଶା ରାଜ୍ୟର ରାଜା ଭାବେ ଓ ଗଜପତି ତାଙ୍କ ରାଉତ (ସେବକ) ଭାବେ ଅଧିଷ୍ଠିତ ହୋଇସାଇଛନ୍ତି । ପୁରୁଷୋତ୍ତମଦେବଙ୍କ ପରେ ପ୍ରତାପରୁଦ୍ରଦେବ ମଧ୍ୟ ଜଗନ୍ନାଥ ମନ୍ଦିରସ୍ଥ ଏକ ଅନୁଶାସନରେ ଦର୍ଶାଇଛନ୍ତି ଯେ ତାଙ୍କ ଆଜ୍ଞାର ଅବମାନନା ଅର୍ଥ ଜଗନ୍ନାଥଙ୍କ ଆଦେଶର ଅବମାନନା । ତେଣୁ ମହାପ୍ରଭୁ ଜଗନ୍ନାଥ ଓ ଗଜପତି ରାଜାଙ୍କ ମଧ୍ୟରେ ଏହି ସମ୍ପର୍କ ସମକାଳୀନ ରାଜନୀତି ଓ ରାଜାଙ୍କ ଉପରେ ଜଗନ୍ନାଥ ଧର୍ମର ପ୍ରଭାବର ସୂଚକ । ଏହି ସମୟରୁ ବୋଧହୁଏ ଗଜପତିମାନେ ଲୋକମୁଖରେ ଠାକୁର ରାଜା ଭାବେ ପରିଚିତ ହେବାକୁ ଆରମ୍ଭ କରିଛନ୍ତି ଓ ଆଦ୍ୟସେବକର ମର୍ଯ୍ୟାଦା ମଧ୍ୟ ଲାଭ କରିଛନ୍ତି । ଜଗନ୍ନାଥ ପରିଣତ ହୋଇଛନ୍ତି ରାଷ୍ଟ୍ର ଦେବତାରେ ।

୧୫୬୮ ମସିହାରେ ମଧ୍ୟଯୁଗୀୟ ଓଡ଼ିଶା ରାଜ୍ୟର ପତନ ପରେ ପରେ ଓଡ଼ିଶାର ଜାତୀୟ ପରମ୍ପରାର ବାହକ ଥିଲା ସମକାଳୀନ ଓଡ଼ିଆ ସାହିତ୍ୟ, ପୁରୀର ଜଗନ୍ନାଥ ଧର୍ମ ଓ ଖୋର୍ଦ୍ଧାର

ରାଜବଂଶ । ରାଷ୍ଟ୍ରଦେବତା ଭାବେ ଜଗନ୍ନାଥ ହୋଇଛନ୍ତି ଜାତିର ଐତିହ୍ୟ, ପରମ୍ପରା, ଚଳଣିର ପ୍ରତୀକ । ତାଙ୍କୁ କେନ୍ଦ୍ର କରି ରଚିତ ସାହିତ୍ୟ, ତାଙ୍କୁ କେନ୍ଦ୍ରକରି ସୁଦୃଢ଼ ହୋଇଥିବା ଓଡ଼ିଆ ଜାତୀୟତାବାଦ ସବୁଥିରେ ପ୍ରତିଫଳିତ ହୋଇଛି ଜଗନ୍ନାଥ ଧର୍ମର ସମନ୍ୱୟୀ ବୈଶିଷ୍ଟ୍ୟ ଯାହା ସୁପ୍ତ ଓଡ଼ିଆ ପରିଚିତିକୁ କରିଛି ଜାଗ୍ରତ ଓ ବଳିଷ୍ଠ ।

**କାବ୍ୟ ଅବତାରଣା**

କବି ରଙ୍ଗଲାଲ ୧୮୬୪ରୁ ୧୮୬୯ ଭିତରେ ପ୍ରଥମେ କଟକର ସ୍ପେସିଆଲ୍ ଡେପୁଟି କଲେକ୍ଟର ଓ ପରେ ଉନ୍ନୀତ ହୁଅନ୍ତି ଡେପୁଟି ମାଜିଷ୍ଟ୍ରେଟ୍ ପଦକୁ । ଜଣେ ସ୍ୱଭାବକବି ଭାବେ ଏହି ସମୟରେ ସେ କାବ୍ୟ ରଚନା କରନ୍ତି ପଦ୍ମିନୀ, କର୍ମଦେବୀ, ଶୂରସୁନ୍ଦରୀ ଆଦି ଐତିହାସିକ ଚରିତ୍ରକୁ ନେଇ । ୧୮୭୨ରେ ପୁନର୍ବାର କଟକ ଆସି ରହନ୍ତି ୧୮୭୯ ପର୍ଯ୍ୟନ୍ତ । ଏହି ସମୟରେ ରଚନା ହୁଏ 'କାଞ୍ଚିକାବେରୀ' କାବ୍ୟ । କାବ୍ୟର ଭୂମିକାରେ କବି ତାଙ୍କ ଦୀର୍ଘକାଳ ଓଡ଼ିଶା ରହଣି ଭିତରେ ଏଠାକାର ଇତିହାସ, ସଂସ୍କୃତି ଉପରେ କିଞ୍ଚିତ ଜ୍ଞାନ ଆହରଣର ଉଲ୍ଲେଖ କରିଛନ୍ତି । ଏସବୁ ଅବଶ୍ୟ ତାଙ୍କ ପାଇଁ ବିଶେଷ କିଛି ନୂଆ ନଥିଲା । କାରଣ ୧୫ ବର୍ଷ ବୟସରେ ମାମୁଁଘରେ ଥିବା ବେଳେ ଏଣ୍ଡ୍ରୁ ଷ୍ଟାର୍ଲିଂଙ୍କର An Account, Geographical, Statistical and Historical of Orissa Proper or Cuttack ତାଙ୍କର ହସ୍ତଗତ ହୋଇଛି । ତାହାକୁ ପଢ଼ିବା ଅବସରରେ ଜଗନ୍ନାଥଙ୍କ ରଥଯାତ୍ରା, ପୁରୁଷୋତ୍ତମ ଓ ପଦ୍ମାବତୀ ବିବାହ କଥା, ଛେରା ପହଁରା ଅନୁଷ୍ଠାନ, ମାଣିକ ଗଉଡୁଣୀ ଆଦି ବହୁ ବିଷୟରେ ଅବଗତ ହୋଇଥିଲେ ହେଁ ସେସବୁ ଚାଲିଯାଇଥିଲା ବିସ୍ମୃତିର ଅତଳ ଗର୍ଭକୁ । କିନ୍ତୁ ଓଡ଼ିଶାରେ ଏତେଦିନ ଅବସ୍ଥାନ କରିବା ପରେ ଓ ବିଶେଷ କରି ଜଗନ୍ନାଥ ମନ୍ଦିରକୁ ଯିବା ପରେ ବିସ୍ମୃତ ଆଲେଖ୍ୟଟି ପୁଣି ଉଜ୍ଜୀବିତ ହୋଇ ଉଠିଛି ତାଙ୍କ ସ୍ମୃତିମାନସରେ । ତା'ପରେ ବିଭିନ୍ନ ତାଳପତ୍ର ପୋଥି, ମାଦଳା ପାଞ୍ଜିରୁ ସେ ଯେଉଁ ତଥ୍ୟ ସଂଗ୍ରହ କରିଛନ୍ତି ତା'ର ପରିପ୍ରକାଶ ଘଟିଛି କାବ୍ୟ କଳେବରରେ । ଏହି ରଚନାରେ ସେ ଉଭୟ ବଙ୍ଗାଳୀ ଓ ଓଡ଼ିଆ ବନ୍ଧୁମାନଙ୍କ ସହଯୋଗ ପାଇଥିବାରୁ ଐତିହାସିକ କାବ୍ୟଟିକୁ ସେମାନଙ୍କୁ ଉତ୍ସର୍ଗ କରିଛନ୍ତି । ଭୂମିକାର ଉପସଂହାରରେ ରସିକ କବି ଲେଖଛନ୍ତି ଯେ ସାତ୍ତ୍ୱିକ ହିନ୍ଦୁମାନେ କାବ୍ୟଟିକୁ ମହାପ୍ରସାଦ ଭାବେ ଅବଶ୍ୟ ହିଁ ଗ୍ରହଣ କରିବେ । କିନ୍ତୁ ନବ୍ୟ ଶିକ୍ଷିତ ସମ୍ପ୍ରଦାୟ ପ୍ରତି ତାଙ୍କର ନିବେଦନ ଯେ ସେମାନେ ଏହି କାବ୍ୟ ଭିତରେ ସେମାନଙ୍କର ନିଜସ୍ୱ ରୁଚିସମ୍ମତ କୌଣସି ପଦାର୍ଥ ମଧ ପାଇ ପାରନ୍ତି । ଏଥିସହିତ ଇଂରାଜୀ କବି Scottଙ୍କ ଉକ୍ତିଟିଏ ମଧ ଉଦ୍ଧୃତ କରିଛନ୍ତି–

A theme, a theme for Milton's
mighty hand
How much unmeet for us, a faint
degenerate band.

ସାତଟି ସର୍ଗର ସମଷ୍ଟିରେ କାବ୍ୟଟି ଗଠିତ– ସୂଚନା, କଥାରମ୍ଭ, ପଦ୍ମାବତୀ, ମାଣିକା ଗୋପାଳିନୀ, ଯୁଦ୍ଧଯାତ୍ରା, ସଂଗ୍ରାମ ଓ ମିଳନ । କବିଙ୍କ ବର୍ଣ୍ଣନା ଶୈଳୀରେ ରହିଛି ସମକାଳୀନ ବଙ୍ଗଳା ପଦ୍ୟସାହିତ୍ୟ ଶୈଳୀର ପ୍ରତିଫଳନ । ଭାଷାର ଲାଳିତ୍ୟ, ଶବ୍ଦ ସଂଯୋଜନା ବେଶ ମନଛୁଆଁ । ଇତିହାସ ଆଧାରିତ ଉପାଖ୍ୟାନଟି ଉପସ୍ଥାପିତ କଲାବେଳେ ତା' ଭିତରେ ଜଗନ୍ନାଥକୈନ୍ଦ୍ରିକ ଓଡ଼ିଆ ପରିଚିତିର ଧାରାକୁ ସୂଚାଇବାକୁ ଆଦୌ ଭୁଲି ନାହାନ୍ତି । ଓଡ଼ିଶାର ଭୌଗୋଳିକ ସୂଚନା ଦେବାକୁ ଯାଇ ପ୍ରାରମ୍ଭରେ କବି ଲେଖିଛନ୍ତି–

ଦକ୍ଷିଣ ଜଳଧି ତୀରେ ନୀଳଗିରି ନୀଳ ନୀରେ
ଶୋଭିତ କଳିଙ୍ଗ ନାମ ଦେଶ
କନ୍ଦର କେଦାର ବନଅଗଣନ ସୁଶୋଭନ
ପ୍ରବାହିତ ତଟିନୀ ଅଶେଷ ।
ବିନ୍ଧ୍ୟପାଦେ ସମୁଦ୍ଭୂତାଅମୃତ ଉଦକ ପୂତା
ରନ୍ ରେଣୁମୟୀ ମହାନଦୀ
ମେଘାସନ ସମାଶ୍ରିୟାବ୍ରାହ୍ମଣୀ ବ୍ରହ୍ମାର ପ୍ରିୟା
ମାନନୀୟା ଯଥା ବିଷ୍ଣୁପଦୀ ।(ଅନୂଦିତ)

ପୁନଶ୍ଚ ଏହି ବର୍ଣ୍ଣନା ଭିତରେ ପାଦଟୀକା ମାଧ୍ୟମରେ କଳିଙ୍ଗ ଦେଶ, ରନ୍‌ରେଣୁମୟୀ ମହାନଦୀର ବ୍ୟାଖ୍ୟା ସ୍ଥାନ ପାଇଛି ଯାହା ବଙ୍ଗବାସୀଙ୍କ ପାଇଁ ଏକାନ୍ତ ଆବଶ୍ୟକ । ଓଡ଼ିଶାର ଐତିହାସିକ ଭୂଗୋଳ ବର୍ଣ୍ଣନା ମାଧ୍ୟମରେ ବେଶ ସୁଚାରୁରୂପେ କୋଣାର୍କ, ଭୁବନେଶ୍ୱର, ଧଉଳିଗିରି, ଖଣ୍ଡଗିରି, ଯାଜପୁର ଆଦି ସ୍ଥାନର ଉଲ୍ଲେଖ, ରାଜ୍ୟର ବୃକ୍ଷ ଓ ପଶୁ ବିଭବ, ବିଭିନ୍ନ ରାଜବଂଶର ରାଜା ଓ ସେମାନଙ୍କ କୃତିର ଅବତାରଣା କରି ଭୌଗୋଳିକ ପରିଚିତି ସହିତ ଐତିହାସିକ କ୍ରମନ୍ୱୟିତାକୁ ଦର୍ଶାଇବାକୁ ଭୁଲିନାହାନ୍ତି । କବି ନିଜେ ଥିଲେ ଜଣେ ପ୍ରତ୍ନତତ୍ତ୍ୱବିଦ୍-ପ୍ରଶାସକ । ଅନେକ ଅନୁଶାସନର ପାଠୋଦ୍ଧାର କରିଛନ୍ତି । ସେଥିପାଇଁ ଆଚାର୍ଯ୍ୟ ପ୍ୟାରୀମୋହନ ୧୮୭୯ରେ ଓଡ଼ିଶା ଇତିହାସ ରଚନା କାଳରେ କବିଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗକୁ କୃତଜ୍ଞତାର ସହିତ ସ୍ୱୀକାର କରି କ୍ଷାନ୍ତ ରହିନାହାନ୍ତି, ଅଧିକନ୍ତୁ ଗ୍ରନ୍ଥଟିକୁ ତାଙ୍କୁ ଉତ୍ସର୍ଗ କରିଛନ୍ତି । ଏଥିରୁ କବି ରଙ୍ଗଲାଲଙ୍କର ଓଡ଼ିଶା ପ୍ରୀତି, ଜଗନ୍ନାଥ ଭକ୍ତି ଓ ଓଡ଼ିଶା ଇତିହାସଆମୁଖତା ସହଜରେ ଅନୁମେୟ ।

'କାଞ୍ଚିକାବେରୀ' ଉପାଖ୍ୟାନ ବିଷୟରେ ଆମେ ସମସ୍ତେ ପରିଚିତ । କପିଳେନ୍ଦ୍ରଦେବଙ୍କ ପରେ ଗଜପତି ହେଲେ

ପୁରୁଷୋତ୍ତମ ଦେବ । କାଞ୍ଚି ରାଜଜେମା ପଦ୍ମାବତୀ ଥିଲେ ଅପରୂପା ସୁନ୍ଦରୀ । କବିଙ୍କ ଲଳିତ ଭାଷାରେ–

କିବା ଅପରୂପ ପଦ୍ମାବତୀ ରୂପ
ଅଳପବୟସୀ ବାଳା,
କେତକୀ କୁସୁମକେଶର କୁଙ୍କୁମ
ଲାବଣ୍ୟ ଫୁଲର ଡାଳା ।
ସର୍ବ କଳାବତୀ ଯେହ୍ନେ ଭାନୁମତୀ
ଚିତ୍ରେ ଚିତ୍ରଲେଖା ବାଳା
ଅପୂର୍ବ ରମଣୀନାରୀ ଶିରୋମଣି
କିବା ବୈଜୟନ୍ତୀମାଳା ।(ଅନୂଦିତ)

ଏମନ୍ତ ଅପୂର୍ବ ରୂପବତୀ ରାଜଜେମାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ କାଞ୍ଚି ନରପତିଙ୍କ ପାଖକୁ ଦୂତ ପଠାଇଲେ ଗଜପତି । ହେଲେ ରାଜାଙ୍କର ଛେରା ପହଁରା କଥା ଶୁଣିବା ପରେ ଏହି ଚଣ୍ଡାଳସମ କାର୍ଯ୍ୟକୁ ନାପସନ୍ଦ କରି ଦୂତକୁ ଫେରାଇଦେଲେ କାଞ୍ଚିରାଜା । ତେଣୁ ସ୍ୱାଭାବିକ ଭାବେ ଏହାପରେ ଆରମ୍ଭ ହୋଇଥିଲା ସଂଗ୍ରାମର ପର୍ବ ।

ମାଣିକା ଗଉଡୁଣୀ ସର୍ଗରେ ତା'ର ବାପା ବୃଷଭ ବେହେରା ଓ ପତି ଶ୍ରୀଚନ୍ଦ୍ର ବେହେରାର ଉଲ୍ଲେଖ ସହିତ ମାଣିକର ଅଳଙ୍କାର ବର୍ଣ୍ଣନା ମଧ୍ୟ ବେଶ କମନୀୟ ।

ହସ ହସ ମୁହେଁ ଯେହ୍ନେ ପ୍ରଫୁଲ୍ଲ ବଧୂଳି
କପୋଳର ଆଭା ଅବା ଲୋହିତ ଗୋଧୂଳି ।
ନାସିକାରେ ଫୁଲଗୁଣା କର୍ଣ୍ଣେ ମଲ୍ଲି କଳି
ଭାଲେ ଚିତା ଯେହ୍ନେ ଫୁଲ କମଳରେ ଅଳି ।(ଅନୂଦିତ)

'କାଞ୍ଚିକାବେରୀ' ଉପାଖ୍ୟାନରେ ମାଣିକ ଗଉଡୁଣୀ ଏକ ମୁଖ୍ୟ ଚରିତ୍ର । ତାର ଭକ୍ତିଶ୍ରଦ୍ଧା ସହିତ ଏହି ଆଖ୍ୟାୟିକାରୁ ସ୍ପଷ୍ଟଭାବେ ସୂଚିତ ହୁଏ ପ୍ରଭୁଙ୍କର ସାର୍ବଜନୀନତା ଯାହା ଓଡ଼ିଆ ପରିଚିତିର ଏକ ପ୍ରମୁଖ ବୈଶିଷ୍ଟ୍ୟ । ଓଡ଼ିଶାର ନାଥ ଅବା ଜଗତର ନାଥ ଦରକାର ପଡ଼ିଲେ ଗଜପତିଙ୍କ ପାଇଁ ସୈନିକ ବେଶ ଧାରଣ କରିପାରନ୍ତିତ ପୁଣି ଗଉଡୁଣୀ ହାତରୁ ଭୋଜନ କରିପାରନ୍ତି । କବିଙ୍କ ଭାଷାରେ :

ତୁମର ଗୋରସ ଖାଣ୍ଟି କିମ୍ୱା ନୀର ଭରା
ଅପରୂପ ବହୁରୂପ କ୍ଷୀରର ପସରା ।
ସୁଲଭ କି ଦୁର୍ଲଭ ମୂଲ୍ୟେ ବିନିମୟ
ନ ଜାଣିଲେ ସଉଦା କେସନେ ବା ହୁଏ ।
ବଚନେ ଚାତୁରୀ ଭରି ଗୋପାଳିନୀ ବଧୂ
ଉତ୍ତର ପ୍ରଦାନ କରେ ବରଷିଆ ମଧୁ ।(ଅନୂଦିତ)

ରାଜାଙ୍କୁ ସାହାଯ୍ୟ କରିବା ପାଇଁ ଜଗନ୍ନାଥ ଓ ବଳରାମ ଛଦ୍ମବେଶରେ କଳା ଓ ଧଳା ଘୋଡ଼ାରେ ବସି ମାଣିକ ପାଖରୁ ଲବଣୀ ଖାଇବା କଥା ସମସ୍ତେ ଜାଣନ୍ତି । ରାଧାନାଥ 'ଚିଲିକା' କାବ୍ୟରେ ଏହି ମର୍ମରେ ଲେଖିଛନ୍ତି–

ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା
ତୋ' ତୀରେ ପରା ଶ୍ରୀମତୀ ମାଣିକା ।
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି ।

ଭାବଗ୍ରାହୀ ପ୍ରଭୁ ଓ ଭାବର ସାଗର । ଭାବକୁ ନିକଟ ସେ ଅଭାବକୁ ଦୂର । ତେଣୁ ଭକ୍ତପାଇଁ ଚିନ୍ତାମଣି ଓହ୍ଲାଇ ଆସିଥିଲେ ରଣକ୍ଷେତ୍ରକୁ । ଫଳାଫଳ ତେଣୁ ସହଜରେ ଅନୁମେୟ । ଗଣପତି ଭକ୍ତ କାଞ୍ଚିରାଜ ଖୁବ୍ ଅନାୟାସରେ ପରାଜୟ ବରଣ କରିଥିଲେ ଗଜପତି ବାହିନୀ ପାଖରେ । ନହେବେ ଅବା କେମିତି ! ଜଗନ୍ନାଥ ଯାର ସହାୟ ସେ ତ ସ୍ୱାଭାବିକ ଭାବେ ଅପରାଜେୟ । ଭୀଷଣ ସଂଗ୍ରାମର ବର୍ଣ୍ଣନା ଦେଇ କବି କହିଛନ୍ତି–

ଭୟଙ୍କର ସିଂହନାଦ, ମହା କୋଳାହଳ
ଜୟ ଜଗନ୍ନାଥ ଜୟଦ ବିଶୃତି କେବଳ ।
ଗଗନେ ଉଠିଲା ରେଣୁ ଆଚ୍ଛନ୍ନ ତପନ
ଧୂସର ବରଣ ଧରେ ଦିଗଙ୍ଗନାଗଣ ।
ଆରୋହିତ ଗଜପତି ଗଜେନ୍ଦ୍ର ଉପରେ
ମାଗଧ ଚାରଣଗଣ ସ୍ତୁତି ପାଠକରେ ।
ଆଗେ ଆଗେ ବୈଜୟନ୍ତୀ ପତାକା ଉଡୁଛି
ମହାନନ୍ଦେ ହସି କିମ୍ୱା ଢୁଳେଇ ପଡୁଛି ।
ସ୍ୱର୍ଣ୍ଣ ପୂର୍ଣ୍ଣ କୁମ୍ଭ ଯୁଗ ଗଜକୁମ୍ଭୋପରେ
ମଣିମୟ ଆସ୍ତରଣ ରବି ଛବି ଧରେ ।(ଅନୂଦିତ)

ବନ୍ଦୀ ରାଜକନ୍ୟା ଆନୀତ ହେଲେ ଶ୍ରୀକ୍ଷେତ୍ରକୁ । ଯେଉଁ ଚଣ୍ଡାଳ ଆଖ୍ୟା ଦେଇ କାଞ୍ଚୀରାଜା ଆପଣା କନ୍ୟାକୁ ଗଜପତିଙ୍କ ହସ୍ତରେ ଦେବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ସେଇ କନ୍ୟାକୁ ଯଥାର୍ଥରେ ଚଣ୍ଡାଳ କରରେ ଦାନ କରିବାକୁ ସିଦ୍ଧାନ୍ତ ନେଲେ ପୁରୁଷୋତ୍ତମଦେବ । ସେହି ଅନୁସାରେ ଆଦେଶ ଦେଲେ ମନ୍ତ୍ରୀ ଓ ପାରିଷଦବର୍ଗଙ୍କୁ ।

ରଥଯାତ୍ରା ସମୟ । ସୁବର୍ଣ୍ଣ ସମାର୍ଜନୀ ହାତରେ ଗଜପତି ଜଗନ୍ନାଥଙ୍କ ଛେରା ପହଁରା କରିବାକୁ ପ୍ରସ୍ତୁତ ହେଉଛନ୍ତି । ଯଥାର୍ଥ

ଚଣ୍ଡାଳର କାର୍ଯ୍ୟ କରିବାକୁ ଯାଉଛନ୍ତି ଗଜପତି । ବିଚକ୍ଷଣ ମହାମନ୍ତ୍ରୀ ଦେଖିଲେ ଏଇତ ଉପଯୁକ୍ତ ସମୟ । ତେଣୁ ଆଗେଇ ଆସିଛନ୍ତି ରାଜାଙ୍କ ପାଖକୁ ପଦ୍ମାବତୀଙ୍କ ପାଣିଗ୍ରହଣର ଅନୁରୋଧ ନେଇ । ବର୍ତ୍ତମାନର ଚଣ୍ଡାଳ ରାଜାଙ୍କ ଠାରୁ ଆଉ କିଏ ଉପଯୁକ୍ତ ଚଣ୍ଡାଳ ଅଛି ପଦ୍ମାବତୀଙ୍କ ପାଣିଗ୍ରହଣ ପାଇଁ ? ଶେଷରେ ଜୟ ହୋଇଛି ମହାମନ୍ତ୍ରୀଙ୍କର । ସାଧାରଣ ଜନତା, ପାତ୍ରମନ୍ତ୍ରୀ ସଭିଙ୍କ ଅନୁରୋଧ ପାଖରେ ହାରମାନି ରାଜା ବିବାହ କରିଛନ୍ତି କାଞ୍ଚି ରାଜଜେମାଙ୍କୁ ।

### ଓଡ଼ିଆ ପରିଚିତି

ବର୍ତ୍ତମାନ ଦେଖିବା ଜଗନ୍ନାଥକୈନ୍ଦ୍ରିକ ଓଡ଼ିଆ ପରିଚିତି ସୃଷ୍ଟି କରିବାରେ ଏଇ କାବ୍ୟ କେତେଦୂର ସହାୟକ ହୋଇଛି ? ଏହି 'କାଞ୍ଚିକାବେରୀ' ପରମ୍ପରାକୁ ଲକ୍ଷ୍ୟକରି ହଣ୍ଟର ସାହେବ ତାଙ୍କ 'ଓଡ଼ିଶା' ଗ୍ରନ୍ଥରେ ଲେଖିଛନ୍ତି–

Three centuries of expeditions to the southward, have left but a single tradition worth preserving.

ଯଥାର୍ଥରେ ସଂରକ୍ଷଣ କଲା ପରି ପରମ୍ପରାଟିଏ ଯାହା ଆଖ୍ୟାନଟିକୁ ରୂପାନ୍ତରିତ କରିଛି ଜଗନ୍ନାଥ ମାହାତ୍ମ୍ୟ ପ୍ରତିଷ୍ଠାରେ । ଏହା ଆଗରୁ ଜଗନ୍ନାଥ କ'ଣ ନିଜର ମାହାତ୍ମ୍ୟ କରିନାହାନ୍ତି ? କରିଛନ୍ତି । କିନ୍ତୁ 'କାଞ୍ଚିକାବେରୀ' ଉପାଖ୍ୟାନରୁ ପ୍ରଭୁଙ୍କର ସାର୍ବଜନୀନତା, ଭକ୍ତିଆମୁଖତା, ସାମ୍ୟଭାବର ପରିସ୍ଫୁଟନ ଏତେ ବେଶୀ ଯେ ଜଗନ୍ନାଥ ମାହାତ୍ମ୍ୟ ଅଧିଷ୍ଠିତ ହୋଇଛି ଶ୍ରଦ୍ଧା ଓ ଗୌରବର ଶିଖର ଦେଶରେ । କେବଳ ଭକ୍ତ ପାଇଁ ପ୍ରଭୁ ଧରାପୃଷ୍ଠକୁ ଅବତରଣ କରି ସୈନିକ ବେଶଧାରଣ କରିଛନ୍ତି । ସାମାନ୍ୟ ଗୋପାଳୁଣୀ ପାଖରୁ କ୍ଷୀରଲହୁଣୀ ଗ୍ରହଣ କରିଛନ୍ତି । ପଇସା ନଦେଇ ମୁଦ୍ରିକା ଦେଇଛନ୍ତି । ଏସବୁ ଜଗନ୍ନାଥ ମାହାତ୍ମ୍ୟର ଏକ ବଳିଷ୍ଠ ଆଧାର । ପୁନଶ୍ଚ ଏସବୁ କ'ଣ ପରୋକ୍ଷରେ ଓଡ଼ିଆ ପରିଚିତିକୁ ସୁଦୃଢ଼ କରିବାରେ ଦ୍ୟୋତକ ନୁହଁ ?

ଆଧୁନିକ Subaltern Approach ପରି ନିମ୍ନବର୍ଗଙ୍କ ପାଇଁ ପ୍ରଭୁଙ୍କ ସହୃଦୟତା, ଭକ୍ତପାଇଁ ସାଧାରଣ ଅବସ୍ଥାକୁ ଓହ୍ଲାଇ ଆସି ଅସ୍ତ୍ରଧାରଣ କରିବା– ଏସବୁ ତ କିଛି ସାଧାରଣ କଥା ନୁହଁ । ଜଗତର ନାଥ ଭାବରେ ସେ କେବଳ ଗଜପତିଙ୍କ ନାଥ ନୁହଁନ୍ତି । ତାଙ୍କୁ ମଧ୍ୟ ବୁଝିବାକୁ ହେବ ଭକ୍ତିମତି ମାଣିକା କଥା, ତାଙ୍କୁ ମଧ୍ୟ ଦେଖିବାକୁ ହେବ ପଦ୍ମାବତୀଙ୍କ ଭାଗ୍ୟଲେଖା । ସବୁ ଘଟଣାର ସୁନ୍ଦର ଏକ ପରିସମାପ୍ତି ଘଟାଇଛନ୍ତି ପ୍ରଭୁ ଜଗନ୍ନାଥ । ପ୍ରମାଣ କରି ଦେଇଛନ୍ତି ନିଜର ନାଥପଣିଆକୁ । ଏହି ପ୍ରସଙ୍ଗରେ ମନକୁ ଆସୁଛି କବି ଗୋପବନ୍ଧୁଙ୍କର 'ବନ୍ଦୀର ଆତ୍ମକଥା'ର କିଛି ପଂକ୍ତି ।

ଭାରତର ପ୍ରତି ବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ ।
ସାମ୍ୟ ସ୍ୱାଧୀନତା ପ୍ରେମ ସମୁଚୟ
ନୀଳାଚଳ ଶୁଦ୍ଧ ଭାରତ ହୃଦୟ ।

..............

ନ ଅଟକେ କର୍ମ ନେତାର ଅଭାବେ
ଧର୍ମ ନାବ ଚଳେ ଧର୍ମର ପ୍ରଭାବେ ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।

ଏହା ହିଁ ତ ଉତ୍କଳର ଶ୍ରେଷ୍ଠ ପରିଚୟ । ଶ୍ରେଷ୍ଠ ନାୟକ, ସର୍ବଶ୍ରେଷ୍ଠ ନେତା ଥାଉ ଥାଉ ଉତ୍କଳର ଅବା କି ପ୍ରୟୋଜନ !

ପୁଣି ଜାତୀୟ ପରିଧି ଭିତରେ ପ୍ରାଦେଶିକ ଭାବନା, ଉତ୍କଳୀୟ ପରିଭାଷାରୁ ମହାଭାରତୀୟ ଅଭିବ୍ୟକ୍ତି– ଏକ ଅପୂର୍ବ ସମନ୍ୱୟ । ଭିତରେ ପୁଣି ବହୁଛି ଆଧ୍ୟାତ୍ମିକ ରସ ସମ୍ଭାର । ଓଡ଼ିଆ ପରିଚିତିର ଉତ୍ସରେ ନିହିତ ଆଧ୍ୟାତ୍ମିକ ଶକ୍ତିର ସନ୍ଧାନକୁ ସେ ସ୍ପଷ୍ଟ ଭାବରେ ଉପଲବ୍ଧି କରି ସେହି ଅନୁସାରେ କର୍ମକାଣ୍ଡ ନିର୍ଣ୍ଣୟ କରିବାକୁ ଆହ୍ୱାନ ଦେଇଥିଲେ । କବି ରଙ୍ଗଲାଲ ମଧ୍ୟ ସେହି ପରମ୍ପରାକୁ ପାଥେୟ କରି ଯେପରି ଭାବରେ ଓଡ଼ିଶାର ସାଂସ୍କୃତିକ, ଐତିହାସିକ ଧର୍ମୀୟ ପରିଚୟ ସୃଷ୍ଟି କରିବାର ପ୍ରଯତ୍ନ କରିଛନ୍ତି, ତାହା ଅନନ୍ୟ ।

ବିଶେଷ କରି ଛେରା ପହଁରା ପରମ୍ପରା । 'କାଞ୍ଚିକାବେରୀ' ଉପାଖ୍ୟାନ ପରେ ଏହି ପରମ୍ପରା ଏତେ ଭାବରେ ଆଦୃତ ହୋଇଛି ଯେ ବର୍ତ୍ତମାନ ସମୟରେ ମଧ୍ୟ ଏହା 'ଗଜପତି ମହାରାଜାଙ୍କ ସେବା'ର ଏକ ପ୍ରମୁଖ ଅଙ୍ଗ । ଓଡ଼ିଆ ପରିଚିତିର ଇଏ ଏକ ବିଶେଷତ୍ୱ, ଯେଉଁଠି ନରପତି ସମାର୍ଜନୀ ହାତରେ ପଥ ପରିଷ୍କାର କରୁଛନ୍ତି ବିଶ୍ୱପତିଙ୍କ ଯାତ୍ରା ପାଇଁ । ଯିଏ ଯେତେ ବଡ଼ ହେଉନା କାହିଁକି ତୃଣ ପରି ନ୍ୟୁନ ହୋଇ ରହିବାରେ ହିଁ ରହିଛି ଜୀବନର ଯଥାର୍ଥ୍ୟ । ଶ୍ରୀ ଅରବିନ୍ଦ The Future of Poetryରେ କହିଛନ୍ତି–

The work of the poet depends not only on himself and his age, but on the mentality of the nation he belongs and spiritual, aesthetic tradition and environment which it creates for him.

ଆହୁରି ମଧ୍ୟ Spiritualism and Nationalism ରଚନାରେ ଶ୍ରୀ ଅରବିନ୍ଦ ଦର୍ଶାଇଛନ୍ତି ଯେ ମଣିଷର ଆତ୍ମ ଜାଗରଣ ପାଇଁ ବିଭୁ ଆଶୀର୍ବାଦ ଏକାନ୍ତ ଲୋଡ଼ା । ତାଙ୍କ ଭାଷାରେ Nationalism is a religion that has come from God ।

'ବନ୍ଦେ ମାତରମ୍' ପତ୍ରିକାରେ ମଧ୍ୟ ଏହି ମର୍ମରେ ସେ ବହୁତ କଥା ଲେଖିଛନ୍ତି ଯାହାର ମୂଳ ଆଧାର ହେଲା ଆଧ୍ୟାତ୍ମିକତା । ପରାଧୀନ ଭାରତବର୍ଷର ମୁକ୍ତି ପାଇଁ ଜାତୀୟତାବାଦର ଉଦ୍ରେକ ଏକାନ୍ତ ଆବଶ୍ୟକ ଯାହା ଈଶ୍ୱରଙ୍କ ସହାୟତାରେ ସୁଦୃଢ଼ ଓ ପରିପୁଷ୍ଟ ହୁଏ । ଓଡ଼ିଶା ସ୍ତରକୁ ଆସିଲେ ଆମେ ଲକ୍ଷ୍ୟ କରିପାରିବା ଯେ ବିଦେଶୀ ଶାସନ କାଳରେ ଜଗନ୍ନାଥଙ୍କୁ ନେଇ ଓଡ଼ିଆ ପରିଚିତି ଧୀରେ ଧୀରେ ପ୍ରକଟିତ ହୋଇ ନିଜସ୍ୱ ଭାବକୁ ଜାହିର କରିଛି । କବିମାନେ ଆଧୁନିକ ଓଡ଼ିଆ ସାହିତ୍ୟରେ ଜଗନ୍ନାଥକୈନ୍ଦ୍ରିକ ରଚନା ମାଧ୍ୟମରେ ଜାତୀୟତା ଭାବକୁ ପରିସ୍ଫୁଟ କରିବାକୁ ମଧ୍ୟ ପଛେଇ ନାହାନ୍ତି । ଏହାଛଡ଼ା ବହୁ ଜଣାଣ ଓ ଭଜନ ସୃଷ୍ଟି କରି ଆକୁଳ ଆବେଦନ ମାଧ୍ୟମରେ ଜଗନ୍ନାଥଙ୍କୁ ଦୟିନୀ ଶୁଣାଇଛନ୍ତି ଓଡ଼ିଆ କବିମାନେ । ଲୋକ ସଂସ୍କୃତିରେ ଜଗନ୍ନାଥଙ୍କୁ ନେଇ ସୃଷ୍ଟି ହୋଇଛି ବହୁ କଥା ଓ ଗୀତି । ଦୁଃଖ କାହାକୁ ଜଣାଯାଏ ? ଯିଏ ଦୁଃଖ ବୁଝେ, ଯିଏ ଦୁଃଖ ଯୁଝିବାକୁ ଶକ୍ତି ଦିଏ ଓ ଦୁଃଖରେ ସାଥି ହୁଏ ଏବଂ ଦରକାର ପଡ଼ିଲେ ଦୁଃଖ ବିମୋଚନ କରେ ଅବା ବିମୋଚନର ବାଟ ଦେଖାଏ– ତାକୁ ହିଁ ତ ଦୁଃଖ ଜଣାଯାଏ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଏକମାତ୍ର ମହାପ୍ରଭୁ ଭିନ୍ନ ଭିନ୍ନ ଆଉ କିଏ ଅବା ଅଛି ଏ ମାଟିର ଓ ଏ ମାଟିର ଅଧିବାସୀଙ୍କର ? 'କାଞ୍ଚିକାବେରୀ' କାବ୍ୟରେ ଜଗନ୍ନାଥଙ୍କ ଦୁଃଖହାରିଣୀ ମୂର୍ତ୍ତିର ଯେପରି ସୁନ୍ଦର ପ୍ରତିଫଳନ ଘଟିଛି ତାହା ଭାରି ମନୁଛୁଆଁ । ଏହି ମୂର୍ତ୍ତିମନ୍ତ ପରିପ୍ରକାଶ ହିଁ ଓଡ଼ିଆଙ୍କୁ ବାଟ କଢ଼େଇ ନେଇଯାଇଛି ଆକାଂକ୍ଷିତ ପରିଚୟ ପାଖକୁ ।

ଜଗନ୍ନାଥ ମନ୍ଦିର ଗାତ୍ରରେ ରହିଛି ଅଶ୍ୱାରୋହୀ ବେଶରେ ଜଗନ୍ନାଥ ଓ ବଳରାମଙ୍କ ଦୁଇଟି ପ୍ରତିଛବି । ବାଲେଶ୍ୱର ଜିଲ୍ଲାର ଦେଉଳି ଗାଁର ଏକ ପ୍ରାଚୀନ ଦୁର୍ଗାବଶେଷ ଭିତରେ ବିମ୍‌ସ ସାହେବ ଅଶ୍ୱାରୋହୀ ବେଶ ସଜ୍ଜିତ ଦୁଇଟି ମୂର୍ତ୍ତିର ଅବସ୍ଥିତି ଲକ୍ଷ୍ୟ କରି ଲେଖିଛନ୍ତି–

The similarity of this legend to that of the appearance of the great twin brothers Castar and Pollux, so vividly related to Macaulay's Lays of Ancient Rome must strike every classical reader.

ଏଠାରେ ଅବଶ୍ୟ ହିଁ ଉଲ୍ଲେଖନୀୟ ଯେ ଗ୍ରୀସ୍ ଓ ରୋମୀୟ ପୁରାଣରେ ଦୁଇ ଯମଜ ଭାଇ କେଷ୍ଟର ଓ ପୋଲ୍ୟୁକ୍‌ସଙ୍କ ବିଷୟରେ ବର୍ଣ୍ଣନା ରହିଛି । ମାତା ଲିଡାଙ୍କର ଦୁଇ ସନ୍ତାନଙ୍କ ମଧ୍ୟରୁ କେଷ୍ଟର ଥିଲେ ସ୍ପାଟାର ରାଜା ତିନ୍‌ଦେରିଅସ୍‌ଙ୍କ ପୁତ୍ର ଓ ପୋଲ୍ୟୁକ୍‌ସ ଥିଲେ ଦେବତା ଜିଉସ୍‌ଙ୍କ ପୁତ୍ର । ପିତା ଅଲଗା ଥିଲେ ହେଁ ଦୁଇ ଭାଇ ଥିଲେ ଅଭିନ୍ନ ଯେଉଁମାନେ ଅଶ୍ୱାରୋହୀପଣ ପାଇଁ ପ୍ରସିଦ୍ଧ । କଳା ଓ ସାହିତ୍ୟର ବର୍ଣ୍ଣନାରେ ଅଶ୍ୱ ସଂଶ୍ଳିଷ୍ଟ ଘଟଣା ସହିତ ସାଧାରଣତଃ ସେମାନେ ଯୁକ୍ତ ରହନ୍ତି । ଦେଉଳି ଗାଁ ଦୁର୍ଗର ସେହି ମୂର୍ତ୍ତି କେଷ୍ଟର ଓ ପୋଲ୍ୟୁକ୍‌ସଙ୍କ ସହିତ ସାମଞ୍ଜସ୍ୟ ରଖିପାରନ୍ତି । କିନ୍ତୁ ଏଠାରେ ଅଶ୍ୱାରୋହୀ ବେଶପୋଷାକ 'କାଞ୍ଚିକାବେରୀ' ପରମ୍ପରା କଥା ବେଶିକରି ମନେ ପକାଇଦିଏ । ଏଥିସହିତ ଓଡ଼ିଆ ସାମରିକ ସଂସ୍କୃତିର ପରିଚିତି କଥା ଜନସମ୍ମୁଖରେ ଉପସ୍ଥାପିତ କରେ ଯାହାର ମାଧ୍ୟମ ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପରିଚିତି ପରସ୍ପର ସମ୍ବନ୍ଧଯୁକ୍ତ । ଜଗନ୍ନାଥଙ୍କ ମଧ୍ୟ ଦେଇ ଆକଳନ କରି ହେବ ଏ ଜାତିର ଚରିତ୍ର ଓ ବୈଶିଷ୍ଟ୍ୟକୁ । ପୁଣି ଏଇ ଜାତି ମଧ୍ୟ ଦେଇ ଅନୁଭବ କରିହେବ ଜଗନ୍ନାଥ ଧର୍ମର ପ୍ରାଣସ୍ପନ୍ଦନକୁ । କବି ରଙ୍ଗଲାଲ ଏଇ କଥାଟିକୁ ଭଲ ଭାବରେ ଉପଲବ୍ଧି କରିଥିବାରୁ ନିଜର ବଙ୍ଗବାସୀ ଭାଇଭଉଣୀଙ୍କ ପାଖରେ ଲେଖି ଥୋଇ ଦେଇଥିଲେ 'କାଞ୍ଚିକାବେରୀ' କାବ୍ୟଟିକୁ । ସେମାନେ ଏହି କାବ୍ୟ ମଧ୍ୟ ଦେଇ କେବଳ ଜଗନ୍ନାଥଙ୍କୁ ଦେଖିବେ ନାହିଁ ଓଲଟି ତାଙ୍କ ମଧ୍ୟ ଦେଇ ଦେଖିବେ ଓଡ଼ିଆ ଜାତିର ବହମାନ ପ୍ରାଣପ୍ରବାହର ଧାରା, ଯାହା ଏକାନ୍ତ ଭାବେ ଜଗନ୍ନାଥକୈନ୍ଦ୍ରିକ, ଜଗନ୍ନାଥାଶ୍ରିତ ଓ ଜଗନ୍ନାଥାଭିମୁଖୀ । ସେଥିପାଇଁ ବିବେକାନନ୍ଦ କହିଛନ୍ତି– 'Our national life is in religion. It is the soul.'

### ସହାୟକ ଗ୍ରନ୍ଥସୂଚୀ


ରଙ୍ଗଲାଲ ଗ୍ରନ୍ଥାବଳୀ (ବଙ୍ଗଳା)

ପୁରୁଷୋତ୍ତମ ଦାସ – 'କାଞ୍ଚିକାବେରୀ' (ସମ୍ପାଦନା ସୁରେନ୍ଦ୍ରନାଥ ଦାସ)

ପ୍ରଭାତ ମୁଖାର୍ଜୀ – The Gajapati Kings of Orissa.

– A. Eschmann, H. Kulke, G. C. Tripathy (Ed.) - The Cult of Jagannath and the Regional Tradition of Orissa.

– କାହ୍ନୁ ଚରଣ ମିଶ୍ର –The Cult of Jagannath.

– ପ୍ରଭାତ ମୁଖାର୍ଜୀ –History of the Jagannath Temple in the 19th century.

– ପ୍ରଭାତ ମୁଖାର୍ଜୀ – Medieval Vaishnavism in Orissa.



ଇତିହାସ ବିଭାଗ

ଶୈଳବାଳା ମହିଳା କଲେଜ, କଟକ

# ଓଡ଼ିଶାରେ ବିଦ୍ୟୁତ୍ ସମ୍ବଳର ବିକାଶ

**ଗୋଲକ ବିହାରୀ ସାହୁ**

ବିଦ୍ୟୁତ୍ ଶକ୍ତି ସହିତ ଆଜି ସମସ୍ତେ ପରିଚିତ ଓ ଓତପ୍ରୋତ ଭାବରେ ଜଡିତ । ଆଜିର ଦୁନିଆରେ ବଞ୍ଚିବା ପାଇଁ ଆବଶ୍ୟକ ପଡୁଥିବା ଅମ୍ଳଜାନ ଓ ଜଳ ପରେ ବିଦ୍ୟୁତ୍ ମଣିଷର ନିହାତି ଆବଶ୍ୟକ । ମଣିଷ ସଭ୍ୟତାର ଯେତେ ଉପର ପାହାଚକୁ ଉଠିଯାଉଛି, ତାର ଦୈନନ୍ଦିନ ଜୀବନ, ସାମାଜିକ ତଥା ଅର୍ଥନୈତିକ ପ୍ରଗତି ପାଇଁ ବସାଯାଇଥିବା କଳ କାରଖାନା, ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ, ଜ୍ଞାନର ପ୍ରସାର ପାଇଁ ଶିକ୍ଷାୟତନରେ ଏବଂ ସହର ବଜାରର ବୈଷୟିକ ତଥା ବାଣିଜ୍ୟିକ ପ୍ରତିଷ୍ଠାନ ସହିତ ଗ୍ରାମାଞ୍ଚଳର ଘରେ ଘରେ ବିଦ୍ୟୁତ୍ ଶକ୍ତିର ଚାହିଦା ସମୟାନୁକ୍ରମେ ବଢ଼ିଚାଲିଛି । ଇତିହାସକୁ ଦୃଷ୍ଟି ପକାଇଲେ ଜଣାଯାଏ ଯେ, ଭାରତରେ ୧୮୯୭ ମସିହାରେ ପଶ୍ଚିମ ବଙ୍ଗର ଦାର୍ଜିଲିଂଠାରେ ପ୍ରଥମେ ଜଳ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରାଯାଇଥିଲା ଓ ସ୍ୱାଧୀନତା ବେଳକୁ ଆମ ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ମାତ୍ର ୧୩୬୨ ମେଗାୱାଟରେ ସୀମିତ ରହିଥିଲା । ଏହି ଉତ୍ପାଦନ କ୍ଷମତା ବଢ଼ି ବଢ଼ି ୨୦୧୪ ମସିହା ଶେଷ ସୁଦ୍ଧା ୨ ଲକ୍ଷ ୫୫ ହଜାର ୬୮୨ ମେଗାୱାଟରେ ପହଞ୍ଚିଛି । ସେଥିରୁ ତାପଜ କ୍ଷେତ୍ରରୁ ୧ ଲକ୍ଷ ୭୮ ହଜାର ୩୪୧ ମେଗାୱାଟ, ଜଳରୁ ୪୦,୮୭୮ ମେଗାୱାଟ, ନିୟୁକ୍ଲିୟର ରିଆକ୍ଟରରୁ ୪,୭୮୦ ମେଗାୱାଟ୍ ଏବଂ ଅଣପାରମ୍ପରିକ କ୍ଷେତ୍ରରୁ ୩୧,୬୯୨ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନ ରହିଛି । ସାରା ଦେଶରେ ୮୬,୮୬୦ ନିୟୁତ ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକ ଥିବା ବେଳେ ବିଭିନ୍ନ ଉତ୍ସରୁ ୮୪,୦୯୮ ନିୟୁତ ୟୁନିଟ୍ ବିଦ୍ୟୁତ୍ ମିଳିପାରୁଛି । ଏଥିରୁ ଜଣାପଡୁଛି ଯେ ଆମ ଦେଶରେ ପ୍ରାୟ ୩.୨ ପ୍ରତିଶତ ବିଦ୍ୟୁତ୍ ଶକ୍ତିର ନିଅଣ୍ଟିଆ ରହିଛି ।

ଏବେ ଆମ ରାଜ୍ୟର ବିଦ୍ୟୁତ୍ ପରିସ୍ଥିତି କଥା ଆଲୋଚନା କରିବା । ଆମ ରାଜ୍ୟରେ ବିଦ୍ୟୁତ୍‌ର ସର୍ବାଧିକ ଚାହିଦା ୩୫୯୩ ମେଗାୱାଟ ରହୁଛି । ଏଣୁ ଆମର ୧୬୦୫ ନିୟୁତ ୟୁନିଟ୍ ବିଦ୍ୟୁତ ଶକ୍ତିର ଆବଶ୍ୟକ ଥିଲାବେଳେ, ବିଭିନ୍ନ ଉତ୍ସରୁ ଆମ୍ଭେ ୧୫୮୩ ନିୟୁତ ୟୁନିଟ୍ ବିଦ୍ୟୁତ୍ ପାଇପାରୁଛୁ । ଏଣୁ ଆମ ରାଜ୍ୟରେ ମଧ୍ୟ ୧ ରୁ ୧.୫ ପ୍ରତିଶତ ବିଦ୍ୟୁତ୍ ଶକ୍ତିର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି । ବିଦ୍ୟୁତ୍ ବ୍ୟବହାର ବିଷୟରେ ଆଲୋଚନା କଲେ ଜଣାଯାଏ ଯେ, ସ୍ୱାଧୀନତା ସମୟରେ ଭାରତର ମୁଣ୍ଡପିଛା ହାରାହାରି ବିଦ୍ୟୁତ୍ ବ୍ୟବହାର ମାତ୍ର ୧୬ ୟୁନିଟ୍ ଥିଲା ଓ ୨୦୧୩-୧୪ ବର୍ଷ ବେଳକୁ ଏହି ବ୍ୟବହାର ବଢ଼ି ବଢ଼ି ୯୫୦ ୟୁନିଟ୍‌ରେ ପହଞ୍ଚିଛି । ଓଡ଼ିଶାରେ ବର୍ତ୍ତମାନ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ହାରାହାରି ୧୨୦୨ ୟୁନିଟ ଅଟେ । ଏଣୁ ଆମ ରାଜ୍ୟରେ ବିଦ୍ୟୁତ୍ ଉପଯୋଗ ପରିସ୍ଥିତି ଜାତୀୟ ହାରଠାରୁ ଅଧିକା ଅଛି । କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଦ୍ୟୁତିକରଣ ଯୋଜନା ଦ୍ୱାରା ଆଉ କିଛି ବର୍ଷ ମଧ୍ୟରେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ ଏବଂ ସମସ୍ତେ ବିଦ୍ୟୁତ୍ ଶକ୍ତି ପାଇ ପାରିବେ । କେନ୍ଦ୍ର ସରକାରଙ୍କ ଅଷ୍ଟାଦଶ ବିଦ୍ୟୁତ୍ ସର୍ଭେ ରିପୋର୍ଟ ଅନୁସାରେ ଓଡ଼ିଶାର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୨୦୧୫-୧୬ ଏବଂ ୨୦୧୬-୧୭ ବର୍ଷରେ ଯଥାକ୍ରମେ ୫୩୨୨ ମେଗାୱାଟ୍ ଏବଂ ୫୬୭୨ ମେଗାୱାଟ୍ ରହିବ ବୋଲି ଆକଳନ କରାଯାଇଛି । ଓଡ଼ିଶାରେ ଆଜି ପ୍ରାୟ ୫୩ ଲକ୍ଷ ପରିବାର ବିଦ୍ୟୁତ୍ ସଂଯୋଗ ପାଇ ପାରିଛନ୍ତି । ସେମାନଙ୍କ ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ ଆମ ରାଜ୍ୟରେ ପ୍ରାୟ ୧୩,୦୦୦ ମେଗାୱାଟ କ୍ଷମତାର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନ ରହିଛି । ବୁର୍ଲା, ଚିପିଲିମା, ରେଙ୍ଗାଲି, ଅପର କୋଲାବ, ଅପର ଇନ୍ଦ୍ରାବତୀ ଏବଂ ମାଛକୁଣ୍ଡଠାରେ ଓଡ଼ିଶାର


୨୦୮୫ ମେଗାୱାଟ କ୍ଷମତାର ବଡ ବଡ ଜଳ ବିଦ୍ୟୁତ୍ କେନ୍ଦ୍ରମାନ ଓ ତାଳଚେର ଏବଂ ଇବ୍ ଉପତ୍ୟକାରେ ରାଜ୍ୟର ସମୁଦାୟ ୮୮୦ ମେଗାୱାଟ୍ କ୍ଷମତାର ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରମାନ ରହିଛି । ଏହା ବ୍ୟତୀତ ବିଭିନ୍ନ ଛୋଟ ଛୋଟ ଜଳବିଦ୍ୟୁତ୍ କେନ୍ଦ୍ର ଏବଂ ଶିଳ୍ପଭିତ୍ତିକ କ୍ଷୁଦ୍ର ତାପଜ ବିଦ୍ୟୁତ୍ କେନ୍ଦ୍ରମାନଙ୍କରୁ ପ୍ରାୟ ୬୦୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇପାରୁଛି । ଏଗୁଡ଼ିକ ହେଲା ମୀନାକ୍ଷି ପାୱାର ଏବଂ ଓଡ଼ିଶା ପାୱାର କନ୍‌ସୋରିଟମ ନାମକ ଛୋଟ ଜଳ ବିଦ୍ୟୁତ୍ କେନ୍ଦ୍ର ସହିତ ଷ୍ଟେରିଲାଇଟ୍ ଇଣ୍ଡଷ୍ଟ୍ରି, ଜି.ଏମ.ଆର. କମଳାଙ୍ଗ, ଆରତି ଷ୍ଟିଲ୍, ଏ.ସି.ସି, ଆକ୍ସନ ଇସ୍ପାତ, ଆରିଆନ୍ ଇସ୍ପାତ, ଭୂଷଣ ଷ୍ଟିଲ୍, ଭୂଷଣ ପାୱାର, ଇମାମି ପେପର, ଫାକର, ହିନ୍ଦାଲୋକ, ଇମ୍ଫା, ଇଫ୍‌କୋ, ଜିଣ୍ଡଲ ଷ୍ଟେନ୍‌ଲେସ, ଜିଣ୍ଡଲ ଷ୍ଟିଲ୍ ଏଣ୍ଡ ପାୱାର, ନୀଳାଚଳ ଇସ୍ପାତ ନିଗମ, ମହାବୀର ଫେରୋ ଆଲୟଜ୍, ମୈଥାନ ଇସ୍ପାତ, ଏସ୍.ଏସ୍.ପି. ମେଟାଲିକ, ନାଲକୋ, ନରଭେରମ ପାୱାର ଏଣ୍ଡ ଷ୍ଟିଲ୍, ନବ ଭାରତ ଭେଞ୍ଚର, ଓସିଏଲ ଇଣ୍ଡିଆ, ଓଡ଼ିଶା ସ୍ପଞ୍ଜ ଆଇରନ, ପଟନାୟକ ଷ୍ଟିଲ, ରଥ ଷ୍ଟିଲ୍, ରାଉରକେଲା ଇସ୍ପାତ କାରଖାନା, ସେଭେନ୍ ଷ୍ଟାର ଷ୍ଟିଲ, ଶ୍ୟାମ ଜି.ଆର.ଆଇ, ଏସ୍.ଏସ୍.ସି. ପାୱାର, ଶ୍ରୀ ଗଣେଶ, ଟାଟା ସ୍ପଞ୍ଜ ଆଇରନ୍, ବେଦାନ୍ତ, ଉଷା ଷ୍ଟିଲ, ୟାଜଦାନି ଷ୍ଟିଲ ଆଦି ଛୋଟ ଛୋଟ ତାପଜ କେନ୍ଦ୍ରମାନ ଅଟେ । ଓଡ଼ିଶାର ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରିବା ସୁବିଧାମାନ ରହିଛି । ସେଗୁଡିକ ସୌର ଶକ୍ତି ଏବଂ ବାୟୋଗ୍ୟାସ ବ୍ୟବହାର କରି ଉତ୍ପାଦନ ହୋଇପାରିବ । ଏଗୁଡ଼ିକ ହେଲା– ଆବାକସ ହୋଲଡିଂ, ଆଫଟାବ୍ ସୋଲାର, ଜୟ ଆଇରନ ଏଣ୍ଡ ଷ୍ଟିଲ୍, ଜେ.କେ. ପେପର ମିଲ, ଏସ୍.ବି.ଏସ୍. ମିନେରାଲ, ମୋଲିସିଟି ବିନିମୟ, ପ୍ୟାଣ୍ଟାଇମ ଫାଇନାନସ୍, ରାଜ ରତ୍ନ ଏନର୍ଜି, ଏସ୍.ଏନ୍ ମହାନ୍ତି, ସାଲି ବାହନ ଗ୍ରୀନ୍ ଏନର୍ଜି, ମହାବୀର ଫେରୋ ଏଲୟକ ଇତ୍ୟାଦି ଅଟେ । ଏବେ ମଧ୍ୟ ସାରା ବିଶ୍ୱରେ ୧୪୦ କୋଟି ଲୋକ ବିନା ବିଦ୍ୟୁତ୍ ଶକ୍ତିରେ ଜୀବନଯାପନ କରୁଛନ୍ତି । ଏହାଛଡା ୧୦୦ କୋଟି ଲୋକ ସଠିକ୍ ମାନର ବିଦ୍ୟୁତ୍ ଯୋଗାଣ ପାଇପାରୁ ନାହାନ୍ତି । ଭାରତରେ ପ୍ରାୟ ୩୦ କୋଟି ଲୋକ ବିଦ୍ୟୁତ୍ ଶକ୍ତି ପାଇବାରୁ ବଞ୍ଚିତ ହୋଇରହିଛନ୍ତି । ବିଦ୍ୟୁତ୍ ବ୍ୟବହାର ହାରକୁ ଦେଖିଲେ ଜଣାଯାଏ ଯେ, ୧୯୪୭ ମସିହାରେ ଘରୋଇ କ୍ଷେତ୍ରରେ ୧୦.୧୧ ପ୍ରତିଶତ ବିଦ୍ୟୁତ୍ ଶକ୍ତି ବ୍ୟବହାର ହେଉଥିବା ବେଳେ ୨୦୧୩–୧୪ ବେଳକୁ ଏହା ବଢ଼ି ୨୨ ପ୍ରତିଶତରେ ପହଞ୍ଚିଛି । ସେହିପରି ବ୍ୟବସାୟିକ କ୍ଷେତ୍ରରେ ୪.୨ ପ୍ରତିଶତରୁ ବଢ଼ି ୮.୩୩ ପ୍ରତିଶତ, କୃଷି କ୍ଷେତ୍ରରେ ୨.୯୯ ପ୍ରତିଶତରୁ ଆଜି ୧୮ ପ୍ରତିଶତରେ ପହଞ୍ଚିଛି । ଏଣୁ ବିଦ୍ୟୁତ୍ ବ୍ୟବହାର ଚାହିଦା କ୍ରମେ ବଢ଼ି ଚାଲିଛି । ଆମେ ଜାଣିବା ଉଚିତ୍ ଯେ ଗୋଟିଏ ୟୁନିଟ୍ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରାୟ ୦.୬୪ କେ.ଜି କୋଇଲା ପୋଡାଯାଏ । ଯଦ୍ୱାରା ସେଥିରୁ ପ୍ରାୟ ୦.୭୯ କେ.ଜି ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୋଇ ଆମ ପରିବେଶକୁ ଦୂଷିତ କରିଥାଏ । ଭାରତରେ ଗୋଟିଏ ମେଗାୱାଟ୍ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାର୍ଷିକ ୧.୦୯ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ନିଷ୍କାସନ ହୋଇଥାଏ । ଏହା ବ୍ୟତୀତ ସଲଫର, ନାଇଟ୍ରୋଜେନ୍ ଅକ୍‌ସାଇଡ୍ ଇତ୍ୟାଦି କ୍ଷତିକାରକ ଗ୍ୟାସ ଯୋଗୁଁ ଜନସମାଜ ନାନା ରୋଗରେ ପଡି ଘାଣ୍ଟି ହୋଇଥାନ୍ତି । ମାତ୍ର ବିଜ୍ଞାନ ଯୁଗର ପ୍ରଭାବରେ କେତେକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ତଥା ନୂତନ ଉଦ୍ଭାବନ ଯୋଗୁଁ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତାକୁ ବହୁ ମାତ୍ରରେ କମାଇ ଦେଇପାରିଛି । ଆଲୋକ କ୍ଷେତ୍ରରେ ଏଲ.ଇ.ଡି ବଲବ୍ ବ୍ୟବହାର ଓ ଘରେ ଘରେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ବଦ୍ୟୁତ୍ ଉପକରଣ ଯଥା: ପଙ୍ଖା, ଏୟାର କଣ୍ଡିସନର, ଟେଲିଭିଜନ, ୱାସିଂମେସିନ, ରେଫ୍ରିଜେରେଟର ଏବଂ ବୈଦ୍ୟୁତିକ ମୋଟର ଇତ୍ୟାଦି ତାରକା ଚିହ୍ନିତ ହୋଇ କମ୍ ବିଦ୍ୟୁତ୍ ବ୍ୟବହାର କରୁଛି । ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ ସୌରଶକ୍ତି ଏବଂ ପବନ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇ ପାରିବ । ଭାରତରେ ପଡୁଥିବା ସୂର୍ଯ୍ୟକିରଣରୁ ପ୍ରାୟ ୫୦୦୦ ଟ୍ରିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ । ଏକ ମେଗାୱାଟ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ୫ ଏକର ଜମି ଉପରେ ସୌର ପ୍ୟାନେଲମାନ ସ୍ଥାପନ କରାଯାଇଥାଏ । 'ନାସା'ର ଗବେଷଣା ରିପୋର୍ଟ ଅନୁସାରେ ପ୍ରତି ବର୍ଗ ମିଟର ସ୍ଥାନରେ ସୌରଶକ୍ତି ପ୍ୟାନେଲ ବସାଯାଇ ୫ରୁ ୬ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ହିସାବରେ ଆମ ରାଜ୍ୟରେ ପ୍ରାୟ ୧୦,୦୦୦ ମେଗାୱାଟରୁ ଊର୍ଦ୍ଧ୍ୱ ସୌର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି । ସେହିପରି ପବନ ଶକ୍ତି ବ୍ୟବହାର କରି ପ୍ରାୟ ୧୫.୯ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇ ପାରିବ । ଏହାଛଡା ସମୁଦ୍ର ଜୁଆର ଏବଂ ମୁନିସିପାଲିଟି ଆବର୍ଜନାରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇ ଆଲୋକ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ପାରୁଛି । ଏଣୁ ବିଦ୍ୟୁତ ଚାହିଦା ବଢ଼ିବା ସହିତ ବିଦ୍ୟୁତ୍ ଉତ୍ପାଦନର ନୂତନ ଉତ୍ସମାନ ଲୋକ ଲୋଚନକୁ ଆସି ପାରିଛି, ଏଥିଯୋଗୁଁ କ୍ରମବର୍ଦ୍ଧିଷ୍ଣୁ ବିଦ୍ୟୁତ୍ ଚାହିଦାକୁ ସୁବିଧାରେ ମେଣ୍ଟାଯାଇ ପାରିବ ।

ଜନ ସମ୍ପର୍କ ଅଧିକାରୀ, ସେସୁ, ଭୁବନେଶ୍ୱର

# ଗାନ୍ଧୀ ଓ ଟଲ୍‌ଷ୍ଟୟ
# ବିଶ୍ୱର ଦୁଇ ସମଦର୍ଶୀ ଚିନ୍ତାନାୟକ

ପୁଷ୍ପାଞ୍ଜଳି ପାଇକରାୟ

ଏଇ ଭାରତର ମହାମାନବର ସାଗରତୀରରେ ଅବତୀର୍ଣ୍ଣ ହୋଇ ବିଶ୍ୱକୁ ମାନବବାଦର ସନ୍ଦେଶ ଦେଇଥିବା, ସତ୍ୟ ଓ ଅହିଂସା ବଳରେ ଘୋର ଅନ୍ୟାୟ ଓ ଅତ୍ୟାଚାରକୁ ମୂଳୋତ୍ପାଟନ କରିପାରିଥିବା, ସର୍ବୋଦୟ ପରିକଳ୍ପନା ନାମରେ ଏକ ସନ୍ତୁଳିତ, ଧନୀ –ନିର୍ଦ୍ଧନ ତାରତମ୍ୟ ବିହୀନ ସମାଜ ଗଠନର ମୂଳଦୁଆ ସ୍ଥାପନ କରିଥିବା ମହାମାନବର ମୂର୍ତ୍ତିମନ୍ତ ପ୍ରତୀକ ଯୁଗପୁରୁଷ



ମହାତ୍ମାଗାନ୍ଧୀ, କେବଳ ଭାରତ ଭୂଇଁର ନୁହେଁ ବିଶ୍ୱର ଜଣେ ଅନନ୍ୟ ଚିନ୍ତାନାୟକ ଅଟନ୍ତି । ଗାନ୍ଧୀବାଦର ଦୁଇଟି ଅସ୍ତ୍ର ହେଉଛି ସତ୍ୟ ଓ ଅହିଂସା । ପ୍ରତି ମୁହୂର୍ତ୍ତରେ ତମାମ୍ ଜୀବନ ଗାନ୍ଧୀ ଏଇ ଦୁଇ ଜଟିଳ ମାର୍ଗରେ ନିଜକୁ କଷଟି ପଥରରେ ପରୀକ୍ଷା କରୁଥିଲେ ଓ ତାହାକୁ ପ୍ରୟୋଗ କରୁଥିଲେ । ଆଉ ଶେଷରେ ସଫଳ ମଧ୍ୟ ହୋଇଥିଲେ । ଜଣେ ସନ୍ଥ ଅବଲମ୍ବନ କରୁଥିବା ଭଳି ଗାନ୍ଧିଜୀଙ୍କଠାରେ ଏଇ ଦୁଇ କଠୋର ପନ୍ଥାର ଅଭ୍ୟୁଦୟ ହୋଇଥିଲା ଦକ୍ଷିଣ ଆଫ୍ରିକାରେ ତାଙ୍କ ରହଣି କାଳରେ । ବସ୍ତୁତଃ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା ଦକ୍ଷିଣ ଆଫ୍ରିକାରେ । ତାଙ୍କ ଜୀବନରେ ଧର୍ମ, ନୈତିକତା ଓ ଆଧ୍ୟାତ୍ମିକବାଦର ପରିସ୍ଫୁଟନ ଓ ଦୃଢ଼ ଅନ୍ତଃ ଜାଗରଣର ପରିପୂର୍ତ୍ତି ଘଟିଥିଲା ସେହି ଦକ୍ଷିଣ ଆଫ୍ରିକାରେ, ଯାହା ପରବର୍ତ୍ତୀ ସମୟରେ ଭାରତବର୍ଷରେ ପାଖାପାଖି ତିନିଶହ ବର୍ଷ ଧରି ଶୋଷଣ କରୁଥିବା ପ୍ରବଳ ପ୍ରତାପୀ ବ୍ରିଟିଶ ସରକାରକୁ ଧରାଶାୟୀ କରିବାରେ ସକ୍ଷମ ହୋଇଥିଲା ।

ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ କୌଣସି ରାଜନୈତିକ ପରିବେଶରେ ନିଜକୁ ସାମିଲ କରିବା ପାଇଁ ସେଠାକୁ ଯାଇନଥିଲେ ବା ତାଙ୍କର ସେମିତି କୌଣସି ଉଦ୍ଦେଶ୍ୟ ନ ଥିଲା । ୧୮୯୧ ମସିହାରେ ଲଣ୍ଡନରୁ ଓକିଲାତି ପାସ୍ କରି ଭାରତକୁ ଫେରିଆସି ମୁମ୍ବାଇଠାରେ ଓକିଲାତି କରୁଥିବା ସମୟରେ ଦକ୍ଷିଣ ଆଫ୍ରିକାର ଏକ ଓକିଲାତି ଫାର୍ମରୁ ତାଙ୍କୁ ନିମନ୍ତ୍ରଣ ଆସେ । ବୃତ୍ତି ପାଇଁ ଭାରତରୁ ଯାଇ ଦକ୍ଷିଣ ଆଫ୍ରିକାରେ ଯୋଗ ଦେଇଥିବା ଏହି ଯୁବକ ଜଣକ, ସେଠାରେ ହୋଇଗଲେ ଭାରତୀୟମାନଙ୍କ ମାର୍ଗଦର୍ଶକ । ଦକ୍ଷିଣ ଆଫ୍ରିକାର ନାଟାଲ୍‌ଠାରେ ତାଙ୍କର ତିକ୍ତ ଅନୁଭୂତି, ଡରବାନ୍‌ରୁ ପ୍ରିଟୋରିଆ ଟ୍ରେନ୍ ଯାତ୍ରା ସମୟରେ ତାଙ୍କ ପ୍ରତି ଅକଥନୀୟ ଅତ୍ୟାଚାର, 'କେପସଟାଇମ୍'ର ସଂପାଦକୀୟରେ ଦକ୍ଷିଣ ଆଫ୍ରିକାରେ ବସବାସ କରୁଥିବା ଭାରତୀୟମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଉପସ୍ଥାପନା ଓ ସେଠାରେ ସେ ଅଙ୍ଗେ ଲିଭେଇ ଥିବା ଇଉରୋପୀୟ ଗୋରାମାନଙ୍କର ଦକ୍ଷିଣ-ଆଫ୍ରିକା ତଥା

ଭାରତୀୟଙ୍କ ଉପରେ ଅତ୍ୟାଚାର ତାଙ୍କୁ ପ୍ରେରଣା ଦେଇଥିଲା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ । କିନ୍ତୁ କିପରି ସେ ସ୍ୱର ଉତ୍ତୋଳନ କରାଯାଇପାରିବ, କିପରି ଦୃଢ଼ ପ୍ରତିବାଦ କରାଯାଇପାରିବ, ହିଂସାରେ ନା ଅହିଂସାରେ ? ଦକ୍ଷିଣ-ଆଫ୍ରିକାରେ ଶାସନ କରୁଥିବା ଗୋଟିଏ ବୃହତ୍ତର ଇଉରୋପୀୟ ଗୋଷ୍ଠୀ ବିରୁଦ୍ଧରେ ହିଂସାର ବିଜୟ ସମ୍ଭବ କି ? ଏହିପରି ସମସ୍ୟା ଜର୍ଜରିତ ଜଣେ ଭାରତୀୟ ଓକିଲ ମାନବ ସମାଜ ପାଇଁ ସମାଧାନର ପନ୍ଥା ଖୋଜୁଥିଲା ବେଳେ ମଧ୍ୟ-ଋଷିଆର ଆଉ ଜଣେ ଦୂରଦ୍ରଷ୍ଟା ପୁରୁଷ ପ୍ରେମ ଓ ଅହିଂସାର ଏକ ନୂଆ ସମାଜ ତିଆରି କରିବାକୁ ଅହରହ ସଂଗ୍ରାମ କରୁଥିଲେ । ଜଣେ ଥିଲେ ପୂର୍ବାକାଶର ଉଦିତ ସୂର୍ଯ୍ୟ ଓ ଆଉ ଜଣେ ପଶ୍ଚିମାକାଶର ଅସ୍ତପ୍ରାୟ ସୂର୍ଯ୍ୟ । ହଜାର ହଜାର ମାଇଲ୍‌ର ଭୌଗଳିକ ସୀମା ଅତିକ୍ରମ କରି ସ୍ଥାପିତ ହୋଇଥିଲା ଏକ ସେତୁ । ଚିନ୍ତା ଚେତନାର ସଂଯୋଗ । ଜଣେ ଥିଲେ ଶିଷ୍ୟ ସଦୃଶ ଆଉ ଜଣେ ଗୁରୁପ୍ରାୟ । ବୟସର ତାରତମ୍ୟ ଲମ୍ବା କିନ୍ତୁ ଦୁଇ ସମ ଆଦର୍ଶଯୁକ୍ତ ଚିନ୍ତାନାୟକ । ଚିନ୍ତାଧାରା ଥିଲା ସମାନ । ସେହି ଗୁରୁସମ ଦାର୍ଶନିକ, ସଂସ୍କାରକ ଓ ବିଶ୍ୱର ଅଦ୍ୱିତୀୟ ଲେଖକ ଥିଲେ କାଉଣ୍ଟ ଲିଓ ଟଲଷ୍ଟୟ, ଯାହାଙ୍କର ବ୍ୟକ୍ତିତ୍ୱର ଛାପ ଗାନ୍ଧୀଙ୍କୁ ଗଭୀର ଭାବରେ ଭାବେ ପ୍ରଭାବିତ କରିଥିଲା । ସଂଗ୍ରାମ ଓ ଶାନ୍ତି (War & Peace) ରଚନା କରି ସେତେବେଳେ ଟଲଷ୍ଟୟ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥାଆନ୍ତି । ତାଙ୍କର ସଂଗ୍ରାମ ଓ ଶାନ୍ତି', ଭଗବାନଙ୍କ ସାମ୍ରାଜ୍ୟ ଆପଣଙ୍କଠାରେ (The kingdom of God is within you), ପ୍ରେମର ନିୟମ : ହିଂସାର ନିୟମ (Law of Violence and Law of Love) ଇତ୍ୟାଦି ପୁସ୍ତକ ପଢ଼ି ଗାନ୍ଧିଜୀ ଦକ୍ଷିଣ-ଆଫ୍ରିକାରୁ ପତ୍ର ବିନିମୟରେ ତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ସେସମୟରେ ପ୍ରାୟ ସତାବନ ବର୍ଷ ବୟସରେ ଟଲଷ୍ଟୟ ସଂସାର ତ୍ୟାଗୀ ହୋଇ ଖ୍ରୀଷ୍ଟିୟାନ ଧର୍ମରେ ଉପୁଜିଥିବା ବିଶୃଙ୍ଖଳା ବିରୋଧରେ ଜନଜାଗରଣ ସୃଷ୍ଟି କରିଥିଲେ । କୃଷକ ସହ କୃଷକ ଭଳି ଜମିରେ ହଳ କରୁଥିଲେ, କୃଷକମାନଙ୍କ ପରି ପରିଧାନ ଥିଲା ତାଙ୍କର । ସାଧାରଣ ନାଗରିକଙ୍କୁ ଯୁଦ୍ଧରେ ଜୋର ଜବରଦସ୍ତ ସାମିଲ ବିରୋଧରେ ବିଦ୍ରୋହ କରୁଥିଲେ । ଖ୍ରୀଷ୍ଟିୟାନ ଧର୍ମର ପବିତ୍ର ଉଚ୍ଚାରଣ ଓ ସମାଜରେ ଏହାର ବିଶୃଙ୍ଖଳିତ ଆଚରଣ ବିରୁଦ୍ଧରେ ସ୍ୱର ଉଠାଇଥିଲେ । ଏକ ସୁନ୍ଦର ସମାଜ ଗଠନ କରିବା ପାଇଁ ଜାଗରଣ ସୃଷ୍ଟି କରୁଥିଲେ । ହିଂସା ମାଧ୍ୟମରେ ବିପ୍ଳବକୁ ସେ ଘୃଣା କରୁଥିଲେ । ସେ କହୁଥିଲେ ବାଇବେଲ୍‌ରେ ହିଂସା ଓ ରକ୍ତପାତର ସ୍ଥାନ ନାହିଁ । ବରଂ ମାନବ ପ୍ରେମ ହିଁ ଶ୍ରେଷ୍ଠ ପ୍ରେମ । ଯିଏ ମାନବ ପ୍ରେମରେ ବିଶ୍ୱାସ କରେ ସେ ଭଗବାନଙ୍କୁ ବିଶ୍ୱାସ କରେ । ଯେହେତୁ ଈଶ୍ୱରଙ୍କ ଅସ୍ତିତ୍ୱ ସମସ୍ତଙ୍କ ଠାରେ ଅଛି, ତେଣୁ ସମସ୍ତଙ୍କୁ ଭଲ ପାଅ । ଭଲ ପାଇବାର ଅନ୍ୟନାମ ପ୍ରଶାନ୍ତି । ତା'ହେଲେ ବିଶ୍ୱ ଭ୍ରାତୃତ୍ୱ ଓ ଏକତା ସୃଷ୍ଟି ହୋଇପାରିବ ଓ ବଜାୟ ରହିବ । ପୁଣି ସେ କହୁଥିଲେ ହିଂସାଦ୍ୱାରା ମନକୁ ପ୍ରତିରୋଧ କର ନାହିଁ । ନିଷ୍କ୍ରିୟ ପ୍ରତିରୋଧ କର । ଶତ୍ରୁକୁ ମଧ୍ୟ ପ୍ରେମ କର । ଟଲଷ୍ଟୟଙ୍କ ଏହି ପ୍ରେମ ଓ ନିଷ୍କ୍ରିୟ ପ୍ରତିରୋଧ ତତ୍ତ୍ୱ ଗାନ୍ଧୀଙ୍କୁ ଅହିଂସା ଓ ସତ୍ୟାଗ୍ରହର ପରିକଳ୍ପନା ଆଣିଦେଇଥିଲା । ଟଲଷ୍ଟୟଙ୍କ ପ୍ରେମକୁ ଗାନ୍ଧୀ ଅହିଂସାର ଦୁଇଗୋଟି ମାର୍ଗରେ ରୂପାନ୍ତରିତ କରିଥିଲେ । ଗୋଟିଏ ହେଲା କୌଣସି ବ୍ୟକ୍ତିଙ୍କୁ ଶାରୀରିକ ବା ମାନସିକ ଭାବରେ କ୍ଷତି ନ ପହଞ୍ଚାଇବା ଓ ଅନ୍ୟଟି ମାନବ ପ୍ରେମର ବୃହତ୍ତମ ଇଲାକା, ତାହା ହେଉଛି ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ଏକ । ସମସ୍ତଙ୍କ ଆତ୍ମାରେ ଈଶ୍ୱରଙ୍କ ସ୍ଥିତି ରହିଛି । ସେଥିପାଇଁ ସେ ଦକ୍ଷିଣ ଆଫ୍ରିକାରେ କଳା-ଗୋରା ବର୍ଣ୍ଣ ବୈଷମ୍ୟ ବିରୁଦ୍ଧରେ ଲଢ଼େଇ କରିଥିଲେ ଓ ଭାରତରେ ହରିଜନମାନଙ୍କୁ ବିଷ୍ଣୁଙ୍କ ଜନ ବୋଲି କହିଥିଲେ ।

ଟଲଷ୍ଟୟ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସତ୍ୟାନୁସନ୍ଧାନୀ ଥିଲେ । ଗାନ୍ଧୀ ତାଙ୍କ ଜୀବନକୁ ସତ୍ୟ ସହିତ ପରୀକ୍ଷା କରିଥିଲେ । ଯାହା ଟଲଷ୍ଟୟ ନିଜେ ନିଜଠାରେ ପ୍ରୟୋଗ କରିପାରି ନଥିଲେ, ଗାନ୍ଧୀ ନିଜକୁ ଏକ ପ୍ରୟୋଗଶାଳା ଭାବେ ମାନି ନେଇଥିଲେ । ଗାନ୍ଧୀ କହିଥିଲେ, 'ମୁଁ କେବଳ ସତ୍ୟର ଶିଷ୍ୟ' ।

ଧର୍ମ ସମ୍ବନ୍ଧରେ ଟଲଷ୍ଟୟ ଓ ଗାନ୍ଧୀଙ୍କର ବିଚାରଧାରା ମଧ୍ୟ ଥିଲା ସମାନ । ଟଲଷ୍ଟୟ କହୁଥିଲେ ବାହ୍ୟରୂପରେ ବିଭିନ୍ନ ଧର୍ମ ମଧ୍ୟରେ ବିଭେଦତା ଥାଇପାରେ କିନ୍ତୁ ମୂଳତତ୍ତ୍ୱରେ ଧର୍ମ ଏକ । ଲକ୍ଷ୍ୟ ଏକ । ଗାନ୍ଧୀ ମଧ୍ୟ ଅନୁରୂପ ଭାବେ କହିଥିଲେ ପ୍ରତ୍ୟେକ ଧର୍ମ ଅନ୍ୟ ଧର୍ମ ସହ ପରିପୂରକ । ସର୍ବଧର୍ମର ମୌଳିକ ସତ୍ୟକୁ ମୁଁ ବିଶ୍ୱାସ କରେ ।

କେବଳ ସେତିକି ନୁହେଁ ସବୁ ଧର୍ମରେ ସନ୍ନିହିତ ବିଶ୍ୱଭ୍ରାତୃତ୍ୱଭାବ, ମୁକ୍ତ ଚିନ୍ତନ, ଧନୀ-ଦରିଦ୍ର ତାରତମ୍ୟ ବିହୀନ ସମାଜ ଗଠନ ଆଦି କ୍ଷେତ୍ରରେ ଗାନ୍ଧିଜୀଙ୍କ ଚିନ୍ତାଧାରା ଟଲଷ୍ଟୟଙ୍କ ସହ ମେଳ ଖାଉଥିଲା । ସେ ଟଲଷ୍ଟୟଙ୍କ ଅନୁଗାମୀ ଥିଲେ । ଯଦିଓ କାର୍ଲମାକ୍ସ, ଲେନିନ୍ ଓ ଥୋରୋ ଏକ ତାରତମ୍ୟ ବିହୀନ ସମ୍ପର୍କରେ ଗୁରୁତ୍ୱ ଦେଉଥିଲେ କିନ୍ତୁ ଟଲଷ୍ଟୟଙ୍କ ଚିନ୍ତାଧାରା ଥିଲା ଭିନ୍ନ । କାର୍ଲମାକ୍ସ ଓ ଲେନିନ୍ ତାରତମ୍ୟ ବିହୀନ ସମାଜ ଗଠନ

ପାଇଁ ହିଂସା ଅପରିହାର୍ଯ୍ୟ ବୋଲି ମତ ଦେଉଥିଲାବେଳେ ଟଲଷ୍ଟୟ ନିଷ୍କ୍ରିୟ ପ୍ରତିରୋଧକୁ ଗୁରୁତ୍ୱ ଦେଇଥିଲେ । ଟଲଷ୍ଟୟଙ୍କ 'ବ୍ରେଡ ଲେବର' ବା ଶାରୀରିକ ଶ୍ରମ ଚିନ୍ତନକୁ ଆଦର୍ଶ କରି ଗାନ୍ଧିଜୀ ଗ୍ରାମ୍ୟ ସ୍ୱରାଜ୍ୟ, କୃଷିଭିତ୍ତିକ ଦେଶ ବିକାଶ ସମ୍ବନ୍ଧରେ ଗୁରୁତ୍ୱ ଦେଉଥିଲେ ଏପରିକି ନେହେରୁଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ । ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ଚିନ୍ତାଧାରାକୁ ନେଇ ଗାନ୍ଧିଜୀ ଉଚ୍ଚ–ନୀଚବିହୀନ ସମାଜ ବା ସର୍ବୋଦୟର ପରିକଳ୍ପନା କରିଥିଲେ ।

ଏମିତି ଇତିହାସର ଘଡିସନ୍ଧି ମୁହୂର୍ତ୍ତରେ ଏକ ସନ୍ତୁଳିତ ମାନବ ସମାଜ ଗଠିତ ହେବା ପାଇଁ ଯୁଗପୁରୁଷମାନେ ଜନ୍ମ ନିଅନ୍ତି । ଜଣେ ଅନ୍ୟର ଚିନ୍ତାଧାରାରେ ପ୍ରଭାବିତ ହୁଅନ୍ତି । ସମାଦର୍ଶ ବ୍ୟକ୍ତିଙ୍କର ସାମୂହିକ ସଂଘର୍ଷରେ ଇତିହାସରେ ଏକ ଯୁଗ ସୃଷ୍ଟି ହୁଏ । ସଂସ୍କାର, ପୁନରୁତ୍‌ଥାନ ଏସବୁ କେବଳ ଗୋଟିଏ ଗୋଟିଏ ପ୍ରକ୍ରିୟା ଭାବରେ ପରିଗଣିତ ହୁଏ ନୂତନ ଯୁଗର, ନୂତନ ସୂର୍ଯ୍ୟାଲୋକର !!


ଦକ୍ଷିଣ ଆଫ୍ରିକାରେ ନିଜର ବୈଠକଖାନାରେ The Kingdom of God is within You ପଢି ଟଲଷ୍ଟୟଙ୍କ ପ୍ରତି ଗାନ୍ଧୀଙ୍କର ଅନୁରାଗ ଓ ତା'ପରେ ଆରମ୍ଭ ହୁଏ ଯୋଗାଯୋଗ । ଟଲଷ୍ଟୟଙ୍କ ମଧ–ରଷିଆର ୟାସ୍‌ନାୟା ପଲିଆନା ବାସଗୃହକୁ ଗାନ୍ଧିଜୀଙ୍କଠାରୁ ଚିଠି ଯାଏ ଟଲଷ୍ଟୟଙ୍କ ପାଖକୁ । ପ୍ରତ୍ୟୁତ୍ତରରେ ଟଲଷ୍ଟୟ ଲେଖନ୍ତି, 'ଜଣେ ହିନ୍ଦୁଙ୍କଠାରୁ ଚିଠି' ଯାହାକୁ ତାଙ୍କର ଅନୁମତି ନେଇ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ପ୍ରକାଶ ପାଉଥିବା ଇଣ୍ଡିଆନ୍ ଓପିନିଅନ୍ ମ୍ୟାଗାଜିନ୍‌ରେ ମୁଦ୍ରଣ କରିଥିଲେ । ୧୯୧୦ ମସିହାରେ ଠିକ୍ ମୃତ୍ୟୁ ପୂର୍ବରୁ ଗାନ୍ଧିଜୀଙ୍କ ପାଖକୁ ଟଲଷ୍ଟୟଙ୍କର ଥିଲା ଶେଷ ଚିଠି । ଯେଉଁ ଚିଠି ଗାନ୍ଧିଜୀ ପାଇଲା ବେଳକୁ ଟଲଷ୍ଟୟ ଆଉ ଏ ଦୁନିଆଁରେ ନ ଥିଲେ । ସେ ଚିଠିରେ ସେ ଗାନ୍ଧିଜୀଙ୍କୁ 'ମୋର ଭାଇ, ମୋର ବନ୍ଧୁ' ବୋଲି ଉଲ୍ଲେଖ କରିଥିଲେ । ଶେଷ ଚିଠିରେ ସେ ଲେଖିଥିଲେ ମାନବ ଜୀବନର ସର୍ବଶ୍ରେଷ୍ଠ ଓ ଏକମାତ୍ର ସଂଯୋଗ ତତ୍ତ୍ୱ ହେଉଛି ମୈତ୍ରୀ । ପ୍ରତ୍ୟେକ ମାନବ ଏକଥା ତା'ର ଅନ୍ତରରେ ଗଭୀରତମ ପ୍ରଦେଶରେ ଅନୁଭବ କରେ ଓ ଉପଲବ୍ଧି କରେ । ସବୁ ନିୟମର ମୂଳ ହେଉଛି ପ୍ରେମ । ପୁଣି ସେ ଲେଖିଥିଲେ ସତ୍ୟ ନିମନ୍ତେ ବାହ୍ୟ ବିଷୟର ସମ୍ପର୍କ ତ୍ୟାଗ କଲେ ଯାଇ ଭଗବାନଙ୍କ ରାଜ୍ୟ ଲାଭ କରିପାରିବ ।

କେବଳ ବାଇବେଲ୍ ନୁହେଁ, ଗୀତା, ଉପନିଷଦ ପରି ଧର୍ମଗ୍ରନ୍ଥ ଓ ବୁଦ୍ଧ, କନ୍‌ଫୁସିଅସ୍, ସକ୍ରେଟିସ୍, ମହମ୍ମଦ, ଯୀଶୁ ଓ ଜୋରାଷ୍ଟାରଙ୍କ ପରି ମହାପୁରୁଷ ଏବଂ ରସ୍କିନ୍‌ଙ୍କର 'ଅନ୍ ଟୁ ଦିସ୍ ଲାଷ୍ଟ୍' ପୁସ୍ତକ ଦ୍ୱାରା ଉଭୟେ ଉଦ୍‌ବୁଦ୍ଧ ହୋଇଥିଲେ । ଟଲଷ୍ଟୟ ଅନେକ ତତ୍ତ୍ୱକୁ ନିଜଠାରେ ପ୍ରୟୋଗ କରିପାରିନଥିଲା ବେଳେ ଗାନ୍ଧିଜୀ ନିଜଠାରେ ତାହାକୁ ପ୍ରୟୋଗ କରି ସଫଳ ହୋଇଥିଲେ । ତେବେ ଟଲଷ୍ଟୟଙ୍କ ପ୍ରତି ଗାନ୍ଧୀଙ୍କର ଥିଲା ପ୍ରଗାଢ଼ ଭକ୍ତି । ଦକ୍ଷିଣ ଆଫ୍ରିକାର ଫିନିକ୍ସ ଆଶ୍ରମ ସହ ସେ ଗଢ଼ିଥିଲେ ଟଲଷ୍ଟୟ ଫାର୍ମ, ଏପରିକି ସାବରମତୀ ଆଶ୍ରମରେ ସେ ଟଲଷ୍ଟୟଙ୍କ ଆଦର୍ଶକୁ ପରିପାଳନ କରୁଥିଲେ । ସାରା ବିଶ୍ୱରେ ଆଜି ଅରାଜକତା ବ୍ୟାପିଛି । ସିରିୟାର ଭୟଙ୍କର ଗୃହଯୁଦ୍ଧ ଯୋଗୁଁ ଶରଣାର୍ଥୀ ସମସ୍ୟା ତେଜିଛି । ଉତ୍ତର ପ୍ରଦେଶର ଦାଦ୍ରିଠାରେ ସାମ୍ପ୍ରଦାୟିକ ଦଙ୍ଗାଭଳି ସମସ୍ୟା ଉପୁଜିଛି । ସାମ୍ପ୍ରଦାୟିକ ଦଙ୍ଗା ରୋକିବାକୁ ଗାନ୍ଧିଜୀ ଦେଶ ସ୍ୱାଧୀନତାର ଖୁସି ପାଳନ ନକରି କଲିକତାରୁ ନୂଆଖଲି ଯାତ୍ରା କରିଥିଲେ । କେବଳ ସେତିକି ନୁହେଁ ଦଙ୍ଗା ଅଣାୟତ୍ତ ହେବାରୁ କଲିକତାର ଏକ କୋଠରୀରେ ବସି ଲୁହ ଝରାଇଥିଲେ । ଆତଙ୍କବାଦ ନାଁରେ ସାରା ବିଶ୍ୱରେ ଗଣସଂହାର ଚାଲିଛି । ଯାନ୍ତ୍ରିକ ଯୁଗରେ କୃଷି ଓ ଗାଁ ହଜି ହଜି ଯାଉଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଦୁଇ ମହାନାୟକଙ୍କର ଜୀବନାଦର୍ଶର ଶତପ୍ରତିଶତ ପ୍ରାସଙ୍ଗିକତା ବିଶ୍ୱର ଅଗଣିତ ନରନାରୀ ଅନୁଭବ କରୁଥିବେ । ଏହା ସତ୍ୟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଭୁବନେଶ୍ୱର

❖ ❖ ❖

# ସପ୍ରସଙ୍ଗ ଓଡ଼ିଶା



## ଆଗାମୀ ଶିକ୍ଷାବର୍ଷରୁ ୧୦୦ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯିବ

ଆଗାମୀ ଶିକ୍ଷାବର୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦୦ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯିବ । ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ ରାଜ୍ୟର ସମସ୍ତ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯିବ । କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଏଠାରେ ପାଠ ପଢ଼ାଯିବ । ପ୍ରଥମ ପର୍ଯ୍ୟାୟରେ ଖୋଲିବାକୁ ଥିବା ୧୦୦ଟି ବିଦ୍ୟାଳୟ ନିମନ୍ତେ ୧୩୩୨ଟି ଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଏହି ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯିବ ଏବଂ ହଷ୍ଟେଲର ମଧ୍ୟ ବ୍ୟବସ୍ଥା ରହିବ । ଏହି ବିଦ୍ୟାଳୟମାନଙ୍କରେ ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ ମଧ୍ୟ ପ୍ରବର୍ତ୍ତନ କରାଯିବ । ଏହି ବିଦ୍ୟାଳୟଗୁଡ଼ିକର ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଏଗୁଡ଼ିକୁ ଏକ ଆଦର୍ଶ ଭାବରେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀପ୍ରସାଦ ମିଶ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ, ଅତିରିକ୍ତ ମୁଖ୍ୟ ସଚିବ (ଅର୍ଥ), ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ, ପୂର୍ତ୍ତ ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ସୁକାନ୍ତ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ

## ୪୩୮ ହାଇସ୍କୁଲ ଏବଂ ସଂସ୍କୃତ ଟୋଲ୍‌ର ଅନୁଦାନ ନିମନ୍ତେ ବିଜ୍ଞପ୍ତି ଜାରି

ପୂର୍ବ ଘୋଷଣା ଅନୁଯାୟୀ ୩୯୯ ବ୍ଲକ୍ ଗ୍ରାଣ୍ଟ ପାଉ ନଥିବା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଯେଉଁମାନେ ଅନୁଦାନ ପାଇବା ନିମନ୍ତେ ସବୁକ୍ଷେତ୍ରରେ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ଅନୁଦାନ ପରିସରଭୁକ୍ତ କରାଯାଇଛି । ଅର୍ଥ ବିଭାଗ ସହମତି ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି । ଏଥି ସହିତ ୩୯ଟି ସଂସ୍କୃତ ଟୋଲ୍‌କୁ ମଧ୍ୟ ଅନୁଦାନ ପ୍ରଦାନ କରାଯିବ । ଏହାଦ୍ୱାରା ୩୯୯ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୩୧୯୨ ଜଣ ଶିକ୍ଷକ ଏବଂ ୧୫୯୬ ଜଣ ଅଣଶିକ୍ଷକ ଉପକୃତ ହେବେ । ସେହିପରି ସଂସ୍କୃତ ଟୋଲ୍‌ରେ କାର୍ଯ୍ୟରତ ୨୮୬ ଜଣ ଶିକ୍ଷକଙ୍କୁ ଅନୁଦାନ ପ୍ରଦାନ କରାଯିବ । ଶିକ୍ଷକମାନଙ୍କୁ ଅକ୍ଟୋବର ମାସରୁ ଅନୁଦାନ ପ୍ରଦାନ କରାଯିବ । ଉପକୃତ ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ବର୍ତ୍ତମାନ ୪୦ ପ୍ରତିଶତ ଅନୁଦାନ ପ୍ରଦାନ କରାଯିବ । ୪୩୮ଟି ହାଇସ୍କୁଲର ଶିକ୍ଷକ ଏବଂ କର୍ମଚାରୀ ଓ ସଂସ୍କୃତ ଟୋଲ୍ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଖାପାଖି ୨୫ କୋଟି ଟଙ୍କା ବ୍ୟୟ କରାଯିବ । ରାଜ୍ୟର ୨୮ଟି ଜିଲ୍ଲାର ୩୯୯ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଗୁଳ ଜିଲ୍ଲାର ୧୯ଟି, ବାଲେଶ୍ୱରର ୩୮ଟି, ବରଗଡ଼ର ୨୦ଟି, ଭଦ୍ରକର ୨୬ଟି, ବଲାଙ୍ଗିରର ୧୬ଟି, ବୌଦ୍ଧର ଗୋଟିଏ, କଟକର ୧୦ଟି, ଦେବଗଡ଼ର ୬ଟି, ଢେଙ୍କାନାଳର

୧୭ଟି, ଗଜପତିର ଗୋଟିଏ, ଗଞ୍ଜାମର ୨୦ଟି, ଜଗତସିଂହପୁରର ୧୫ଟି, ଯାଜପୁରର ୨୬ଟି, ଝାରସୁଗୁଡାର ୪ଟି, କଳାହାଣ୍ଡିର ୧୧ଟି, କେନ୍ଦ୍ରାପଡାର ୧୭ଟି, କେନ୍ଦୁଝରର ୩୧ଟି, ଖୋର୍ଦ୍ଧାର ୧୪ଟି, କୋରାପୁଟର ଗୋଟିଏ, ମୟୂରଭଞ୍ଜର ୩୯ଟି, ନୂଆପଡାର ୬ଟି, ନବରଙ୍ଗପୁରର ଗୋଟିଏ, ନୟାଗଡର ୭ଟି, ପୁରୀର ୨୪ଟି, ରାୟଗଡାର ୨ଟି, ସମ୍ବଲପୁରର ୭ଟି, ସୋନପୁରର ୨ଟି ଓ ସୁନ୍ଦରଗଡ ଜିଲ୍ଲାର ୧୭ଟି ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ୩୯ଟି ସଂସ୍କୃତ ଟୋଲ୍ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ୭ଟି, ଯାଜପୁରର ୯ଟି, ମୟୂରଭଞ୍ଜର ୫ଟି, ପୁରୀର ୫ଟି, କେନ୍ଦ୍ରାପଡାର ୨ଟି, କେନ୍ଦୁଝରର ୨ଟି ଏବଂ କଟକ, ବଲାଙ୍ଗିର , ଜଗତସିଂହପୁର ଓ ସୋନପୁର ଜିଲ୍ଲାର ଗୋଟିଏ ଲେଖାଏଁ ସଂସ୍କୃତ ଟୋଲ୍‌କୁ ଅନୁଦାନ ପ୍ରଦାନ କରାଯିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ତାପସ କୁମାର ସାହା, ସୂଚନା ଅଧିକାରୀ

## ମେଧାବୃତ୍ତି ବଣ୍ଟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ 'ମେଧାବୃତ୍ତି' ପ୍ରଦାନ ବାବଦରେ ସମୀକ୍ଷା କରିଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବୃତ୍ତି ପ୍ରଦାନ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୧୪–୧୫ ଆର୍ଥିକ ବର୍ଷରେ ବିଭିନ୍ନ ପାଠ୍ୟକ୍ରମ ନିମନ୍ତେ ସମୁଦାୟ ୨୨୩୮୯ ଜଣ ଯୋଗ୍ୟ ପ୍ରାର୍ଥୀ ଆବେଦନ କରିଥିବାବେଳେ ଏବଂ ସେଥିରୁ ୧୨,୫୧୫ ଜଣଙ୍କୁ ଅଦ୍ୟାବଧି ମେଧାବୃତ୍ତି ବଣ୍ଟନ କରାଯାଇଥିବାର ସମୀକ୍ଷା ବୈଠକରେ ଜଣାଯାଇଛି । ସେହି ଆର୍ଥିକ ବର୍ଷରେ ୪୦ କୋଟି ଟଙ୍କା ଅନୁଦାନରୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ମେଧା ବୃତ୍ତି ପ୍ରଦାନ ନିମନ୍ତେ ସମୁଦାୟ ୯୫୪୯ଟି ଦରଖାସ୍ତ ମିଳିଥିବା ବେଳେ ୫୮୦୦ ଜଣଙ୍କୁ ବୃତ୍ତି ପ୍ରଦାନ କରାଯାଇଛି ଏବଂ ବଳକା ୩୭୪୯ ଜଣଙ୍କୁ ବୃତ୍ତି ପ୍ରଦାନ କରାଯିବ । କନିଷ୍ଠ, ବରିଷ୍ଠ, ସ୍ୱତନ୍ତ୍ର ବାଳିକା ଓ ସ୍ନାତକ ମେଧାବୃତ୍ତି ନିମନ୍ତେ ୯କୋଟି ୪୧ ଲକ୍ଷ ୯୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିନିମନ୍ତେ ୧୨୮୪୦ ଜଣ ଯୋଗ୍ୟ ପ୍ରାର୍ଥୀ ଆବେଦନ କରିଥିବା ବେଳେ ୬୭୧୫ ଜଣଙ୍କୁ ବୃତ୍ତି ପ୍ରଦାନ କରାଯାଇଛି ଏବଂ ଅବଶିଷ୍ଟ ୬୧୨୫ ଜଣଙ୍କୁ ବୃତ୍ତି ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏକମାସ ମଧ୍ୟରେ ଏହି ବୃତ୍ତି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ଛାତ୍ରଛାତ୍ରୀମାନଙ୍କର ବାର୍ଷିକ ଆୟ ଓ ପରୀକ୍ଷାରେ ରଖିଥିବା ନମ୍ବରଗୁଡିକୁ ସଠିକ୍ ଭାବରେ ଯାଞ୍ଚ କରାଗଲା ପରେ ଉଚ୍ଚଶିକ୍ଷା ବିଭାଗକୁ ଦରଖାସ୍ତଗୁଡିକୁ ମେଧାବୃତ୍ତି ନିମନ୍ତେ ପଠାଯାଇଥାଏ । ଏହାଦ୍ୱାରା ବିଭିନ୍ନ କଲେଜମାନଙ୍କ ଦ୍ୱାରା ବୃତ୍ତି ଦରଖାସ୍ତଗୁଡିକୁ ଭ୍ୟାଲିଡେସନ୍ କରାଇବା ସମୟସାପେକ୍ଷ ହେଉଥିବା ଜଣାପଡିଛି । ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟ ସହ ପେଶାଗତ ଓ ବୈଷୟିକ ମହାବିଦ୍ୟାଳୟଗୁଡିକୁ ଉଚ୍ଚଶିକ୍ଷା ବିଭାଗ ଯୋଗାଯୋଗ କରି ଭ୍ୟାଲିଡେସନ୍ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ମାସକ ମଧ୍ୟରେ ସବୁବର୍ଗର ମେଧାବୃତ୍ତି ପ୍ରଦାନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା ବିଭାଗକୁ ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଫୁଲ୍ଲ କୁମାର ମଲ୍ଲିକ, ସୂଚନା ଅଧିକାରୀ

## ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ଆନ୍ଦୋଳନ ପ୍ରତ୍ୟାହୃତ

ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ଦ୍ୱାରା ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ରାଜ୍ୟର ଉଚ୍ଚ ବିଦ୍ୟାଳୟ ଖୋଲାଯାଇ ପାଠପଢା ସ୍ୱାଭାବିକ ହୋଇଛି । ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ସହ ଆଲୋଚନା କରିବା ପରେ ନବୀନ ନିବାସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ

ସାକ୍ଷାତ କରି ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି ବୋଲି ଅବଗତ କରାଇଥିଲେ । ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହିତ ପିଲାମାନଙ୍କୁ ଛୁଟିଦିନମାନଙ୍କରେ ସ୍କୁଲ ଖୋଲାରଖି ଶିକ୍ଷାଦାନ କରିବେ ବୋଲି ସଂଘର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୪ ତାରିଖରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଏ ସଂପର୍କରେ ସଂଘର କର୍ମକର୍ତ୍ତାମାନଙ୍କ ସହ ବିଧିବଦ୍ଧ ଆଲୋଚନା ହୋଇଥିଲା । ଏଥିରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ଆନ୍ଦୋଳନରୁ ଓହରି ଯାଇଥିବା ବେଳେ ଏହି ଅନୁଦାନ ଆଦେଶରେ ଅନୁଦାନ ରାଶି କିଭଳି ଏବଂ କେଉଁ ପ୍ରକାରରେ ପ୍ରତିଫଳିତ ହେବ ସେ ସଂପର୍କିତ ବୁଝାମଣା ଅଭାବରୁ ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଆନ୍ଦୋଳନ ବଜାୟ ରଖିଥିଲେ । ଏଠାରେ ସୂଚାଇ ଦିଆଯାଉଛି ଯେ ନୂତନ ଅନୁଦାନ ଆଦେଶରେ ନିଯୁକ୍ତି ପରଠାରୁ ଅନୁଦାନ ରାଶି ଯୁକ୍ତିଯୁକ୍ତ ଏବଂ ପ୍ରତିସାମ୍ୟ ଭାବରେ ପ୍ରଦାନ କରାଯିବ ବୋଲି ଜଣାଇ ଦିଆଯାଇଥିଲା । ଏଥି ସହିତ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ପରିପ୍ରେକ୍ଷୀରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଦେଖି ଯଥାସମ୍ଭବ ସମସ୍ୟାଗୁଡିକର ସମାଧାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ୨୦୧୩ ମସିହାରେ ପ୍ରଚଳିତ ଅନୁଦାନ ଆଦେଶର ପୁନଃ ସମୀକ୍ଷା କରାଯାଇ ୨୦୧୬-୧୭ ଶିକ୍ଷାବର୍ଷରେ ଏକ ନୂତନ ଅନୁଦାନ ଆଦେଶ ସଂପର୍କରେ ବୈଠକରେ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା । ଏଥି ସହିତ ଶିକ୍ଷକମାନଙ୍କୁ ସାମାଜିକ ନିରାପତ୍ତା ପରିସରକୁ ଅଣାଯିବା, ଅନୁଦାନ ରାଶି ବୃଦ୍ଧି ତଥା ଅନ୍ୟାନ୍ୟ ସୁବିଧା ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା ।

ତାପସ କୁମାର ସାହୁ, ସୂଚନା ଅଧିକାରୀ

# ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ସରକାରଙ୍କର ସଫଳତାର ବାର୍ତ୍ତାବହ ହୁଅନ୍ତୁ: ଶାସନ ସଚିବ ଶ୍ରୀ ପାଣିଗ୍ରାହୀ

ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ବିକାଶର ଚିତ୍ର ପ୍ରଦାନ କରିବାରେ ଗୁରୁତ୍ୱ ଦେଇ ସଫଳତାର ବାର୍ତ୍ତାବହ ହେବାକୁ ବିଭାଗୀୟ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗର ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସୂଚନା ଅଧିକାରୀମାନଙ୍କ କାର୍ଯ୍ୟଧାରା ଓ ଦାୟିତ୍ୱ ଉପରେ ସମୀକ୍ଷା କରି ଶ୍ରୀ ପାଣିଗ୍ରାହୀ ଏହି ମନ୍ତବ୍ୟ ଦେଇଛନ୍ତି ।

ବୈଠକରେ ବିଭିନ୍ନ ବିଭାଗ ପାଇଁ କାର୍ଯ୍ୟରତ ସୂଚନା ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ଉପରେ ବିବରଣୀ ପ୍ରଦାନ କରିଥିଲେ । ସେମାନଙ୍କ ଦାୟିତ୍ୱ ଓ କାର୍ଯ୍ୟକଳାପକୁ ଅଧିକ ପ୍ରତିବଦ୍ଧ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆଧୁନିକ ଟେକ୍ନୋଲୋଜିର ଉପଯୋଗନ୍ତ ବିଭାଗୀୟ ସଚିବ, ନିର୍ଦ୍ଦେଶକ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯଥାର୍ଥ ଯୋଗାଯୋଗନ୍ତ ସୂଚନା ପ୍ରଦାନ ଓ ବିତରଣରେ ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ରକ୍ଷା ସାଙ୍ଗକୁ ସରକାରଙ୍କ କଲ୍ୟାଣକର କାର୍ଯ୍ୟକ୍ରମ ନେଇ ସଫଳ କାହାଣୀ ପ୍ରସ୍ତୁତି ଉପରେ ବୈଠକରେ ମତପ୍ରକାଶ ପାଇଥିଲା । ଅନ୍ୟ ପକ୍ଷରେ, ସେମାନଙ୍କୁ ଉଚ୍ଚତର ବୈଷୟିକ ତାଲିମ ପ୍ରଦାନ ସହିତ ସଚିବାଳୟ ମଧ୍ୟରେ ରହିଥିବା ସୂଚନା ଅଧିକାରୀମାନଙ୍କ ପ୍ରେସ୍ ରୁମ୍‌ର ଆଧୁନିକୀକରଣ ଉପରେ ଆଲୋଚନା ହୋଇଥିଲା । ପଦବୀ ସଂଖ୍ୟା ବୃଦ୍ଧି, କ୍ଷେତ୍ର ପରିଦର୍ଶନ ଓ ଅଭିଜ୍ଞତା ଅର୍ଜନ ସାଙ୍ଗକୁ ବିଭିନ୍ନ ସମୟରେ ପ୍ରକାଶିତ ନକାରାତ୍ମକ ସମ୍ବାଦଗୁଡ଼ିକର ଉପଯୁକ୍ତ ସ୍ପଷ୍ଟୀକରଣ ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା ।

ବୈଠକରେ କାର୍ଯ୍ୟରତ ସୂଚନା ଅଧିକାରୀମାନେ ସମ୍ମୁଖୀନ ହେଉଥିବା ସେମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରତିକୂଳତା ଉପସ୍ଥାପନ କରିଥିଲେ । ସରକାରଙ୍କ ୩୯ଟି ବିଭାଗ ପାଇଁ ମାତ୍ର ୭ଟି ସୂଚନା ଅଧିକାରୀ ପଦବୀ ରହିଛି । ଅନ୍ୟ ଅଧିକାରୀମାନଙ୍କୁ ନିଜ ଦାୟିତ୍ୱ ସହ ସୂଚନା ଅଧିକାରୀ ଭାବେ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଏହା ଫଳରେ ସୂଚନା ଅଧିକାରୀଙ୍କ ଉପରେ କାର୍ଯ୍ୟର ଚାପ ପଡୁଛି । ଅଧିକ ପଦବୀ ସୃଷ୍ଟି ପାଇଁ ବିଭାଗ ତୁରନ୍ତ ଉଦ୍ୟମ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ପ୍ରତ୍ୟେକ ବିଭାଗର ସଂପୃକ୍ତ ନୋଡାଲ ଅଧିକାରୀ ସୂଚନା ଅଧିକାରୀମାନଙ୍କୁ ସମ୍ବାଦ ସଂଗ୍ରହ ଓ ସ୍ପଷ୍ଟୀକରଣ ପ୍ରଦାନ କ୍ଷେତ୍ରରେ ଉପଯୁକ୍ତ ସହଯୋଗ କରିବେ ବୋଲି ଆଶାପ୍ରକଟ କରାଯାଇଥିଲା । ନିୟମିତ ଭାବରେ ସୂଚନା ଅଧିକାରୀମାନେ ସେମାନଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶନର ମାସିକ ବିବରଣୀ ଦାଖଲ କରିବାକୁ ତାଗିଦ୍ କରାଯାଇଥିଲା ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଦାସ ସୂଚନା ଅଧିକାରୀମାନଙ୍କୁ ଯଥେଷ୍ଟ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ବିଭାଗ ପକ୍ଷରୁ ସେମାନଙ୍କୁ ସମସ୍ତ ସହଯୋଗ ଅବ୍ୟାହତ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଉପଶାସନ ସଚିବ ଶ୍ରୀ ନିରଞ୍ଜନ ସେଠୀ ମଧ୍ୟ ଉପସ୍ଥିତ ଥିଲେ ।

ସସ୍ମିତ ମହାନ୍ତି, ସୂଚନା ଅଧିକାରୀ

# ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ରୋଗର ହ୍ରାସ ତଥା ନିରାକରଣ ପାଇଁ ସବ୍‌କମିଟି ବୈଠକ

ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ରୋଗର ହ୍ରାସ ତଥା ନିରାକରଣର ଉପାୟ ନିର୍ଦ୍ଧାରଣ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶରେ ଗଠିତ ସବ୍‌କମିଟିର ଦ୍ୱିତୀୟ ବୈଠକରେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

ଏଥିପାଇଁ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲ୍ଲାର ସ୍ଥିତିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, କଟକ ଆଦି ଜିଲ୍ଲାରେ ଡେଙ୍ଗୁର ପ୍ରଭାବ ସଂପର୍କରେ ଆଲୋଚନା କରାଯାଇଛି । ବିଭିନ୍ନ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟ ଆଦିକୁ ସାମିଲ କରିବାକୁ କୁହାଯାଇଛି । ବିଭିନ୍ନ ସ୍ଥାନରେ ଯେଭଳି ପାଣି ଜମି ନରୁହେ ସେଥିପ୍ରତି ଦୃଷ୍ଟି ଦିଆଯିବ । ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଛି । ବିଭିନ୍ନ ବିଭାଗର କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ସହ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଜଣ୍ଡିସ୍, ଡାଇରିଆ ଆଦି ଜଳବାହିତ ରୋଗର ନିରାକରଣ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ।

ରକ୍ଷକ ନାୟକ, ସୂଚନା ଅଧିକାରୀ

# ଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଅଂଶଗ୍ରହଣ

ଚଳିତ ବର୍ଷ ନଭେମ୍ବର ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ପ୍ରଗତି ମଇଦାନ ଠାରେ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ଏଥିରେ ଓଡ଼ିଶାର ମଣ୍ଡପକୁ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ଅଂଶଗ୍ରହଣ ଉପରେ ସୂଚନା ଓ ଲୋକସଂପର୍କ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଓଡ଼ିଶା ମଣ୍ଡପକୁ 'ମେକ୍ ଇନ୍ ଇଣ୍ଡିଆ' ଆଧାରରେ ପ୍ରସ୍ତୁତ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ବିଭାଗୀୟ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଅଧକ୍ଷତା କରି ଚଳିତ ବର୍ଷ ଯେପରି ଓଡ଼ିଶା ମଣ୍ଡପ ଅଧିକ ଆକର୍ଷଣୀୟ ହୋଇପାରିବ ସେଥି ନିମନ୍ତେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହଯୋଗ କାମନା କରିଥିଲେ । ଏଥିରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଦାସ ଯୋଗଦେଇ ସମସ୍ତ ବିଭାଗୀୟ ମଣ୍ଡପର ଡିଜାଇନ୍‌କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଚଳିତ ବର୍ଷ ବାଣିଜ୍ୟ ମେଳାରେ ଟିମ୍ ଓଡ଼ିଶା, କୃଷି, ପର୍ଯ୍ୟଟନ, ଟାଟା ଷ୍ଟିଲ, ନାଲକୋ, ଓ.ଏଚ୍.ପି.ସି. ସମେତ ବୟନଶିଳ୍ପ ବିଭାଗ ଓ ହସ୍ତଶିଳ୍ପ ବିଭାଗ ଭାଗନେବେ ।

ଆନ୍ତର୍ଜାତିକ ବାଣିଜ୍ୟ ମେଳା ଅବସରରେ ନଭେମ୍ବର ୨୪ ତାରିଖରେ ପ୍ରଗତି ମଇଦାନସ୍ଥିତ ହଂସଧ୍ୱନୀ ଥିଏଟରଠାରେ ଓଡ଼ିଶା ଦିବସ ପାଳନ କରାଯିବ । ଏହି ଅବସରରେ ଓଡ଼ିଶାର ସୁନାମଧନ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏଥି ସହିତ ମେଳା ପରିସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସମ୍ବଳିତ ଫୁଡ୍‌କୋର୍ଟ ଖୋଲାଯିବ ଏବଂ ଖ୍ୟାତିସଂପନ୍ନ ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀମାନଙ୍କ ଦ୍ୱାରା ବାଲୁକା କଳା, ପଥର ଖୋଦେଇ ଏବଂ ବିଭିନ୍ନ ହସ୍ତଶିଳ୍ପର ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍ (Live Demonstration) ପ୍ରଦର୍ଶନ କରାଯିବ ।

ରବୀନ୍ଦ୍ର କୁମାର ନାୟକ, ସୂଚନା ଅଧିକାରୀ

# ହିତାଧିକାରୀ ଭତ୍ତା ହଡପକାରୀ କର୍ମଚାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ

ଜାତୀୟ ସାମାଜିକ ନିରାପତ୍ତା ଯୋଜନା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଉଥିବା ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଭତ୍ତାରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲୀ ଜମନକିରା ଓ ନାକଟିଦେଉଳ ବ୍ଲକ୍‌ରେ ହୋଇଥିବା ଅନିୟମିତତା ତଥା ଏ ବାବଦରେ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ବିଷୟ ସମୀକ୍ଷା ବିବରଣୀ (Audit Report) ମାଧ୍ୟମରେ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଏଥିରେ ସଂପୃକ୍ତ ଥିବା ସରକାରୀ କର୍ମଚାରୀମାନଙ୍କଠାରୁ ଆତ୍ମସାତ୍ ହୋଇଥିବା ଅର୍ଥ ବାବଦକୁ ସମୁଦାୟ ୪୬ ହଜାର ୨୦୦ଟଙ୍କା ଜିଲ୍ଲାପାଳଙ୍କ ଆଦେଶ ଅନୁସାରେ ଆଦାୟ କରାଯାଇଅଛି ଏବଂ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି । ଭବିଷ୍ୟତରେ ଏପରି ଅନିୟମିତତା ସରକାରଙ୍କ ଦୃଷ୍ଟିକୁ ଆସିଲେ ସଂପୃକ୍ତ ସରକାରୀ ଅଧିକାରୀ ବା କର୍ମଚାରୀଙ୍କଠାରୁ ଆତ୍ମସାତ୍ କରାଯାଇଥିବା ଅର୍ଥ ଆଦାୟ କରାଯିବା ସହିତ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୂତ୍ରରୁ ପ୍ରକାଶ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ, ସୂଚନା ଅଧିକାରୀ

# ଚୀନର ପର୍ଯ୍ୟଟନ ମେଳାରେ ଯୋଗଦେବ ଓଡ଼ିଶା

କେନ୍ଦ୍ର ପର୍ଯ୍ୟଟନ ସଚିବ ଶ୍ରୀ ବିନୋଦ ଯୁସି ଓଡ଼ିଶାର ପର୍ଯ୍ୟଟନ ସଂପଦ ଓ ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ରାଜ୍ୟର ପର୍ଯ୍ୟଟନ ଉପରେ ଏକ ସମୀକ୍ଷା ବୈଠକରେ କେନ୍ଦ୍ର ପର୍ଯ୍ୟଟନ ସଚିବ ଶ୍ରୀ ଯୁସି ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଲକ୍ଷ୍ମୀ ନାରାୟଣ ଗୁପ୍ତା ମିଳିତ ହୋଇଥିବା ବେଳେ ଶ୍ରୀ ଯୁସି ଆନନ୍ଦିତ ହେବା ସହିତ ରାଜ୍ୟର ପର୍ଯ୍ୟଟନ ବିକାଶ ନିମନ୍ତେ ସମସ୍ତ ପ୍ରକାର କେନ୍ଦ୍ରୀୟ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ ।

ପ୍ରମୁଖ ଶାସନ ସଚିବ ଶ୍ରୀ ଗୁପ୍ତା ବୈଠକରେ ରାଜ୍ୟରେ ପର୍ଯ୍ୟଟନ ସଂବଳ, ଭିତ୍ତିଭୂମି ବିକାଶ, ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି, ରାଜସ୍ୱ ଆୟକାରୀ ଅଭିଯାନ, ପର୍ଯ୍ୟଟକମାନଙ୍କର ସୁରକ୍ଷା ଓ ନିରାପତ୍ତା, ଉପକୂଳ ପରିଚ୍ଛନ୍ନତା ଇତ୍ୟାଦି ପ୍ରସଙ୍ଗ ଉପରେ କେନ୍ଦ୍ର ସଚିବଙ୍କୁ ଅବଗତ କରାଇଥିଲେ । ରାଜ୍ୟର ପର୍ଯ୍ୟଟନ ବିଭବ ଓ ଭବିଷ୍ୟତ ନେଇ କେନ୍ଦ୍ର ସଚିବ ଶ୍ରୀ ଯୁସି ସନ୍ତୋଷ ପ୍ରକଟ କରିଥିଲେ ।

ଆଲୋଚନା ସମୟରେ ପ୍ରମୁଖ ଶାସନ ସଚିବ ଶ୍ରୀ ଗୁପ୍ତା ଜାତୀୟ ବୌଦ୍ଧ ସର୍କିଟ୍‌ରେ ପ୍ରସିଦ୍ଧ ରତ୍ନଗିରି–ଉଦୟଗିରି–ଧଉଳିକୁ ଅନ୍ତର୍ଭୁକ୍ତ କରିବା ସହିତ ଚଳିତ ଆର୍ଥିକ ବର୍ଷରେ ଉପକୂଳ ସର୍କିଟ୍‌ରେ ଗୋପାଳପୁର–ତାଂପରା–ଚିଲିକା ଓ ତାଳସାରୀ–ଚାନ୍ଦିପୁର–ଡଗରାର ବିକାଶ ପାଇଁ ଅର୍ଥ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । କେନ୍ଦ୍ରର ସ୍ୱଦେଶଦର୍ଶନ ଯୋଜନାରେ ଓଡ଼ିଶାର ବିରଜା–ଶାରଳା– ଆଖଣ୍ଡଳମଣି–ବଳଦେବ ଜୀଉ–ଲଳିତଗିରି–ରତ୍ନଗିରି ଓ ଉଦୟଗିରିକୁ ସାମିଲ କରିବା ପାଇଁ ଶ୍ରୀ ଗୁପ୍ତା ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ପିଆଇଡିଡିସି ଯୋଜନାରେ ଓଡ଼ିଶା କେନ୍ଦ୍ରରୁ ପାଇବାକୁ ଥିବା ୬୫ କୋଟି ଟଙ୍କା ପ୍ରଦାନ କରିବାକୁ ଶ୍ରୀ ଗୁପ୍ତା ଅନୁରୋଧ କରିଥିଲେ ।

'ଚୀନା ଟ୍ରାଭେଲ ମାର୍ଟ' (ପର୍ଯ୍ୟଟନ ମେଳା)ରେ ଓଡ଼ିଶା ଯୋଗଦେବା ପାଇଁ ଶ୍ରୀ ଯୁସି ପରାମର୍ଶ ଦେଇ ଏହା ଫଳରେ ରାଜ୍ୟର ବୌଦ୍ଧ କୀର୍ତ୍ତିରାଜିର ଉପଯୁକ୍ତ ଉପସ୍ଥାପନ ହୋଇପାରିବା ସହିତ ଚୀନ୍‌ର ବୌଦ୍ଧ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇ ପାରିବ ବୋଲି କହିଥିଲେ । ସେହିପରି ଓଡ଼ିଶାରେ କୋଣାର୍କ ଉତ୍ସବ ପରି କାର୍ଯ୍ୟକ୍ରମର ବିଶ୍ୱସ୍ତରୀୟ ପ୍ରଚାର ନିମନ୍ତେ ବିଦେଶରୁ ସାମ୍ବାଦିକ ଓ ଲେଖକମାନଙ୍କୁ ନିମନ୍ତ୍ରିତ କରାଯିବ ବୋଲି ଶ୍ରୀ ଯୁସି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

# ଶ୍ରମ ସଂସ୍କାରରେ ଓଡ଼ିଶା ସପ୍ତମ

ନିକଟରେ ବିଶ୍ୱ ବ୍ୟାଙ୍କ ଏବଂ ସିଆଇଆଇ ଦ୍ୱାରା କରାଯାଇଥିବା ର୍ୟାଙ୍କିଂ ଅନୁଯାୟୀ ଶ୍ରମ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶରେ ସପ୍ତମ ସ୍ଥାନ ଅଧିକାର କରିଛି । ବ୍ୟବସାୟ ସଂସ୍କାର କାର୍ଯ୍ୟକାରିତା ରିପୋର୍ଟ–୨୦୧୫ରେ ଏହା ଦର୍ଶାଯାଇଛି । ମାନଦଣ୍ଡ ସ୍ୱରୂପ ଗ୍ରହଣ

କରାଯାଇଥିବା ୯୮ ପଏଣ୍ଟ ପ୍ଲାନ୍‌ରେ ସହଜରେ କାରବାର କରିବା ଦିଗରେ ଅଣାଯାଇଥିବା ସଂସ୍କାର ଭବିଷ୍ୟତରେ ପୁଞ୍ଜି ବିନିଯୋଗକାରୀମାନଙ୍କ ମଧ୍ୟରେ ଅଧିକ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜି ନିବେଶ ପାଇଁ କ୍ଷେତ୍ର ପ୍ରଶସ୍ତ କରିପାରିବ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଶ୍ରମ ସଂସ୍କାର ପାଇଁ ଗ୍ରହଣ କରିଥିବା କେତେକ ସକାରାତ୍ମକ ପଦକ୍ଷେପ ଏହି ସଫଳତା ଆଣି ଦେଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ନିକଟ ଅତୀତରେ ସରକାରଙ୍କ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଉତ୍ତମ ସେବା ପ୍ରଦାନ ଏବଂ ନାଗରିକ ଯୋଗସୂତ୍ରରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ସୁସଂଗଠିତ ନୀରିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସ୍ୱଚ୍ଛ କରିବା ସହ ନିରୀକ୍ଷକଙ୍କ ଦ୍ୱାରା ଆଗକୁ ଶ୍ରମର ସମସ୍ତ ପ୍ରକାରର ଅବସ୍ଥାର ମୂଲ୍ୟାୟନ କରାଯାଇପାରିବ । ସେହିପରି ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ପାଇଁ ସ୍ୱେଚ୍ଛାକୃତ ନିୟମ ପାଳନ ଯୋଜନା କରାଯାଇଛି । ଫଳରେ ପ୍ରତି ତିନି ବର୍ଷରେ ଥରେ ତାଙ୍କର କାର୍ଯ୍ୟଧାରା ନିରୀକ୍ଷଣ କରାଯିବ ଏବଂ ଏଥିପାଇଁ ଆଗୁଆ ଭାବେ ସୂଚନା ଦିଆଯିବ । ସିଙ୍ଗିଲ ୱିଣ୍ଡୋ ଜରିଆରେ ସମସ୍ତ ପ୍ରକାର ଆବଶ୍ୟକ ନୀତିଗତ କାର୍ଯ୍ୟ ସହଜରେ ଯେପରି ହାସଲ ହୋଇପାରିବ ଏବଂ ପୁଞ୍ଜି ବିନିଯୋଗକାରୀ ବିନା ବାଧାରେ ବିଭିନ୍ନ ବିଭାଗରୁ ବୈଧାନିକ ଅନୁମତିପତ୍ର ପାଇପାରିବେ ସେଥିପାଇଁ ଏକ ସାଧାରଣ ଆବେଦନ ଫର୍ମ(CAF)ର ବିକାଶ କରାଯାଇଛି । ତା'ଛଡା ରାଜ୍ୟ ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ରେଜିଷ୍ଟ୍ରେସନ୍, ନବୀକରଣ ଏବଂ ଲାଇସେନ୍ସ ପ୍ରଦାନ ଆଦି କାର୍ଯ୍ୟଗୁଡିକ ସମାପନ ପାଇଁ ଏଗୁଡ଼ିକୁ ଓଡ଼ିଶା ନାଗରିକ ସେବା ଆଇନ–୨୦୧୨ ପରିସରଭୁକ୍ତ କରିଥିବା ପରିପ୍ରେକ୍ଷୀରେ ଏହା ଶିଳ୍ପ ସଂସ୍ଥାମାନଙ୍କୁ କାରବାର ନିମନ୍ତେ ଅଧିକ ଉତ୍ସାହିତ କରିପାରିବ। ଏପରିକି ଭାରତ ସରକାରଙ୍କ ପୋର୍ଟାଲରେ ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ଶିଳ୍ପ ସଂସ୍ଥାମାନେ ରେଜିଷ୍ଟ୍ରେସନ୍ ପାଇଁ ଆବେଦନ କରିପାରିବାର ବନ୍ଦୋବସ୍ତ କରାଯାଇଛି । ଅଣ– ବିପଜ୍ଜନକ ଶ୍ରେଣୀଭୁକ୍ତ ୧୦୦ ପର୍ଯ୍ୟନ୍ତ ଶ୍ରମିକ ନିୟୋଜିତ ହେଉଥିବା ଶିଳ୍ପସଂସ୍ଥା ପାଇଁ ଗ୍ରାମୀଣ ବିକାଶ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ବା ତଦୁର୍ଦ୍ଧ୍ୱ ଅଧିକାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ସଂସ୍ଥାପନ ପତ୍ର ପ୍ରଦାନ କରିବା ପାଇଁ ଅଧିକୃତ କରାଯାଇଛି ଚ ସେହିପରି ଲାଇସେନ୍ସ୍ ପ୍ରାପ୍ତିକୁ ସହଜ କରିବା ପାଇଁ ଉପ–ନିର୍ଦ୍ଦେଶକ କାରଖାନା ଓ ବଏଲରଙ୍କୁ ଅଧିକୃତ କରାଯାଇଛି । ସେ ୧୨ ମାସ ପାଇଁ ଶିଳ୍ପସଂସ୍ଥାର ନବୀକରଣ ତଥା ସ୍ୱଳ୍ପ ଅବଧିଯୋଗ୍ୟ ପ୍ରମାଣପତ୍ରର ଅନୁମୋଦନ କରିପାରିବେ ।

ତା'ଛଡା ସଂସ୍କାର ମଧ୍ୟରେ କାରଖାନା ବା ଶିଳ୍ପସଂସ୍ଥାଗୁଡିକର କ୍ଷେତ୍ର ଅଧିକାରୀମାନେ ତାଙ୍କ ରିପୋର୍ଟ ୭୨ ଘଣ୍ଟା ମଧ୍ୟରେ ଦେବାର ବ୍ୟବସ୍ଥା କରାଯାଇଛି । ସେହିପରି ବାହାରୁ ଆସୁଥିବା ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ଏକ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି କରିଛନ୍ତି । ଏଥିପାଇଁ ଏକ ଉତ୍ସର୍ଗୀକୃତ ଶ୍ରମିକ ସହାୟତା ହେଲପ୍ ଲାଇନ୍‌ର ବିକାଶ କରାଯାଇଛି । ଦାଦନପ୍ରବଣ ଜିଲ୍ଲାମାନଙ୍କରେ ଶ୍ରମିକମାନଙ୍କ ପିଲାଛୁଆଙ୍କ ନିମନ୍ତେ ସିଜନାଲ୍ ହଷ୍ଟେଲ୍‌ର ବ୍ୟବସ୍ଥା, ଦାଦନ ଶ୍ରମିକମାନଙ୍କୁ ନିଜ ଅଞ୍ଚଳରେ କର୍ମସଂସ୍ଥାନର ସୁଯୋଗ ଦେବା, ଶ୍ରମିକ ଚାଲାଣକୁ ରୋକିବା ପାଇଁ ଏମ୍‌ଜିନରେଗା ଯୋଜନାରେ ବର୍ଷରେ ୧୫୦ ଦିନ କାମ ଯୋଗାଇଦେବା ଏଥିରେ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ୫୦ ଦିନର ମଜୁରୀ ପ୍ରଦାନ ଆଦି ପଦକ୍ଷେପ ନିଶ୍ଚିତ ଭାବେ ଏ ଦିଗରେ ଉତ୍ସାହପ୍ରଦ ବାତାବରଣ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ତତ୍‌ବ୍ୟତୀତ ୪ଟି ଦାଦନପ୍ରବଣ ଜିଲ୍ଲାରେ ବେଆଇନ୍ ଶ୍ରମିକ ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଛି । ଓଡ଼ିଶା ସରକାର ବାହାର ରାଜ୍ୟରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକମାନେ ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ହେବା ପାଇଁ ବ୍ୟବସ୍ଥା କରିଛନ୍ତି । ଶ୍ରମ ବିଭାଗ ବିଭିନ୍ନ କାର୍ଯ୍ୟର ଅବଧି ସୂଚୀତ କରି ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି । ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ।

ଅଧିକ ପୁଞ୍ଜି ନିବେଶ ଏବଂ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ପାଇଁ ବିଭାଗ ତରଫରୁ ଏକ ବୈପ୍ଳବିକ ସଂସ୍କାର ଜରିଆରେ ଅତି ସହଜ ଏବଂ ସୁବିଧାରେ ଯେପରି ନିବେଶକ ରାଜ୍ୟକୁ ଆସି ପୁଞ୍ଜି ଲଗାଣ କରିପାରିବେ ସେଥିପାଇଁ ଏହି ବିଭାଗର ୱେବ୍‌ସାଇଟ୍‌ରେ ମଧ୍ୟ ଏ ସଂକ୍ରାନ୍ତୀୟ ଫର୍ମ, ଚେକ୍‌ଲିଷ୍ଟ, ନୀରିକ୍ଷଣ ବିନ୍ଦୁଗୁଡିକୁ ପ୍ରଦର୍ଶିତ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି ।

ଦେଶରେ ଓଡ଼ିଶା ରାଜ୍ୟର ଶ୍ରମ ସଂସ୍କାର ପ୍ରତି ଯେଉଁ ମର୍ଯ୍ୟାଦା ମିଳିଛି ଏହାର ଶ୍ରେୟ ବିଭାଗର ସମସ୍ତ କର୍ମଚାରୀ ଅଧିକାରୀଙ୍କୁ ଯାଉଛି । କଠିନ ପରିଶ୍ରମ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଅଧିକାରୀମାନଙ୍କୁ ସାବାସୀ ଦେଇଛନ୍ତି ।

ସୁବାଷ ନିଆଲ, ସୂଚନା ଅଧିକାରୀ